# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୭/୨୦୨୦ (୨୦ ପୃଷ୍ଠା) | Bhubaneswar, Friday, January 17/2020 | ★★★★★★

୪୬ଶ ଭାଗ ୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ସୋନମଙ୍କୁ ଉବର ଡ୍ରାଇଭରଙ୍କ ଦୁର୍ବ୍ୟବହାର

ବଲିଉଡ୍ ଅଭିନେତ୍ରୀ ସୋନମ୍ କପୁର ଲଣ୍ଡନରେ କ୍ୟାବ୍‌ରେ ଯାତ୍ରା କରୁଥିବାବେଳେ ତାଙ୍କ ସହ ଜଣେ ଉବର ଡ୍ରାଇଭର ଦୁର୍ବ୍ୟବହାର କରିଥିଲେ ବୋଲି କହିଛନ୍ତି।

୦୯

୧୯

## କେନ୍ଦ୍ରୀୟ ଚୁକ୍ତି ତାଲିକାରୁ ଧୋନୀ ବାଦ୍

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ଏହାର ବାର୍ଷିକ କେନ୍ଦ୍ରୀୟ ଚୁକ୍ତି ତାଲିକାରୁ ମହେନ୍ଦ୍ର ସିଂ ଧୋନୀଙ୍କ ନାମକୁ ବାଦ୍ ଦେଇଛି।



# ମାଲଗାଡ଼ିକୁ ଧକ୍କା ଦେଲା ସୁପରଫାଷ୍ଟ

**ନିର୍ଗୁଣ୍ଡି ଷ୍ଟେଶନ ନିକଟରେ ଟ୍ରେନ୍ ଦୁର୍ଘଟଣା**

- ୪୦ରୁ ଊର୍ଦ୍ଧ୍ୱ ଆହତ, ୫ ଗୁରୁତର
- ୮ ବଗି ଲାଇନ୍‌ଚ୍ୟୁତ
- ଷ୍ଟେଶନ ମାଷ୍ଟରଙ୍କ ସମେତ ୪ ନିଲମ୍ବିତ
- ତଦନ୍ତ କରିବେ ସିଆର୍‌ଏସ୍

କଟକ ଅଫିସ/ଚୌଦ୍ୱାର(ଡି.ଏନ୍.ଏ.),୧୬।୧



(ଅଧିକ ରିପୋର୍ଟ, ଫଟୋ: ପୃଷ୍ଠା-୭)

ମାଲବାହୀ ଟ୍ରେନ୍‌କୁ ଧକ୍କା ଦେଇଥିବା ମୁମ୍ବାଇ-ଭୁବନେଶ୍ୱର ଲୋକମାନ୍ୟ ତିଳକ ସୁପରଫାଷ୍ଟ ଏକ୍ସପ୍ରେସ୍।

କଟକ ଜିଲା ନିର୍ଗୁଣ୍ଡି ରେଳ ଷ୍ଟେଶନ ପାଖ ସର୍ଦ୍ଧୋଳା ନିକଟରେ ଗୁରୁବାର ସକାଳ ୬ଟା ୫୦ ମିନିଟ୍‌ରେ ଏକ ମାଲ୍‌ବାହୀ ଟ୍ରେନ୍‌କୁ ଧକ୍କା ଦେଇ ମୁମ୍ବାଇ-ଭୁବନେଶ୍ୱର ଲୋକମାନ୍ୟ ତିଳକ ସୁପରଫାଷ୍ଟ ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ ହୋଇଛି। ଏହି ଦୁର୍ଘଟଣାରେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଆହତମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କଟକ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ଅନ୍ୟପକ୍ଷରେ ରେଲୱେ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ କରାଯାଇଥିବା ପ୍ରାଥମିକ ତଦନ୍ତରେ ଏକ୍ସପ୍ରେସ୍‌ଟି ନିୟନ୍ତ୍ରଣ ବାହାରେ ଥିବାବେଳେ ଘନ କୁହୁଡ଼ିକୁ କାରଣ ଭାବେ ଧରାଯାଇଛି। ଏହି ଦୁର୍ଘଟଣା ପାଇଁ ନିର୍ଗୁଣ୍ଡି ଷ୍ଟେଶନ ମାଷ୍ଟରଙ୍କ ସମେତ ଏକ୍ସପ୍ରେସ୍ ଟ୍ରେନ୍‌ର ଲୋକୋ ପାଇଲଟ, ସହକାରୀ ଲୋକୋ ପାଇଲଟ ଓ ମାଲବାହୀ ଟ୍ରେନ୍‌ର ଗାର୍ଡଙ୍କୁ ନିଲମ୍ବିତ କରାଯାଇଥିବା ଇଷ୍ଟକୋଷ୍ଟ ରେଲୱେ ମୁଖ୍ୟ ଜନସମ୍ପର୍କ ଅଧିକାରୀ ଜ୍ୟୋତିପ୍ରକାଶ ମିଶ୍ର କହିଛନ୍ତି। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ କମିଶନ ଅଫ ରେଲୱେ ସେଫ୍ଟି(ସିଆର୍‌ଏସ୍) ଅଭୟ କୁମାର ରାୟ ଶୁକ୍ରବାର କଟକ ଆସୁଥିବା ମିଶ୍ର ସୂଚନା ଦେଇଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ଏସ୍‌ସିବି ମେଡିକାଲରେ ୩୦ ଜଣ ଯାତ୍ରୀ ଚିକିତ୍ସାଧୀନ ଅଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବମ୍ବେରୁ କଟକ ଆସୁଥିବା ଲୋକମାନ୍ୟ ତିଳକ ସୁପରଫାଷ୍ଟ ଏକ୍ସପ୍ରେସ କଟକ ରେଳଷ୍ଟେଶନରେ କିଛି ସମୟ ପରେ ପହଞ୍ଚିଥାନ୍ତା। ସକାଳୁ ଘନ କୁହୁଡ଼ି ଆଚ୍ଛାଦିତ ହୋଇ ରହିଥିଲା। ସକାଳ ପ୍ରାୟ ସାଢେ ୬ଟାରୁ ୬ଟା ୫୦ ମଧ୍ୟରେ ଏକ୍ସପ୍ରେସ୍ ଟ୍ରେନ୍ ଆସୁଥିବା ଟ୍ରାକ୍‌ରେ ପୂର୍ବରୁ ଏକ ମାଲ୍‌ଗାଡି ଛିଡ଼ା

☞ ପୃଷ୍ଠା-୪


ଘଡ଼ୀ ଡିଟର୍ଜେଣ୍ଟ

**ପୁରସ୍କାର ଧମାକା**

**ସୂଚନା**

କେବଳ ଓଡ଼ିଶା ରାଜ୍ୟର ଦୋକାନୀ ଭାଇମାନଙ୍କ ପାଇଁ

**ଏବେ ଜିତନ୍ତୁ ₹200 ପର୍ଯ୍ୟନ୍ତ ନିଶ୍ଚିତ ନଗଦ ପୁରସ୍କାର।**

ଘଡ଼ି ଡିଟର୍ଜେଣ୍ଟ ପାଉଡରର ପ୍ରତ୍ୟେକ ବ୍ୟାଗ୍* (ବସ୍ତା) କ୍ରୟ ଉପରେ ପାଆନ୍ତୁ ଏକ ପୁରସ୍କାର ସ୍କ୍ରାଚ୍ କୁପନ୍ ଏବଂ ହୋଇଯାଆନ୍ତୁ ମାଲାମାଲ୍। ଏହି ସ୍କିମ୍ ₹1/- ମୂଲ୍ୟର ପାଉଚ୍ ଉପରେ ଲାଗୁ ନୁହେଁ । ଦୋକାନୀ ଭାଇ ନିଜ କୁପନ୍ ନିଶ୍ଚୟ ସ୍କ୍ରାଚ୍ କରନ୍ତୁ ଏବଂ କୁପନ୍ ର ରାଶି ନିଜ ବିଲ୍ ଉପରେ ନିଶ୍ଚୟ ଲେଖାଇ ଦିଅନ୍ତୁ।

ସ୍କିମ 15-01-2020 ରୁ ଚାଲୁ ଅଛି

*3kgx10Pkts, 2kgx10Pkts, 1kgx25Pkts, 500gx40Pkts, 140gx72Pkts, 70gx100Pkts






ସ୍କିମ୍ ସହ ସମ୍ପର୍କିତ ଯେକୌଣସି ସମସ୍ୟା ପାଇଁ ନିମ୍ନପ୍ରଦତ୍ତ ନମ୍ବରରେ ତତ୍କାଳ ଯୋଗାଯୋଗ କରନ୍ତୁ।

DHEERENDRA KUMAR VERMA (STATE HEAD): 8001588088, B. UMA SANKAR (BHUBANESWAR): 7873096108, RAJESH KUMAR (SAMBALPUR): 8709987942

RSPL ସପ୍ଲାଏ ଏବଂ ସେବା ସମ୍ବନ୍ଧୀୟ ଯେକୌଣସି ଅଭିଯୋଗ କ୍ଷେତ୍ରରେ ଯୋଗାଯୋଗ କରନ୍ତୁ । © RSPL CARE 1800 120 2800


**ସହରାଞ୍ଚଳ ପ୍ରଦୂଷଣକୁ ନେଇ ଏନ୍‌ଜିଟିଙ୍କ ଉଦ୍‌ବେଗ** ୭

**ଆଜି ଆଇଏଏସ୍ ଅଫିସର ସମ୍ମିଳନୀ** ୪

**ସହମତିରେ ସମୀର ଭାଜପା ରାଜ୍ୟ ସଭାପତି**

ଆଜି ବିଧିବଦ୍ଧ ଘୋଷଣା, ଦାୟିତ୍ୱ ଗ୍ରହଣ ୩

**ସୌନ୍ଦର୍ଯ୍ୟରେ ଝଲସିବ ଶ୍ରୀକ୍ଷେତ୍ର**

୭ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ ୪

**ଆଜିର ସମ୍ପାଦକୀୟ**

ଆହ୍ୱାନପୂର୍ଣ୍ଣ

**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**

ପୃଷ୍ଠା - ୧୦, ୧୧


Vencobb Fresh Chicken — Taste the difference!

16.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 75 | 126 | 136 |
| DKL | 75 | 126 | 136 |
| BDK | 72 | 122 | 132 |
| BLS | 72 | 122 | 132 |
| ANG | 77 | 128 | 138 |
| BHM | 75 | 126 | 136 |

*Conditions Apply

Issued in the Interest of Consumers



ଏହିଠାରେ ଅଛି ଏକ ରୋମାଞ୍ଚକ ନୂଆ ବର୍ଷ ।
ଏହିଠାରେ ଅଛି ବ୍ରାଣ୍ଡ-ନ୍ୟୁ ଫୋକ୍ସୱ୍ୱେଗନ୍ ।
₹30,000* ପର୍ଯ୍ୟନ୍ତ ଏକ୍ସଚେଞ୍ଜ୍ ବେନିଫିଟ୍ ପାଆନ୍ତୁ ।

www.volkswagen.co.in






ନ୍ୟୁ ଭେଣ୍ଟୋ
ଅଫର୍ ମୂଲ୍ୟ ₹4.79 ଲକ୍ଷ^
₹30,000* ପର୍ଯ୍ୟନ୍ତ ଏକ୍ସଚେଞ୍ଜ୍ ବେନିଫିଟ୍

ନ୍ୟୁ ପୋଲୋ
ଅଫର୍ ମୂଲ୍ୟ ₹5.44 ଲକ୍ଷ^
₹20,000* ପର୍ଯ୍ୟନ୍ତ ଏକ୍ସଚେଞ୍ଜ୍ ବେନିଫିଟ୍

₹30,000* ପର୍ଯ୍ୟନ୍ତ ଲୟାଲ୍ଟି ବୋନସ୍ | % | @8.99%# ସୁଧ ହାର

କଲ୍ କରନ୍ତୁ 1800 102 0909 ବା ଆମର ନିକଟସ୍ଥ ଫୋକ୍ସୱ୍ୱେଗନ୍ ଡିଲରଶିପ୍ ଭିଜିଟ୍ କରନ୍ତୁ ।
ନିର୍ଦ୍ଦିଷ୍ଟ କର୍ପୋରେଟ୍, ସରକାରୀ କର୍ମଚାରୀ, SME ଏବଂ ପେଶାଦାରଙ୍କ ପାଇଁ ଅତିରିକ୍ତ ଅଫର୍ସ CSDରେ ଉପଲବ୍ଧ । ଆମକୁ ଏଥିରେ ଇମେଲ୍ କରନ୍ତୁ corporatesales@volkswagen.co.in

Volkswagen

Powered by Volkswagen Financial Services
Exchange through Das WeltAuto. Pre-owned cars you can trust. Guaranteed.

4EVER CARE | 4 ବର୍ଷ ଷ୍ଟାଣ୍ଡାର୍ଡ ୱାରେଣ୍ଟି | 4 ବର୍ଷ ରୋଡ୍‌ସାଇଡ୍ ସହାୟତା | 3 ଫ୍ରୀ ସର୍ଭିସ୍^^

24x7 ରୋଡସାଇଡ୍ ସହାୟତା** | ଭାରତ ପାଇଁ ନିରାପଦ କାର୍

Authorised Dealers: Volkswagen Bhubaneswar: NH-5, Pahal, Bhubaneswar-752101 • Mobile: 8599011626 / 8599011591.

## ମୁକୁଳିଲେ ୫ କଶ୍ମୀରୀ ନେତା

୩୭୦ ଉଚ୍ଛେଦ ପରଠୁ ଗୃହବନ୍ଦୀ ଥିବା ୩ ପୂର୍ବତନ ବିଧାୟକଙ୍କ ସମେତ ୫ ନେତାଙ୍କୁ ଜମ୍ମୁ-କଶ୍ମୀର ପ୍ରଶାସନ ପକ୍ଷରୁ ମୁକ୍ତ କରାଯାଇଛି। ମୁକ୍ତି ପାଇଥିବା ନେତାଙ୍କ ମଧ୍ୟରେ ଅଛନ୍ତି ନ୍ୟାଶନାଲ କନ୍‌ଫରେନ୍ସ ପାର୍ଟିର ପୂର୍ବତନ ବିଧାୟକ ଅଲ୍‌ତାଫ କାଲୁ, ନ୍ୟାଶନାଲ କନ୍‌ଫରେନ୍ସ ପାର୍ଟି ନେତା ଶୌକତ ଗନି, ପିଡିପି ନେତା ନିଜାମୁଦ୍ଦିନ ଭଟ୍ଟ, ନ୍ୟାଶନାଲ କନ୍‌ଫରେନ୍ସର ପୂର୍ବତନ ମେୟର ସଲ୍‌ମାନ ସାଗର ଓ ପିଡିପି ନେତା ମୁଖ୍‌ତାର ବାନ୍ଧ୍।

# ପ୍ରମାଣ କର, ନଚେତ୍ କ୍ଷମା ମାଗ

**ନୂଆଦିଲ୍ଲୀ,୧୬।୧**



**ଡାକ୍ତରଙ୍କୁ ମହିଳା ଯୋଗାଉଛନ୍ତି ଔଷଧ କମ୍ପାନୀ: ମୋଦି**

ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡ଼ିକ ଅନୁଗ୍ରହ ଲାଭ ପାଇଁ ଡାକ୍ତରମାନଙ୍କୁ ମହିଳା ଯୋଗାଉଥିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ତଥାକଥିତ ମନ୍ତବ୍ୟ ଝଡ଼ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଉକ୍ତ ରିପୋର୍ଟକୁ ଖଣ୍ଡନ କରିନାହିଁ। ତେଣୁ ପ୍ରଧାନମନ୍ତ୍ରୀ ନିଜେ ଏହାକୁ ପ୍ରମାଣ କିମ୍ବା ଖଣ୍ଡନ କରନ୍ତୁ, ନଚେତ୍ କ୍ଷମାମାଗନ୍ତୁ ବୋଲି ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ପକ୍ଷରୁ ଦାବି କରାଯାଇଛି।

ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଜାନୁୟାରୀ ୨ରେ ନୂଆଦିଲ୍ଲୀରେ ଜାଇଡସ କାଡିଲା, ଟୋରେଣ୍ଟ ଫାର୍ମାସ୍ୟୁଟିକାଲ୍ସ ଏବଂ ଓ୍ୱକ୍‌ହାର୍ଡଟ ଭଳି ଔଷଧ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ସହ ପ୍ରଧାନମନ୍ତ୍ରୀ ମୋଦି ବୈଠକ କରିଥିଲେ। ଉକ୍ତ ବୈଠକରେ ମୋଦି କୁଆଡ଼େ କହିଥିଲେ ଯେ ବଡ଼ ବଡ଼ ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡ଼ିକ ଡାକ୍ତରମାନଙ୍କୁ ଲାଞ୍ଚ ଦେଉଛନ୍ତି। ଡାକ୍ତରମାନଙ୍କୁ ମହିଳା, ଗେଜେଟ୍ସ ଓ ବିଦେଶ ଯାତ୍ରା ଭଳି ଲାଞ୍ଚ ନ ଦେବା ପାଇଁ ସେ ଉକ୍ତ କମ୍ପାନୀଗୁଡ଼ିକୁ ତାଗିଦ କରିଥିଲେ ବୋଲି ଜାତୀୟ ସ୍ତରର ଏକ ନ୍ୟୁଜ୍ ଓ୍ୱେବ୍‌ସାଇଟ୍‌ରେ ରିପୋର୍ଟ ପ୍ରକାଶ ପାଇଛି। ଫାର୍ମା କମ୍ପାନୀଗୁଡ଼ିକର ମେଡିକାଲ୍ ରିପ୍ରେଜେଣ୍ଟେଟିଭ୍‌ମାନେ ଡାକ୍ତରମାନଙ୍କ ଅନୁଗ୍ରହ ହାସଲ ପାଇଁ ଅନୈତିକ ଉପାୟ ଅବଲମ୍ବନ କରୁଛନ୍ତି। ଏପରି କି ସେମାନେ ମହିଳା ଓ ବିଭିନ୍ନ ସାମଗ୍ରୀ ଯୋଗାଇବା ସହ ବିଦେଶ ଗସ୍ତ ପାଇଁ ବ୍ୟବସ୍ଥା କରୁଛନ୍ତି ବୋଲି 'ସପୋର୍ଟ ଫର୍ ଆଡ୍‌ଭୋକେସି ଆଣ୍ଡ ଟ୍ରେନିଂ ଟୁ ହେଲ୍‌ଥ' ନାମକ ଏକ ବେସରକାରୀ ସଙ୍ଗଠନ (ଏନ୍‌ଜିଓ) ପକ୍ଷରୁ ଜାରି ଏକ ରିପୋର୍ଟ ପରେ ପ୍ରଧାନମନ୍ତ୍ରୀ ଉକ୍ତ ବୈଠକ କରିଥିଲେ। ମୋଦି ସେମାନଙ୍କୁ ଆହୁରି କହିଥିଲେ ଯେ ମେଡିସିନ ମାର୍କେଟିଂ ପାଇଁ ଏପରି ଉପାୟ ଆପଣାଇଲେ ସରକାର କଠୋର ଆଇନ ପ୍ରଣୟନ କରିବାକୁ ବାଧ୍ୟହେବେ। ଉକ୍ତ ବୈଠକରେ ଯୋଗଦେଇଥିବା ପିଏମ୍‌ଓର ଜଣେ ଅଧିକାରୀ ଏହି ସୂଚନା ଦେଇଛନ୍ତି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

**ପ୍ରଧାନମନ୍ତ୍ରୀଙ୍କୁ ଆଇଏମ୍‌ଏ କହିଲା**



INDIAN MEDICAL ASSOCIATION (HQs.)
(Registered under the Societies Act XXI of 1860)
Mutually Affiliated with the British & Nepal Medical Associations
I.M.A. House, Indraprastha Marg, New Delhi-110 002
Telephones : +91-11-2337 0009 (10 lines), 23378680 / +91-9999116375, 9999116376 Fax: +91-11-23379470
Website: www.ima-india.org ; Email: hsg@ima-india.org

| National President | Immediate Past National President | Honorary Secretary General | Honorary Finance Secretary |
|---|---|---|---|
| Dr. Rajan Sharma | Dr. Santanu Sen | Dr. R. V. Asokan | Dr. Ramesh Kumar Datta |
| (M) 9812054730 | (M): 9830144496 | (M): 9847061563 | (M): 9811086688 |
| Email:rajanhospital@gmail.com | Email: shantanu_sen2007@yahoo.com | Email: rvasokan@gmail.com | Email: dr_dattaramesh@yahoo.com |

IMA/HSG/206/4293 14.01.2020

New Delhi

**Deny or Prove or Apologise**

Reports have appeared in the media regarding the purported statement of Hon. Prime Minister Shri Narendra Modi that top pharmaceutical companies bribed doctors with women. IMA takes strong exception to the statement if it has been really made by the Prime Minister. IMA seeks clarification from the office of the Prime Minister if such a meeting ever happened and if so the statement is authentic. IMA has noted that the PMO has not denied the report.

IMA demands to know if the Government had details of the companies involved in supplying women to doctors why it chose to invite them for a meeting in PMO rather than initiate criminal proceedings. Moreover it is imperative on PMO now to release the names of doctors convicted or otherwise as well. The State Medical Councils should initiate appropriate action if the doctors have been convicted on moral turpitude.

IMA however is skeptical about the Government being able to prove these allegations. If the surmise of the Prime Minister is based on unverified information it is only appropriate that he apologises to the doctors of the country.

The purpose seems to divert the attention from unresolved issues regarding the Health of the people and the Medical Education of the country. Ayushman Bharat the flagship of the current Government is a non starter and operates more in Government Hospitals where treatment is already free. 15% of the money paid to Hospitals including the Government hospitals is siphoned off by insurance companies. The allotment for Health by the Government has hovered around 1% to 1.3% of GDP for the past few years. There is no new investment either in infrastructure or in Human Resources. Violence on Doctors and Hospitals have increased. The Government is unable to provide security or even legislate the promised Central Law. Even ambulances are not safe. IMA has reasons to believe that such crude tactics is to divert the attention of the people from the real issues in Health sector.

Dr. Rajan Sharma
National President

Dr. R. V. Asokan
Honorary Secretary General

Protect the Single and Couple Doctors Setup
All communications intended for headquarters office should be addressed to the Honorary Secretary General

ପ୍ରଧାନମନ୍ତ୍ରୀଙ୍କ ଏଭଳି ଆପତ୍ତିଜନକ ମନ୍ତବ୍ୟକୁ ନେଇ ଭାରତର ଡାକ୍ତରମାନଙ୍କ ସର୍ବବୃହତ୍ ସଙ୍ଗଠନ ଆଇଏମ୍‌ଏ କ୍ଷୋଭ ପ୍ରକାଶ କରିଛି। ଏ ସଂକ୍ରାନ୍ତରେ ଆଇଏମ୍‌ଏ ପକ୍ଷରୁ ଜାରି ଏକ ପତ୍ରରେ କୁହାଯାଇଛି ଯେ ଏପରି କୌଣସି ବୈଠକ ଅନୁଷ୍ଠିତ ହୋଇଥିଲା କି? ଯଦି ବୈଠକ ହୋଇଥିଲା ପ୍ରଧାନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେଇଥିଲେ କି ? ଏନେଇ ପିଏମ୍‌ଓ ସ୍ପଷ୍ଟୀକରଣ ଦେଉ। ପିଏମ୍‌ଓ ଉକ୍ତ ରିପୋର୍ଟକୁ ଖଣ୍ଡନ କରି ନାହିଁ। ତେଣୁ ଡାକ୍ତରମାନଙ୍କୁ ମହିଳା ଯୋଗାଉଥିବା କମ୍ପାନୀଗୁଡ଼ିକ ସମ୍ପର୍କରେ ବିସ୍ତୃତ ତଥ୍ୟ ଥିଲେ ସରକାର ତାହା ପ୍ରଦାନ କରନ୍ତୁ। ଅନ୍ୟପକ୍ଷରେ ସରକାର ଏହାକୁ ପ୍ରମାଣ କରିପାରିବେ ନାହିଁ ବୋଲି ଆଇଏମ୍‌ଏ ସନ୍ଦେହ ବ୍ୟକ୍ତ କରିଛି। ଯଦି ଯାଞ୍ଚ କରାଯାଇ ନ ଥିବା ସୂଚନା ଆଧାରରେ ପ୍ରଧାନମନ୍ତ୍ରୀ ଏପରି ମନ୍ତବ୍ୟ ଦେଇଛନ୍ତି ତେବେ ସେ ଦେଶର ଡାକ୍ତରମାନଙ୍କୁ କ୍ଷମାମାଗିବା ହିଁ ଉଚିତ ହେବ ବୋଲି ଆଇଏମ୍‌ଏ ନିଜ ବିବୃତିରେ ଦାବି କରିଛି। ପିଏମ୍‌ଓଠାରୁ ଆସିଥିବା ବିଷୟବସ୍ତୁ ଓ ଭାଷା ଚକିତ କରିଦେବା ଭଳି। ଏହା ପିଏମ୍‌ଓକୁ ଶୋଭା ଦେଉନାହିଁ ବୋଲି ଆଇଏମ୍‌ଏ ଅଧ୍ୟକ୍ଷ ରାଜନ ଶର୍ମା ସମାଲୋଚନା କରିଛନ୍ତି।

# ଜାତିସଂଘରେ କଶ୍ମୀର ପ୍ରସଙ୍ଗକୁ ମିଳିଲାନି ସମର୍ଥନ

**ନୂଆଦିଲ୍ଲୀ,୧୬।୧(ପି.ଟି.)**

**ଚାଇନାକୁ ଭାରତର ଚେତାବନୀ**
**ଏଭଳି କାର୍ଯ୍ୟରୁ ଦୂରେଇ ରୁହ**

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ପାକିସ୍ତାନ କଶ୍ମୀର ପ୍ରସଙ୍ଗ ଉଠାଇବାରେ ବିଫଳ ହୋଇଛି। ତେବେ ଇସ୍‌ଲାମାବାଦର ଏହି ଉଦ୍ୟମକୁ ଚାଇନା ସହାୟତା କରୁଥିବାରୁ ଭାରତ ଏହାର ସମାଲୋଚନା କରିଛି। ବିଶ୍ୱସ୍ତରୀୟ ସହମତିକୁ ବେଜିଂ ଗୁରୁତ୍ୱର ସହ ନେବା ଉଚିତ। ଭବିଷ୍ୟତରେ ଏଭଳି କାର୍ଯ୍ୟରୁ ଚାଇନା ଦୂରେଇ ରହୁ ବୋଲି ନୂଆଦିଲ୍ଲୀ କହିଛି।

ଚାଇନା ସମର୍ଥନରେ ପାକିସ୍ତାନ ଜାତିସଂଘ ସୁରକ୍ଷା ପରିଷଦରେ କଶ୍ମୀର ପ୍ରସଙ୍ଗ ଉଠାଇବା ଲାଗି ବାରମ୍ବାର ଉଦ୍ୟମ କରିଆସୁଛି। ତେବେ ଏଥିପାଇଁ ସମର୍ଥନ ଯୋଗାଡ଼ କରିବାରେ ଇସ୍‌ଲାମାବାଦ ବିଫଳ ହୋଇଛି। କଶ୍ମୀର ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ୧୫ ସଦସ୍ୟ ରାଷ୍ଟ୍ର ଅନୁଭବ କରିଛନ୍ତି। ଭାରତ ସପକ୍ଷରେ ସର୍ବାଧିକ ସମର୍ଥନ ମିଳିଥିବାରୁ କଶ୍ମୀର ପ୍ରସଙ୍ଗ ଉଠାଇବା ଲାଗି ୟୁଏନ୍‌ଏସ୍‌ସି ଉପଯୁକ୍ତ ଫୋରମ୍ ନୁହେଁ ବୋଲି ସ୍ପଷ୍ଟ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି। ପାକିସ୍ତାନ ୟୁଏନ୍‌ଏସ୍‌ସିର ଅପବ୍ୟବହାର କରିବାକୁ ଉଦ୍ୟମ କରୁଥିଲା। ଭବିଷ୍ୟତରେ ବିଶ୍ୱସ୍ତରରେ ଏଭଳି ଲଜ୍ଜାଜନକ ପରିସ୍ଥିତିରୁ ନିଜକୁ ଦୂରେଇ ରଖୁ ବୋଲି ବହିର୍ବ୍ୟାପାର ମୁଖପାତ୍ର କହିଛନ୍ତି।

ନିଜର ସବୁଦିନିଆ ବନ୍ଧୁ ପାକିସ୍ତାନକୁ ସହାୟତା କରିବାକୁ ଯାଇ ଚାଇନା ୟୁଏନ୍‌ଏସ୍‌ସିରେ ବୁଧବାର ସମ୍ପୂର୍ଣ୍ଣ ଏକଘରିକିଆ ହୋଇଯାଇଥିଲା। ଚାଇନାକୁ ବାଦ୍ ଦେଲେ ଅନ୍ୟ ସବୁ ସଦସ୍ୟ ରାଷ୍ଟ୍ର କଶ୍ମୀର ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ମତ ଦେଇଥିଲେ।

# ମିଖାଇଲ୍ ମିଶୁଷ୍ଟିନ୍ ରୁଷିଆ ପ୍ରଧାନମନ୍ତ୍ରୀ

**ମସ୍କୋ,୧୬।୧**



ରୁଷିଆର ନୂଆ ପ୍ରଧାନମନ୍ତ୍ରୀ ଭାବେ ମିଖାଇଲ୍ ମିଶୁଷ୍ଟିନ୍‌ଙ୍କ ନାମକୁ ଗୁରୁବାର ପାର୍ଲାମେଣ୍ଟ (ଡୁମା) ଅନୁମୋଦନ କରିଛି। ପ୍ରଧାନମନ୍ତ୍ରୀ ପଦ ପାଇଁ ଏହି ୫୩ ବର୍ଷୀୟ ଟିକସ ସେବା ଅଧିକାରୀଙ୍କ ନାଁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ସୁପାରିସ କରିଥିଲେ। ବୁଧବାର ପ୍ରଧାନମନ୍ତ୍ରୀ ଡିମିଟ୍ରି ମେଡ୍‌ଭେଡେଭ୍‌ଙ୍କ ନେତୃତ୍ୱରେ ରୁଷିଆ କ୍ୟାବିନେଟ ଇସ୍ତଫା ଦେଇଥିଲା। ରାଷ୍ଟ୍ରପତି ପୁଟିନ ସମ୍ବିଧାନରେ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। କାର୍ଯ୍ୟକାଳ ଶେଷ ହେବା ପରେ ପୁନର୍ବାର କ୍ଷମତାରେ ରହିବା ଲାଗି ସେ ଯୋଜନା କରିଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ପାର୍ଲାମେଣ୍ଟର ନିମ୍ନ ସଦନରେ ୪୨୪ ଭୋଟରୁ ମିଖାଇଲଙ୍କ ସପକ୍ଷରେ ୩୮୩ ଭୋଟ ମିଳିଥିଲା। ୪୧ ସଦସ୍ୟ ଭୋଟଦାନରୁ ବିରତ ରହିଥିଲେ। ପରେ ରାଷ୍ଟ୍ରପତି ତାଙ୍କ ନିଯୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ଦେଶରେ ମୁଦ୍ରାସ୍ଫୀତିକୁ ୪ ପ୍ରତିଶତ ମଧ୍ୟରେ ରଖିବେ ବୋଲି ନୂଆ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଭଲ ପାଇଁ ରୁଷିଆବାସୀ ନିଶ୍ଚୟ ବାସ୍ତବ ପରିବର୍ତ୍ତନକୁ ଅନୁଭବ କରିବେ ବୋଲି ସେ କହିଛନ୍ତି। ଟିକସ ସେବା ବିଭାଗରେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସିଥିବା ମିଶୁଷ୍ଟିନ୍‌ଙ୍କର ରାଜନୈତିକ ଅଭିଳାଷ ନ ଥିଲା। ସେ ଦେଶର ପ୍ରଧାନମନ୍ତ୍ରୀ ହେବେ ବୋଲି କେବେ ଚିନ୍ତା କରି ନ ଥିଲେ। ପୁଟିନଙ୍କ ପ୍ରସ୍ତାବିତ ସାମ୍ବିଧାନିକ ପରିବର୍ତ୍ତନ ତାଙ୍କୁ ୨୦୨୪ ପରେ ମଧ୍ୟ କ୍ଷମତାରେ ରହିବାକୁ ସୁଯୋଗ ଦେଇପାରେ ବୋଲି କୁହାଯାଉଛି।

## ହରିଶ ସାଲ୍‌ଭେ ହେଲେ ବ୍ରିଟେନ କ୍ୟୁସି



**ନୂଆଦିଲ୍ଲୀ,୧୬।୧(ଆଇଏଏନ୍‌ଏସ୍):** ପୂର୍ବତନ ସଲିସିଟର ଜେନେରାଲ ତଥା ବରିଷ୍ଠ ଆଇନଜୀବୀ ହରିଶ ସାଲଭେଙ୍କୁ ଇଂଲଣ୍ଡ ଓ ଓ୍ୱେଲ୍ସ କୋର୍ଟଗୁଡ଼ିକରେ ବ୍ରିଟେନ ରାଣୀଙ୍କ ଓକିଲ (କ୍ୟୁସି) ଭାବେ ନିଯୁକ୍ତି ଦିଆଯାଇଛି। ତେବେ ଆନୁଷ୍ଠାନିକ ନିଯୁକ୍ତି ମାର୍ଚ୍ଚରେ ମିଳିବ। ବ୍ରିଟେନ୍ ନ୍ୟାୟ୍ ମନ୍ତ୍ରଣାଳୟ୍ ପକ୍ଷରୁ ପ୍ରକାଶିତ ତାଲିକାରେ ସାଲଭେଙ୍କ ନାଁ ରହିଛି। ଅନ୍ତର୍ଜାତୀୟ୍ ନ୍ୟାୟିକ ଅଦାଲତ (ଆଇସିଜେ)ରେ କୁଳଭୂଷଣ ଯାଦବ ମାମଲାରେ ସାଲଭେ ଭାରତର ମୁଖ୍ୟ ଓକିଲ ଥିଲେ ଓ ଗୋଟିଏ ଟଙ୍କା ପାରିଶ୍ରମିକ ନେଇଥିଲେ।

# ୩ ନମ୍ବର ଜେଲକୁ ଦୋଷୀ ସ୍ଥାନାନ୍ତର

**ନୂଆଦିଲ୍ଲୀ,୧୬।୧(ପି.ଟି.)**

**ନିର୍ଭୟା ମାମଲା**
- ଜେଲ୍ କର୍ତ୍ତୃପକ୍ଷଙ୍କୁ ଷ୍ଟାଟସ୍ ରିପୋର୍ଟ ମାଗିଲେ କୋର୍ଟ
- କ୍ଷମା ଆବେଦନ ଖାରଜ ପାଇଁ ଉପରାଜ୍ୟପାଳଙ୍କ ସୁପାରିସ



ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କୁ ଗୁରୁବାର ତିହାର ଜେଲ୍ କମ୍ପ୍ଲେକ୍ସର ୩ ନମ୍ବର ଜେଲ୍‌କୁ ନିଆଯାଇଛି, ଯେଉଁଠି ସେମାନଙ୍କୁ ଫାଶୀ ଦିଆଯିବ। ଅପରାଧୀ ବିନୟ ଶର୍ମା, ଅକ୍ଷୟ କୁମାର ସିଂ, ମୁକେଶ ସିଂ ଓ ପଓ୍ୱନ ଗୁପ୍ତାଙ୍କୁ ୨୨ରେ ଫାଶୀ ଦିଆଯିବାକୁ ଥିଲା। ତେବେ ମୁକେଶ ରାଜକ୍ଷମା ଆବେଦନ କରିବାରୁ ଫାଶୀ ବିଳମ୍ବ ହେବ ବୋଲି ଦିଲ୍ଲୀ ସରକାର ବୁଧବାର ହାଇକୋର୍ଟଙ୍କୁ ଜଣାଇଥିଲେ। ଏପର୍ଯ୍ୟନ୍ତ ବିନୟ ଶର୍ମା ୪ ନମ୍ବର ଜେଲ୍‌ରେ ରହିଥିବାବେଳେ ଅନ୍ୟ ୩ ଜଣଙ୍କୁ ୨ ନମ୍ବର ଜେଲ୍‌ରେ ରଖାଯାଇଥିଲା।

୪ ଅପରାଧୀଙ୍କୁ ଫାଶୀଦେବା ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ଦିଲ୍ଲୀର ଏକ ଅଦାଲତ ଗୁରୁବାର ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅପରାଧୀ କ୍ଷମା ଆବେଦନ କରିଥିବାରୁ ଫାଶୀଦେବା ପାଇଁ ସାନି ତାରିଖ ଜାରି କରିବା ପାଇଁ ଜେଲ୍ କର୍ତ୍ତୃପକ୍ଷ ଦିଲ୍ଲୀ ସରକାରଙ୍କ ପାଖକୁ ପତ୍ର ଲେଖିବା ପରେ ଅତିରିକ୍ତ ଦୌରା ଜଜ୍ ସତୀଶ କୁମାର ଆରୋରା ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଷ୍ଟ୍ରପତିଙ୍କ ନିକଟରେ ରାଜକ୍ଷମା ଆବେଦନ କରିଥିବାରୁ ଫାଶୀ ତାରିଖ ସ୍ଥଗିତ ରଖିବାକୁ ଅନ୍ୟତମ ଅପରାଧୀ ମୁକେଶ କୁମାର ସିଂଙ୍କ ଓକିଲ ଅଦାଲତରେ ଆବେଦନ କରିଥିଲେ।

ଅନ୍ୟପକ୍ଷରେ ମୁକେଶଙ୍କ କ୍ଷମା ଆବେଦନ ଖାରଜ କରିବା ପାଇଁ ଦିଲ୍ଲୀ ଉପରାଜ୍ୟପାଳ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ସୁପାରିସ କରିଛନ୍ତି। ପିଟିଶନ୍‌ର ତର୍ଜମା କରାଯାଉଛି ଓ ଖୁବ୍‌ଶୀଘ୍ର ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି।

### ଫାଶୀ ବିଳମ୍ବକୁ ନେଇ ଭାଜପା-ଏଏପି ବାକ୍‌ଯୁଦ୍ଧ

ନିର୍ଭୟା ଦୋଷୀଙ୍କୁ ଫାଶୀ ଦେବାରେ ବିଳମ୍ବକୁ ନେଇ ଏଏପି ଏବଂ ଭାଜପା ପରସ୍ପରକୁ ସମାଲୋଚନା କରିଛନ୍ତି। ଦିଲ୍ଲୀ ସରକାର ମାମଲାକୁ ଅଧିକ ଜଟିଳ କରିବା ସହ ଅପରାଧୀମାନଙ୍କୁ ସମବେଦନା ଜଣାଉଥିବା ଭାଜପା ଅଭିଯୋଗ କରିଛି। ଅନ୍ୟପକ୍ଷରେ ଭାଜପା ଲୋକଙ୍କୁ ବିଭ୍ରାନ୍ତ କରୁଥିବା ଏଏପି ଅଭିଯୋଗ କରିବା ସହ ଆଇନ ଶୃଙ୍ଖଳା କେନ୍ଦ୍ର ସରକାରଙ୍କ ଅଧୀନରେ ବୋଲି କହିଛି। ଦିଲ୍ଲୀ ସରକାରଙ୍କ ଅବହେଳାରୁ ଅପରାଧୀଙ୍କୁ ଫାଶୀ ଦିଆଯାଇପାରିଲାନି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ଭାଜପା ନେତା ମିଛ କହିବା ସହ ଅଣସମ୍ବେଦନଶୀଳ ମନ୍ତବ୍ୟ ଦେଉଛନ୍ତି ବୋଲି ଏଏପି ନେତା ସଞ୍ଜୟ୍ ସିଂ କହିଛନ୍ତି।

# ୨ ନାବାଳିକାଙ୍କୁ ଗଣବଳାତ୍କାର

**ରାଞ୍ଚି,୧୬।୧(ଆଇଏଏନ୍‌ଏସ୍)**

**ମେଳା ଦେଖି ରାତିରେ ଫେରୁଥିଲେ**

ଝାଡ଼ଖଣ୍ଡର ଖୁଣ୍ଟି ଜିଲା କଳାମାଟି ବ୍ଲକରେ ୨ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବାବେଳେ ୪ ଜଣଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ୫ମରୁ ୮ମ ଶ୍ରେଣୀ ମଧ୍ୟରେ ପାଠ ପଢୁଥିବା ଏହି ନାବାଳିକାମାନେ ବୁଧବାର ରାତିରେ ମେଳାଦେଖି ଘରକୁ ଫେରୁଥିବାବେଳେ କେତେକ ଯୁବକ ସେମାନଙ୍କୁ କାବୁକରି ଏଭଳି କାଣ୍ଡ କରିଥିବା ପୋଲିସ କହିଛି। ଗୁରୁବାର ସକାଳେ ଏହି ଘଟଣା ଜଣାପଡ଼ିବା ପରେ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ନାବାଳିକାଙ୍କୁ ଡାକ୍ତରୀ ମାଇନା ଲାଗି ପଠାଯାଇଥିବାବେଳେ ସେମାନଙ୍କ ମୁହଁରେ ଖଣ୍ଡିଆ ଦାଗ ରହିଥିବା ପୋଲିସ କହିଛି।



ଆଗ୍ରାର ତାଜମହଲ ନିକଟରେ ଚେକ୍ ବହିର୍ବ୍ୟାପାର ମନ୍ତ୍ରୀ ଟୋମାସ୍ ପେଟ୍ରିକ୍ ଓ ତାଙ୍କ ସ୍ତ୍ରୀ ଇଭା ପେଟ୍ରିକୋଭା ଫଟୋ ଲାଗି ପୋଜ୍ ଦେଉଛନ୍ତି।

# ନୀତୀଶଙ୍କ ନେତୃତ୍ୱରେ ଲଢ଼ିବ ଏନ୍‌ଡିଏ

**ବୈଶାଳୀ,୧୬।୧(ପି.ଟି.)**



**ବିହାର ନିର୍ବାଚନ ନେଇ ସ୍ପଷ୍ଟ କଲେ ଶାହା**

ଉତ୍ତର ବିହାରର ବୈଶାଳୀଠାରେ ସିଏଏ ସପକ୍ଷରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗୁରୁବାର ସମ୍ବୋଧନ କରି ଏନ୍‌ଡିଏ ଆଗାମୀ ବିହାର ବିଧାନସଭା ନିର୍ବାଚନ ନୀତୀଶ କୁମାରଙ୍କ ନେତୃତ୍ୱରେ ଲଢ଼ିବ ବୋଲି ପ୍ରକାଶ କରିଛନ୍ତି। ସିଏଏକୁ ନେଇ ବିରୋଧୀମାନେ ସଂଖ୍ୟାଲଘୁଙ୍କୁ ବିଭ୍ରାନ୍ତ କରାଉଛନ୍ତି। ଫଳରେ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଦେଖିବାକୁ ମିଳୁଛି ବୋଲି ଶାହା କହିଛନ୍ତି। ସିଏଏ ନାଗରିକତ୍ୱ ଦେବା ଲାଗି ଉଦ୍ଦିଷ୍ଟ, କାହାର ନାଗରିକତ୍ୱ ଛଡ଼ାଇନେବା ଏହାର କାମ ନୁହେଁ ବୋଲି ସେ ଲୋକଙ୍କୁ ବୁଝାଇଛନ୍ତି। ଏନେଇ ଦଳ ପକ୍ଷରୁ ଲୋକଙ୍କୁ ସଚେତନ କରାଇବା ଲାଗି ରାଲି କରାଯିବା ସହ ଜୋର୍‌ଦାର ପ୍ରଚାର କରାଯିବାକୁ ନିଷ୍ପତ୍ତି ହୋଇଛି। ଲୋକଙ୍କ ହିତ ଲାଗି ମୋଦି ସରକାର ସର୍ବଦା ତତ୍ପର, ତେଣୁ ବିରୋଧୀଙ୍କ ମିଛରେ ବିଶ୍ୱାସ ନ କରି ସରକାରଙ୍କ ପ୍ରତି ଆସ୍ଥା ରଖିବା ଲାଗି ଶାହା ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି। ୩୭୦ ଧାରା ଉଚ୍ଛେଦ ସହ ଜମ୍ମୁ-କଶ୍ମୀରବାସୀଙ୍କ ବିକାଶ, ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଭଳି ମୋଦି ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି।

# ୧୩ ଦୋଷୀଙ୍କୁ ଆଜୀବନ ଜେଲ

**ବେତୁଲ,୧୬।୧(ପି.ଟି.)**

**୨୦୦୬ ଟ୍ରିପଲ ମର୍ଡର ମାମଲା**

ମଧ୍ୟପ୍ରଦେଶର ବେତୁଲ ଜିଲାରେ ୧୪ ବର୍ଷ ତଳର ଏକ ଟ୍ରିପଲ ମର୍ଡର ମାମଲାରେ ସ୍ୱତନ୍ତ୍ର କୋର୍ଟ ୧୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ବିଚାରପତି ରାକେଶ ମୋହନ ପ୍ରଧାନ ମାମଲାର ଶୁଣାଣି କରିଥିଲେ। ୨୦୦୬ ସେପ୍ଟେମ୍ବର ୯ରେ ୧୭ ଅଭିଯୁକ୍ତ ଲୋହାର ପରିବାର ଉପରେ ଖଣ୍ଡା, କୁରାଢ଼ୀରେ ଆକ୍ରମଣ କରି ୩ ଜଣଙ୍କୁ ହତ୍ୟା କରିଥିଲେ। ମାମଲାର ଶୁଣାଣି ଶେଷହେବା ପୂର୍ବରୁ ୨ ଅଭିଯୁକ୍ତ ପ୍ରାଣ ହରାଇଥିବାବେଳେ ଅନ୍ୟମାନେ ଏବେବି ଫେରାର୍ ରହିଛନ୍ତି।

## ଇତିହାସର ଆଇନାରେ

### ଜାନୁୟାରୀ ୧୭ର ପ୍ରମୁଖ ଘଟଣା

୧୯୯୪ ଜାନୁୟାରୀ ୧୭ରେ ଆମେରିକାର ଗ୍ରେଟର ଲସ୍ ଆଞ୍ଜେଲ୍ସରେ ଭୟଙ୍କର ଭୂକମ୍ପ ଦେଖିବାକୁ ମିଳିଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୯ ଥିଲା। ଏହାର ପ୍ରଭାବରେ ଅନେକ ଗଛ, ଘରଦ୍ୱାର ଭାଙ୍ଗିଯାଇଥିବାବେଳେ ପ୍ରାୟ ୬୦ ଜଣ ପ୍ରାଣ ହରାଇଥିଲେ। ୯ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହାର ପ୍ରଭାବରେ ଆହତ ହୋଇଥିଲେ।

୨୦୧୦ ଜାନୁୟାରୀ ୧୭ରେ ନାଇଜେରିଆର ଜୋସ୍‌ରେ ମୁସ୍‌ଲିମ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ମଧ୍ୟରେ ଗୋଷ୍ଠୀସଂଘର୍ଷ ଘଟି ଦଙ୍ଗାର ରୂପ ନେଇଥିଲା। ଏଥିରେ ପ୍ରାୟ ୨୦୦ ଲୋକ ପ୍ରାଣ ହରାଇଥିବାବେଳେ ଶତାଧିକ ଆହତ ହୋଇଥିଲେ। ଅନେକ ଘର, ମସ୍‌ଜିଦ, ଚର୍ଚ୍ଚ, ଗାଡ଼ିମୋଟର ଆଦିକୁ ନିଆଁଲଗାଇ ପୋଡ଼ି ଦିଆଯାଇଥିଲା।

# 'ଟ୍ରମ୍ପଙ୍କ ଭୂଗୋଳ ଜ୍ଞାନ କମ୍'

**ୱାଶିଂଟନ,୧୬।୧:**



**ଭାରତ-ଚାଇନା ସୀମା ସମ୍ପର୍କରେ ଜାଣିନାହାନ୍ତି**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭୂଗୋଳ ଜ୍ଞାନ କମ । ଭାରତ ଏବଂ ଚାଇନା ମଧ୍ୟରେ ଅନ୍ତର୍ଜାତୀୟ ସୀମା ରହିଛି ବୋଲି ସେ ଜାଣିନାହାନ୍ତି। ଦୁଇଜଣ ପୁଲିଟ୍‌ଜର ପୁରସ୍କାର ବିଜେତା ଆମେରିକାର ଖବରଦାତା 'ଏ ଭେରି ଷ୍ଟାବଲ ଜିନିୟସ୍' ଶୀର୍ଷକ ଏକ ପୁସ୍ତକରେ ଏହା ଦାବି କରିଛନ୍ତି। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଚକିତ କରିଥିଲା ବୋଲି ଉକ୍ତ ବହିରେ ଉଲ୍ଲେଖ ରହିଛି।

ୱାଶିଂଟନ ପୋଷ୍ଟର ଦୁଇ ଖବରଦାତା ଫିଲିପ୍ ରୁକର ଏବଂ କାରୋଲ ଡି ଲିୟୋନିଗଙ୍କ ଦ୍ୱାରା ଲେଖାଯାଇଥିବା 'ଏ ଭେରି ଷ୍ଟାବଲ ଜିନିୟସ୍' ପୁସ୍ତକରେ ଟ୍ରମ୍ପଙ୍କ ପ୍ରଥମ ତିନି ବର୍ଷର ଶାସନକାଳରେ ଘଟିଥିବା ଏପରି ଅନେକ ଘଟଣା ଗୁଡ଼ିକୁ ସ୍ଥାନ ଦିଆଯାଇଛି। ବ୍ୟବସାୟୀରୁ ରାଜନେତା ହୋଇଥିବା ଡୋନାଲ୍ଡ ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଏକ ସାକ୍ଷାତ୍‌କାରର ଉଲ୍ଲେଖ କରି ପୁସ୍ତକରେ ଦାବି କରାଯାଇଛି ଯେ, ଟ୍ରମ୍ପ ଏହି ବୈଠକରେ ମୋଦିଙ୍କୁ କହିଥିଲେ, 'ଏପରି ନୁହେଁ ଯେ ଚାଇନା ସୀମା ଆପଣଙ୍କ ସୀମାକୁ ଲାଗିଛି'। ଏହା ଶୁଣିବା ପରେ ପ୍ରଧାନମନ୍ତ୍ରୀ ଆଶ୍ଚର୍ଯ୍ୟ ହୋଇଥିଲେ। ତେବେ କେଉଁ ବର୍ଷ ଏହି ବୈଠକ ହୋଇଥିଲା ଏହା ସେଥିରେ ଉଲ୍ଲେଖ କରାଯାଇନାହିଁ। ଉଲ୍ଲେଖଯୋଗ୍ୟ ଯେ, ଭାରତ ଏବଂ ଚାଇନା ମଧ୍ୟରେ ୩,୪୮୮ କି.ମି ବିସ୍ତୃତ ଅନ୍ତର୍ଜାତୀୟ ସୀମା ରହିଛି।

# ୫ ଜୈଶ୍ ଆତଙ୍କବାଦୀ ଗିରଫ

**ଶ୍ରୀନଗର,୧୬।୧(ପି.ଟି.)**



**ସାଧାରଣତନ୍ତ୍ର ଦିବସରେ ଥିଲା ଆକ୍ରମଣ ଯୋଜନା**
**ବିପୁଳ ବିସ୍ଫୋରକ ଜବତ**
**ଲଶ୍କର ସହଯୋଗୀ ଗିରଫ**

ସାଧାରଣତନ୍ତ୍ର ଦିବସରେ ହେବାକୁ ଥିବା ବଡ଼ ଆତଙ୍କବାଦୀ ଆକ୍ରମଣକୁ ପୋଲିସ ପଣ୍ଡ କରିବାରେ ସମର୍ଥ ହୋଇଛି। ଏଥିସହ ୫ ଜୈଶ୍-ଇ-ମହମ୍ମଦ(ଜେଇଏମ୍) ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଆତଙ୍କବାଦୀମାନେ ହେଲେ ଇଜାଜ୍ ଅହମଦ ଶେଖ୍, ଉମର ହମିଦ ଶେଖ୍,ଇମ୍‌ତିୟାଜ୍ ଅହମଦ ଚିକ୍‌ଲା, ସାହିଲ ଫାରୁକ୍ ଗୋଜ୍‌ରି ଓ ନାସୀର ଅହମଦ ମିର। ଏମାନଙ୍କଠାରୁ ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି। ଡେଟୋନେଟର, ଓ୍ୱାକି ଟକିଜ୍, ବଲ୍ ବିୟରିଂ, ଜିଲେଟିନ ଷ୍ଟିକ୍, ନାଇଟ୍ରିକ୍ ଏସିଡ୍ ବଟଲ, ଆତ୍ମଘାତୀ ବିସ୍ଫୋରଣ ଲାଗି ଉଦ୍ଦିଷ୍ଟ ପଦାର୍ଥ ଆଦି ମଧ୍ୟ ପୋଲିସ ଜବତ କରିଛି।

ଅନ୍ୟପକ୍ଷରେ ପୁଲଓ୍ୱାମାରେ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନର ସହଯୋଗୀ ଇସ୍‌ଫାକ ଅହମଦ ଦର ଓରଫ ମାହିଦ୍‌ଙ୍କୁ ପୋଲିସ ଗିରଫ କରିଛି। ସଙ୍ଗଠନର ସକ୍ରିୟ ଆତଙ୍କବାଦୀମାନଙ୍କୁ ସେ ସହଯୋଗ କରିଆସୁଥିଲେ ବୋଲି ପୋଲିସ ମୁଖପାତ୍ର ସୂଚନା ଦେଇଛନ୍ତି। ୩୭୦ ଉଚ୍ଛେଦ ପରଠାରୁ ବଡ଼ ଆକ୍ରମଣ ଲାଗି ଆତଙ୍କବାଦୀମାନେ ଯୋଜନା କରିଆସୁଥିବାବେଳେ ସେମାନଙ୍କ ଯୋଜନା ବିଫଳ ହେବାରେ ଲାଗିଛି। ଜମ୍ମୁ-କଶ୍ମୀରରେ ସରକାର ଲଗାଇଥିବା କଟକଣା କୋହଳ କରିବା ସହ ସମ୍ପୂର୍ଣ୍ଣ ଉଠାଇବା ଲାଗି ପ୍ରୟାସ ଆରମ୍ଭ କରିଥିବାବେଳେ ଏଭଳି ଘଟଣା ସାମ୍ନାକୁ ଆସିଛି। ସାଧାରଣତନ୍ତ୍ର ଦିବସକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଶ୍ରୀନଗର ସମେତ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

**ଆଉ ଦୁଇଦିନ କୁହୁଡ଼ି**

ଭୁବନେଶ୍ୱର,୧୬।୧(ବ୍ୟୁରୋ): ରାଜ୍ୟରେ ଥଣ୍ଡା କମିଯାଇଛି। ମାତ୍ର କୁହୁଡ଼ି ବୃଦ୍ଧି ପାଇଛି। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ଘନକୁହୁଡ଼ି ଜୀବନଯାତ୍ରାକୁ ପ୍ରଭାବିତ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶା ସମେତ ଅନୁଗୋଳ, ମୟୂରଭଞ୍ଜ, କଳାହାଣ୍ଡି, କୋରାପୁଟ, କେନ୍ଦୁଝର ଏବଂ ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୯ ତାରିଖରୁ ପାଗ ଶୁଖିଲା ରହିବା ସହ ରାତିର ତାପମାତ୍ରା ବୃଦ୍ଧି ପାଇବ। ୨୩ରୁ ପାରଦ ପୁଣି ତଳକୁ ଖସିବ ବୋଲି ଅନୁମାନ କରାଯାଇଛି।

**ପାଠିକା / ପାଠକଙ୍କ ପାଇଁ ସୂଚନା**

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ଦିଆଯାଇଥିବା ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

୯୪୩୭୦୦୯୪୪୧
୮୯୦୮୧୫୭୧୭୦

# ସହମତିରେ ସମୀର ଭାଜପା ରାଜ୍ୟ ସଭାପତି

ଭୁବନେଶ୍ୱର,୧୬।୧(ବ୍ୟୁରୋ)

## ଆଜି ବିଧିବଦ୍ଧ ଘୋଷଣା, ଦାୟିତ୍ୱ ଗ୍ରହଣ



ସମୀର ମହାନ୍ତି

ଭାଜପା ରାଜ୍ୟ ସଭାପତି ପଦବୀକୁ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ସଭାପତି ଦୌଡ଼ରେ ଥିବା ସବୁ ନେତାଙ୍କୁ ବାଦ୍ ଦେଇ ସହମତି ଭିତ୍ତିରେ ବରିଷ୍ଠ ନେତା ସମୀର ମହାନ୍ତି ଏହି ପଦବୀ ହାତେଇଛନ୍ତି। ଦଳର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନରେନ୍ଦ୍ର ସିଂ ତୋମାର ରାଜ୍ୟ ସଭାପତି ଭାବେ ସମୀରଙ୍କ ନାମ ଘୋଷଣା କରିଛନ୍ତି। ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ। ଗୁରୁବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ସଭାପତି ପଦ ପାଇଁ ସମୀର ଏକମାତ୍ର ପ୍ରାର୍ଥୀ ହୋଇଥିଲେ। ତେଣୁ ଭୋଟର କୌଣସି ଆବଶ୍ୟକତା ପଡିଲା ନାହିଁ। ଯଦି ଆଉ କେହି ପ୍ରାର୍ଥିପତ୍ର ଦାଖଲ କରିଥାଆନ୍ତେ, ତେବେ ୧୭ ତାରିଖରେ ଭୋଟ ପ୍ରକ୍ରିୟା ହେବା ସହିତ ନୂଆ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥାଆନ୍ତା। ଯେହେତୁ ସହମତି ଭିତ୍ତିରେ ଏକମାତ୍ର ପ୍ରାର୍ଥୀ ଭାବେ ସମୀରଙ୍କ ନାମରେ ମୋହର ବାଜିଲା, ତେଣୁ ଗୋଟିଏ ଦିନ ଆଗରୁ ଏହି ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ଟାଣି ଦିଆଯାଇଛି। ଅନ୍ୟପଟେ ଦଳର ସାମ୍ବିଧାନିକ ନିୟମାନୁଯାୟୀ ସମୀରଙ୍କ ନାମ ଶୁକ୍ରବାର ବିଧିବଦ୍ଧ ଭାବେ ଘୋଷଣା କରାଯିବ। ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂ କିମ୍ବା ରାଜ୍ୟ ନିର୍ବାଚନ ଅଧିକାରୀ ରଞ୍ଜନ ପଟେଲଙ୍କ ଦ୍ୱାରା ପୂର୍ବାହ୍ନ ୧୧ଟାରେ ଘୋଷଣା କରାଯିବ। ଏହାପରେ ବସନ୍ତ ପଣ୍ଡାଙ୍କଠାରୁ ସମୀର ସଭାପତି ଦାୟିତ୍ୱ ଗ୍ରହଣ କରିବେ।

ସୂଚନାଯୋଗ୍ୟ, ୨୦୦୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଲଗାତର ପଶ୍ଚିମ ଓଡ଼ିଶା ନେତାଙ୍କ ହାତରେ ଦଳର ସଭାପତି ପଦ ରହିଆସୁଥିଲା। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନରେ ପଶ୍ଚିମ ଓଡ଼ିଶାରେ ଭାଜପା ଭଲ ପ୍ରଦର୍ଶନ କରିବା ପରେ ଏଥର ସଭାପତି ପଦବୀରେ ଉପକୂଳ ଅଞ୍ଚଳର କୌଣସି ନେତାଙ୍କୁ ଦାୟିତ୍ୱ ମିଳିପାରେ ବୋଲି ଚର୍ଚ୍ଚା ଚାଲିଥିଲା। ସମୀରଙ୍କୁ ଦାୟିତ୍ୱ ମିଳିବା ପରେ ଏହା ସତ ହୋଇଛି। ସମୀର ୧୯୭୭ରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଭୁବନେଶ୍ୱର ୟୁନିଟ୍‌ର ଯୁଗ୍ମ ସଚିବ ଭାବେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୩ରେ ସେ ଭାଜପାରେ ଯୋଗଦେଲେ। ୧୯୮୪-୮୫ ପର୍ଯ୍ୟନ୍ତ ସମୀର ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ରହିଥିଲେ। ୧୯୯୫-୨୦୦୦ ପର୍ଯ୍ୟନ୍ତ ସେ ଭାଜପାର ଭୁବନେଶ୍ୱର ଜିଲା ଉପସଭାପତ, ୨୦୦୦-୨୦୦୫ ଯାଏ ୪ ସାଙ୍ଗଠନିକ ଜିଲା ଦାୟିତ୍ୱ ଏବଂ ୨୦୦୯ରେ ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ହୋଇଥିଲେ। ଏହାପରେ ସେ ବିଭିନ୍ନ ଜିଲାର ପ୍ରଭାରୀ ଏବଂ ଦଳର ମୁଖପାତ୍ର ରହିସାରିଛନ୍ତି। ବର୍ତ୍ତମାନ ସେ ଦଳର ରାଜ୍ୟ ଉପସଭାପତି ଦାୟିତ୍ୱରେ ଥିଲେ।

ରାଜ୍ୟ ସଭାପତି ପଦ ପାଇଁ ସହମତି ଭିତ୍ତିରେ ପ୍ରାର୍ଥୀ ଚୟନ ଲାଗି ଦଳୀୟ ନେତାମାନଙ୍କ ମଧ୍ୟରେ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ପ୍ରାପ୍ତ ସୂଚନା ମୁତାବକ, ଦଳର ବହୁ ନେତା ସମୀରଙ୍କ ପ୍ରାର୍ଥିତ୍ୱକୁ ନେଇ ସହମତି ପ୍ରକାଶ କରି ନ ଥିଲେ। ଏପରିକି ଦଳର କେତେଜଣ ଏମ୍‌ପି ଏବଂ ବିଧାୟକ ମଧ୍ୟ ଏଥିରେ ରାଜି ହୋଇ ନ ଥିବା ଚର୍ଚ୍ଚା ହେଉଥିଲା। କିନ୍ତୁ କେନ୍ଦ୍ରୀୟ ନେତୃତ୍ୱ ସମୀରଙ୍କ ନାମରେ ମୋହର ଲଗାଇବା ପରେ ସବୁକିଛି ଚୂଡ଼ାନ୍ତ ହୋଇଥିଲା। ଏହି ସମୟରେ ରାଜ୍ୟ କାର୍ଯ୍ୟାଳୟଠାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ଧର୍ମେନ୍ଦ୍ର ପ୍ରଧାନ, ସଙ୍ଗଠନ ସମ୍ପାଦକ ସୌଦାନ ସିଂ, ଦୁଇ ପର୍ଯ୍ୟବେକ୍ଷକ ନରେନ୍ଦ୍ର ସିଂ ତୋମାର, ରାଜୀବ ପ୍ରତାପ ରୁଡ୍ଡୀ, ଅପରାଜିତା ଷଡ଼ଙ୍ଗୀ, ରାଜ୍ୟ ପ୍ରଭାରୀ ଅରୁଣ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ୨୧ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ୨୨ ଜଣ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ମଧ୍ୟ ସରିଛି।







**କିଛି ତଥ୍ୟ**
ଚଳିତ ଆର୍ଥିକ ବର୍ଷ ଡିସେମ୍ବରରେ ଦେଶର ପାମ୍ ଅଏଲ୍ ଆମଦାନୀ ୮% ହ୍ରାସ ଘଟି ୭.୪୧ ଲକ୍ଷ ଟନ୍ ରହିଛି।
– ସଲ୍‌ଭେଣ୍ଟ ଏକ୍ସଟ୍ରାକ୍ଟର ଆସୋସିଏଶନ

**ଆଜିର ମନ୍ତବ୍ୟ**
ୟୁଏନ୍‌ଏସ୍‌ସିରେ କଶ୍ମୀର ପ୍ରସଙ୍ଗ ଉଠାଇବା ବଦଳରେ ଅତୀତରୁ ଶିକ୍ଷା ନେଉ ଚାଇନା।
– ରବୀଶ କୁମାର, ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର




**ଜନ୍ମଦିନର ଶୁଭେଚ୍ଛା**
ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ଆନ୍ନି
ପରିବାରବର୍ଗ


ପ୍ରତିଭାରାଣୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରଥମ ଦିନରେ ୧୫୪୫ ବ୍ୟବସାୟିକ ପ୍ରତିଷ୍ଠାନର ବିଦ୍ୟୁତ୍ ବିଚ୍ଛିନ୍ନ ହେଲା

## ବକେୟା ବିଦ୍ୟୁତ୍ ବିଲ୍ ପଇଠ ନ କରିବା ମହଙ୍ଗା ପଡ଼ିଲା

### ଆଦାୟ ହେଲା ୫.୩୮ କୋଟି

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ପୂର୍ବ ଘୋଷଣା ଅନୁଯାୟୀ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ) ଗୁରୁବାର ୧୫୪୫ ବ୍ୟବସାୟିକ ପ୍ରତିଷ୍ଠାନରୁ ବିଦ୍ୟୁତ୍ ବିଚ୍ଛିନ୍ନ କରିଛି। ବକେୟା ବିଦ୍ୟୁତ୍ ବିଲ୍ ପଇଠ କରି ନ ଥିବାରୁ ସେମାନଙ୍କ ବିଦ୍ୟୁତ୍ କାଟ କରାଯାଇଛି ବୋଲି ସେସୁ ପକ୍ଷରୁ କୁହାଯାଇଛି। ପ୍ରଥମ ଦିନରେ ବିଦ୍ୟୁତ୍ ବିଚ୍ଛିନ୍ନ କରିବାକୁ ସେସୁ ଗଠନ କରିଥିବା ୫୩୩ ସ୍ୱତନ୍ତ୍ର ସ୍କ୍ୱାଡ୍ ୨୪୭ ସେକ୍ସନ ଅଧୀନରେ ଥିବା ୧୩,୪୧୧ ବ୍ୟବସାୟିକ ପ୍ରତିଷ୍ଠାନକୁ ଯାଇଥିଲେ। ସେଥିରୁ ୧୫୪୫ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିବା ବେଳେ ୫.୩୮ କୋଟି ଟଙ୍କା ଆଦାୟ କରାଯାଇଛି ବୋଲି ସେସୁ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି। ଏହାଛଡ଼ା ସେସୁ ୩୯୭୧ ଉପଭୋକ୍ତାଙ୍କ ଠାରୁ ବିଲ୍‌ରେ ତ୍ରୁଟିଥିବା ନେଇ ଆପତ୍ତି ପାଇଛି। ୨୦୧୯ ଡିସେମ୍ବର ୧୦ ତାରିଖରେ ସେସୁ କର୍ତ୍ତୃପକ୍ଷ ବକେୟା ବିଦ୍ୟୁତ୍ ବିଲ୍ ପଇଠ ନ କଲେ ୨୦୨୦ ଜାନୁୟାରୀ ୧୬ ତାରିଖରୁ ଲାଇନ କଟାଯିବ ବୋଲି ଘୋଷଣା କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ସୁପରଫାଷ୍ଟ ଏକ୍ସପ୍ରେସ୍...

ହୋଇ ରହିଥିଲା। କୁହୁଡ଼ି ଯୋଗୁ ଏକ୍ସପ୍ରେସ୍ ଟ୍ରେନ୍‌ର ଲୋକୋ ପାଇଲଟ୍ ଦେଖିପାରି ନ ଥିଲେ। ଫଳରେ ଏକ୍ସପ୍ରେସ୍ ଟ୍ରେନ୍‌ଟି ମାଲ୍‌ଗାଡି ପଛରେ ଥିବା ଗାର୍ଡ ବଗିକୁ ଧକ୍କା ଦେଇଥିଲା। ଏଥିରେ ଏକ୍ସପ୍ରେସ୍ ଟ୍ରେନ୍‌ର ୮ଟି ବଗି ଲାଇନଚ୍ୟୁତ ହୋଇଥିଲା। ଦୁର୍ଘଟଣା ଘଟିବା ଖବର ଶୁଣି ସ୍ଥାନୀୟ ଲୋକେ ତୁରନ୍ତ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଟାଙ୍ଗୀ ପୋଲିସ, ଅଗ୍ନିଶମ ବିଭାଗ, ସ୍ଥାନୀୟ ଅଞ୍ଚଳର ଯୁବକ ସଂଘ, ଗ୍ରାମବାସୀ ଓ ଆଖପାଖ ବିଭିନ୍ନ କ୍ଲବର କର୍ମକର୍ତ୍ତାମାନେ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ମେଡିକାଲକୁ ପଠାଇଥିଲେ। ଏଥିସହ ଅନ୍ୟ ଯାତ୍ରୀମାନଙ୍କୁ ବସ୍‌ରେ ଘରକୁ ପଠାଇବାର ବ୍ୟବସ୍ଥା କରିଥିଲେ। ଦୁର୍ଘଟଣାର ୨ଘଣ୍ଟା ପରେ ରେଳ ବିଭାଗର ୪ଟି ବଗି ବିଶିଷ୍ଟ ଏକ ମେଣ୍ଟେନାନ୍ସ ଟ୍ରେନ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରେନ୍ ବଗି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଗୁରୁବାର ସକାଳୁ ଏହି ଟ୍ରାକ୍ (ଶାଳଗାଁ-ନିର୍ଗୁଣ୍ଡି ଅପ୍ ଲାଇନ)ରେ ରେଳ ଚଳାଚଳ ବନ୍ଦ ରହିଛି। ଏହି ରେଳପଥ ଦେଇ ଚଳାଚଳ କରିବାକୁ ଥିବା ଟ୍ରେନ୍‌ଗୁଡ଼ିକୁ ଭାୟା ନରାଜ ଦେଇ ଗତିପଥ ବଦଳାଯାଇଛି।

# ଆଜି ଆଇଏଏସ୍ ଅଫିସର ସମ୍ମିଳନୀ

### ପ୍ରସ୍ତୁତ ହେବ ୫ ବର୍ଷିଆ ରୋଡ୍‌ମ୍ୟାପ

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସରକାରୀ ସେବା ବ୍ୟବସ୍ଥାକୁ କିପରି ଅଧିକ ଉନ୍ନତ କରାଯାଇପାରିବ ସେ ନେଇ ପ୍ରଥମଥର ଲାଗି ଶୁକ୍ରବାର ରାଜ୍ୟ ସରକାରଙ୍କ ବରିଷ୍ଠ ଆଇଏଏସ୍ ଅଧିକାରୀମାନଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହେବ। ନିକଟରେ ନୂଆକରି ଉଦ୍‌ଘାଟିତ ହୋଇଥିବା ଲୋକସେବା କନ୍‌ଭେନସନ ସେଣ୍ଟରଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ଦିନତମାମ ଚାଲିବାକୁ ଥିବା ଏହି ବୈଠକରେ ଆସନ୍ତା ୫ବର୍ଷ ପାଇଁ ସରକାରୀ ସେବାକୁ ଅଧିକ କ୍ରିୟାଶୀଳ କରିବା ନେଇ ରୋଡମ୍ୟାପ ପ୍ରସ୍ତୁତ ହେବ।

ମିଳିଥିବା ସୂଚନା ଅନୁଯାୟୀ ୬ ଜଣ ଆଇଏଏସ୍ ଅଫିସରଙ୍କୁ ନେଇ ଗୋଟିଏ ଲେଖାଏ ଗ୍ରୁପ ଗଠନ କରାଯାଇଛି। ପ୍ରତ୍ୟେକ ଗ୍ରୁପ ନିଜର ଆଭିମୁଖ୍ୟ ଉପସ୍ଥାପନ କରିବେ। ସେହିପରି ଜିଲାପାଳମାନେ ମଧ୍ୟ ୫ଟି ଦଳରେ ବିଭକ୍ତ ହୋଇ ଜିଲାସ୍ତରୀୟ ଉନ୍ନୟନ କାର୍ଯ୍ୟର ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ସେମାନେ ସମ୍ମିଳନୀରେ ଏହାକୁ ଉପସ୍ଥାପନ କରିବେ। ଏହି ସମ୍ମିଳନୀକୁ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର ସମ୍ବୋଧିତ କରିବେ। ସମ୍ମିଳନୀରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା, ଉଚ୍ଚଶିକ୍ଷା, କୃଷି, ମହିଳା ସଶକ୍ତୀକରଣ, ମିଶନ୍ ଶକ୍ତି, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ବିଷୟରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟର ସମସ୍ତ ଜିଲାପାଳ ଓ ଆଇଏଏସ୍ ଅଫିସର ଏହି ସମ୍ମିଳନୀରେ ଯୋଗଦେବେ।

# ବଦଳିବେନି ପିସିସି ସଭାପତି: ଜିତେନ୍ଦ୍ର

ଭୁବନେଶ୍ୱର,୧୬।୧(ବ୍ୟୁରୋ)


କଂଗ୍ରେସ ଭବନରେ ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂ, ସଭାପତି ନିରଞ୍ଜନ ପଟ୍ଟନାୟକ ଓ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ପରିବର୍ତ୍ତନ କରିବାକୁ ନେଇ ଦଳରେ ଦେଖାଦେଇଥିବା ବିବାଦ ଥମୁନାହିଁ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ଗୋଟିଏ ଗୋଷ୍ଠୀ ଭାଗଭାଗ ହୋଇ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟରେ ଅଭିଯୋଗ କରି ଆସିଥିଲେ। ସେହି ଗୋଷ୍ଠୀ ଗୁରୁବାର ଦଳର ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ନିରଞ୍ଜନଙ୍କ ବିରୋଧରେ ମେଳି ବାନ୍ଧିଥିଲେ। ଗୋଟିଏପଟେ ଦଳୀୟ କାର୍ଯ୍ୟାଳୟରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ ନିରଞ୍ଜନଙ୍କ ଅଧ୍ୟକ୍ଷତାରେ ୨୦୧୯ ସାଧାରଣ ନିର୍ବାଚନ ଫଳାଫଳକୁ ନେଇ ୪ଜିଲା ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର ଏବଂ ମୟୁରଭଞ୍ଜର ସମୀକ୍ଷା କରାଯାଇଛି। ଏହି ସମୟରେ ନିରଞ୍ଜନଙ୍କ ବିରୋଧୀ ଗୋଷ୍ଠୀ ପ୍ରଭାରୀଙ୍କୁ ଭେଟି ସଭାପତି ପରିବର୍ତ୍ତନ ଦାବି ରଖିଥିଲେ। ମାତ୍ର ଦଳର ସମସ୍ତ ସାଙ୍ଗଠନିକ ସ୍ତରରେ ଆମୂଳଚୂଳ ପରିବର୍ତ୍ତନ ହେବାକୁ ଥିବାବେଳେ ସଭାପତି ପରିବର୍ତ୍ତନ ହେବନାହିଁ ବୋଲି ପ୍ରଭାରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଆସନ୍ତା ଦିନରେ ରାଜ୍ୟରେ ପୁନର୍ବାର କଂଗ୍ରେସର ସ୍ଥିତି ଏବଂ ମୂଳଦୁଆକୁ ମଜଭୁତ କରିବାକୁ ସାଙ୍ଗଠନିକ ପରିବର୍ତ୍ତନ ହେବ। ଜିଲାସ୍ତରରେ ସଭାପତି ଚୟନ କ୍ଷେତ୍ରରେ ଯୁବକଙ୍କୁ ବିଶେଷ ପ୍ରାଧାନ୍ୟ ଦିଆଯିବ। ସେହି ଅନୁଯାୟୀ ଆମେ କାର୍ଯ୍ୟ କରୁଛୁ। ଯେଉଁମାନେ ଦଳ ବିରୋଧରେ କିଛି ଅଭିଯୋଗ ଆଣୁଛନ୍ତି ସେମାନେ ଉପଯୁକ୍ତ ମାଧ୍ୟମରେ କୁହନ୍ତୁ। ବାହାରେ ଯେପରି ଗଣମାଧ୍ୟମ ଆଗରେ କହି ଦଳର କ୍ଷତି ନ କରନ୍ତୁ। ଯେଉଁମାନେ ବିଶୃଙ୍ଖଳା କରିବେ ସେମାନଙ୍କ ବିରୋଧରେ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଆଗକୁ ମଧ୍ୟ ନିଆଯିବ ବୋଲି ଜିତେନ୍ଦ୍ର କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ର ରାଶ୍ୟାଧିପ ମଙ୍ଗଳ ନକ୍ଷତ୍ରସ୍ଥ ହୋଇ ତୃତୀୟ ଏକାଦଶସ୍ଥ କାରଣରୁ ମନ ଅନୁଯାୟୀ କୌଣସି କାମ ହୋଇପାରିବ ନାହିଁ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ସତ ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ। ଅଧ୍ୟାପନା, ଆନୁଷ୍ଠାନିକ କାମ, ପ୍ରଶାସନିକ ସେବା,କ୍ରୀଡ଼ା ଓ ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ**
ଶନିଦୃଷ୍ଟ ତୃତୀୟାଧିପ ଯୋଗୁ ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ କାମକରି ନୈରାଶ୍ୟଯୁକ୍ତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ, ମାତ୍ର ତାହା ନିଜ ସପକ୍ଷରେ ଯିବାର ସମ୍ଭାବନା ରହିଛି। କଳା, ସଙ୍ଗୀତ, ସାହିତ୍ୟ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ ତଥାପି ସମସ୍ୟାବହୁଳ ହୋଇପାରେ। ଯାତ୍ରା ସମୟରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମିଥୁନ**
କେନ୍ଦ୍ରସ୍ଥ ଧନାଧିପ ଆର୍ଥିକ ଅଭିବୃଦ୍ଧି, ବନ୍ଧୁ ସମ୍ପର୍କ ଓ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଦିଗରେ ପ୍ରେରିତ କରିପାରନ୍ତି। ଈର୍ଷାପରାୟଣ ନିକଟ ସମ୍ପର୍କୀୟମାନେ ଆପଣଙ୍କ ଭଲ କାମକୁ ନ ଦେଖି ଦୋଷତ୍ରୁଟି ଗାଇ ବୁଲିବେ। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଜାଗ୍ରତ ହୋଇପାରେ।

**କର୍କଟ**
ଗ୍ରହସ୍ଥିତି କେତେକାଂଶରେ ଭଲ ଥିବାରୁ କୌଣସି ନୂତନ ପାଇଁ ଯୋଜନା କରିପାରନ୍ତି। ଦୀର୍ଘମିଆଦୀ ସୂତ୍ରରେ ହାତକୁ ନେଇଥିବା କାମ ସୁରୁଖୁରୁରେ ସମ୍ପନ୍ନ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ବାଣିଜ୍ୟ, ବ୍ୟବସାୟରେ ସଫଳତା ମିଳିବ କିନ୍ତୁ ଋଣଭାରର ମାନସିକ ଚାପ ବୃଦ୍ଧି ପାଇବ। ଘରର ବରାଦ ଅନୁଯାୟୀ ବିଳାସ ଉପକରଣ କିଣିପାରନ୍ତି।

**ସିଂହ**
ଦ୍ୱାଦଶ ସ୍ଥାନକୁ ରବିଙ୍କ ଦୃଷ୍ଟି ଖର୍ଚ୍ଚ ବୃଦ୍ଧି, ଆକସ୍ମିକ ଯାତ୍ରା ସାଙ୍ଗକୁ ବନ୍ଧୁଙ୍କ ସହ ସୁସମ୍ପର୍କ ସ୍ଥାପନ ଦିଗରେ ସହାୟକ ହେବ। ବାରମ୍ବାର ଚେଷ୍ଟାକରି ମଧ୍ୟ ନିର୍ଦ୍ଦିଷ୍ଟ ସ୍ଥାନରୁ ଅର୍ଥପ୍ରାପ୍ତି ସକାଶେ ଉଚ୍ଚ ଆଶା କରି ନିରାଶ ହେବେ। ପରିସ୍ଥିତିବଶତଃ ଆପଣ କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି।

**କନ୍ୟା**
ଶୁକ୍ର ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ପ୍ରଭାବରେ ହାତକୁ ଆସିଥିବା ଅର୍ଥ ପର ମୁହୂର୍ତ୍ତରେ ହରାଇପାରନ୍ତି। କର୍ମକ୍ଷେତ୍ରରେ କୌଣସି ଏକ ସାଧାରଣ ବିତର୍କକୁ ନେଇ ଆଜିର ଅପରାହ୍ନରେ ଜଣେ ମହିଳା ଆପଣଙ୍କ ଉପରେ ଖୁବ୍ ଅସନ୍ତୁଷ୍ଟ ହେବେ। ମାଲିମକଦ୍ଦମାର ବିଚାର ଆପଣଙ୍କ ସପକ୍ଷରେ ଯିବାର ସମ୍ଭାବନା ରହିଛି।

**ତୁଳା**
ମଙ୍ଗଳଙ୍କ ପ୍ରଭାବରେ ଆପଣଙ୍କ ବ୍ୟବହାର କଠୋର ହୋଇପାରେ। ବିଭିନ୍ନ ସମସ୍ୟାରେ ଜଡ଼ିତ କାରଣରୁ ଯେତେ ପ୍ରକାର ସାବଧାନତା ଅବଲମ୍ବନ କଲେ ମଧ୍ୟ କାମଗୁଡ଼ିକ ମଧ୍ୟ ଶୃଙ୍ଖଳିତ ହେବ ନାହିଁ। ମାନସିକ ଅସ୍ଥିରତା ଲାଗି ରହିବ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ଦେଖାଦେଇପାରେ।

**ବିଛା**
ସ୍ୱାସ୍ଥ୍ୟ ସମସ୍ୟା ବହୁଳାଂଶରେ ନିୟନ୍ତ୍ରଣାଧୀନ ରହିବ। କର୍ମକ୍ଷେତ୍ରରେ ଆପଣଙ୍କର କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ବୟସ୍କ ବ୍ୟକ୍ତି ଜଣେ ଅସନ୍ତୋଷ ପ୍ରକାଶ କରିପାରନ୍ତି। କିଣାବିକା କ୍ଷେତ୍ରରେ କିମ୍ବା ଜମିଜମା କାରବାରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ଘରୋଇ ବିତର୍କରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି।

**ଧନୁ**
ପାପଗ୍ରହ ରାଶିସ୍ଥ ଯୋଗୁ ବିଭିନ୍ନ ପ୍ରକାର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହି ନ ପାରେ। ଅସାବଧାନତା କାରଣରୁ କିମ୍ବା ଅନ୍ୟମନସ୍କ ହେତୁ ଧନହାନି, କଳହ, ପ୍ରତାରଣା ଓ ଶାରୀରିକ ଆଘାତ ପାଇବାର ସମ୍ଭାବନା ରହିଛି। ପଡ଼ୋଶୀଙ୍କ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ପଡ଼ିବ।

**ମକର**
ଷଡ଼ାଷ୍ଟକ ଗ୍ରହଙ୍କ ରାଶ୍ୟାବସ୍ଥାନ ମନରେ ବିବାଦୀୟ ଚିନ୍ତା କରିବେ। ବ୍ୟବସାୟରେ ସଫଳତା, ଯାତ୍ରାରେ ଆଶା ପୂରଣ ହେତୁ ଖୁସି ରହିବେ। କର୍ମକ୍ଷେତ୍ରରେ ମଧ୍ୟ ପୃଷ୍ଠପୋଷକତା ଲାଭକରି ଉଚ୍ଚ ଚିନ୍ତା କରିବେ ଏବଂ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ପରିବାରରେ ଭୁଲ୍ ବୁଝାମଣା କାରଣରୁ ଆତ୍ମୀୟମାନଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

**କୁମ୍ଭ**
ରାଶିରେ ଶୁକ୍ରଙ୍କ ସ୍ଥିତିରୁ ସାହାଯ୍ୟ, ସହଯୋଗ ମାଧ୍ୟମରେ କାର୍ଯ୍ୟସିଦ୍ଧି ସାଙ୍ଗକୁ ନୂତନ କର୍ମାରମ୍ଭ ଦିଗରେ ମନୋନିବେଶ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ତ ସୁବିଧା ଥିଲେ ମଧ୍ୟ ହାତକୁ ନେଇଥିବା କାମଟି ବିଳମ୍ବରେ ଓ ବହୁ କଷ୍ଟରେ ସମ୍ପନ୍ନ ହେବ। ପୂର୍ବର କେତେକ ବିବାଦୀୟ କଥାକୁ ମନେପକାଇ ଆତ୍ମୀୟସ୍ୱଜନ ଦୂରେଇଯିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ**
ଧନ ଭାଗ୍ୟାଧିପ ମଙ୍ଗଳଙ୍କ ସୁପ୍ରଭାବରେ ଯାହା ଚିନ୍ତା କରୁଛନ୍ତି ତାହା ଅଚିରେ ପୂରଣ ହୋଇଯିବ। ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ ଏବଂ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରେ କୌଣସି ଅସୁବିଧା ରହିବ ନାହିଁ। ଜଣେ ଅଜଣା ବନ୍ଧୁଙ୍କ ସାହାଯ୍ୟ ସବୁଦିନ ସକାଶେ ସ୍ମରଣୀୟ ରହିଯାଇପାରେ। କର୍ମକ୍ଷେତ୍ରରେ ମଧ୍ୟ ଅପ୍ରିୟ ସତ୍ୟଭାଷଣରୁ ଦୂରେଇ ରହିବା ଭଲ ହେବ।

ଆଜି ଜାନୁୟାରୀ ୧୭ ତାରିଖ, ମାଘ କୃଷ୍ଣ ସପ୍ତମୀଯୁକ୍ତ ଅଷ୍ଟମୀ ଶୁକ୍ରବାର, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଘ୬।୧୭ମି. ଗତେ ବିବାହ ଦିବା ଘ୭।୫୬ମି. ମଧ୍ୟେ ଘ୮।୩୯ମି. ଗତେ, ଘ୧୦।୫୦ମି. ମଧ୍ୟେ ଅମୃତବେଳା। ଦିବା ଘ୭।୫୨ମି. ଗତେ ଘ୯।୧୫ମି. ମଧ୍ୟେ, ଘ୧୦।୦୨ମି. ଗତେ ଘ୧।୨୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୩୪ମି. ଗତେ ଘ୧୧।୫୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

## real estate

### SALE

ସୁନ୍ଦରପଦା Hitech backside 30'road electricity yellowzone plot ବିକ୍ରିହେବ। 7894216209. D-68465

Jagatpur (Bhairapur) ଠାରେ ମେନ୍‌ରୋଡ୍ ଠାରୁ 200 ମିଟର ଦୂରତାରେ ଘରବାରି plot sqft. ୪୫୦ଟଙ୍କାରେ ମିଳୁଅଛି (Registration, Mutation, Boundary wall ସହିତ) 8480957388, 8480957368. D-16210

ଛତାବର ଘରବାରି ପାଚେରି ପ୍ଲଟ 6000sqft. 39,00,000/-, IIT Argul Railway station 4000sqft. 6,00,000/-, 9861281504. D-68540

Plot sale near AIIMS Hospital, Bhubaneswar, Contact: 8280037688, 8480745797, 8480612300. D-68467

୩୦' ରାସ୍ତାଥାଇ boundary ସହିତ ଘରବାରି ପ୍ଲଟ୍ ଗୁଡିଆପୋଖରୀ ନିକଟରେ କିଣନ୍ତୁ। 9937166932. D-68539

Fully developed gated community advance boundary wall with electricity, gharabari plot sale Gudiapokhari near KEC College, Bhubaneswar. 8763887357, 9438331183. D-68468

ଭୁବନେଶ୍ୱର New Rly Station ପାଖରେ Yellow zone plot ମିଳୁଛି। 6371406921. D-16190

ଭୁବନେଶ୍ୱର ଜଟଣୀ ଗେଟ୍ ଠାରେ Sqft.200/-, ବାଳକାଟି ବଜାରରୁ 2k.m Sqft.550/- (ଘରବାରି) କଟକ ତ୍ରିଶୁଳିଆରୁ 4k.m Sqft.300/-ରେ ପ୍ଲଟ୍ ମିଳୁଛି। 9348020724, 7978939440. D-68472

213 Decml yellowzone gharabari sthitiban plot on 60ft. road, close to 200ft. wideroad, Mouza- Sundarpur, Bhubaneswar. Contact Owner: 9338342502. D-68959

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-16225

ଭୁବନେଶ୍ୱର New Southcityରେ Infocity-II, New Airport, NH-5 ପାଖାପାଖି ସଙ୍ଗେସଙ୍ଗେ ଘରୋପଯୋଗୀ ଘରବାରି ପ୍ଲଟ୍ ମିଳୁଛି। 9348906056. D-68470

Bhubaneswar Patia Rlystationରୁ 1.5km. ବାସୋପଯୋଗୀ plot 1200 ବର୍ଗଫୁଟକୁ 6,60,000/-ରେ ମିଳୁଅଛି। 8249005131, 9583328312. D-68469

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851. D-68471

ଭୁବନେଶ୍ୱର Tata Motor frontରେ 30' Road, Electric poll ସହିତ plot ବିକ୍ରି ହେଉଛି। 9439101373, 7077213675. D-16195

Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826. D-16175

Gharabari plots with boundary wall at Balianta, 4.0Km. from Hanspal. 9437277532. D-16194

Ready to move flat 2BR/3BR/4BR at Canal Road Jharpada with all modern facilities & well maintained society. Contact: 8908300260, 9437556876, Email- decor.realty@yahoo.in, Office: A/110, Saheed Nagar. D-16228

ସୁନ୍ଦରପଦା- ଜଟଣୀ ରୋଡ ପ୍ରଧାନ ସାହି ଏବଂ ଜାମୁକୋଳିରେ ୩୦ଫୁଟ ରୋଡଥାଇ ଘରବାରି ପୋଜେସନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- 7205504254, 7978554467. D-67528

For sale ready infrastructure with land about 0.80 acre, factory shed about 9000 sqft. & residential quarters about 3000 sqft. available with electric and water connection adjoining NH in Balasore. All construction with mosaic flooring. Reasonable rate genuine parties please contact: 9937090690. D-16226

### PURCHASE

Required used 1/2/3 BHK flats, Duplexes, Simplexes for Akankshya group, 7978736177. D-68229

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## construction

Construct your home with branded materials just @ 1350/- onwards, core house 850/-. For more details: 9438315332, 8249485093. D-16181

### GENERAL

#### PURCHASE

Packing/ processing machine required, food product, dry, semisolid liquid. 9437008388. D-68328

## to-let

3BHK with parking for families only, near AMRI Hospital, Kolathia. Contact No. 9348534277. D-16211

## packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-16087

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## healthcare

Rejuvenate and ayurvedic full body massage by smart therapist. 9114402304. D-68946

Full body herbal massage with refreshment expert therapist. 7381239385, 06742540855. D-68955

Experience full body massage with us (expert). Call: 7377048581, 06742597822. D-68956

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68756

Refresh your mind and soul with best therapy at Orchid Salon/Spa. 9937287222. D-68755

Ayurvedic full body massage ladies & gents smart therapist, 9668814589. D-68750

Herbal full body massage by smart / expert therapist. Contact: 8338067247. D-68957

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68958

Newly open full body massage by ladies, gents therapist. 8018656899 D-60863

Ayurvedic full body massage by ladies, gents therapist. 7008773793 D-60864

Refresh your body & soul with best therapy expert: 9348568260. D-16224

Refresh your body with smart and expert therapist. Contact: 8457855286. D-68962

Sai herbal spa refresh your body with smart, expert therapist. 7608062524. D-68961

Ayurvedic full body massage ladies and gents. Contact: 9861064981. D-68759

### AFFIDAVIT

By virtue of affidavit before Executive Magistrate, Kujang, on Date. 09.01.2020, we have Subal Ghadai, S/o- Pitambar Ghadai, Siuli Gharai W/o- Subal Ghadai, Deba Kumar Ghadai, S/o- Subal Ghadai, Debasis Ghadai, S/o- Subal Ghadai, all are resident in Vill- Bhitargada, PO- Paradeepgada, PS- Paradeep, Dist.- Jagatsinghpur. We have declare change our surname "Ghadai to "Das". Subal Ghadai to Subal Das, Siuli Gharai to Siuli Das, Deba Kumar Ghadai to Deba Kumar Das, Debasis Ghadai to Debasis Das for all purposes. D-16227

**ଜନ୍ମଦିନ ଶୁଭେଚ୍ଛା**


ଐଶାନୀ (ଆନ୍ନି)

ଆଜି ତୋର ପ୍ରଥମ ଜନ୍ମଦିନ ଓ ସତ୍ୟନାରାୟଣ ପୂଜା ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଈଶ୍ୱର ତୋର ଚଲାପଥକୁ କୁସୁମିତ କରିବା ସହ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ:
ଚିନ୍ନୁ, ଚିଣ୍ଟୁ, ମାମୁନ୍, ଦୁଦୁ, ବାପୁ, ଏଲି, ଅଭି, ସାଇ ଓ ପରିବାରବର୍ଗ।
ଧ-୧୪୫୭୩



ଦିଲୀପ ଘୋଷ ପଶ୍ଚିମବଙ୍ଗର ଭାଜପା ଅଧ୍ୟକ୍ଷ ଭାବେ ଗୁରୁବାର ପୁଣି ନିର୍ବାଚିତ ହୋଇଛନ୍ତି। ରାଜ୍ୟରେ ଦଳର ଶକ୍ତିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି। ୨୦୨୧ ବିଧାନସଭା ନିର୍ବାଚନକୁ ଆଖିରେ ରଖି ତାଙ୍କୁ ଦଳ ପୁଣି ଗୁରୁଦାୟିତ୍ୱ ପ୍ରଦାନ କରିଛି। ୨୦୨୩ ପର୍ଯ୍ୟନ୍ତ ସେ ପ୍ରଦେଶ ଭାଜପା ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ। ଘୋଷଙ୍କ ନେତୃତ୍ୱରେ ଭାଜପା ୪୨ରୁ ୧୮ ଲୋକ ସଭା ସିଟ୍ ଦଖଲ କରିବାରେ ସକ୍ଷମ ହୋଇଥିଲା।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ମ୍ୟୁନିସିପାଲିଟି ମାର୍କେଟ ପଡ଼ିଆରେ ଐତିହ୍ୟ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ସମୂହର ଶିଳାନ୍ୟାସ କରୁଛନ୍ତି।

# ସୌନ୍ଦର୍ଯ୍ୟରେ ଝଲସିବ ଶ୍ରୀକ୍ଷେତ୍ର

## ୭ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

- ମହାପ୍ରଭୁଙ୍କୁ ଦର୍ଶନ ସହ ଦୀପ ଜାଳିଲେ
- ୩ ବର୍ଷରେ ଖର୍ଚ୍ଚ ହେବ ୩୦୨୮ କୋଟି ଟଙ୍କା

**ପୁରୀ ଅଫିସ,୧୬।୧**

ପୁରୀ ହେବ ବିଶ୍ୱ ଐତିହ୍ୟ ସହର। ବଦଳିଯିବ ଏହାର ରୂପରେଖ। ସୌନ୍ଦର୍ଯ୍ୟରେ ଝଲସି ଉଠିବ। ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ଏହା ପରିଗଣିତ ହେବ। ଭକ୍ତ, ପର୍ଯ୍ୟଟକଙ୍କୁ ମିଳିବ ଅତ୍ୟାଧୁନିକ ସେବା ସୁବିଧା। ଏଥିପାଇଁ ଭିତ୍ତିଭୂମିର ବିକାଶ, ନୂଆ ବହୁଥାକିଆ ରାସ୍ତା, ସେତୁ, ହ୍ରଦ, ମାର୍କେଟ କମ୍ପ୍ଲେକ୍ସ, ପାର୍କିଂ ଆଦି କରାଯିବ। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ପୁରୀ ନେବ ବାସ୍ତବ ରୂପ। ଏଥିପାଇଁ ଗୁରୁବାର ୭ଟି ମେଗା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ସେ ସିଂହଦ୍ୱାରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବୁଲି ଦେଖିବା ସହ ବଡ଼ଦାଣ୍ଡରେ ବସି ଶ୍ରୀମନ୍ଦିର ହେରିଟେଜ୍ କରିଡର ନକ୍ସାର ସମୀକ୍ଷା କରିଥିଲେ।

ମଧ୍ୟାହ୍ନ ୧୨ଟାରେ ସିଂହଦ୍ୱାର ନିକଟ ନୂଆ ବ୍ୟାରିକେଡ ପ୍ରବେଶ ପଥରେ ମୁଖ୍ୟମନ୍ତ୍ରୀ ପହଞ୍ଚିଥିଲେ। ସେଠାରୁ ଏକ ବ୍ୟାଟେରିଚାଳିତ ଗାଡ଼ିରେ ବସି ସିଂହଦ୍ୱାର ସମ୍ମୁଖରେ ଓହ୍ଲାଇଥିଲେ। ତାଙ୍କୁ ପ୍ରଶାସନିକ ଅଧିକାରୀ ଏବଂ ସେବାୟତମାନେ ପୁଷ୍ପଗୁଚ୍ଛ ଓ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ସେ ପ୍ରଥମେ ଅରୁଣ ସ୍ତମ୍ଭ ନିକଟରେ ଦୀପ ଜାଳିବା ପରେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଦର୍ଶନ ସମୟରେ ଜଣେ ଅଖଣ୍ଡ ସେବକ ମୁଖ୍ୟମନ୍ତ୍ରୀଙ୍କ ହାତକୁ ଜଳୁଥିବା ଅଖଣ୍ଡ ଦୀପଟିଏ ବଢାଇ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଗ୍ରହଣ କରି ଠାକୁରଙ୍କ ଉଦ୍ଦେଶ୍ୟରେ ଦୀପ ଜାଳିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମଧ୍ୟାହ୍ନ ପ୍ରାୟ ୧୨ଟା ୪୦ରେ ମ୍ୟୁନିସିପାଲିଟି ମାର୍କେଟ ପଡ଼ିଆରେ ପହଞ୍ଚି ଐତିହ୍ୟ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ସମୂହର ଶିଳାନ୍ୟାସ କରିଥିଲେ। ୭ଟି ପ୍ରକଳ୍ପ ମଧ୍ୟରୁ ଅବଢା ଯୋଜନାରେ ୪ ପ୍ରକଳ୍ପ ନିର୍ମାଣ ହେବ। ଏହି ଶିଳାନ୍ୟାସ ସମୟରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ, ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପିପିଲି ବିଧାୟକ ପ୍ରଦୀପ ମହାରଥୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୂର୍ବ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା ଏବଂ ବିଜେଡି ରାଜ୍ୟ ସମ୍ପାଦକ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

### ଆପଣମାନେ ଖୁସି ତ?

ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ପାଇଁ ମନ୍ଦିର ବେଢା ଭିତରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଅପେକ୍ଷା କରି ରହିଥିଲେ। ଘଣ୍ଟିଦ୍ୱାର ଦେଇ ମୁଖ୍ୟମନ୍ତ୍ରୀ କୀର୍ତ୍ତନ ଚକଡ଼ାକୁ ବାହାରିବା ପରେ ଭକ୍ତଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ସମୟରେ ସାତପାହାଚ ନିକଟରେ ଛିଡ଼ା ହୋଇଥିବା ଭକ୍ତମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆପଣମାନେ ଖୁସି ତ ବୋଲି ବଡ଼ପାଟିରେ କହିଥିଲେ। ମୁଖ୍ୟମନ୍ତ୍ରୀ ମଧ ହସି ହସି 'ମୁଁ ବି ବହୁତ ଖୁସି' ବୋଲି କହିଥିଲେ।

### ଖଣ୍ଡୋଲାଇଟ୍ ପଥରରେ ହେବ ସବୁ ପ୍ରକଳ୍ପ

ଶ୍ରୀମନ୍ଦିର ହେରିଟେଜ କରିଡ଼ର ସମେତ ଶ୍ରୀକ୍ଷେତ୍ରରେ ଯେଉଁସବୁ ପ୍ରକଳ୍ପ କରାଯିବ ତାହା ଖଣ୍ଡୋଲାଇଟ୍ ପଥରରେ ହିଁ ହେବ। ହଜାର ବର୍ଷକୁ ଆଖି ଆଗରେ ରଖି ଏ ସବୁ ତିଆରି କରାଯିବ ବୋଲି କହିଛନ୍ତି ପୂର୍ବ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର।

### ଫେବୃୟାରୀରେ ଚୂଡ଼ାନ୍ତ ଡିଜାଇନ

ଶ୍ରୀମନ୍ଦିର ହେରିଟେଜ କରିଡରର ରୂପରେଖ କେମିତି ରହିବ ତାହାର ଟିଠା ଡିଜାଇନକୁ ଗତ ମାସ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ। କିନ୍ତୁ ଏହି ନକ୍ସାର ଚୂଡ଼ାନ୍ତ ରୂପରେଖ କଣ ହେବ ସେଥିଲାଗି ଜନସାଧାରଣଙ୍କଠାରୁ ମତାମତ ମଗାଯାଇଥିଲା। ବହୁ ସଂଖ୍ୟାରେ ଲୋକ ମତାମତ ଦେଇଛନ୍ତି। ଏହାକୁ ତର୍ଜମା କରାଯାଇ ଫେବୃୟାରୀ ମାସରେ ଚୂଡ଼ାନ୍ତ ଡିଜାଇନ ପ୍ରକାଶ ପାଇବ ବୋଲି ପୂର୍ବ ସଚିବ କହିଛନ୍ତି।

### ମହାପ୍ରଭୁଙ୍କ ପରମ୍ପରା ପରିବର୍ତ୍ତନ ଗ୍ରହଣୀୟ ନୁହେଁ

ଶ୍ରୀମନ୍ଦିର ହେରିଟେଜ କରିଡର ପାଇଁ ଯେଉଁ ନକ୍ସା କରାଯାଇଛି ସେଥିରେ ରଥଚକଡ଼ାର ସ୍ଥାନ ଅନ୍ୟତ୍ର ଦର୍ଶାଯାଇଛି। ଏହାକୁ ବିରୋଧ କରିଛି ଶ୍ରୀଜଗନ୍ନାଥ ସେବାୟତ ସମ୍ମିଳନୀ। ସମ୍ମିଳନୀ ସାଧାରଣ ସମ୍ପାଦକ କାଶୀନାଥ ଖୁଣ୍ଟିଆ ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଇଛନ୍ତି ଯେ, ମହାପ୍ରଭୁଙ୍କ ସେବାପୂଜା, ରୀତିନୀତି, ପର୍ବପର୍ବାଣି, ରଥଯାତ୍ରା କିପରି ହେବ ତାହା ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ଲେଖାଯାଇଛି। ତେଣୁ ନକ୍ସାରେ ରଥଚକଡ଼ାର ସ୍ଥାନ ଯାହା ଦର୍ଶାଯାଇଛି ତାହା ପରମ୍ପରାକୁ ଭଙ୍ଗ କରିବା ଭଳି। ମହାପ୍ରଭୁଙ୍କର ନୀତି, ପରମ୍ପରା, ପ୍ରଥା, ସଂସ୍କୃତିକୁ ପରିବର୍ତ୍ତନ କରିବା ଆଦୌ ଗ୍ରହଣୀୟ ନୁହେଁ।

# ବଡ଼ଦାଣ୍ଡରେ ନକ୍ସା ଦେଖିଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାପ୍ରଭୁଙ୍କୁ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।



ବଡ଼ଦାଣ୍ଡରେ ମୁଖ୍ୟମନ୍ତ୍ରୀ ପ୍ରସ୍ତାବିତ ମଡେଲର ନକ୍ସା ଦେଖୁଛନ୍ତି। ନିକଟରେ ୫-ଟି ସଚିବ ଭି. କେ. ପାଣ୍ଡିଆନ୍‌ଙ୍କ ସମେତ ପୂର୍ବ ସଚିବ ଓ ପୁରୀ ଜିଲାପାଳ।

**ପୁରୀ ଅଫିସ,୧୬।୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ଗସ୍ତ ଅବସରରେ ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡର ଖୋଲା ଆକାଶ ତଳେ ବସି ଶ୍ରୀମନ୍ଦିର ହେରିଟେଜ କରିଡ଼ର ନକ୍ସାର ସମୀକ୍ଷା କରିଛନ୍ତି। ଏଥିପାଇଁ ବଡ଼ଦାଣ୍ଡର ଚିତ୍ରିତସ୍ଥଳରେ ପକାଯାଇଥିଲା ଚେୟାର ଟେବୁଲ। ଟେବୁଲ ଉପରେ ରହିଥିଲା ପ୍ରସ୍ତାବିତ ପ୍ରକଳ୍ପର ନକ୍ସା। ପୂର୍ବ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ମୁଖ୍ୟମନ୍ତ୍ରୀଙ୍କୁ ଏହି ନକ୍ସା ଦେଖାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫ଟି ସଚିବ ଭି.କେ. ପାଣ୍ଡିଆନ, ଜିଲାପାଳ ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନକ୍ସାରେ କିଛିଟା ପରିବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିବା କହିଛନ୍ତି ପୂର୍ବ ସଚିବ। ଏହି ନକ୍ସାରେ ହେରିଟେଜ କରିଡ଼ରର ପ୍ରବେଶ ପଥ, ଲାଇବ୍ରେରି, କ୍ଲୋକରୁମ୍, ସୁରକ୍ଷା ଯାଞ୍ଚ ଓ ଧାଡ଼ି, ଧ୍ୟାନସ୍ଥଳ, ପ୍ରଦର୍ଶନୀ ଓ କଳା ପ୍ୟାଭିଲିୟନ, ଭ୍ୟୁ ଟାୱାର, ମିନି ଫରେଷ୍ଟ ଏବଂ ବଟାନିକାଲ ପାର୍କ, ଫୁଡ୍‌ଷ୍ଟଲ, ବସିବା ସ୍ଥଳ, ଶ୍ରାଦ୍ଧ କର୍ମ ସ୍ଥଳ, ପଦ୍ମ ପୋଖରୀ, ରଥ ନିର୍ମାଣ ଆଦି ରହିଛି। ସେହିପରି ମୁଖ୍ୟମନ୍ତ୍ରୀ ସୌନ୍ଦର୍ଯ୍ୟକରଣ କାମ ବିଶେଷକରି ନୂଆ ବ୍ୟାରିକେଡ, ସବୁଜ ବଳୟ ଆଦି ବୁଲି ଦେଖିଥିଲେ। ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସେ ପ୍ରଶଂସା କରିବା ସହ ଶ୍ରୀକ୍ଷେତ୍ର ଅଧିକ ସୁନ୍ଦର ହେବ ବୋଲି କହିଥିଲେ। ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମୁଖ୍ୟମନ୍ତ୍ରୀ ଫଟୋ ପାଇଁ ସମୟ ଦେଇଥିଲେ।




**● ଶ୍ରୀ ସେତୁ**

ପୁରୀ-ଭୁବନେଶ୍ୱର ୩୧୬ ନଂ. ଜାତୀୟ ରାଜପଥର ବାଇପାସ୍‌ଠାରୁ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ହେବାକୁ ଥିବା ପିଲିଗ୍ରିମ ସେଣ୍ଟରକୁ ଶ୍ରୀସେତୁ ଦ୍ୱାରା ସଂଯୋଗ କରାଯିବ। ଅବଢା ଯୋଜନାରେ ନିର୍ମାଣ ହେବାକୁ ଥିବା ରାଜ୍ୟର ଏହି ପ୍ରଥମ ଟ୍ରମ୍ପେଟ ସେତୁ ପାଇଁ ୧୮୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। ରାସ୍ତା ଓ ବ୍ରିଜ୍‌ର ଲମ୍ବ ପ୍ରାୟ ୨.୩ କିମି ହେବ। ଏହି ସେତୁ ପାଇଁ ପୁରୀ ତହସିଲ ଅନ୍ତର୍ଗତ ୪ଟି ମୌଜା ସମଙ୍ଗ, ମାଟିତୋଟା, ମାର୍କଣ୍ଡେଶ୍ୱର ସାହି ନଂ-୧ ଏବଂ ଦାଣ୍ଡିମାଳ ସାହିର ୩୭ ଏକର ୯୮୪ ଡିସିମିଲ ଜମି ଅଧିଗ୍ରହଣ ହେବ। ମୋଟ ଜମି ମଧ୍ୟରେ ବେସରକାରୀ ଜମି ୩୪ ଏକର ୨୪୬ ଡିସିମିଲ ଓ ସରକାରୀ ଜମି ୩ ଏକର ୭୩୮ ଡିସିମିଲ ରହିଛି। ସମଙ୍ଗ ମୌଜାରୁ ସର୍ବାଧିକ ବେସରକାରୀ ଜମି ୧୭ ଏକର ୯୪୭ ଡିସିମିଲ ଜମି ଅଧିଗ୍ରହଣ କରାଯିବ।

**● ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର**

ବାହାରୁ ଆସୁଥିବା ତୀର୍ଥଯାତ୍ରୀଙ୍କ ପାଇଁ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ୬ ମହଲା ବିଶିଷ୍ଟ ପିଲିଗ୍ରିମ୍ ସେଣ୍ଟର ବା ତୀର୍ଥଯାତ୍ରୀ କେନ୍ଦ୍ର ତିଆରି କରାଯିବ। ଏଠାରେ ୧୦୦୦ କାର ପାର୍କିଂ କରିପାରିବା ଭଳି ବହୁମୁଖୀ ପାର୍କିଂ, ଧ୍ୟାନକେନ୍ଦ୍ର, ମଲ୍ଟି ମୋଡାଲ ହବ୍, ଜନ ସୁବିଧା କେନ୍ଦ୍ର ହେବ। ଅବଢା ଯୋଜନାରେ ଏଥିପାଇଁ ୧୯୦ କୋଟି ଟଙ୍କା ଖର୍ଚ୍ଚ କରାଯିବ।

**● ବହୁତଳ କାର୍ ପାର୍କିଂ**

ମେଡିକାଲ ଛକସ୍ଥିତ ପୁରୁଣା ଜେଲ୍‌ରୋଡ ପରିସରରେ ଅବଢା ଯୋଜନାରେ ତିଆରି କରାଯିବ ବହୁତଳ କାର୍ ପାର୍କିଂ। ୪ ମହଲା ବିଶିଷ୍ଟ ଏହି ପାର୍କିଂସ୍ଥଳରେ ୫୦୦ କାର୍ ଏବ ଦୁଇଚକିଆ ଗାଡ଼ି ରହିପାରିବା ଭଳି ସୁବିଧା କରାଯିବ। ଏଥିସହ ୩୫୦ ଭେଣ୍ଡିଂ ଆଉଟ୍‌ଲେଟ ମଧ୍ୟ ରହିବ। ଏ ବାବଦରେ ୯୦ କୋଟି ୨୨ଲକ୍ଷ ଟଙ୍କା ଖର୍ଚ୍ଚ ହେବ।

**● ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ**

ବଡ଼ଦାଣ୍ଡରେ ନୂତନ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ବେସ୍‌ମେଣ୍ଟ ଓ ଗ୍ରାଉଣ୍ଡ ଫ୍ଲୋର ମିଶାଇ ୫ ମହଲା ବିଶିଷ୍ଟ କୋଠା ହେବ। ୫୦୦ ଦୋକାନ ଘର, ୧୦୦ କାର୍ ପାର୍କିଂ ସୁବିଧା ସହ ୩୦୦ କିଲୋୱାଟ୍‌ର ରୁଫ୍‌ଟପ୍ ସୋଲାର ସିଷ୍ଟମ ରହିବ। ଅବଢା ଯୋଜନାରେ ଏଥିପାଇଁ ୪୪ କୋଟି ୮୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ।

**● ସ୍ୱର୍ଗଦ୍ୱାର ଉନ୍ନୟନ ପ୍ରକଳ୍ପ**

ସ୍ୱର୍ଗଦ୍ୱାର ପ୍ରତି ଆସ୍ଥା ଓ ବିଶ୍ୱାସ ରଖି ଦୂରଦୂରାନ୍ତରୁ ଶବଦାହ ପାଇଁ ଆସୁଥିବା ଲୋକେ ଯେପରି କୌଣସି ପ୍ରକାର ତିକ୍ତ ଅନୁଭୂତି ନ ସାଉଁଣ୍ଟିବେ ସେଥିପ୍ରତି ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ ସ୍ୱର୍ଗଦ୍ୱାର ପରିସର ପୁରୁଣା କୋଠାକୁ ଭାଙ୍ଗି ଦିଆଯାଇଛି। ଗୁରୁବାର ସ୍ୱର୍ଗଦ୍ୱାର ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଠାରେ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ହେବ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ବ୍ୟୟ ବରାଦ ହୋଇଥିବା ଅର୍ଥରେ ଶବଦାହ ପିଣ୍ଡି ଏବଂ ଦୁଇଟି ବିଦ୍ୟୁତ୍ ଚୁଲା ତିଆରି କରାଯିବ।

**● ସମୁଦ୍ର କୂଳ ଭେଣ୍ଡିଂ ଜୋନ୍**

ସମୁଦ୍ର କୂଳରେ ବ୍ୟବସାୟ କରି ପରିବାର ଚଳାଉଥିବା ବ୍ୟବସାୟୀଙ୍କ ଲାଗି ତିଆରି ହେବ ଭେଣ୍ଡିଂ ଜୋନ୍। ୮୦୦ ଭେଣ୍ଡିଂଜୋନ୍ (କିଓସ୍କ) ନିର୍ମାଣ କରାଯିବ। ଏଥିପାଇଁ ୧୨ କୋଟି ଟଙ୍କା ଖର୍ଚ୍ଚ ଅଟକଳ ହୋଇଛି।

**● କେନ୍ଦ୍ରୀୟ ରୋଷଶାଳା**

ମଙ୍ଗଳାଘାଟରେ ୫୦ ହଜାର ବର୍ଗଫୁଟ ଜାଗାରେ ତିଆରି ହେବ କେନ୍ଦ୍ରୀୟ ରୋଷଶାଳା। ସରକାରୀ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ଓ ଆହାର ଯୋଜନା ପାଇଁ ଏହି ରୋଷଶାଳାର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରତିଦିନ ୫୦ ହଜାର ମିଲ୍ ଏଠାରେ ପ୍ରସ୍ତୁତ କରାଯିବ। ଗତବର୍ଷ ଅକ୍ଟୋବରରେ ରାଜ୍ୟ ସରକାର ଅବଢ଼ା ଯୋଜନାରେ ତିନିବର୍ଷ ପାଇଁ ୩୦୨୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ୨୦୧୯-୨୦ରେ ୭୧୯ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୨୦୨୦-୨୧ରେ ୧୪୦୨ କୋଟି ଏବଂ ୨୦୨୧-୨୨ରେ ୧୦୮୭ କୋଟି ଟଙ୍କା ଖର୍ଚ୍ଚ କରାଯିବ।






## ପ୍ରେସ୍ ଅଧିସୂଚନା

**ଭାରତ ସରକାର**
**ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ**
**ରେଳପଥ ନିରାପତ୍ତା ଆୟୁକ୍ତ**

ଶ୍ରୀ ଅଭୟ କୁମାର ରାୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧିନସ୍ଥ ରେଳପଥ ନିରାପତ୍ତା ଆୟୁକ୍ତ, ଦକ୍ଷିଣ ପୂର୍ବ ସର୍କଲ, କଲିକତାଙ୍କ ଦ୍ୱାରା ତା **18.01.2020** ରିଖ **1000** ଘଟିକାରେ ଏକ ବୈଧାନିକ ତଦନ୍ତ ଅନୁଷ୍ଠିତ ହେବ। "ତା **16.01.2020** ରିଖ **0700** ଘଟିକାରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନସ୍ଥ ଶାଳଗାଁ-ନିର୍ଗୁଣ୍ଡି ଷ୍ଟେସନ ମଧ୍ୟରେ ଅଟୋ ସେକ୍ସନରେ କି.ମି. 399/23 ଠାରେ ମାଲବାହି ଟ୍ରେନ୍ ସଂ. E/NTECL-28 (BOBRN LD) ର ବ୍ରେକ୍ ଭ୍ୟାନ୍‌କୁ **12879** ଏକ୍ସପ୍ରେସ୍ (ଲୋକମାନ୍ୟ ତିଲକ ଟର୍ମିନସ୍-ଭୁବନେଶ୍ୱର ଏକ୍ସପ୍ରେସ୍) ଦ୍ୱାରା ପଛ ପାର୍ଶ୍ୱରେ ଧକ୍କା" ଘଟଣା ସମ୍ବନ୍ଧରେ ଏହି ତଦନ୍ତ କଟକ ସ୍ଥିତ ଅଧିକାରୀ ବିଶ୍ରାମ ଗୃହ (କଟକ ରେଳ ଷ୍ଟେସନର ପ୍ଲାଟ୍‌ଫର୍ମ **1** ର ପ୍ରବେଶପଥ ଠାରୁ **50** ମିଟର ଦୂରତ୍ୱ) ଠାରେ ଶୁଣାଣି ଶେଷ ପର୍ଯ୍ୟନ୍ତ ଚାଲୁ ରହିବ।

ଏହି ଦୁର୍ଘଟଣା ସମ୍ପର୍କରେ ସବିଶେଷ ଜ୍ଞାନ ଥିବା ଯେକୌଣସି ବ୍ୟକ୍ତିବିଶେଷ ତଥ୍ୟ ଉପସ୍ଥାପନ କରିବାର ଥିଲେ କିମ୍ବା ପ୍ରମାଣ ପ୍ରଦାନ କରିବାକୁ ଇଚ୍ଛୁକ ଥିଲେ ଉପରୋକ୍ତ ସ୍ଥାନ ଓ ତାରିଖରେ ନିଜେ ଉପସ୍ଥିତ ହୋଇ ସାକ୍ଷ୍ୟ ପ୍ରଦାନ କରିପାରିବେ କିମ୍ବା **ରେଳପଥ ନିରାପତ୍ତା ଆୟୁକ୍ତ, ଦକ୍ଷିଣ ପୂର୍ବ ସର୍କଲ, 14 ଷ୍ଟ୍ରାଣ୍ଡ୍ ରୋଡ୍, 12 ମହଲା, କୋଇଲାଘାଟ ଷ୍ଟ୍ରିଟ୍, କଲିକତା-700001** ଙ୍କୁ ଲିଖିତ ଭାବରେ ଜଣାଇ ପାରିବେ।

PR-653/K/19-20 **ମଣ୍ଡଳ ରେଳ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍**

**ପୂର୍ବ ତଟ ରେଳପଥ**




ସଙ୍ଗୀତ, ସାହିତ୍ୟ ଓ କଳା ହେଲେ ଆତ୍ମା ନିମିତ୍ତ ଏକ ପୂର୍ଣ୍ଣ ଶିକ୍ଷା ଏ ସବୁ ଆତ୍ମାର ଗତିବୃତ୍ତିକୁ ବିଶୁଦ୍ଧ, ନିୟନ୍ତ୍ରିତ, ଗଭୀର ଓ ସଂହତ କରନ୍ତି। ସେଥିପାଇଁ ମାନବ ସମାଜର ଅଗ୍ରଗତି ପଥରେ ଏ ସମସ୍ତ ଅବହେଳିତ ହେବା ଉଚିତ ନୁହେଁ। କିମ୍ବା କେବଳ ଇନ୍ଦ୍ରିୟଗତ ଆମୋଦ-ଯାହା ଚରିତ୍ରକୁ ଗଠନ ନ କରି ବିନଷ୍ଟ କରେ ତାହା ଦ୍ୱାରା କଳୁଷିତ ହେବା ଉଚିତ ନୁହେଁ। – ଶ୍ରୀଅରବିନ୍ଦ

# ଆହ୍ୱାନପୂର୍ଣ୍ଣ

ଚଳିତ ମାନ୍ଦାବସ୍ଥା ସୁଧୁରିବାର କୌଣସି ଲକ୍ଷଣ ଦେଖିବାକୁ ମିଳୁନି। ସାଧାରଣ ଲୋକମାନେ ବିଭିନ୍ନ ସମୟରେ ପାଉଥିବା ଆର୍ଥିକ ତଥ୍ୟ ସବୁବେଳେ ପୂର୍ବାପେକ୍ଷା ଅଧିକ ଚିନ୍ତାଜନକ ହେଉଛି। ବୁଧବାର ପ୍ରକାଶିତ ସରକାରୀ ତଥ୍ୟରୁ ଜଣାପଡ଼ିଛି ଯେ, ଡିସେମ୍ବର ୨୦୧୯ରେ ଭାରତର ରପ୍ତାନି ୧.୮ ପ୍ରତିଶତ ହ୍ରାସ ପାଇ ୨୭.୩୬ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ପ୍ଲାଷ୍ଟିକ୍, ରତ୍ନପଥର, ଅଳଙ୍କାର, ଚମଡ଼ା ଉତ୍ପାଦ ଓ ରାସାୟନିକ ପ୍ରଭୃତିର ରପ୍ତାନିରେ ଉଲ୍ଲେଖନୀୟ ହ୍ରାସ ଯୋଗୁ କ୍ରମାଗତ ପଞ୍ଚମ ମାସ ପାଇଁ ଏହି ହ୍ରାସ ଘଟିଛି। ଆମଦାନି ମଧ୍ୟ କ୍ରମାଗତ ସପ୍ତମ ମାସ ପାଇଁ ହ୍ରାସ ପାଇଛି ଏବଂ ଏହା ୮.୮୩ ପ୍ରତିଶତ ହ୍ରାସ ପାଇ ୩୮.୬୧ ବିଲିୟନ ଡଲାରରେ ପହଞ୍ଚିଛି। ମଙ୍ଗଳବାର ପାଇକାରୀ ମୂଲ୍ୟସୂଚୀ ଡିସେମ୍ବରରେ ସପ୍ତମ ମାସର ସର୍ବୋଚ୍ଚ ସ୍ତର ୨.୫୯ ପ୍ରତିଶତରେ ପହଞ୍ଚିଛି। ଚଳିତ ସପ୍ତାହ ପ୍ରାରମ୍ଭରେ ଖୁଚୁରା ମୁଦ୍ରାସ୍ଫୀତି ଡିସେମ୍ବରରେ ୭.୩୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ପ୍ରକାଶ ପାଇଛି। ଏହା ୨ରୁ ୬ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଲକ୍ଷ୍ୟ ରଖିଥିବା ବେଳେ ତାହା ସେହି ଆକଳନକୁ ଟପିଯାଇଛି। ଖାଦ୍ୟ ମୁଦ୍ରାସ୍ଫୀତି ହାର ପୂର୍ବ ମାସରେ ୧୦.୦୧ ପ୍ରତିଶତ ଥିବାବେଳେ ପନିପରିବା ଓ ଡାଲି ଦର ବୃଦ୍ଧି ଯୋଗୁ ଡିସେମ୍ବରରେ ତାହା ୧୪.୧୨ ପ୍ରତିଶତକୁ ବୃଦ୍ଧି ପାଇଛି।

ଅଭିବୃଦ୍ଧି ହ୍ରାସ ପାଇଥିବା ବେଳେ ଖୁଚୁରା ମୁଦ୍ରାସ୍ଫୀତି ଧାର୍ଯ୍ୟ ଲକ୍ଷ୍ୟ ଅତିକ୍ରମ କରିଛି। ବିଶ୍ୱ ବ୍ୟାଙ୍କ ଓ ଏସୀୟ ଉନ୍ନୟନ ବ୍ୟାଙ୍କଠାରୁ ଆରମ୍ଭ କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ସରକାରଙ୍କ ନିଜସ୍ୱ ତଥ୍ୟ ବର୍ତ୍ତମାନର ଜିଡିପି ପ୍ରାୟ ୧୧ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଥିବା ଆକଳନ କରିଛନ୍ତି। ତେଣୁ ଆମର ଅର୍ଥନୀତି ଯେ ଏବେ ସଂକଟରେ ପଡ଼ିଛି ଏଥିରେ କୌଣସି ସନ୍ଦେହ ନାହିଁ। ତେବେ ସରକାର କାହିଁକି ଏହା ସ୍ୱୀକାର କରୁନାହାନ୍ତି ତାହା ଭିନ୍ନ କଥା। ସରକାର ଏବେ ବିଭିନ୍ନ ବିବାଦୀୟ ପ୍ରସଙ୍ଗ ଯଥା ନାଗରିକତ୍ୱ ସଂଶୋଧନ ଆଇନ, ଏନ୍‌ଆର୍‌ସି ଓ ଏନ୍‌ପିଆର୍ ପ୍ରଭୃତିରେ ବ୍ୟସ୍ତ ଅଛନ୍ତି। ପ୍ରତ୍ୟେକ ଦିନ ଦେଶର ଅର୍ଥନୈତିକ ସ୍ୱାସ୍ଥ୍ୟ ବିଗିଡ଼ି ଚାଲିଥିବା ବେଳେ ସରକାର ସେଥିରୁ ଦୃଷ୍ଟି ହଟାଇବା ପାଇଁ ରାଜନୈତିକ ପ୍ରସଙ୍ଗରେ ବ୍ୟସ୍ତ ନ ରହି ଅନ୍ତତଃ ଏହାକୁ ସ୍ୱୀକାର କରିବା ଉଚିତ। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଗତ ସପ୍ତାହରେ କହିଥିଲେ ଯେ କେନ୍ଦ୍ରୀୟ ବ୍ୟାଙ୍କର ପ୍ରାଥମିକ ଲକ୍ଷ୍ୟ ହେଉଛି ବଜାର ଦରରେ ସ୍ଥିରତା ଆଣିବା ଏବଂ ମୁଦ୍ରାସ୍ଫୀତିକୁ ରୋକିବା କାରଣ ଏହାଦ୍ୱାରା ଗରିବ ଲୋକମାନେ ହଇରାଣ ହେଉଛନ୍ତି। ଏ ପରିସ୍ଥିତିରେ ଯଦି ମୁଦ୍ରାସ୍ଫୀତିକୁ ରୋକା ନ ଯାଏ, ଯାହା ପ୍ରାୟତଃ ସମ୍ଭବ ନୁହେଁ,

## ଆଜିର ଅର୍ଥନୀତି

ତେବେ କେନ୍ଦ୍ର ବଜେଟ ଉପସ୍ଥାପନ ପରେ ପରେ ଫେବୃୟାରୀ ୬ରେ ବସିବାକୁ ଥିବା ଆର୍ଥିକ ନୀତି ସମୀକ୍ଷା ବୈଠକରେ ଆର୍‌ବିଆଇ ରେପୋ ରେଟ୍ ବୃଦ୍ଧି କରିପାରେ, ଯାହା ଅଭିବୃଦ୍ଧିକୁ ଆହୁରି ମାନ୍ଦା କରିବ। ରେପୋ ରେଟ୍ ୧୩୫ ବେସିସ୍ ପଏଣ୍ଟ ହ୍ରାସ କରିବା ପରେ ଆର୍‌ବିଆଇର ଆର୍ଥିକ ନୀତି କମିଟି (ଏମ୍‌ପିସି) ଡିସେମ୍ବରରେ ଏହାକୁ ଅପରିବର୍ତ୍ତିତ ରଖିଥିଲା। ମୁଖ୍ୟତଃ ମୁଦ୍ରାସ୍ଫୀତିଜନିତ ବିପଦକୁ ଆଖି ଆଗରେ ରଖି ଏହି ନିଷ୍ପତ୍ତି ନିଆଯାଇଥିଲା। ବର୍ତ୍ତମାନ ମୁଦ୍ରାସ୍ଫୀତି ଧାର୍ଯ୍ୟ ଲକ୍ଷ୍ୟଠାରୁ ଆହୁରି ବୃଦ୍ଧି ପାଇଥିବାରୁ ଏମ୍‌ପିସି ଆସନ୍ତା ଫେବୃୟାରୀ ବୈଠକରେ ରେପୋ ରେଟ୍ ଅପରିବର୍ତ୍ତିତ ରଖିପାରେ ଅଥବା ଏହାକୁ ବୃଦ୍ଧି କରିପାରେ।

ବର୍ତ୍ତମାନ ଆର୍ଥିକ ମାନ୍ଦାବସ୍ଥା ଓ ମୁଦ୍ରାସ୍ଫୀତିରେ ସୁଧାର ଆଣିବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଉପରେ ଗୁରୁଦାୟିତ୍ୱ ରହିଛି। ମୁଦ୍ରାସ୍ଫୀତିକୁ କମାଇବା ଏ ସରକାର ପାଇଁ ଏକ ଚର୍ଚ୍ଚିତ ପ୍ରସଙ୍ଗ ହୋଇଆସିଛି। ଏହି ସରକାରଙ୍କ କାର୍ଯ୍ୟକାଳର ଅଧିକାଂଶ ସମୟ ଶିରୋନାମା ମୁଦ୍ରାସ୍ଫୀତି ଆର୍‌ବିଆଇର ଗ୍ରହଣୀୟ ସୀମା ଭିତରେ ରହିଆସିଛି। କିନ୍ତୁ ତାହା ଏବେ ଅତୀତର ବିଷୟ ହୋଇଗଲାଣି। ଗହମ ପରେ ରୋଷେଇ ଘରେ ସବୁଠାରୁ ବେଶି ବ୍ୟବହାର ହେଉଥିବା ପିଆଜ ଓ ଆଳୁ ଦର ସୀମା ବାହାରକୁ ଚାଲିଯାଇଥିବା ବେଳେ ତାହା ପ୍ରତ୍ୟେକ ପରିବାରର ବଜେଟ ପାଇଁ ବୋଝ ହୋଇଉଠିଛି। ତେଣୁ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ ଭିତରକୁ ଆଣିବା ସରକାରଙ୍କ ପ୍ରଥମ ଦାୟିତ୍ୱ। ମୁଦ୍ରାସ୍ଫୀତିର ନିୟନ୍ତ୍ରଣ କେନ୍ଦ୍ରୀୟ ବ୍ୟାଙ୍କର କର୍ତ୍ତବ୍ୟ ହୋଇଥିବା ବେଳେ ଏହା ସେଥିରେ ବିଫଳ ହୋଇଛି। ଯୋଗାଣ ଦିଗରୁ ରହିଥିବା ବାଧାକୁ ଦୂର କରାଯିବା ଦରକାର। ସରକାର ଖାଦ୍ୟଦ୍ରବ୍ୟର ଯୋଗାଣ ଓ କୃଷି ବଜାର-ଭିତ୍ତିକ ମୂଲ୍ୟ ବୃଦ୍ଧି କରିବା ସହ ମହଜୁଦକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ମୂଲ୍ୟଗତ ବିକୃତି ଦୂର କରିବା ପ୍ରତି ଦୃଷ୍ଟି ଦେବା ଦରକାର। ଟଙ୍କାର ମୂଲ୍ୟ ଉଚ୍ଚ ରହିଲେ ମୁଦ୍ରାସ୍ଫୀତିକୁ ପ୍ରଶମନ କରିବାରେ ସାହାଯ୍ୟ କରିପାରନ୍ତା। ଆର୍ଥିକ ଅଭିବୃଦ୍ଧି ଯେପରି ବଢ଼େ ସେ ଦିଗରେ ମଧ୍ୟ ସରକାର ଯତ୍ନ କରିବା ଜରୁରୀ। ଅଭିବୃଦ୍ଧି ପାଇଁ ଅନେକ କାରକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ସେଥିପାଇଁ ଲୋକମାନେ ଯେପରି ସୁବିଧାରେ ଓ କମ୍ ସୁଧହାରରେ ଋଣ ପାଆନ୍ତି ସେ ଦିଗରେ ଦୃଷ୍ଟିଦେବା ସହ ବ୍ୟକ୍ତିଗତ ଟିକସ ହାର ହ୍ରାସ କରିବା ଦରକାର, ଯାହା ଅର୍ଥନୈତିକ ଅଭିବୃଦ୍ଧିରେ ସାହାଯ୍ୟ କରିବ। ବର୍ତ୍ତମାନ ଆର୍ଥିକ ମାନ୍ଦାବସ୍ଥାର ମୂଳ କାରଣ ହେଉଛି ଖାଉଟି ଚାହିଦା ହ୍ରାସ କାରଣ ଜିନିଷ କିଣିବା ପାଇଁ ଲୋକଙ୍କ ପକେଟରେ ଟଙ୍କା ନାହିଁ। ତେଣୁ ବଜେଟରେ ଅର୍ଥମନ୍ତ୍ରୀ ବ୍ୟକ୍ତିଗତ ଟିକସ ହାର ହ୍ରାସ କରିବା ଉଚିତ, ଯାହାଫଳରେ ଲୋକଙ୍କ ହାତରେ ଅଧିକ ଟଙ୍କା ରହିପାରିବ। ଅର୍ଥନୈତିକ ବିଶ୍ଳେଷକମାନଙ୍କ ମତରେ କୁହାଯାଉଥିବା ଫ୍ଲାଟ୍ ବ୍ୟକ୍ତିଗତ ଟିକସ ବଦଳରେ ସରକାର ଛାଡ଼ ସୀମା ବୃଦ୍ଧି କରିବା ଉଚିତ, ଯାହାଫଳରେ ଅଧିକ ସଂଖ୍ୟାରେ ଖାଉଟି ଉପକୃତ ହୋଇପାରିବେ। ୮୦ (ସି) ଧାରା ଅଧୀନରେ ଥିବା ଛାଡ଼ ସୀମା ୧.୫୦ ଲକ୍ଷକୁ ବୃଦ୍ଧି କରି ୨.୫୦ ଲକ୍ଷ କରାଯାଇପାରେ। ତେବେ ବର୍ତ୍ତମାନର ରାଜସ୍ୱ ନିଅଣ୍ଟିଆ ସ୍ଥିତି ଯୋଗୁ ସରକାର ବ୍ୟକ୍ତିଗତ ଟିକସ ହ୍ରାସ କରିବା ସମ୍ଭାବନା କ୍ଷୀଣ।

# କୃଷିର ସ୍ଥିତି ଚିନ୍ତାଜନକ



ନଟବର ଖୁଣ୍ଟିଆ

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ କୃଷି ଗଣନା ପ୍ରତି ପାଞ୍ଚ ବର୍ଷରେ ଥରେ ହେଉଛି। ୨୦୧୦-୧୧ରେ କୃଷି ଗଣନା ହୋଇଥିବା ବେଳେ ୨୦୧୫-୧୬ରେ କୃଷି ଗଣନା ହୋଇ ତାହାର ରିପୋର୍ଟ ଦୁଇଟି କିସ୍ତିରେ ୨୦୧୯ ମସିହା ଜୁନ ଓ ନଭେମ୍ବରରେ ପ୍ରକାଶ ପାଇଛି। ଏହି ଗଣନା ରିପୋର୍ଟକୁ ଅନୁଧ୍ୟାନ କଲେ ଓଡ଼ିଶା କୃଷିର ସ୍ଥିତି ସାମଗ୍ରିକ ଭାବେ ଚିନ୍ତାଜନକ।

ରାଜ୍ୟର ୮୦ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି ଆଉ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ କୃଷି ଓ କୃଷି ଆନୁଷଙ୍ଗିକ ବୃତ୍ତି ଉପରେ ନିର୍ଭର କରି ଚଳନ୍ତି। ଯଦି ଏହି ୮୦ ଭାଗ ପାଖାପାଖି ଲୋକଙ୍କ ଆୟ ବୃଦ୍ଧି ପାଇବ ନାହିଁ ତେବେ ଆମ ରାଜ୍ୟର ବିକାଶ ହେବ କି? ୮୦ ଭାଗ ଲୋକଙ୍କ ଆୟ ବୃଦ୍ଧି ନ ହେଲେ ରାଜ୍ୟର ମୋଟ ଘରୋଇ ଉତ୍ପାଦ ବୃଦ୍ଧି ପାଇବ କି? ଆମ ରାଜ୍ୟରେ ମୋଟ ଘରୋଇ ଉତ୍ପାଦକୁ କୃଷିକ୍ଷେତ୍ରର ଅବଦାନ ମାତ୍ର ୧୮ ପ୍ରତିଶତ, ଯଦିଚ ପ୍ରାୟ ୮୦ ଭାଗ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କୃଷି ଓ କୃଷି ଆନୁଷଙ୍ଗିକ ବୃତ୍ତି ଉପରେ ନିର୍ଭର କରନ୍ତି।

ପ୍ରଥମେ ଆସନ୍ତୁ ରାଜ୍ୟର ଚାଷୀ ପରିବାର ସଂଖ୍ୟା ଉପରେ ଦୃଷ୍ଟି ପକାଇବା। ବିଭିନ୍ନ ବର୍ଷର କୃଷି ଗଣନା ଅନୁସାରେ ଚାଷୀ ପରିବାରର ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାକୁ ଲାଗିଛି। ୨୦୧୦-୧୧ରେ ୪୬.୬୭ ଲକ୍ଷ ଚାଷୀ ପରିବାର ଥିବା ବେଳେ ୨୦୧୫-୧୬ରେ ଏହା ବୃଦ୍ଧିପାଇ ହେଲାଣି ୪୮.୬୬ ଲକ୍ଷ। ନାମମାତ୍ର ଚାଷୀଙ୍କ ସଂଖ୍ୟା ୨୦୧୦-୧୧ରେ ୩୩.୬୮ ଲକ୍ଷ ଥିବାବେଳେ ବୃଦ୍ଧିପାଇ ହେଲାଣି ୩୮.୩୭ ଲକ୍ଷ ୨୦୧୫-୧୬ରେ। ନାମମାତ୍ର ଚାଷୀ କହିଲେ ବୁଝାଯାଏ ଯେଉଁମାନଙ୍କର ଜମି ଏକ ହେକ୍ଟରରୁ କମ୍। ୨୦୧୦-୧୧ରେ ନାମମାତ୍ର ଚାଷୀ ମୋଟ ଚାଷୀ ସଂଖ୍ୟାର ୭୨.୧୭ ପ୍ରତିଶତ ହୋଇଥିବାବେଳେ ୨୦୧୫-୧୬ରେ ସେହି ସଂଖ୍ୟା ବୃଦ୍ଧି ପାଇ ହୋଇଛି ୭୪.୭୪ ପ୍ରତିଶତ। ସେମାନଙ୍କ ପାଖରେ ଅଛି ମୋଟ ଚାଷଜମିର ୪୦ ପ୍ରତିଶତ ଜମି। ୨୦୧୦-୧୧ରେ ଚାଷୀ ପରିବାର ପିଛା ହାରାହାରି ଚାଷଜମି ୧.୦୪ ହେକ୍ଟର ଥିବାବେଳେ ୨୦୧୫-୧୬ରେ ହ୍ରାସପାଇ ହୋଇଛି ମାତ୍ର ୦.୯୫ ହେକ୍ଟର। ଏହା ସୂଚାଇ ଦେଉଛି ଯେ ଜମି ଖଣ୍ଡବିଖଣ୍ଡିତ ହୋଇଚାଲିଛି, ଯାହାକି ଯାନ୍ତ୍ରିକ ପ୍ରଣାଳୀରେ ଚାଷକରିବା ଅସମ୍ଭବ ହୋଇପଡୁଛି। ସୁତରାଂ ଚାଷ ଲାଭଜନକ ହୋଇପାରୁ ନାହିଁ। ଏହି ସମସ୍ୟା ପ୍ରତି ଧ୍ୟାନ ଦେଇ ଜମି ଯେପରି ଆଉ ଖଣ୍ଡବିଖଣ୍ଡିତ ନ ହେବ, ନାମକୁମାତ୍ର ଚାଷୀ ସଂଖ୍ୟା ବୃଦ୍ଧି ନ ହେବ ସେଥିପାଇଁ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। କୃଷିର ଉତ୍ପାଦିକା ଶକ୍ତି ପାଇଁ ଜଳସେଚନର ଭୂମିକା ଗୁରୁତ୍ୱପୂର୍ଣ୍ଣ। କୃଷି ଗଣନା ରିପୋର୍ଟ କହେ ୨୦୧୦-୧୧ରେ ନିଟ୍ ଜଳସେଚିତ ଜମିର ପରିମାଣ ନିଟ୍ ଚାଷ ଜମି ପରିମାଣର ୨୭.୩୮ ପ୍ରତିଶତ ଥିବାବେଳେ ତାହା ହ୍ରାସ ପାଇ ୨୦୧୫-୧୬ରେ ହୋଇଛି ୨୭.୨୫ ପ୍ରତିଶତ। ୨୦୧୦-୧୧ରେ ୪୬.୪୨ ଲକ୍ଷ ହେକ୍ଟରରେ ଚାଷ ହେଉଥିବା ବେଳେ ୨୦୧୫-୧୬ରେ ଚାଷଜମିର ପରିମାଣ ହ୍ରାସ ପାଇ ହୋଇଛି ୪୩.୩୩ ଲକ୍ଷ ହେକ୍ଟର। ୨୦୧୦-୧୧ରେ ନିଟ୍ ଜଳସେଚିତ ଜମିର ପରିମାଣ ୧୨.୭୧ ଲକ୍ଷ ହେକ୍ଟର ହେବା ବେଳେ ୨୦୧୫-୧୬ରେ ହ୍ରାସ ପାଇ ହେଲା ୧୧.୮୦ ଲକ୍ଷ ହେକ୍ଟର। ସ୍ୱତନ୍ତ୍ର କୃଷି ବଜେଟରେ ଦୀର୍ଘ ଛଅବର୍ଷ ଧରି ଜଳସେଚନ ପାଇଁ ସର୍ବାଧିକ ବ୍ୟୟ ବରାଦ କରୁଛନ୍ତି ସରକାର। ୨୦୧୪-୧୫ରୁ ୨୦୧୭-୧୮ ବଜେଟ୍‌ରେ ୨୬,୮୮୯ କୋଟି ଟଙ୍କା ବ୍ୟୟବରାଦ ଜଳସେଚନ ପାଇଁ ହୋଇଛି। ୨୦୧୪-୧୫ରୁ ୨୦୧୮-୧୯ ମଧ୍ୟରେ ୧୦ ଲକ୍ଷ ହେକ୍ଟର ଅଣସେଚିତ ଜମିକୁ ଜଳ ଯୋଗାଇ ଦେବାର ପ୍ରତିଶ୍ରୁତି ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣରେ ଦେଇଥିବା ବେଳେ ଜଳସେଚନର ସ୍ଥିତି କ'ଣ? ରାଜ୍ୟ ଅର୍ଥନୈତିକ ସର୍ଭେର ପରିସଂଖ୍ୟାନ ଅନୁସାରେ ୨୦୧୫-୧୬ ଖରିଫ ଋତୁରେ ୨୨.୪୧ ଲକ୍ଷ ହେକ୍ଟର ଜମିକୁ ଜଳ ଯୋଗାଇ ଦିଆଯାଇଥିବା ବେଳେ ରବି ଋତୁରେ ୧୦.୫୩ ଲକ୍ଷ ହେକ୍ଟର ଜମିକୁ ଜଳ ଯୋଗାଇ ଦିଆଯାଇଥିଲା। ୨୦୧୭-୧୮ ଖରିଫ ଋତୁରେ ୨୨.୬୨ ଲକ୍ଷ ହେକ୍ଟରକୁ ଜଳ ଯୋଗାଇ ଦିଆଯାଇଥିବା ବେଳେ ରବି ଋତୁରେ ୧୧.୮ ଲକ୍ଷ ହେକ୍ଟରକୁ ଜଳଯୋଗାଇ ଦିଆଯାଇଛି। ଜଳସେଚିତ ଜମିର ବୃଦ୍ଧି ପ୍ରାୟ ନାହିଁ। ଯାହା ହୋଇଛି ତାହା ନାମକୁମାତ୍ର। ସରକାର ସନ୍ତୁଷ୍ଟ ରହୁଛନ୍ତି ଜଳସେଚନ ଉତ୍ସ ସୃଷ୍ଟି କରିବାରେ। ୨୦୧୭-୧୮ରେ ଯେତିକି ଜଳସେଚନ ଉତ୍ସ ସୃଷ୍ଟି କରାଯାଇଛି ସରକାରୀ ରିପୋର୍ଟ ଅନୁସାରେ ଖରିଫରେ ତା'ର ଉପଯୋଗ ହୋଇଛି ୫୬ ପ୍ରତିଶତ ଆଉ ରବି ଋତୁରେ ଉପଯୋଗ ହୋଇଛି ୬୩ ପ୍ରତିଶତ। ତାହାହେଲେ ଅପର୍ଯ୍ୟାପ୍ତ ଅର୍ଥ ବିନିଯୋଗ କରି ଜଳର ଉତ୍ସ ସୃଷ୍ଟି କରି ଲାଭ କ'ଣ, ଯଦି ପ୍ରକୃତରେ କେନାଲ ଖୋଳି ଜମିକୁ ଜଳ ଯୋଗାଇ ଦିଆଯାଇ ନ ପାରିଲା। ଏହା ଅର୍ଥର ଅପବ୍ୟୟ ସହ ସମାନ। ଜଳସେଚନ ପାଇଁ ଅଧିକ ବ୍ୟୟବରାଦ ନ କରି ବିକଳ୍ପ ଜଳସେଚନର ଚିନ୍ତା କରିବାକୁ ପଡିବ।

ସରକାର ଅର୍ଥନୈତିକ ସର୍ଭେରେ କହୁଛନ୍ତି ଓଡ଼ିଶାରେ କ୍ରପିଂ ଇଣ୍ଟେନ୍‌ସିଟି ବା ଫସଲ ଚାଷର ସାନ୍ଦ୍ରତା ହେଉଛି ୧୬୭ ପ୍ରତିଶତ। କୃଷି ଗଣନା ଅନୁସାରେ ଏହା ୧୨୦ ପ୍ରତିଶତ। ଯେହେତୁ ଜଳସେଚନ ବଢୁ ନାହିଁ, ତେଣୁ ଖଣ୍ଡିଏ ଜମିରେ ଏକାଧିକବାର ଚାଷ ହୋଇପାରୁ ନାହିଁ। କୃଷି ଗଣନା ପ୍ରକୃତ କ୍ଷେତ୍ରରୁ ତଥ୍ୟ ସଂଗ୍ରହ କରି ଯାହା ପରିସଂଖ୍ୟାନ ଦେଇଛି ତାହା ଅଧିକ ଗ୍ରହଣଯୋଗ୍ୟ। ଗୋଟିଏ ଜମିରେ ଜଳସେଚନର ବ୍ୟବସ୍ଥା ହେଲେ ଏକାଧିକ ବାର ଫସଲ ସେଠୁ ଅମଳ ହେବ ଆଉ ଚାଷୀର ଆୟ ବଢ଼ିବ। ଚାଷୀର ଆୟବୃଦ୍ଧି ପାଇଁ କେବଳ ଧାନଚାଷ ନ କରି ବିଭିନ୍ନ ପ୍ରକାର ଫସଲ କରିବାକୁ ଦଶନ୍ଧି ଦଶନ୍ଧି ଧରି କୁହାଗଲା ବେଳେ ଧାନଚାଷର ପ୍ରତିଶତ ହ୍ରାସ ପାଉନାହିଁ ବରଂ ବୃଦ୍ଧି ପାଉଛି। ଏବେ ଧାନଚାଷ ମୋଟ ଚାଷ ହେଉଥିବା ଫସଲର ୭୯.୧୫ ଭାଗ। ଧାନଚାଷକୁ ହ୍ରାସ କରି ଅର୍ଥକରୀ ଡାଲିଜାତୀୟ ଫସଲ, ତୈଳବୀଜ, ପନିପରିବା, ଫଳ, କପା, ଆଖୁ, ଲଙ୍କାମରିଚ, ଅଦା, ହଳଦୀ, ଆଳୁ, ପିଆଜ ଚାଷ ଅଧିକରୁ ଅଧିକ ଜମିରେ କରିବାକୁ ପଡିବ।

ଓଡ଼ିଶାରେ କୃଷିର ଉପରୋକ୍ତ ସ୍ଥିତିରେ ଆଗାମୀ ବଜେଟ ପ୍ରସ୍ତୁତ କଲାବେଳେ ନିମ୍ନୋକ୍ତ ସୁପାରିସଗୁଡ଼ିକୁ ବିଚାରକୁ ନେଇ ଓଡ଼ିଶାର ଚାଷୀକୁଳ କିପରି ତାଙ୍କ ଆୟବୃଦ୍ଧି କରିବେ ତାହା ନିଶ୍ଚିତ କରିବା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ।

ଜଳସେଚନ ପାଇଁ ଆଉ ବଡ଼ ବଡ଼ ପ୍ରକଳ୍ପ ନ କରି ଆମ ବର୍ଷାଜଳକୁ ଚାଷୀମାନେ ଯେପରି ନିଜ କ୍ଷେତରେ ଜଳସେଚନ ପୋଖରୀ ଖୋଳି ସଂଗ୍ରହ କରି ରଖି ଫସଲକୁ ଜଳ ଯୋଗାଇବେ ତାହାର ନକ୍ସା ପ୍ରସ୍ତୁତ କରି କାର୍ଯ୍ୟକାରୀ କରାଯାଉ। ଚାଷୀ ପୋଖରୀ ଖୋଳୁ। ସେଥିପାଇଁ ତାକୁ ସବ୍‌ସିଡି ଦିଆଯାଉ। ଧାନଚାଷ ଜମିର ପରିମାଣ ହ୍ରାସ କରି ବିଭିନ୍ନ ଅର୍ଥକରୀ ଫସଲ ଓ ଆମ ଖାଉଟି ଚାହୁଁଥିବା ଫସଲର ଚାଷ ପାଇଁ ଯୋଜନା ହେଉ। କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ହୋଇ ମୂଲ୍ୟଯୁକ୍ତ କରାଯାଇ ରାଜ୍ୟ ମଧ୍ୟରେ, ବାହାରେ, ଏପରି କି ବିଦେଶ ବଜାରରେ ବିକ୍ରି ପାଇଁ ପଦକ୍ଷେପ ନିଆଯାଉ। ପ୍ରତି ପଞ୍ଚାୟତରେ ଖାଦ୍ୟଶସ୍ୟ ଗୋଦାମ ନିର୍ମାଣ ହେଉ। ପନିପରିବା ବିଶେଷକରି ଆଳୁ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ନିର୍ମାଣ ହେଉ ଏବଂ ପିଆଜ ଚାଷ ଅଞ୍ଚଳରେ ପିଆଜ ସାଇତା ଭଣ୍ଡାର ନିର୍ମାଣ ହେଉ। ଚାଷ କ୍ଷେତ୍ରରୁ ନାମମାତ୍ର ଚାଷୀଙ୍କୁ ବାହାର କରି ଆଣି ବିକଳ୍ପ ନିଯୁକ୍ତି ବ୍ୟବସ୍ଥା କରାଯାଉ। ସେମାନେ କିପରି କୃଷିବାହାରେ ଆତ୍ମନିଯୁକ୍ତି ପାଇ ବିଭିନ୍ନ ପ୍ରକାର ବାଣିଜ୍ୟ ବ୍ୟବସାୟ କରି ପେଟ ପୋଷିବେ ସେଥିପାଇଁ ଏକ ଦଶବର୍ଷିଆ ଦୀର୍ଘମିଆଦୀ ଯୋଜନା କରାଯାଉ। କୃଷି ଜ୍ଞାନକୌଶଳ ଓ ନୂତନ ପରିକଳ୍ପନାକୁ ଚାଷୀ ନିକଟରେ ପହଞ୍ଚାଇବା ପାଇଁ ଯଥେଷ୍ଟ ସଂଖ୍ୟାରେ କୃଷି ସମ୍ପ୍ରସାରଣ ଅଫିସର ଓ କୃଷି ଗ୍ରାମସେବକଙ୍କୁ ବ୍ଲକ ଓ ଗ୍ରାମପଞ୍ଚାୟତରେ ନିଯୁକ୍ତି ଦିଆଯାଉ। ଏଥିପାଇଁ ବଜେଟରେ ଆବଶ୍ୟକ ବ୍ୟୟବରାଦ ହେଉ।

ବଜେଟ ପ୍ରସ୍ତୁତ କରି କେବଳ ବ୍ୟୟବରାଦ କଲେ ହେବନାହିଁ, ସେହି ଅର୍ଥ କିପରି ବ୍ୟୟ ହେଉଛି ତାକୁ ନିଶ୍ଚିତ କରିବାକୁ ହେବ। ତେବେ ଯାଇ କୃଷି ଉତ୍ପାଦନ ବୃଦ୍ଧି ପାଇବ ଆଉ ଚାଷୀର ଆୟ ବଢ଼ିବ।

**ସତ୍ୟନଗର, ଭୁବନେଶ୍ୱର, ମୋ-୯୯୩୭୯୫୧୨୬୨**

# ଚେଇଁ ଶୋଇଥିବ ଯିଏ



ଡ. ଚିନ୍ତାମଣି ପଣ୍ଡା

ସ୍ୱଚ୍ଛ ଭାରତ ଅଭିଯାନ ଏକ ଗାନ୍ଧୀଯୁଗୀୟ ଚିନ୍ତାଧାରା। କିନ୍ତୁ ୨୦୧୪ ଗାନ୍ଧୀ ଜୟନ୍ତୀଠାରୁ ଏ ପର୍ଯ୍ୟନ୍ତ ୯୦ନିୟୁତ ପାଇଖାନା ନିର୍ମାଣ ପାଇଁ କେନ୍ଦ୍ର ସରକାର ସ୍ୱଚ୍ଛଭାରତ ମିଶନ ନାମରେ ପ୍ରାୟ ୧.୯୬ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି। ଅନେକ ଗ୍ରାମ, ଜନପଦ, ପୌରପାଳିକା, ମହାନଗର ଇତ୍ୟାଦିକୁ ସମ୍ପୂର୍ଣ୍ଣ ପରିମଳ ପାଇଁ ପୁରସ୍କୃତ ମଧ୍ୟ କରାଯାଇ ସାରିଲାଣି। କିନ୍ତୁ ବାହାରେ ମଳମୂତ୍ର ତ୍ୟାଗ କ'ଣ ବନ୍ଦ ହୋଇଯାଇଛି! ଖୋଦ୍ ଦିଲ୍ଲୀର ବସ୍ତି ଅଞ୍ଚଳରେ ରେଳଧାରଣା କଡ଼ରେ ସକାଳୁ ସକାଳୁ ଅରୁଚିକର ମଳତ୍ୟାଗର ଦୃଶ୍ୟ ଭାରତର ପ୍ରତିଛବି ଉପରେ କଳଙ୍କ ଲଗାଏ। ଆକୁମାରୀହିମାଚଳ ଯେଉଁଠି ଦେଖିବେ, ଆମ ଭାରତୀୟ ନାଗରିକମାନେ ନାଳବନ୍ଧ ଓ ରେଳଧାରଣାକୁ ମଳମୂତ୍ର ତ୍ୟାଗ ପାଇଁ ଆପଣେଇ ନେଇଥାନ୍ତି। ନିକଟରେ ଭୁବନେଶ୍ୱର ମହାନଗର ନିଗମ ଏକ ହୁଲିଆ ଜାରି କଲେ ଯେ, ଏ ବର୍ଷର ଗାନ୍ଧୀ ଜୟନ୍ତୀ ପରଠାରୁ ଏକନମ୍ବର ସ୍ମାର୍ଟ ସହର ଭୁବନେଶ୍ୱରରେ ବାହାରକୁ ଝାଡ଼ା ଗଲେ ମୁଣ୍ଡପିଛା ୨୦୦ ଟଙ୍କା ଏବଂ ପରିସ୍ରା କଲେ ୧୫୦ ଟଙ୍କା ଜରିମାନା ଆଦାୟ କରାଯିବ। ଏ ଘୋଷଣା ଶୁଣୁଶୁଣୁ ସହରବାସୀ ସଭ୍ୟ ନାଗରିକମାନଙ୍କର ପ୍ରତିରୋଧ ଆରମ୍ଭ ହୋଇଗଲା। ପ୍ରଥମେ ସଚେତନ କରନ୍ତୁ ତା' ପରେ ଯାଇ ଦଣ୍ଡିତ କରିବେ ବୋଲି ଦାବି କରାଗଲା। କହିଲେ ଦେଖି ଆଉ କେତେ ସଚେତନତା ଯାଙ୍କୁ ଦରକାର!

ଟ୍ରାଫିକ୍‌ର କଡା ନିୟମକୁ ମାନିବା ପାଇଁ ସରକାର ପ୍ରୟାସ କଲେ। ନିୟମ ପ୍ରଣୟନ କଲେ, ଆଉ ଜନସାଧାରଣଙ୍କର ଉଦ୍‌ବେଗକୁ ବୁଝି ତିନିମାସ ଜାଗାରେ ଛଅ ମାସ ସମୟ ମଧ୍ୟ ଦେଲେ ସଚେତନ ହେବା ପାଇଁ। ଏବେ କ'ଣ ଆମ ସଚେତନ ଜନତା ଶୃଙ୍ଖଳିତ ହୋଇ ଟ୍ରାଫିକ୍ ନିୟମ ମାନୁଛନ୍ତି? ଭୁଲ୍ ରାସ୍ତାରେ ଯାଉନାହାନ୍ତି ବା ପବନବେଗରେ ୩ ଜଣଙ୍କୁ ବସାଇ ଗାଡି ଚଳାଉ ନାହାନ୍ତି? ଧରାପଡିଗଲେ ଆମେ ସଚେତନ ନୋହୁଁ ବୋଲି ସଫେଇ ଦେବେ। ସହରାଞ୍ଚଳରେ ସରକାରୀ ଜାଗାକୁ ଜବରଦଖଲ କରି ଯଦି ବ୍ୟବସାୟୀଟିଏ ଉଠାଦୋକାନ କରୁ କରୁ ସ୍ଥାୟୀ ଘର କରୁଛି ତେବେ ତାକୁ ନଗର ନିଗମ ଭାଙ୍ଗିଲା ବେଳକୁ ଯଥେଷ୍ଟ ସଚେତନ କରାଯାଇ ନ ଥିବା କଥା କୁହାଯାଉଛି। ଏପରି କି ପ୍ରତିବଦଳରେ ଉପଯୁକ୍ତ ଜାଗାଟିଏ ମଧ୍ୟ ଦାବି କରାଯାଉଛି। କାରଣ ଜାଗା ଜବରଦଖଲକାରୀକୁ ଦଣ୍ଡ ଜାଗାରେ ଆମେ ଥଇଥାନ କରି ପୁରସ୍କୃତ କରୁଛେ। ବଡ଼ ବଡ଼ ଘରୋଇ ହସ୍‌ପିଟାଲ ହେଉ କିମ୍ବା ସୁପର ବଜାର ମଲ୍ ହେଉ ଅଗ୍ନିନିରୋଧ ବ୍ୟବସ୍ଥା ନ ଥାଇ ଚାଲୁ ଚାଲୁ କିଛି ଅଘଟଣ ଘଟିଗଲେ ଚତୁର ମାଲିକଟି ସଚେତନ ନ ଥିବା କଥା କହୁଛି। କଲ୍ୟାଣମଣ୍ଡପ ବାଲାଏ ତ ସରକାରୀ ରାସ୍ତାକୁ ଗାଡି ରଖିବା ସ୍ଥାନ ଭାବରେ ବ୍ୟବହାର କରନ୍ତି, ବୋଧହୁଏ ସେଇ ସଚେତନତା ଅଭାବରୁ।

ଯଦି ସହରବାସୀଙ୍କୁ ଏତିକି ସଚେତନତା ଲୋଡା ପଡୁଛି, ତେବେ ନିପଟ ମଫସଲରେ ଡାହାଣୀ ସନ୍ଦେହରେ କାହାର ଦାନ୍ତ ଭାଙ୍ଗିଲେ କି ବିଷ୍ଠା ଖୁଆଇଲେ ବା ଗୁଳିକରି ମାରିଦେଲେ ଆମେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କଥାରେ ଅଛି 'ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ'। ଏଥିପାଇଁ ପ୍ରଚୁର ଆର୍ଥିକ ତଥା ଶାରୀରିକ ଦଣ୍ଡର ବ୍ୟବସ୍ଥା କରି ତତ୍କାଳୀନ ରାଜାମାନେ ଶୃଙ୍ଖଳିତ ରାଜ୍ୟ ଶାସନ କରୁଥିଲେ। କିନ୍ତୁ ଗଣତନ୍ତ୍ରରେ ତ ଏ ସବୁର ସ୍ଥାନ ଅନେକ ଦୂରରେ। ଖୋଦ୍ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ମଧ୍ୟ ସାଧାରଣରେ ମାନୁଛନ୍ତି ଯେ, ନ୍ୟାୟିକ ପ୍ରକ୍ରିୟା ଏକ ବିଳମ୍ବିତ ପ୍ରକ୍ରିୟା ବୋଲି। ତେଣୁ ଯେତେ କଡାକଡି ନିୟମ ହେଉଛି ସେତେ ମାତ୍ରାରେ ବଳାତ୍କାର ବି ବଢି ବଢି ଚାଲିଛି। ଗୋଠ ମାତିଲେ ଖଣ୍ଡିଆ ହଡ଼ା ମାତିବା ପରି ୬୦ ବର୍ଷୀୟ ବ୍ୟକ୍ତି ବି ବଳାତ୍କାର କରିବାକୁ ପଛଉନାହାନ୍ତି। ଏମାନେ ଅଚେତନ ନା ଅର୍ଦ୍ଧଚେତନ? ଅଗନା ଅଗନି ବନସ୍ତ ମଧ୍ୟରେ ପ୍ରତିକୂଳ ପରିସ୍ଥିତିକୁ ଭ୍ରୂକ୍ଷେପ ନ କରି ନିଷିଦ୍ଧ ଗଞ୍ଜେଇ ଚାଷର ଆୟତନ ଅବକାରୀ ବିଭାଗର ଅଗୋଚରରେ ବଢି ବଢି ଚାଲିଛି। କୌଣସି ପ୍ରୋତ୍ସାହନ, ରିହାତି କିମ୍ବା ତାଲିମ ବିନା ଅଚେତନ ଚାଷୀମାନେ ଏହା କରିଚାଲିଛନ୍ତି, ଆଉ ଧରା ପଡିଗଲେ ନିଜର ଅଜ୍ଞତାକୁ ଦ୍ୱାହି ଦେଇ ଖସିଯିବାକୁ ଚେଷ୍ଟା କରୁଛନ୍ତି। ଆଉ ଆମ ଧାନଚାଷୀ ଭାଇମାନଙ୍କ ପାଇଁ ସକଳ ପ୍ରକାରର ସଚେତନତା ଲୋଡା ପଡୁଛି। ସେ ମଣ୍ଡିକୁ ଧାନ ନେବା ଆଗରୁ ନାମ ପଞ୍ଜୀକରଣ କରିବାକୁ ସଚେତନ ହୋଇପାରୁ ନ ଥିବା ବେଳେ ଚୋରାରେ ଛତିଶଗଡକୁ ଧାନ ଚାଲାଣ କରି ଦୁଇପଇସା ହାତେଇବାରେ ବେଶ୍ ପାରଙ୍ଗମ ବା ସଚେତନ। ଯେମିତି ଗ୍ରାମବାସୀଟିଏ ନିଜକୁ ମୂର୍ଖ, ଗାଉଁଲି ବୋଲି ପ୍ରତିପାଦନ କରିବାକୁ ଯାଇ ସରକାରୀ କଲ୍ୟାଣମୂଳକ ଯୋଜନା ବିଷୟରେ ନିଜର ଅଜ୍ଞତା ପ୍ରଦର୍ଶନ କରୁଥିବା ବେଳେ ସାଧାରଣ ମୃତ୍ୟୁକୁ ସାପକାମୁଡ଼ା ଦର୍ଶାଇ କିମ୍ବା ମୃତ ବାପାକୁ ଜୀବିତ ଦର୍ଶାଇ ଭତ୍ତା ହଡପ କରିନେବାର କଳାକୌଶଳରେ ଧୁରନ୍ଧର। ଖାଲି ସେମାନେ ନୁହନ୍ତି ଖୋଦ ଜଗନ୍ନାଥ କି ଲିଙ୍ଗରାଜ ମହାପ୍ରଭୁଙ୍କର ନିତ୍ୟ ସେବକଟିଏ ମଧ୍ୟ ନୀତିକାନ୍ତିରେ ଖିଲାପ କରି କିମ୍ବା ଦେଉଳ ବେଢାରେ ଶୌଚ କର୍ମ କରି ସଚେତନତାର ଅଭାବ କଥା କହି ଖସିଯିବାକୁ ପ୍ରୟାସ କରୁଛି। ନିର୍ବାଚିତ ଲୋକପ୍ରତିନିଧିଗଣ ମଧ୍ୟ ଆଉ ପାଦେ ଆଗକୁ ଯାଇ ଆଇନକୁ ନିଜ ଇଚ୍ଛାରେ ବ୍ୟବହାର କଲାପରେ ଧରାପଡିଗଲେ ସେ ବାବଦରେ ନିଜର ଅଚେତନତା (ଅଜ୍ଞତା) ପ୍ରକାଶ କରିବାକୁ ପଛାଉନାହାନ୍ତି। ଅତଏବ ନିଜେ ଅଚେତନ ସାଜି ନିୟମକୁ ଆଖିଠାର ମାରିବା ଆଜି ଏକ ଫ୍ୟାଶନରେ ପରିଣତ ହୋଇଗଲାଣି। ଯେତେ ସଚେତନ ହେଲେ ବି ଆମେ ବଦଭ୍ୟାସ ଛାଡିବାର ମାନସିକତା ପ୍ରତିପୋଷଣ ନ କରିବା ଆଜି ବିଡମ୍ବନାର ବିଷୟ। ଚେଇଁ ଶୋଇଥିବ ଯିଏ, ତାକୁ ଉଠେଇବ କିଏ?

ପ୍ରାଧ୍ୟାପକ, କୃଷି ମହାବିଦ୍ୟାଳୟ,
ଭୁବନେଶ୍ୱର, ମୋ-୯୪୩୭୧୮୫୧୭୫

## ଏଇ ଭାରତରେ

ଗୁଜରାଟର ଅମରେଲି ଜିଲାନିବାସୀ ଜଣେ ମୁସଲମାନ ଓ ତାଙ୍କ ବନ୍ଧୁମାନେ ସାମ୍ପ୍ରଦାୟିକ ସଦ୍‌ଭାବନାର ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ସେମାନେ ଜଣେ ହିନ୍ଦୁ ବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଲାଗି ମକର ସଂକ୍ରାନ୍ତିରେ ଗୋସେବା କରିଛନ୍ତି। ଅମରେଲିର ସାବରକୁଣ୍ଡଲାରେ ବସିର ଝାଙ୍ଗରା ଓ କସ୍‌ବେ ତାଙ୍କ ବ୍ରାହ୍ମଣ ବନ୍ଧୁ ନିଲେଶଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଗାଈମାନଙ୍କୁ ଘାସ ଖୁଆଇଛନ୍ତି। ସେମାନେ କ୍ଷେତରୁ ୬୫୦କେଜି ଘାସ କାଟି ଆଣି ସେହି ଅଞ୍ଚଳର ସବୁ ଗାଈକୁ ଖାଇବାକୁ ଦେଇଛନ୍ତି। ବସିରଙ୍କ ବନ୍ଧୁ ନିଲେଶ ମେହେଟାଙ୍କର କିଛିଦିନ ପୂର୍ବରୁ ମୃତ୍ୟୁ ଘଟିଥିଲା। ବସିର ନିଲେଶଙ୍କୁ ଭାଇ ଭଳି ଦେଖୁଥିଲେ। ଶ୍ରଦ୍ଧାଞ୍ଜଳି ଦେବା ଲାଗି ବସିର ବଜାରରୁ ଘାସ କିଣି ନାହାନ୍ତି, ବରଂ ତାଙ୍କର ୬ ବିଘା ଜମିରୁ ୩ ବିଘାରେ ଘାସଚାଷ କରି ଗାଈମାନଙ୍କୁ ଖୁଆଇଛନ୍ତି। ଏମିତି କି କ୍ଷେତରୁ ଘାସ କାଟିବା ପାଇଁ କୌଣସି ଶ୍ରମିକଙ୍କୁ କାର୍ଯ୍ୟରେ ନ ଲଗାଇ ନିଜେ କାଟିଛନ୍ତି। ବସିରଙ୍କୁ ତାଙ୍କର ୫ ଜଣ ସାଙ୍ଗ ଏଥିରେ ସହଯୋଗ କରିଛନ୍ତି।

## ଚିରନ୍ତନୀ

ଶୀତର ସକାଳେ ଆସୁଥିଲା ଯେବେ
କୁହୁଡ଼ି ଘୋଟି
ଧଳା ପରଦାଟି ପକାଇ ଅଦୂର
ପୁନାଗ ବନେ।
କନକ ଅଧରେ ହସି ଦେଇ ରବି
ଉଠଇ ଉଇଁ
ନୂଆବୋହୂ ସମ ଲୁଚିଯାଏ କାହିଁ
କୁହୁଡ଼ି ଘୋଟି!
(ପାସୋରି ଦେଲିରେ ଶିମୁଳିପାଳ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଜାନୁୟାରୀ ୧୯୯୫**

- ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟ ବ୍ୟବସାୟ ବୃଦ୍ଧି କରିବା ପାଇଁ ଏକ ବାଣିଜ୍ୟିକ ମେଣ୍ଟ ଗଠନ ସକାଶେ ଦୁଇ ଦେଶ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ହାଇଦ୍ରାବାଦ ନିଜାମଙ୍କର ଗନ୍ତାଘରରେ ପଡ଼ିରହିଥିବା ମଣିମୁକ୍ତା ଖଚିତ ଅଳଙ୍କାରକୁ କେନ୍ଦ୍ର ସରକାର ୨୧୭ କୋଟି ୩୦ ଲକ୍ଷ ଟଙ୍କା ପଇଠ କରି କିଣି ନେଇଛନ୍ତି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 8 | 4 | | | | | | | | | | | B | 5 |
| | | B | 8 | 4 | | | | 2 | | A | 0 | | 1 | 7 |
| | | | | C | | | E | B | 3 | 6 | | | 2 | |
| 6 | | | | 1 | | | 3 | C | | | | 0 | | |
| | A | | 3 | | | 0 | | | | | | | 4 | 9 |
| | | | | | E | 9 | | 3 | | | 5 | 4 | | |
| 4 | 9 | | | 2 | D | | C | | | 1 | | | 7 | |
| | 7 | 5 | B | | | | | 8 | | | | A | | 2 |
| | | | | A | C | | | | | 8 | 4 | E | | 6 |
| | | | 7 | | | | D | | | | | | | |
| | | 8 | | 0 | | D | | | 7 | 9 | | | E | |
| | | | | | | | 0 | | | C | B | 2 | A | |
| | | 1 | | | | | | 7 | | | | | | 3 |
| D | | | 1 | 7 | 8 | | B | 9 | | 3 | | | | |
| | | | | | | 2 | A | 6 | | E | | | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | B | A | 6 | 2 | D | 1 | C | E | 4 | 9 | 5 | 3 | 0 | 8 |
| 6 | 2 | 3 | 8 | E | 5 | D | 7 | 4 | C | B | 0 | 9 | A | 1 |
| 8 | 9 | 0 | 4 | C | B | A | 3 | 5 | 1 | D | E | 2 | 6 | 7 |
| D | E | 5 | 7 | 1 | 3 | 6 | 0 | 9 | 8 | A | 2 | B | C | 4 |
| C | 4 | 1 | 0 | A | 9 | B | 2 | 8 | 3 | 6 | 7 | 5 | D | E |
| 4 | 3 | C | B | 7 | 6 | 5 | 9 | A | 2 | 8 | D | 1 | E | 0 |
| B | 1 | 9 | C | 4 | E | 7 | D | 2 | 0 | 5 | 6 | 8 | 3 | A |
| 5 | A | 2 | 1 | 0 | 8 | C | 6 | 3 | 9 | E | B | 7 | 4 | D |
| 0 | 6 | 7 | 3 | D | 2 | 8 | E | B | A | 4 | 1 | C | 9 | 5 |
| E | D | 8 | 5 | 9 | A | 0 | 4 | 1 | 7 | 3 | C | 6 | 2 | B |
| 9 | 5 | 6 | A | B | 4 | 2 | 1 | D | E | C | 8 | 0 | 7 | 3 |
| 2 | 7 | D | 9 | 3 | 1 | 4 | 8 | C | B | 0 | A | E | 5 | 6 |
| 1 | 0 | 4 | 2 | 8 | C | E | 5 | 6 | D | 7 | 3 | A | B | 9 |
| A | 8 | E | D | 5 | 0 | 3 | B | 7 | 6 | 2 | 9 | 4 | 1 | C |
| 3 | C | B | E | 6 | 7 | 9 | A | 0 | 5 | 1 | 4 | D | 8 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିଶୁମୃତ୍ୟୁ: ଆଧୁନିକ ଚିକିତ୍ସା କ୍ଷେତ୍ରକୁ ଲଜ୍ଜା

ମହାଶୟ,

ରାଜସ୍ଥାନର କୋଟାସ୍ଥିତ ହସ୍ପିଟାଲରେ ଏବଂ ଗୁଜରାଟର ରାଜକୋଟ ଓ ଅହମଦାବାଦର ଦୁଇଟି ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଶିଶୁମାନଙ୍କ ଅକାଳ ନିଧନ ବିଜ୍ଞାନ ଯୁଗର ଆଧୁନିକ ଚିକିତ୍ସା କ୍ଷେତ୍ର ପାଇଁ ଲଜ୍ଜାକର ତଥା ଚରମ ମାନବୀୟ ଅବହେଳାର ନିଦର୍ଶନ। ଏ ପ୍ରକାର ଘଟଣାର ଯେପରି ପୁନରାବୃତ୍ତି ନ ହୁଏ, ସରକାର ସେ ଦିଗରେ ସଚେତନ ହୋଇ ସ୍ୱାସ୍ଥ୍ୟସେବା ପ୍ରଦାନରେ ବିଭିନ୍ନ ଉପକରଣ ଓ ଔଷଧ ଯୋଗାଇଦେବାକୁ ଯତ୍ନବାନ ହେବା ସହ ହସ୍ପିଟାଲରେ ନିୟୋଜିତ ସମସ୍ତ ଡାକ୍ତର, କର୍ମଚାରୀମାନେ ଆନ୍ତରିକତାପୂର୍ଣ୍ଣ ଓ ଉତ୍ସର୍ଗୀକୃତ ଗୁଣାତ୍ମକ ସେବା ପ୍ରଦାନ କରିବା ଆବଶ୍ୟକ।

ଅଶୋକ କୁମାର ଆଢ଼୍ୟ, ସଭାପତି, ଆର୍ତ୍ତତ୍ରାଣ ସେବା ସଂସଦ,
ମରୀଚିକୋଟ ଗଳି, ପୁରୀ

### ସଚ୍ଚୋଟତା ପ୍ରଦର୍ଶନ

ନିଜର କାର୍ଯ୍ୟଧାରା ପ୍ରତି ଅତୁଟ ଭରସା ଓ ଆତ୍ମବିଶ୍ୱାସ ରହିବା କମ୍ ବଡ଼ କଥା ନୁହେଁ। ଆଲବର୍ଟ ଆଇନଷ୍ଟାଇନ କହିଥିଲେ, ଜଣେ ସଫଳ ମଣିଷ ନୁହଁ, ସଚ୍ଚୋଟ ମଣିଷ ହୁଅ। ତେଲଙ୍ଗାନା କରିମନଗର ଜିଲାର ବିଦ୍ୟୁତ୍ ବିଭାଗ ଅତିରିକ୍ତ ମଣ୍ଡଳ ଯନ୍ତ୍ରୀ ପୋଜେଡି ଅଶୋକ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୋର୍ଡ ଟାଙ୍ଗିଛନ୍ତି, ଯେଉଁଥିରେ ଲେଖାଅଛି ମୁଁ ଦୁର୍ନୀତିମୁକ୍ତ। ତେଲୁଗୁ ଭାଷାରେ ଲିଖିତ- ମୁଁ ଲାଞ୍ଚ ନିଏ ନାହିଁ। ବୋଧହୁଏ ଏହା ଖାଲି ପଙ୍କିଳ ପ୍ରଶାସନିକ ପରିବେଶ, ବାତାବରଣ ପାଇଁ ଦୁଃସାହସ, ସଚ୍ଚୋଟପଣିଆର ବଳିଷ୍ଠ ନିଦର୍ଶନ। ଅମରିଲତା ପରି ସବୁବର୍ଗର ଅମଲା ଏପରିକି ରାଜନେତା ଦୁର୍ନୀତିଗ୍ରସ୍ତ। ସାମ୍ପ୍ରତିକ ସମାଜରେ ଏପରି ସଚ୍ଚୋଟ ଅଧିକାରୀ ସମସ୍ତଙ୍କ ପାଇଁ ଆଦର୍ଶ, ପ୍ରେରଣାର ଉତ୍ସ। ଏପରି ମାନସିକତା, ଚିନ୍ତାଧାରା ଅନ୍ୟ ଅଧିକାରୀମାନଙ୍କୁ ସଚ୍ଚୋଟତାର ଶିକ୍ଷା ପ୍ରଦାନ କରିବ ବୋଲି ଆଶା।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ମୋ ବସ୍

ମୋ ବସ୍ ସେବା ପାଇଁ ନିକଟରେ ରାଜ୍ୟ ସରକାର ପୁରସ୍କୃତ ହୋଇଛନ୍ତି। କିନ୍ତୁ ଦୁଃଖର ବିଷୟ ଯେ ହଜାର ହଜାର ସଂଖ୍ୟାରେ ଲୋକ ବସବାସ କରୁଥିବା ପାଣ୍ଡରା, ଜଗନ୍ନାଥନଗର, ଗୋଡ଼ଗୋପୀନାଥ ପ୍ରସାଦ କଲୋନୀ ପ୍ରଭୃତି ପ୍ରମୁଖ ଅଞ୍ଚଳବାସୀଙ୍କ ପାଇଁ ମୋ ବସ୍ ସେବା ହେଉଛି ସାତସପନ। ବର୍ତ୍ତମାନ ସୁଦ୍ଧା ଏହିସବୁ ଅଞ୍ଚଳକୁ ମୋ ବସ୍ ଗଡୁନାହିଁ। ବି.ଏମ୍.ସି., ବି.ଡି.ଏ. ଉଚ୍ଚ ଅଧିକାରୀମାନଙ୍କୁ ଅନୁରୋଧ ସେମାନେ ତୁରନ୍ତ ଜି.ଜି.ପି. କଲୋନୀଠାରୁ ମୋ ବସ୍ ଚଳାଚଳ କରିବା ପାଇଁ ଉଦ୍ୟମ କରନ୍ତୁ।

କେ. ରବି, ଜିଜିପି କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଆନ୍ଧ୍ରପ୍ରଦେଶରେ ଭାଜପାକୁ ଶକ୍ତି ମିଳିଛି। ଏଠାରେ ଦଳ ଜନସେନା ପାର୍ଟି ସହ ମେଣ୍ଟ କରିଛି। ବିଜୟୱାଡ଼ାରେ ଜନସେନା ପାର୍ଟି ଅଧ୍ୟକ୍ଷ ତଥା ଅଭିନେତାରୁ ରାଜନେତା ସାଜିଥିବା ପଓ୍ୱନ କଲ୍ୟାଣ ଏନେଇ ଘୋଷଣା କରିଛନ୍ତି। ପୂର୍ବରୁ କଲ୍ୟାଣ ୨୦୨୪ ବିଧାନସଭା ନିର୍ବାଚନରେ ମେଣ୍ଟ ଲାଗି ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟରେ ୱାଇଏସ୍‌ଆର୍‌ସିପି ଓ ଟିଡିପିକୁ ଏହି ମେଣ୍ଟ କଡ଼ା ଟକ୍କର ଦେବାରେ ସକ୍ଷମ ହେବ ବୋଲି ସେ ପ୍ରକାଶ କରିଛନ୍ତି।

# ରେଲୱେ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି

**କଟକ ଅଫିସ, ୧୬।୧:** କଟକ ଜିଲା ନିର୍ଗୁଣ୍ଡି ରେଲଷ୍ଟେଶନ ନିକଟସ୍ଥ ସର୍ଦ୍ଦୋଲାଠାରେ ଗୁରୁବାର ସକାଳେ ଏକ ମାଲ୍‌ବାହୀ ଟ୍ରେନ୍‌କୁ ଧକ୍କା ଦେଇ ମୁମ୍ବାଇ-ଭୁବନେଶ୍ୱର ଲୋକମାନ୍ୟ ତିଲକ ସୁପରଫାଷ୍ଟ ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ ହୋଇଛି। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବାବେଳେ ୫ ଜଣ ଗୁରୁତ୍ୱର ହୋଇଛନ୍ତି। ଏହି ଦୁର୍ଘଟଣା ପରେ ଆହତ ଯାତ୍ରୀମାନଙ୍କ ସମ୍ପର୍କରେ ସୂଚନା ପାଇଁ ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ୫ଟି ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ସେଗୁଡିକ ହେଲା- ୦୬୭୧-୧୦୭୨, ୦୬୭୪-୧୦୭୨, ୧୮୦୦୩୪୫୬୭୪୦୧, ୧୮୦୦୩୪୫୬୭୪୦୨ ଓ ୦୬୭୫୨-୧୦୭୨।

## ଦୁର୍ଘଟଣା ପରେ ୫ ଟ୍ରେନ୍‌ର ଗତିପଥ ବଦଳିଲା

ଏହି ଦୁର୍ଘଟଣା ଯୋଗୁ ୫ଟି ଟ୍ରେନ୍‌ର ଗତିପଥରେ ପରିବର୍ତ୍ତନ କରାଯାଇଛି। ତଦନୁଯାୟୀ, ନରାଜ ବାଇପାସ୍ ଦେଇ ଭୁବନେଶ୍ୱର-ଏଲ୍‌ଟିଟି ଏକ୍ସପ୍ରେସ୍, ଦୁର୍ଗ-ପୁରୀ ଏକ୍ସପ୍ରେସ୍, ଗରିବ ରଥ, ପୁରୀ-ରାଉରକେଲା ପାସେଞ୍ଜର ଓ ତାଳଚେର-ପୁରୀ ମେମୁ ଟ୍ରେନ୍‌କୁ ନରାଜ ବାଇପାସ୍ ଦେଇ ଅତିକ୍ରମ କରାଯାଇଛି। ରାତି ୧୧ଟା ସୁଦ୍ଧା ଦୁର୍ଘଟଣା ଘଟିଥିବା ଟ୍ରାକ୍‌ରେ ରେଳ ଚଳାଚଳ ସ୍ୱାଭାବିକ କରାଯିବ ବୋଲି ରେଲୱେର ଜଣେ ଅଧିକାରୀ କହିଛନ୍ତି।

## ୧୮ରେ ଉଚ୍ଚସ୍ତରୀୟ ବୈଠକ

ଦୁର୍ଘଟଣା ନେଇ ଆସନ୍ତା ୧୮ ତାରିଖରେ ରେଲୱେ ପକ୍ଷରୁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏଥିରେ କମିଶନର ଅଫ ରେଲୱେ ସେଫ୍ଟି (ସିଆର୍‌ଏସ୍) ଅଭୟ କୁମାର ରାୟ କଟକ ରେଲୱେ ରେଷ୍ଟ ହାଉସ୍‌ରେ ଏହାର ସମୀକ୍ଷା କରିବେ।

## ଏସ୍‌ସିବି ମେଡିକାଲରେ ୬ ଜଣିଆ ଡାକ୍ତରୀ ଟିମ୍

ଟ୍ରେନ୍ ଦୁର୍ଘଟଣାରେ ଆହତମାନଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଚିକିତ୍ସାଧୀନ ଥିବା ବମ୍ବେର ଯାତ୍ରୀ କ୍ରୀଷ୍ଟିନା ସିମନ ଚାନ୍ଦେକର ଗୁରୁତର ଥିବା ସୂଚନା ମିଳିଛି। ରେଳ ବିଭାଗ ତରଫରୁ କ୍ରୀଷ୍ଟିନାଙ୍କ ଚିକିତ୍ସା ନିମନ୍ତେ ୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ ଆହତମାନଙ୍କ ଚିକିତ୍ସା ନିମନ୍ତେ ଏସ୍‌ସିବି ମେଡିକାଲରେ ସର୍ଜରୀ, ଅସ୍ଥିଶଲ୍ୟ, ସ୍ନାୟୁଶଲ୍ୟ, ଦନ୍ତ, ଚକ୍ଷୁ ଓ ହୃଦ୍‌ବକ୍ଷଶଲ୍ୟ ବିଭାଗର ଡାକ୍ତରମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ମେଡିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣାଙ୍କ ସୂଚନା ଅନୁଯାୟୀ, ଆହତମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୦ ଜଣ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ରୋଗୀଙ୍କ ତଳିପେଟରେ ଆଘାତ ଲାଗିଥିବାରୁ ତାଙ୍କୁ ସର୍ଜରୀ ବିଭାଗରେ ଚିକିତ୍ସା କରାଯାଉଛି। ଅନ୍ୟ ରୋଗୀମାନଙ୍କର ଟ୍ରମା ୱାର୍ଡରେ ଚିକିତ୍ସା ଚାଲିଛି। ରୋଗୀମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇଛି। ସେମାନଙ୍କ ମଧ୍ୟରୁ ଗୋଟିଏ ଭାଗକୁ ୨୪ ଘଣ୍ଟା ଓ ଅନ୍ୟ ଭାଗକୁ ୭୨ ଘଣ୍ଟା ଅବଜରଭେଶନରେ ରଖାଯାଇଛି। ଆପାତତଃ ସମସ୍ତ ଆହତ ଏକପ୍ରକାର ବିପଦମୁକ୍ତ ଥିବା ଡା. ମହାରଣା କହିଛନ୍ତି। ଅନ୍ୟପକ୍ଷରେ ଆଇନମନ୍ତ୍ରୀ ପ୍ରତାପ ଜେନା ଓ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।



କଟକରେ ଟ୍ରେନ୍ ଦୁର୍ଘଟଣା: ଲାଇନ୍‌ଚ୍ୟୁତ ହୋଇଥିବା ବଗି।



ଜଣେ ଆହତଙ୍କୁ ଉଦ୍ଧାର କରି ନିଆଯାଉଛି।



ଏସ୍‌ସିବି ମେଡିକାଲରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ ଆହତଙ୍କ ସ୍ୱାସ୍ଥବସ୍ଥା ପଚାରି ବୁଝୁଛନ୍ତି।



ଜଣେ ଆହତ ଯାତ୍ରୀ।

## ଯାତ୍ରୀଙ୍କ ମୁହଁରୁ...

### ବୋମା ଫୁଟିବା ଭଳି ଶବ୍ଦ ହେଲା



କଟକରେ ଓହ୍ଲାଇବାର ଥିଲା। ଷ୍ଟେଶନ ପାଖେଇ ଆସୁଥିବାରୁ ଲଗେଜ୍‌ଗୁଡିକୁ ଉପରୁ କାଢୁଥିଲି। ଏହି ସମୟରେ ଟ୍ରେନ୍‌ରେ ଜୋର୍‌ରେ ଝଟ୍‌କା ହେବା ସହ ବୋମା ଫୁଟିଲା ଭଳି ଶବ୍ଦ ହେଲା। ମୁଁ ଟ୍ରେନ୍‌ରେ ବାଡେଇ ହୋଇ ତଳେ ପଡିଗଲି। ଏଥିରେ ମୋ ମୁଣ୍ଡ ଓ ମେରୁଦଣ୍ଡରେ ଆଘାତ ଲାଗିଥିଲା। କ'ଣ ହେଲା ଜାଣିବା ପୂର୍ବରୁ ମୁଁ ଯନ୍ତ୍ରଣାରେ ଛଟପଟ ହେଉଥିଲି।

**- ପୁଷ୍ପାଞ୍ଜଳି ଯାଟୁଆଳ, ରାୟଗଡ କଟକ**

### ଟ୍ରେନ୍ ବଗିରେ କାନ୍ଦବୋବାଳି ଶବ୍ଦ

ସକାଳୁ ସକାଳୁ ନିଦରୁ ଉଠି ମୁଁ ପୁଅକୁ ଶୀତବସ୍ତ୍ର ପିନ୍ଧାଉଥିଲି। ପାଖରେ ମୋ ସ୍ତ୍ରୀ ଛିଡା ହୋଇଥିଲେ। ଏହି ସମୟରେ ଦୁର୍ଘଟଣା ଘଟିବାରୁ ଟ୍ରେନ୍‌ରେ ଥିବା ସମସ୍ତ ଯାତ୍ରୀ ତଳେ ପଡିଯାଇଥିଲେ। ଆମେ ବସିଥିବା ବଗିଟି କାନ୍ଦବୋବାଳିରେ ଫାଟି ପଡୁଥିଲା। ମୋ ସ୍ତ୍ରୀଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଈଶ୍ୱରଙ୍କ କୃପାରୁ କାହାର ବେଶି କିଛି କ୍ଷତି ଘଟିନାହିଁ। ଟ୍ରେନ୍‌ର ଗତି ଧୀର ଥିବାରୁ ଆମେ ମୃତ୍ୟୁମୁଖରୁ ବଞ୍ଚିପାରିଲୁ।



**- ସ କୁମାର, ଛତିଶଗଡ ଯାତ୍ରୀ**

### ଶୁଣିଥିଲି, ଅଙ୍ଗେ ନିଭାଇଲି



ଦୁର୍ଘଟଣାରେ ମୋର କିଛି କ୍ଷତି ହୋଇ ନ ଥିବାବେଳେ ବହୁତ ଲୋକ ଆହତ ହୋଇଛନ୍ତି। ମୁଁ ଅନେକ ଲୋକଙ୍କୁ ଡାକ୍ତରଖାନା ଆଣିବାରେ ସାହାଯ୍ୟ କରିଥିଲି। ଆଗରୁ ଟ୍ରେନ୍ ଦୁର୍ଘଟଣା ବିଷୟରେ ଶୁଣିଥିଲି। ଏହା କେତେ ଭୟଙ୍କର ତାହା ଆଜି ଅଙ୍ଗେ ନିଭାଇଲି। ଆହତମାନଙ୍କ ଚିତ୍କାର ଅତ୍ୟନ୍ତ ହୃଦୟ ବିଦାରକ ଥିଲା।

**- ହଂସକିଶୋର ଦାସ, ଯାତ୍ରୀ, କଟକ**

### ବାହାଘରରେ ଯୋଗଦେବାକୁ ଆସୁଥିଲୁ

ମୁମ୍ବାଇରୁ ଏକ ବାହାଘରରେ ଯୋଗଦେବା ପାଇଁ ପରିବାର ଲୋକେ ଉକ୍ତ ଟ୍ରେନ୍‌ରେ ଆସୁଥିଲୁ। ହେଲେ ଦୁର୍ଘଟଣାବେଳେ ବଗିରେ ବସିଥିବା ଯାତ୍ରୀଙ୍କର କୌଣସି କ୍ଷତି ହୋଇ ନ ଥିବା ବେଳେ ବାର୍ଥରୁମ ପାଖରେ ଛିଡା ହୋଇଥିବା କେତେଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଟ୍ରେନ୍‌ରେ ଲାଗିଥିବା ମିରର ଭାଙ୍ଗି ଚୂର୍‌ମାର୍ ହୋଇଯାଇଥିଲା।



**ପାଲକ କୁମାରୀ, ଯାତ୍ରୀ**

### ଉଦ୍ଧାର ଯାତ୍ରୀଙ୍କୁ ବସ୍‌ରେ ଗନ୍ତବ୍ୟସ୍ଥଳକୁ ପଠାଇଥିଲୁ



ଦୁର୍ଘଟଣା ଖବରପାଇ ଆମ କ୍ଲବର କିଛି ସଦସ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲୁ। ଟ୍ରେନ୍‌ରୁ ପ୍ରାୟ ୫୦ ଜଣ ଯାତ୍ରୀଙ୍କୁ ଉଦ୍ଧାର କରିବା ସହ ୧୬ ନମ୍ବର ଜାତୀୟ ରାଜପଥରେ ବସ୍ ଅଟକାଇ ସେମାନଙ୍କୁ ତାଙ୍କର ଗନ୍ତବ୍ୟସ୍ଥଳକୁ ପଠାଇଥିଲୁ।

**ନାରାୟଣ ବିଶ୍ୱାଳ, ଆଦିଶକ୍ତି କ୍ଲବ ସଦସ୍ୟ, ଅଲାରପୁର**

### ଆହତଙ୍କୁ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲୁ



ଦୁର୍ଘଟଣା ସ୍ଥଳରେ ଆମ କ୍ଲବର ସଦସ୍ୟମାନେ ପହଞ୍ଚି ଛୋଟପିଲା ଓ ମହିଳାମାନଙ୍କୁ ଉଦ୍ଧାର କରିଥିଲେ। ପରେ ଚିକିତ୍ସା ଲାଗି ସେମାନଙ୍କୁ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲୁ।

**ସନ୍ତୋଷ ବେହେରା, ଶାଳଗାଁ ଷ୍ଟାର କ୍ଲବ ସଦସ୍ୟ**

### ଶିଶୁଙ୍କୁ ପରିବାର ଲୋକଙ୍କ ଜିମା



ଦୁର୍ଘଟଣା ପରେ ବଗିରେ ଗୋଟେ କଅଁଳା ଶିଶୁର କାନ୍ଦଣା ଶୁଭିଥିଲା। ମୁଁ ହଠାତ୍ ବଗି ଭିତରକୁ ପଶି ଶିଶୁକୁ ଆଣି ତାଙ୍କ ପରିବାର ଲୋକଙ୍କ ଜିମା ଦେଇଥିଲି।

**ଏ.କେ. ମାଝି(ଆରପିଏଫ୍ ,ଏଏସ୍‌ଆଇ)**

# ଇ-ୱେଷ୍ଟ ତଦାରଖ କରିବେ ରାଜ୍ୟ ସଭା କମିଟି ସଦସ୍ୟ

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ)**

**୨୦ରେ ଆସିବେ ୧୫ ଜଣିଆ ଟିମ୍**

ଆସନ୍ତା ୨୦ ତାରିଖରେ ରାଜ୍ୟ ସଭା ସଂସଦୀୟ କମିଟିର ୧୫ ଜଣିଆ ସଦସ୍ୟ ୪ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଏହି କମିଟିରେ ବିଜେଡି ରାଜ୍ୟ ସଭା ଏମ୍‌ପି ଅମର ପଟ୍ଟନାୟକ ମଧ୍ୟ ସାମିଲ ହୋଇଛନ୍ତି । କମିଟିର ସଦସ୍ୟମାନେ ରାଜ୍ୟର ବିଭିନ୍ନ ସ୍ଥାନ ପରିଦର୍ଶନ କରି ବିପଜ୍ଜନକ ବର୍ଜ୍ୟବସ୍ତୁ ଏବଂ ଇଲେକ୍ଟ୍ରୋନିକ ବର୍ଜ୍ୟବସ୍ତୁ (ଇ-ୱେଷ୍ଟ) ପରିଚାଳନା ବିଷୟରେ ତଦାରଖ କରିବେ। ଏଥିସହିତ କମିଟି ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ନଗର ଉନ୍ନୟନ ବିଭାଗ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ। ବର୍ଜ୍ୟବସ୍ତୁ କିପରି ସଂଗ୍ରହ କରାଯାଉଛି, ଏହାର ପ୍ରକ୍ରିୟାକରଣ ପାଇଁ କି ବ୍ୟବସ୍ଥା ହୋଇଛି ସେ ନେଇ କମିଟି ରାଜ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ଏହାପରେ କମିଟି ଚେନ୍ନାଇ ଗସ୍ତରେ ଯିବେ ବୋଲି ଜଣାପଡ଼ିଛି। ବିପଜ୍ଜନକ ବର୍ଜ୍ୟବସ୍ତୁ ଯୋଗୁ ପରିବେଶ ପ୍ରଦୂଷଣ ହେବା ସହ ଭୟଙ୍କର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ଯଦି ଠିକ୍ ଢଙ୍ଗରେ ପରିଚାଳନା କରା ନ ଯିବ ତେବେ ଏହା ଭବିଷ୍ୟତ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିବ। ରାଜ୍ୟ ସଭା କମିଟି ଏ ଦିଗରେ ରାଜ୍ୟ ସରକାରଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେବାର କାର୍ଯ୍ୟକ୍ରମ ରହିଛି।



## ଜିଲା ଚିଠି
## ପୁରୀ

### ପଛରେ ହାତ

ସାଧାରଣ ଜନତାଙ୍କ ଅପେକ୍ଷା ନେତା ନୂଆବର୍ଷ ଆସିଲେ ଅଧିକ ଉତ୍ସାହିତ ହୋଇପଡ଼ନ୍ତି। ସେମାନଙ୍କ ପତିଆରା ବଢ଼ିଯାଏ। ବଢ଼ିବା ବି ସ୍ୱାଭାବିକ। କାରଣ ଘର ଆଗରେ ଲମ୍ବେ କର୍ମୀମାନଙ୍କ ଧାଡ଼ି। ସମସ୍ତଙ୍କ ହାତରେ ଥାଏ ଫୁଲତୋଡ଼ା। କିଏ ତୋଡ଼ା ବଢ଼ାଇ ୯୦ ଡିଗ୍ରୀରେ ମୁଣ୍ଡିଆ ମାରନ୍ତି ତ ଆଉ କିଏ ଲମ୍ବ ହୋଇ ପାଦ ଛୁଇଁ ପକାନ୍ତି। ଏମିତି କି ଅନେକ କୁଜିନେତା ଗାଁରୁ ବହୁସଂଖ୍ୟାରେ କର୍ମୀଙ୍କୁ ସାଥିରେ ଆଣି ନେତାଙ୍କ ଆଗରେ ତାଙ୍କ ପତିଆରା ଦେଖାଇବାକୁ ଚେଷ୍ଟା କରିଥାନ୍ତି। ଇଏ ହେଉଛି ନୂଆବର୍ଷରେ ରାଜନେତାଙ୍କ ପ୍ରତ୍ୟକ୍ଷ ଭାବେ କର୍ମୀଙ୍କୁ ସାକ୍ଷାତ୍ କରିବାର ଚିତ୍ର। ଏହାବାଦ୍ ରାସ୍ତା ପାର୍ଶ୍ୱରେ ବଡ଼ ବଡ଼ ହୋର୍ଡିଂରେ ରାଜନେତାଙ୍କୁ ମଧ୍ୟ ଦେଖିବାକୁ ମିଳେ। ପୁରୀରେ ବି ଏଭଳି ଚିତ୍ର କମ୍ ନାହିଁ। ନୂଆବର୍ଷ ପାଇଁ ଅଭିନନ୍ଦନ ଶୁଭେଚ୍ଛା ବାର୍ତ୍ତାର ହୋର୍ଡିଂ ବିଭିନ୍ନ ସ୍ଥାନରେ ଲାଗିଛି। ହୋର୍ଡିଂକୁ ଦେଖିଲେ ପ୍ରତିଯୋଗିତାମୂଳକ ଭାବେ ଏହା ଲଗାଯାଇଥିବା ଯେ କେହି ଅନୁମାନ ଲଗାଇପାରିବ। ବିଶେଷକରି ସହରର ବ୍ୟସ୍ତବହୁଳ ଭିଆଇପି ରୋଡରେ ନବବର୍ଷ ଅଭିନନ୍ଦନ ଜଣାଇବା ଲାଗି ଏକାଧିକ ଦଳୀୟ ନେତାଙ୍କ ହୋର୍ଡିଂ ଛାଇଯାଇଛି। କେଉଁଠି ଯଦି ଶଙ୍ଖ ନେତାଙ୍କ ହୋର୍ଡିଂ ଲାଗିଛି ଠିକ୍ ତାହାର ପାଖରେ ପଦ୍ମ ନେତା ବି ଆବିର୍ଭାବ ହୋଇଛନ୍ତି। ଆଉ ଦଳର ମୁଖିଆଙ୍କ ଫଟୋକୁ ରଖି ନିଜକୁ ପ୍ରତିପାଦିତ କରିବାକୁ ଚାହିଁଛନ୍ତି ଅନେକେ। ଯଦି ଜିଲା ମୁଖିଆ କାହା ଉପରେ ଅସନ୍ତୁଷ୍ଟ ଅଛନ୍ତି ବୋଲି ସେ ହୃଦ୍‌ବୋଧ କରୁଛନ୍ତି ତେବେ ଏହାକୁ ବି ଏକ ସୁଯୋଗ ଭାବିଛନ୍ତି। ଜିଲା ମୁଖିଆଙ୍କ ଫଟୋକୁ ଉପରେ ରଖି ତଳେ ଯୋଡ଼ହସ୍ତ କରି ଛିଡ଼ା ହୋଇଛନ୍ତି। ସେମିତି ଏଥର ଅନେକ ଯୁବ ନେତାଙ୍କୁ ମଧ୍ୟ ହୋର୍ଡିଂରେ ଦେଖିବାକୁ ମିଳୁଛି। ଏବେଠୁ ସେଟିଂ ହେବାର ମାନସିକତା ରଖି ସେମାନେ ବି ନିଜସ୍ୱ ଖର୍ଚ୍ଚରେ ଲୋକଙ୍କ ନଜରକୁ ଆସିବା ଲାଗି ଚେଷ୍ଟା କରିଛନ୍ତି। ତେବେ ପୁରୀ ସହରର ପ୍ରମୁଖ ରାସ୍ତାପାର୍ଶ୍ୱ ସମେତ କେତେକ ଗଳିକନ୍ଦିରେ ବି ନୂଆବର୍ଷ ଅଭିନନ୍ଦନ ହୋର୍ଡିଂ ମରାଯାଇଛି। ଏଥିରେ ଲୋକଙ୍କୁ ଶୁଭେଚ୍ଛା ବା ଅଭିନନ୍ଦନ ଜଣାଇବାର ଆନ୍ତରିକତା କେତେ ତାହା ସେହି ନେତାମାନେ ହିଁ ଜାଣିଥିବେ। ହେଲେ ଏହି ହୋର୍ଡିଂ ପ୍ରତିଯୋଗିତାରେ କିନ୍ତୁ ହାତ ଢେର୍ ପଛରେ ପଡ଼ିଛି। ଶଙ୍ଖ, ପଦ୍ମଙ୍କ ଭିତରେ ହାତ ସତ୍ତା ହରାଇଛି। ଅର୍ଥାତ୍ ଭିଆଇପି ରୋଡରେ ପଦ୍ମ ଏବଂ ଶଙ୍ଖ ନେତାଙ୍କ ଅନେକ ହୋର୍ଡିଂ ଲଗାଯାଇଥିବା ହାତରେ ନାହିଁ କହିଲେ ଚଳେ। ଏହି ହୋର୍ଡିଂକୁ ଦେଖି ଜିଲାରେ ହାତର ଦମ୍ଭକୁ ମାପି ଦେଉଛନ୍ତି ବାହାରୁ ଆସୁଥିବା ଲୋକେ। କେହି କେହି ପରସ୍ପର ଭିତରେ କୁହାକୁହି ହେଉଛନ୍ତି ପଛରେ ହାତ।

**- ହେମନ୍ତ ନାୟକ**

# ସହରାଞ୍ଚଳ ପ୍ରଦୂଷଣକୁ ନେଇ ଏନ୍‌ଜିଟିଙ୍କ ଉଦ୍‌ବେଗ

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ)**

- ଫେବୃୟାରୀ ୧୩ରେ ହାଜର ହେବେ ମୁଖ୍ୟ ଶାସନ ସଚିବ
- ସହର ପରିବେଶ ଦେଖିବ ବାୟୋ ଡାଇଭରସିଟି କମିଟି

ସହରାଞ୍ଚଳ ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ କଠୋର ହୋଇଛନ୍ତି। ସହରାଞ୍ଚଳ ପରିବେଶକୁ ସୁରକ୍ଷିତ ରଖିବା ଲାଗି କି ପଦକ୍ଷେପ ନିଆଯାଇଛି, ଏ ନେଇ ତୁରନ୍ତ ଜବାବ ଦାଖଲ କରିବାକୁ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପ୍ରତ୍ୟେକ ସହର ପାଇଁ ବାୟୋ ଡାଇଭରସିଟି କମିଟି ଗଠନ କରିବାକୁ ମଧ୍ୟ ଏନ୍‌ଜିଟି ତାଗିଦ କରିଛି। ୨୦୨୦ ଜାନୁୟାରୀ ୩୧ ତାରିଖ ସୁଦ୍ଧା ଯଦି ଏହି କମିଟି ଗଠନ ନ ହେବ ତେବେ ପ୍ରତିଦିନ ରାଜ୍ୟ ସରକାରଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଭାବେ ଏନ୍‌ଜିଟିରେ ଜମା କରିବାକୁ ପଡ଼ିବ। ଏପରିକି ରାଜ୍ୟ ମୁଖ୍ୟ ଶାସନ ସଚିବ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ଦେବାକୁ କୁହାଯାଇଛି। ଏହାଛଡ଼ା ସହରାଞ୍ଚଳର ବର୍ଜ୍ୟବସ୍ତୁ ପରିଚାଳନାକୁ ନେଇ ଜାନୁୟାରୀ ୧୭ ତାରିଖରେ ମୁଖ୍ୟ ଶାସନ ସଚିବଙ୍କୁ ହାଜର ହେବାକୁ କୁହାଯାଇଥିଲା। କାର୍ଯ୍ୟବ୍ୟସ୍ତତା ଯୋଗୁ ଏହାକୁ ଆସନ୍ତା ଫେବୃୟାରୀ ୧୩ ତାରିଖ ଯାଏ ଘୁଞ୍ଚାଇ ଦିଆଯିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏନ୍‌ଜିଟି ଏହି ଅନୁରୋଧକୁ ମଞ୍ଜୁର କରିବା ସହ ସେହିଦିନ(ଫେବୃୟାରୀ ୧୩)ରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ସହ ଗୃହ ନିର୍ମାଣ ବିଭାଗ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମେମ୍ବର ସେକ୍ରେଟାରି ଏନ୍‌ଜିଟିଙ୍କ ନିକଟରେ ହାଜର ହୋଇ ସହରାଞ୍ଚଳ ପରିବେଶ ପାଇଁ ସରକାର ନେଇଥିବା ପଦକ୍ଷେପ ବିଷୟରେ ସତ୍ୟପାଠ ଦାଖଲ କରିବେ। ଏଥିସହିତ ସହରାଞ୍ଚଳରେ ଯାନବାହନଜନିତ ଧୂଆଁ, ପଲିଥିନ, ମେଡିକାଲ ବର୍ଜ୍ୟବସ୍ତୁ, ଜଳ ପ୍ରଦୂଷଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଦି କ୍ଷେତ୍ରରେ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ସେ ନେଇ ମଧ୍ୟ ଏନ୍‌ଜିଟି ରିପୋର୍ଟ ତଲବ କରିଛନ୍ତି।

ଦେଶର ବଡ଼ ବଡ଼ ସହରରେ ମାତ୍ରାଧିକ ପ୍ରଦୂଷଣ ଚିନ୍ତା ବଢ଼ାଇଲାଣି। ବାୟୁ, ଜଳ, ମାଟି ଭୟଙ୍କର ଭାବେ ପ୍ରଦୂଷିତ ହେବାରେ ଲାଗିଛି। ଯାନବାହନ ବୃଦ୍ଧି ସାଙ୍ଗକୁ ସବୁଜବଳୟ ନଷ୍ଟ ଯୋଗୁ ପରିବେଶ ବିଗିଡ଼ିବାରେ ଲାଗିଛି। ନିକଟରେ ଦିଲ୍ଲୀରେ ପ୍ରଦୂଷଣ ଅତ୍ୟନ୍ତ ଭୟଙ୍କର ହୋଇଥିଲା। ପିଲାମାନଙ୍କ ସ୍କୁଲ ବନ୍ଦ କରିବାକୁ ପଡ଼ିଥିଲା। କେବଳ ଦିଲ୍ଲୀ ନୁହେଁ, ଦେଶର ଅନେକ ସହର ଅବସ୍ଥା ଶୋଚନୀୟସ୍ତରକୁ ଗତିକଲାଣି। ଓଡ଼ିଶାର ଭୁବନେଶ୍ୱରର ୭ଟି ସହର ଅତି ପ୍ରଦୂଷଣ ତାଲିକାଭୁକ୍ତ ହୋଇସାରିଛି। ଏନ୍‌ଜିଟିର କଡ଼ା ତାଗିଦ ପରେ ସହରାଞ୍ଚଳ ପରିବେଶକୁ ସୁରକ୍ଷିତ ରଖିବାକୁ ରାଜ୍ୟ ସରକାର ସମସ୍ତ ୧୧୪ଟି ସହରାଞ୍ଚଳରେ ବାୟୋ ଡାଇଭରସିଟି କମିଟି ଗଠନ କରିଛନ୍ତି। ସହରାଞ୍ଚଳ ପରିବେଶକୁ କିପରି ସୁରକ୍ଷିତ କରାଯାଇପାରିବ ସେ ଦିଗରେ ବାୟୋ ଡାଇଭରସିଟି କମିଟି ପରାମର୍ଶ ଦେବ। ଏଥିରେ ନଗର ଉନ୍ନୟନ ବିଭାଗର ଜଣେ ଅଧିକାରୀ କନ୍‌ଭେନର ଭାବେ କାର୍ଯ୍ୟ କରିବେ। ଏହି କମିଟିରେ ପରିବେଶବିତ୍, ଉଦ୍ୟାନ କୃଷିବିତ୍, ଔଷଧୀୟ ବୃକ୍ଷ ବିଶେଷଜ୍ଞ, ମତ୍ସ୍ୟଜୀବୀ ସମୁଦାୟ ପ୍ରତିନିଧି ଆଦି ୭ ଜଣ ସଦସ୍ୟ ରହିବେ। ସେହି କମିଟି ସହରାଞ୍ଚଳ ପରିବେଶକୁ କିପରି ପ୍ରଦୂଷଣ ମୁକ୍ତ ରଖାଯାଇପାରିବ ସେ ନେଇ ପୌର ପ୍ରଶାସନକୁ ପରାମର୍ଶ ଦେବେ। ଏହି କମିଟିର ବିନାନୁମତିରେ ସହରାଞ୍ଚଳରୁ ବୃକ୍ଷ କଟାଯାଇ ପାରିବ ନାହିଁ। କେଉଁ ଅଞ୍ଚଳରେ କି ପ୍ରକାର ପ୍ରଦୂଷଣ ହେଉଛି ସେସବୁକୁ ଅନୁଧ୍ୟାନ କରି କମିଟି ରିପୋର୍ଟ ପ୍ରସ୍ତୁତ କରିବ। ଏହି କମିଟିକୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ନିୟମିତ ମନିଟରିଂ କରିବ। କମିଟି ଠିକ୍ ଢଙ୍ଗରେ କାର୍ଯ୍ୟ ନ କଲେ ସମ୍ପୃକ୍ତ ପୌରସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ଜିଟି ଚେତାବନୀ ଦେଇଛନ୍ତି। ସତ୍ୟପାଠ ଦାଖଲ କରିବାକୁ ଥିବାରୁ ରାଜ୍ୟ ସରକାର ତରବରିଆ ଭାବେ ଏହି କମିଟି ଗଠନ କରିଛନ୍ତି। ଘର ଘର ବୁଲି କଠିନ ବର୍ଜ୍ୟବସ୍ତୁ ସଂଗ୍ରହ କରିବା, ମାଇକ୍ରୋ କମ୍ପୋଷ୍ଟିଂ ବ୍ୟବସ୍ଥା, ମ୍ୟାଟେରିଆଲ ରିକଭରି ଫାସିଲିଟି(ଏମ୍‌ଆର୍‌ଏଫ୍), ୨୪୩ଟି ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟ ତିଆରି, ୨୮,୬୦୬ ସଫେଇ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ, ୨ ହଜାର ସ୍ୱଚ୍ଛସାଥୀ ଏବଂ ୫୧୫ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଥିବା ବେଳେ ବୃକ୍ଷରୋପଣ, ସହର ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟ ହୋଇଛି । ସହରକୁ ପଲିଥିନ ମୁକ୍ତ ରଖିବାକୁ ଚଢ଼ାଉ ଜାରି ରହିଛି। ଏ ପର୍ଯ୍ୟନ୍ତ ୨୧୫୦ ମେଟ୍ରିକ ଟନ୍ ପଲିଥିନ ଓ ପ୍ଲାଷ୍ଟିକ ଜବତ ହୋଇଛି। ୨୫ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି । ଏନ୍‌ଜିଟିଙ୍କ ନିକଟରେ ଏ ସବୁ ତଥ୍ୟ ପ୍ରଦାନ କରାଯିବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

**ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଲିଃ., ଭୁବନେଶ୍ୱର**
**(ସମାପିତ)**

**ସୂଚନା:-** ଏତଦ୍ୱାରା ଦ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଲିଃ., ଭୁବନେଶ୍ୱର (ସମାପିତ)ର ସମସ୍ତ ଜମାକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି ସରକାରଙ୍କ ନିର୍ଦ୍ଦେଶକ୍ରମେ ଜମାକାରୀମାନଙ୍କର ଟ.୧୦୦୦୦୦ (ଏକ ଲକ୍ଷ)ଟଙ୍କା ପର୍ଯ୍ୟନ୍ତ ଜମାରାଶି ଉକ୍ତ ବ୍ୟାଙ୍କ ତରଫରୁ ଫେରସ୍ତ କରାଯାଉଅଛି, ଏଣୁ ସମସ୍ତ ଜମାକାରୀମାନଙ୍କୁ ଅନୁରୋଧ, ସେମାନଙ୍କର (KYC) ସହିତ ଜମା ସମ୍ବନ୍ଧୀୟ ସମସ୍ତ ମୂଳ ନଥିପତ୍ର (Original Document) ଗୁଡିକ ରାମ ମନ୍ଦିର ନିକଟସ୍ଥ ଓଡ଼ିଶା ସମବାୟ ଗୃହ ନିର୍ମାଣ ନିଗମ ଲିଃ ପରିସରରେ ଥିବା ବ୍ୟାଙ୍କର କାର୍ଯ୍ୟାଳୟରେ ଯଥା ଶୀଘ୍ର ଦାଖଲକରି ନିଜର ଜମାରାଶି ଫେରସ୍ତ ନିଅନ୍ତୁ।

ସ୍ୱା./- (ସମାପିକା)
ଦ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଲିଃ.
ଭୁବନେଶ୍ୱର

**ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅଧୀନରେ ସ୍ଥାପିତ)

**କର୍ମନିଯୁକ୍ତି ସୂଚନା ସଂ.୦୦୧/୨୦୨୦, ତାରିଖ: ୦୬।୦୧।୨୦୨୦**

ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବିଭିନ୍ନ ଶୃଙ୍ଖଳାରେ **ଆସିଷ୍ଟାଣ୍ଟ ପ୍ରଫେସର** ପଦବୀ ନିମନ୍ତେ ଉପଯୁକ୍ତ ପ୍ରାର୍ଥୀଙ୍କଠାରୁ ଦରଖାସ୍ତ ଆମନ୍ତ୍ରଣ କରୁଛି। ପ୍ରାର୍ଥୀମାନେ **ତା୦୬।୦୧।୨୦୨୦ରିଖ**ଠାରୁ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ଅର୍ଥାତ୍ **www.cuhimachal.ac.in** ରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। **ଶେଷ ତାରିଖ** ହେଉଛି **ତା୩୦।୦୧।୨୦୨୦ରିଖ**। ଅଧିକ ବିବରଣୀ ପାଇଁ ଦୟାକରି ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ।

davp 21339/11/0010/1920
କୁଳସଚିବ



"ଯେତେବେଳେ ନିଜ ଶକ୍ତିର ବହିର୍ଗତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- 'ବ୍ରାଣ୍ଡ ଅଫ୍ ଓଡ଼ିଶା, ପ୍ରାଇଡ୍ ଅଫ୍ ଇଣ୍ଡିଆ' ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ, ମେ ଫେୟାର କନଭେନସନ, ପୂର୍ବାହ୍ନ ୧୦ଟା।
- ଦି ଇନଷ୍ଟିଚ୍ୟୁଟ ଅଫ୍ କମ୍ପାନୀ ସେକ୍ରେଟାରିସ ଅଫ୍ ଇଣ୍ଡିଆ(ଆଇସିଏସ୍ଆଇ) ପକ୍ଷରୁ ଦୁଇଦିନିଆ କର୍ମଶାଳା, କନଫରେନ୍ସ ହଲ, ପ୍ଲଟ ନଂ ୭୦, ଭିଆଇପି କଲୋନୀ, ଆଇଆରସି ଭିଲେଜ, ପୂର୍ବାହ୍ନ ୧୦ଟା।
- ଓୟୁଏଟି ପକ୍ଷରୁ ଦୁଇଦିନିଆ କର୍ମଶାଳା, ଡ.ଏମ.ଏସ୍. ସ୍ୱାମୀନାଥନ ହଲ, ଓୟୁଏଟି, ପୂର୍ବାହ୍ନ ୧୦ଟା।
- ଜୟ ଓଡ଼ିଶା ପକ୍ଷରୁ ଟ୍ରାଫିକ ସଚେତନତା, ମହର୍ଷି କଲେଜ, ପୂର୍ବାହ୍ନ ୧୧ଟା।
- ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ଷଷ୍ଠ ନେତାଜୀ ସୁବାସ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ-୩, ପୂର୍ବାହ୍ନ ୧୧ଟା ୩୦।
- ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବ, ବରମୁଣ୍ଡା ବସଷ୍ଟାଣ୍ଡ, ମଧ୍ୟାହ୍ନ ୧୨ଟା।
- ଇଙ୍କା ଲେଡିଜ୍ ୱାର୍କର୍ସ କ୍ଲବ ପକ୍ଷରୁ ସାମାଜିକଭିତ୍ତିକ କାର୍ଯ୍ୟକ୍ରମ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ(ବି), ଶହୀଦ ନଗର, ମଧ୍ୟାହ୍ନ ୧୨ଟା।
- ଶ୍ରୀମଦ୍ ଭଗବଦ୍ ଗୀତା ବିଦ୍ୟାମନ୍ଦିରର ଚତୁର୍ତ୍ରିଂଶତମ ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, ନୂଆପଲ୍ଲୀ, ଅପରାହ୍ନ ୫ଟା ୩୦।
- କଳା ସୌରଭର ସୁବର୍ଣ୍ଣଜୟନ୍ତୀ ଉଦ୍‌ଯାପନ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଶିଶୁପାଳଗଡ଼ ମହୋତ୍ସବ, ଦଶହରା ପଡ଼ିଆ, ସନ୍ଧ୍ୟା ୬ଟା।
- ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ 'ଓଡ଼ିଶା ଆସର', ଉତ୍କଳ ରଙ୍ଗମଞ୍ଚ, ଜୟଦେବ ବିହାର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ନହରକଣ୍ଟାସ୍ଥିତ କଲେଜ ଖେଳପଡ଼ିଆ, ସକାଳ ୯ଟା ।

## ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ବାଲିଅନ୍ତା,୧୬।୧(ଡି.ଏନ.ଏ):** ବାଲିଅନ୍ତା ଥାନା ଅନ୍ତର୍ଗତ ହଂସପାଳ-ବନମାଳିପୁର ଅଭୟମୁଖୀ ରାସ୍ତାର ଭିଙ୍ଗାରପୁର ସିଙ୍ଗଡ଼ା ଭୋଇସାହି ଗ୍ରାମ ସମ୍ମୁଖରେ ଗୁରୁବାର ରାତି ୯ଟାରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ପ୍ରତାପରୁଦ୍ରପୁର ନୂଆସାହିର ରାଜ କିଶୋର ପରିଡ଼ା। ରାଜକିଶୋର ଓ ତାଙ୍କ ସାଙ୍ଗ ଏକ ବାଇକ୍‌ରେ ଭୁବନେଶ୍ୱରରୁ କାମ ସାରି ଫେରୁଥିଲେ । ଏହି ସମୟରେ ବିପରୀତ ଦିଗରୁ ଭୁବନେଶ୍ୱର ଅଭିମୁଖେ ଅନ୍ୟ ଦୁଇଜଣ ଏକ ବାଇକ୍‌ରେ ଆସୁଥିବାବେଳେ ମୁହାଁମୁହିଁ ଧକ୍କା ହେବାରୁ ୪ଜଣ ରାସ୍ତାରେ ଛିଟିକି ପଡ଼ିଥିଲେ । ଘଟଣାସ୍ଥଳରେ ହିଁ ରାଜ୍‌କିଶୋରଙ୍କ ମୃତ୍ୟୁ ହୋଇଛି । ଅନ୍ୟମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି ।

## ଲୁଟ୍ ମୋବାଇଲ ଫୋନ୍ ସହ ଧରାହେଲେ ଅଭିଯୁକ୍ତ

**ଭୁବନେଶ୍ୱର,୧୬।୧(ବ୍ୟୁରୋ):** ନୟାପଲ୍ଲୀ ଥାନା ସିଆର୍‌ପିଏଫ୍ ଛକରେ ଜଣେ ଯୁବତୀଙ୍କଠାରୁ ଲୁଟ୍ ହୋଇଥିବା ମୋବାଇଲ୍ ଫୋନ୍‌କୁ ପୋଲିସ ଗୁରୁବାର ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ଓଡଗାଁ ଅଞ୍ଚଳର ବାପି ନାୟକ। ତାଙ୍କ ନାମରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଥାନାରେ ଚୋରି, ଲୁଟ୍ ଆଦି ଏକାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ଅଞ୍ଜଳି କାଣ୍ଡି (୧୯) ନୟାପଲ୍ଲୀ ବେହେରା ସାହିରେ ରହି ଏକ କଲେଜରେ ଯୁକ୍ତ ୩ରେ ପାଠ ପଢନ୍ତି। ସେ ବୁଧବାର ମଧ୍ୟାହ୍ନରେ କଲେଜରୁ ଘରକୁ ଫେରିବାକୁ ଫାୟାର ଷ୍ଟେଶନ ଛକରେ ଅଟୋକୁ ଅପେକ୍ଷା କରିଥିବାବେଳେ ବାପି ତାଙ୍କଠାରୁ ମୋବାଇଲ ଫୋନ୍ ଛଡାଇ ଫେରାର ହୋଇଯାଇଥିଲେ। ଯୁବତୀଙ୍କ ଚିତ୍କାର ଶୁଣି ଆଖପାଖରେ ଉପସ୍ଥିତ ଲୋକେ ଅଭିଯୁକ୍ତ ବାପିଙ୍କୁ ଗୋଡ଼ାଇଥିଲେ। ଧରାପଡ଼ିଯିବା ଭୟରେ ବାପି ରାସ୍ତା କଡ଼ର ଏକ ବୁଦା ଭିତରେ ଲୁଚିଯାଇଥିଲେ। ୨ ପିସିଆର୍ ଟିମ୍ ଓ ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଅଞ୍ଜଳିଙ୍କ ଅଭିଯୋଗକ୍ରମେ ପୋଲିସ ୩୪/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଲୁଟ୍ ମୋବାଇଲ୍‌କୁ ଟ୍ରାକ୍ କରି ପୋଲିସ ଅଭିଯୁକ୍ତ ବାପିଙ୍କୁ ବରମୁଣ୍ଡା ଅଞ୍ଚଳରୁ ଗିରଫ କରିଥିଲା।

# ଥାନା ଆଗରେ ଅହୋରାତ୍ର ଧାରଣାରେ ମା'

**ବ୍ୟାଙ୍କ୍ ମ୍ୟାନେଜରଙ୍କୁ ଗିରଫ, ଅଧ୍ୟାପିକାଙ୍କୁ ଛାଡ଼ିଦେବା ଘଟଣା**

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ବଳାତ୍କାର ଓ ବ୍ଲାକ୍‌ମେଲ୍ ମାମଲାରେ ପୋଲିସ ବ୍ୟାଙ୍କ୍ ମ୍ୟାନେଜର ସୁନିଲ ପ୍ରସାଦ ମିଶ୍ରଙ୍କୁ ଗିରଫ କରିବାକୁ ନେଇ ବିବାଦ ବଢିବାରେ ଲାଗିଛି। ଅନ୍ୟପକ୍ଷରେ ବ୍ୟାଙ୍କ୍ ମ୍ୟାନେଜରଙ୍କୁ ଅପହରଣ ଓ ବ୍ଲାକ୍‌ମେଲ୍ ଅଭିଯୋଗ ସତ୍ତ୍ୱେ ପୋଲିସ ଅଧ୍ୟାପିକାଙ୍କୁ ଥାନାରୁ ଛାଡ଼ିଦେବା ଘଟଣାକୁ ନେଇ ଖାକିରେ କଳାଦାଗ ଲାଗିଛି। ପୋଲିସର ଏଭଳି ପକ୍ଷପାତିତା କାର୍ଯ୍ୟଧାରାକୁ ବିରୋଧ କରି ତାଙ୍କ ମା'ଙ୍କ ସମେତ ଏକ ମହିଳା ସଂଗଠନର ସଦସ୍ୟମାନେ ଚନ୍ଦ୍ରଶେଖରପୁର ଥାନା ଆଗରେ ଧାରଣାରେ ବସିଛନ୍ତି। ଏପରି କି ନ୍ୟାୟ ନ ମିଳିଲେ ଥାନା ଆଗରେ ଆତ୍ମାହୂତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ତିନିଦିନ ହେବ ନ୍ୟାୟ ଅପେକ୍ଷାରେ ବ୍ୟାଙ୍କ୍ ମ୍ୟାନେଜରଙ୍କ ପରିବାର ଲୋକେ ରହିଥିଲେ ମଧ ଏଯାଏ ପୋଲିସ ଅଭିଯୁକ୍ତ ଅଧ୍ୟାପିକାଙ୍କୁ ଗିରଫ କରୁନି। ଗତ ମଙ୍ଗଳବାର ବ୍ୟାଙ୍କ୍ ମ୍ୟାନେଜରଙ୍କ ମା' ଅନ୍ୟମାନଙ୍କ ସହ ଥାନା ଆଗରେ ଧାରଣାରେ ବସି ଥିଲେ। ଜୋନ-୬ ଏସିପି ପ୍ରକାଶ କୁମାର ପାଲ ପହଞ୍ଚି ୪୮ ଘଣ୍ଟା ଭିତରେ ଅଧ୍ୟାପିକାଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ହେଲେ ପୋଲିସ ଚୁପ୍ ବସିବାରୁ ପୁଣି ଗୁରୁବାର ସକାଳୁ ଥାନା ସମ୍ମୁଖରେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେମିତି ଧାରଣାରେ ବସିଥିବାବେଳେ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଉଠିବେ ନାହିଁ ବୋଲି ବ୍ୟାଙ୍କ୍ ମ୍ୟାନେଜରଙ୍କ ପରିବାର ଲୋକେ କହିଛନ୍ତି।

ଏ ନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ଆଇନ ଅନୁଯାୟୀ ଉଭୟଙ୍କ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୋଲିସ କୌଣସି ପାତର ଅନ୍ତର କରିନାହିଁ। ଅଧ୍ୟାପିକା ଜଣକ ପୋଲିସକୁ ତଦନ୍ତ ନେଇ ସମସ୍ତ କ୍ଷେତ୍ରରେ ସହଯୋଗ କରିବା ନେଇ ଜଣାଇବା ପରେ ତାଙ୍କୁ ଥାନାରୁ ମୁଚାଲିକାରେ ଛଡ଼ାଯାଇଛି। ଗୁରୁବାର ଦିନ ତମାମ ୪ଥର ସୁନିଲଙ୍କ ମା ଓ ମହିଳା ସଙ୍ଗଠନ କର୍ମୀମାନଙ୍କୁ ବୁଝାଶୁଝା ସତ୍ତ୍ୱେ ସେମାନେ ଜିଦରେ ଅଟଳ ରହୁଥିବାରୁ ପୋଲିସ ନିରୁପାୟ ହେଉଛି। ତଥାପି ଧାରଣା ପ୍ରତ୍ୟାହାର ପାଇଁ ଚେଷ୍ଟା ଚାଲିଥିବା ସେ କହିଛନ୍ତି।



ଥାନା ସମ୍ମୁଖରେ ଧାରଣାରତ ଅଭିଯୋଗକାରୀ ଓ ମହିଳା ସଂଘ କର୍ମକର୍ତ୍ତା।

# ଗରିବଙ୍କୁ ଖାଦ୍ୟ ଯୋଗାଇବ ମୋବାଇଲ୍ ଫୁଡ୍ ବ୍ୟାଙ୍କ୍

**ସାଇ ଫାଉଣ୍ଡେଶନର ଅଭିନବ ପଦକ୍ଷେପ**

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ):** କ୍ଷୁଧା ଦୂରୀକରଣ ତଥା ଗରିବଙ୍କୁ ଖାଦ୍ୟ ଯୋଗାଇବା ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ 'ସୋ ଆମ୍ ଆଇ(ସାଇ) ଫାଉଣ୍ଡେଶନ ଟ୍ରଷ୍ଟ' ପକ୍ଷରୁ 'ହଙ୍ଗର୍ ଫ୍ରି ଓଡ଼ିଶା' କ୍ୟାମ୍ପେନ୍ ମାଧ୍ୟମରେ ଏକ ନୂଆ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଗୁରୁବାର କଳ୍ପନାଛକସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ 'ହଙ୍ଗର୍ ଫ୍ରି ଓଡ଼ିଶା'ର ୩ୟ ଫୁଡ୍ ବ୍ୟାଙ୍କ୍ ଉଦ୍‌ଘାଟିତ ହୋଇଯାଇଛି। ଦୁଇଟି ମୋବାଇଲ୍ ଫୁଡ୍ ବ୍ୟାଙ୍କ୍ ଉଦ୍‌ଘାଟିତ ହେବା ସହ 'ଶ୍ରଦ୍ଧା ଅର୍ପଣ' କାର୍ଯ୍ୟକ୍ରମ ମାଧ୍ୟମରେ ଖାଦ୍ୟପଦାର୍ଥ ଦାନ ଅଭିଯାନର ଶୁଭାରମ୍ଭ ହୋଇଛି। ପୂର୍ବତନ ପୋଲିସ ଡିଜି ତଥା ଲୋକାୟୁକ୍ତ ସଦସ୍ୟ ଡ. ଆର୍.ପି. ଶର୍ମା, ବରିଷ୍ଠ ସାହିତ୍ୟିକା ଡ. ପ୍ରତିଭା ରାୟ, ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଓଡ଼ିଶା ପୋଲିସ ହାଉସିଂ କର୍ପୋରେଶନର ସିଏମ୍‌ଡି ଲଳିତ ଦାସ, ରୋଟାରୀ ଇଣ୍ଟରନ୍ୟାଶନାଲର ଅଜୟ ଅଗ୍ରୱାଲ ଏବଂ ସୌମ୍ୟରଞ୍ଜନ ମିଶ୍ର, ଟ୍ରଷ୍ଟର ପ୍ରତିଷ୍ଠାତା ପିନାକୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଫୁଡ୍ ବ୍ୟାଙ୍କ୍‌ର ଶୁଭ ଉଦ୍‌ଘାଟନ କରିଥିଲେ।

ଏହି ମୋବାଇଲ୍ ଫୁଡ୍ ବ୍ୟାଙ୍କ୍ ସେବା ଭୁବନେଶ୍ୱରରେ ପ୍ରଥମଥର ପାଇଁ ଆରମ୍ଭ କରାଯାଇଥିବା ବେଳେ ଏହା ସହରର ବିଭିନ୍ନ ସ୍ଥାନରେ ଗରିବ ତଥା ଭୋକିଲା ଲୋକଙ୍କୁ ଖାଦ୍ୟ ଯୋଗାଇବ। ସେହିଭଳି 'ଶ୍ରଦ୍ଧା ଅର୍ପଣ' କାର୍ଯ୍ୟକ୍ରମ ମାଧ୍ୟମରେ ସହରର ବିଭିନ୍ନ ଆପାର୍ଟମେଣ୍ଟ, ସୋସାଇଟି ଏବଂ ଘରଗୁଡ଼ିକରେ ସ୍ୱତନ୍ତ୍ର ବ୍ୟାଗ୍ ରଖାଯାଇ ଖାଦ୍ୟପଦାର୍ଥ ସଂଗ୍ରହ କରାଯିବ। ଅପପୁଷ୍ଟି ଏବଂ ଖାଦ୍ୟାଭାବ ଭଳି ସମସ୍ୟାକୁ ଦୂର କରିବା ପାଇଁ ଫାଉଣ୍ଡେଶନ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ୨୦୨୫ ସୁଦ୍ଧା ଏହା ରାଜ୍ୟର ପ୍ରତ୍ୟେକ ଜିଲାରେ କାର୍ଯ୍ୟକ୍ଷମ ହେବ ବୋଲି ଏହାର ପ୍ରତିଷ୍ଠାତା ପିନାକୀ ମହାନ୍ତି ଏବଂ ସହଯୋଗୀ ଚିଦାତ୍ମିକା ଖଟୁଆ ସୂଚନା ଦେଇଥିଲେ। ଏହି ଅବସରରେ ନିଶିକାନ୍ତ ମିଶ୍ର, ବିମଳେନ୍ଦୁ ମହାନ୍ତି, ତନୟା ପଟ୍ଟନାୟକ, ଧୀରେନ୍ଦ୍ର କର, ସରଦ ବୈଦ, ମାତୃଦତ୍ତ ମିଶ୍ର, ଶାଳିନୀ କୋଠକୋଣ୍ଡା, ଅମ୍ବିକା ନନ୍ଦ, ଶୁଭେନ୍ଦୁ ପରିଡ଼ା, ସୁବାସ ଚନ୍ଦ୍ର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟ ଅତିଥିମାନେ।

## ଫେରାର ମୁଖ୍ୟ ଅଭିଯୁକ୍ତ ଜେଲ ଗଲେ

**ଦୋକାନୀଙ୍କୁ ଆକ୍ରମଣ କରି ଲୁଟ୍**

**ଭୁବନେଶ୍ୱର,୧୬।୧(ବ୍ୟୁରୋ):** ପୋଲିସକୁ ସୂଚନା ଦେଉଥିବା ସନ୍ଦେହ କରି ଶହୀଦନଗର ଥାନା ଅଞ୍ଚଳରେ ଜଣେ ଫାଷ୍ଟଫୁଡ୍ ଦୋକାନୀଙ୍କୁ ଆକ୍ରମଣକରି ଲୁଟ୍‌ପାଟ ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ୨ ମାସ ପରେ ଗିରଫ କରାଯାଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବାଙ୍କୁଆଳର ଲିକୁ ଓରଫ ସାଗର ସ୍ୱାଇଁ। ତାଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସାଗରଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ସମ୍ପୃକ୍ତ ସାଗରଙ୍କ ସହଯୋଗୀ ନାନା ସ୍ୱାଇଁ ଏବେ ବି ଫେରାର ଥିବା ପୋଲିସ ସୂଚନା ଦେଇଛି। ସୂଚନା ମୁତାବକ, ବାଙ୍କୁଆଳ ବ୍ରିଜ ନିକଟରେ ରାଜୀବ କୁମାର ଓଝାଙ୍କର ଏକ ଫାଷ୍ଟଫୁଡ୍ ଦୋକାନ ରହିଛି। ଅଭିଯୁକ୍ତ ସାଗର ଓ ସହଯୋଗୀ ଗତ ନଭେମ୍ବର ୬ରେ ରାଜୀବଙ୍କ ଦୋକାନ ନିକଟରେ ପହଞ୍ଚିଥିଲେ। ପୋଲିସକୁ କାହିଁକି ଖବର ଦେଉଛୁ କହି ସେମାନେ ରାଜୀବଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ରାଜୀବ ପ୍ରତିବାଦ କରିବାରୁ ସେମାନେ ତାଙ୍କ ଫାଷ୍ଟଫୁଡ ଦୋକାନରେ ଭଙ୍ଗାରୁଜା କରିଥିଲେ। ଏଥିସହ ନିସ୍ପୁକ ମାଡ ମାରି ତାଙ୍କଠାରୁ ୩ ହଜାର ଟଙ୍କା ଓ ଚେନ ଛଡାଇ ଫେରାର ହୋଇଯାଇଥିଲେ। ରାଜୀବଙ୍କ ଅଭିଯୋଗ ପରେ ପୋଲିସ ୫୭୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଖବରଦାତା ନିର୍ଭୀକ ହୋଇ ଖବର ପରିବେଷଣ କରନ୍ତୁ

**ସ୍ୱାଧିକାର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ)**

ଦୈନିକ ଖବରକାଗଜ ସ୍ୱାଧିକାରର ୭ମ ବାର୍ଷିକୋତ୍ସବ ଉପଲକ୍ଷେ ଗୁରୁବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଧିକାର ସ୍ୱନକ୍ଷତ୍ର ବିଶେଷାଙ୍କକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱାଧିକାରର ଉନ୍ନତି ସହ ଶୁଭକାମନା କରିଛନ୍ତି। ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ପୂର୍ବାହ୍ନରେ ସୂଚନା ଭବନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଖବରଦାତାମାନେ ନିର୍ଭୀକ ହୋଇ ଖବର ପରିବେଷଣ କରିବାକୁ ଅତିଥିମାନେ ମତ ଦେଇଥିଲେ। ବର୍ତ୍ତମାନ ସମଗ୍ର ଦେଶରେ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଯେଉଁ ଅବକ୍ଷୟ ଘଟୁଛି, ଏଭଳି ପରିସ୍ଥିତିରେ ଖବରକାଗଜଗୁଡ଼ିକ ଏହା ବରୋଧରେ ସ୍ୱରୋତ୍ତୋଳନ କରନ୍ତୁ ବୋଲି ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ସୁଶାନ୍ତ ସିଂ, ସୂଚନା ଓ ଲୋକସମ୍ପର୍କ ଏବଂ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ପରାମର୍ଶଦାତା ମାନସ ରଞ୍ଜନ ମଙ୍ଗରାଜ, ରାଜ୍ୟ ସରକାରଙ୍କ 'ମୋ ପରିବାର'ର ଆବାହକ ତଥା ପୂର୍ବତନ ମୁମ୍ବାଇ ପୋଲିସ କମିଶନର ଅରୂପ ପଟ୍ଟନାୟକ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଏବଂ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସ୍ୱାଧିକାରର ସମ୍ପାଦକ ଅକ୍ଷୟ କୁମାର ପତି ଖବରକାଗଜର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା।

# ଧାନ ଉଠାଇବା ଦାବିରେ ବିକ୍ଷୋଭ

**ସମ୍ପାଦକ ଗିରଫ ପରେ ମଣ୍ଡି ଅଚଳ**




କାକରୁଦ୍ରପୁର ସେବା ସମବାୟ ସମିତି ସମ୍ମୁଖରେ ଗ୍ରାମବାସୀଙ୍କ ବିକ୍ଷୋଭ।

**ବାଲିଅନ୍ତା, ୧୬।୧ (ଡି.ଏନ.ଏ):** ଧାନ ଉଠାଇବା ଦାବିରେ ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ସ୍ଥାନୀୟ ଅଞ୍ଚଳର ୫୦ରୁ ଅଧିକ ଚାଷୀ ଏବଂ ସମିତିସଭ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ସମିତି ପକ୍ଷରୁ ଧାନମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ କିଣାଯାଇଥିଲା। ତେବେ ସମିତିର ସମ୍ପାଦକ ଭିଜିଲାନ୍ସ ମାମଲାରେ ଫସିବା ପରଠାରୁ ଗତ ୧୦ ଦିନ ହେଲା ଧାନ କିଣା ବନ୍ଦ ରହିଛି। ଚାଷୀଙ୍କଠାରୁ ସମିତି ଧାନ କିଣୁଥିବାବେଳେ ସମ୍ପାଦକ ଗିରଫ ହୋଇଥିବା ଯୋଗୁ ଧାନକିଣାରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଗତ ୩ ପାଳି ହେଲା ଧାନ କିଣା ହୋଇପାରୁନି। ମଣ୍ଡିରୁ ଧାନ କିଣା ବନ୍ଦ ରହିଥିବା ଯୋଗୁ ଚାଷୀମାନେ ଧାନ ଆଣି ନିରାଶରେ ଫେରୁଛନ୍ତି। ଏହାର ସୁଯୋଗ କିଛି ଅସାଧୁ ବ୍ୟବସାୟୀ ନେଉଛନ୍ତି। ସେମାନେ କମ୍ ଦାମ୍‌ରେ ଚାଷୀଙ୍କଠାରୁ ଧାନ କିଣୁଛନ୍ତି ବୋଲି ପୂର୍ବତନ ସମିତିସଭ୍ୟ ଗୋପାଳ ଚନ୍ଦ୍ର ବେହେରା କହିଛନ୍ତି। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସମିତିର ସମ୍ପାଦକଙ୍କୁ ଫସାଇ ଦେଇଥିବା ସଭାପତି ନୀଳକଣ୍ଠ ପଣ୍ଡା ପ୍ରକାଶ କରିଛନ୍ତି। ବାରମ୍ବାର ଧାନ ଆଣି ଫେରୁଥିବାରୁ ଗୁରୁବାର ଶତାଧିକ ଚାଷୀ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ତୁରନ୍ତ ସମ୍ପାଦକଙ୍କୁ ନିଯୁକ୍ତି ଦେଇ ଚାଷୀଙ୍କଠାରୁ ଧାନ କିଣିବାକୁ କୃଷକ ସୁରକ୍ଷା ମଞ୍ଚର ସଭାପତି ତାପସ କୁମାର ଜେନା ଦାବି କରିଛନ୍ତି ।

# ଓଡିଏମ୍ ଛାତ୍ରଙ୍କ ଭାରତୀୟ ବିଜ୍ଞାନ କଂଗ୍ରେସରେ କୃତିତ୍ୱ

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ):** ୨୭ତମ ଜାତୀୟ କିଶୋର ବିଜ୍ଞାନ କଂଗ୍ରେସ-୨୦୧୯ କେରଳର ଥିରୁଭାନନ୍ତପୁରମ୍‌ରେ ୫ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ନବମ ଶ୍ରେଣୀର ଛାତ୍ର ସୁଜଲ୍ ଲେଙ୍କାଙ୍କ ପ୍ରକଳ୍ପ 'ଆଲ୍‌ଫା ଆର୍‌ମର୍' ବିଚାରକ ମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ବିବେଚିତ ହୋଇ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି। ବିଜ୍ଞାନ ଶିକ୍ଷୟିତ୍ରୀ ମିସ୍ ସ୍ମରଣିକାଙ୍କ ତତ୍ତ୍ୱାବଧାନରେ ଉକ୍ତ ପ୍ରକଳ୍ପଟି ପ୍ରସ୍ତୁତ ହୋଇଥିଲା। ସେନାବାହିନୀରେ ଆତ୍ମରକ୍ଷା ପାଇଁ ଅଭିନବ ଉପାୟରେ ପ୍ରସ୍ତୁତ ହେଲ୍‌ମେଟ୍ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା। ସମ୍ମିଳନୀର ଦ୍ୱିତୀୟ ପର୍ଯ୍ୟାୟ ୧୦୭ତମ ଭାରତୀୟ ଶିଶୁ ବିଜ୍ଞାନ କଂଗ୍ରେସ-୨୦୨୦ ବେଙ୍ଗାଲୁରୁସ୍ଥିତ 'ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍‌ଚର ଆଣ୍ଡ ସାଇନ୍ସ'ରେ ଚଳିତ ମାସ ୨ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଦର୍ଶନୀରେ ନବମ ଶ୍ରେଣୀର ଛାତ୍ର ଓମ୍ ପ୍ରକାଶ ପାଣି ବିଜ୍ଞାନ ଶିକ୍ଷକ ରଶ୍ମିରଞ୍ଜନ ଜେନାଙ୍କ ସହାୟତାରେ ଉକ୍ତ ପ୍ରକଳ୍ପଟିକୁ ପ୍ରଦର୍ଶିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଓ ସିଓଓ ସ୍ୱୟନ୍ ସତ୍ୟେନ୍ଦୁ ଦୁଇ ଶିଶୁ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।




ଅତିଥିଙ୍କ ଗହଣରେ ସମ୍ମାନିତ ଛାତ୍ରମାନେ।

# ଚଳନ୍ତା ଟ୍ରେନ୍‌ରୁ ଖସି ଦମ୍ପତି ଆହତ

**ଭୁବନେଶ୍ୱର,୧୬।୧(ବ୍ୟୁରୋ):** ଗୁରୁବାର ସନ୍ଧ୍ୟାରେ ପଟିଆ ଷ୍ଟେଶନରେ ଏକ ଚଳନ୍ତା ଟ୍ରେନରୁ ଖସି ଏକ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ମହିଳାଙ୍କ ଗୋଡ଼ ଓ ହାତ ଭାଙ୍ଗିଯାଇ ଗଭୀର ଆଘାତ ଲାଗିଛି। ସେହିଭଳି ତାଙ୍କ ସ୍ୱାମୀ ମଧ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ପଟିଆସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ରଘୁନାଥପୁର ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ରହୁଥିବା ଏହି ଦମ୍ପତି କଟକ ଯିବାପାଇଁ ଘରୁ ଅଟୋରେ ବାହାରିଥିଲେ। ସେମାନେ ପଟିଆ ଷ୍ଟେଶନରେ ପହଞ୍ଚିବା ପରେ ଟ୍ରେନଟି ଛାଡି ଦେଇଥିଲା। ସେମାନେ ଦୌଡି ଚଳନ୍ତା ଟ୍ରେନରେ ଚଢିବାକୁ ଉଦ୍ୟମ କଲାବେଳେ ଗୋଡ଼ ଖସିଯାଇଥିଲା। ଉଭୟ ଟ୍ରେନ ସହ କିଛି ବାଟ ଘୁଷୁରି ଯାଇଥିଲେ ସୌଭାଗ୍ୟବଶତଃ ବର୍ତ୍ତି ଯାଇଛନ୍ତି।

# ଶାନ୍ତିଲତା ଛୋଟରାୟଙ୍କୁ ପ୍ରଣବ ପରମ୍ପରା ସମ୍ମାନ

**୧୯ରେ ପ୍ରଣବ ପ୍ରଣାମ**

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ)**

ସମ୍ଭାବନା ପକ୍ଷରୁ ଆସନ୍ତା ୧୯ ତାରିଖ ପ୍ରଣବ ଜୟନ୍ତୀର ପୂର୍ବ ସନ୍ଧ୍ୟାରେ ସୂଚନା ଭବନଠାରେ ପ୍ରଣବ ପ୍ରଣାମ ଉତ୍ସବ ଆୟୋଜିତ ହେବ। ପ୍ରତିବର୍ଷ ଏହି ଅବସରରେ ରୁଚିସମ୍ପନ୍ନ ଓ ଭାବପୂର୍ଣ୍ଣ ଓଡିଆ ସଙ୍ଗୀତ ଗାନ ପାଇଁ 'ପ୍ରଣବ ପରମ୍ପରା ସମ୍ମାନ' ପ୍ରଦାନ କରାଯାଇଥାଏ। ଚଳିତବର୍ଷ ଏହି ସ୍ୱତନ୍ତ୍ର ସମ୍ମାନ ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟଙ୍କୁ ପ୍ରଦାନ କରାଯିବ ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ ପାଇଛି। ଉତ୍ସବରେ ପ୍ରମୋଦ ବେହେରା, ଛନ୍ଦା ମିଶ୍ର, ଲିପ୍‌ସା ମିଶ୍ର, ସିଦ୍ଧାନ୍ତ ଶତପଥୀ, ଅର୍ଣ୍ଣବ ପଣ୍ଡା, ରତିକା ରିମ୍ ଝିମ୍, ଇପ୍‌ସିତା ମହାନ୍ତି, ପୁଣ୍ୟତା ଦାଶ, ବିପୁଲ, ଦିଲୀପ ମହାନ୍ତି ଓ ଆଶିଷ ଦତ୍ତ ପ୍ରମୁଖ ପ୍ରଣବ ସଙ୍ଗୀତ ପରିବେଷଣ କରିବେ। ସମ୍ଭାବନାର ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା, ଗାୟିକା ଛନ୍ଦା ମିଶ୍ର, ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ନିରାକାର ମିଶ୍ର, ରାଜଶ୍ରୀ ଶତପଥୀ, ଇଂ.ଜ୍ୟୋତି ରଞ୍ଜନ ମହାନ୍ତି, ରୁଦ୍ର ପ୍ରସାଦ ନାୟକ, ଅସ୍ମିତା ପାଣିଗ୍ରାହୀ ତଥା ଅନ୍ୟ କର୍ମକର୍ତ୍ତା ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ। ସୂଚନାଥାଉ କି, ପୂର୍ବରୁ ତୃପ୍ତି ଦାସ, ସ୍ୱରୂପା ଚକ୍ରବର୍ତ୍ତୀ, ଗୀତା ପଟ୍ଟନାୟକ, ଚିତ୍ତ ଜେନା, ଆରତି ମିଶ୍ର, ଶ୍ୟାମାମଣି ଦେବୀ, ଶେଖର ଘୋଷ, ଶ୍ରୀକାନ୍ତ ଦାସ, ସୁବାସ ଦାଶ, ସତ୍ୟ ରଥ ଓ ସନ୍ତୋଷ ଦାଶ ପ୍ରଣବ ପରମ୍ପରା ସମ୍ମାନ ଗ୍ରହଣ କରିଛନ୍ତି।

# ୨୦୨୦ ସୁଦ୍ଧା ସବୁ ଗାଁରେ ପହଞ୍ଚିବ ଇଣ୍ଟରନେଟ୍

**ଓଡ଼ିଶାର ବୃହତ୍ତମ ଆଇଟି ସମ୍ମିଳନୀ ଆରମ୍ଭ**

**ଭୁବନେଶ୍ୱର,୧୬।୧(ବ୍ୟୁରୋ):** ଭାରତୀୟ କମ୍ପ୍ୟୁଟର ସୋସାଇଟିର ୫୩ତମ ବାର୍ଷିକ ଅନ୍ତର୍ଜାତୀୟ ସମ୍ମିଳନୀ ସିଏସ୍‌ଆଇ-୨୦୨୦ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାରେ ପ୍ରଥମଥର ପାଇଁ ଏପରି ଏକ ସର୍ବବୃହତ ଆଇଟି ସମ୍ମିଳନୀ ଅନୁଷ୍ଠିତ ହେଉଛି ଯେଉଁଠାରେ ସାରାଦେଶର ହଜାରରୁ ଊର୍ଦ୍ଧ୍ୱ କମ୍ପ୍ୟୁଟର ପ୍ରଫେସନାଲ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ସମ୍ମିଳନୀରେ 'ଡିଜିଟାଲ ଗଣତନ୍ତ୍ର-ପରିବର୍ତ୍ତନ ପାଇଁ ଆଇଟି' ଶୀର୍ଷକ ବିଷୟ ଉପରେ ଆଲୋଚନା କରାଯାଇଛି।

ଗୁରୁବାର କିଟ୍ ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଥିବା ଏହି ତିନିଦିନିଆ ସମ୍ମିଳନୀକୁ ସଭାପତି ତଥା ଲୋକପାଳ ପିନାକୀ ଚନ୍ଦ୍ର ଘୋଷ ଓ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ଜୀ (ସ୍କାଇପି ମାଧ୍ୟମରେ) ମୁଖ୍ୟ ଅତିଥିଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟ ଇଲେକ୍ଟ୍ରୋନିକ ଓ ଆଇଟି ତଥା କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଏଆଇସିଟିଇର ସଦସ୍ୟ ସଚିବ ରାଜୀବ କୁମାର, ଆଇଏଫଆଇପିର ଅଧ୍ୟକ୍ଷ ପ୍ରଫେସର ମାଇକ ହିନଚେ, କିଟ୍‌ର ଉପକୁଳପତି ପ୍ରଫେସର ଡ. ସସ୍ମିତା ସାମନ୍ତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ମନ୍ତ୍ରୀ ବେହେରା କହିଛନ୍ତି, ଗଣତନ୍ତ୍ର ଓ ସମାଜରେ ଡିଜିଟାଲ ପ୍ରଯୁକ୍ତିର ଅନ୍ତର୍ଭୁକ୍ତୀକରଣ ହେବା ଆବଶ୍ୟକ। ଡିଜିଟାଲ ଡେମୋକ୍ରାସିକୁ ସାକାର କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଦେଶର ପ୍ରତି ଗାଁକୁ ସଂଯୋଗ କରାଯାଉଛି। ୨୦୨୦ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଜିଲାର ସବୁ ଗାଁରେ ଇଣ୍ଟରନେଟ ସଂଯୋଗ ପହଞ୍ଚିବ। ସେହିପରି ଇ-ପ୍ରଶାସନ କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶର ୫ଟି ପ୍ରମୁଖ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି ବୋଲି ସେ କହିଛନ୍ତି।

ସମ୍ମିଳନୀର ପ୍ରଥମ ଦିନରେ ସିଏସଆଇ ପକ୍ଷରୁ ସିଏସଆଇ ୨୦୨୦ ଲାଇଫଟାଇମ ପୁରସ୍କାର ଡ. ଉତ୍ପଳ କୁମାର ବାନାର୍ଜୀ, ପ୍ରଫେସର ବିଏଲ. ଦୀକ୍ଷାତୁଲୁ, ଏଚଆର ମୋହନ, ରବୀନ୍ଦ୍ରନାଥ ଲାହିରି, ଫେଲୋ ବି.କେ. ପଟେଲ, ଅନିର୍ବାଣ ମୁଖାର୍ଜୀ, ଫେଲୋ ରାମସ୍ୱାମୀ, ପ୍ରଫେସର ଆଲିସେରୀ ଗୋବର୍ଦ୍ଧନ ଓ ଡ.ଏସ.ଅରୁମୁଗନଙ୍କୁ ପ୍ରଦାନ କରାଯାଇଥିଲା। ସମ୍ମିଳନୀର ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଏସଆଇ ଇ-ରତ୍ନ ପୁରସ୍କାର ଦିଆଯିବ। ଏହାଛଡ଼ା ଅନ୍ୟ ଅତିଥିଙ୍କୁ ଲାଇଫଟାଇମ ପୁରସ୍କାର, ଅନରେବଲ ଫେଲୋ ଓ ଫେଲୋ, ଏସଆଇଜି ସିଏସଆଇ ଇ-ପ୍ରଶାସନ ପୁରସ୍କାର ପ୍ରଦାନ କରାଯିବ।




ଅନ୍ତର୍ଜାତୀୟ ସମ୍ମିଳନୀ ସିଏସ୍‌ଆଇ-୨୦୨୦ରେ ଉପସ୍ଥିତ ଅତିଥିବୃନ୍ଦ।



"ମୁଁ ମୋ ଆଗାମୀ ଫିଲ୍ମରେ ସାହସ ଜୁଟାଇ ଅନେକ ବଡ଼ କାମ କରିଛି। ଏମିତିକି ପ୍ରଶିକ୍ଷଣ ନ ନେଇ ହେଲିକପ୍ଟର ମଧ୍ୟ ଚଳାଇଛି।
-ଜାହ୍ନବୀ କପୁର,
ବଲିଉଡ୍ ଅଭିନେତ୍ରୀ



# ପାକିସ୍ତାନୀ ନରରାକ୍ଷସ



## ଶ୍ମଶାନରୁ କାଢ଼ି ଖାଇଲେଣି ୧୫୦ ମୃତଦେହ

**ଇସ୍‌ଲାମାବାଦ:** କାହାଣୀରେ ଶୁଣିଥିବେ ନରରାକ୍ଷସ କଥା। ଯେ କି ଜିଅନ୍ତା ମଣିଷ ମାରି ଖାଇଥାନ୍ତି। ମାତ୍ର ଆଜି ମଧ୍ୟ ଦୁନିଆରେ ଏଭଳି ନରରାକ୍ଷସ ଅଛନ୍ତି ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ। ଏପରି ଦେଖିବାକୁ ମିଳିଛି ପାକିସ୍ତାନରେ। ଏଠାରେ ଦୁଇଭାଇ ଶ୍ମଶାନରୁ ମୃତଦେହ କାଢ଼ି ଖାଇଥାନ୍ତି। ଏବେସୁଦ୍ଧା ଦୁଇଭାଇ ମିଶି ୧୫୦ରୁ ଊର୍ଦ୍ଧ୍ୱ ମୃତଦେହ ଖାଇସାରିଲେଣି। ଦୁଇଭାଇ ହେଲେ ମହମ୍ମଦ ଫରମାନ୍ ଅଲ୍ଲୀ ଏବଂ ମହମ୍ମଦ ଆରିଫ୍ ଅଲ୍ଲୀ। ପାକିସ୍ତାନର ଭକର ଜିଲାର କଲନ ଗାଁରେ ରହୁଥିବା ଏହି ଦୁଇଭାଇ ବିବାହିତ ହୋଇଥିବା ବେଳେ ସ୍ତ୍ରୀମାନେ ଛାଡ଼ି ଚାଲିଯାଇଛନ୍ତି। ପ୍ରଥମେ ୨୦୧୧ରେ ନିକଟସ୍ଥ ଶ୍ମଶାନରୁ ଜଣେ ମହିଳାଙ୍କ ମୃତଦେହ ଗାଏବ ହୋଇଯାଇଥିଲା। ଏହା ପରେ ତାଙ୍କ ପରିବାର ଲୋକେ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଛାନ୍‌ଭିନ୍ କରିବାରୁ ଫରମାନ୍ ଏବଂ ଆରିଫ୍ ଏପରି କରିଥିବା ଜାଣିବାକୁ ପାଇଥିଲେ। ଫଳରେ ପୋଲିସ ଦୁଇଜଣଙ୍କୁ ଗିରଫ କରିଥିଲା। ୨୦୧୩ରେ ସେମାନେ ଜେଲ୍‌ରୁ ମୁକ୍ତ ହୋଇଥିଲେ। ଗାଁରେ ପହଞ୍ଚିବା ପରେ ସେମାନଙ୍କୁ ଗ୍ରାମବାସୀ ବିରୋଧ କରିଥିଲେ। ଇତିମଧ୍ୟରେ ଦୁଇଭାଇ ଶ୍ମଶାନରୁ ମୃତଦେହ କାଢ଼ି ଖାଇବା ଏକ ନିଶାରେ ପରିଣତ ହୋଇସାରିଲାଣି। ୨୦୧୪ ଏପ୍ରିଲ୍‌ରେ ତାଙ୍କଘରୁ ଗନ୍ଧ ଆସୁଥିବାରୁ ସ୍ଥାନୀୟ ଲୋକେ ପୁଣି ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ସେମାନଙ୍କ ଘରକୁ ଆସି ଯାଞ୍ଚ କରିବାରୁ ଯାହା ଦେଖିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କାରଣ ତାଙ୍କ ଘରେ ମୃତଦେହକୁ ନେଇ ସେମାନେ ରୋଷେଇ କରି ଖାଇଥାନ୍ତି। ପୋଲିସ ଜେରା କରିବାକୁ ଦୁଇଭାଇ ସତକଥା ସ୍ୱୀକାର କରି ୧୫୦ରୁ ଊର୍ଦ୍ଧ୍ୱ ମୃତଦେହ କାଢ଼ି ଖାଇଥିବା କହିଥିଲେ। ଏହା ପରେ ପୋଲିସ ଦୁଇଭାଇଙ୍କୁ ଗିରଫ କରିଥିଲା। ସେବେଠାରୁ ଦୁଇଭାଇ ଜେଲ୍‌ରେ ସଜା କାଟୁଛନ୍ତି।

# ବାଉଁଶ କାର୍

## ଓଜନ କମ୍, ମାଇଲେଜ ବେଶି

**ଥିରୁଭାନନ୍ତପୁରମ୍:** ଥିରୁଭାନନ୍ତପୁରମ୍‌ର ବାରଟନ୍ ହିଲ୍‌ସ୍ଥ ସରକାରୀ ଇଞ୍ଜିନିୟରିଂ କଲେଜର ଛାତ୍ରମାନେ ତିଆରି କରିଛନ୍ତି ଶସ୍ତା ଓ କମ୍ ଓଜନର ବାଉଁଶ କାର। ମେକାନିକାଲ ଇଞ୍ଜିନିୟରିଂ ଛାତ୍ରଙ୍କ ୯ ଜଣିଆ ଟିମ୍ ଏହାକୁ ନିର୍ମାଣ କରିଛନ୍ତି। ଟିମ୍‌ର ନାମ ରଖିଛନ୍ତି ମେଥଡ୍ସ। ତିନି ମାସ ମଧ୍ୟରେ ତିଆରି କରାଯାଇଥିବା ଏହି କାର୍‌ର ଓଜନ ୬୦ କେଜି। ପରିବେଶକୁ ବି ଭଲ। ଏଭଳି ହାଲ୍‌କା କାର୍ ନିର୍ମାଣ କରିବା ଏକ ଚ୍ୟାଲେଞ୍ଜ ଥିଲା ବୋଲି କହିଛନ୍ତି ଟିମ୍‌ର ମୁଖ୍ୟ ତଥା ଶେଷ ବର୍ଷର ମେକାନିକାଲ ଇଞ୍ଜିନିୟରିଂ ଛାତ୍ର ୨୧ ବର୍ଷୀୟ ଅଭିନବ ପି.ଶେଖର। ଏହି କାର୍ଯ୍ୟରେ କଲେଜର ବାଉଁଶ ଗବେଷଣା କେନ୍ଦ୍ର ସହଯୋଗ କରିଛି। ଦିନ ରାତି ୱାର୍କଶପ୍‌ରେ କାର୍ଯ୍ୟକରି କାର୍‌କୁ ଚୂଡାନ୍ତ ରୂପ ଦେବା ପୂର୍ବରୁ ୧୦ରୁ ୧୫ଟି ସାମ୍ପଲ ମଧ୍ୟ ତିଆରି କରାଯାଇଥିଲା। ଇଞ୍ଜିନ ପାଖକୁ ଲାଗି ରହିଥିବା କାର୍‌ର ଭିତର ପାଖରେ ଥର୍ମାଲ ରେଜିଷ୍ଟାଣ୍ଟ କୋଟିଂ ରହିଛି। କାର୍ ବାହାର ପାଖରେ ଆସୋଫାଥାଲିକ୍ ରେସିନ୍‌ରେ ଆଚ୍ଛାଦିତ କରାଯାଇଛି। ଏହା ପୂର୍ବରୁ ନିର୍ମାଣ କରାଯାଇଥିବା ବାଉଁଶ କାର୍‌ଠାରୁ ଏହା ମଜଭୁତ ଓ ଅଗ୍ନି ନିରୋଧୀ। ଖୁବ୍ କମ୍ ସମୟ ମଧ୍ୟରେ ଏହାକୁ ନିର୍ମାଣ କରାଯାଇଥିବାରୁ ମାତ୍ର ୬ରୁ ୭ ଦିନ ପରୀକ୍ଷା କରିବାକୁ ସମୟ ମିଳିଥିଲା। ଯାନ୍ତ୍ରିକ ଆବିଷ୍କାର କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବାରୁ ମେଥଡ୍ସ ଟିମ୍ ଜୁଗାଡ ପୁରସ୍କାର ଲାଭ କରିବା ସହ ଶେଲ୍ ଇକୋ-ମାରାଥନ୍ ଇଣ୍ଡିଆ, ୨୦୧୮ରେ ପ୍ରୋଟୋଟାଇପ୍ ଆଇସି ଇଞ୍ଜିନ କାଟେଗୋରିରେ ଦ୍ୱିତୀୟ ରନର୍ସଅପ୍ ହୋଇପାରିଛି। ୨୦୧୮ରେ ନିର୍ମାଣ କରାଯାଇଥିବା ଏଭଳି କାର୍ ୧ ଲିଟରରେ ଯାଇଥିଲା ୭୭ କି.ମି.। ଏବେ ୧ ଲିଟରରେ ଏହା କିଭଳି ୧୫୦ରୁ ୨୦୦ କି.ମି.ଯାଇପାରିବ ସେଥି ଲାଗି ପ୍ରୟାସ କରାଯାଇଛି। ଏହି ବାଉଁଶ କାରରୁ ଟିମ୍‌ର ଯାତ୍ରା ଆରମ୍ଭ ହୋଇଛି ଓ ଏହା ଅନେକ ପ୍ରୋଜେକ୍ଟ ଲାଗି ବାଟ ଖୋଲିଦେଇଛି ବୋଲି କହିଛନ୍ତି ଅଭିନବ।







ସୋନମ କପୁର

## ସୋନମଙ୍କୁ ଉବର ଡ୍ରାଇଭରଙ୍କ ଦୁର୍ବ୍ୟବହାର

**ମୁମ୍ବାଇ:** ଓଲା, ଉବର ଭଳି କ୍ୟାବ୍ ସେବା କେତେ ସୁରକ୍ଷିତ ସେ ନେଇ ସବୁବେଳେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକ ସମୟରେ ମହିଳା ଯାତ୍ରୀମାନେ ଏନେଇ ଅଭିଯୋଗ କରିଥିବା ମଧ୍ୟ ନଜିର ରହିଛି। ବିଳମ୍ବିତ ରାତ୍ର ହେଉ ବା ଶୁନ୍‌ଶାନ ରାସ୍ତା, ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ କ୍ୟାବ୍‌ରେ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଥାଏ। ଏଭଳି କ୍ଷେତ୍ରରେ ବି-ଟାଉନ୍ ଅଭିନେତ୍ରୀ ସୋନମ କପୁର ଆହୁଜାଙ୍କ ଉବର କ୍ୟାବ୍‌ରେ ଯାତ୍ରା କରିବା ଅନୁଭୂତି ଏବେ ପୁଣି କ୍ୟାବ୍ ବ୍ୟବହାରକାରୀଙ୍କ ସୁରକ୍ଷା ଚିନ୍ତା ବଢ଼ାଇଦେଇଛି। ସୋନମ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍ ରହିଥାନ୍ତି। ସମୟ ସମୟରେ ସେ ଫଟୋ, ଭିଡିଓ ଶେୟାର କରି ଫ୍ୟାନ୍‌ମାନଙ୍କୁ ନିଜ ଅପ୍‌ଡେଟ୍ ଦେଇଥାନ୍ତି। ବିଜ୍‌ନେସ୍‌ମ୍ୟାନ୍ ଆନନ୍ଦ ଆହୁଜାଙ୍କୁ ବିବାହ କରିବା ପରେ ସୋନମ ଅନେକ ସମୟ ଲଣ୍ଡନରେ ବିତାଉଛନ୍ତି। ତେବେ ନିକଟରେ ଲଣ୍ଡନରେ କ୍ୟାବ୍‌ରେ ଯାତ୍ରା କରୁଥିବା ସମୟରେ ତାଙ୍କ ସହ ହୋଇଥିବା ଏକ ଭୟଙ୍କର ଘଟଣା ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

ସୋନମ ନିଜ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲରେ ଏ ବାବଦରେ ଜଣାଇ ଲେଖିଛନ୍ତି ଯେ, ଲଣ୍ଡନରେ ଜଣେ ଉବର କ୍ୟାବ୍ ଡ୍ରାଇଭର ତାଙ୍କ ସହ ଦୁର୍ବ୍ୟବହାର କରିଥିଲେ। ଲଣ୍ଡନ ଉବରରେ ଯିବାର ଅନୁଭୂତି ଅତ୍ୟନ୍ତ ଭୟଙ୍କର ଥିଲା। ଏନେଇ ସେ ସମସ୍ତଙ୍କୁ ସତର୍କ ରହିବାକୁ ପରାମର୍ଶ ମଧ୍ୟ ଦେଇଛନ୍ତି। ଏହାସହ ପବ୍ଲିକ୍ ଟ୍ରାନ୍ସପୋର୍ଟ କିମ୍ବା କ୍ୟାବ୍ ବ୍ୟବହାର କରିବା ସବୁଠାରୁ ସୁରକ୍ଷିତ ବୋଲି ସୋନମ କହିଛନ୍ତି। ଏହି ଘଟଣାଟି ତାଙ୍କୁ ସମ୍ପୂର୍ଣ୍ଣ ରୂପେ ବ୍ୟତିବ୍ୟସ୍ତ କରିଦେଇଥିବା ସେ ଟୁଇଟରରେ ଜଣାଇଛନ୍ତି।

ସୋନମଙ୍କ ଉବର କ୍ୟାବ୍‌କୁ ନେଇ ଟୁଇଟରରେ ଏଭଳି ଅଭିଯୋଗ କରିବା ପରେ ଉବର ମଧ୍ୟ ପ୍ରତିକ୍ରିୟା ଦେଇଛି। ସୋନମଙ୍କ ସହ ଏଭଳି ଘଟଣା ଘଟିଥିବାରୁ ଉବର ଏନେଇ ତାଙ୍କୁ କ୍ଷମା ମାଗିଛି। ଏହାସହ ଘଟଣାର ଅଧିକ ତଦନ୍ତ ପାଇଁ ସୋନମଙ୍କ ଇମେଲ୍ ଆଇଡି ଏବଂ ମୋବାଇଲ ନଂ ମେସେଜ କରିବାକୁ ଟୁଇଟ୍ ଯୋଗେ ଜଣାଇଛି। ଅନ୍ୟପକ୍ଷରେ ସୋନମ କପୁର ଆହୁଜା ଫିଲ୍ମ 'ଭିରେ ଦି ୱେଡିଂ-୨'ରେ ନଜରକୁ ଆସିବେ ବୋଲି ଚର୍ଚ୍ଚା ହେଉଛି।

## ଲମ୍ବା କେଶ ଲାଗି ଗିନିଜ୍ ବୁକ୍‌ରେ ନୀଳାଂଶୀ

**ସୁରଟ:** ସୁରଟର ଜଣେ ୧୭ ବର୍ଷ ବୟସ୍କା ବାଳିକା ନିଜର କେଶ ପାଇଁ ଏବେ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ସ୍ଥାନୀୟ ଅରୱଲୀ ଜିଲାର ମୋଡ଼ାସ୍‌ରେ ରହୁଥିବା ନୀଳାଂଶୀ ପଟେଲଙ୍କର କେଶର ଲମ୍ବ ୧୯୦ ସେମି। ପୃଥିବୀର ଲମ୍ବା କେଶ ରଖିଥିବା ବାଳିକା ଭାବେ ତାଙ୍କର ନାମ ଗିଜିନ୍ ବୁକ୍‌ରେ ସ୍ଥାନ ପାଇଛି। ଲୋକେ ତାଙ୍କୁ ରିୟଲ ଲାଇଫ୍ ରାମ୍ପୁଜେଲ୍ ବୋଲି କହିଥାନ୍ତି। ୨୦୧୮ ନଭେମ୍ବର ୨୧ ଏବଂ ୨୦୧୯ ସେପ୍ଟେମ୍ବର ୨୨ରେ ତାଙ୍କ ନାମ ଗିଜିନ୍ ବୁକ୍‌ରେ ପଞ୍ଜିକୃତ କରାଯାଇଛି। ୨୦୧୮ ନଭେମ୍ବର ୨୧ରେ ତାଙ୍କ କେଶର ଲମ୍ବ ୧୭୦.୫ ସେମି ଥିଲା। ଏବେ ଏହା ପୁଣି ୧୯.୫ ସେମି ବଢ଼ିଛି। ଟିନ୍‌ଏଜର ବର୍ଗରେ ନୀଳାଂଶୀଙ୍କ ନାମରେ ଏହି ରେକର୍ଡ ସ୍ଥାନିତ କରାଯାଇଛି। ଦ୍ୱାଦଶ ଶ୍ରେଣୀରେ ପାଠପଢୁଥିବା ନୀଳାଂଶୀ କୁହନ୍ତି, ସେ ତାଙ୍କ ମା' ଘରେ ପ୍ରସ୍ତୁତ କରୁଥିବା ସ୍ୱତନ୍ତ୍ର କେଶ ତୈଳ ବ୍ୟବହାର କରିବା ଦ୍ୱାରା ଏହି ରେକର୍ଡ ହାସଲ କରିପାରିଛନ୍ତି।



## ରାସ୍ତାକଡ଼ରେ ଗାଡ଼ି ରଖି ଗପିଲେ ଫାଇନ୍

**ଚଣ୍ଡିଗଡ଼:** ସଡ଼କ ସୁରକ୍ଷା ଓ ଜୀବନ ରକ୍ଷା ଲାଗି ସରକାର କେତେକ ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ମୋଟର ଯାନ ଆଇନକୁ କଡ଼ାକଡ଼ି ପାଳନ କରିବା ଲାଗି ପରାମର୍ଶ ଦିଆଯାଉଛି। ଆଇନ ଭଙ୍ଗକଲେ ଜରିମାନା ଗଣିବା ସହ ହୀନସ୍ତା ହେବାକୁ ପଡୁଛି। ରାସ୍ତାରେ ଗାଡ଼ି ଚଳାଇବା ସମୟରେ ମୋବାଇଲ୍‌ରେ ଗପିଲେ ଚାଲାଣ କଟିବାର ବ୍ୟବସ୍ଥା ରହିଛି। ତେବେ ରାସ୍ତାକଡ଼ରେ ଗାଡ଼ି ରଖି ମୋବାଇଲ୍‌ରେ କଥାହେଲେ ଏବେ ଜରିମାନା ଦେବାକୁ ପଡ଼ିବ। ନୂତନ ମୋଟର ଯାନ ଆଇନ ଅନ୍ତର୍ଗତ ଆସନ୍ତା ଫେବୃୟାରୀଠାରୁ ଚଣ୍ଡିଗଡ଼ରେ ଏଭଳି ଆଇନ ଲାଗୁ ହେବାକୁ ଯାଉଛି। ପ୍ରଥମ ଥର ଏଭଳି କରିଥିବା ଗାଡ଼ି ଚାଳକଙ୍କଠାରୁ ୫୦୦ ଟଙ୍କା ଜରିମାନା ଆଦାୟ କରାଯିବ। ଏହାପରେ ଦ୍ୱିତୀୟ ଥର ଏଭଳି କରିଥିବା ଗାଡ଼ି ଚାଳକଙ୍କଠାରୁ ଏକ ହଜାର ଟଙ୍କାର ଜରିମାନା ଆଦାୟ କରାଯିବ। ନୂତନ ମୋଟର ଯାନ ଆଇନ ଅନ୍ତର୍ଗତ ରାସ୍ତା କଡ଼ରେ ଗାଡ଼ି ରଖି ମୋବାଇଲ୍‌ରେ ଗପିଲେ ମଧ୍ୟ ଯଦି ଏହାଦ୍ୱାରା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥାଏ, ତେବେ ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇ ପାରିବ।



## ଓଢ଼ଣି ତଳେ ଆଉ ରହିବେନି ରାଜସ୍ଥାନ ମହିଳା

**ଜୟପୁର(ରାଜସ୍ଥାନ):** ମହିଳାମାନେ ଆଉ ଓଢ଼ଣି/ପର୍ଦ୍ଦା ତଳେ ରହିବେନି। ରାଜ୍ୟରେ ଲିଙ୍ଗଗତ ବୈଷମ୍ୟକୁ ଦୂର କରି ମହିଳାଙ୍କୁ ସଶକ୍ତ କରିବା ପାଇଁ ରାଜସ୍ଥାନରେ 'ଓଢ଼ଣି ମୁକ୍ତ' ଅଭିଯାନ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ଆହ୍ୱାନକ୍ରମେ ଜିଲାପାଳଙ୍କ ଦ୍ୱାରା ବିଭିନ୍ନ ଜିଲାରେ ଜିଲାପାଳଙ୍କ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୁରୁଣା ପର୍ଦ୍ଦା ପ୍ରଥାକୁ ଲୋପ କରି ମହିଳାମାନେ ପୁରୁଷଙ୍କ ଭଳି ଯେପରି ଶିକ୍ଷିତ ଏବଂ ଆତ୍ମନିର୍ଭରଶୀଳ ହୋଇ ନିଜର ଅଧିକାର ସାବ୍ୟସ୍ତ କରିପାରିବେ ସେଥିପାଇଁ ସଚେତନ କରାଯାଉଛି। ପୂର୍ବରୁ ବିକାନେର୍ ଜିଲାରେ ଏହି ଅଭିଯାନ ଆରମ୍ଭ ହୋଇଥିବାବେଳେ ନିକଟରେ ଜୟପୁରରେ ମଧ୍ୟ ଏହାର ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ମାଧ୍ୟମରେ ରାଜସ୍ଥାନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ମଧ୍ୟ ମହିଳାମାନେ ବିନା ଓଢ଼ଣିରେ ଆସି ଭୋଟ ଦେବାକୁ ଉତ୍ସାହିତ କରାଯିବ ବୋଲି ଜଣାପଡ଼ିଛି। ହ୍ୱାଟ୍‌ସ୍‌ଆପ୍, ସୋସିଆଲ୍ ମିଡିଆ, ସ୍କୁଲ୍‌ରେ ଗାର୍ଗୀ ଏବଂ ମୀନା ମଞ୍ଚ, ଗାଁରେ ମହିଳା ଗ୍ରାମ ସଭା ମାଧ୍ୟମରେ ସଚେତନ କରାଯିବ। ସେହିପରି ସ୍କୁଲ୍‌ରେ ବାଲ୍‌ସଭା ମାଧ୍ୟମରେ ମା' ବାପା ଓ ଅଭିଭାବକଙ୍କୁ ଏ ନେଇ ସଚେତନ କରାଯିବ। ଏଥିପାଇଁ ମହିଳା ସରପଞ୍ଚମାନଙ୍କ ପାଇଁ ଏକ ଓରିଏଣ୍ଟେଶନ୍ ପ୍ରୋଗ୍ରାମ୍‌ର ଆୟୋଜନ କରାଯିବ। ଯଦ୍ଦ୍ୱାରା ସରପଞ୍ଚମାନେ ଗ୍ରାମସଭା, ଉତ୍ସବ ଓ ବାଲ୍‌ସଭା ସମୟରେ ଅନ୍ୟ ମହିଳାଙ୍କୁ ସଚେତନ କରିପାରିବେ। ଏହି ଅଭିଯାନକୁ ସଫଳ କରିବା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ଆଦି ବିଭାଗକୁ ମଧ୍ୟ ସାମିଲ କରାଯିବ। ଅଭିଯାନର ସଫଳତା ଦିଗରେ ମହିଳାଙ୍କ ସହ ପୁରୁଷଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଉଭୟଙ୍କୁ ସଚେତନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।



ଓଢ଼ଣି ମୁକ୍ତ ଅଭିଯାନ



## ଜାଭେଦ୍ ଅଖ୍‌ତରଙ୍କୁ ୭୫

ମୁମ୍ବାଇ: ଗୀତିକାର ଜାଭେଦ୍ ଅଖ୍‌ତର ଶୁକ୍ରବାର ୭୫ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୪୫ ଜାନୁୟାରୀ ୧୭ରେ ଗ୍ୱାଲିୟରଠାରେ ଜନ୍ମଗ୍ରହଣ କରିଥିଲେ। ଜୀବନର ପ୍ରାଥମିକ ପର୍ଯ୍ୟାୟରେ ଜାଭେଦ୍‌ଙ୍କୁ ଅନେକ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପରେ ସେ ଇଣ୍ଡଷ୍ଟ୍ରୀରେ ସଫଳ ହୋଇଥିଲେ। ତାଙ୍କ ପୁଅ ଫର୍‌ହାନ ଅଖ୍‌ତରଙ୍କ ଫିଲ୍ମ 'ଭାଗ୍ ମିଲ୍‌ଖା ଭାଗ୍' ଦେଖି ସେ ଜୋର୍‌ରେ କାନ୍ଦି ଉଠିଥିଲେ। ୧୯୬୫ଠାରୁ ଜାଭେଦ୍ ଅଖ୍‌ତର ଆରମ୍ଭ କରିଥିଲେ ସଂଘର୍ଷମୟ ଯାତ୍ରା। ଥରେ ଜଣେ ଫିଲ୍ମ ନିର୍ମାତାଙ୍କୁ ଜାଭେଦ୍‌ଙ୍କ ସ୍କ୍ରିପ୍ଟ ପସନ୍ଦ ଆସି ନ ଥିଲା। ସେ ବିରକ୍ତ ହୋଇ ଜାଭେଦ୍‌ଙ୍କ ମୁହଁକୁ ଏହି ସ୍କ୍ରିପ୍ଟ ଫୋପାଡ଼ି ଦେଇଥିଲେ। ଏହା ଜାଭେଦ୍‌ଙ୍କୁ ଆଘାତ୍ ଦେଇଥିଲା। ଏବେ ସେ ନିଜ ଉଦ୍ୟମ ଦ୍ୱାରା ସାରା ବିଶ୍ୱରେ ନିଜକୁ ପ୍ରତିପାଦନ କରିବାରେ ସଫଳ ହୋଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୭ ଜାନୁୟାରୀ, ୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ





## ଗଣିତ (MATHEMATICS)

ସମୟ : 2.30 Hrs ପୂର୍ଣ୍ଣସଂଖ୍ୟା : 100

ନିର୍ଦ୍ଦେଶ ଅନୁଯାୟୀ ଉତ୍ତର ଲେଖ ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି ।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ।

### PART - I (OBJECTIVE)

**ବୀଜଗଣିତ**

**1. ଶୂନ୍ୟସ୍ଥାନ ପୂରଣ କର ।** [1×5=5

(a) $kx + my + 5 = 0$ ଓ $3x + 5y + 1 = 0$ ସହସମୀକରଣ ଦ୍ୱୟ ଅସଙ୍ଗତ ହେଲେ k:m = — ।

(b) $x^2 - px - 2 = 0$ ସମୀକରଣର ଗୋଟିଏ ମୂଳ 2 ହେଲେ, p ର ମାନ — ହେବ ।

(c) ଏକ A.P.ର n ସଂଖ୍ୟକ ପଦର ଯୋଗଫଳ $S_n$ ହେଲେ $t_n$ ର ମାନ — ହେବ ।

(d) ପ୍ରଥମ n ସଂଖ୍ୟକ ଗଣନ ସଂଖ୍ୟାର ମାଧ୍ୟମାନ — ।

(e) SCHOOL ଶବ୍ଦରୁ ଯଦୃଚ୍ଛା ଗୋଟିଏ ଅକ୍ଷର 'O' ବାଛିବାର ସମ୍ଭାବ୍ୟତା — ।

**2. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।** [1×5=5

(a) $A = \begin{pmatrix} -1 & 2 \\ 3 & 4 \end{pmatrix}$ ହେଲେ |A| କେତେ ହେବ?

(b) $4x^2 + 3x + 7 = 0$ ସମୀକରଣର ମୂଳଦ୍ୱୟ α ଓ β ହେଲେ, $\frac{1}{\alpha} + \frac{1}{\beta}$ ର ମୂଲ୍ୟ କେତେ?

(c) $4\Sigma n^0$ ର ମାନ କେତେ?

(d) ଗୋଟିଏ ମୁଦ୍ରାକୁ 2 ଥର ଟସ୍ କରାଗଲେ ଅତିବେଶିରେ ଗୋଟିଏ 'H' ଆସିବାର ସମ୍ଭାବ୍ୟତା କେତେ ହେବ?

(e) ଗୋଟିଏ A.P.ର $t_n = 2n - 1$ ହେଲେ $S_n$ କେତେ?

**3. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସମାଧାନ କର ।** [1×5=5

(a) 3 ଓ –2 ମୂଳ ବିଶିଷ୍ଟ ଦ୍ୱିଘାତ ସମୀକରଣଟି କେତେ?

(b) 't'ର କେଉଁ ମାନ ପାଇଁ $tx + 3y = 0$ ଓ $12x + ty = 0$ ସହସମୀକରଣ ଦ୍ୱୟର ଅସଂଖ୍ୟ ସମାଧାନ ରହିବ?

(c) $\frac{1}{1\times2} + \frac{1}{2\times3} + \frac{1}{3\times4} + .... + \frac{1}{39\times40}$ ର ସମଷ୍ଟି କେତେ?

(d) P(3, 4) ବିନ୍ଦୁଟି ସ୍ଥାନାଙ୍କ ସମତଳରେ ମୂଳବିନ୍ଦୁଠାରୁ କେତେ ଦୂରରେ ଅବସ୍ଥିତ?

(e) ଗୋଟିଏ ମୁଦ୍ରାକୁ 3 ଥର ଟସ୍ କଲେ ସାମ୍ପଲ ସ୍ପେସ୍‌ର ଉପାଦାନ ସଂଖ୍ୟା କେତେ ହେବ?

**4. ନିମ୍ନ ଉକ୍ତିଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଭୁଲ ଉକ୍ତି (✗) ଏବଂ କେଉଁଗୁଡ଼ିକ ଠିକ୍ ଉକ୍ତି (✓) ଦର୍ଶାଅ ।** [1×5=5

(a) $2x + 3y = 4$ ଏବଂ $3x + 2y = 6$ ହେଲେ x + y ର ମାନ 2 ହେବ ।

(b) $4x^2 - 9 = 0$ ହେଲେ, x ର ମାନ $\frac{-2}{3}$ ଓ $\frac{3}{2}$ ହେବ ।

(c) $x^2 - 2x + 1 = 0$ ଦ୍ୱିଘାତ ସମୀକରଣର ବୀଜଦ୍ୱୟର ସମଷ୍ଟି $-\frac{1}{2}$ ହେବ ।

(d) ଗୋଟିଏ ଲୁଡୁଗୋଟିକୁ 'n' ଥର ଗଡ଼ାଇଲେ ସମସ୍ତ ସମ୍ଭାବ୍ୟ ଫଳାଫଳ ସଂଖ୍ୟା $6^n$ ହେବ ।

(e) y = x ସମୀକରଣର ଲେଖଚିତ୍ର ଏକ ରେଖା ହେବ ।

**5. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳାଅ ।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) $3x = y$ ଏବଂ $x = -2$ ହେଲେ y ର ମାନ = | (a) 5 |
| (b) $3x^2 - 5x + 6 = 0$ ଦ୍ୱିଘାତ ସମୀକରଣର ମୂଳଦ୍ୱୟର ଗୁଣଫଳ= | (b) 1 |
| (c) P(3, 0) ଓ Q(0, –4) ବିନ୍ଦୁଦ୍ୱୟ ମଧ୍ୟରେ ଦୂରତା = | (c) 8 |
| (d) –1, 0, 1, 2.....ର $t_{10}$ = | (d) 0 |
| (e) P(E) + P(E′) = | (e) 2 |
| | (f) –16 |

**ଜ୍ୟାମିତି**

**6. ଶୂନ୍ୟସ୍ଥାନ ପୂରଣ କର ।** [1×5=5

(a) ଦୁଇଟି ସମବାହୁ ତ୍ରିଭୁଜର କ୍ଷେତ୍ରଫଳର ଅନୁପାତ 16:9 ହେଲେ, ତ୍ରିଭୁଜ ଦ୍ୱୟର ଅନୁରୂପ ବାହୁଦ୍ୱୟର ଦୈର୍ଘ୍ୟର ଅନୁପାତ — ହେବ ।

(b) ଦୁଇଟି ବହିଃସ୍ପର୍ଶୀ ବୃତ୍ତର ତିର୍ଯ୍ୟକ୍ ସାଧାରଣ ସ୍ପର୍ଶକ ସଂଖ୍ୟା — ।

(c) PQR ବୃତ୍ତରେ $\overline{PR}$ ବୃତ୍ତର ବ୍ୟାସ ହେଲେ m $\widehat{PQR}$ = — ।

(d) Δ PQRରେ sin (P+Q)=1 ହେଲେ m∠R= — ।

(e) ଦୁଇଟି ଏକ-କେନ୍ଦ୍ରିକ ବୃତ୍ତର ପରିଧି ଯଥାକ୍ରମେ 352ମି. ଓ 396ମି. ହେଲେ, ସୃଷ୍ଟି ହୋଇଥିବା ବଳୟର ପ୍ରସ୍ଥ — ମିଟର ।

**7. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।** [1×5=5

(a) Δ DEF ରେ ∠E ର ସମଦ୍ୱିଖଣ୍ଡକ $\overline{DF}$ କୁ P ବିନ୍ଦୁରେ ଛେଦ କରେ । DE = 12 ସେ.ମି. ଓ EF= 9 ସେ.ମି. ହେଲେ DP:DF କେତେ?

(b) ଗୋଟିଏ ବୃତ୍ତର $\overline{PQ}$ ଓ $\overline{RS}$ ଜ୍ୟା ଦ୍ୱୟର ଛେଦବିନ୍ଦୁ T । PT = 2 ସେ.ମି., QT = 6 ସେ.ମି., RT = 3 ସେ.ମି. ହେଲେ $\overline{ST}$ ର ଦୈର୍ଘ୍ୟ କେତେ ସେ.ମି.?

(c) ଦୁଇଟି ଅନ୍ତଃସ୍ପର୍ଶୀ ବୃତ୍ତର ବ୍ୟାସ $d_1$ ଓ $d_2$ ସେ.ମି. ($d_1 > d_2$), ସେମାନଙ୍କର କେନ୍ଦ୍ରଦ୍ୱୟ ମଧ୍ୟରେ ଦୂରତା କେତେ ସେ.ମି.?

(d) $\tan\theta = \frac{p}{q}$ ହେଲେ $\sec^2\theta$ ର ମାନ କେତେ?

(e) ଗୋଟିଏ ସିଲିଣ୍ଡରର ବ୍ୟାସାର୍ଦ୍ଧ $\frac{7}{5}$ ସେ.ମି. ଓ ଉଚ୍ଚତା 25 ସେ.ମି. ହେଲେ ସିଲିଣ୍ଡରର ଆୟତନ କେତେ ଘନ ସେ.ମି.?

**8. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।** [1×5=5

(a) Δ ABC ରେ m∠B = 90° । $\overline{BD} \perp \overline{AC}$, BC = 12 ସେ.ମି., CD = 9 ସେ.ମି. ହେଲେ AD କେତେ ସେ.ମି.?

(b) ଗୋଟିଏ ବୃତ୍ତର ଏକ ଚାପର ଡିଗ୍ରୀ ପରିମାପ 80° । ଉକ୍ତ ଚାପର ବିପରୀତ ଚାପର ଅନ୍ତର୍ଲିଖିତ କୋଣର ପରିମାଣ କେତେ?

(c) ପାର୍ଶ୍ୱସ୍ଥ ଚିତ୍ରରେ ବୃତ୍ତର ବହିଃସ୍ଥ ବିନ୍ଦୁ A ରୁ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଦ୍ୱୟର ଛେଦବିନ୍ଦୁ B ଓ C । ଯଦି m∠BAC = 64° ହୁଏ ତେବେ m $\widehat{BZC}$ କେତେ?




(d) 88 ମିଟର ଦୀର୍ଘ ଖଣ୍ଡେ ତାରରୁ 7 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ କେତେଗୋଟି ବୃତ୍ତ ତିଆରି କରାଯାଇ ପାରିବ?

(e) $\sin A = \frac{5}{13}$ ହେଲେ cot A ର ମାନ କେତେ?

**9. ଠିକ୍ ଉକ୍ତି ପାଇଁ '✓' ଚିହ୍ନ ଏବଂ ଭୁଲ ଉକ୍ତି ପାଇଁ '✗' ଚିହ୍ନ ଦେଇ ଉକ୍ତିଗୁଡ଼ିକୁ ଚିହ୍ନଟ କର ।** [1×5=5

(a) Δ ABC ରେ ∠C ର ସମଦ୍ୱିଖଣ୍ଡକ $\overline{AB}$ କୁ M ବିନ୍ଦୁରେ ଛେଦ କରେ । ଯଦି AC = 8 ସେ.ମି., BC = 12 ସେ.ମି. ଏବଂ AM = 4 ସେ.ମି. ହୁଏ, ତେବେ BC = 24 ସେ.ମି. ହେବ ।

(b) ଗୋଟିଏ ବୃତ୍ତର କେନ୍ଦ୍ର O ଏବଂ $\overline{AB}$ ଏକ ଜ୍ୟା । $\overline{OD} \perp \overline{AB}$, ବୃତ୍ତର ବ୍ୟାସାର୍ଦ୍ଧ 10 ସେ.ମି. ଏବଂ ଜ୍ୟା AB = 16 ସେ.ମି. ହେଲେ, $\overline{OD}$ ର ଦୈର୍ଘ୍ୟ 12 ସେ.ମି. ହେବ ।

(c) 'r' ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତର ବହିଃସ୍ଥ ବିନ୍ଦୁରୁ ବୃତ୍ତ ପ୍ରତି ଅଙ୍କିତ ଏକ ସ୍ପର୍ଶକ ଖଣ୍ଡର ଦୈର୍ଘ୍ୟ P ଏକକ ହେଲେ, ବୃତ୍ତର କେନ୍ଦ୍ରରୁ ବହିଃସ୍ଥ ବିନ୍ଦୁର ଦୂରତା $\sqrt{P^2 + r^2}$ ଏକକ ହେବ ।

(d) Δ ABC ରେ ∠B ସମକୋଣ । $\sin(A - C) = \frac{1}{2}$ ହେଲେ ∠A ର ପରିମାଣ 60° ହେବ ।

(e) ଗୋଟିଏ ଗୋଲକର ବ୍ୟାସାର୍ଦ୍ଧ r ଏକକ । ଗୋଲକରୁ ପ୍ରସ୍ତୁତ ଏକ ଅର୍ଦ୍ଧଗୋଲକର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ $3\pi r^2$ ବର୍ଗ ଏକକ ହେବ ।

**10. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳାଅ ।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) '8' ଏକକ ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତ ପ୍ରତି ଅଙ୍କିତ ଦୁଇଟି ସମାନ୍ତର ସ୍ପର୍ଶକ ମଧ୍ୟରେ ଦୂରତା = | (a) 2 |
| (b) Δ ABC ~ Δ DEF । ଯଦି AB=12 ସେ.ମି., AC=9 ସେ.ମି. ଓ DE = 6 ସେ.ମି. ହୁଏ, ତେବେ DF ସେ.ମି.ରେ = | (b) 4 |
| (c) 8 ସେ.ମି. ଦୀର୍ଘ ବାହୁ ବିଶିଷ୍ଟ ବର୍ଗଚିତ୍ରର ଅନ୍ତଃବୃତ୍ତର ବ୍ୟାସାର୍ଦ୍ଧ= | (c) 16 |
| (d) tan 1°.tan 2°.tan 3°,........ + tan 88°.tan 89° ର ସରଳୀକୃତ ମାନ = | (d) 8 |
| (e) ଗୋଟିଏ ବୃତ୍ତର ପରିଧି ଯେତିକି ସେ.ମି., ଏହାର କ୍ଷେତ୍ରଫଳ ସେତିକି ବର୍ଗ ସେ.ମି. । ବୃତ୍ତର ବ୍ୟାସାର୍ଦ୍ଧ = | (e) 4.5 |
| | (f) 1 |

**ଉତ୍ତରମାଳା**

1. (a) 3:5 (b) 1 (c) $S_n - S_{n-1}$ (d) $\frac{n+1}{2}$ (e) $\frac{1}{3}$
2. (a) –10 (b) $\frac{-3}{7}$ (c) $n^2(n+1)^2$ (d) $\frac{3}{4}$ (e) $n^2$
3. (a) $x^2 - x - 6 = 0$ (b) ± 6 (c) $\frac{39}{40}$ (d) 5 ଏକକ (e) 8
4. (a) ✓ (b) ✗ (c) ✗ (d) ✓ (e) ✗
5. (a) - (f), (b) - (e), (c) - (a), (d) - (c), (e) - (b)
6. (a) 4:3 (b) 1 (c) 180° (d) 90° (e) 7
7. (a) 4:7 (b) 4 (c) $\frac{1}{2}(d_1 - d_2)$ (d) $\frac{p^2+q^2}{q^2}$ (e) 154
8. (a) 7 (b) 40° (c) 116° (d) 200 (e) $\frac{12}{5}$
9. (a) ✗ (b) ✗ (c) ✓ (d) ✓ (e) ✓
10. (a) - (c), (b) - (e), (c) - (b), (d) - (f), (e) - (a)

### PART - II (SUBJECTIVE)

**ବୀଜଗଣିତ**

**11.(i)** $4x + \frac{6}{y} = 15$ ଏବଂ $6x - \frac{8}{y} = 14$ $(y \neq 0)$ [5

କିମ୍ବା, 5 ବର୍ଷ ପରେ ପିତାର ବୟସ ପୁତ୍ର ବୟସର ତିନିଗୁଣ ହେବ ଓ 5 ବର୍ଷ ପୂର୍ବେ ପିତାର ବୟସ ପୁତ୍ର ବୟସର 7 ଗୁଣ ଥିଲା । ତେବେ ସେମାନଙ୍କର ବର୍ତ୍ତମାନ ବୟସ ସ୍ଥିର କର ।

**(ii)** ନିମ୍ନ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମାଧ୍ୟମାନ $21\frac{1}{7}$ ହେଲେ 'f'ର ମାନ ସ୍ଥିର କର । [5

| ସଂଭାଗ | 0-10 | 10-20 | 20-30 | 30-40 | 40-50 |
|---|---|---|---|---|---|
| ବାରମ୍ବାରତା | 8 | 22 | 31 | f | 2 |

କିମ୍ବା, ଦତ୍ତ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ କର :

| ସଂଭାଗ | 0-10 | 10-20 | 20-30 | 30-40 | 40-50 | 50-60 |
|---|---|---|---|---|---|---|
| ବାରମ୍ବାରତା | 6 | 12 | 22 | 14 | 10 | 5 |

**12.(i)** ଗୋଟିଏ ସମାନ୍ତର ପ୍ରଗତିର ପ୍ରଥମ p ସଂଖ୍ୟକ ପଦର ସମଷ୍ଟି r, ପ୍ରଥମ q ସଂଖ୍ୟକ ପଦର ସମଷ୍ଟି s ଏବଂ ସାଧାରଣ ଅନ୍ତର d ହେଲେ ପ୍ରମାଣ କର ଯେ, $\frac{r}{p} - \frac{s}{q} = (p - q)\frac{d}{2}$ ହେବ । [4

କିମ୍ବା, ଏକ ସମାନ୍ତର ଅନୁକ୍ରମରେ ଅବସ୍ଥିତ ତିନୋଟି କ୍ରମିକ ରାଶିର ଯୋଗଫଳ 21 ଏବଂ ସେମାନଙ୍କ ବର୍ଗର ଯୋଗଫଳ 155 । ସଂଖ୍ୟାଗୁଡ଼ିକ କେତେ?

**(ii)** $x^2 - px + q = 0$ ସମୀକରଣର ଗୋଟିଏ ମୂଳ ଅନ୍ୟଟିର 2 ଗୁଣ ହେଲେ, ପ୍ରମାଣ କର ଯେ $2p^2 = 9q$ । [4

କିମ୍ବା, ପୂର୍ଣ୍ଣବର୍ଗରେ ପରିଣତ କରି ସମାଧାନ କର : $2x^2 - x - 6 = 0$

**(iii)** ଗୋଟିଏ ଲୁଡୁ ଗୋଟିକୁ ଦୁଇଥର ଗଡ଼ାଇ ଦିଆଗଲା । ମିଳିଥିବା ସଂଖ୍ୟା ଦୁଇଟିର ଯୋଗଫଳ ≥ 9 ହେବା ଘଟଣାର ସମ୍ଭାବ୍ୟତା ସ୍ଥିର କର । [4

କିମ୍ବା, A, B ଓ C ସ୍ଥାନାଙ୍କ ଯଥାକ୍ରମେ (1, 6), (5, –1) ଓ (7, 2) । ପ୍ରମାଣ କର ଯେ ABC ଏକ ସମକୋଣୀ ତ୍ରିଭୁଜ ।

**ଜ୍ୟାମିତି**

**13.(i)** ଗୋଟିଏ ତ୍ରିଭୁଜର ତିନିକୋଣ, ଅନ୍ୟଏକ ତ୍ରିଭୁଜର ଅନୁରୂପ କୋଣସହ ସର୍ବସମ ହେଲେ, ପ୍ରମାଣ କର ଯେ, ତ୍ରିଭୁଜ ଦୁଇଟି ସଦୃଶ ହୁଅନ୍ତି । [5

କିମ୍ବା, କୌଣସି ବୃତ୍ତର ବହିଃସ୍ଥ ଏକ ବିନ୍ଦୁରୁ ଉକ୍ତ ବୃତ୍ତ ପ୍ରତି ସ୍ପର୍ଶକ ଖଣ୍ଡଦ୍ୱୟର ଦୈର୍ଘ୍ୟ ସମାନ । ପ୍ରମାଣ କର ।

**(ii)** 2.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କରି ତହିଁରେ ଏକ ସମବାହୁ ତ୍ରିଭୁଜ ପରିଲିଖନ କର । [5

କିମ୍ବା, 3.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କରି ଏଥିରେ ଏକ ସୁଷମ ଷଡ଼ଭୁଜ ପରିଲିଖନ କର ।

**14.(i)** Δ ABC ରେ m∠ABC = 90° ଏବଂ $\overline{BD} \perp \overline{AC}$ । ପ୍ରମାଣ କର ଯେ, $AB^2 : BC^2 = AD : DC$ । [5

କିମ୍ବା, Δ ABC ର ପରିବୃତ୍ତର କେନ୍ଦ୍ର 'O' ତ୍ରିଭୁଜଟିର ଏକ ଅନ୍ତଃସ୍ଥ ବିନ୍ଦୁ ହେଲେ, ପ୍ରମାଣ କର ଯେ, m∠BAC + m∠OBC = 90°

**(ii)** ଗୋଟିଏ ପାହାଡ଼ ଉପରୁ 100 ମିଟର ଉଚ୍ଚ ଏକ ସମତଳରେ ଥିବା ଗୋଟିଏ ସ୍ତମ୍ଭର ଶୀର୍ଷ ଓ ପାଦଦେଶର କୌଣିକ ଅବନତିର ପରିମାଣ ଯଥାକ୍ରମେ 300 ଓ 600 । ପାହାଡ଼ର ଉଚ୍ଚତା ନିରୂପଣ କର । [5

କିମ୍ବା, ସମାଧାନ କର : $\sin\theta + \cos\theta = \sqrt{2}$

**15.(i)** ଏକ ବୃତ୍ତରେ ଗୋଟିଏ ଚାପର ଡିଗ୍ରୀ ପରିମାପ 40°, ସେହି ବୃତ୍ତକଳାର ପରିସୀମା 26.98 ସେ.ମି. ହେଲେ ବୃତ୍ତର ବ୍ୟାସାର୍ଦ୍ଧ ନିର୍ଣ୍ଣୟ କର । (π=3.14) [4

କିମ୍ବା, ଗୋଟିଏ ସମବାହୁ ତ୍ରିଭୁଜର ଅନ୍ତଃବୃତ୍ତର କ୍ଷେତ୍ରଫଳ 154 ବର୍ଗମି. ହେଲେ, ତ୍ରିଭୁଜର ପରିସୀମା ନିର୍ଣ୍ଣୟ କର ।

**(ii)** ଗୋଟିଏ ସରଳ ପ୍ରିଜିମ୍‌ର ଭୂମି ଏକ ସମକୋଣୀ ତ୍ରିଭୁଜ ଏବଂ ସମକୋଣ ସଂଲଗ୍ନ ବାହୁଦ୍ୱୟର ଅନୁପାତ 5:12 । ଯଦି ପ୍ରିଜିମ୍‌ର ଆୟତନ 1800 ଘ.ସେ.ମି. ଓ ପାର୍ଶ୍ୱ ପୃଷ୍ଠତଳର କ୍ଷେତ୍ରଫଳ 900 ବ.ସେ.ମି. ହୁଏ, ତେବେ ଭୂମିର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ନିର୍ଣ୍ଣୟ କର । [4

କିମ୍ବା, ଗୋଟିଏ ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ 19404 ଘ.ମି. । ଏହାର ସମଘନଫଳ ବିଶିଷ୍ଟ ଏକ ଅର୍ଦ୍ଧଗୋଲକର ବ୍ୟାସାର୍ଦ୍ଧ କେତେ? ($\pi \simeq \frac{22}{7}$)

### ସମାଧାନ

**11.(i)** $4x + \frac{6}{y} = 15$ .......... (i)

$6x - \frac{8}{y} = 14$ ......... (ii)

ସମୀକରଣ (i) × 6 ⇒ $24x + \frac{36}{y} = 90$

ସମୀକରଣ (ii) × 4 ⇒ $24x - \frac{32}{y} = 56$

– + –

$\frac{68}{y} = 34 \Rightarrow y = 2$

'y' ର ମାନକୁ ସମୀକରଣ (i) ରେ ପ୍ରୟୋଗ କଲେ,

$4x + \frac{6}{2} = 15 \Rightarrow 4x = 15 - 3 = 12$

$\Rightarrow x = 3$

∴ ନିର୍ଣ୍ଣେୟ ସମାଧାନ : (x, y) = 3, 2

କିମ୍ବା, ମନେକର ପିତାର ବର୍ତ୍ତମାନ ବୟସ x ବର୍ଷ ଓ ପୁତ୍ରର ବର୍ତ୍ତମାନ ବୟସ y ବର୍ଷ ।
5 ବର୍ଷ ପରେ ପିତାର ବୟସ =(x+5) ବର୍ଷ ହେବ ଓ ପୁତ୍ରର ବୟସ = (y+5) ବର୍ଷ ହେବ ।
ପ୍ରଶ୍ନାନୁସାରେ x+5 = 3(y+5)
⇒ x+5= 3y+15 ⇒ x – 3y=10 .....(1)
ପୁନଶ୍ଚ 5 ବର୍ଷ ପୂର୍ବେ ପିତାର ବୟସ ଥିଲା = (x – 5) ବର୍ଷ ଓ ପୁତ୍ରର ବୟସ ଥିଲା = (y – 5) ବର୍ଷ ।
ପ୍ରଶ୍ନାନୁସାରେ, (x – 5) = 7(y – 5)
⇒ x – 5 = 7y – 35 ⇒ x – 7y = – 30 .....(2)
ସମୀକରଣ (1) ରୁ ସମୀକରଣ (2) କୁ ବିୟୋଗ କଲେ,
(x – 3y) – (x – 7y) = 10 – (– 30)
⇒ x – 3y – x+7y=10+30
⇒ 4y = 40 ⇒ y=10
ସମୀକରଣ (1) ରେ y=10 ସ୍ଥାପନ କଲେ,
x – 3 x 10=10 ⇒ x = 40
∴ ପିତାର ବର୍ତ୍ତମାନ ବୟସ 40 ବର୍ଷ ଓ ପୁତ୍ରର ବର୍ତ୍ତମାନ ବୟସ 10 ବର୍ଷ ।

**(ii)**

| ସଂଭାଗ | ବାରମ୍ବାରତା (f) | ସଂଭାଗର ମଧ୍ୟବିନ୍ଦୁ (x) | fx |
|---|---|---|---|
| 0-10 | 8 | 5 | 40 |
| 10-20 | 22 | 15 | 330 |
| 20-30 | 31 | 25 | 775 |
| 30-40 | f | 35 | 35f |
| 40-50 | 2 | 45 | 90 |
| | Σf = 63+f | | Σfx = 1235+35f |

∴ ତଥ୍ୟାବଳୀର ମାଧ୍ୟମାନ $21\frac{1}{7} = \frac{148}{7}$

∴ $\frac{\Sigma fx}{\Sigma f} = \frac{148}{7} \Rightarrow \frac{1235 + 35f}{63 + f} = \frac{148}{7}$

⇒ 8645 + 245f = 9324 + 148f

⇒ 97f = 679 ⇒ f = $\frac{679}{97}$ =7

କିମ୍ବା,

| ସଂଭାଗ | ବାରମ୍ବାରତା (f) | ରାଶିକୃତ ବାରମ୍ବାରତା cf |
|---|---|---|
| 0–10 | 6 | 6 |
| 10–20 | 12 | 18 |
| 20–30 | 22 | 40 |
| 30–40 | 14 | 54 |
| 40–50 | 10 | 64 |
| 50–60 | 5 | 69 |
| | Σf = 69 | |

ମଧ୍ୟମ ସ୍ଥାନ (m)= $\frac{n}{2} = \frac{69}{2}$ = 34.5

m ଠାରୁ ଠିକ୍ ବୃହତ୍ତର ରାଶିକୃତ ବାରମ୍ବାରତା = 40

∴ ମଧ୍ୟମା ସଂଭାଗ = 20 – 30; l = 20, f = 22, c = 18, i = 10

∴ ମଧ୍ୟମା $(M_d) = l + \frac{m - c}{f} \times i$

$= 20 + \frac{34.5 - 18}{22} \times 10 = 20 + 7.5 = 27.5$

**12.(i)** ପ୍ରଶ୍ନାନୁସାରେ, $S_p = r$ ଏବଂ $S_q = s$
ମନେକର A.P. ର ପ୍ରଥମ ପଦ 'a' ଏବଂ ସାଧାରଣ ଅନ୍ତର 'd'

∴ $S_p = r \Rightarrow \frac{p}{2}[2a + (p-1)d] = r$

$\Rightarrow \frac{r}{p} = \frac{1}{2}[2a + (p-1)d] = a + \frac{1}{2}(p-1)d$

ସେହିପରି $S_q = s \Rightarrow \frac{q}{2}[2a + (q-1)d] = s$

$\Rightarrow \frac{s}{q} = \frac{1}{2}[2a + (q-1)d] = a + \frac{1}{2}(q-1)d$

∴ L.H.S. = $\frac{r}{p} - \frac{s}{q}$

$= [a + \frac{1}{2}(p-1)d] - [a + \frac{1}{2}(q-1)d]$

$= a + \frac{d}{2}(p-1) - a - \frac{d}{2}(q-1)$

$= \frac{d}{2}(p - 1 - q + 1)$

$= \frac{d}{2}(p - q)$ = R.H.S. (ପ୍ରମାଣିତ)

କିମ୍ବା, ମନେକର ସମାନ୍ତର ଅନୁକ୍ରମରେ ଥିବା 3 ଗୋଟି ରାଶି ହେଲେ, a – d, a, a + d
ପ୍ରଶ୍ନାନୁସାରେ a – d + a + a + d = 21
⇒ 3a = 21 ⇒ a = 7
ପୁନଶ୍ଚ $(a - d)^2 + a^2 + (a+d)^2 = 155$
⇒ $a^2 - 2ad + d^2 + a^2 + a^2 + 2ad + d^2 = 155$
⇒ $3a^2 + 2d^2 = 155$
⇒ $3 \times (7)^2 + 2d^2 = 155$
⇒ $2d^2 = 155 - 147 = 8$
⇒ $d^2 = 4 \Rightarrow d = \pm 2$
a = 7 ଏବଂ d = +2 ନେଲେ ପଦମାନ 9, 7, 5 ହେବ ।

**(ii)** ମନେକର $x^2 - px + q = 0$ ସମୀକରଣର ମୂଳଦ୍ୱୟ α ଏବଂ 2α । ଏଠାରେ a = 1, b = – p ଓ c = q

$\Rightarrow \alpha + 2\alpha = \frac{-b}{a} = \frac{-(-p)}{1} = \frac{p}{1}$

$\Rightarrow 3\alpha = p \Rightarrow \alpha = \frac{p}{3}$ ...(1)

ପୁନଶ୍ଚ $\alpha \times 2\alpha = \frac{q}{1} \Rightarrow 2\alpha^2 = \frac{q}{1}$

$\Rightarrow 2\left(\frac{p}{3}\right)^2 = q$ [(1)ରୁ]

$\Rightarrow 2 \times \frac{p^2}{9} = q \Rightarrow 2p^2 = 9q$ (ପ୍ରମାଣିତ)

କିମ୍ବା, $2x^2 - x - 6 = 0$

$\Rightarrow x^2 - \frac{1}{2}x = 3$

$\Rightarrow (x)^2 - 2.x.\frac{1}{4} + \left(\frac{1}{4}\right)^2 = \left(\frac{1}{4}\right)^2 + 3$

$\Rightarrow \left(x - \frac{1}{4}\right)^2 = \left(\pm\frac{7}{4}\right)^2$

$\Rightarrow x - \frac{1}{4} = \pm\frac{7}{4}$

$\Rightarrow x = \frac{1}{4} + \frac{7}{4}$ ବା $\frac{1}{4} - \frac{7}{4}$ = 2 ବା $\frac{-3}{2}$

∴ ସମାଧାନ x = 2 ଓ $\frac{-3}{2}$

**(iii)** ଘଟଣା : ସଂଖ୍ୟା ଦୁଇଟିର ଯୋଗଫଳ ≥ 9
E = {(4, 5), (5, 4), (3, 6), (6, 3), (5, 5), (4, 6), (6, 4), (5, 6), (6, 5) (6, 6)}
⇒ |E| = 10
ଏଠାରେ $|S| = 6^2 = 36$

∴ ସମ୍ଭାବ୍ୟତା = $\frac{|E|}{|S|} = \frac{10}{36} = \frac{5}{18}$

କିମ୍ବା, A (1, 6), B (5, – 1) ଓ C (7, 2)
$AB^2 = (-1 - 6)^2 + (5 - 1)^2 = 49 + 16 = 65$
$BC^2 = (2 + 1)^2 + (7 - 5)^2 = 9 + 4 = 13$
$AC^2 = (2 - 6)^2 + (7 - 1)^2 = 16 + 36 = 52$
ଏଠାରେ $AB^2 = AC^2 + BC^2$
∴ Δ ABC ସମକୋଣୀ ।

**13.(i) ଦତ୍ତ :** ΔABC ଓ ΔDEF ମଧ୍ୟରେ ∠A ≅ ∠D, ∠B ≅ ∠E ଏବଂ ∠C ≅ ∠F




**ପ୍ରାମାଣ୍ୟ :** ΔABC ~ ΔDEF

**ଅଙ୍କନ :** ମନେକର AB > DE । $\overline{AB}$ ଉପରେ X ବିନ୍ଦୁ ନିଆଯାଉ, ଯେପରି A-X-B ଏବଂ AX = DE
$\overline{XY}$ ଅଙ୍କନ କରାଯାଉ ଯେପରି $\overline{XY} \parallel \overline{BC}$ ଏବଂ A-Y-C

**ପ୍ରମାଣ :** $\overline{XY} \parallel \overline{BC}$ (ଅଙ୍କନ)
⇒ ∠AXY ≅ ∠B (ଅନୁରୂପ କୋଣ)
⇒ ∠AXY ≅ ∠E (∵ ∠B ≅ ∠E ଦତ୍ତ) .....(1)
ସେହିପରି ପ୍ରମାଣ କରାଯାଇ ପାରେ ଯେ ∠AYX ≅ ∠F ....... (2)
ΔAXY ଓ ΔDEF ମଧ୍ୟରେ, ∠AXY ≅ ∠E [(1) ଅନୁଯାୟୀ]
∠A ≅ ∠D (ଦତ୍ତ) ଏବଂ AX = DE (ଅଙ୍କନ) ।
∴ ΔAXY ≅ ΔDEF (କୋ-କୋ-ବା ସର୍ବସମତା)
⇒ AY = DF (ଅନୁରୂପ ବାହୁର ଦୈର୍ଘ୍ୟ) ...... (3)
ΔABC ରେ, $\overleftrightarrow{XY} \parallel \overline{BC}$ (ଅଙ୍କନ)

$\Rightarrow \frac{AB}{AX} = \frac{AC}{AY}$ (ଉପପାଦ୍ୟ - 1 ର ଅନୁସିଦ୍ଧାନ୍ତ)

$\Rightarrow \frac{AB}{DE} = \frac{AC}{DF}$ [∵ AX = DE (ଅଙ୍କନ) ଓ AY = DF ((3)ରେ ପ୍ରାପ୍ତ)] ........ (4)

$\overline{BA}$ ଉପରେ Z ବିନ୍ଦୁ ନେଇ (ଯେପରି BZ = ED) ଏବଂ Z ବିନ୍ଦୁ ଦେଇ $\overline{AC}$ ସହ ସମାନ୍ତର ସରଳରେଖା ଅଙ୍କନ କରି ପ୍ରମାଣ କରାଯାଇପାରେ ଯେ

$\frac{AB}{DE} = \frac{BC}{EF}$ ......(5)

(4) ଓ (5) ⇒ $\frac{AB}{DE} = \frac{AC}{DF} = \frac{BC}{EF}$ ......(6)

ΔABC ଓ ΔDEF ମଧ୍ୟରେ ∠A ≅ ∠D, ∠B ≅ ∠E, ∠C ≅ ∠F (ଦତ୍ତ)
ଏବଂ ଅନୁରୂପ ବାହୁମାନଙ୍କର ଦୈର୍ଘ୍ୟ ସମାନୁପାତୀ [(6) ଅନୁଯାୟୀ]
∴ ΔABC ~ ΔDEF (ପ୍ରମାଣିତ)

କିମ୍ବା, **ଦତ୍ତ :** ବୃତ୍ତ C ର କେନ୍ଦ୍ର O ଏବଂ ଏକ ବହିଃସ୍ଥ ବିନ୍ଦୁ P । P ବିନ୍ଦୁରୁ C ବୃତ୍ତ ପ୍ରତି ଅଙ୍କିତ ଦୁଇଟି ସ୍ପର୍ଶକ ଖଣ୍ଡ ହେଉଛନ୍ତି $\overline{PQ}$ ଓ $\overline{PR}$ ଏବଂ Q ଓ R ଯଥାକ୍ରମେ ସେମାନଙ୍କର ସ୍ପର୍ଶବିନ୍ଦୁ ।

**ପ୍ରାମାଣ୍ୟ :** PQ = PR

**ଅଙ୍କନ :** $\overline{OP}$, $\overline{OQ}$ ଏବଂ $\overline{OR}$ ଅଙ୍କନ କରାଯାଉ ।




**ପ୍ରମାଣ:** ΔOQP ଏବଂ Δ ORP ରେ
∠OQP ≅ ∠ORP (ପ୍ରତ୍ୟେକ ସମକୋଣ ।
∵ $\overline{OQ}$ ଏବଂ $\overline{OR}$ ସ୍ପର୍ଶବିନ୍ଦୁଗାମୀ ବ୍ୟାସାର୍ଦ୍ଧ)
କର୍ଣ୍ଣ $\overline{OP} \cong \overline{OP}$ (ସାଧାରଣ ବାହୁ) ଏବଂ
$\overline{OQ} \cong \overline{OR}$ (ଏକ ବୃତ୍ତର ବ୍ୟାସାର୍ଦ୍ଧ)
∴ Δ OQP ≅ Δ ORP (ସ.କ.ବା ସର୍ବସମତା)
⇒ $\overline{PQ} \cong \overline{PR}$ ( ସର୍ବସମ ତ୍ରିଭୁଜର ଅନୁରୂପ ବାହୁ)
ଅର୍ଥାତ୍ PQ = PR (ପ୍ରମାଣିତ)

**(ii)**




**ଅଙ୍କନ ସୋପାନ ସମୂହ :**
(a) 2.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତଟିଏ ଅଙ୍କନ କରିବା ।
(b) ବ୍ୟାସାର୍ଦ୍ଧ ପରିମିତ ଚାପ ନେଇ ବୃତ୍ତଟିକୁ 6 ଟି ସର୍ବସମ ଅଂଶରେ ଭାଗ କରିବା ।
(c) $\overline{OP}$, $\overline{QR}$ ଓ $\overline{OR}$ ଅଙ୍କନ କରିବା ।
(d) P, Q ଓ R ରେ ବୃତ୍ତ ପ୍ରତି ସ୍ପର୍ଶକ ଅଙ୍କନ କରି ଏକ ତ୍ରିଭୁଜ ପାଇବା ।
(e) ବର୍ତ୍ତମାନ ΔABC ହେଉଛି ନିର୍ଣ୍ଣେୟ ତ୍ରିଭୁଜ ।

କିମ୍ବା,




**ଅଙ୍କନ ସୋପାନ ସମୂହ :**
(a) 3.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତଟିଏ ଅଙ୍କନ କରିବା ।
(b) ବ୍ୟାସାର୍ଦ୍ଧ ପରିମିତ ଚାପ ନେଇ ବୃତ୍ତଟିକୁ 6 ଟି ସର୍ବସମ ଅଂଶରେ ଭାଗ କରି P, Q, R, S, T ଓ U ନାମକରଣ କରିବା ।
(c) $\overline{OP}$, $\overline{OQ}$, $\overline{OR}$, $\overline{OS}$, $\overline{OT}$ ଓ $\overline{OU}$ ଅଙ୍କନ କରିବା ।
(d) P, Q, R, S, T ଓ U ରେ ବୃତ୍ତ ପ୍ରତି ସ୍ପର୍ଶକ ଅଙ୍କନ କରିବା ।
(e) ABCDEF ନିର୍ଣ୍ଣେୟ ସୁଷମ ଷଡ଼ଭୁଜ ।

**14.(i) ଦତ୍ତ :** Δ ABC ରେ m∠B = 90°
$\overline{BD} \perp \overline{AC}$




(ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...)



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତି ମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।
-ଭଲ୍‌ଟାୟାର

## ସଂକ୍ଷେପରେ

### ନାବାଳିକା ଛାତ୍ରୀଙ୍କୁ ବଳାତ୍କାର, ହତ୍ୟା ମାମଲା: ହାଇକୋର୍ଟରେ ସାକ୍ଷୀଙ୍କୁ ଜେରା

**କଟକ ଅଫିସ,୧୬।୧:** ୧୨ ବର୍ଷ ବୟସର ଜଣେ ସପ୍ତମ ଶ୍ରେଣୀ ସ୍କୁଲ୍ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା କରିବା ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିବା ଶିକ୍ଷକ ସନ୍ତ ଚରଣ ପଟ୍ଟନାୟକଙ୍କ ଆବେଦନ ଉପରେ ଗୁରୁବାର ହାଇକୋର୍ଟରେ ଶୁଣାଣି ହୋଇଥିଲା। ବିଚାରପତି ଅକ୍ଷୟ କୁମାର ମିଶ୍ର ଓ ବିଚାରପତି ଏସ.କେ. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ଗୌଡଙ୍କୁ ହାଇକୋର୍ଟରେ ଜେରା କରାଯାଇଥିଲା। ମାତ୍ର ଶୁଣାଣି ସମୟରେ ଗୋଟିଏ ମତରେ ଉପନୀତ ହୋଇପାରି ନ ଥିଲେ। ଫଳରେ ଏହି ମାମଲାର ଶୁଣାଣି ବିଚାରପତି ସି.ଆର୍. ଦାସଙ୍କ କୋର୍ଟରେ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗଞ୍ଜାମ ଜିଲା ପୋଲସରା ଅଞ୍ଚଳର ଉକ୍ତ ଛାତ୍ରୀଙ୍କୁ ୨୦୦୮ ସେପ୍ଟେମ୍ବର ୩୦ ତାରିଖରେ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ଏହି ମାମଲାରେ ଶ୍ରେଣୀ ଶିକ୍ଷକ ସନ୍ତ ଚରଣ ପଟ୍ଟନାୟକ(୫୪)ଙ୍କୁ ତଳ କୋର୍ଟ ୪୮ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ମାତ୍ର ତଳ କୋର୍ଟ ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରି ପଟ୍ଟନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ସେ ଅପିଲ କରିଥିଲେ କି ତାଙ୍କ ନାମରେ ଭୁଲ୍‌ରେ ମାମଲା ରୁଜୁ କରାଯାଇଛି।

### ଯୋଡ଼ାରେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା
### କେନ୍ଦୁଝର ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**ଭୁବନେଶ୍ୱର,୧୬।୧(ବ୍ୟୁରୋ):** ଗତବର୍ଷ ଜୁନରେ କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସ ୭ ଜଣଙ୍କୁ ଗିରଫ କରିଥିଲା। ଏହି ମାମଲାର ବିଚାର କରି ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) କେନ୍ଦୁଝର ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ପୀଡିତାଙ୍କୁ କ୍ଷତିପୂରଣ ମିଳିଛି କି ନାହିଁ, କେତେ ଟଙ୍କା ଦିଆଯାଇଛି ଓ ତଦନ୍ତ ବେଳର ସିସିଟିଭି ଭିଡିଓ ସହ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଜୁନ ୨୩ ସନ୍ଧ୍ୟାରେ ଜଣେ ୧୫ ବର୍ଷର ନାବାଳିକାଙ୍କୁ ତାଙ୍କ ପୁରୁଷ ବନ୍ଧୁ ଗ୍ରାମର ଏକ ନିଛାଟିଆ ଜାଗାକୁ ଡାକି ନେଇଥିଲେ। ସେଠାରେ ପୂର୍ବ ଯୋଜନା ଅନୁଯାୟୀ ସେଠାରେ ଲୁଚି ରହିଥିବା ସ୍ଥାନୀୟ ଅଞ୍ଚଳର ୬ଜଣ ଯୁବକଙ୍କ ସହ ପୁରୁଷ ବନ୍ଧୁ ବଳାତ୍କାର କରିଥିଲେ। ଏପରି କି ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଫିଙ୍ଗି ଚାଲିଯାଇଥିଲେ। ଘରକୁ ନାବାଳିକା ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଗ୍ରାମର ଏକ ପଡିଆ ନିକଟରୁ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅଭିଯୋଗ ପରେ ପୋଲିସ କେସ୍ ନଂ-୧୦୦/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଘଟଣାକୁ ନେଇ ସେହିମାସ ୨୭ ତାରିଖରେ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ।

# ରାତି ଅଧରେ କବାଟ ବାଡ଼େଇଲେ ବିଧାୟକ, ଡିଏସ୍‌ପି

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ପୋଲିସ ସମ୍ମୁଖରେ ପଞ୍ଜାବୀ ଯୁବକ ପରବିନ୍ଦର ପାଲ ସିଂଙ୍କୁ ପଗଡ଼ି ଖୋଲି ଆକ୍ରମଣ ଘଟଣାକୁ ନେଇ ଅଡୁଆରେ ଛନ୍ଦି ହୋଇଯାଇଛି କମିଶନରେଟ ପୋଲିସ। ମରଣାନ୍ତକ ଆକ୍ରମଣ କରାଯାଇଥିଲେ ମଧ୍ୟ ପୋଲିସ କ'ଣ ପାଇଁ ୩୦୭ (ହତ୍ୟା ଉଦ୍ୟମ) ଦଫା ଲଗାଇଲା ନାହିଁ ବୋଲି ପ୍ରଶ୍ନ କରିଛନ୍ତି ପରବିନ୍ଦର। ପୋଲିସର କୋହଳ ଦଫା ପାଇଁ ଗିରଫ ୩ ଅଭିଯୁକ୍ତ କୋର୍ଟରୁ ତୁରନ୍ତ ଜାମିନ ପାଇଗଲେ। ଅଭିଯୁକ୍ତମାନେ ଏକ ରାଜନୈତିକ ଦଳର ଓ ପ୍ରଭାବଶାଳୀ ହୋଇଥିବାରୁ ସେମାନେ ପୁଣି ଆକ୍ରମଣ କରିପାରନ୍ତି ବୋଲି ଆଶଙ୍କା କରିଛନ୍ତି ପରବିନ୍ଦର ଓ ତାଙ୍କ ପରିବାର ସଦସ୍ୟ। ଏଭଳିସ୍ଥିତିରେ ପରବିନ୍ଦର ରହୁଥିବା ଲକ୍ଷ୍ମୀସାଗରର ଭଗବାନ ଟାୱାର ଆପାର୍ଟମେଣ୍ଟ ସମ୍ମୁଖରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହାସତ୍ତ୍ୱେ ପୋଲିସ ଉପରୁ ଭରସା ତୁଟିଯାଇଛି, ସୁରକ୍ଷା ଦେବାକୁ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ବିଶ୍ୱାସ ହେଉନି ବୋଲି କହିଛନ୍ତି ପରବିନ୍ଦର। ଅପରପକ୍ଷରେ ବୁଧବାର ରାତି ଅଧରେ ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଖୋର୍ଦ୍ଧା ଡିଏସ୍‌ପି ଅନୁପ କାନୁନ୍‌ଗୋଙ୍କ ଅନ୍ଧାରୀ ବିଜେକୁ ନେଇ ଆଉ ଏକ ଅଡୁଆ ସୃଷ୍ଟି ହୋଇଛି। ଜେନା ଓ କାନୁନ୍‌ଗୋ ଅନ୍ୟ ଦୁଇଜଣଙ୍କ ସହ ଉକ୍ତ ଆପାର୍ଟମେଣ୍ଟକୁ ଯାଇ ରାତି ଅଧରେ ପରବିନ୍ଦରଙ୍କ ଘର କବାଟ ବାଡ଼େଇଥିଲେ। କେହି କବାଟ ନ ଖୋଲିବାରୁ ସେମାନେ ଫେରି ଆସିଥିଲେ। ଏନେଇ ପରବିନ୍ଦରଙ୍କ ସ୍ତ୍ରୀ କମଲଜିତ କହିଛନ୍ତି, ରାତି ପ୍ରାୟ ଗୋଟାଏ ୧୦ରେ ୪ଜଣ ଲୋକେ ତାଙ୍କ ଘର କବାଟ ବାଡେଇଥିଲେ। କବାଟ ଲେନ୍ସରେ ଏହା ଦେଖିବା ପରେ ସେ ଡରି ଯାଇଥିଲେ। ସ୍ୱାମୀ ପରବିନ୍ଦର ଘରେ ନ ଥିଲେ। ୩ ଛୋଟ ପିଲାଙ୍କୁ ନେଇ ଏକଲା ଘରେ ଥିବାରୁ ଭୟରେ କବାଟ ଖୋଲି ନ ଥିଲେ। କିଛି ସମୟ ପରେ ସେମାନେ ପଳାଇଥିଲେ। ଗୁରୁବାର ସକାଳେ ସେହି ଲୋକମାନେ ଆମ ଘରକୁ ପୁଣି ଆସି କଥା ହୋଇଥିଲେ। ଏପରି କି କୌଣସି ଟେନ୍‌ସନ ନିଅ ନାହିଁ। ଆମେ ତମ ସାଥିରେ ଅଛୁ ବୋଲି କହି ଯାଇଛନ୍ତି। ତେବେ ସେମାନେ ବିଳମ୍ବିତ ରାତିରେ ଆସି କବାଟ ବାଡ଼େଇବାର ମାନେ କ'ଣ ବୋଲି କମଲଜିତ୍ ପ୍ରଶ୍ନ କରିଛନ୍ତି।



ଆପାର୍ଟମେଣ୍ଟର ସିସିଟିଭିରେ କଏଦ ହୋଇଥିବା ଦୃଶ୍ୟ ।

### ସାନ୍ତ୍ୱନା ଦେବାକୁ ଯାଇଥିଲି - ଅନନ୍ତ ଜେନା

ବୁଧବାର ରାତି ଅଧରେ ପରବିନ୍ଦରଙ୍କ କବାଟ ବାଡ଼େଇବା ଓ ସକାଳେ ପହଞ୍ଚି ଆଲୋଚନା କରିବା ସଂକ୍ରାନ୍ତରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁହଁ ଖୋଲିଛନ୍ତି। ସେ କହିଛନ୍ତି, କାର୍ଯ୍ୟବ୍ୟସ୍ତତା ହେତୁ ଦିନରେ ଯାଇପାରି ନ ଥିଲି। ସାନ୍ତ୍ୱନା ଦେବାକୁ ରାତିରେ ଶିଖ୍ ପ୍ରତିନିଧି ବୋର୍ଡ ସଭାପତି ସତ୍‌ପାଲ ସିଂଙ୍କ ସହ ଯାଇଥିଲି। ଏପରି କି ସକାଳୁ ମଧ୍ୟ ତାଙ୍କ ପରିବାର ଲୋକଙ୍କୁ ଭେଟି ପରବିନ୍ଦରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲି। ଓଡ଼ିଶା ଛାଡ଼ି ନ ଯିବାକୁ ସେମାନଙ୍କୁ କହିଥିଲି। ଡିଏସ୍‌ପି ଅନୁପ କାନୁନ୍‌ଗୋ ସତ୍‌ପାଲଙ୍କ ବନ୍ଧୁ ହୋଇଥିବାରୁ ତାଙ୍କୁ ସାଙ୍ଗରେ ନେଇ ଯିବାକୁ ସେ ଚାହିଁଥିଲେ। ତେବେ ମାମଲା କୋର୍ଟଙ୍କୁ ଗଲାଣି। କୋର୍ଟ ଏହାର ବିଚାର କରିବ। ଆଇନ୍ ତା ବାଟରେ ଯିବ ବୋଲି ବିଧାୟକ ଜେନା କହିଛନ୍ତି।



ଆପାର୍ଟମେଣ୍ଟ ସମ୍ମୁଖରେ ମୁତୟନ ହୋଇଥିବା ପୋଲିସ ଫୋର୍ସ ।

### ବିଧାୟକଙ୍କ ଗିରଫ ଦାବିକଲା କଂଗ୍ରେସ

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ପୋଲିସ ସମ୍ମୁଖରେ ପରବିନ୍ଦରଙ୍କୁ ଯେଉଁଭଳି ମାଡ଼ ହେଲା ଏବଂ ପୋଲିସ ଅଭିଯୁକ୍ତଙ୍କୁ ମାମୁଲି ଦଫାରେ ଗିରଫ କଲା ତାହା ଲଜ୍ଜାର ବିଷୟ। ଅଣ୍ଡା ଓ ଟମାଟୋ ମାଡ଼ ହେଲେ ୩୦୭ ଦଫା ଲଗାଉଛନ୍ତି, କିନ୍ତୁ ଜଣେ ପଞ୍ଜାବୀଙ୍କୁ ଆକ୍ରମଣ କରାଗଲା ଅଥଚ ପୋଲିସ ୩୦୭ ଲଗାଇଲା ନାହିଁ। ଏହା ଦର୍ଶାଉଛି ଯେ, ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉଛନ୍ତି। ପୁଣି ଜିଲାର ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ରାତି ଅଧରେ ବିଧାୟକ ଅନନ୍ତ ନାରାୟଣ ଜେନା ଆକ୍ରମଣର ଶିକାର ପରବିନ୍ଦରଙ୍କ ଘରକୁ କାହିଁକି ଯାଇଥିଲେ। ତାଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସାଲୁଜା ଦାବି କରିଛନ୍ତି।

### ସ୍ଥାନୀୟ ଗୁଣ୍ଡାଙ୍କୁ ପୋଲିସ ସାହସ ଦେଉଛି - ଭାଜପା

ଭାଜପା ନେତା ଜଗନ୍ନାଥ ପ୍ରଧାନ ଘଟଣାକୁ ନିନ୍ଦା କରି କହିଛନ୍ତି, ପୋଲିସ ଅଭିଯୁକ୍ତଙ୍କ ମୁହଁ ଘୋଡାଇ ରଖିଥିବାରୁ କାହାକୁ ଗିରଫ କରିଛନ୍ତି ତାହା ଜଣାପଡିଲା ନାହିଁ। ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇ କୋହଳ ଦଫା ଲଗାଇ କୋର୍ଟଚାଲାଣ କରିବାରୁ ସେମାନଙ୍କୁ ତୁରନ୍ତ ଜାମିନ ମିଳିଲା। ଝାରପଡ଼ାର ସ୍ଥାନୀୟ ଗୁଣ୍ଡାଙ୍କ ବିରୋଧରେ ପୋଲିସର ଏଭଳି ଆଭିମୁଖ୍ୟ ଅନ୍ୟ ଅପରାଧ ଘଟାଇବାକୁ ସାହସ ଦେଉଛି ବୋଲି ପ୍ରଧାନ ଅଭିଯୋଗ କରିଛନ୍ତି।

## ପୋଲିସ ସମ୍ମୁଖରେ ପଞ୍ଜାବୀ ଯୁବକଙ୍କୁ ଆକ୍ରମଣ ଘଟଣା

- ପରବିନ୍ଦର, ପରିବାର ଲୋକଙ୍କ ଭୟ ଓ ଆଶଙ୍କା ବଢ଼ିଲା
- ପୋଲିସର କୋହଳ ଦଫାକୁ ନେଇ ଉଠାଇଲେ ପ୍ରଶ୍ନ
- ଘର ସମ୍ମୁଖରେ ପୋଲିସ ମୁତୟନ
- ବିଧାୟକଙ୍କ ଗିରଫ ଦାବିକଲେ ସାଲୁଜା

### ସ୍ପଷ୍ଟୀକରଣ ରଖିଲା ଓଡ଼ିଶା ଶିଖ୍ ପ୍ରତିନିଧି ବୋର୍ଡ

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ରାଜଧାନୀରେ ସର୍ଦ୍ଦାର ପରବିନ୍ଦର ପାଲ ସିଂଙ୍କୁ ଆକ୍ରମଣ ଘଟଣାକୁ ଭିନ୍ନ ରୂପ ଦେବାକୁ ଚେଷ୍ଟା କରା ନ ଯାଉ। ଓଡ଼ିଶାରେ ଆମେ ସୁରକ୍ଷିତ ଓ ଏହା ଆମର ଘର ବୋଲି କହିଛି ଓଡ଼ିଶା ଶିଖ୍ ପ୍ରତିନିଧି ବୋର୍ଡ। ଗୁରୁବାର ବୋର୍ଡ ପକ୍ଷରୁ ଜାରି ସ୍ପଷ୍ଟୀକରଣରେ କୁହାଯାଇଛି, ଆକ୍ରମଣ ଘଟଣାରେ ଦାୟିତ୍ୱରେ ଥିବା ଲକ୍ଷ୍ମୀସାଗର ଥାନାର ଜଣେ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ୩ ଜଣଙ୍କୁ ଗିରଫ ମଧ୍ୟ କରାଯାଇଛି। ପୋଲିସର ତଦନ୍ତ ନେଇ ଶିଖ୍ ବୋର୍ଡ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଦେଶର ଆଇନ ବ୍ୟବସ୍ଥା ପ୍ରତି ସେମାନଙ୍କ ଭରସା ରହିଛି। ଦୋଷୀଙ୍କ ବିରୋଧରେ ଚାର୍ଜଶିଟ୍ ପ୍ରସ୍ତୁତ ହେବା ସହ ଆଇନ ପ୍ରକ୍ରିୟା ଆରମ୍ଭ କରାଯିବା ନେଇ ପୋଲିସ କମିଶନର ପ୍ରତିଶ୍ରୁତି ଦେଇଛନ୍ତି। ଘଟଣାକୁ ପୁରୀସ୍ଥିତ ମଙ୍ଗୁ ମଠ ବିବାଦ ସହ ଯୋଡ଼ା ନ ଯାଉ। ଘଟଣା ପରେ ଯେପରି ଶାନ୍ତି ଏବଂ ସଦ୍‌ଭାବ ବଳବତ୍ତର ରହେ, ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟୀକରଣରେ ଉଲ୍ଲେଖ କରାଯାଇଛି।



### ପରବିନ୍ଦର କହିଲେ, ଆଦୌ ଦରଦ ନାହିଁ

ଓଡ଼ିଶା ଶିଖ୍ ପ୍ରତିନିଧି ବୋର୍ଡର ସ୍ପଷ୍ଟୀକରଣ ସଂକ୍ରାନ୍ତରେ ଆକ୍ରମଣର ଶିକାର ପରବିନ୍ଦର କହିଛନ୍ତି, ବୋର୍ଡ କିମ୍ବା ଗୁରୁଦ୍ୱାର କମିଟିର କୌଣସି ଲୋକ ମୋତେ ଏପର୍ଯ୍ୟନ୍ତ ସାନ୍ତ୍ୱନା ଦେବାକୁ ଆସି ନାହାନ୍ତି। ସେମାନେ ପୂରା ମିଛ କହୁଛନ୍ତି। ପ୍ରତିନିଧିମାନଙ୍କର ଏଠାରେ ପେଟ୍ରୋଲ ପମ୍ପ, ବଡ଼ ବଡ଼ ବ୍ୟବସାୟ ରହିଛି। ସ୍ୱାର୍ଥ ପାଇଁ ସେମାନେ ପୋଲିସ ଓ ସରକାର ସାଙ୍ଗରେ ଛିଡ଼ା ହେଉଛନ୍ତି। ଜବରଦସ୍ତ ପ୍ରତିନିଧି ହୋଇ ବସିଛନ୍ତି, ସେମାନଙ୍କ ଉପରେ ଶିଖ୍‌ମାନେ ଆଦୌ ସନ୍ତୁଷ୍ଟ ନାହାନ୍ତି। ପରିସ୍ଥିତି ଯାହା ଲାଗୁଛି, ମୋତେ ପୁଣି ଆକ୍ରମଣ ହୋଇପାରେ ବୋଲି ପରବିନ୍ଦର କହିଛନ୍ତି।

### ବିଧାୟକ, ଡିଏସ୍‌ପିଙ୍କ ନାମରେ ଏତଲା

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ଲକ୍ଷ୍ମୀସାଗର ଥାନା ଭଗବାନ ଟାୱାର ଆପାର୍ଟମେଣ୍ଟ ଆସୋସିଏଶନ ଟ୍ରେଜରର ପରବିନ୍ଦର ସିଂ ପାଲଙ୍କୁ ପୋଲିସ ସମ୍ମୁଖରେ ଆକ୍ରମଣ ଘଟଣାକୁ ନେଇ ରାଜନୈତିକ ପ୍ରତିବାଦ ତୀବ୍ର ହୋଇଛି। ରାତି ଅଧରେ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଖୋର୍ଦ୍ଧା ଡିଏସ୍‌ପି ଅନୁପ କାନୁନ୍‌ଗୋ ପରବିନ୍ଦରଙ୍କ ଘର କବାଟ ବାଡ଼େଇବାକୁ ନେଇ ଲକ୍ଷ୍ମୀସାଗର ଥାନାରେ ଭାଜପା ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ଭାଜପା ନେତା ଜଗନାଥ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଥାନାରେ ଏତଲା ଦେବା ସହ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ନଚେତ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ପ୍ରଧାନ ଚେତାବନୀ ଦେଇଛନ୍ତି।

### କମିଶନରେଟ ପୋଲିସକୁ ବିବାଦକୁ ଟାଣିଲେ ଅନୁପ



ଅନୁପ କାନୁନ୍‌ଗୋ

ଏଭଳି ଏକ ସମ୍ବେଦନଶୀଳ ମାମଲାରେ କୋହଳ ଦଫାକୁ ନେଇ ଚର୍ଚ୍ଚାକୁ ଆସିଥିବା କମିଶନରେଟ ପୋଲିସକୁ ଆଉ ଏକ କଳାଦାଗ ଲାଗିଛି। ବୁଧବାର ରାତି ଅଧରେ ବିଧାୟକଙ୍କ ସହ ଖୋର୍ଦ୍ଧା ଡିଏସ୍‌ପି ଅନୁପ କାନୁନ୍‌ଗୋ ପରବିନ୍ଦରଙ୍କ ଘରକୁ ଯାଇ କବାଟ ବାଡ଼େଇବା ଘଟଣା କମିଶନରେଟ ପୋଲିସ ପାଇଁ ନୂଆ ବିବାଦ ସୃଷ୍ଟି କରିଛି। ଅନୁପ ଏବେ କମିଶନରେଟ ପୋଲିସରେ ନ ଥିବାବେଳେ କେଉଁ ଉଦ୍ଦେଶ୍ୟ ନେଇ ପୁଣି ରାତିରେ ସାଦା ପୋଷାକରେ ଯାଇଥିଲେ ତାହାକୁ ନେଇ ନାନା ଆଲୋଚନା ଚାଲିଛି। ବିଧାୟକ ଓ ଅଭିଯୁକ୍ତଙ୍କ ସହ ତାଙ୍କର ସମ୍ପର୍କ କ'ଣ ତାହା ମଧ୍ୟ ବାରିହୋଇପଡୁଛି। ତେବେ ଏ ସମ୍ପର୍କରେ ଅନୁପ କାନୁନ୍‌ଗୋଙ୍କ ମତାମତ ମିଳିପାରି ନ ଥିବାବେଳେ କମିଶନରେଟ ପୋଲିସ ପକ୍ଷରୁ କୌଣସି ଅଧିକାରୀ କିଛି ବି କହିବାକୁ ମନା କରିଛନ୍ତି।

---

(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...)

**ପ୍ରାମାଣ୍ୟ :** $AB^2 : BC^2 = AD : DC$

**ପ୍ରମାଣ :** $\Delta ABD \sim \Delta ACB$

$\Rightarrow \frac{AB}{AC} = \frac{AD}{AB} \Rightarrow AB^2 = AD . AC$

ସେହିପରି $\Delta CBD \sim \Delta CAB$

$\Rightarrow \frac{BC}{AC} = \frac{CD}{BC} \Rightarrow BC^2 = CD . AC$

$\therefore \frac{AB^2}{BC^2} = \frac{AD.AC}{CD.AC} = \frac{AD}{CD}$

$\Rightarrow AB^2 : BC^2 = AD . CD$

**କିମ୍ବା, ଦତ୍ତ:** O, $\Delta ABC$ ର ପରିବୃତ୍ତର କେନ୍ଦ୍ର ।



**ପ୍ରାମାଣ୍ୟ:** $m\angle BAC + m\angle OBC = 90^0$

**ଅଙ୍କନ:** $\overline{OD} \perp \overline{BC}$ ଅଙ୍କନ କର ।

$\overline{OB}$ ଓ $\overline{OC}$ ଅଙ୍କନ କର ।

**ପ୍ରମାଣ:** $\overline{OD}$, $\overline{BC}$ ର ସମଦ୍ୱିଖଣ୍ଡକ ଲମ୍ବ ।

$\Delta OBD$ ଓ $\Delta ODC$ ଦ୍ୱୟରେ,

$\overline{OD}$ ସାଧାରଣ, OB = OC (ପରିବୃତ୍ତର ବ୍ୟାସାର୍ଦ୍ଧ)

$m\angle ODB = m\angle ODC = 90^0$

$\Rightarrow \Delta OBD \cong \Delta ODC \Rightarrow m\angle OBC = m\angle OCB$

ବର୍ତ୍ତମାନ $\Delta OBC$ ରେ,

$m\angle BOC + m\angle OBC + m\angle OCB = 180^0$

$\Rightarrow 2m\angle BAC + 2m\angle OBC = 180^0$

$(\because 2m\angle BAC = m\angle BOC)$

$\Rightarrow m\angle BAC + m\angle OBC = 90^0$ **(ପ୍ରମାଣିତ)**

**(ii)** ମନେକର ପାହାଡ଼ର ଉଚ୍ଚତା AB = x ମି., $\overline{CD}$ ସ୍ତମ୍ଭର ଉଚ୍ଚତା 100 ମି. $m\angle BCA = 60^0$ ଓ $m\angle BDQ = 30^0$

BQ = AB – AQ = AB – DC = (x – 100) ମି.



$\Delta BQD$ ରେ $\tan 30^0 = \frac{BQ}{QD} \Rightarrow \frac{1}{\sqrt{3}} = \frac{x-100}{QD}$

$\Rightarrow QD = \sqrt{3}(x-100) = AC$

$\Delta BAC$ ରେ $\tan 60^0 = \frac{AB}{AC}$

$\Rightarrow \sqrt{3} = \frac{x}{\sqrt{3}(x-100)}$

$\Rightarrow 3(x-100) = x \Rightarrow 3x - 300 = x$

$\Rightarrow 2x = 300 \Rightarrow x = 150$

$\therefore$ ପାହାଡ଼ର ଉଚ୍ଚତା 150 ମିଟର ।

**କିମ୍ବା,** $\sin\theta + \cos\theta = \sqrt{2}$

$\Rightarrow \frac{1}{\sqrt{2}}(\sin\theta + \cos\theta) = \sqrt{2} \times \frac{1}{\sqrt{2}}$

$\Rightarrow \sin\theta . \frac{1}{\sqrt{2}} + \cos\theta . \frac{1}{\sqrt{2}} = 1$

$\Rightarrow \sin\theta . \cos 45° + \cos\theta . \sin 45° = 1$

$\Rightarrow \sin(\theta + 45°) = \sin 90°$

$\Rightarrow \theta + 45° = 90°$

$\Rightarrow \theta = 90° - 45° = 45°$

**15.(i)** ମନେକର ବୃତ୍ତର ବ୍ୟାସାର୍ଦ୍ଧ = r ସେ.ମି. ଓ OACB ବୃତ୍ତକଳାର ଚାପର ଦୈର୍ଘ୍ୟ = L ସେ.ମି.



ବୃତ୍ତକଳାର ଚାପର ଡିଗ୍ରୀ ପରିମାପ ($\theta$) $= m\angle AOB = 40^0$

$\therefore$ ବୃତ୍ତକଳାର ପରିସୀମା = (L+2r) ସେ.ମି.

ପ୍ରଶ୍ନାନୁସାରେ, L+2r = 26.98

କିନ୍ତୁ $L = \frac{\theta}{180} \times \pi r = \frac{40}{180} \times 3.14 \times r = \frac{2}{9} \times 3.14r$

$\therefore \frac{2}{9} \times 3.14r + 2r = 26.98$

$\Rightarrow r\left(\frac{6.28 \times 18}{9}\right) = 26.98$

$\Rightarrow r = 26.98 \times \frac{9}{24.28} = \frac{24282}{2428} = 10$ ସେ.ମି.

$\therefore$ ବୃତ୍ତର ବ୍ୟାସାର୍ଦ୍ଧ 10 ସେ.ମି. ।

**କିମ୍ବା,** ମନେକର ଅନ୍ତଃବୃତ୍ତର ବ୍ୟାସାର୍ଦ୍ଧ = r ମି.

ଅନ୍ତଃବୃତ୍ତର କ୍ଷେତ୍ରଫଳ = $\pi r^2$ ବର୍ଗ ମି.

ପ୍ରଶ୍ନାନୁସାରେ, $\pi r^2 = 154$

$\Rightarrow \frac{22}{7} \times r^2 = 154 \Rightarrow r^2 = 154 \times \frac{7}{22} = 49$

$\Rightarrow r = 7$ ମି. = OD



ସମବାହୁ ତ୍ରିଭୁଜର ଅନ୍ତଃକେନ୍ଦ୍ର, ଭରକେନ୍ଦ୍ର ଓ ଲମ୍ବବିନ୍ଦୁ O ଏକ ଓ ଅଭିନ୍ନ ଅଟେ ।

$\because$ O ଭରକେନ୍ଦ୍ର ।

AD = 3OD = 3 x 7 = 21 ମି.

ଉଚ୍ଚତା = AD = 21 ମି.

ବାହୁର ଦୈର୍ଘ୍ୟ(AB)

$= AD \times \frac{2}{\sqrt{3}} = 21 \times \frac{2}{\sqrt{3}} = 14\sqrt{3}$ ମି.

$\therefore$ ତ୍ରିଭୁଜର ପରିସୀମା $= 14\sqrt{3} \times 3 = 42\sqrt{3}$ ମି

**(ii)** ମନେକର ପ୍ରିଜିମ୍‌ର ସମକୋଣୀ ତ୍ରିଭୁଜାକାର ଭୂମିର ସମକୋଣ ସଂଲଗ୍ନ ବାହୁଦ୍ୱୟ ଯଥାକ୍ରମେ 5x ସେ.ମି. ଓ 12x ସେ.ମି. ।

$\therefore$ କର୍ଣ୍ଣର ଦୈର୍ଘ୍ୟ $= \sqrt{(5x)^2 + (12x)^2}$

$= \sqrt{25x^2 + 144x^2} = \sqrt{169x^2} = 13x$ ସେ.ମି.

$\therefore$ ଭୂମିର କ୍ଷେତ୍ରଫଳ $= \frac{1}{2}.5x.12x = 30x^2$ ବ.ସେ.ମି.

ମନେକର ପ୍ରିଜିମ୍‌ର ଉଚ୍ଚତା = h ସେ.ମି.

$\therefore$ ଆୟତନ = ଭୂମିର କ୍ଷେତ୍ରଫଳ x ଉଚ୍ଚତା

$= 30x^2h$ ଘ. ସେ.ମି. $\Rightarrow 30x^2h = 1800$ ...(i)

ଭୂମିର ପରିସୀମା = 5x + 12x + 13x = 30x ସେ.ମି.

ପୁନଶ୍ଚ, ଏହାର ପାର୍ଶ୍ୱ ପୃଷ୍ଠତଳର କ୍ଷେତ୍ରଫଳ

= ଭୂମିର ପରିସୀମା x ଉଚ୍ଚତା = 30xh ବ.ସେ.ମି.

ପ୍ରଶ୍ନାନୁସାରେ, 30xh = 900... (ii)

(i) କୁ (ii) ଦ୍ୱାରା ଭାଗକଲେ

$\frac{30x^2h}{30xh} = \frac{1800}{900} \Rightarrow x = 2$

$\therefore$ ଗୋଟିଏ ବାହୁର ଦୈର୍ଘ୍ୟ = 5x = 5 x 2 = 10 ସେ.ମି.

ଅନ୍ୟ ବାହୁଟିର ଦୈର୍ଘ୍ୟ = 12x = 12 x 2 = 24 ସେ.ମି.

**କିମ୍ବା,** ମନେକର ଅର୍ଦ୍ଧ ଗୋଲକର ବ୍ୟାସାର୍ଦ୍ଧ r ସେ.ମି.;

ଗୋଲକର ଘନଫଳ $= \frac{4}{3}\pi r^3$ ଘନ ସେ.ମି.ଏବଂ

ଅର୍ଦ୍ଧ ଗୋଲକର ଘନଫଳ $= \frac{2}{3}\pi r^3$ ଘନ ସେ.ମି.

ଗୋଟିଏ ଗୋଲକର ଘନଫଳ ଅନ୍ୟ ଏକ ଅର୍ଦ୍ଧ ଗୋଲକର ଘନଫଳ ସହ ସମାନ ।

ଅର୍ଦ୍ଧ ଗୋଲକର ଘନଫଳ $= \frac{2}{3}\pi r^3 = 19404$

$\Rightarrow \frac{2}{3} \times \frac{22}{7} \times r^3 = 19404$

$\Rightarrow r^3 = \frac{19404 \times 3 \times 7}{2 \times 22} = 9261$

$\Rightarrow r = \sqrt[3]{9261} = 21$ ସେ.ମି.

$\therefore$ ଅର୍ଦ୍ଧ ଗୋଲକର ବ୍ୟାସାର୍ଦ୍ଧ 21 ସେ.ମି. ।



କ୍ରୋଧ ଆସିଗଲେ ବୁଦ୍ଧିମାନ ପୁରୁଷମାନେ ସର୍ବଦା ପରିଣାମ ବିଚାର କରନ୍ତି ଏବଂ ଲାଭର ସମ୍ଭାବନା ଦେଖିଲେ ନିଜର କର୍ତ୍ତବ୍ୟ ଉପରେ ଚିନ୍ତା କରନ୍ତି।

- କନ୍‌ଫୁସିୟସ



## ସଂକ୍ଷେପରେ

### ଭୁବନେଶ୍ୱର ପରିଦର୍ଶନରେ ଆସୁଛନ୍ତି ସଂସଦୀୟ ଷ୍ଟାଣ୍ଡିଂ କମିଟି

**ଭୁବନେଶ୍ୱର,୧୬।୧(ବ୍ୟୁରୋ):** ସହରାଞ୍ଚଳ ବିକାଶକୁ ନେଇ ଗଢାଯାଇଥିବା ସଂସଦୀୟ ଷ୍ଟାଣ୍ଡିଂ କମିଟିର ୨୦ ଜଣ ସଦସ୍ୟା, ସଦସ୍ୟ ଏବଂ ୫ ଜଣ ସଂସଦୀୟ ବ୍ୟାପାର ଅଧିକାରୀ ଓଡ଼ିଶା ପରିଦର୍ଶନରେ ଆସୁଛନ୍ତି। ଏହି କମିଟି ସିଧାସଳଖ କ୍ଷେତ୍ର ପରିଦର୍ଶନ କରି ୨୦୧୯-୨୦ ମସିହାରେ ଚିହ୍ନିତ ହୋଇଥିବା ବିଷୟଗୁଡ଼ିକୁ ଅନୁଧ୍ୟାନ କରିବେ। ସହରାଞ୍ଚଳ ବିକାଶ ନିମନ୍ତେ ଗଠିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ଜାନୁୟାରୀ ୧୫ ରୁ ୨୦ତାରିଖ ମଧ୍ୟରେ ଇନ୍ଦୋର, ମୁମ୍ବାଇ, ଭୁବନେଶ୍ୱର ଏବଂ କୋଲକାତା ଆଦି ସହର ପରିଦର୍ଶନ କରିବାକୁ ଥିବା ବେଳେ ଶୁକ୍ରବାର ସେମାନେ ଭୁବନେଶ୍ୱର ପରିଦର୍ଶନ କରିବାକୁ ଆସୁଛନ୍ତି। ଷ୍ଟାଣ୍ଡିଂ କମିଟି ନଗର ଉନ୍ନୟନ ବିଭାଗର କେତେକ ପ୍ରକଳ୍ପ, ଯଥା-ସ୍ମାର୍ଟ ସିଟି ପ୍ରକଳ୍ପ, ଅମୃତ ପ୍ରକଳ୍ପ (ଅଟଳ ମିଶନ ଫର୍ ରିଜୁଭେନେଶନ ଆଣ୍ଡ ଅର୍ବାନ ଟ୍ରାନ୍ସଫର୍‌ମେଶନ୍), କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସହରୀ ବନ୍ୟାର ପରିଚାଳନା, ପାନୀୟ ଜଳଯୋଗାଣ, ଜାତୀୟ ସହରାଞ୍ଚଳ ବିକାଶ ଯୋଜନା ଏବଂ ସହରାଞ୍ଚଳ ଜୀବିକା ମିଶନ ଇତ୍ୟାଦିର ସମୀକ୍ଷା କରିବେ। ଶନିବାର ଏହି କମିଟି ପୁରୀ ଯାଇ ଜାତୀୟ ଐତିହ୍ୟ ବିକାଶ ଏବଂ ସହରାଞ୍ଚଳ ବିକାଶ ଯୋଜନା, କଠିନ ଏବଂ ତରଳ ବର୍ଜ୍ୟ ପରିଚାଳନା ତଥା ଅମୃତ୍ ଯୋଜନାର ସମୀକ୍ଷା କରିବେ। ଏହା ସହ ଜଗନ୍ନାଥ ମନ୍ଦିର ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ରବିବାର କୋଣାର୍କ ମନ୍ଦିରର ଭାସ୍କର୍ଯ୍ୟ ଏବଂ ମନ୍ଦିର ଶୈଳୀ ଦେଖିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଉକ୍ତ ସଂସଦୀୟ କମିଟିର ପରିଦର୍ଶନ ନିମନ୍ତେ ନଗର ଉନ୍ନୟନ ବିଭାଗର ପଦାଧିକାରୀ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ପଦାଧିକାରୀ ଏବଂ ଭୁବନେଶ୍ୱର ମହାନଗର ନିଗମର ପଦାଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଯୋଜନା କରିବା ପାଇଁ ଧାର୍ଯ୍ୟ ହୋଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।





ଗୁରୁବାର ଭୁବନେଶ୍ୱରସ୍ଥିତ ଶିଶୁପାଳଗଡ଼ ଦଶହରା ପଡ଼ିଆରେ ଶିଶୁପାଳଗଡ଼ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଖାରବେଳଙ୍କ ବୀରତ୍ୱକୁ ମନେପକାଇଲା ଶିଶୁପାଳଗଡ଼ ମାଟି

- କୁମ୍‌କୁମ୍ ମହାନ୍ତିଙ୍କୁ ଶିଶୁପାଳଗଡ଼ ସମ୍ମାନ
- ସମ୍ବଲପୁରୀ, ଓଡ଼ିଆ ଗୀତରେ ମତୁଆଲା ଶ୍ରୋତା
- ଆଜିର ଆକର୍ଷଣ 'ରାଇଜିଂ ଷ୍ଟାର୍' ଫେମ୍ ହେମନ୍ତ ବ୍ରିଜୱାଶୀ

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ମହାମେଘବାହନ ଐର ଖାରବେଳଙ୍କ ବୀରତ୍ୱ ଓ ପରାକାଷ୍ଠାର ଗାଥାକୁ ପୁଣିଥରେ ମନେପକାଇଛି ଐତିହାସିକ

## ଶିଶୁପାଳଗଡ଼ ମହୋତ୍ସବ ଉଦ୍‌ଘାଟିତ

ଶିଶୁପାଳଗଡ଼ ମାଟି। ଉତ୍କଳ ପ୍ରଦେଶର ଗୌରବମୟ ଇତିହାସକୁ ମନେପକାଇ ନୃତ୍ୟ, ସଙ୍ଗୀତ ଓ ସମରକଳାର ପସରା ସହ ଶିଶୁପାଳଗଡ଼ର ଐତିହାସିକ ଦଶହରା ପଡ଼ିଆରେ ଆରମ୍ଭ ହୋଇଯାଇଛି ଶିଶୁପାଳଗଡ଼ ମହୋତ୍ସବ-୨୦୨୦। କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ୍) ଆନୁକୂଲ୍ୟରେ ଆୟୋଜିତ ଏହି ୪ ଦିନିଆ ମହୋତ୍ସବକୁ ବିଜ୍ଞାନ ଓ କାରିଗରି କୌଶଳ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। କାପୋକ୍ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟଙ୍କ



ମହୋତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟ ଅତିଥି।

ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ କବି ଡ. ହୁସେନ୍ ରବି ଗାନ୍ଧୀ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ସୁନ୍ଦରାୟ, ସ୍ଥାନୀୟ ସରପଞ୍ଚ ଇତିଶ୍ରୀ ସାମନ୍ତରାୟ ଏବଂ ସମିତି ସଭ୍ୟା ରଶ୍ମିତା ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ରହି କଳିଙ୍ଗର ବୀରତ୍ୱ ଓ ସ୍ୱର୍ଣ୍ଣିମ ଇତିହାସ ସଂପର୍କରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ସଂଗ୍ରାମ କେଶରୀ ପାଇକରାୟ ସ୍ୱାଗତ ଭାଷଣରେ ମା' ଆଦିଶକ୍ତି ଗଡ଼ଚଣ୍ଡୀଙ୍କ ଇତିହାସ ସଂପର୍କରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ 'ଶିଶୁପାଳଗଡ଼ ସମ୍ମାନ-୨୦୨୦'ରେ ସମ୍ମାନିତ କରାଯାଇଥିଲା। ଏହାପରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା 'ଶିଶୁପାଳଗଡ଼ ଦି ଲଷ୍ଟ ସିଟି' ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ନୃତ୍ୟନିପୁଣା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା 'ଗଣନାୟକ ପଞ୍ଚକମ୍'ରୁ ଉଦ୍‌ଘାଟନୀ ଉତ୍ସବର ପ୍ରଥମ ଅର୍ଘ୍ୟ ଆରମ୍ଭ ହୋଇଥିଲା। ପରେ ପରେ ଚାରୁନର୍ତ୍ତନ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା 'ଦୁର୍ଗା' ନୃତ୍ୟ ପରିବେଷିତ ହୋଇଥିଲା। ଉଦ୍‌ଘାଟନୀ ସଭା ପରେ ଜ୍ୟୋତି କଳା ମନ୍ଦିରର ପ୍ରତିଷ୍ଠାତା ଗୁରୁ ଜ୍ୟୋତି ରାଉତଙ୍କ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟରେ 'ବୈଷ୍ଣବ ଜନ ତୋ' ପରିବେଷଣ କରିଥିଲେ। ନୃତ୍ୟର ପସରା ପରେ ଆରମ୍ଭ ହୋଇଥିଲା ସଙ୍ଗୀତ ପସରା। ଲୋକପ୍ରିୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଫଗୁ ଫଗୁ ଏଇ ଆକାଶ ତଳେ..., ମାୟାରେ ବାୟା..., ଲୈଲା ଓ ଲୈଲା..., ମୁଁ ଖାଣ୍ଟି ଓଡ଼ିଆ ଝିଅ... ଭଳି ଗୀତ ଗାଇ ଶ୍ରୋତାଙ୍କ ଭରପୂର ମନୋରଞ୍ଜନ କରିଥିଲେ। ଏହାପରେ ସମ୍ବଲପୁରୀ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ କଣ୍ଠରୁ ସମ୍ବଲପୁରୀ ବାବୁ..., ଦେଶୀ ପିଲା..., ଜିଗର ବାଲା..., ରିମ୍‌ଝିମ୍ ପାନି... ଭଳି ଗୀତମାନ ଶୁଣିବାକୁ ମିଳିଥିଲା। ବିଶ୍ୱଜିତ ବଳିଆରସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କାପୋକ୍‌ର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ 'ରାଇଜିଂ ଷ୍ଟାର୍' ଚାମ୍ପିୟନ ତଥା କଣ୍ଠଶିଳ୍ପୀ ହେମନ୍ତ ବ୍ରିଜୱାଶୀଙ୍କ ସହ ତାରିକ ଅଜିଜ୍, ସୋନମ ଦାସ ପ୍ରମୁଖ ଆକର୍ଷଣ ରହିବେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ମନୋଜ



ଆଦ୍ୟାଶା



ମଳୟ



ବିଶ୍ୱଭୂଷଣ



ପ୍ରଦୀପ



ମାମୁନି

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ମୁକ୍ତେଶ୍ୱର ନୃତ୍ୟୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ଓଡ଼ିଶୀ ନୃତ୍ୟ।

# ଓଡ଼ିଶୀ ରସରେ ଦର୍ଶକ ବିମୁଗ୍ଧ

## ମୁକ୍ତେଶ୍ୱର ନୃତ୍ୟୋତ୍ସବ ଉଦ୍‌ଯାପିତ

ପୁରୁଣା ଭୁବନେଶ୍ୱର, ୧୬।୧ (ଡି.ଏନ.ଏ.)

ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ମୁକ୍ତେଶ୍ୱର ନୃତ୍ୟୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଦର୍ଶକମାନଙ୍କୁ ବିମୁଗ୍ଧ କରିଥିଲା। ଗୁରୁ ରାମହରି ଦାସ ଓ ସାଥୀଙ୍କ ଦ୍ୱାରା ଶିବ ବନ୍ଦନା ଓଁ ନମଃ ଶିବାୟରୁ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ରାମହରି ଦାସ। ଓଡ଼ିଶୀ ନୃତ୍ୟର ଏକକ ପର୍ଯ୍ୟାୟରେ କଲିକତାରୁ ଆସିଥିବା ଓଡ଼ିଶୀ ନୃତ୍ୟଶିଳ୍ପୀ ସୋମ୍ୟା ବୋଷଙ୍କ ଦ୍ୱାରା ପ୍ରଥମେ ରାଗ-ରାଗମାଳିକା ଓ ତାଳ-ତାଳମାଳିକା ଉପରେ ନିବଦ୍ଧ ଅଭିନୟ ରାବଣକୃତ ଶିବ ତାଣ୍ଡବ ପରିବେଷଣ କରିଥିଲେ। ପରେ ରାଗ-ଆରଭୀ ଓ ତାଳ-ଏକତାଳୀ ଉପରେ ପର୍ଯ୍ୟବସିତ ଅଭିନୟ କୃଷ୍ଣ ତାଣ୍ଡବ ପରିବେଷିତ ହୋଇଥିଲା, ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ କେଳୁଚରଣ ମହାପାତ୍ର ଓ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ସୁଜାତା ମହାପାତ୍ର। ଯୁଗ୍ମ ନୃତ୍ୟ ପର୍ଯ୍ୟାୟରେ ସନ୍ତୋଷ କୁମାର ରାମ ଓ ସମୀର କୁମାର ପାଣିଗ୍ରାହୀଙ୍କ ଦ୍ୱାରା ପ୍ରଥମେ ଆନନ୍ଦ ଭୈରବୀ ପଲ୍ଲବୀ, ପରେ ଅଭିନୟ ଅର୍ଦ୍ଧନାରୀଶ୍ୱର ପରିବେଷିତ ହୋଇଥିଲା। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ। ଶିଳ୍ପୀଦ୍ୱୟଙ୍କ ଚମତ୍କାର ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅନ୍ତିମ ସନ୍ଧ୍ୟାର ଶେଷ କାର୍ଯ୍ୟକ୍ରମ ଥିଲା ଦଳଗତ ନୃତ୍ୟ। ଏହାକୁ ପରିବେଷଣ କରିଥିଲେ କୁମକୁମ ମହାନ୍ତିଙ୍କ ଗୀତଗୋବିନ୍ଦ ଅନୁଷ୍ଠାନର ଶିଳ୍ପୀମାନେ। ସେମାନେ ପ୍ରଥମେ ଶିବ ବନ୍ଦନାରେ ମଙ୍ଗଳାଚରଣ ପରେ ପରେ ପଲ୍ଲବୀ ରାଗ ମୋହନା ଏବଂ ଶେଷରେ ଅଭିନୟ ଦେବୀ ବନ୍ଦନା ଭବାନ୍ୟାଷ୍ଟକମ ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ କୁମକୁମ ମହାନ୍ତି ଓ ସଙ୍ଗୀତ ସଂଯୋଜନା କରିଥିଲେ ପଣ୍ଡିତ ଡ. ଦାମୋଦର ହୋତା।

ଶେଷ ସନ୍ଧ୍ୟାର ଅତିଥି ଭାବେ ବରିଷ୍ଠ ପ୍ରଶାସକ ଶିବ ହୋତା, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ ଏବଂ ସଂହତି ପାଣି। ପର୍ଯ୍ୟଟନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ, ସହନିର୍ଦ୍ଦେଶକ, ପର୍ଯ୍ୟଟନ ଅଧିକାରୀ ଓ ପର୍ଯ୍ୟଟନ ଉନ୍ନୟନ ନିଗମର ଅଧିକାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଫଳତା ପଥରେ ଓଡ଼ିଶା ମିଲେଟ୍‌ସ ମିଶନ



ମାଣ୍ଡିଆ କାଫେ।

- ୨୦୧୮-୧୯ରେ ୧୭,୯୮୫ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ
- ଓଡ଼ିଶା ଢାଞ୍ଚାରେ ଅନ୍ୟ ରାଜ୍ୟରେ ହେବ ମାଣ୍ଡିଆ ଚାଷ

ସସ୍ମିତା ପାଇକରାୟ

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ଫିଙ୍ଗର୍ ମିଲେଟ୍ ବା ରାଗି। ଓଡ଼ିଆରେ ମାଣ୍ଡିଆ। ଦିନ ଥିଲା ଓଡ଼ିଶାର ଘରେ ଘରେ ଏହା ପରିଚିତ ଥିଲା। ଗରିବଙ୍କ ଠାରୁ ଧନୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରିୟ ଖାଦ୍ୟ ମାଣ୍ଡିଆ ଜାଉ ଥିଲା। ହେଲେ ଧୀରେ ଧୀରେ ଆଧୁନିକତାର ପ୍ରଭାବରେ ମାଣ୍ଡିଆ ନିଜର ଲୋକପ୍ରିୟତା ହଜାଇଲା। କେବଳ ମାଣ୍ଡିଆ ନୁହେଁ, ଫକ୍ସଟେଲ୍ ମିଲେଟ୍ ବା କାଙ୍ଗୁ, ପର୍ଲ ମିଲେଟ୍ ବା ବାଜରା, ଲିଟିଲ୍ ମିଲେଟ୍ ବା ସୁଆଁ, ଗୁର୍ଜି, କୋଶଲା, ସୋରଗମ୍ ବା ଜନ୍ହା, କୋଦୋ, ବାନ୍ୟାର୍ଡ ବା ଜାଡ଼ି ଭଳି ଏକାଧିକ କ୍ଷୁଦ୍ରଶସ୍ୟ ଓଡ଼ିଶାରୁ ନିଜର ଉପସ୍ଥିତି ହଜାଇ ଦେଇଥିଲା। ହେଲେ ଓଡ଼ିଶାର ଉଭୟ ଚାଷଜମି ଓ ଖାଦ୍ୟ ଥାଳିରେ କ୍ଷୁଦ୍ରଶସ୍ୟର ପୁନରୁଦ୍ଧାର ପାଇଁ ୨୦୧୭-୧୮ ଆର୍ଥିକବର୍ଷରେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା 'ଓଡ଼ିଶା ମିଲେଟ୍‌ସ ମିଶନ'ର ଶୁଭାରମ୍ଭ କରାଯାଇଥିଲା।

କ୍ଷୁଦ୍ରଶସ୍ୟ ଚାଷ ହେଉଥିବା ରାଜ୍ୟର ୧୧ ପ୍ରମୁଖ ଜିଲା ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା, ଯାହାର ସଫଳତା ଏବେ ସମଗ୍ର ଦେଶ ପାଇଁ ଉଦାହରଣ ପାଲଟିଛି। ପ୍ରଥମଥର ପାଇଁ ୨୦୧୮-୧୯ ବର୍ଷରେ ୧୭,୯୮୫ କୁଇଣ୍ଟାଲ ମାଣ୍ଡିଆ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀମାନଙ୍କଠାରୁ ସଂଗ୍ରହ କରାଯିବା ସହିତ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ଓଡ଼ିଶା ମିଲେଟ୍‌ସ ମିଶନର ସଫଳତା ଆଧାରରେ ଭାରତ ସରକାର ପୁଷ୍ଟିଶସ୍ୟ ସଂକ୍ରାନ୍ତରେ ମାର୍ଗଦର୍ଶିକାକୁ ସଂଶୋଧନ କରିବା ଲାଗି ଏକ ଟାସ୍କଫୋର୍ସ ଗଠନ କରିଛନ୍ତି।



ନୀତି ଆୟୋଗ ଦ୍ୱାରା ଓଡ଼ିଶା ମିଲେଟ୍‌ସ ମିଶନ ଢାଞ୍ଚାରେ ମାଣ୍ଡିଆ ଚାଷକୁ ଅନ୍ୟ ରାଜ୍ୟରେ ପ୍ରଚଳନ ପାଇଁ ପ୍ରୋତ୍ସାହିତ କରାଯାଉଛି। ମିଲେଟ୍‌ସ ବା କ୍ଷୁଦ୍ରଶସ୍ୟର ଉତ୍ପାଦନ ବୃଦ୍ଧି ସହ ବଜାର ସୁବିଧା ସୃଷ୍ଟି କରିବା ଏବଂ ଅତ୍ୟାଧୁନିକ ପଦ୍ଧତିରେ ମାଣ୍ଡିଆ ଭଳି କ୍ଷୁଦ୍ରଶସ୍ୟକୁ ଲୋକପ୍ରିୟ କରାଇବା ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ଏହାସହ ମିଲେଟ୍-ବେସ୍‌ଡ ଫୁଡ୍ ପ୍ରୋସେସିଂକୁ ପ୍ରୋତ୍ସାହିତ କରିବା ପାଇଁ ଯୁବ ଉଦ୍ୟୋଗୀମାନଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଥିଲା।

ଏହାର ସଫଳତାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ମିଲେଟ୍‌ସ ମିଶନକୁ ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ କାର୍ଯ୍ୟକାରୀ କରିବାକୁ ଯୋଜନା ରହିଛି। ଆଇସିଡିଏସ୍, ଏମ୍‌ଡିଏମ୍, ଆଇଟିଡିଏ ଦ୍ୱାରା ପରିଚାଳିତ ହଷ୍ଟେଲ ଭଳି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ପୋଷଣ ଯୋଜନାରେ କ୍ଷୁଦ୍ରଶସ୍ୟକୁ ସାମିଲ କରାଯାଇଥିବା ବେଳେ ଆଗାମୀ ଭବିଷ୍ୟତରେ ଏହାକୁ ପିଡିଏସ୍‌ରେ ସାମିଲ କରାଯିବ ବୋଲି ସୂଚନା ମିଳିଛି। ବର୍ତ୍ତମାନ ରାଜ୍ୟର ୧୪ ଜିଲାର ୭୨ ବ୍ଲକ୍‌ରେ ୨୩,୨୩୫ ହେକ୍ଟର ଚାଷଜମିରେ କ୍ଷୁଦ୍ରଶସ୍ୟ ଚାଷ କରାଯାଉଥିବା ବେଳେ ୫୩,୫୪୨ ଚାଷୀ ଏହା ଦ୍ୱାରା ଉପକୃତ ହେଉଛନ୍ତି।

## ଉଦାହରଣ ସାଜିଛି 'ମାଣ୍ଡିଆ କାଫେ'

କ୍ଷୁଦ୍ରଶସ୍ୟର ଲୋକପ୍ରିୟତା ବୃଦ୍ଧି ପାଇଁ ମିଶନ ଶକ୍ତି ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇ ଅତ୍ୟାଧୁନିକ ଖାଦ୍ୟମାନ ପ୍ରସ୍ତୁତ କରାଯାଉଛି। ଯୁବବର୍ଗଙ୍କୁ ଦୃଷ୍ଟିରେ ରଖି ଭୁବନେଶ୍ୱରର ତ୍ରିଶକ୍ତି ମହିଳା ପରିଷଦ ସହଯୋଗରେ ଏକ ମାଣ୍ଡିଆ କାଫେ ଖୋଲାଯାଇଛି। ମାଣ୍ଡିଆ ଭେଜ୍ ସ୍ୟାଣ୍ଡୱିଚ୍, ପ୍ରୋସୋ ବିରିୟାନୀ, ମାଣ୍ଡିଆ ପିଜ୍‌ଜା, ମାଣ୍ଡିଆ ସୁପ୍, ମାଣ୍ଡିଆ ବର୍ଗର, ମାଣ୍ଡିଆ ହଟ୍‌ଡଗ୍, ମାଣ୍ଡିଆ କୁକିଜ୍, ମାଣ୍ଡିଆ ମିକ୍ସଚର, ମାଣ୍ଡିଆ ବ୍ରେଡ୍, ମାଣ୍ଡିଆ ମଫିନ୍, ମାଣ୍ଡିଆରେ ପ୍ରସ୍ତୁତ ସୁଗାର୍ ଫ୍ରୀ ବିସ୍କୁଟ୍ ଭଳି ଏକାଧିକ ନୂତନ ପଦ୍ଧତିର ଖାଦ୍ୟ ପ୍ରସ୍ତୁତ କରାଯାଇ ବିକ୍ରି କରାଯାଉଛି। ଏହାବ୍ୟତୀତ ମାଣ୍ଡିଆ କାଫେ ପକ୍ଷରୁ ବିଭିନ୍ନ ମେଳା, ମହୋତ୍ସବରେ ଷ୍ଟଲ୍ ପକାଯାଇ ମାଣ୍ଡିଆରେ ପ୍ରସ୍ତୁତ ଦହିବରା, ଆଳୁଚପ୍, ପୋଡ଼ପିଠା, ମଣ୍ଡାପିଠା, ସୁଆଁ ଖିରି, ବରା, ପକୁଡ଼ି, ଜାଉ, ମାଣ୍ଡିଆ ଚିକେନ୍ ପକୁଡ଼ି, ଇଡ୍‌ଲୀ, ଲଡ୍ଡୁ, ନିମ୍‌କି, ଆରିସା ପିଠା ଆଦି ବିକ୍ରି ହେଉଛି। ସେହିଭଳି ଟ୍ରାଇବାଲ ଡେଭଲପ୍‌ମେଣ୍ଟ କୋପରେଟିଭ୍ କର୍ପୋରେଶନ(ଟିଡିସିସି) ଦ୍ୱାରା ଆଦିଶା ମାଧ୍ୟମରେ ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟସାମଗ୍ରୀ ବ୍ରାଣ୍ଡିଂ କରାଯାଇ ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ବିକ୍ରି କରାଯାଉଛି। ଆଗାମୀ ଦିନରେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟସାମଗ୍ରୀକୁ ଆଇଆର୍‌ସିଟିସି ୱେବ୍‌ସାଇଟରେ ସାମିଲ କରିବାକୁ ଯୋଜନା ରହିଛି।

## କ'ଣ ପାଇଁ ହିତକର

କ୍ଷୁଦ୍ରଶସ୍ୟ ସ୍ୱାସ୍ଥ୍ୟ ପାଇଁ ହିତକର। ମାଣ୍ଡିଆରେ କ୍ଷୀର ତୁଳନାରେ ୩ ଗୁଣା ଅଧିକ କ୍ୟାଲସିୟମ୍ ରହିଛି। ସେହିଭଳି ସୁଆଁରେ ଚାଉଳ ତୁଳନାରେ ୧୩ ଗୁଣା ଅଧିକ ଲୌହ ବା ଆଇରନ୍ ରହିଥିବାବେଳେ 'କୋଦ'ରେ ଗହମ, ଚାଉଳ ଓ ମକା ତୁଳନାରେ ୩ ଗୁଣା ଅଧିକ ତନ୍ତୁ ରହିଥାଏ। ସ୍ୱଳ୍ପ ଗ୍ଲାଇସେମିକ୍ ଇଣ୍ଡେକ୍ସ ଯୁକ୍ତ ହେବାସହ ଏହା ଅଧିକ ତନ୍ତୁଯୁକ୍ତ, ଅଧିକ କ୍ୟାଲ୍‌ସିୟମ୍, ଅଧିକ ଲୌହଯୁକ୍ତ ଓ ଗ୍ଲୁଟିନ୍‌ମୁକ୍ତ ହୋଇଥାଏ। ଏଥିରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଓ ମିନେରାଲ୍ ରହିଛି, ଯାହା ବୃକକ୍ ଓ ଯକୃତର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। କୋଲେଷ୍ଟେରଲ୍‌କୁ କମାଇବାରେ ମଧ୍ୟ ମିଲେଟ୍ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

## ସଭ୍ୟ ସଂଗ୍ରହ ଓ ସଚେତନତା

ବାଲିପାଟଣା,(ଡି.ଏନ୍.ଏ.): ଲୋକ ଜନଶକ୍ତି ପାର୍ଟିର ସଭ୍ୟ ସଂଗ୍ରହ ଓ ସଚେତନତା କାର୍ଯ୍ୟକ୍ରମ ବାଲିପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ରାଜନଲାଲ ଶ୍ରୀବାସ୍ତବ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ବାଲିପାଟଣା ବ୍ଲକରୁ ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ ହେବ। ଲୋକ ଜନଶକ୍ତି ପାର୍ଟି ଲୋକଙ୍କ ପାଖରେ ପହଞ୍ଚିବ। କର୍ମକର୍ତ୍ତାମାନେ ଭୋଟରଙ୍କ ଦଳର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବେ। ସମସ୍ତ କାର୍ଯ୍ୟ ଦଳର ଉପସଭାପତିଙ୍କ ତତ୍ତ୍ୱାବଧାନରେ ହେବା ପାଇଁ ନିଷ୍ପତ୍ତି ହୋଇଥିଲା।



## ସଂକ୍ଷେପରେ

### ବାଇକ୍ ଷ୍ଟଣ୍ଟ୍‌କୁ ନେଇ ଆକ୍ରମଣ ଘଟଣାରେ ଆଉ ୩ ଗିରଫ

**ଭୁବନେଶ୍ୱର,୧୬।୧(ବ୍ୟୁରୋ):** ବିପଜ୍ଜନକ ଭାବେ ବାଇକ୍ ଷ୍ଟଣ୍ଟ୍ କରି ଧୂଳି ଉଡ଼ାର ପ୍ରତିବାଦ କରିଥିବା ଯୁବତୀଙ୍କୁ ଗାଳିଗୁଲଜ ଓ ତାଙ୍କ ବାପାଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଆଉ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ଅଞ୍ଚଳର ଚିତ୍ତ ରଞ୍ଜନ ଦାସ, ରାଜା ଦାସ ଓ ରୋହିତ ଦାସ। ସୂଚନା ମୁତାବକ, ଭରତପୁର ଅଞ୍ଚଳରେ ନାରାୟଣ ବେହେରା ପରିବାର ସହ ରୁହନ୍ତି। ଗତ ସୋମବାର ଅପରାହ୍ନରେ ନାରାୟଣଙ୍କ ଘର ନିକଟରେ କେତେଜଣ ଯୁବକ ବାଇକ ଷ୍ଟଣ୍ଟ କରି ଦ୍ରୁତଗତିରେ ଗାଡ଼ି ଚଳାଇ ଧୂଳି ଉଡ଼ାଉଥିଲେ। ଏହାକୁ ନାରାୟଣଙ୍କ ଝିଅ ବାରଣ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏହା ଦେଖି ନାରାୟଣ ସେଠାରେ ପହଞ୍ଚି ପ୍ରତିବାଦ କରିଥିଲେ। ଏଥିରେ ଅଭିଯୁକ୍ତମାନେ ଉତ୍ତ୍ୟକ୍ତ ହୋଇ ନାରାୟଣଙ୍କୁ ମାଡ଼ମାରି ତାଙ୍କ ନାକ ଫଟାଇ ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ୩୭/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଉକ୍ତଦିନ ଅଭିଯୁକ୍ତ କାହ୍ନା ଦାସଙ୍କୁ ଗିରଫ କରାଯାଇଥିଲା।

### ପାହାଳରେ ଖୋଲିଲା ଧାନମଣ୍ଡି

**ବାଲିଅନ୍ତା,୧୬।୧(ଡି.ଏନ.ଏ):** ଭୁବନେଶ୍ୱର ମହାନଗର ନିଗମର ୪ନମ୍ବର ୱାର୍ଡ ଅଧୀନ ପାହାଳ ସେବା ସମବାୟ ସମିତି ତରଫରୁ ଧାନମଣ୍ଡି ଖୋଲାଯାଇଛି । ଏହାକୁ ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ ଏବଂ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀ ଉଦ୍‌ଘାଟନ କରିଥିଲେ। ସମିତିର ସଭାପତି ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପ୍ରଶାନ୍ତ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ । ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପାତ୍ର, ଜିଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ସମିତି ସଭ୍ୟ ମହେଶ୍ୱର ଦାସ, ଧିରେନ କୁମାର କର, ବେଣୁଧର ପରିଡ଼ା, ଅକ୍ଷୟ କୁମାର ଲେଙ୍କା ଓ ବିଜୟ କୁମାର ମଙ୍ଗରାଜ ଯୋଗଦେଇଥିଲେ । ୪ନମ୍ବର ୱାର୍ଡର ଚାଷୀଙ୍କୁ କାଳିଆ ଯୋଜନାରେ ସାମିଲ୍ ଏବଂ ଧାନ ଟୋକେନ୍ ବ୍ୟବସ୍ଥାକୁ ସରଳୀକରଣ ପାଇଁ ସଭାରେ ଚାଷୀମାନେ ଦାବି କରିଥିଲେ । ପୂର୍ବତନ ସଭାପତି ପଦ୍ମନାଭ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ପ୍ରଥମ ଦିନରେ ୨୮ଜଣ ଚାଷୀଙ୍କଠାରୁ ଏକ ହଜାର କୁଇଣ୍ଟାଲ୍ ଧାନ କିଣାଯାଇଥିଲା। ସଭାକୁ ସମିତିର ସମ୍ପାଦକ ସରୋଜ ରଥ ପରିଚାଳନା କରିଥିଲେ ।

# ଅବହେଳିତ ଅବସ୍ଥାରେ ଜୟଦେବ ପୀଠ

**ନୀଳମାଧବ ସାହୁ**
**ବାଲିଅନ୍ତା,୧୬।୧(ଡି.ଏନ.ଏ)**

ଗୀତ ଗୋବିନ୍ଦର ରଚୟିତା କବି ଜୟଦେବଙ୍କ ଜନ୍ମପୀଠ ବାଲିଅନ୍ତା ବ୍ଲକ କେନ୍ଦୁଲିକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ମିଳିଛି । ହେଲେ ଦୀପତଳ ଅନ୍ଧାର ଭଳି ଏହି ପର୍ଯ୍ୟଟନ କେନ୍ଦ୍ରଟି ଅବହେଳିତ ଅବସ୍ଥାରେ ରହିଛି । ପୀଠ ପରିସର ରକ୍ଷଣାବେକ୍ଷଣ ଅଭାବରୁ ଶ୍ରୀହୀନ ହୋଇପଡ଼ିଛି। ନାନା ଅବ୍ୟବସ୍ଥା ଯୋଗୁ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି ।

ପୀଠ ପରିସରରେ ଥିବା ଗଛଗୁଡ଼ିକ ଫନୀ ବାତ୍ୟାରେ ଭାଙ୍ଗି ପଡ଼ିଥିଲା। କିନ୍ତୁ ଏଯାବତ ସେଗୁଡ଼ିକୁ ଉଠାଯାଇ ନ ଥିବାରୁ ପରିବେଶ ଜଙ୍ଗଲମୟ ହୋଇଯାଇଛି। ଏହାର ସୌନ୍ଦର୍ଯ୍ୟ ଏକ ପ୍ରକାର ଅସଜଡ଼ା ରହିଛି । ପୀଠ ପରିସରର ଉଦ୍ୟାନଟି ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଗଲାଣି । ପାଣି ଅଭାବରୁ ଗଛ ମରିଗଲାଣି । ପର୍ଯ୍ୟଟକଙ୍କୁ ପିଇବା ପାଇଁ ପାଣି ମୁନ୍ଦାଏ ମିଳୁନି। ୨ଟି କୂଅ ପରିତ୍ୟକ୍ତ ଅବସ୍ଥାରେ ରହିଛି । ପୀଠର ପରିଷ୍କାର ଓ ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦିଆଯାଉ ନାହିଁ । ପୀଠରେ ଥିବା ଲାଇଟ୍ ଭାଙ୍ଗିଯାଇଥିବାରୁ ରାତିରେ ଅନ୍ଧକାର ରହୁଛି। ପ୍ରବେଶ ପଥରେ ଶୋଭାପାଉଥିବା ଜଳଉତ୍ସ ଅଚଳ । ଚତୁଃପାର୍ଶ୍ୱରେ ଥିବା ଦଶଅବତାର ମୂର୍ତ୍ତି ଭାଙ୍ଗିଯାଇଛି। ପଦ୍ମାବତୀ ପୁଷ୍କରଣୀରେ ଥିବା କାଳୀୟଦଳନ ମୂର୍ତ୍ତି ବାତ୍ୟାରେ ପଡ଼ିଯାଇଥିଲେ ବି ପୁନରୁଦ୍ଧାର କରାଯାଉ ନାହିଁ। ପୀଠ ପରିସରରେ ଥିବା ୨ଟି ଶୌଚାଳୟ ଭାଙ୍ଗିରୁଜି ଗଲାଣି । ପର୍ଯ୍ୟଟକମାନଙ୍କ ପରିସ୍ରା ଓ ଶୌଚ ପାଇଁ ଜାଗା ନ ଥିବାରୁ ସେମାନେ ହଇରାଣ ହେଉଛନ୍ତି । ଜୟଦେବ ସଂଗ୍ରହାଳୟଟି ଗତ ଏକ ବର୍ଷ ହେଲା ଖୋଲା ପଡ଼ିଛି । ପର୍ଯ୍ୟଟକମାନେ ସଂଗ୍ରହାଳୟ ଭିତରେ ଥିବା ବହୁ ପ୍ରାଚୀନ ସାମଗ୍ରୀକୁ ଦେଖିବାରୁ ବଞ୍ଚିତ ହେଉଛନ୍ତି । ଭୂତକୋଠି ପାଲଟିଥିବା ଗେଷ୍ଟ ହାଉସ୍‌ରେ ୧୧ଟି ବ୍ରୋଞ୍ଜ ନିର୍ମିତ ମାଧବ ମୂର୍ତ୍ତି ପଡ଼ି ରହିଛି। ଏଥିପ୍ରତି କାହାର ନଜର ନାହିଁ। ପ୍ରତିଦିନ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ମାତ୍ର ଦୁଇଜଣ ହୋମଗାର୍ଡ଼ଙ୍କୁ ମୁତୟନ କରାଯାଇଛି ।

ଗୁରୁବାର ପୀଠ ବୁଲିବାକୁ ଆସିଥିବା ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଇଂରାଜି ମାଧ୍ୟମ ବିଦ୍ୟାଳୟର ଶତାଧିକ ଛାତ୍ରୀ ପାଣି ପିଇବାକୁ ନ ପାଇ ହଇରାଣ ହୋଇଥିଲେ। ଶିକ୍ଷୟିତ୍ରୀ ଜସସ୍ମିତା ମିଶ୍ର କୁହନ୍ତି, ପୀଠ ପରିସରରେ ଅଳିଆ ଆବର୍ଜନା ଭର୍ତ୍ତି ଥିବା ଯୋଗୁ ପିଲାମାନେ ଖେଳିପାରି ନ ଥିଲେ । ଛାତ୍ରୀମାନେ ପରିସ୍ରା ଯିବାକୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ପ୍ରଜ୍ଞା ପାରମିତା ଜେନାମଣୀ କୁହନ୍ତି, ଏହି ପୀଠଟି ଦେଶର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ । ଏହାର ପୁନରୁଦ୍ଧାର ପାଇଁ ପର୍ଯ୍ୟଟନ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗର ବରିଷ୍ଠ ଅଧିକାରୀମାନେ ଦୃଷ୍ଟି ଦେବା ଜରୁରୀ। ଭାରପ୍ରାପ୍ତ ବିଡିଓ ରଶ୍ମିରେଖା ପ୍ରଧାନଙ୍କୁ ପୀଠରେ ଅବ୍ୟବସ୍ଥା ସମ୍ପର୍କରେ ପ୍ରଶ୍ନ କରିବାରୁ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି କହିଥିଲେ । ଜୟଦେବ ବିଧାୟକ ଅରବିନ୍ଦ ଢାଲି କୁହନ୍ତି, ପୀଠର ଉନ୍ନତି କରାଯିବ । ସବୁ ବିଭାଗକୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଡକାଯିବ ବୋଲି ସେ ପ୍ରକାଶ କରିଛନ୍ତି ।


ଭଗ୍ନ ଅବସ୍ଥାରେ ପଡ଼ିଥିବା ମୂର୍ତ୍ତି।


ବାତ୍ୟାରେ ଭାଙ୍ଗି ପଡିଥିବା ଗଛ।

- ମୁହଁ ଫେରାଉଛନ୍ତି ପର୍ଯ୍ୟଟକ
- ଭାଙ୍ଗିଗଲାଣି ଅନେକ ପ୍ରତିମୂର୍ତ୍ତି
- ଅସାମାଜିକଙ୍କ ଜମୁଛି ଆଡ୍ଡା


ରସୁଲଗଡ ଜିଜିପି କଲୋନୀସ୍ଥିତ ବାଲିଆପଟା ବସ୍ତିରେ ବୈଦିକ ବ୍ରାହ୍ମଣ ସମିତି ପକ୍ଷରୁ ମା' ତାରିଣୀଙ୍କ ତୃତୀୟ ବାର୍ଷିକୋତ୍ସବରେ ଅନୁଷ୍ଠିତ ମହାଯଜ୍ଞ।

## ହସର ପେଡ଼ି ଖୋଲିଲା 'ନିଲଠା ନିର୍ଦ୍ଦେଶକ'

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ହସିବାକୁ ଆମେ ସମସ୍ତେ ଚାହୁଁଛେ। ହେଲେ ହସର ଖୋରାକ ମିଳୁନି। ଏଇ ଆଗରେ ହସ ମିଳିବ ଏଇ ଆଶାରେ ଆମେ ସମସ୍ତେ ଚାଲିଛେ। ହେଲେ ମୃଗ ତୃଷ୍ଣା ପରି ହସ ସବୁବେଳେ ଆମ ଠାରୁ କୋଷେ ଦୂରରେ ରହୁଛି। ଏବେ ଜଣେ ଅନ୍ୟର ଦୁର୍ଦ୍ଦଶା ଦେଖି ହସୁଛି। ଜଣେ ଅନ୍ୟକୁ ଠକି ସମସ୍ୟାକୁ ଦୂରେଇ ଦେବାକୁ ଚେଷ୍ଟା କରିବାବେଳେ ଅନ୍ୟ ଜଣେ ତା'ଠାରୁ ଦି ପାଦ ଆଗକୁ ଯାଇ ପ୍ରତିରୋଧ କରିବାକୁ ଚେଷ୍ଟା କରୁଛି। ଦୁଇ ଜଣଙ୍କ ବିବାଦରେ ତୃତୀୟ ଜଣକର ଲାଭ ହେଉଛି। ଜୀବନ ଜଞ୍ଜାଳର ବ୍ୟସ୍ତତା ମଧ୍ୟରେ ଆମେ ହସିବାକୁ ଟିକେ ବି ସମୟ ପାଉନେ। ଲାଫିଙ୍ଗ୍ କ୍ଲବ୍ କରି ହସିବାର ଅଭିନୟ କରୁଛେ। ହେଲେ ଏହି ନକଲି ହସ ବଦଳରେ ଲୋକଙ୍କ ମୁହଁରେ ଅସଲି ହସ ଆଣିଦେବାକୁ ଲାବଣ୍ୟ ଥିଏଟର ପକ୍ଷରୁ ଗୁରୁବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ହାସ୍ୟରସାତ୍ମକ ନାଟକ 'ନିଲଠା ନିର୍ଦ୍ଦେଶକ' ମଞ୍ଚସ୍ଥ ହୋଇଯାଇଛି। ଦିଲୀପ ବଳବନ୍ତରାୟଙ୍କ ଦ୍ୱାରା ରଚିତ ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ସତ୍ୟ ଜେନା। ନାଟକରେ ବିଭିନ୍ନ ଭୂମିକାରେ ଉପେନ୍ଦ୍ର, ପିଣ୍ଟୁ, ବିଜୁ, ଅଞ୍ଜଳି ଓ ସୋନିକା ପ୍ରମୁଖ ଅଭିନୟ କରିଥିବାବେଳେ ଡ. ରମଣୀ ରଞ୍ଜନ ଜେନା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ଆଇନଜୀବୀ ଧନଞ୍ଜୟ ମହାପାତ୍ର, ସଭାପତି ଆଶୁତୋଷ ଚମ୍ପତି, ଉପସଭାପତି ବିଭୁତିଭୂଷଣ ଚମ୍ପତି, ସମ୍ପାଦକ ସତ୍ୟନାରାୟଣ ଜେନା, ଯୁଗ୍ମ ସମ୍ପାଦକ ନିରଞ୍ଜନ ମହାରଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତି ସନ୍ଧ୍ୟାରେ ଏକାମ୍ର ହାଟରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ଏଣିକି ପ୍ରତି ସନ୍ଧ୍ୟାରେ ଭୁବନେଶ୍ୱର ଏକାମ୍ର ହାଟରେ ପରିବେଷିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ। ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଫେବୃୟାରୀ ପହିଲାରୁ ଏପରି ଅଭିନବ କାର୍ଯ୍ୟକ୍ରମ ଆରମ୍ଭ ହେବ। ବର୍ଷାଦିନ ବ୍ୟତୀତ ବର୍ଷର ୮ ମାସ ଏପରି କାର୍ଯ୍ୟକ୍ରମର ଆୟୋଜନ କରାଯିବ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାଂସ୍କୃତିକ ଦଳ ଓ କଳାକାରମାନେ ଆସି ରାଜଧାନୀରେ ନିଜ ଲୋକକଳା ଓ ଲୋକସଂସ୍କୃତି ପରିବେଷଣ କରିବେ। ଏହାଦ୍ୱାରା ସାଂସ୍କୃତିକ ଦଳଗୁଡ଼ିକ ଉପକୃତ ହେବା ସହିତ ଲୋକଶିଳ୍ପୀମାନଙ୍କୁ ପ୍ରୋତ୍ସାହିତ କରାଯାଇପାରିବ ବୋଲି ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ଗୁରୁବାର ଅପରାହ୍ନରେ ଲୋକସେବା ଭବନରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ପାଣିଗ୍ରାହୀ ଏନେଇ ଘୋଷଣା କରିଛନ୍ତି। ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ସହ ପର୍ଯ୍ୟଟନ ବିକାଶ ଏବଂ ଓଡ଼ିଶାର ବିଭିନ୍ନ ସାଂସ୍କୃତିକ ସମ୍ପଦର ପ୍ରଚାର ପ୍ରସାରକୁ ଦୃଷ୍ଟିରେ ରଖି ଏପରି କାର୍ଯ୍ୟକ୍ରମ ନିୟମିତ ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବିଶାଳ ଦେବଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ସେବାୟତ, ଏକାମ୍ର ମୁରବି ମହାମଞ୍ଚର ବୈଠକ

**ପୁରୁଣା ଭୁବନେଶ୍ୱର, ୧୬। ୧ (ଡି.ଏନ.ଏ.)**

ଏକାମ୍ର କ୍ଷେତ୍ରର ସମସ୍ତ ଲିଙ୍ଗରାଜ ସେବାୟତ, ବ୍ୟବସାୟୀ ଓ ଅଞ୍ଚଳର ଜନସାଧାରଣଙ୍କୁ ନେଇ ବୈଠକ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏକାମ୍ର କ୍ଷେତ୍ରରୁ ଉନ୍ନତି ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦକୁ ବୈଠକରେ ସ୍ୱାଗତ କରାଯାଇଛି। ସମସ୍ତ ଯୋଜନା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଯିବା ସହ ପଲ୍ଲିସଭା ମାଧ୍ୟମରେ ଅନୁମୋଦନ ନେଇ କାର୍ଯ୍ୟ କରିବାକୁ ସ୍ଥିର ହୋଇଥିଲା।


ଏଜି ଛକରୁ ରାଜମହଲ ଛକ ପର୍ଯ୍ୟନ୍ତ ଥିବା ସରକାରୀ ବାସଭବନ ସମ୍ମୁଖରେ ଥିବା ଉଠା ଦୋକାନୀଙ୍କୁ ବିଡିଏ ପକ୍ଷରୁ ଗୁରୁବାର ଉଚ୍ଛେଦ କରାଯାଉଛି।

# ସର୍ବଭାରତୀୟ କୋଷ୍ଟାଲ ଟ୍ରେକ୍ ଆରମ୍ଭ

**ପୁରୀ ଅଫିସ, ୧୬।୧**

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି)ର ସର୍ବଭାରତୀୟ କୋଷ୍ଟାଲ ଟ୍ରେକ୍ ତାଳବଣିଆସ୍ଥିତ ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନରେ ଗୁରୁବାର ଆରମ୍ଭ ହୋଇଛି। ଏହା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାକୁ ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ମୁଖ୍ୟ କମାଣ୍ଡର ଶୈଳେନ୍ଦ୍ର ସିଂ (ନୌସେନା ମେଡାଲ) ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଉପକୂଳ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା, ସ୍ୱଚ୍ଛ ଭାରତ ଅଭିଯାନ, ଉପକୂଳ ଜଙ୍ଗଲ ସୁରକ୍ଷା ଏବଂ ସୌନ୍ଦର୍ଯ୍ୟ ବୃଦ୍ଧି, ଜାତୀୟ ସଂହତି ରକ୍ଷା, ବିଭିନ୍ନ ପ୍ରାନ୍ତରୁ ଆସିଥିବା ଏନ୍‌ସିସି କ୍ୟାଡେଟମାନଙ୍କ ମଧ୍ୟରେ ଉତ୍ତମ ଭାବ ଓ ସମନ୍ୱୟ ରକ୍ଷା ଏବଂ ଉତ୍କଳ ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ନେଇ ସଚେତନତା ସୃଷ୍ଟି ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏଥିରେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, ମଧ୍ୟପ୍ରଦେଶ, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ଆସାମ, ମଣିପୁର, ନାଗାଲାଣ୍ଡ, ଆଣ୍ଡାମାନ ଓ ନିକୋବର ସମେତ ଓଡ଼ିଶାର ପ୍ରାୟ ୫୦୦ ଏନ୍‌ସିସି କ୍ୟାଡେଟ୍‌ଙ୍କ ସମେତ ଏନ୍‌ସିସି ବ୍ରହ୍ମପୁର ଗ୍ରୁପ୍‌ର ମୁଖ୍ୟ ଗ୍ରୁପ୍ କ୍ୟାପ୍‌ଟେନ ରବୀନ୍ଦ୍ର ସିନ୍ଧେ, ଷଷ୍ଠ ଓଡ଼ିଶା ବାଟାଲିୟନ ଏନ୍‌ସିସିର ପ୍ରଶାସନିକ ଅଧିକାରୀ ଲ୍ୟୁଟନାଣ୍ଟ କର୍ଣ୍ଣେଲ ରବୀନ୍ଦ୍ର ପାତ୍ର, କର୍ଣ୍ଣେଲ ସରୋଜ ମାଝି ପ୍ରମୁଖ ୧୫ ଅଧିକାରୀ ଯୋଗଦେଇଛନ୍ତି । ପ୍ରଥମ ଦିନ ଏମାନେ ସମୁଦ୍ର କୂଳେ କୂଳେ ଯାଇ ନୂଆନଇ ଦେଇ ସ୍ୱାମୀ ନାରାୟଣ ମନ୍ଦିରରେ ରାତ୍ରିଯାପନ କରିଛନ୍ତି। ଦ୍ୱିତୀୟ ଦିନ ବାଲିଘାଇସ୍ଥିତ ବେଲେଶ୍ୱର ଗୋପୀନାଥ ମହାବିଦ୍ୟାଳୟ, ତୃତୀୟ ଦିନ ଚନ୍ଦ୍ରଶେଖର ଏକାଡେମୀରେ, ଚତୁର୍ଥ ଦିନ କୋଣାର୍କ ମହାବିଦ୍ୟାଳୟରେ ରାତ୍ରିଯାପନ କରିବେ। ଏହାପରେ ସମସ୍ତ ଅଧିକାରୀ ଓ କ୍ୟାଡେଟ୍‌ମାନେ ସୂର୍ଯ୍ୟମନ୍ଦିର, କୋଣାର୍କ ସଂଗ୍ରହାଳୟ ଏବଂ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ଦେଖିବେ। ପରେ ସେମାନେ ଭୁବନେଶ୍ୱରର ପ୍ଲାନେଟରିୟମ୍, ଲିଙ୍ଗରାଜ ମନ୍ଦିର, ସିଫା, ଶ୍ରୀମନ୍ଦିର ଏବଂ ପୁରୀ ସମୁଦ୍ର ବେଳାଭୂମି ବୁଲିବାର କାର୍ଯ୍ୟକ୍ରମ ରହିଛି।

# ବସନ୍ତ ନାୟକଙ୍କ ବିନା ଅଧା ଓଡ଼ିଆ ଚଳଚ୍ଚିତ୍ରର ଇତିହାସ

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

**ବସନ୍ତ ନାୟକ ମହୋତ୍ସବ**

ଓଡ଼ିଆ ଚଳଚ୍ଚିତ୍ର ଜଗତର ସ୍ୱପ୍ନର ସୌଦାଗର ବସନ୍ତ ନାୟକଙ୍କ ସ୍ମୃତିରେ ଗୁରୁବାର ସୂଚନା ଭବନରେ 'ବସନ୍ତ ନାୟକ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ, ଆଇନ୍ ଏବଂ ଜଳସମ୍ପଦ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ରର ଇତିହାସ ବସନ୍ତ ନାୟକଙ୍କ ବିନା ଲେଖାଯାଇପାରିବ ନାହିଁ ବୋଲି କହିବା ସହ ସେ ଏକ ନୂଆ ଧାରା ସୃଷ୍ଟି କରିଥିବା ମନ୍ତ୍ରୀ କହିଥିଲେ। ସେହିଭଳି ଓଡ଼ିଶାରେ ପ୍ରେକ୍ଷାଳୟର ଅଭାବ ସମସ୍ୟାକୁ ଖୁବ୍‌ଶୀଘ୍ର ଦୂର କରାଯିବ ବୋଲି ମନ୍ତ୍ରୀ ଜେନା ଏହି ଅବସରରେ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ବସନ୍ତ ନାୟକଙ୍କୁ ଜଣେ ଅନନ୍ୟ ପ୍ରତିଭା ଭାବେ ଅଭିହିତ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ପାଇଁ କିଛି କରିବାକୁ ତାଙ୍କର ଅଦମ୍ୟ ଇଚ୍ଛାଶକ୍ତି ରହିଥିଲା ବୋଲି ସେ କହିଥିଲେ। ବସନ୍ତ ନାୟକଙ୍କ ପୁଅ ସଞ୍ଜୟ ନାୟକ ଉପସ୍ଥିତ ରହି ଓଡ଼ିଆ ଚଳଚ୍ଚିତ୍ର ବ୍ୟବସ୍ଥାରେ ଥିବା ତ୍ରୁଟି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସୁଧାର ଆସିଲେ ଭଲ ଚଳଚ୍ଚିତ୍ର ନିର୍ମାଣ ହେବା ସହିତ ବ୍ୟବସାୟ ବି ଭଲ ହେବ ବୋଲି ସେ କହିଥିଲେ। ଏହି ଅବସରରେ ବସନ୍ତ ନାୟକଙ୍କ ନାମରେ ଭୁବନେଶ୍ୱରରେ ଏକ ରାସ୍ତା କିମ୍ବା ପାର୍କ ନାମିତ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅଭିନେତା ଅନୁଭବ ମହାନ୍ତି, ଅରିନ୍ଦମ, ବାବୁସାନ୍, ବର୍ଷା ପ୍ରିୟଦର୍ଶିନୀ, ତୃପ୍ତି ଦାସ, ଦେବାଶିଷ ମହାପାତ୍ର, ଚଳଚ୍ଚିତ୍ର ସମ୍ପାଦକ ଚନ୍ଦ୍ରଶେଖର ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ କଣ୍ଠଶିଳ୍ପୀ ତୃପ୍ତି ଦାସ, ଟି. ସୌରୀ ପ୍ରମୁଖ ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ।

# ବିବାହ କରିବେ ଓଡ଼ିଶାର 'ଛପାକ୍' ପ୍ରମୋଦିନୀ

*ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି ଓଡ଼ିଶାର 'ଛପାକ୍' ତଥା ଏସିଡ୍ ପୀଡ଼ିତା ପ୍ରମୋଦିନୀ ରାଉଳ। ଏସିଡ୍ ଆକ୍ରମଣର ଶିକାର ହେବା ପରେ ଦୀର୍ଘବର୍ଷ ଧରି ତାଙ୍କ ସୁଖଦୁଃଖର ସାଥୀ ଭାବେ ଛିଡ଼ା ହୋଇଥିବା କଟକର ସରୋଜ କୁମାର ସାହୁଙ୍କୁ ସେ ଜୀବନସାଥୀ ଭାବେ ବାଛିଛନ୍ତି। ୨୦୧୮ ଫେବୃୟାରୀ ୧୪ରେ ସେମାନଙ୍କର ନିର୍ବନ୍ଧ ହୋଇଥିଲା। ଆସନ୍ତା ଏପ୍ରିଲ କିମ୍ବା ମେ' ମାସରେ ସେମାନେ ବିବାହ କରିବା ପାଇଁ ସ୍ଥିର କରିଥିବାବେଳେ ଏନେଇ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିନାହାନ୍ତି। ପ୍ରଥମଥର ନିମନ୍ତେ ରାଜ୍ୟର ଜଣେ ଏସିଡ୍ ପୀଡ଼ିତା ବିବାହ ବେଦୀରେ ବସିବାକୁ ଯାଉଛନ୍ତି।*

## ପ୍ରେମ ଫେରାଇଲା ନୂଆ ଜୀବନ



**କଟକ ଅଫିସ,୧୬।୧**

ନିକଟ ଅତୀତରେ ବଲିଉଡ୍‌ରେ ଏକ ଚଳଚ୍ଚିତ୍ର 'ଛପାକ୍' ମୁକ୍ତିଲାଭ କରିଛି। ଏସିଡ୍ ପୀଡ଼ିତାଙ୍କ ଜୀବନକୁ ନେଇ ତିଆରି ହୋଇଥିବା ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଛନ୍ତି ଅଭିନେତ୍ରୀ ଦୀପିକା ପାଦୁକୋନ୍। ଓଡ଼ିଶାରେ ମଧ୍ୟ ଏଭଳି ଜଣେ ଚରିତ୍ର ହେଉଛନ୍ତି ପ୍ରମୋଦିନୀ। ଯୁକ୍ତ ଦୁଇରେ ପାଠ ପଢୁଥିବାବେଳେ ଏକତରଫା ପ୍ରେମ ଆବେଦନକୁ ଅସ୍ୱୀକାର କରି ସେ ଏସିଡ୍ ଆକ୍ରମଣର ଶିକାର ହୋଇଥିଲେ। ୧୦ବର୍ଷର ସଂଘର୍ଷମୟ ଜୀବନକୁ ଅତିକ୍ରମ କରିବା ପରେ ଏବେ ବିବାହ କରିବାକୁ ଯାଉଛନ୍ତି ପ୍ରମୋଦିନୀ।

ଜଗତ୍‌ସିଂହପୁରରେ ଜନ୍ମିତ ପ୍ରମୋଦିନୀ ପିଲାଟି ବେଳୁ ବେଶ୍ ଚୁଲ୍‌ବୁଲି ଥିଲେ। ଅଜା ବଂଶୀଧର ରାଉଳ ତାଙ୍କୁ ସ୍ନେହରେ ରାଣୀ ବୋଲି ଡାକନ୍ତି। ପ୍ରମୋଦିନୀଙ୍କ ଅନ୍ୟଏକ ନାଁ ହେଉଛି ରାଣୀ ରତ୍ନୁପର୍ଣ୍ଣା। ୨୦୦୯ରେ ପ୍ରମୋଦିନୀ ଯୁକ୍ତ ଦୁଇରେ ପାଠ ପଢୁଥିଲେ। ଆର୍ମିରେ ଚାକିରି କରିଥିବା ଜଣେ ବିବାହିତ ଯୁବକ ପ୍ରମୋଦିନୀଙ୍କୁ ଏକତରଫା ପ୍ରେମ କରିଥିଲେ। ଏପରି କି ବିବାହ କରିବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲେ। ଏହି କଥା ଘର ପର୍ଯ୍ୟନ୍ତ ଯାଇଥିଲା। ଯୁବକ ଜଣଙ୍କ ଘରକୁ ଫୋନ୍ କରି ପ୍ରମୋଦିନୀଙ୍କୁ ବିବାହ କରିବାକୁ ଚାହାନ୍ତି ବୋଲି କହିଥିଲେ। ଘର ଲୋକ ମନା କରି ଦେବା ପରେ ଯୁବକଜଣଙ୍କ ପ୍ରମୋଦିନୀଙ୍କୁ ବିବାହ କରିବାକୁ ବାଧ କରିଥିଲେ। ଦିନେ ରାସ୍ତାରେ ହଇରାଣ କରୁଥିବାବେଳେ ପ୍ରମୋଦିନୀଙ୍କ ସାଙ୍ଗମାନଙ୍କ ଠାରୁ ମାଡ଼ ମଧ ଖାଇଥିଲେ ଉକ୍ତ ଯୁବକ। କ୍ରୋଧ ପରାୟଣ ହୋଇ ୨୦୦୯ ଏପ୍ରିଲ ୧୮ରେ ଯୁବକ ଜଣଙ୍କ ଏଭଳି ଏକ ନୃଶଂସ ଓ ନିନ୍ଦନୀୟ କାର୍ଯ୍ୟ କଲେ, ଯାହା ପ୍ରମୋଦିନୀଙ୍କ ଜୀବନକୁ ବଦଳାଇ ଦେଇଥିଲା। ନିଜ ସମ୍ପର୍କୀୟ ଭାଇଙ୍କ ସହ ସାଇକେଲରେ ବସି ଯାଉଥିବାବେଳେ ଏକ ବାଇକ୍‌ରେ ଆସି ଯୁବକଜଣଙ୍କ ପ୍ରମୋଦିନୀଙ୍କ ଉପରକୁ ଏସିଡ୍ ମାଡ଼ କରିଥିଲେ। ଚିକିତ୍ସାଲାଗି ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ଚାଲିଥିବାବେଳେ ସରୋଜଙ୍କ ସହ ଭେଟ ହୋଇଥିଲା ପ୍ରମୋଦିନୀଙ୍କର। ସରୋଜ ମେଡ଼ିକାଲ ରିପ୍ରେଜେଣ୍ଟେଟିଭ ଭାବେ କାମ କରୁଥିଲେ। ପ୍ରମୋଦିନୀଙ୍କୁ ଫିଜିଓଥେରାପୀ କରୁଥିବା ଜଣେ ନର୍ସ ହେଲେ ସରୋଜଙ୍କର ବନ୍ଧୁ। ଏସିଡ୍ ଆକ୍ରମଣ ପରେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଚଲାବୁଲା କରିବାକୁ ଅତିକମରେ ୬ବର୍ଷ ଲାଗିବ ବୋଲି ଡାକ୍ତର କହିଥିଲେ। ହେଲେ ସରୋଜ ନିଜ ପ୍ରଚେଷ୍ଟାରେ ମାତ୍ର ୪ମାସରେ ତାଙ୍କୁ ଚାଲିବା ପାଇଁ ସକ୍ଷମ କରାଇଛନ୍ତି ବୋଲି ପ୍ରମୋଦିନୀ କୁହନ୍ତି। ସରୋଜଙ୍କ ସ୍ନେହ, ଆଦର ଆଉ ଭଲପାଇବା ପାଇଁ ଭଗବାନଙ୍କ ନିକଟରେ କୃତଜ୍ଞ। ସେ ଏବେ ବି ଛାଇ ଭଳି ମୋ ପାଖେ ପାଖେ ରୁହନ୍ତି ବୋଲି ପ୍ରମୋଦିନୀ କହିଥିଲେ। ସେମାନଙ୍କ ବିବାହ ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ଏସିଡ୍ ପୀଡ଼ିତାଙ୍କୁ ବିଶେଷଭାବେ ନିମନ୍ତ୍ରଣ କରାଯିବ। ଏହାଛଡ଼ା ଅନେକ ନାମୀଦାମୀ ଲୋକ ଏହି ଉତ୍ସବରେ ଯୋଗଦେବେ ବୋଲି କୁହାଯାଉଛି।

### ଦୁଇଟି ପୁରୁଷ, ଭିନ୍ନ ମଣିଷ

ଜୀବନରେ ଦୁଇଟି ପୁରୁଷଙ୍କୁ ଭେଟିଲି। ଜଣେ ମୋ ଜୀବନକୁ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ। ଆଉ ଜଣେ ମୋ ଉଜୁଡ଼ା ଜୀବନକୁ ସଜାଡ଼ିବା ପାଇଁ ନିଜର ଜୀବନକୁ ବାଜି ଲଗାଇ ଦେଲେ। ପୁରୁଷ ଜାତି ଖରାପ ନୁହେଁ, ହେଲେ ଏହା ଭିତରେ ଭିନ୍ନଭିନ୍ନ ମଣିଷଙ୍କ ସହ ଭେଟ ହେଲା ବୋଲି ପ୍ରମୋଦିନୀ କହିଛନ୍ତି।



ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ବରିଷ୍ଠ ନେତା ତଥା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ ଗୁରୁବାର ପଟପରଗଞ୍ଜ ବିଧାନସଭା ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ଏକ ବିଶାଳ ରୋଡ୍ ଶୋ' ପରେ ଅପରାହ୍ନ ୨ଟାରେ ନାମାଙ୍କନ କରିଛନ୍ତି। ଏଏପି ସରକାରର ଗତ ୫ ବର୍ଷର କାମ ଆଧାରରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିରେ ତାଙ୍କ ଦଳ ୬୭ରୁ ଊର୍ଦ୍ଧ୍ୱ ଆସନରେ ବିଜୟୀ ହୋଇ ପୂର୍ବ ରେକର୍ଡ ଭାଙ୍ଗିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### 'ଶିଖ୍ ବିରୋଧୀ ଦଙ୍ଗାକାରୀଙ୍କୁ ସୁରକ୍ଷା ଦେଉଥିଲା କଂଗ୍ରେସ'

ନୂଆଦିଲ୍ଲୀ,୧୬ା୧(ପି.ଟି.): ୧୯୮୪ ଶିଖ୍ ବିରୋଧୀ ଦଙ୍ଗାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ କଂଗ୍ରେସ ସୁରକ୍ଷା ଯୋଗାଉଥିଲା। ଦଙ୍ଗା ପୀଡ଼ିତଙ୍କୁ ନ୍ୟାୟ ଦେବା ପାଇଁ ଏହି ଦଳ ଆଦୌ ଆଗ୍ରହ ଦେଖାଉ ନ ଥିଲା ବୋଲି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ରିପୋର୍ଟ ଦର୍ଶାଇ ଭାଜପା ଅଭିଯୋଗ କରିଛି। ଶିଖ୍ ବିରୋଧୀ ହିଂସା ଯଥାର୍ଥ ଥିଲା ବୋଲି କେତେଜଣ କଂଗ୍ରେସ ନେତା କହିଥିଲେ। ଦିଲ୍ଲୀ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଏସ୍.ଏନ୍. ଧିଙ୍ଗ୍ରାଙ୍କ ନେତୃତ୍ୱରେ ଏସ୍ଆଇଟି ଏହି ସତ୍ୟକୁ ପଦାକୁ ଆଣିଥିବା ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ୧୯୮୪ ହିଂସାକାଣ୍ଡ କେବଳ ଦଙ୍ଗା ନ ଥିଲା ଶିଖ୍‌ମାନଙ୍କ ବିରୋଧରେ ଜଘନ୍ୟ ନରସଂହାର ଥିଲା ବୋଲି ଭାଜପା ନେତା କହିଛନ୍ତି। ଶିଖ୍‌ମାନଙ୍କୁ ନ୍ୟାୟ ଦେବା ଲାଗି କେନ୍ଦ୍ର ସରକାର ଏସ୍ଆଇଟି ସୁପାରିସ ଅନୁଯାୟୀ କାର୍ଯ୍ୟ କରିବାକୁ ଅଦାଲତଙ୍କୁ କହିଛନ୍ତି।

# ରାତିଅଧିଆ ଆକ୍ରମଣ: ୫୭ ନିହତ

ବେରୁଟ୍,୧୬ା୧(ଏଏଫ୍‌ପି)

ସିରିଆସ୍ଥିତ ଇଦ୍‌ଲିବ୍‌ରେ ସରକାର ସପକ୍ଷବାଦୀ ବଳ ଓ ଜେହାଦୀଙ୍କ ନେତୃତ୍ୱାଧୀନ ଯୋଦ୍ଧାଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଛି। ବିଦ୍ରୋହୀଙ୍କ ଶେଷ ଗଡ଼ ମାରେଟ୍ ଅଲ୍-ନୁମାନରେ ସରକାର ଓ ଏହାର ସମର୍ଥିତ ବଳ ରାତିଅଧିଆ ଆକାଶମାର୍ଗରୁ ଆକ୍ରମଣ କରିଛନ୍ତି। ଏଥିରେ ଅନ୍ୟୂନ ୩୯ ଜଣ ନିହତ ହୋଇଥିବା ଏକ ଯୁଦ୍ଧ ପର୍ଯ୍ୟବେକ୍ଷଣକାରୀ ସଂସ୍ଥା ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ସେହିପରି ଅସ୍ତ୍ରବିରତି ପାଇଁ ରବିବାର ରୁଷିଆ ପକ୍ଷରୁ ଘୋଷଣା କରାଯାଇଥିଲା। ଏହା ସତ୍ତ୍ୱେ ରୁଷିଆ ଓ ସିରିଆ ସେନା ଇଦ୍‌ଲିବ୍ ସହରରେ ଏୟାର ଷ୍ଟ୍ରାଇକ୍ କରିଛନ୍ତି। ଏଥିରେ ୧୮ ନାଗରିକ ନିହତ ହୋଇଛନ୍ତି।

ସିରିଆନ୍ ଅବ୍‌ଜର୍ଭେଟୋରି ଫର୍ ହ୍ୟୁମାନ ରାଇଟ୍ସ ପକ୍ଷରୁ କୁହାଯାଇଛି ଯେ, ସରକାରୀ ସେନା ବୁଧବାର ରାତିରେ ଘନଘନ ରକେଟ ମାଡ଼ କରି ମାରେଟ୍ ଅଲ୍-ନୁମାନ ସହର ସଂଲଗ୍ନ ଦୁଇଟି ଗାଁକୁ ନିଜ କବ୍‌ଜାକୁ ନେଇଯାଇଛି। ଏହି ଆକ୍ରମଣରେ ୨୨ ଜଣ ସରକାର ବିରୋଧୀ ଯୋଦ୍ଧା ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଅଲ୍-କାଏଦାର ପୂର୍ବତନ ସହଯୋଗୀ ହୟାତ୍ ତାହରିର୍ ଅଲ୍-ଶାମ୍ ଗୋଷ୍ଠୀର। ଫାଇଟରଙ୍କ ଜବାବରେ ୧୭ ସୈନ୍ୟଙ୍କ ମଧ୍ୟ ଜୀବନ ଯାଇଥିବା ଯୁଦ୍ଧ ପର୍ଯ୍ୟବେକ୍ଷକ ସଂସ୍ଥାର ମୁଖ୍ୟ ରାମି ଅବ୍‌ଦେଲ ରହମାନ



ସିରିଆ ସେନାର ଏୟାରଷ୍ଟ୍ରାଇକ୍ ପରେ ଧ୍ୱସ୍ତବିଧ୍ୱସ୍ତ ଆରିହା ସହରରୁ ଗଣପଳାୟନ।

### ସିରିଆ ସେନା-ବିଦ୍ରୋହୀ ଘମାଘୋଟ ଲଢ଼େଇ

କହିଛନ୍ତି। ବିଦ୍ରୋହୀଙ୍କ କବ୍‌ଜାରେ ଥିବା ମାରେଟ୍ ଅଲ୍-ନୁମାନ ସହରରୁ ମାତ୍ର ୭ କି.ମି. ଦୂରରେ ସରକାର ସମର୍ଥିତ ସେନା ରହିଛି। ଏକଦା ରାଷ୍ଟ୍ରପତି ବଶର୍ ଅଲ୍-ଅସାଦ୍‌ଙ୍କ ଶାସନ ବିରୋଧରେ ଏହି ସହରରୁ ବିଦ୍ରୋହ ଆରମ୍ଭ ହୋଇଥିଲା। ପ୍ରକାଶ ଯେ ସିରିଆର ବିଭିନ୍ନ ସହରରେ ୯ ବର୍ଷ ହେଲା ସରକାର ବିରୋଧୀ ସଂଘର୍ଷ ଓ ବିକ୍ଷୋଭ ଲାଗିରହିଛି। ଏଥିଯୋଗୁ ବହୁ ଲୋକଙ୍କ ଜୀବନ ଯାଇଥିବାବେଳେ ଲକ୍ଷ ଲକ୍ଷ ଲୋକଙ୍କୁ ବିସ୍ଥାପିତ ହେବାକୁ ପଡ଼ିଛି। ଏହାକୁ ନେଇ ଜାତିସଂଘ ମାନବାଧିକାର କମିଶନ ସମେତ ଅନେକ ସଂସ୍ଥା ଚିନ୍ତାବ୍ୟକ୍ତ କରିଛନ୍ତି।

# ୧୫ ହଜାର ଶାଖା ଖୋଲିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୬ା୧

ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରାଥମିକତା ସ୍ୱରୂପ ୨୦୨୦-୨୧ ଆର୍ଥିକ ବର୍ଷରେ ସାରା ଦେଶରେ ୧୫ ହଜାର ନୂଆ ଶାଖା ଖୋଲିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କେଉଁ କେଉଁ ସ୍ଥାନଗୁଡ଼ିକରେ ଶାଖା ଖୋଲାଯାଇପାରିବ ତା'ର ଏକ ରିପୋର୍ଟ କେନ୍ଦ୍ର ସରକାର ବ୍ୟାଙ୍କଗୁଡ଼ିକୁ ପ୍ରଦାନ କରିଛନ୍ତି। ପ୍ରକ୍ରିୟା ସହ ଜଡ଼ିତ ୩ ବରିଷ୍ଠ ଅଧିକାରୀ ଶୁକ୍ରବାର ଏ ନେଇ ସୂଚନା ଦେଇଛନ୍ତି। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ), ବ୍ୟାଙ୍କ ଅଫ୍ ବରୋଦା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ଆଇସିଆଇସିଆଇ ଭଳି ବଡ ବଡ ବ୍ୟାଙ୍କଗୁଡ଼ିକ ବ୍ୟାଙ୍କ ନ ଥିବା ସ୍ଥାନଗୁଡ଼ିକରେ ପ୍ରାୟ ୧୪ରୁ ୧୫ ହଜାର ନୂଆ ଶାଖା ଖୋଲିବେ ବୋଲି ସୂଚନା ରହିଛି। ବ୍ୟାଙ୍କ ନ ଥିବା ସ୍ଥାନର ପ୍ରାୟ ୧୫ କିମି ଅଞ୍ଚଳ ମଧ୍ୟରେ ଏହି ବ୍ୟାଙ୍କଗୁଡ଼ିକ ଖୋଲିବାକୁ କୁହାଯାଇଛି ବୋଲି ଜଣେ ବରିଷ୍ଠ ବ୍ୟାଙ୍କର କହିଛନ୍ତି। ପଞ୍ଚାୟତ ସ୍ତରରେ ପହଞ୍ଚି ଲୋକଙ୍କୁ ଋଣ ଯୋଗାଣ ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି। ମାର୍ଚ୍ଚ ୨୦୧୯ ଡାଟା ମୁତାବକ ବର୍ତ୍ତମାନ ସାରା ଦେଶରେ ୧.୨୦ ଲକ୍ଷ ବ୍ୟାଙ୍କ ଶାଖା ଏବଂ ୨ ଲକ୍ଷ ଏଟିଏମ୍ ରହିଛି। ଏହା ମଧ୍ୟରୁ ୩୫,୬୪୯ ଶାଖା ଗ୍ରାମାଞ୍ଚଳରେ ରହିଛି। ସେହିଭଳି ଏହି ସମୟରେ ଆଞ୍ଚଳିକ ବ୍ୟାଙ୍କଗୁଡ଼ିକ ସାରା ଦେଶରେ ୫୨ ହଜାର ଶାଖା ଦ୍ୱାରା ସେବା ଯୋଗାଇ ଦେଉଛନ୍ତି। ୨୦୧୮ରେ ଏହି ବ୍ୟାଙ୍କଗୁଡ଼ିକ ୩% ହାରରେ ଅଭିବୃଦ୍ଧି ହାସଲ କରିଥିବା ରିପୋର୍ଟରୁ ସାମ୍ନାକୁ ଆସିଛି।

# ବରଫ ତଳୁ ନାବାଳିକା ଉଦ୍ଧାର

ଇସ୍‌ଲାମାବାଦ,୧୬ା୧(ପି.ଟି.)

ପାକ୍ ଅଧିକୃତ କଶ୍ମୀରର ନିଲମ ଉପତ୍ୟକାରେ ହିମସ୍ଖଳନ ଯୋଗୁ ବରଫ ଅତଡ଼ା ତଳେ ପୋତିହୋଇଯାଇଥିବା ଜଣେ ୧୨ ବର୍ଷର ବାଳିକାଙ୍କୁ ୧୮ ଘଣ୍ଟା ପରେ ଜୀବନ୍ତ ଉଦ୍ଧାର କରାଯାଇଛି।

**ସଫଳ ହେଲା ୧୮ ଘଣ୍ଟାର ଅପରେଶନ**

ଏଭଳି ଆଶ୍ଚର୍ଯ୍ୟଜନକ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଶାମିନା ବିବି ନାମ୍ନୀ ଏହି ନାବାଳିକା ତାଙ୍କ ପରିବାର ସହ ଏକ ତିନିମହଲା ବିଲ୍ଡିଂରେ ରହୁଥିବାବେଳେ ମଙ୍ଗଳବାର ହିମସ୍ଖଳନରେ ତାହା ବରଫାବୃତ ହୋଇଯାଇଥିଲା। ବୁଧବାର ବିପର୍ଯ୍ୟୟ ପ୍ରଶମନ ଟିମ୍ ଉଦ୍ଧାର କାର୍ଯ୍ୟ ଚଳାଇଥିବାବେଳେ ତାଙ୍କୁ ଜୀବନ୍ତ ଠାବ କରାଯାଇଥିଲା। ତାଙ୍କର ଗୋଟିଏ ଗୋଡ଼ର ହାଡ଼ ଭାଙ୍ଗିଯିବା ସହ ପାଟିରୁ ରକ୍ତ ବାହାରୁଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ମୁଜାଫରାବାଦ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେ ସେ ବିପଦମୁକ୍ତ ବୋଲି ହସ୍ପିଟାଲ ସୂତ୍ରରୁ କୁହାଯାଇଛି। ତାଙ୍କ ପରିବାରର ଅନ୍ୟ ଦୁଇ ପିଲା ହିମସ୍ଖଳନରେ ପ୍ରାଣ ହରାଇଛନ୍ତି।

# ତ୍ରିପୁରାରେ ସ୍ଥାୟୀ ଭାବେ ରହିବେ ବ୍ରୁ ଆଦିବାସୀ

ନୂଆଦିଲ୍ଲୀ,୧୬ା୧

ମିଜୋରାମରୁ ବିସ୍ଥାପିତ ହୋଇ ତ୍ରିପୁରାରେ ୧୯୯୭ରୁ ଶରଣାର୍ଥୀ ଭାବେ ରହିଆସିଥିବା ୩୦୦୦୦ରୁ ଊର୍ଦ୍ଧ୍ୱ ବ୍ରୁ ସମ୍ପ୍ରଦାୟର ଆଦିବାସୀମାନେ ଏଣିକି ସେଠାରେ ସ୍ଥାୟୀ ଭାବେ ରହିବେ। ଏନେଇ ଗୁରୁବାର କେନ୍ଦ୍ର ସରକାର, ତ୍ରିପୁରା ଓ ମିଜୋରାମ ରାଜ୍ୟ ସରକାର ଏବଂ ବ୍ରୁ-ରେଆଙ୍ଗ ପ୍ରତିନିଧିଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ସ୍ୱାକ୍ଷର ବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଉପସ୍ଥିତ ଥିଲେ।

### ଚୁକ୍ତିନାମା ସ୍ୱାକ୍ଷରିତ

୧୯୯୭ରେ ମିଜୋରାମରେ ବ୍ରୁ ଏବଂ ମିଜୋ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହା ପରେ ବ୍ରୁ ଜନଜାତି ସେଠାରୁ ପଳାଇଆସି ତ୍ରିପୁରାର ବିଭିନ୍ନ ରିଲିଫ କ୍ୟାମ୍ପରେ ଆଶ୍ରୟ ନେଇଥିଲେ। ସେମାନଙ୍କୁ ମିଜୋରାମ ଫେରାଇ ନେବା ପାଇଁ ୨୦୧୮ ଜୁଲାଇରେ ଏକ ରାଜିନାମା ସ୍ୱାକ୍ଷର ହୋଇଥିଲା। ତେବେ ଅଧିକାଂଶ ବ୍ରୁ ସଦସ୍ୟ ମିଜୋରାମ ଫେରିବାକୁ ମନା କରିଦେଇଥିଲେ। ବର୍ତ୍ତମାନ ସୁଦ୍ଧା ମାତ୍ର ୩୨୮ ପରିବାର ମିଜୋରାମ ଫେରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୨୩ ବର୍ଷର ଏହି ସମସ୍ୟାର ସମାଧାନ ହୋଇପାରିଛି ବୋଲି ଶାହା କହିଛନ୍ତି। ରାଜିନାମା ଅନୁଯାୟୀ ପ୍ରତି ପରିବାରର ଆକାଉଣ୍ଟରେ ସରକାର ୪ ଲକ୍ଷ ଟଙ୍କା ସ୍ଥାୟୀ ଜମା କରିବେ ଓ ଦୁଇବର୍ଷ ପର୍ଯ୍ୟନ୍ତ ମାସକୁ ୫୦୦୦ ଟଙ୍କା, ତ୍ରିପୁରାରେ ଜମି, ଦୁଇବର୍ଷ ପାଇଁ ରାଶନ ଯୋଗାଇଦେବେ। ଏଥିପାଇଁ କେନ୍ଦ୍ର ସରକାର ୬୦୦ କୋଟି ଟଙ୍କା ଯୋଗାଇଦେବେ।

# ଶିକ୍ଷା ବ୍ୟବସ୍ଥା ଅନୁଧ୍ୟାନ ଲାଗି ସିଙ୍ଗାପୁର ଯିବେ ୭ ଜିଲାପାଳ, ୩ ଡିଇଓ

ଭୁବନେଶ୍ୱର,୧୬ା୧(ବ୍ୟୁରୋ)

### ମୋ ସ୍କୁଲ ଅଭିଯାନକୁ ଗୁରୁତ୍ୱ

ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ (ଏମ୍ଏସଏପିଏସ) ପକ୍ଷରୁ ୧୧ଜଣ ସଦସ୍ୟ ବିଦେଶ ଗସ୍ତ କରିବେ। ଏହି ଟିମ୍‌ରେ ୭ଜଣ ଜିଲାପାଳ, ଜଣେ ଅତିରିକ୍ତ ସଚିବ ଏବଂ ୩ଜଣ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ମିଳିତ ଭାବେ ସିଙ୍ଗାପୁର ଗସ୍ତ କରିବେ। ଗତ ୨୯ତାରିଖରେ ଅନୁଷ୍ଠିତ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନର କାର୍ଯ୍ୟକାରୀ ପରିଷଦ ବୈଠକରେ ଏନେଇ ନିଷ୍ପତ୍ତି ହେବାପରେ ଏହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଜାନୁୟାରୀରେ ଏହି ଟିମ୍ ସିଙ୍ଗାପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସିଙ୍ଗାପୁର ସରକାରଙ୍କ ଶିକ୍ଷା କର୍ତ୍ତୃପକ୍ଷଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସିଙ୍ଗାପୁର ସରକାରଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ସକାଶେ ଅନୁରୋଧ ମଧ୍ୟ କରାଯାଇଛି। ସେଠାରେ ଶିକ୍ଷା କ୍ଷେତ୍ରରେ ସରକାର କିପରି ପଦକ୍ଷେପ ନେଉଛନ୍ତି ତା' ଉପରେ ଏହି ଟିମ୍ ତର୍ଜମା କରିବେ। ଉକ୍ତ ଟିମ୍‌ରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ, ନବରଙ୍ଗପୁର ଜିଲାପାଳ ଅଜିତ ମିଶ୍ର, ସୁନ୍ଦରଗଡ ଜିଲାପାଳ ନିଖିଳ ପବନ କଲ୍ୟାଣ, ପୂର୍ବତନ ବରଗଡ ଜିଲାପାଳ ତଥା ଅତିରିକ୍ତ ସଚିବ ଥିବା ଇନ୍ଦ୍ରମଣି ତ୍ରିପାଠୀ, କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା, କେନ୍ଦୁଝର ଜିଲାପାଳ ଆଶିଷ ଠାକରେ, ଗଜପତି ଜିଲାପାଳ ଅନୁପମ ଶାହ, ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା, ବରଗଡ ଡିଇଓ ପ୍ରକାଶ ଯୋଶୀ ଏବଂ ଖୋର୍ଦ୍ଧା ଜିଲା ଡିଇଓ ବୃନ୍ଦାବନ ଶତପଥୀ ଅଛନ୍ତି। ଯେଉଁ ଜିଲାଗୁଡ଼ିକ ମୋ ସ୍କୁଲ ଅଭିଯାନରେ ଭଲ ପ୍ରଦର୍ଶନ କରିଛନ୍ତି ସେହି ଜିଲାର ଜିଲାପାଳ ଏବଂ ଡିଇଓଙ୍କୁ ଟିମ୍‌ରେ ରଖାଯାଇଛି। ରାଜ୍ୟର ସରକାରୀ ସ୍କୁଲଗୁଡ଼ିକରେ ଭିତ୍ତିଭୂମି ବିକାଶ ପାଇଁ ୨୦୧୭ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ସ୍କୁଲ ଅଭିଯାନ ଆରମ୍ଭ କରିଥିଲେ। ଏଥିରେ ବିଦ୍ୟାଳୟଗୁଡ଼ିକର ପୁରାତନ ଛାତ୍ରୀଛାତ୍ରଙ୍କ ଠାରୁ ଆର୍ଥିକ ସହାୟତା ସାଙ୍ଗକୁ ବିଭିନ୍ନ ଉପକରଣ ଗ୍ରହଣ କରାଯାଉଛି। ଗୋଟିଏ ସ୍କୁଲ ଯେତିକି ପରିମାଣ ସହାୟତା ଯୋଗାଡ କରିବ ରାଜ୍ୟ ସରକାର ତାର ଦୁଇଗୁଣା ଅନୁଦାନ ସମ୍ପୃକ୍ତ ବିଦ୍ୟାଳୟକୁ ପ୍ରଦାନ କରୁଛନ୍ତି। ଅନେକ ବିଦ୍ୟାଳୟ ଏହି କାର୍ଯ୍ୟକ୍ରମ ଜରିଆରେ ଭଲ ପ୍ରଦର୍ଶନ କରୁଥିବାରୁ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ସରକାର ରହିଛନ୍ତି। ଏହାସହ ନୂଆ ଚିନ୍ତାଧାରା ଅନୁଧ୍ୟାନ ପାଇଁ ଉପରୋକ୍ତ ଟିମ୍‌ର ପରିଦର୍ଶନ ଲାଭଦାୟକ ହେବ ବୋଲି ସରକାର ଆଶା ରଖିଛନ୍ତି।

# 'ସୁପ୍ରିମକୋର୍ଟ ଓକିଲଙ୍କ ସର୍ବନିମ୍ନ ଅଭିଜ୍ଞତା ରହୁ'

ନୂଆଦିଲ୍ଲୀ,୧୬ା୧ (ଆଇଏଏନ୍‌ଏସ୍)



ସିଜେଆଇ ଏସ୍.ଏ. ବୋବ୍‌ଡେ

ସୁପ୍ରିମକୋର୍ଟରେ ବିଭିନ୍ନ ମାମଲାର ଜରୁରୀ ଶୁଣାଣି ପାଇଁ ଦାବି କଲାବେଳେ କେତେଜଣ ଆଇନଜୀବୀଙ୍କ ବ୍ୟବହାରକୁ ନେଇ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସର୍ବୋଚ୍ଚ ଅଦାଲତରେ ମାମଲା ଲଢ଼ିବାକୁ ହେଲେ ଓକିଲମାନଙ୍କ ପାଇଁ ବାର୍ ସର୍ବନିମ୍ନ ଅଭିଜ୍ଞତା ମାନଦଣ୍ଡ ଧାର୍ଯ୍ୟ କରୁ ବୋଲି ଗୁରୁବାର ସିଜେଆଇ ପ୍ରସ୍ତାବ ଦେଇଛନ୍ତି। ସିଜେଆଇଙ୍କ ସମେତ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ବରିଷ୍ଠ ଆଇନଜୀବୀ ତଥା ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍‌ର ଅଧ୍ୟକ୍ଷ ଦୁଷ୍ୟନ୍ତ ଡାଭେଙ୍କୁ ଏ ସମ୍ପର୍କରେ ଜଣାଇଛନ୍ତି। ମାମଲାର ଜରୁରୀ ଶୁଣାଣି ଲାଗି ତାଲିକାଭୁକ୍ତ କଲାବେଳେ ଆଇନଜୀବୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ସମ୍ପର୍କରେ ଡାଭେ ଖଣ୍ଡପୀଠଙ୍କୁ ଜଣାଇଥିଲେ।

# ଦାବିନ୍ଦରଙ୍କ ପୋଲିସ ମେଡାଲ ପ୍ରତ୍ୟାହୃତ

ଶ୍ରୀନଗର,୧୬ା୧(ପି.ଟି.)

ଆତଙ୍କବାଦୀଙ୍କ ସହ ଧରାପଡି ଗିରଫ ହୋଇଥିବା ଡିଏସ୍‌ପି ଦାବିନ୍ଦର ସିଂଙ୍କଠାରୁ ଜମ୍ମୁ-କଶ୍ମୀର ପ୍ରଶାସନ ବୀରତା ପୁରସ୍କାର ପ୍ରତ୍ୟାହାର କରିନେଇଛି। ନିଲମ୍ବିତ ହୋଇଥିବା ଏହି ପୋଲିସ ଅଫିସରଙ୍କ କାର୍ଯ୍ୟ ନିଷ୍ଠାହୀନତାର ପ୍ରମାଣ ଦେବା ସହ ପୋଲିସ ବିଭାଗର ମର୍ଯ୍ୟାଦା ହାନି କରିଛି। ୨୦୧୮ରେ ଦାବିନ୍ଦରଙ୍କୁ ରାଜ୍ୟର ସର୍ବୋଚ୍ଚ ପୋଲିସ ପୁରସ୍କାର(ସାହସିକତା ପାଇଁ ଶେର-ଇ-କଶ୍ମୀର ପୋଲିସ ମେଡାଲ)



ପ୍ରଦାନ କରାଯାଇଥିଲା। ଗତ ଶନିବାର ସେ ହିଜବୁଲ ମୁଜାହିଦ୍ଦିନର ଦୁଇଜଣ ଆତଙ୍କବାଦୀ ନଭିଦ୍ ବାବା ଓ ଅଲତାଫଙ୍କ ସହ ଗୋଟିଏ କାରରେ ଯାଉଥିବାବେଳେ କୁଲ୍‌ଗାମ୍ ଜିଲାର ମିର୍ ବଜାରରୁ ଗିରଫ ହୋଇଥିଲେ। ଆତଙ୍କବାଦୀଙ୍କୁ ଜମ୍ମୁ-କଶ୍ମୀର ବାହାରକୁ ଯିବାରେ ଦାବିନ୍ଦର ସହଯୋଗ କରୁଥିଲେ। ଉକ୍ତ ଗାଡ଼ିରୁ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଥିଲା। ପୋଲିସ ବିଭାଗ ପ୍ରତି ତାଙ୍କର ନିଷ୍ଠାହୀନତାର ପ୍ରମାଣ ମିଳିଥିବାରୁ ବୀରତା ମେଡାଲ ପ୍ରତ୍ୟାହାର କରାଗଲା ବୋଲି ସରକାରୀ ନିର୍ଦ୍ଦେଶନାମାରେ କୁହାଯାଇଛି। ଆତଙ୍କବାଦୀଙ୍କ ସହ ଦାବିନ୍ଦରଙ୍କ ସମ୍ପର୍କକୁ ନେଇ ଏନ୍ଆଇଏ ତଦନ୍ତ ଚଳାଇଛି।


# CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BALAJI FINANCE (Reg.No. KA4535FDH852KL)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9415512879

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍‌ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

BUSINESS

JOB JOB
ଶିବାନୀ SMS ଜବ୍ ପାର୍ଟ ଟାଇମ୍/ଫୁଲ୍ ଟାଇମ୍ JOB ALL ଓଡ଼ିଶାର ସବୁ ଜିଲ୍ଲା ଅନୁସାରେ ପୁଅ/ଝିଅ, ବେରୋଜଗାର, ଗୃହିଣୀ, ବେରୋଜଗାରୀ/ମାନ୍ଦାବସ୍ଥା ସମୟରେ ଆୟର ସୁବର୍ଣ୍ଣ ସୁଯୋଗ 15,000/-ରୁ 20,000/- ରୋଜଗାର କରନ୍ତୁ। ଲାପଟପ୍, ମୋବାଇଲ, ବାଇକ୍ ମାଗଣା। ଅନ୍‌ଲାଇନ୍ SMS କରନ୍ତୁ। ଜବ୍ ଆଇ.ଡି. ପାଇଁ ଯୋଗାଯୋଗ କରନ୍ତୁ।
7265982706
7064678575

2003ଠାରୁ ଆପଣଙ୍କ ସେବାରେ
TOWER VISION CO.
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
ଜମିର ନିରୀକ୍ଷଣ କରାନ୍ତୁ ଓ ନିଜ ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
073762-57896
094994-92906
ADDRESS: T-51, GAUTAMPURI, DELHI

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଳି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବାଉଁଶିଆ-ଅଶ୍ୱିନପୁର ରାସ୍ତାରେ ଗୁରୁବାର ଟ୍ରାକ୍ଟର ଓଲଟି ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟ୍ରାକ୍ଟର ଚାଳକ ବି.ନୂଆପଲ୍ଲୀର ଶମ୍ଭୁ ନାୟକ (୨୭) ଓ ଉକ୍ତ ଗ୍ରାମର ଶ୍ରମିକ ମୁନା ନାଏକ (୨୫)। ଗୁରୁବାର ଅପରାହ୍ନରେ ବି.ନୂଆପଲ୍ଲୀ ନିକଟ ଘୋଡ଼ାମୁହାଁ ପାହାଡ଼କୁ ପଥର ଆଣିବାକୁ ଶମ୍ଭୁ ଓ ମୁନା ଟ୍ରାକ୍ଟର (ଓଡି୦୭ଏକ୍ସ-୫୪୬୨) ନେଇ ଯିବାବେଳେ ଅସାବଧାନତା ଯୋଗୁ ବାଉଁଶିଆ-ଅଶ୍ୱିନପୁର ରାସ୍ତା ପାର୍ଶ୍ୱକୁ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ଏହାତଳେ ଶମ୍ଭୁ ଓ ମୁନା ଚାପିହୋଇ ରହି ଯାଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ‘ମୋ ସରକାର’ରେ ସାମିଲ ହେଲା ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ବିଭାଗ

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ)**

ଶିଳ୍ପ ବିଭାଗ ଏବଂ ସୂକ୍ଷ୍ମ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ (ଏମ୍‌ଏସ୍‌ଏମ୍‌ଇ) ‘ମୋ ସରକାର’ରେ ସାମିଲ ହେଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଲୋକସେବା ଭବନଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହା ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋ ସରକାର ଲକ୍ଷ୍ୟ ଅନୁଯାୟୀ ଏହି ଦୁଇଟି ବିଭାଗ ନୂତନ ଉତ୍ତରଦାୟିତ୍ୱ ନେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଛି। ଗତ ଅକ୍ଟୋବର ୨ ତାରିଖରେ ମୋ ସରକାର ଘୋଷଣା କରାଯାଇଥିଲା। ସେତେବେଳେ ଗୃହ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ସାମିଲ କରାଯାଇଥିଲା। ପରେ ଅନ୍ୟ ବିଭାଗଗୁଡ଼ିକୁ ଏଥିରେ ସାମିଲ କରାଯାଉଛି। ସମସ୍ତ ସରକାରୀ କର୍ମଚାରୀ ମୋ ସରକାରର ମୂଳ ଲକ୍ଷ୍ୟ ବିଷୟରେ ସଚେତନ ନିଶ୍ଚିତ ହୋଇଯାଇଥିବେ। ବ୍ରିଟିଶ ଶାସନ ସମୟରୁ ମୌଳିକ ମନସ୍ତାତ୍ତ୍ୱିକ ସାଧାରଣ ସେବା ବ୍ୟବସ୍ଥାରେ ପ୍ରଚଳିତ ହୋଇ ଆସୁଥିଲା। ବଜାର ଅର୍ଥନୀତିରେ ଗରାଖ ଯେପରି ରାଜା, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଲୋକମାନେ ସେହି ସ୍ଥାନର ଅଧିକାରୀ। ଲୋକମାନଙ୍କର ସେବା କରିବାକୁ ଆମେ ରହିଛୁ। ଏହାକୁ ଯଦି ମୂଳନୀତି ଧରାଯିବ ତେବେ ପେସା, ଦକ୍ଷତା ଓ ସ୍ୱଚ୍ଛତା ଆପେ ଆପେ ତାକୁ ଅନୁସରଣ କରିବ। ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ମେକ୍ ଇନ ଓଡ଼ିଶା ଭଳି ନୂତନ ଚିନ୍ତାଧାରା ଆପଣାଇଛି। ଦୁଇଟି ମେକ୍ ଇନ ଓଡ଼ିଶା କାର୍ଯ୍ୟକ୍ରମ ଯୋଗୁ ରାଜ୍ୟରେ ୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ଆଗ୍ରହ ପ୍ରକାଶ ପାଇଛି। ନିକଟରେ ଓଡ଼ିଶା ଏକ ପୁଞ୍ଜିନିବେଶ ପାଇଁ ଉତ୍କୃଷ୍ଟ କ୍ଷେତ୍ରରେ ପରିଣତ ହୋଇପାରିଛି। ୨୦୧୯ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଦେଶର ମୋଟ ପୁଞ୍ଜିନିବେଶର ୧୮ ପ୍ରତିଶତ ଓଡ଼ିଶାକୁ ଆସିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶିଳ୍ପମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଥିଲେ ଯେ, ଏହା ପୁଞ୍ଜିନିବେଶକାରୀଙ୍କୁ ଅଧିକ ଆକୃଷ୍ଟ କରିପାରିବ। ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ କହିଥିଲେ, ଶିଳ୍ପ ବିଭାଗର ଅଧିକାରୀମାନେ ଅଧିକ ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ୫-ଟି ସଚିବ ଭି.କେ. ପାଣ୍ଡିଆନ କଳାହାଣ୍ଡି, କଟକ, ଯାଜପୁର, ଅନୁଗୋଳ ଜିଲା ଶିଳ୍ପକେନ୍ଦ୍ରର ମ୍ୟାନେଜର ଏବଂ ରାଉରକେଲା, ସମ୍ବଲପୁର ଓ ଗଜପତି ଜିଲାର ଇଡ୍‌କୋ ମ୍ୟାନେଜରଙ୍କ ସହ ମୋ ସରକାରର ଆଭିମୁଖ୍ୟ ନେଇ ଆଲୋଚନା କରିଥିଲେ।

# ଅଣସଙ୍ଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ)**

ଅଣସଙ୍ଗଠିତ ଶ୍ରମିକମାନଙ୍କ ତ୍ୟାଗ, ନିଷ୍ଠା ଓ ଅକ୍ଳାନ୍ତ ପରିଶ୍ରମ ଯୋଗୁ ରାଜ୍ୟରେ ବିକାଶ ଧାରା ତ୍ୱରାନ୍ୱିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାର ସର୍ବାଙ୍ଗୀନ ଉନ୍ନତି ସହ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ ଦେଇଆସୁଛନ୍ତି। ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ଼ର ପଞ୍ଚମ ବୈଠକରେ ଯୋଗଦେଇ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଗୁରୁବାର ଏହା କହିଛନ୍ତି।

ମନ୍ତ୍ରୀ ସିଂ କହିଥିଲେ, ଏହି ପରିପ୍ରେକ୍ଷୀରେ ନିକଟରେ ଓଡ଼ିଶା ଅଣସଙ୍ଗଠିତ ସାମାଜିକ ସୁରକ୍ଷା ନିୟମାବଳୀକୁ ସଂଶୋଧନ କରାଯାଇ ଅଣସଂଗଠିତ ଶ୍ରମିକମାନଙ୍କର ପଞ୍ଜୀକରଣ ଦେୟ ୩୦ ଟଙ୍କା ଓ ବାର୍ଷିକ ଦେୟ ୫୦ ଟଙ୍କାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ପଞ୍ଜୀକୃତ ଶ୍ରମିକଙ୍କ ନବୀକରଣର ଅବଧିକୁ ୧ ବର୍ଷରୁ ୩ ବର୍ଷକୁ ବୃଦ୍ଧି କରାଯାଇଛି। ବୋର୍ଡ଼ ତରଫରୁ ଅନ୍‌ଲାଇନ୍ ବ୍ୟବସ୍ଥା ମାଧ୍ୟମରେ ହିତାଧିକାରୀ ପଞ୍ଜୀକରଣ ଓ ସହାୟତା ପ୍ରଦାନ ସହିତ ବୋର୍ଡର ସମସ୍ତ କାର୍ଯ୍ୟାବଳୀ ଉପରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଏହାର ନିଜ ୱେବ୍‌ସାଇଟ୍ ପ୍ରସ୍ତୁତ ପାଇଁ ପଦକ୍ଷେପ ନିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ଏହାବ୍ୟତୀତ, ବୋର୍ଡ ତରଫରୁ କିଛି ନୂତନ ସାମାଜିକ ସୁରକ୍ଷା ଯୋଜନା ଯଥା- ପଞ୍ଜୀକୃତ ଅଣସଙ୍ଗଠିତ ଶ୍ରମିକମାନଙ୍କ ପିଲାମାନଙ୍କୁ ସାଧାରଣ ତଥା ବୈଷୟିକ ଶିକ୍ଷା ନିମନ୍ତେ ଶିକ୍ଷା ସହାୟତା ଏବଂ ମେଧାବୀ ପିଲାମାନଙ୍କୁ ଛାତ୍ରବୃତ୍ତି ସହାୟତା ସହିତ ଘରୋଇ କ୍ଷେତ୍ରରେ ନିୟୋଜିତ ଶ୍ରମିକମାନଙ୍କ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ ବାବଦରେ ଆଲୋଚନା କରାଯାଇ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଛି।

ଏହାକୁ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବ। ଏହିସବୁ ଯୋଜନା ଅଣସଙ୍ଗଠିତ ଶ୍ରମିକ ଓ ସେମାନଙ୍କ ପରିବାରର ସାମାଜିକ ସୁରକ୍ଷା ଦିଗରେ ନିଶ୍ଚିତ ରୂପେ ସହାୟକ ହେବ ବୋଲି ମନ୍ତ୍ରୀ ସିଂ ପ୍ରକାଶ କରିଥିଲେ। ବୈଠକରେ ରାଜ୍ୟ ଶ୍ରମ କମିଶନର ଡ. ଏନ୍. ଥିରୁମାଲା ନାୟକ, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ଡେପୁଟି କମିଶନର ଅଜୟ କୁମାର ପଟ୍ଟନାୟକ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁଧାକରଣ ବୁର୍ଗୀ, ଉପ ଶାସନ ସଚିବ ଜ୍ୟୋତିର୍ମୟ ନାୟକଙ୍କ ସମେତ ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡର ସଦସ୍ୟ ଥିବା କର୍ମକର୍ତ୍ତା ଯୋଗେନ୍ଦ୍ର ନାଥ ତ୍ରିପାଠୀ, ସୌରୀବନ୍ଧୁ କର, ବିଷ୍ଣୁଚରଣ ମହାନ୍ତି, କିଶୋର ଜେନା, ମହେନ୍ଦ୍ର ପରିଡ଼ା ଓ ମୋହନ ନାୟକ ପ୍ରମୁଖ ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ।

# ଓଡ଼ିଶା ଫେରିବ ବିଜୁବାବୁଙ୍କ ଡାକୋଟା ବିମାନ

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ)**

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖିବେ ସରକାର

ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅତି ପ୍ରିୟ ସାଥୀ ଡାକୋଟା ବିମାନ ଓଡ଼ିଶା ଫେରିବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖାଯିବ ବୋଲି ରାଜ୍ୟ ପରିବହନ ବିଭାଗ ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ର ଗୁରୁବାର ସୂଚନା ଦେଇଛନ୍ତି। ବିଜୁବାବୁଙ୍କ କଳିଙ୍ଗ ଏୟାରଲାଇନ୍ସର ଡାକୋଟା ବିମାନ ଏବେ ପଶ୍ଚିମବଙ୍ଗର ନେତାଜୀ ବିମାନବନ୍ଦରରେ ଜରାଜୀର୍ଣ୍ଣ ଅବସ୍ଥାରେ ଡମ୍ପିୟାର୍ଡରେ ପଡ଼ିରହିଛି। ଏହାକୁ ଓଡ଼ିଶା ଫେରାଇ ଆଣିବା ସକାଶେ ଲୋକସେବା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଡାକୋଟା ଫେରାଇ ଆଣିବା ନେଇ ଏକ ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ମନୋଜ ମିଶ୍ର କହିଛନ୍ତି। ଓଡ଼ିଶାକୁ ଡାକୋଟା ବିମାନ ଆସିବା ପରେ କେଉଁଠି ରହିବ, ସେନେଇ ନିଷ୍ପତ୍ତି ନିଆଯିବ ବୋଲି ପରିବହନ ସଚିବ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୧୯୪୭ ମସିହାରେ ପାକିସ୍ତାନୀ ଶତ୍ରୁବଳୟ ଭିତରେ ପଶି ଶ୍ରୀନଗରରେ ଭାରତୀୟ ସେନାକୁ ଏୟାରଲିଫ୍ଟ କରିବା ହେଉ ବା ସେନା ପାଇଁ ଗୋଳାବାରୁଦ ଓ ଔଷଧ ପରିବହନ ସହ ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀଙ୍କୁ ଡଚ୍‌ଙ୍କ କବଳରୁ ଉଦ୍ଧାର ଏହି ସମସ୍ତ ଦୁଃସାହସିକ ଅଭିଯାନରେ ବିଜୁବାବୁଙ୍କ ସାଥୀ ଥିଲା ଡାକୋଟା ବିମାନ। ଏହା ପଶ୍ଚିମବଙ୍ଗ ବିମାନବନ୍ଦରରେ ଦୟନୀୟ ଅବସ୍ଥାରେ ପଡ଼ିଥିବାବେଳେ ଏହାକୁ ଫେରାଇ ଆଣିବାକୁ ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆର ଅଧ୍ୟକ୍ଷଙ୍କୁ ପୂର୍ବରୁ ରାଜ୍ୟ ସରକାର ଚିଠି ଲେଖି ସାରିଛନ୍ତି। ସେହି ସମୟରେ ଡାକୋଟା ବିମାନକୁ ଓଡ଼ିଶା ଅଣାଯାଇ ତାକୁ ସ୍ମାରକୀରେ ପରିଣତ କରିବାକୁ ଯୋଜନା କରାଯାଇଥିଲା। ମାତ୍ର କେଉଁଠାରେ ଏହା ରଖାଯିବ, ସେନେଇ କିଛି ସ୍ଥିର ହୋଇ ନ ଥିଲା। ଏହା ବିଜୁବାବୁଙ୍କ ଜନ୍ମସ୍ଥାନ କଟକ ଆନନ୍ଦ ଭବନରେ ରଖିବାକୁ ଯୋଜନା ହେଉଥିବା ବେଳେ ସେଠାରେ ଏହାକୁ ରଖିବା ଭଳି ବଡ଼ ସ୍ଥାନ ନ ଥିବାରୁ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ରଖିବା ନେଇ ଚିନ୍ତା କରାଯାଉଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ରିତେଶ

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ)**

ଓୟୋ ଗ୍ରୁପ ମୁଖ୍ୟ କାର୍ଯ୍ୟନିର୍ବାହୀ(ସିଇଓ) ରିତେଶ ଅଗ୍ରୱାଲ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ସୌଜନ୍ୟମୂଳକ ସାକ୍ଷାତ ପରେ ରୀତେଶ କହିଛନ୍ତି ଯେ, ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ପାଇଛି। ରାଜ୍ୟରେ ଓୟୋ ଗ୍ରୁପର ୭୫୦୦ ରୁମ୍ ରହିଛି। ଗତବର୍ଷ ଓୟୋ ଲକ୍ଷାଧିକ ଗ୍ରାହକଙ୍କୁ ସେବା ପ୍ରାୟ ୫୦୦୦ ବ୍ୟକ୍ତିବିଶେଷଙ୍କୁ ରୋଜଗାର ଯୋଗାଇଛି। ଓଡ଼ିଶା ମୋ ନିଜ ଜନ୍ମଭୂମି ଏବଂ ଏହି ମାଟି କିଛି ନୂଆ



କରିବା ପାଇଁ ପ୍ରେରଣା ଦେଇଥାଏ। ପୁରୀ ଦେଶର ଅନ୍ୟତମ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ବିଶ୍ୱର କୋଣଅନୁକୋଣରୁ ଲୋକେ ବେଳାଭୂମି, ଧର୍ମୀୟ, ସର୍ଫିଂ ପର୍ଯ୍ୟଟନ ପାଇଁ ଏଠାକୁ ଆସିବା ଲାଗି ଆଗ୍ରହ ପ୍ରକାଶ କରିଥାଆନ୍ତି ବୋଲି ରିତେଶ କହିଛନ୍ତି।

# ବିମାନ ସେବାରେ ସୁଧାର ପାଇଁ ସରକାରଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୧୬।୧**

ରାଜ୍ୟରେ ବିମାନବନ୍ଦରଗୁଡ଼ିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ବିମାନ ପରିଚାଳନା ସଂସ୍ଥା ମଧ୍ୟରେ ଉଚ୍ଚସ୍ତରୀୟ ବୈଠକ ହେବା ନେଇ ଘୋଷଣା ପରେ ଶୁକ୍ରବାର ରାଜ୍ୟ ସରକାରଙ୍କ ତରଫରୁ ୬ଟି କାର୍ଯ୍ୟସୂତ୍ରୀ ବିଭିନ୍ନ ବିଭାଗକୁ ଜାରି କରାଯାଇଛି। ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କାର୍ଯ୍ୟସୂଚୀ ମଧ୍ୟରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ(ଭୁବନେଶ୍ୱର), ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର (ଝାରସୁଗୁଡ଼ା), ରାଉରକେଲା ବିମାନ ବନ୍ଦର, ସୁନ୍ଦରଗଡ଼ ଏବଂ ଜୟପୁର, କୋରାପୁଟ ବିମାନ ବନ୍ଦର ପାଇଁ ଜମି ଅଧିଗ୍ରହଣରୁ ଆରମ୍ଭ କରି ପ୍ରତିପୂରଣ ପାଇଁ ଅର୍ଥର ଆବଶ୍ୟକତା ପରି ବହୁ ଅସୁବିଧା ବିଷୟରେ କୁହାଯାଇଛି। ରାଜ୍ୟରେ ବିମାନ ଯାତ୍ରାକୁ ଉନ୍ନତ ଧରଣର କରିବା ପାଇଁ ଆସନ୍ତା ଜାନୁୟାରୀ ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ହେବା ନେଇ ପୂର୍ବରୁ ସୂଚୀବଦ୍ଧ ରହିଛି। ଏହି ବୈଠକର ଅନ୍ୟ ପ୍ରସଙ୍ଗ ମଧ୍ୟରେ ସମାନ୍ତରାଳ ଟ୍ୟାକ୍ସି ଟ୍ରାକ୍ (ପିଟିଟି)ନିର୍ମାଣ ପାଇଁ ବସ୍ତି ଉଚ୍ଛେଦ ଏବଂ ସିଏଟି ୧ର ସଂସ୍ଥାପନ ପାଇଁ ଅନୁମତି ଆଦି ରହିଛି। ରାଜଧାନୀରେ ଉପଜୁଥିବା ଏୟାର ଟ୍ରାଫିକକୁ ମୁକାବିଲା କରିବା ପାଇ ୬୫.୬୫ କୋଟି ଟଙ୍କାରେ ୨.୭ କି.ମିର ପିଟିଟି ନିର୍ମାଣ କାର୍ଯ୍ୟ ଜାରିରହିଛି। ଯାହାକୁ ୨୦୧୯ ଜୁନ୍ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବିମାନ ବନ୍ଦର ପାଖରେ ରହୁଥିବା ବସ୍ତିବାସିନ୍ଦାଙ୍କ ଥଇଥାନ ହୋଇ ନ ଥିବା କାରଣରୁ ଏହି ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏହାସହ ଏହି ବୈଠକରେ ରାଉରକେଲା ବିମାନ ବନ୍ଦର ପାଇଁ ୧୮୪ ଏକର ଜମି ଅଧିଗ୍ରହଣ ଉପରେ ଆଲୋଚନା କରାଯିବ।

## ସଂକ୍ଷେପରେ

### ଚିଲିକା ମଝିରେ ଅଟକିଲା ଡଙ୍ଗା

**କୃଷ୍ଣପ୍ରସାଦ/ବ୍ରହ୍ମଗିରି, ୧୬।୧ (ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଗୁରୁବାର ଭୋରରୁ ସକାଳ ୯ଟା ଯାଏ ଦୀର୍ଘ ସମୟ ଧରି ଘନ କୁହୁଡି ହୋଇଥିଲା। ଫଳରେ ସାତପଡାଠାରୁ ସକାଳ ୭.୩୦ ମିନିଟରେ ଛାଡିଥିବା ଏକ ଯାତ୍ରୀବାହୀ ଡଙ୍ଗା ଚିଲିକା ମଝିରେ ବାଟବଣା ହୋଇ ଗୋଟିଏ କୁଦରେ ଲାଗି ଯାଇଥିଲା। ଉକ୍ତ ଡଙ୍ଗାରେ ୩୦ଜଣ ଯାତ୍ରୀ ଥିବାବେଳେ ୧୦ଟି ମୋଟରସାଇକେଲ ରହିଥିଲା। ଯାତ୍ରୀମାନଙ୍କ ମଧ୍ୟରେ ୫ ଜଣ ବୃଦ୍ଧ, ୩ ଜଣ ଶିଶୁ, ୫ ଜଣ ମହିଳା ଏବଂ ୧୭ଜଣ ପୁରୁଷ ଥିଲେ। ଯାତ୍ରୀମାନେ ଚିଲିକା ମଧ୍ୟରେ ଜଳବନ୍ଦୀ ହୋଇ ଆତଙ୍କିତ ଅବସ୍ଥାରେ ରହିଥିଲେ। ଦୀର୍ଘ ଦେଢ ଘଣ୍ଟା ଅଟକି ରହିବା ପରେ ସକାଳ ୯ ଟାରେ ଆକାଶ ସଫାହେବାରୁ ଯାତ୍ରୀମାନେ କୁଦରୁ ଓହ୍ଲାଇ ପାଣି ମଧ୍ୟକୁ ଯାଇ ଡଙ୍ଗାକୁ ଠେଲି ଭିତରକୁ ନେବା ପରେ ଅବସ୍ଥା ସ୍ୱାଭାବିକ ହୋଇଥିଲା। ଡଙ୍ଗା ଗନ୍ତବ୍ୟସ୍ଥଳକୁ ଯାଇଥିଲା। ଅନ୍ୟପକ୍ଷେ ଘନ କୁହୁଡି ଯୋଗୁ ଗୁରୁବାର ସକାଳେ ଯାତ୍ରୀବାହୀ ଭେସେଲ ଚଳାଚଳ ବନ୍ଦ କରାଯିବା ଯୋଗୁ ବହୁ ଯାତ୍ରୀ ହନ୍ତସନ୍ତ ହୋଇଥିଲେ। ବାଧ୍ୟହୋଇ କେତେକଙ୍କୁ ଡଙ୍ଗାରେ ଆସିବାକୁ ପଡିଥିଲା।

### ପୂର୍ବତନ ବିଧାୟକ ଲାକା ଲଚ୍ଛମାୟାଙ୍କ ବିୟୋଗ

**ମାଲକାନଗିରି, ୧୬।୧ (ଡି.ଏନ୍.ଏ.):** ମାଲକାନଗିରିର ପୂର୍ବତନ ବିଧାୟକ ଲାକା ଲଚ୍ଛମାୟାଙ୍କ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଯାଇଛି। ସେ ଏକାଧିକ ରୋଗରେ ପୀଡ଼ିତ ଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପଡିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ମାଲକାନଗିରି ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। କଂଗ୍ରେସ ଜିଲା ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ, ମାଲକାନଗିରି ପୂର୍ବତନ ବିଧାୟକ ତଥା ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡ଼କାମି, ବିଧାୟକ ଆଦିତ୍ୟ ମାଢ଼ି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରା ତାଙ୍କ ଶେଷ ଦର୍ଶନ କରିଥିଲେ। ଶୁକ୍ରବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ। ପ୍ରକାଶ ଯେ, ତାଙ୍କର ବଡ଼ ଭାଇ ପୂର୍ବରୁ ଜନତା ଦଳରେ ମାଲକାନଗିରି ବିଧାୟକ ଥିଲାବେଳେ ଲାକା ଲଚ୍ଛମାୟା କଂଗ୍ରେସ ଦଳର ବିଧାୟକ ହୋଇଥିଲେ।

### ଭ୍ରାମ୍ୟମାଣ ଆଇ କେୟାର ୟୁନିଟ୍‌ର ଶୁଭାରମ୍ଭ

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍‌ର ଏକ ଭ୍ରାମ୍ୟମାଣ କେୟାର ୟୁନିଟ୍‌କୁ ଗୁରୁବାର ଶୁଭାରମ୍ଭ କରିଛନ୍ତି। ନବୀନ ନିବାସ ବାହାରେ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ପୂର୍ବରୁ ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ଜି.ଏନ୍ ରାଓ, ଉପାଧ୍ୟକ୍ଷ ଡ. ତାରାପ୍ରସାଦ ଦାସ, ନିର୍ଦ୍ଦେଶକ ଡ. ଏସ୍. ରଥ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏଲ୍‌ଭିପି ଏବଂ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ମିଳିତ ସହଯୋଗରେ ‘ମୋବାଇଲ୍ ଆଇ କେୟାର ଭେଇକିଲ୍’ର ଶୁଭାରମ୍ଭ ହୋଇଛି।

### ସମବାୟ ସମିତି ଅଫିସରୁ ସମ୍ପାଦକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

**କୁକୁଡ଼ାଖଣ୍ଡି, ୧୬।୧ (ଡି.ଏନ୍.ଏ.):** ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଲୋଚାପଡା ସମବାୟ ସମିତି ବ୍ୟାଙ୍କ ସମ୍ପାଦକ ଡି.ଜଗନ୍ନାଥ ପାତ୍ରଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଅଫିସ ଡିପୋଜିଟ୍ କାଉଣ୍ଟରରୁ ଗୁରୁବାର ଅପରାହ୍ନରେ ଉଦ୍ଧାର ହୋଇଛି। ଶର୍ଟ ସର୍କିଟରୁ ନିଆଁ ଲାଗି ସେ ପୋଡି ଯାଇଥିବା ଅଗ୍ନିଶମ ବାହିନୀ ଅନୁମାନ କରୁଛି। ସଦରଥାନା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ତାଙ୍କୁ କେହି ଷଡ଼ଯନ୍ତ୍ର କରି ହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରି ଥାନାରେ ଅଭିଯୋଗ କରିଛନ୍ତି। ଲୋଚାପଡ଼ା ଗ୍ରାମରେ ଥିବା ଉକ୍ତ ଡିପୋଜିଟ କାଉଣ୍ଟରର ସମସ୍ତ କର୍ମଚାରୀ ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ମଧ୍ୟାହ୍ନଭୋଜନ ପାଇଁ ବାହାରକୁ ଯାଇଥିଲେ। ଜଗନ୍ନାଥ ଏକାକୀ କାଉଣ୍ଟରରେ ଥିଲେ। ଏହି ସମୟରେ ଅଫିସ ଭିତରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖି ବ୍ରହ୍ମପୁର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସଦର ଥାନା ଅଧିକାରୀ ସନ୍ତୋଷିନୀ ଓରାମ ସଦଳବଳ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲେ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି ବ୍ରହ୍ମପୁର ଦମକଳ କେନ୍ଦ୍ର ଅଧିକାରୀ ସନାତନ ମହାପାତ୍ର କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଅଲିଅଳି ହୋଇ ବଢ଼ିଛନ୍ତି,**
**ଭାତ ଟୋକି ଟୋକି ଖାଉଛନ୍ତି,**
**ହାତ ମୁଠି ମୁଠି କରୁଛନ୍ତି,**
**ହଂସୁଲି ତୂଳିରେ ଗଡୁଛନ୍ତି ।**

ବାପଘରେ ବେଶ୍ ଅଲିଅଳରେ ବଢ଼ି ଆସିଥିବା ଝିଅ ଯେବେ ବୋହୂ ହୋଇ ଶାଶୁଘରକୁ ଆସେ ସେତେବେଳେ ତା’ର କାର୍ଯ୍ୟ ପରିସର ବୃଦ୍ଧିପାଏ। ଦାୟିତ୍ୱରେ ଖିଲାପ ହେଲେ ଅସନ୍ତୋଷ ବୃଦ୍ଧି ପାଇବା ସହ ସ୍ଥଳ ବିଶେଷରେ ନିନ୍ଦା ଶରବ୍ୟର ପାତ୍ରୀ ହେବାକୁ ପଡ଼ିଥାଏ। ଖାଇପିଇ ବେଶ୍ ଆରାମରେ ଶୋଇ ରହୁଥିବା ବୋହୂର ଏତାଦୃଶ ଦିନଚର୍ଯ୍ୟା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଠାପୁଆ କପାଳକୁ ବର୍ଷା ହେବା ।**

ଯେ ଅଳସୁଆ ବା ଠାପୁଆ ସେ କାମ ନ କରିବାକୁ ସବୁବେଳେ ଓର ଉଣ୍ଡୁଥାଏ। ତାକୁ ଟିକିଏ ବାହାନା ମିଳିଗଲେ କାମ ନ କରି ରହିଯାଏ। ମେଘ ହୋଇ ପାଗ ଖରାପ ହେଲେ କାମ କରିବା ଦରକାର ପଡ଼େନି। ଫଳସ୍ୱରୂପ କାମ ନ କରି ବସି ରହିବାକୁ ସୁବର୍ଣ୍ଣ ସୁଯୋଗ ମିଳିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନୂଆପଡ଼ା ଜିଲାରେ ନୂଆ କୃଷି ପ୍ରକଳ୍ପର ପ୍ରୟୋଗ

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ):** ରାଜ୍ୟର ସୀମାନ୍ତ ଜିଲା ନୂଆପଡ଼ାରେ ଚାଷ କାର୍ଯ୍ୟକୁ ପୂର୍ବାପେକ୍ଷା ତ୍ୱରାନ୍ୱିତ କରାଯିବ। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଲୋକସେବା ଭବନଠାରେ ଏ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନ୍ୟାଶନାଲ ଆଡପଶନ ଫଣ୍ଡ ଫର୍ କ୍ଲାଇମେଟ ଚେଞ୍ଜ(ଏନ୍‌ଏଏଫସିସି) ଯୋଜନା ଅଧୀନରେ ନୂଆପଡ଼ା ଜିଲାକୁ ବିକଶିତ କରାଯିବ। ନଦୀ ଶଯ୍ୟାରେ ଉତ୍ତମ ଜଳ ପରିଚାଳନା କରି ପାରମ୍ପରିକ ଜୀବିକାକୁ ଉନ୍ନତ କରିବା ପାଇଁ ପଦକ୍ଷେପ ନେବା ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ସେହି ଜିଲାର ୮ଟି ଗାଁ ବୁଡ଼ିପଲି, ପଲାଶଭଦର, ପରକୋଡ଼, ଆମଲିଦାଦର, ଭୁଣ୍ଡୁଡି, ବଇଁଶତାଳ, ବୋଲଡ ଏବଂ ଜାଙ୍ଗୁଲାରେ ଏହି ପ୍ରକଳ୍ପ କରାଯିବ। ବର୍ତ୍ତମାନ ସୁଦ୍ଧା ୫ଟି ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଛି। ଏହା ଏନ୍‌ଏଏଫସିସି ଅର୍ଥରୁ କରାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ୬ଟି ପାଣି ପଞ୍ଚାୟତ ମଧ୍ୟ ଗଠନ କରାଯାଇଛି। ଏହି ପ୍ରକଳ୍ପକୁ ବର୍ତ୍ତମାନ ସୁଦ୍ଧା ୪୦୦ ଚାଷୀ ଗ୍ରହଣ କରିଛନ୍ତି। ପାରମ୍ପରିକ ଧାନ ଅମଳ ସହ ଉଦ୍ୟାନ କୃଷି, ମାଛ ଧରା ଇତ୍ୟାଦି କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କଲେଣି। ସେହିପରି ୪୦୦ କୃଷିଜିବୀ ଜୈବକୃଷି ଆପଣାଇଛନ୍ତି। ଏହାଦ୍ୱାରା ଭୂତଳ ଜଳସ୍ତର ବଢିଥିବା ଜଣାପଡିଛି। ନୂଆପଡ଼ା ଜିଲାର ୯୩ ଭୂମିହୀନ ଚାଷୀଙ୍କୁ ଚିହ୍ନଟ କରାଯାଇଛି।


**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**At / P.O.: BARINIPUT; DIST.: KORAPUT – 764006**
**PHONE: - (06854) 242001 FAX: - (06854) 242038**
**e-mail: sgmel_ukhep@ohpcltd.com**
**CIN No. U40101OR1995SGC003963**
No. CAD-822

**IST CORRIGENDUM TO TENDER CALL NOTICE NO. 27/2019-20, DATED: 17.12.2019**

Name of Work:- “Supply of 11KV Line Materials to UKHEP, Bariniput.
The last date of Sale, Receipt and Opening of Tender Paper against this office Tender Call Notice No. 27/2019-20 Dated: 17.12.2019 are hereby extended and re-scheduled as follows:-

| | | | |
|---|---|---|---|
| (1) | Sale of tender paper | : | From dtd. 21.01.2020 to 13:00 Hrs. of 01.02.2020 |
| (2) | Last Date & Time of Receipt of Tender Paper | : | Up to 16:00 Hrs. of Dated: 01.02.2020 |
| (3) | Date & Time of Opening of Tender | : | At 16:30 Hrs. of Dated: 01.02.2020 |

All other terms & conditions of the Tender remain unchanged.
For details of the Tender documents, Terms & Conditions and down loading please refer our Web site: www.ohpcltd.com.

**Sd/- C & P Head,**
04002/11/0060/1920 **Upper Kolab HEP, OHPC Limited, Bariniput**

**ODISHA HYDRO POWER CORPORATION LTD**
**(A Government of Odisha Undertaking)**
**OFFICE OF THE SENIOR GENERAL MANAGER (ELE.)**
**UPPER KOLAB H. E. PROJECT,**
**AT/P.O. : BARINIPUT; DIST. : KORAPUT(ODISHA) -764006**
**Telephone: 06854 – 242 001 Fax: 06854 – 242 038**
**Email ID: sgmel_ukhep@ohpcltd.com**
**TENDER CALL NOTICE NO.OHPC: SGM (EL): UKHEP: 29/2019-20, Dated: 16.01.2020**

No.CAD-824 :- Sealed Tenders in duplicate are invited from the Registered Travel Agencies/Vehicle Owners for the works mentioned below.

| Sl. No. | Description / Type of Vehicle | Cost of Tender Paper (in Rs.) | EMD (in Rs.) |
|---|---|---|---|
| 1. | Hiring of 01 No. Commercial Registered private closed BS-IV compliant vehicle (TUV 300/ Bolero / Sumo Gold / Ertiga for general duty under P & C Division, UKHEP, Bariniput for a period of 48 Calendar months | Rs.7080/- | 01% of Quoted Value |

The sale of Tender Paper will be from :- 24.01.2020 to 13:00 Hrs. of 07.02.2020. The last date & time of receipt of tender :- Up to 16:00 Hrs. of 07.02.2020. The date and time of opening of tender :- 16:30 Hrs. of 07.02.2020. For details of tender documents and Terms & Conditions downloading please visit our website **www.ohpcltd.com.**

**C & P Head, Upper Kolab HEP,**
**04002/11/0061/1920** **OHPC Limited, Bariniput**

**GOVERNMENT OF ODISHA**
**“e” PROCUREMENT NOTICE**
***For Turn Key Project***
**WORKS DEPARTMENT**
**E-mail: ceworldbankprojects@gmail.com**
**2nd Corrigendum to Bid Identification No. CE-W.B.P.(O) - 07/2019-20**
**File No.: PIM-MISC-10/2008 (Pt.)**

No.: B-580: Following changes are made to the truneky tender for the work “Construction of H.L. Bridge over Indravati Reservoir on 1st Km of Mahulpatna - Kenduguda - Gopinathpur Road in the district of Kalahandi under State Plan” vide Bid Identification No. CE-W.B.P.(O)-07/2019-20.

| Reference Sl. No. of IFB | Items | Revised as |
|---|---|---|
| 1 | 2 | 3 |
| Para - 04 | Bids shall be received only “Online” on or before | 07.02.2020 upto 17.00 hours |
| Para - 06 | Bids received Online shall be opened at | 11.30 hours on 10.02.2020 |

All other terms and conditions remain unchanged.

**Sd./- Chief Engineer**
**34003/11/0022/1920** **(World Bank Project), Odisha**

**Government of Odisha**
**OFFICE OF THE SUPERINTENDING ENGINEER, CUTTACK (R &B) CIRCLE, CUTTACK**
**E-mail ID- sectcrb_2006@yahoo.co.in, Tel/Fax - 0671-2301751/2302751**

No.B-578 :- **OFFICE ORDER**

The tender for the following work invited vide Tender Call Notice No.S.E. Ctc. (R&B) 4/2019-20 is hereby cancelled due to disqualification of all the bidders.
1. Construction of Kalyan Mandap at Kendrapara for the year 2019-20 (Civil, EI, PH)

**Sd./- Superintending Engineer**
**34012/11/0012/1920** **Cuttack (R & B) Circle**

**GOVERNMENT OF ODISHA** **No.: B-582**
**“e” PROCUREMENT NOTICE**
**OFFICE OF THE EXECUTIVE ENGINEER, KHARIAR (R&B) DIVISION, KHARIAR**
**E-mail: eeroads.khr@rediffmail.com**
**No.: 217** **Date: 14.01.2020**

**INVITATION FOR BIDS**
**Bid Identification No. E.E. (RNB) khariar - 06/2019-20**

| | | |
|---|---|---|
| 1 | The Executive Engineer, Khariar (R&B) Division, Khariar on behalf of Governor of Odisha, invites percentage rate bids in **single cover system** in **ONLINE MODE** only. | |
| 2 | Nature of Work | Building Work |
| 3 | No. of Work | 1 Number Building Work |
| 4 | Tender Paper Cost | Rs.6,000/- to be remitted online only |
| 5 | Class of Contractor | As specified in the notice for the respective work |
| 6 | Availability of Bid documents in the website | From 10.00 hours of 22.01.2020 to 17.00 hours of 07.02.2020 |
| 7 | Date of Opening of Bid | Dt.08.02.2020 at 11.30 hours |
| 8 | EMD/Bid Security | As specified in the notice to be remitted online only |
| 9 | The bidders shall have to participate in ONLINE bidding only. Further details can be seen from the website: **https://www.tendersodisha.gov.in**. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

**Sd./- K.K. Panda**
**34062/11/0007/1920** **Executive Engineer, Khariar (R&B) Division**

**OFFICE OF THE SUPERINTENDENT ODISHA STATE ARCHIVES, SACHIVALAY MARG, BHUBANESWAR**

**SHORT TENDER CALL NOTICE**

No. RR-42: Two bid sealed tender is invited from OEM/ Authorized Partner/ Authorized dealer/ reputed firm for supply of Studio Light for two camera setup at Odisha State Archives. The detailed specification and term & conditions are available in the tender documents. The tender documents are available in the office of the undersigned on any working days during the office hours on or before dt. 29.01.2020 by deposit of Rs. 500.00 in cash. Completely filled tender documents should be reached the undersigned on or before dt. 29.01.2020 by 5.00 P.M. The technical bid of the tenders will be opened on dt. 31.01.2020 at 3.30 P.M. in the office of the undersigned in the presence of the tenderers or their authorized representatives. Those who will qualify in technical bids will be opened their financial bid. The successful tenderer will have to deposit a refundable security deposit of 5% of the tender value in shape of Bank Draft within seven days from the date of receiving the order.
The tenderers should furnish Xerox copies of Income Tax Clearance Certificate, GST registration certificate etc. along with the tender papers and original Authorized letter from OEM to participate in tender. The authority reserves the right to accept or reject any or all the tenders or part thereof without assigning any reason thereof. The tender documents will available at our official website http//www.odishaculture.gov.in/ advertisement.asp & http//www.odishaarchives .nic.in/ advertisement.asp. For any further clarification regarding the work firms may contact or meet to the undersigned on any working days during the office hours.

**Sd./- Superintendent, Odisha State Archives,**
03002/11/0005/1920 **Bhubaneswar. Phone No. 0674-2501636**

**ଆଖିରେ ଅସୁମାରି ସ୍ୱପ୍ନ, ଏହାକୁ ସାକାର କରିବା ପାଇଁ ଅସୀମ ମନୋବଳ । ରାଜ୍ୟରେ ଲୋକପ୍ରିୟ ନ ଥିବା ଏକ କ୍ରୀଡ଼ାକୁ କ୍ୟାରିୟର କରି ଆଗକୁ ବଢ଼ିବାର ଦୁର୍ବାର ପ୍ରୟାସ । ଲକ୍ଷ୍ୟ ପଥରେ ଅଗ୍ରସର ହେବାବେଳେ କିଛି ପାହାଚ ଚଢ଼ିଛନ୍ତି, ଆହୁରି ଅନେକ ବାଟ ବାକିଅଛି । ତେବେ ଦିନେନା ଦିନେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଅଦମ୍ୟ ଇଚ୍ଛାଶକ୍ତି ରଖିଥିବା ସାହସୀ ବାଳକ ହେଲେ ହ୍ୟାଣ୍ଡବଲ ପ୍ରତିଭା ଆର୍ଯ୍ୟନ ବ୍ରାହ୍ମିନ ...**

# ଉଚ୍ଚାଭିଳାଷୀ ଆର୍ଯ୍ୟନ



## ସରକାର ଧ୍ୟାନଦେବା ସମୟ ଆସିଛି

କ୍ରୀଡ଼ା ଭିତ୍ତିଭୂମି ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜନ ପାଇଁ ଓଡ଼ିଶା ଏବେ ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ଛାପ ଛାଡ଼ିଛି। ଦେଶ ବିଦେଶରୁ ପ୍ରଶଂସା ସାଉଁଟିଛି ଆମ ରାଜ୍ୟ। ଏଠାରେ ଖେଳକୁ ଗୁରୁତ୍ୱ ଦିଆଯାଉଛି। ମାତ୍ର ଏବେ ମଧ୍ୟ ଏପରି କେତେକ କ୍ରୀଡ଼ା ଅଛି ଯାହାକି ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ଏହା ଅଲିମ୍ପିକ୍ସ କ୍ରୀଡ଼ା ହୋଇଥିଲେ ହେଁ ଆବଶ୍ୟକ ସମର୍ଥନ ପାଇନାହିଁ। ଫଳରେ ଏହାକୁ କ୍ୟାରିୟର କରିବାକୁ ଚାହୁଁଥିବା ଖେଳାଳି ଭବିଷ୍ୟତକୁ ନେଇ ସନ୍ଦିହାନ ରହୁଛି। ଏହି ପରିଧି ମଧ୍ୟରେ ଆଗକୁ ବଢୁଥିବା ରାଜ୍ୟର ଜଣେ ଉଦୀୟମାନ ଖେଳାଳି ହେଲେ ହ୍ୟାଣ୍ଡବଲ ପ୍ରତିଭା ଆର୍ଯ୍ୟନ ବ୍ରାହ୍ମିନ। ଅପର୍ଣ୍ଣା ଓ ଗୌରୀଶଙ୍କର ମିଶ୍ରଙ୍କ ସୁପୁତ୍ର ଆର୍ଯ୍ୟନ ବ୍ୟକ୍ତିଗତ ଉଦ୍ୟମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରୁ ସୁନାମ ସାଉଣ୍ଟିଥିଲେ ହେଁ ତାଙ୍କ ପାଇଁ ଏଠାରେ ସୁଯୋଗର ଅଭାବ। ଖେଳ ତାଙ୍କ ଜୀବନ ପାଲଟି ଯାଇଛି। ତେଣୁ ଉପଯୁକ୍ତ ସୁବିଧା ସୁଯୋଗ ନ ମିଳିଲେ ସେହି ଖେଳ ପାଇଁ ରାଜ୍ୟ ଛାଡ଼ିବା କଥା ମଧ୍ୟ ଚିନ୍ତା କରୁଛନ୍ତି ଏହି କ୍ରୀଡ଼ା ପ୍ରତିଭା।

**ଲଣ୍ଡନ ଅଲିମ୍ପିକ୍ସରୁ ହ୍ୟାଣ୍ଡବଲ ପ୍ରେମ**

"ମୁଁ ୨୦୧୨ରୁ ଖେଳିବା ଆରମ୍ଭ କରିଛି। ଲଣ୍ଡନ ଅଲିମ୍ପିକ୍ସ ଦେଖି ସେଥିରୁ ଏହି ଗେମ୍ ପ୍ରତି ଅନୁପ୍ରାଣିତ ହୋଇଥିଲି। ପୂର୍ବରୁ ମୁଁ ବାସ୍କେଟବଲ ଓ ଫୁଟବଲ ଖେଳୁଥିଲି। ଫୁଟବଲରେ କ୍ୟାରିୟର କରିବି ବୋଲି ଇଚ୍ଛାଥିଲା। ତେବେ ଏହି ଗେମ୍‌ରେ ମୁଁ ବିଶେଷ କିଛି ଭଲ କରି ପାରିଲିନି। ତା' ପରେ ବାସ୍କେଟବଲ ଉପରେ ଏକାଗ୍ର ହୋଇଥିଲି। ମାତ୍ର ଲଣ୍ଡନ ଅଲିମ୍ପିକ୍ସ ସମୟରେ ଟିଭିରେ ହ୍ୟାଣ୍ଡବଲ ଇଭେଣ୍ଟ ଦେଖି ଏହା ପ୍ରେମରେ ପଡ଼ିଗଲି। ବାପାଙ୍କୁ ନିଜ ଇଚ୍ଛା ଜଣାଇଲି। ବାପା ଜଣେ ଆଥଲେଟ୍ ଏବଂ ପୂର୍ବରୁ ହ୍ୟାଣ୍ଡବଲ ମଧ୍ୟ ଖେଳୁଥିଲେ। ଗେମ୍ ସମ୍ପର୍କରେ ତାଙ୍କର ଜ୍ଞାନ ଥିବାରୁ ସେ ମୋ ମନକଥା ବୁଝିଗଲେ ଏବଂ ସମ୍ମତି ଦେଲେ। ତାଙ୍କ ପ୍ରଶିକ୍ଷଣରେ ମୋର ହ୍ୟାଣ୍ଡବଲ ଖେଳ ମୂଳଦୁଆ ପଡ଼ିଥିଲା। ସେବେଠାରୁ କଠିନ ଅଭ୍ୟାସ କରି ମୁଁ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛି" ବୋଲି ପ୍ରକାଶ କରିଛନ୍ତି ଆର୍ଯ୍ୟନ।

**ଦିଲ୍ଲୀ, ହରିୟାଣା ଉପରେ ନିର୍ଭର**

ବାପା ହିଁ ମୋର ପ୍ରଥମ କୋଚ୍, ଗାଇଡ ଓ ଦିଗ୍‌ଦର୍ଶକ। ମୁଁ କଳିଙ୍ଗ ଷ୍ଟାଡିୟମକୁ ମଝିରେ ମଝିରେ ଯାଇ ଫିଟ୍‌ନେସ୍ ପ୍ରାକ୍ଟିସ କରୁଛି। ବିଜେବି କଲେଜ ଗ୍ରାଉଣ୍ଡକୁ ମଧ୍ୟ ବଲ୍ ଶୁଟିଂ ମାରିବାକୁ ଯାଉଛି। ତେବେ ହ୍ୟାଣ୍ଡବଲ ପ୍ରାକ୍ଟିସ ପାଇଁ ଏଠାରେ ପର୍ଯ୍ୟାପ୍ତ ସୁବିଧା ନ ଥିବାରୁ କୌଣସି ଟୁର୍ନାମେଣ୍ଟ ପୂର୍ବରୁ ମୋତେ ଦିଲ୍ଲୀ ନଚେତ ହରିୟାଣା ଯିବାକୁ ପଡୁଛି। ସେଠାରେ ୨-୩ ମାସ ଅଭ୍ୟାସ କରି ଫେରୁଛି। ଏହା ଏକ ଟିମ୍ ଗେମ୍ ହୋଇଥିବାରୁ ଅଭ୍ୟାସ ପାଇଁ ପାର୍ଟନର ଆବଶ୍ୟକ। ଏଠାରେ ତାହା ସମ୍ଭବ ହେଉନି। ଦିଲ୍ଲୀ କିମ୍ବା ହରିୟାଣା ଗଲେ ଯାଇ ସେଠାକାର ପିଲାଙ୍କ ସହ ମିଶି ଭଲ ଅଭ୍ୟାସ ମିଳୁଛି। ଏଠାରେ କେବଳ ମୁଁ ଶୁଟିଂ ସ୍କିଲ୍ ଡେଭଲପ୍ କରିଥାଏ ବୋଲି ବିହାରସ୍ଥିତ ଓପନ ସ୍କୁଲରେ ୧୦ମ ଶ୍ରେଣୀରେ ଅଧ୍ୟୟନରତ ଆର୍ଯ୍ୟନ କହିଛନ୍ତି।

**ଅଭ୍ୟାସ ପାଇଁ ପଡ଼ିଆ ଓ କୋଚ୍**

**ଆବଶ୍ୟକ:** ପାଠପଢ଼ା ଓ ଖେଳ ସହିତ ବାଲାନ୍ସ କରିବାରେ ବିଶେଷ ଅସୁବିଧା ଅନୁଭବ କରୁ ନ ଥିବା କହିଛନ୍ତି ଏହି ଖେଳ ପ୍ରତିଭା। ଓଡ଼ିଶାର ଗ୍ରାମାଞ୍ଚଳରେ ହ୍ୟାଣ୍ଡବଲ ପାଇଁ କିଛି ଭିତ୍ତିଭୂମୀ ଥିଲେ ହେଁ ତାଙ୍କୁ କୋଚିଂ ଦେବାଭଳି ପେସାଦାର କୋଚ୍ ନାହାନ୍ତି। ସେ ପୁରୀକୁ ଯାଇ ଝାଡେଶ୍ୱରୀ କ୍ଲବରେ ଏବଂ ଭୁବନେଶ୍ୱରରେ ବାପାଙ୍କ ନିକଟରୁ କୋଚିଂ ନେଇଥାନ୍ତି। ହରିୟାଣା କିମ୍ବା ଦିଲ୍ଲୀ ଗଲେ ଯାଇ ସେଠାରେ ସାଇ କୋଚ୍‌ଙ୍କ ନିକଟରୁ ଟ୍ରେନିଂ ମିଳିଥାଏ। ତେଣୁ ଭୁବନେଶ୍ୱରରେ ଅଭ୍ୟାସ ପାଇଁ ପଡ଼ିଆ ଏବଂ ଉପଯୁକ୍ତ କୋଚ୍ ନିଯୁକ୍ତ କରାଗଲେ ରାଜ୍ୟରେ ହ୍ୟାଣ୍ଡବଲ ଖେଳ ଅଧିକ ଲୋକପ୍ରିୟ ହୋଇପାରିବ ଏବଂ ସେ ବ୍ୟକ୍ତିଗତଭାବେ ଉପକୃତ ହୋଇପାରିବେ ବୋଲି ପ୍ରକାଶ କରିଛନ୍ତି।

**ଅଲିମ୍ପିକ୍ସ ସ୍ୱପ୍ନ:** ଲକ୍ଷ୍ୟ ବହୁଦୂର ଥିଲେ ହେଁ ଅଲିମ୍ପିକ୍ସ ସ୍ୱପ୍ନରୁ ବିରତ ହୋଇ ନାହାନ୍ତି ଉଚ୍ଚାଭିଳାଷୀ ଆର୍ଯ୍ୟନ। "ଭବିଷ୍ୟତରେ ବାର୍ସିଲୋନା ହ୍ୟାଣ୍ଡବଲ କ୍ଲବରୁ ଖେଳିବା ଏବଂ ଅଲିମ୍ପିକ୍ସରେ ପଦକ ଆଣିବା ମୋର ସ୍ୱପ୍ନ ରହିଛି। ସ୍ୱପ୍ନ ସାକାର କରିବା ପାଇଁ ମୋତେ କଠିନ ପରିଶ୍ରମ ଏବଂ ଅଭ୍ୟାସ କରିବାକୁ ପଡ଼ିବ। ଉପଯୁକ୍ତ ଭିତ୍ତିଭୂମୀ ଏବଂ କୋଚ୍ ଦିଆଗଲେ ମୁଁ ନିଶ୍ଚିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବି" ବୋଲି ସେ ଦୃଢ଼ତାର ସହ କହିଛନ୍ତି।

**ସ୍ମରଣୀୟ:** ୨୦୧୯ ଏପ୍ରିଲ ୧୩ରୁ ୧୮ ପର୍ଯ୍ୟନ୍ତ ସ୍ପେନ୍‌ରେ ଅନୁଷ୍ଠିତ ପାର୍ଟିଲି କପ୍‌ରେ ଭାରତୀୟ ଦଳ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଥିଲା। ମାତ୍ର ସେ ଯେଉଁ ପୋଜିଶନରେ ଖେଳୁଥିଲେ ସେଥିରେ ତାଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ସେଥିରେ ସେ ଅଧିକ ଗୋଲ ମାରିଥିଲେ ଏବଂ ଅନେକ ବନ୍ଧୁ ମିଳିଥିଲେ। ଏହା ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିଛି ବୋଲି ପ୍ରକାଶ କରିଛନ୍ତି। ଆସନ୍ତା ଫେବୃୟାରୀରେ କାଠମାଣ୍ଡୁରେ ଟୁର୍ନାମେଣ୍ଟ ଅଛି। ସେଥିରେ ଭାଗ ନେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ତା ପୂର୍ବରୁ ପଞ୍ଜାବ ହ୍ୟାଣ୍ଡବଲ ଆସୋସିଏଶନ ଖେଳାଳିଙ୍କ ସହ କାନାଡା ଯାଇ ପ୍ରାକ୍ଟିସ ମ୍ୟାଚ ଖେଳିବା ସହ ଟ୍ରେନିଂ ନେବାର ଯୋଜନା ରହିଛି। ଏଥିପାଇଁ ବାପା ଗୌରୀଶଙ୍କର ପଞ୍ଜାବ ଆସୋସିଏଶନକୁ ଅନୁରୋଧ କରିଥିଲେ ଏବଂ ସେମାନେ ତାହା ରକ୍ଷା କରି ତାଙ୍କୁ ସୁଯୋଗ ଦେଇଛନ୍ତି ବୋଲି ଆର୍ଯ୍ୟନ କହିଛନ୍ତି। "ରାଜ୍ୟ ସରକାର ଖେଳ ପାଇଁ ଅନେକ କିଛି କରୁଛନ୍ତି। ହ୍ୟାଣ୍ଡବଲ ପ୍ରତି ଟିକେ ଧ୍ୟାନ ଦେବେ ବୋଲି ଆଶା ରହିଛି। ଭୁବନେଶ୍ୱରରେ ହ୍ୟାଣ୍ଡବଲ ପାଇଁ ଗ୍ରାଉଣ୍ଡ ହେଲେ ଅଧିକରୁ ଅଧିକ ପିଲା ବାହାରିବେ। କୋଚ୍ ରହିଲେ ଆମେ ମଧ୍ୟ ଶ୍ରେଷ୍ଠତ୍ୱ ଦେଖାଇ ପାରିବୁ" ବୋଲି ଭିନ୍ନ କିଛି କରି ଦେଖାଇବା ପାଇଁ ଇଚ୍ଛା ରଖୁଥିବା ଆର୍ଯ୍ୟନ ପ୍ରକାଶ କରିଛନ୍ତି।

ପ୍ରସ୍ତୁତି: **ତପନ ସ୍ୱାଇଁ**

"ଜଣେ ଆଥଲେଟ୍ ଭାବେ ସ୍ପ୍ରିଣ୍ଟ ଓ ହ୍ୟାଣ୍ଡବଲ ମୋର ପ୍ରିୟ ଇଭେଣ୍ଟ ଥିଲା। ମିଡିଲ ଡିଷ୍ଟାନ୍ସ ରନରଭାବେ ଅନେକ ସଫଳତା ମଧ୍ୟ ପାଇଥିଲି। ମାତ୍ର ମୋତେ ବିଶେଷ ସୁବିଧା ସୁଯୋଗ ମିଳି ନ ଥବାରୁ ପୁଅ ଖେଳକୁ ଆସୁବୋଲି ଚାହୁଁ ନ ଥିଲି। ମାତ୍ର ସମ୍ଭବତଃ ବିଧି ନିର୍ଦ୍ଦେଶ ଭିନ୍ନ ଥିଲା, ସେ ଖେଳକୁ ହିଁ କ୍ୟାରିୟର କଲା। ଏବେ ଆରମ୍ଭ ମାତ୍ର। ଆହୁରି ଅନେକ ଦୂର ଯିବାକୁ ଅଛି। ଖେଳରେ କ୍ୟାରିୟର କଲେ ଭାରତୀୟ ଜର୍ସି ପିନ୍ଧିବାକୁ ସମସ୍ତଙ୍କର ଇଚ୍ଛା ଥାଏ। ମୋର ମଧ୍ୟ ଥିଲା। ମାତ୍ର ମୁଁ ତାହା କରିପାରି ନ ଥିଲି। ଏବେ ପୁଅ ତାହା କରୁବୋଲି ମୁଁ ଚାହୁଁଛି। ଭାରତୀୟ ଦଳର ସଦସ୍ୟଭାବେ ଏସିଆନ ପଦକ କିମ୍ବା ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କଲେ ମୋର ପରିଶ୍ରମ ସାର୍ଥକ ହେବ" ବୋଲି ଆର୍ଯ୍ୟନଙ୍କ ପିତା ତଥା କୋଚ୍ ଗୌରୀଶଙ୍କର ମିଶ୍ର ପ୍ରକାଶ କରିଛନ୍ତି। ଆର୍ଯ୍ୟନ କ୍ୟାରିୟର ପଥରେ ଅନେକ ପ୍ରତିବନ୍ଧକ ରହିଛି। ଏଠାରେ ହ୍ୟାଣ୍ଡବଲ ପ୍ରତିଭାଙ୍କୁ ଉତ୍ସାହିତ କରାଯାଉନି। ଭିତ୍ତିଭୂମି ନାହିଁ। ଏହି ଖେଳକୁ ପ୍ରମୋଟ ମଧ୍ୟ କରାଯାଉନି। ସାଇ କୋଚ୍ ନାହାନ୍ତି। ଓଡ଼ିଶାରେ ବହୁତ ପ୍ରତିଭା ସମ୍ପନ୍ନ ଖେଳାଳି ଅଛନ୍ତି, ମାତ୍ର ସୁଯୋଗ ନାହିଁ। ସରକାର ଏହି କ୍ରୀଡ଼ାପ୍ରତି ଧ୍ୟାନ ଦେବାର ସମୟ ଆସିଛି। ନ ହେଲେ ତା କ୍ୟାରିୟର ଅଧାରୁ ବନ୍ଦ ହୋଇଯିବାର ସମ୍ଭାବନା ରହିଛି। ଏଠାରେ ଉପଯୁକ୍ତ ସୁବିଧା ସୁଯୋଗ ନ ମିଳିଲେ ବାଧ୍ୟ ହୋଇ ତାକୁ ଅନ୍ୟ ରାଜ୍ୟରୁ ଖେଳାଇବା କଥା ଚିନ୍ତା କରିବୁ ବୋଲି ଗୌରୀଶଙ୍କର ଦୁଃଖର ସହ ପ୍ରକାଶ କରିଛନ୍ତି।



ମା' ଅପର୍ଣ୍ଣା ଓ ବାପା ଗୌରୀଶଙ୍କରଙ୍କ ସହ ଆର୍ଯ୍ୟନ।

### ସଂକ୍ଷେପରେ...

ନାମ: ଆର୍ଯ୍ୟନ ବ୍ରାହ୍ମିନ
ଜନ୍ମ: ମାର୍ଚ୍ଚ ୧୦, ୨୦୦୪, ଭୁବନେଶ୍ୱର
ପରିବାର: ମା'-ଅପର୍ଣ୍ଣା ମିଶ୍ର, ବାପା: ଗୌରୀ ଶଙ୍କର ମିଶ୍ର।
ଶିକ୍ଷାଗତ ଯୋଗ୍ୟତା: ଦଶମ ସ୍କୁଲ(ଓପନ ସ୍କୁଲ, ବିହାର)

କ୍ୟାରିୟର/**ରାଜ୍ୟ**
୨୦୧୬: ରାଜ୍ୟ ହ୍ୟାଣ୍ଡବଲ ପ୍ରତିଯୋଗିତା, ଭୁବନେଶ୍ୱର, ଚାମ୍ପିୟନ
୨୦୧୭: ରାଜ୍ୟ ହ୍ୟାଣ୍ଡବଲ (ଜୁନିୟର, ବାଳିକା/ବାଳକ),ଢେଙ୍କାନାଳ, ଚାମ୍ପିୟନ

**ଜାତୀୟ**
୨୦୧୬: ଜାତୀୟ ସବ୍‌ଜୁନିୟର ଚାମ୍ପିୟନଶିପ୍, ତାମିଲନାଡୁ
୨୦୧୬: ଜାତୀୟ ଜୁନିୟର (ବାଳକ) ହ୍ୟାଣ୍ଡବଲ, ପାଟ୍‌ନା, ବିହାର
୨୦୧୬: ଜାତୀୟ ସବ୍‌ଜୁନିୟର(ବାଳକ) ଚାମ୍ପିୟନଶିପ୍, ଝାଡ଼ଖଣ୍ଡ
୨୦୧୭: ଜାତୀୟ ସବ୍‌ଜୁନିୟର (ବାଳକ) ହ୍ୟାଣ୍ଡବଲ, ହରିୟାଣା
୨୦୧୭: ଜାତୀୟ ମିନି ହ୍ୟାଣ୍ଡବଲ ଚାମ୍ପିୟନଶିପ୍, ତେଲେଙ୍ଗାନା, ୬ଷ୍ଠ ସ୍ଥାନ
୨୦୧୮: ୟୁନିଫାଏଡ ନ୍ୟାଶନାଲ କ୍ୟାମ୍ପ(ଜୁନ ୨୯ରୁ ଜୁଲାଇ ୩) ଅମୃତସର
୨୦୧୮: ଏକ୍ ଭାରତ ଶ୍ରେଷ୍ଠ ଭାରତ ହ୍ୟାଣ୍ଡବଲ ଲିଗ୍, ହରିଦ୍ୱାର, ଚାମ୍ପିୟନ

**ଅନ୍ତର୍ଜାତୀୟ**
୨୦୧୮: କୁପର ବକ୍ସ ହ୍ୟାଣ୍ଡବଲ କପ୍, ଲଣ୍ଡନ(ଜୁଲାଇ ୨୬ରୁ ୩୧)
୨୦୧୯: ଲୋରେଟ କପ୍, ବାର୍ସିଲୋନା, ସ୍ପେନ(ଏପ୍ରିଲ ୧୩ରୁ ୧୮) (ବ୍ୟକ୍ତିଗତ ଶ୍ରେଷ୍ଠ ଖେଳାଳି ପୁରସ୍କାର)
୨୦୧୯: ବିଶ୍ୱ ୨୧ ବର୍ଷରୁ କମ୍ ବିଶ୍ୱକପ(ପାର୍ଟିଲି କପ୍), ଜୁଲାଇ ୧ରୁ ୭, ଗୁଟେନ ବର୍ଗ, ସ୍ୱିଡେନ
୨୦୧୯: ଅନ୍ତର୍ଜାତୀୟ ହ୍ୟାଣ୍ଡବ୍ୟାଗ୍ ଇଣ୍ଡିପେଣ୍ଡେନ କପ୍(ସିନିୟର), ତାସକେଣ୍ଟ, ଉଜ୍‌ବେକିସ୍ତାନ, ସେପ୍ଟେମ୍ବର ୧୮ରୁ ୨୫), ଭାରତୀୟ ଦଳର ସଦସ୍ୟଭାବେ ରୌପ୍ୟ ପଦକ

### ଅଭ୍ୟାସ

ଲୌରିୟସ ପୁରସ୍କାର ଦୌଡ଼ରେ
ନାଡାଲ, ଓସାକା, କୋକୋ
ଆଇସିସି ୱାନ୍‌ଡେ, ଟେଷ୍ଟରେ ପୁଣି
ବିରାଟ କ୍ୟାପଟେନ ଦେଖ
ରୋହିତର ହସ ମୁଖ
ଶ୍ରେଷ୍ଠ ଦିନିକିଆ କ୍ରିକେଟର ହେଲା
ସ୍କଟଲାଣ୍ଡ ନାଁ ବି ଲେଖ।

ବିଶ୍ୱର ନମ୍ବର ୱାନ୍ ଖେଳାଳି ହୋଇବି
ଆଗକୁ ବଢ଼ିବ ମଣି
ସେ ପାଇଁ ଅଷ୍ଟ୍ରେଲିଆନ ଓପନ ପାଇଁ
ଅଭ୍ୟାସ କରୁଛି ପୁଣି
ସେ ଆଶ୍‌ଲେ ବାର୍ଟି ରାଣୀ
ଅଭ୍ୟାସ ଛାଡ଼ିଲେ ଅନ୍‌କ୍ୱାଲିଫାଏଡ୍
ଲିଷ୍ଟରେ ନିଅନ୍ତି ଗଣି।

ଇଣ୍ଡିଭିଜୁଆଲ ସାଇକ୍ଲିଂ ଇଭେଣ୍ଟରେ
ଦୁଇଗୋଟି ସୁନା ଜିତି
ଖେଲୋ ଇଣ୍ଡିଆରେ ରାଜ୍ୟର ଗୌରବ
ସୁନା ଝିଅ ନିଜେ ସ୍ୱସ୍ତି
ଅଭ୍ୟାସ ରଖିଲେ ସାଥି
ସହଜ ହୁଅଇ ଚ୍ୟାଲେଞ୍ଜ ଦେବାକୁ
ଏକ୍ସପର୍ଟ ହାରେ ବି ନାତି। -ସୁବାସ ଚନ୍ଦ୍ର ପ୍ରଧାନ

---

# ସାବାସ ସ୍ୱସ୍ତି

**ଆସାମର ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ହାସଲ କରି ସେ ନିଜ ପ୍ରତିଭା ଏବଂ ଦକ୍ଷତାର ପରିଚୟ ଦେଇଛନ୍ତି ଆର୍‌ଏସ୍‌ପିର ସ୍ୱସ୍ତି ସିଂ। ରାଜ୍ୟରେ ଅଭ୍ୟାସ ପାଇଁ ପିଚ୍ ଟ୍ରାକ୍ ଅଭାବ ସତ୍ତ୍ୱେ ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ସେ ପ୍ରୟାସକୁ ଜୋରଦାର କରିଛନ୍ତି...**



ଓଡ଼ିଶାର ପ୍ରଥମ ଆଥଲେଟ୍ ଭାବେ ସାଇକ୍ଲିଂ ପରି ଏକ ବ୍ୟୟବହୁଳ କ୍ରୀଡ଼ାକୁ ଆପଣେଇ ସଫଳତା ପାଇବା ସହ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ ପୁରୀର ମିନତି ମହାପାତ୍ର। ୮୦ ଦଶକରେ ତାଙ୍କର ଏହି ସଫଳତା ଓଡ଼ିଶାରେ ସାଇକ୍ଲିଂ କ୍ରୀଡ଼ାପ୍ରତି ଲୋକପ୍ରିୟତାକୁ ବଢ଼ାଇଥିଲା। ଅନେକ ଯୁବ ପ୍ରତିଭା ଆଦର୍ଶ ପାଲଟିଥିଲେ ମିନତି। ସାଇକ୍ଲିଂକୁ କ୍ୟାରିୟର କରି ଯେ ପ୍ରତିଷ୍ଠା ଅର୍ଜନ କରିହେବ ତାହା ସେ ପ୍ରମାଣିତ କରିଥିଲେ। ଏବେ ସେହି ପଥର ପଥିକ ଭାବେ ଆଗକୁ ବଢ଼ିବାର ସ୍ୱପ୍ନ ଦେଖୁଛନ୍ତି ଅନେକ ଯୁବ ପ୍ରତିଭା। ରାଜ୍ୟ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିଥିବା ଏହି ପ୍ରତିଭାଙ୍କ ମଧ୍ୟରୁ ଅନ୍ୟତମ ହେଲେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ(ଆରଏସପି)ର ସ୍ୱସ୍ତି ସିଂ। ସମ୍ପ୍ରତି ୨୧ ବର୍ଷରୁ କମ୍ ବାଳିକା ଇଭେଣ୍ଟରେ ଭାଗ ନେଉଥିବା ସ୍ୱସ୍ତି କେବଳ ସ୍ୱପ୍ନ ଦେଖୁ ନାହାନ୍ତି ତାହାକୁ ସାକାର କରିବା ପାଇଁ ପ୍ରୟାସକୁ ଜୋରଦାର ମଧ୍ୟ କରିଛନ୍ତି। ରାଜ୍ୟ ସମେତ ଯେଉଁ ଜାତୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଛନ୍ତି ସେଠାରେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ଆସାମର ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ହାସଲ କରି ସେ ନିଜ ପ୍ରତିଭାର ପରିଚୟ ଦେବା ସହ ଓଭରଅଲ ରନର୍ସଅପ୍ ହୋଇଛନ୍ତି।

ବାପା ଅମର ସିଂ ଆରଏସପିରେ ଚାକିରି କରିବା ସ୍ୱସ୍ତିଙ୍କ ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ସଦୃଶ ହୋଇଥିଲା। କାରଣ ସେହିଠାରେ ହିଁ ତାଙ୍କର ସାଇକ୍ଲିଂ କ୍ୟାରିୟରର ମୂଳଦୁଆ ପଡ଼ିଥିଲା।

**ସଂକ୍ଷେପରେ ସ୍ୱସ୍ତି**
ନାମ: ସ୍ୱସ୍ତି ସିଂ
ଜନ୍ମ: ୨୦୦୧ ମେ ୧୬, ରାଉରକେଲା
ପରିବାର: ମା-ଉମା ଦେବୀ, ବାପା-ଅମର ସିଂ
କୋଚ୍: ସୁଶୀଲ କୁମାର ଦାସ
ଶିକ୍ଷାଗତ ଯୋଗ୍ୟତା: +୨

ସେଠାରେ ତାଙ୍କୁ ମିଳିଥିଲେ ସୁଶୀଲ କୁମାର ଦାସଙ୍କ ପରି ଜଣେ ଅନୁଭବୀ କୋଚ୍। ସ୍ନେହବତ୍ସଳ ସୁଶୀଲଙ୍କ ପ୍ରଶିକ୍ଷଣ ଏବଂ ବ୍ୟକ୍ତିଗତ ପ୍ରଚେଷ୍ଟା ଓ ପରିଶ୍ରମ ବଳରେ ସ୍ୱସ୍ତି ଏବେ କ୍ରମେ ପରିଚିତ ହେବାରେ ଲାଗିଛନ୍ତି। ୨୦୧୫ ରେ ସ୍ୱସ୍ତିଙ୍କ ସାଇକ୍ଲିଂ କ୍ୟାରିୟର ଆରମ୍ଭ ହୋଇଥିଲା। ସେହିବର୍ଷ କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ କ୍ୟାମ୍ପସରେ ଅନୁଷ୍ଠିତ ୩୮ତମ ଓଡ଼ିଶା ରାଜ୍ୟ ଟ୍ରାକ୍ ଆଣ୍ଡ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ସେ ଉଭୟ ୫୦୦ ଓ ୧୬୦୦ ମିଟର ବ୍ୟକ୍ତିଗତ ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର ସାଇକ୍ଲିଂର ୨ କିଲୋମିଟର ବ୍ୟକ୍ତିଗତ ପର୍ଶ୍ୟୁଟରେ ୨:୩୭.୦୦ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ସୃଷ୍ଟି କରିଥିବା ସ୍ୱସ୍ତି ୨୦୧୮ ନଭେମ୍ବର ୨୧ରେ ହରିୟାଣାର କୁରୁକ୍ଷେତ୍ରଠାରେ ଆୟୋଜିତ ୨୩ତମ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରି ପ୍ରତିଭା ଦେଖାଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ନିଜର ଉପସ୍ଥିତି ଜାହିର କରିଛନ୍ତି ଏହି ଆଥଲେଟ୍। ୨୦୧୮ସେପ୍ଟେମ୍ବର ୨୧ରୁ ୨୩ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଆୟୋଜିତ ଏସିଆନ କପ୍ ଟ୍ରାକ୍ ସାଇକ୍ଲିଂର ଜୁନିୟର ମହିଳା ୨ କିଲୋମିଟର ବ୍ୟକ୍ତିଗତ ପର୍ଶ୍ୟୁଟରେ ୨:୪୧.୧୨୩ ସେକେଣ୍ଡ ସମୟ ନେଇ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୯ ସେପ୍ଟମ୍ବର ୯ରୁ ୧୧ ପର୍ଯ୍ୟନ୍ତ ଏସିଆ କପ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୨ କିଲୋମିଟର ବ୍ୟକ୍ତିଗତ ପର୍ଶ୍ୟୁଟରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। କେବଳ ସେତିକି ନୁହେଁ ଏଥିରେ ସେ ୨:୩୫.୧୬୧ ସେକେଣ୍ଡ ସମୟ ନେଇ ପୂର୍ବ ଜାତୀୟ ରେକର୍ଡ(୨:୩୭.୦୦)କୁ ମଧ୍ୟ ଭାଙ୍ଗିଥିଲେ। ସେହିବର୍ଷ ଡିସେମ୍ବର ୭ରେ ନେପାଳର କାଠମାଣ୍ଡୁରେ ଅନୁଷ୍ଠିତ ୧୩ତମ ସାଉଥ୍ ଏସିଆନ ଗେମ୍ସର ମହିଳା ବ୍ୟକ୍ତିଗତ ରୋଡ ରେସ୍ ଇଭେଣ୍ଟରେ ସେ ରୌପ୍ୟ ପଦକ ମଧ୍ୟ ହାସଲ କରିଥିଲେ।

**ପିଚ୍ ଟ୍ରାକ୍ ନିହାତି ଆବଶ୍ୟକ**

ଅଭ୍ୟାସ ପାଇଁ ଭିତ୍ତିଭୂମିର ଅଭାବ ସତ୍ତ୍ୱେ ପିଲାମାନେ ଯେପରି ପ୍ରଦର୍ଶନ କରୁଛନ୍ତି ବାସ୍ତବିକ ପ୍ରଶଂସନୀୟ। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଉଭୟ ସ୍ୱସ୍ତି ସିଂ ଓ ଦୀନେଶ କୁମାର ଚମତ୍କାର ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କ୍ରୀଡ଼ା ପ୍ରତି ଦୃଷ୍ଟି ଦେବାର ସମୟ ଆସିଛି। ଆରଏସପିରେ ପିଲାମାନେ ଏକ ପିଚୁ ଟ୍ରାକ୍ ଉପରେ ଅଭ୍ୟାସ କରୁଛନ୍ତି। ସରକାରଙ୍କ ପକ୍ଷରୁ ସିମେଣ୍ଟ ଟ୍ରାକ୍ ପ୍ରସ୍ତୁତ କରାଗଲେ ବହୁତ୍ ଭଲ। ନଚେତ୍ ଅତିକମ୍‌ରେ ଯେ କୌଣସି ସ୍ଥାନରେ ଏକ ପିଚ୍ ଟ୍ରାକ୍ ପ୍ରସ୍ତୁତ କରାଗଲେ





ମଧ୍ୟ ପିଲାମାନଙ୍କ ପ୍ରଦର୍ଶନରେ ଅଧିକ ଉନ୍ନତି ଆସିବ ଏବଂ ଅଧିକରୁ ଅଧିକ ପିଲା ମଧ୍ୟ ଓଡ଼ିଶାରୁ ବାହାରି ପାରିବେ ବୋଲି କୋଚ୍ ସୁଶୀଲ ଦାସ ପ୍ରକାଶ କରିଛନ୍ତି। ଆରଏସପିରେ ଏବେ ୪୫ ପିଲା ଅଭ୍ୟାସ କରୁଛନ୍ତି। ଆବଶ୍ୟକ ସାଇକେଲ ନ ଥିବାରୁ ପର୍ଯ୍ୟାୟକ୍ରମେ ପିଲାଙ୍କୁ ସୁଯୋଗ ଦିଆଯାଉଛି। ପିଲାମାନେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଟ୍ରେନିଂ କରିଥାନ୍ତି। ପ୍ରତିଦ୍ୱନ୍ଦ୍ୱିତା ବଢୁଛି। ତେଣୁ ଭିତ୍ତିଭୂମି ପ୍ରସ୍ତୁତ ନ ହେଲେ ଓଡ଼ିଶା ପିଲାମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟକ୍କର ଦେବା କଷ୍ଟକର ହୋଇପଡ଼ିବ ବୋଲି ସୁଶୀଲ କହିଛନ୍ତି।

### ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ପ୍ରଦର୍ଶନ

- ୬୦ କିଲୋମିଟର ବ୍ୟକ୍ତିଗତ ରୋଡ୍ ରେସ
  ରୌପ୍ୟ ପଦକ: ଟାଇମିଂ- ୨:୧୧:୫୨.୨୧ ସେକେଣ୍ଡ
- ସ୍କ୍ରାଚ୍ ରେସ୍ (୭.୫ କିଲୋମିଟର)
  ସ୍ୱର୍ଣ୍ଣ ପଦକ: ଟାଇମିଂ-୧୪:୫୩.୨୩୨ ସେକେଣ୍ଡ
- ୩୦୦୦ ମିଟର ଟ୍ରାକ୍ ବ୍ୟକ୍ତିଗତ ପର୍ଶ୍ୟୁଟ
  ସ୍ୱର୍ଣ୍ଣ ପଦକ: ଟାଇମିଂ-୪:୨୦.୨୩୭ ସେକେଣ୍ଡ

(ବି.ଦ୍ର.: ସ୍ୱସ୍ତି ୨୧ ବର୍ଷରୁ କମ୍ ବାଳିକା ବିଭାଗରେ ଅଂଶଗ୍ରହଣ କରିଥିଲେ)

Dollar 70.93 (11) | Sensex 59.83 41,932.56 | Nifty 12.20 12,335.50 | Gold ₹43 40,450.00 | Silver ₹209 47,406.00



ଆମାଜନ ଭାରତରେ ୧ ବିଲିୟନ ଡଲାର ନିବେଶ କରି କୌଣସି ଦୟାଭାବ ଦେଖାଇନାହିଁ।
– ପୀୟୂଷ ଗୋୟଲ, କେନ୍ଦ୍ର ମନ୍ତ୍ରୀ



ଚଳିତ ଆର୍ଥିକ ବର୍ଷରେ କୃଷି କ୍ଷେତ୍ର ଅଭିବୃଦ୍ଧି ୩.୧% ଛୁଇଁବା ନେଇ ଆଶାବାଦୀ।
– ରମେଶ ଚାନ୍ଦ, ନୀତି ଆୟୋଗ ସଦସ୍ୟ

# ଟେଲିକମ୍ କମ୍ପାନୀ ପଇଠ କରିବେ ୧.୪୭ ଲକ୍ଷ କୋଟି ବକେୟା

## ରିଭ୍ୟୁ ପିଟିଶନ ସୁପ୍ରିମକୋର୍ଟରେ ଖାରଜ





ନୂଆଦିଲ୍ଲୀ,୧୬–୧

ବୈଧାନିକ ଦେୟ ବାବଦ ବକେୟା ୧.୪୭ ଲକ୍ଷ କୋଟି ଟଙ୍କା ଚଳିତମାସ ୨୩ ସୁଦ୍ଧା ସରକାରଙ୍କୁ ଦେବା ଲାଗି ସୁପ୍ରିମକୋର୍ଟ ଟେଲିକମ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ପୁନର୍ବିଚାର ଲାଗି ଭୋଡାଫୋନ ଆଇଡିଆ ଏବଂ ଏୟାରଟେଲ ଭଳି କମ୍ପାନୀ ସର୍ବୋଚ୍ଚ ନ୍ୟାୟାଳୟରେ ରିଭ୍ୟୁ ପିଟିଶନ ଦାୟର କରିଥିଲେ। ଶୁକ୍ରବାର ସୁପ୍ରିମକୋର୍ଟ ଏହି ଆବେଦନକୁ ଖାରଜ କରି ଦେଇଛନ୍ତି। ଜଷ୍ଟିସ ଅରୁଣ ମିଶ୍ର, ଏସ୍.ଏ. ଅବଦୁଲ ନାଜିର ଏବଂ ଏମ୍.ଆର୍. ଶାହ ବୁଧବାର ଏହି ମାମଲାର ଶୁଣାଣି କରିବା ସହ ଆବେଦନକୁ ଖାରଜ କରିଥିବା ଜଣାପଡିଛି। ଏହି ମାମଲାର ପୁନଃ ଶୁଣାଣି ଲାଗି କୌଣସି ଯଥାର୍ଥ କାରଣ ନ ଥିବା ଖଣ୍ଡପୀଠ କହିଛନ୍ତି। ଫଳରେ ଧାର୍ଯ୍ୟ ସମୟ ମଧ୍ୟରେ ଟେଲିକମ କମ୍ପାନୀଗୁଡିକ ୧.୦୨ ଲକ୍ଷ କୋଟି ଟଙ୍କାର ଆଡଜଷ୍ଟେଡ ଗ୍ରସ ରେଭେନ୍ୟୁ (ଏଜିଆର୍) ଦେୟ ପଇଠ କରିବେ। ଟେଲିକମ୍ କମ୍ପାନୀଙ୍କର ଅଣ ଟେଲିକମ୍ ରାଜସ୍ୱ ବା ଏଜିଆରକୁ ନେଇ ବୈଧାନିକ ଦେୟ ହିସାବ କରାଯିବ ବୋଲି ଅକ୍ଟୋବର ୨୪ରେ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ।

ଏହି ମାମଲାର ଓପନ କୋର୍ଟ ହିୟରିଂ ହେଉ ବୋଲି ଟେଲିକମ୍ କମ୍ପାନୀ ନିବେଦନ କରିଥିଲେ। ଏହାକୁ ଖାରଜ କରିବା ସହ ସର୍ବୋଚ୍ଚ ନ୍ୟାୟାଳୟ ଇନ ଚାମ୍ବର ଶୁଣାଣି କରିଥିଲେ। ଗତ ବର୍ଷ ଅକ୍ଟୋବରରେ ଟେଲିକମ୍ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିଲେ ଯେ, ବୈଧାନିକ ଦେୟ ବାବଦ ଟେଲିକମ୍ କମ୍ପାନୀଗୁଡିକ ୧.୪୭ ଲକ୍ଷ କୋଟି ଟଙ୍କା ବାକି ରଖିଛନ୍ତି। ଏହି ଦେୟ ଉପରେ ବର୍ତ୍ତମାନ ସୁଧ କିମ୍ବା ଜରିମାନା ଛାଡ କରିବା ନେଇ କୌଣସି ଯୋଜନା ନାହିଁ ବୋଲି ସେ ମତ ରଖିଥିଲେ। ଦେୟ ମଧ୍ୟରେ ଲାଇସେନ୍ସ ଫି ବାବଦ ୯୨,୬୪୨ କୋଟି, ସ୍ପେକ୍ଟ୍ରମ ବ୍ୟବହାର ଚାର୍ଜ ବାବଦ ୫୫,୦୫୪ କୋଟି ଟଙ୍କା ସାମିଲ ରହିଥିବା ଲୋକ ସଭାକୁ ଏକ ଲିଖିତ ଉତ୍ତରରେ ସେ କହିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଏକ ସତ୍ୟପାଠ ଜରିଆରେ ଟେଲିକମ୍ ବିଭାଗ (ଡିଓଟି) କହିଛି ଯେ, ଏୟାରଟେଲ ଲାଇସେନ୍ସ ଫି ବାବଦ ୨୧, ୬୮୨.୧୩ କୋଟି, ଭୋଡାଫୋନ ୧୯,୮୨୩.୭୧ କୋଟି, ରିଲାଏନ୍ସ କମ୍ୟୁନିକେଶନ ୧୬,୪୫୫ କୋଟି, ବିଏସ୍ଏନ୍ଏଲ୍ ୨୦୯୮ କୋଟି ଏବଂ ଏମ୍‌ଟିଏନ୍ଏଲ୍ ୨୫୩୭ କୋଟି ଟଙ୍କା ବକେୟା ରଖିଛି।

# ଯୁନିୟନ ବ୍ୟାଙ୍କ ଅଧିକାରୀ ସଂଘର ବାର୍ଷିକ ବୈଠକ




ଭୁବନେଶ୍ୱର,୧୬–୧

ଅଲ୍ ଓଡିଶା ଯୁନିୟନ ବ୍ୟାଙ୍କ ଅଫିସର୍ସ ସଂଘର ୧୮ତମ ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ପି.ବାଲାଚନ୍ଦ୍ର, ସର୍ବଭାରତୀୟ ଯୁନିୟନ ବ୍ୟାଙ୍କ ଅଧିକାରୀ ସଂଘର ସଭାପତି ପରେଶ ନଖ୍ୱା, ଉପସଭାପତି ଗିରିଧର ଗୋପାଳ ବୈଠକରେ ଅଧକ୍ଷତା କରିଥିଲେ। ଏଥିରେ ଲିଙ୍ଗରାଜ ଆଚାର୍ଯ୍ୟ ଓଡ଼ିଶା ଯୁନିଟର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ସଭାପତି ଭାବେ ମନୋଜ କୁମାର ପାତ୍ର, ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ଏଚ୍.କେ.ପାହି ମନୋନୀତ ହୋଇଥିଲେ। ଏଥିରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଆର୍.ଏଲ୍ମୀନା, ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଏସ୍ .କେ. ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍‌ସଙ୍ଗର ମକର ସଂକ୍ରାନ୍ତି ଅଫର

ନୂଆଦିଲ୍ଲୀ,୧୬–୧

କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ ବ୍ରାଣ୍ଡ ସାମସଙ୍ଗ ପକ୍ଷରୁ ମକର ସଂକ୍ରାନ୍ତି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ରିହାତି, ଫାଇନାନ୍ସ ସୁବିଧା, ୧୫% ପର୍ଯ୍ୟନ୍ତ କ୍ୟାଶବ୍ୟାକ୍, ଜିରୋ ଡାଉନପେମେଣ୍ଟ, ସହଜ ଇଏମ୍ଆଇ ରହିଛି। ଏହି ଅଫର ୩୧ ଜାନୁୟାରୀ ଯାଏ ରହିବ। ଏହି ସମୟରେ କ୍ୟୁଏଲ୍ଇଡି, ୪କେ ୟୁଏଚ୍‌ଡି ଭଳି ଅନ୍ୟ କେତେ ସାମଗ୍ରୀ କ୍ରୟରେ ନିଶ୍ଚିତ ଉପହାର ପ୍ରଦାନ କରାଯାଉଛି। ପାର୍ବଣ ସମୟରେ ନୂଆ ଅଫରର ଲାଭ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି ବୋଲି ସାମସଙ୍ଗ ଇଣ୍ଡିଆର କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ବିଜନେସର ବରିଷ୍ଠ ଉପସଭାପତି ରାଜୁ ପୁଲାନ କହିଛନ୍ତି।

# କିଆର ଅଷ୍ଟ୍ରେଲିଆନ ଓପନ୍ ବଲ୍‌କିଡ୍‌ସ ଇଣ୍ଡିଆ ପ୍ରୋଗ୍ରାମ

ନୂଆଦିଲ୍ଲୀ,୧୬–୧

କିଆ ମୋଟର୍ସ ଇଣ୍ଡିଆ ପକ୍ଷରୁ ଏହାର ଅଷ୍ଟ୍ରେଲିଆନ ଓପନ ବଲ୍‌କିଡ୍‌ସ ଇଣ୍ଡିଆ ପ୍ରୋଗ୍ରାମର ୨ୟ ସିଜିନ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୧୨ରୁ ୧୫ ବର୍ଷ ବୟସର ୧୦ ଜଣ ମନୋନୀତ ପିଲାଙ୍କୁ ଏକ ବ୍ୟାପକ ପ୍ରଶିକ୍ଷଣ ପ୍ରକ୍ରିୟାର ସାମନା କରିବାକୁ ହେବ। ଚଳିତ ମାସ ହେବାକୁ ଥିବା ଆଇକନିକ ଗ୍ରାଣ୍ଡ ସ୍ଲାମରେ ସାରା ବିଶ୍ୱରୁ ଆସିଥିବା ବଲ୍‌କିଡସ ମଧ୍ୟରେ ଏମାନେ ଭାରତର ପ୍ରତିନିଧିତ୍ୱ କରିବେ। ଏହି ଅଷ୍ଟ୍ରେଲିଆନ୍ ଓପନ ବଲ୍‌କିଡସ୍ ଇଣ୍ଡିଆ ପ୍ରୋଗ୍ରାମର ବିଜେତା ମଧ୍ୟରେ ହାଇଦ୍ରାବାଦର ଆଦିତ୍ୟ ବିଏମ୍‌ଭି, ସଂସ୍କୃତି ବିଏମ୍‌ଭି, ଅହମ୍ମଦାବାଦର ଅର୍ଥବ ହିତେନ୍ଦ୍ର, କୋଲକାତାର ଅତ୍ରିଜୋ ସେନଗୁପ୍ତା, ଗୁରୁଗ୍ରାମର ବିଦ୍ୟାଂଶୁ ପାଣ୍ଡେ ଓ ହର୍ଷିତ ପଣ୍ଡିତ, ପଞ୍ଚକୁଲାର ରିଜୁଲ ଭାଟିଆ, ଚଣ୍ଡିଗଡର ସଂଗ୍ରାମ ସିଙ୍ଗଲା ରହିଛନ୍ତି। କିଆମୋଟର୍ସ ସର୍ବଦା ଏହାର ମୂଳ ବ୍ୟବସାୟଠାରୁ ଆଗକୁ ବଢିବା ସହ ଉପଭୋକ୍ତାଙ୍କୁ ଜାଣିବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ ଓ ପ୍ରେରିତ କରିଥାଏ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବିଭାଗ ଉପସଭାପତି ତଥା ମୁଖ୍ୟ ମନୋହର ଭଟ୍ଟ କହିଛନ୍ତି।

# ହୋଣ୍ଡାର ନୂଆ ବିଏସ୍–୬ ଆକ୍ଟିଭା ୬ଜି




ନୂଆଦିଲ୍ଲୀ,୧୬–୧

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ବିଏସ୍–୬ ଆକ୍ଟିଭା ୬ଜି ବଜାରକୁ ଆସିଛି। ଯାନଟିର ଏକ୍ସ ଶୋ'ରୁମ ନୂଆଦିଲ୍ଲୀ ମୂଲ୍ୟ ୬୩,୯୧୨ ଟଙ୍କା ରହିଛି। ନୂଆ ନିୟମ ଲାଗୁ ହେବାର ବହୁ ପୂର୍ବରୁ ହୋଣ୍ଡା ଭାରତରେ ପ୍ରଥମ ନିର୍ମାତା ଭାବେ ବିଏସ୍–୬ ଦୁଇ ଚକିଆ ଯାନ ଆକ୍ଟିଭା–୧୨୫ ଓ ପରେ ଏସ୍‌ପି ୧୨୫ର ବିକ୍ରି ଆରମ୍ଭ କରିଥିବା କମ୍ପାନୀର ଏମ୍‌ଡି ତଥା ସିଇଓ ମିନୋରୋ କାଟୋ କହିଛନ୍ତି। ସାରା ଦେଶରେ ବିଏସ୍–୬ ମଡେଲ ଯାନଗୁଡିକର ୭୫ ହଜାରରୁ ଉର୍ଦ୍ଧ୍ୱ ୟୁନିଟ ଯାନ ବିକ୍ରି ହୋଇଛି। ନୂଆ ମଡେଲ ବ୍ୟବସାୟ ସମ୍ପ୍ରସାରଣକୁ ଦୃଢ କରିବା ନେଇ ବିଶ୍ୱାସ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଦୀର୍ଘ ୨ ଦଶନ୍ଧି ଧରି ସ୍ୱୟଂଚାଳିତ ସ୍କୁଟର ବର୍ଗରେ ଆକ୍ଟିଭା ଏକ ପ୍ରମୁଖ ସ୍ଥାନରେ ରହିଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବିଭାଗ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛନ୍ତି। ନୂଆ ମଡେଲଟିରେ ୨୬ ପ୍ରକାରର ପେଟେଣ୍ଟ ଆପ୍ଲିକେଶନ ବ୍ୟବହାର କରାଯାଇଛି। ୧୧୦ ସିସି ଏଚ୍ଇଟି ବିଏସ୍–୬ ପିଜିଏମ୍ ଏଫ୍ଆଇ ଇଞ୍ଜିନ ଏଥିରେ ବ୍ୟବହାର କରାଯାଇଛି। ଏହା ୧୦% ଅଧିକ ମାଇଲେଜ ପ୍ରଦାନ କରିବାକୁ ସକ୍ଷମ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଟେଲିସ୍କୋପିକ ସସ୍‌ପେନଶନ, ସମନ୍ୱିତ ଡୁଆଲ ଫଙ୍କସନ ସ୍ୱିଚ୍ ସହ ଷ୍ଟାଣ୍ଡାର୍ଡ ଓ ଡିଲକ୍ସ ଭଳି ୨ ଭାରିଆଣ୍ଟ ଏବଂ ୬ ଟି ରଙ୍ଗରେ ଏହା ଉପଲବ୍ଧ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ନିସ୍‌ରେ ଡ୍ରିମ୍‌ଫେଷ୍ଟ ୨୦୨୦



ଭୁବନେଶ୍ୱର,୧୬–୧

ନିସ୍ ଶିକ୍ଷାନୁଷ୍ଠାନର ୨୦ତମ ବାର୍ଷିକ ଉତ୍ସବ ଡ୍ରିମ୍‌ଫେଷ୍ଟ–୨୦୨୦ ଏବଂ ରାଜ୍ୟ ସ୍ତରୀୟ ବାଣିଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉନ୍ନତ ଶିକ୍ଷା ଗ୍ରହଣ ଏବଂ ଦେଶ ବିଦେଶରେ ସୁନାମ ଅର୍ଜନ କରିବା ଲାଗି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡକ୍ଟର ସୁଭାଷ ଚନ୍ଦ୍ର ନାୟକ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ମାନବାଧିକାର କମିଶନର ଅଧକ୍ଷ ଜଷ୍ଟିସ ବିମଳ ପ୍ରସାଦ ଦାସ ଏବଂ ସଦସ୍ୟ ଅସିତ ଅମିତାଭ ଦାଶ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଦିଗରେ ଉଚିତ ଶିକ୍ଷାର ଭୂମିକା ଉପରେ ମତ ରଖିଥିଲେ। ଏହି ଅବସରରେ ବିଜନେସ ଆଡମିନିଷ୍ଟ୍ରେଶନ ବିଭାଗ ପକ୍ଷରୁ ଏକ ବାଣିଜ୍ୟ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏମବିଏ ବିଭାଗ ମୁଖ୍ୟ ବି.ବି. ମିଶ୍ର, ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରବୋଧ କୁମାର ହୋତା ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ନିର୍ଦ୍ଦେଶକ ଡ.ସ୍ମୃତିକାନ୍ତ ଦୀକ୍ଷିତ, ଡେପୁଟି ଡାଇରେକ୍ଟର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଡିନ୍ ପ୍ରମୋଦ କୁମାର ପୃଷ୍ଟି, ସହପ୍ରତିଷ୍ଠାତା ଡ.ସ୍ମୃତିସୁଧା ନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।


**GOVERNMENT OF ODISHA, HOUSING & URBAN DEVELOPMENT DEPTT.**
**OFFICE OF THE MUNICIPAL COUNCIL, BELPAHAR**
Tele Phone : 06645-250458, Fax : 06645-250236, Email : nacbelpahar@gmail.com

**"e" - Procurement Notice**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| Sl. No. | Bid reference No. | Bid Identification No. | Name of the work | Packege No. | Estimated Cost (In Lakhs.) | Period of Completion | Date & Time for availability of the bid documents in the portal | Last Date & Time for receipt of bids in the portal | Submission of hard copies of uploaded documents | Date & Time for opening of Technical bid | Name & address of the officer inviting bid |
|---|---|---|---|---|---|---|---|---|---|---|---|
| 1. | EO/ BPHM /07/ 2019-20 | 2020_ ORULB_ 58945 | Reclamation of water bodies at Belpahar Municipality i.e. Gumadera Suru Kanta, Muchhbahal Kanta. | II | 284.61 | 12 Calendar Months | From dt.17.01.2020 at 10.00 A.M. to dt.02.02.2020 up to 5.00 P.M. | Dt.02.02.2020 up to 5.00 P.M. | From dt. 03.02.2020 at 10.00 A.M to dt.05.02.2020 up to 5.00 P.M. | 11.00 A.M. and onwards on dt.06.02.2020 | Executive Officer Belpahar, Municipality |
| 2. | EO/ BPHM /08/ 2019-20 | 2020_ ORULB_ 58947 | Reclamation of water bodies at Belpahar Municipality i.e. Gountia Kanta. | VI | 338.76 | 12 Calendar Months | | | | | |

Further details can be seen from the procurement portal : www.tendersorissa.gov.in. If any addendum / corrigendum / cancellation of tender shall be publish in the above website only.

Sd./- Executive Officer,
Belpahar Municipality



ଓଡ଼ିଶା ସରକାର
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା**
**ଘୋଷଣା**

FILE NO.- L.A.-୦୧/୨୦୧୭ 324 DATED 13.12.2019

**NO. XXXIII-09:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R ACT. 2013ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା– ଭୁବନେଶ୍ୱର ସହର ୟୁନିଟ୍–୩୬– ରାଜାରାଣୀ, ଥାନା– ଭୁବନେଶ୍ୱର, ତହସିଲ– ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧାରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଭୁବନେଶ୍ୱର ସହର ସମନ୍ୱିତ ସ୍ୱେରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R ACT, 2013ର ଧାରା ୧୧(୧)ର ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା–୨, ତା୦୨।୦୧।୨୦୧୯ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା– ଭୁବନେଶ୍ୱର ସହର ୟୁନିଟ୍–୩୬–ରାଜାରାଣୀ, ଥାନା– ଭୁବନେଶ୍ୱର, ତହସିଲ– ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧାରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ତଫସିଲ–କ (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: ଖୋର୍ଦ୍ଧା, ତହସିଲ–ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଭୁବନେଶ୍ୱର ସହର, ୟୁନିଟ୍–୩୬, ରାଜାରାଣୀ | ସହରାଞ୍ଚଳ | ୭୧୯ ବେବନ୍ଦୋବସ୍ତ | ୪୫୨ | ଶାରଦ ଜଳ ଏକ | ଏ. ୦.୩୬୮ | ଏ. ୦.୦୩୨ | ଲକ୍ଷ୍ମୀଧର ପୂଜାପଣ୍ଡା, ଦିବ୍ୟସିଂହ ପୂଜାପଣ୍ଡା, କିସ୍ମତ: ବାରଅଣା, ପି: ଆର୍ତ୍ତତ୍ରାଣ ପୂଜାପଣ୍ଡା, ଯଦୁମଣି ପୂଜାପଣ୍ଡା, ବ୍ରଜମଣି ପୂଜାପଣ୍ଡା, ପି: ନାରାୟଣ ପୂଜାପଣ୍ଡା, ବାଞ୍ଛାନିଧି ପୂଜାପଣ୍ଡା, ପି:କୃଷ୍ଣ ଚନ୍ଦ୍ର ପୂଜା ପଣ୍ଡା ପଦ୍ମଲାଭ ପୂଜାପଣ୍ଡା, ପି: ରଘୁନାଥ ପୂଜାପଣ୍ଡା, ପୁରୁଷୋତ୍ତମ ପୂଜାପଣ୍ଡା, ପି: ଗଦାଧର ପୂଜାପଣ୍ଡା, ଜଗନ୍ନାଥ ପୂଜାପଣ୍ଡା, ପି: ଧର୍ମୁ ମହାପାତ୍ର, କିସ୍ମତ୍ ଚାରିଅଣା, ବା: ଭୁବନେଶ୍ୱର |
| | | | ୬୪୦ | ଶାରଦ ଜଳ ଏକ | ଏ. ୦.୭୩୫ | ଏ. ୦.୦୩୮ | |
| | | | | ମୋଟ ରକବା | | ଏ.୦.୦୭୦ | |

ତଫସିଲ–ଖ (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା: ଖୋର୍ଦ୍ଧା, ତହସିଲ–ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୧୮।୦୧।୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଖୋର୍ଦ୍ଧା

24013/14/0012/1920



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.

No. OSOU/2019-20/124 Dt. 16.01.2020

**TENDER CALL NOTICE**

Sealed tenders are invited from reputed Manpower Supplying & Security service providing agencies for providing Stenographer, Data Entry operators, Attendants, Sweeper, Driver, Security Guards and other support staffs for University Headquarters & Other Regional Centers

Tender Documents with General Information for applying are available in the University website www.osou.ac.in. The last date of submission of Tender is **06th February 2020**. Technical bids of tenders will be opened on **07th February 2020**.

**www.osou.ac.in**

**Registrar**



No.E-669

**Advertisement for Tender for Supply and Maintenance of Electric Ambulance for Patient transportation inside the Hospital campus at Bhima Bhoi Medical College & Hospital, Balangir**

Sealed Tender is invited from Organization/Firms/ Agencies for Supply and Maintenance of Electric Ambulance for Patient transportation inside the Hospital campus at Bhima Bhoi Medical College & Hospital, Balangir. The tender paper completed in all respect should be submitted to the undersigned on or before 22.01.2020/ Time:12:00 PM in the office of the Superintendent, BBMC&H, Balangir. The details and terms and conditions can be downloaded from the official website **https://gmchbalangir.infocreatives.com**

**Superintendent, Bhima Bhoi Medical College & Hospital, Balangir**

10141/11/0010/1920



**DISTRICT PROJECT OFFICE, RTE-SSA, JAGATSINGHPUR**
File No. 01/Ped/2020 Notice No. 99/Ped/20 Date: 10.01.2020

**TENDER CALL NOTICE FOR PRINTING AND SUPPLY OF QUESTION-CUM-BLANK ANSWER SHEETS & REPORT CARD FOR SUMMATIVE ASSESSMENT-II, 2019**

Sealed tenders are invited in the prescribed format from reputed Offset printing firms having up to date DIC, OSIC, NSIC, TAN / PAN, GST registration certificate for printing, packing and supply of Question-cum-Blank Answer Sheet & Report Card for the Summative Assessment-II, 2020 pertaining to Class-I to Class-VIII in respect of all Govt. & Govt. Aided, Primary & Upper primary schools of Jagatsinghpur District. The detailed specification along with term and conditions can be obtained from the District website i.e. http://www.jagatsinghpur.nic.in and OPEPA website http://www.opepa.in. The details is also available in NIC website www.jagatsinghpur.nic.in.

*By order of Collector-cum-Chairperson,* ***Sd./- District Project Coordinator, RTE-SSA, Jagatsinghpur***



**OFFICE OF THE EXECUTIVE ENGINEER**
**RURAL WORKS DIVISION, SUNDARGARH**
E.Mail - rw_sundargarh@yahoo.co.in, Ph - 06622-272280 (off)

**1st Corrigendum to Bid Identification No Onllne-EESNG-12 of 2019-20**

No.O-856 :- Due to unavoidable circumstances, the tender invited vide bid Identification No: Online-EESNG-12 of 2019-20 is re tendered and Online availability of tender, receipt submission and opening of Tender Document has been changed. Details as follows:-

A) Availability of tender online for bidding: from 16.01.2020 (11.00 A.M.) to 24.01.2020 (5.00 P.M.)
B) Last date of seeking clarification: 22.01.2020 up to 11.00 AM.
C) Date of Opening of Tender: At 11.00 A.M on 27.01.2020 (Technical Bid). At 11.00 A.M on 28.01.2020 (Financial Bid).

***All other terms & conditions remain unchanged.***

**Sd./- Executive Engineer**
**R.W. Division, Sundargarh**

25046/11/0024/1920



ପତ୍ରସଂଖ୍ୟା: ୧୧୧ **ପଞ୍ଚାୟତ ସମିତି କାର୍ଯ୍ୟାଳୟ, କିଶୋରନଗର** ତା: ୧୬।୦୧।୨୦୨୦

ଏତଦ୍ୱାରା କିଶୋରନଗର ପଞ୍ଚାୟତ ସମିତି ଅଧୀନରେ ଥିବା ୨୩ଗୋଟି ଗ୍ରା.ପ.ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ (Mahatma Gandhi NREGS) ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ୨୦୧୯–୨୦ ଆର୍ଥିକ ବର୍ଷର ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତ ଓ ଲାଇନ ବିଭାଗଗୁଡ଼ିକ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା, ସମ୍ପୃକ୍ତ ଗ୍ରା.ପ. କାର୍ଯ୍ୟାଳୟରେ ନିମ୍ନପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ଉକ୍ତ ସଭାରେ ସମ୍ପୃକ୍ତ ଗ୍ରା.ପ.ର ଲୋକପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ। ପଞ୍ଚାୟତର ସମସ୍ତ ଜବ୍‌କାର୍ଡ଼ଧାରୀ ଶ୍ରମିକ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜନସାଧାରଣ ଉପସ୍ଥିତ ରହି ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଯାଞ୍ଚ ଓ ସାମାଜିକ ସମୀକ୍ଷାରେ ସହଯୋଗ କରିବା ପାଇଁ ଅନୁରୋଧ।

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ:**

| କ୍ର. ନଂ. | ଗ୍ରାମ ପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ବ୍ୟବଧାନ (ନଥିପତ୍ର ତଦାରଖ ଓ କାର୍ଯ୍ୟ ପରିଦର୍ଶନ) | ଗ୍ରାମପଞ୍ଚାୟତ ସ୍ତରରେ ଜନଶୁଣାଣି ବା ସାମାଜିକ ସମୀକ୍ଷା | ସ୍ଥାନ |
|---|---|---|---|---|
| ୧ | ନାକଚି, ଝରାବେରେଣୀ, ଜଏରାଟ, କଦଳୀମୁଣ୍ଡା, କଣ୍ଟେଇକୁଳିଆ, ଲୁହାମୁଣ୍ଡା, ଉରୁକୁଳା | ୧୮।୦୧।୨୦୨୦ ଠାରୁ ୨୮।୦୧।୨୦୨୦ | ୨୮।୦୧।୨୦୨୦ ସକାଳ ୧୦ଘଟିକା | ସମ୍ପୃକ୍ତ ଗ୍ରା.ପ. କାର୍ଯ୍ୟାଳୟ |
| ୨ | ଓଷ୍ଟାପାଲି, ଅଙ୍ଗପଡ଼ା, ବିଳେଇନାଳୀ, ହିମିତିରା, ଗାଁବଇଣ୍ଡା, ରଣିଆକଟା, ସଞ୍ଚାମୁରା, ଠେଲକନାଳୀ | ୦୩।୦୨।୨୦୨୦ ଠାରୁ ୧୩।୦୨।୨୦୨୦ | ୧୩।୦୨।୨୦୨୦ ସକାଳ ୧୦ଘଟିକା | |
| ୩ | ନୁନୁକାପଶି, ହଣ୍ଡପା, କଟରଙ୍ଗା, ଜାମୁନାଳୀ, ବାମୁର, ଧଡରପାଳ, ଆମ୍ବପାଳ, ଧଉରାପାଲି | ୧୮।୦୨।୨୦୨୦ ଠାରୁ ୨୯।୦୨।୨୦୨୦ | ୨୯।୦୨।୨୦୨୦ ସକାଳ ୧୦ଘଟିକା | |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, କିଶୋରନଗର



“ଜଙ୍ଗଲରେ ନିଆଁ ଯୋଗୁ ଧୂଆଁଳିଆ ବାୟୁମଣ୍ଡଳ ସତ୍ତ୍ୱେ ଅଷ୍ଟ୍ରେଲିଆନ ଓପନ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଖେଳାଯିବା ଦୁର୍ଭାଗ୍ୟଜନକ ।

–ଲିଆମ୍ ବ୍ରୋଡି, ବ୍ରିଟିଶ ଟେନିସ୍ ଖେଳାଳି

“ବର୍ତ୍ତମାନ ପରିସ୍ଥିତିରେ ଜଣେ ବ୍ୟାଟ୍ସମ୍ୟାନ ଭାରତୀୟ ଦଳରେ ଯେକୌଣସି ସ୍ଥାନରେ ବ୍ୟାଟିଂ କରିବା ଲାଗି ପ୍ରସ୍ତୁତ ରହିବା ଉଚିତ ।

–ଶ୍ରେୟାସ ଆୟାର, ଭାରତୀୟ କ୍ରିକେଟର



## ସଂକ୍ଷେପରେ

### ୧୯ ବର୍ଷରୁ କମ୍ ବିଶ୍ୱକପ୍ ଆଜିଠାରୁ

କେପ୍ ଟାଉନ୍, ୧୬।୧ (ପି.ଟି.): ଶୁକ୍ରବାରଠାରୁ ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳାଯିବ। ଏଥିରେ ଭାରତକୁ ଫେଭରାଇଟ୍ ମନେ କରାଯାଉଛି। ଗତଥରର ଚାମ୍ପିୟନ ଭାରତ ଏହି ଟୁର୍ନାମେଣ୍ଟ ୪ଥର ଜିତିସାରିଛି। ଅଧିନାୟକ ପ୍ରିୟମ ଗର୍ଗଙ୍କ ସମେତ ଏଥର ଦଳରେ ସ୍ଥାନ ପାଇଥିବା ୬ଜଣ ଖେଳାଳି ସିନିୟର କ୍ରିକେଟ (ପ୍ରଥମଶ୍ରେଣୀ, ଲିଷ୍ଟ ଏ' ଅବା ଟି୨୦)ଖେଳିଛନ୍ତି। ୪ଜଣ ଖେଳାଳି ଯଶସ୍ୱୀ ଜୈସ୍ୱାଲ, ଗର୍ଗ, ରବି ବିଶ୍ନୋଇ, କାର୍ତ୍ତିକ ତ୍ୟାଗୀ ଆଇପିଏଲ୍ ଖେଳାଳି ନିଲାମରେ ବହୁ ମୂଲ୍ୟରେ ବିକ୍ରି ହୋଇଛନ୍ତି। ଟୁର୍ନାମେଣ୍ଟରେ ପାକିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଟିମ୍‌ର ଭାବି ଷ୍ଟାର ଖେଳାଳି ନଜରକୁ ଆସିବେ। ଏଥିରେ ଜାପାନ ଓ ନାଇଜେରିଆ ଦଳର ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଭାରତ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ସହିତ ଜାପାନ ଗ୍ରୁପ୍ ଡି'ରେ ରହିଛି। ଜାପାନ ଦଳରେ ଦକ୍ଷିଣ ଏସିଆର ବହୁ ଖେଳାଳି ରହିଛନ୍ତି। ସେମାନେ ହେଲେ ଯଥା ତୁଷାର ଚତୁର୍ବେଦୀ, ଯୁଗାନ୍ଧର ରେଥାରେକର, ଇଶାନ ଫାର୍ତ୍ୟାଲ, ଦେବାଶିଷ ସାହୁ। ନାଇଜେରିଆ ଦଳ ତୁଳନାତ୍ମକ ଭାବେ କଷ୍ଟସାଧ ଗ୍ରୁପ୍‌ରେ ସ୍ଥାନ ପାଇଛି। ଏଥିରେ ଅଷ୍ଟ୍ରେଲିଆ, ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ରହିଛନ୍ତି। ଶୁକ୍ରବାର ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ 'ଡାଇମଣ୍ଡ ସିଟି' କିମ୍ବର୍ଲିଠାରେ ଆୟୋଜକ ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ତାନ ମଧ୍ୟରେ ଖେଳାଯିବ। ପରଦିନ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ମ୍ୟାଚ ଖେଳାଯିବ।

### ସିନ୍ଧୁଙ୍କ ଅଭିଯାନ ଶେଷ

ଜାକର୍ତ୍ତା,୧୬।୧(ପି.ଟି.): ଇଣ୍ଡୋନେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ବିଶ୍ୱ ଚାମ୍ପିୟନ ପି. ଭି. ସିନ୍ଧୁ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଜାପାନର ସାୟାକା ତାକାହାସିଙ୍କଠାରୁ ପରାଜୟ ବରଣ କରିଛନ୍ତି। ସିନ୍ଧୁ ୨୧-୧୬, ୧୬-୨୧, ୧୯-୨୧ ଗେମ୍‌ରେ ପରାସ୍ତ ହୋଇଛନ୍ତି। ବିଶ୍ୱର ୬ଷ୍ଠ ର୍‍ୟାଙ୍କଧାରୀ ସିନ୍ଧୁଙ୍କ ଜାପାନିଜ ଖେଳାଳି ତାକାହାସିଙ୍କ ବିପକ୍ଷରେ ଏହା ୩ୟ ପରାଜୟ।

# ୩ ନମ୍ବରରେ ବ୍ୟାଟିଂ କରିବେ କୋହଲି

ରାଜକୋଟ,୧୬।୧(ପି.ଟି.)

ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଶୁକ୍ରବାର ଭାରତ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳାଯିବ। ମୁମ୍ବାଇରେ ପ୍ରଥମ ଦିନିକିଆରେ ୧୦ ଉଇକେଟରେ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିବା ଭାରତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ପଛରେ ପଡ଼ିଛି। ଫଳରେ ଭାରତ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ଅଧିନାୟକ ବିରାଟ କୋହଲି ପୂର୍ବପରି ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିବେ। ପ୍ରଥମ ମ୍ୟାଚ୍‌ରେ ସେ ନିଜର ବ୍ୟାଟିଂ କ୍ରମ ବଦଳାଇଥିଲେ। ତେବେ ଏହା ମହଙ୍ଗା ସାବ୍ୟସ୍ତ ହୋଇଥିଲା ଓ ଭାରତର ବ୍ୟାଟିଂ ଫେଲ୍ ମାରିଥିଲା। ଦୁଇ ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନର ଓ ଆରୋନ ଫିଞ୍ଚ୍ ଘରୋଇ ବୋଲରଙ୍କ ଉଚିତ୍ ମୁକାବିଲା କରିବା ସହ ଅପରାଜିତ ଶତକ ହାସଲ କରି ଦଳକୁ ଜିତାଇଥିଲେ।

୩ଜଣ ଇନ୍‌ଫର୍ମ ଖେଳାଳି ରୋହିତ ଶର୍ମା, ଶିଖର ଧାୱନ ଓ ଲୋକେଶ ରାହୁଲଙ୍କୁ ଖେଳାଯିବାକୁ ଯାଇ କୋହଲି ଗୋଟିଏ ସ୍ଥାନ ତଳକୁ ଖସି ବ୍ୟାଟିଂ କରିବାକୁ ଆସିଥିଲେ ଓ ଏହା କାମ ଦେଇ ନ ଥିଲା। ଭଲ ଆରମ୍ଭ କରିଥିଲେ ମଧ୍ୟ ଏହି ଖେଳାଳିମାନେ ଏହାକୁ ବଡ଼ ସ୍କୋରରେ ପରିଣତ କରିବାରେ ବିଫଳ ହୋଇଥିଲେ। ଯଦି ଆବଶ୍ୟକ ପଡେ ଅଭିଜ୍ଞ ଓପନର ଧାୱନ ପରେ ୩ ନମ୍ବରରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି। କିନ୍ତୁ କୋହଲି ୩ ନମ୍ବରରେ ବେଶ୍ ସଫଳତା ପାଇଛନ୍ତି ଓ ସେ ମିଡଲ ଅର୍ଡରରେ ସ୍ଥିରତା ଆଣିଥାନ୍ତି। ପ୍ରଥମ ଦିନିକିଆ ହେଲ୍‌ମେଟ୍‌ରେ ବଲ୍ ବାଜିବା କାରଣରୁ ରିଷଭ ପନ୍ତ ଆହତ ହୋଇ ଏହି ମ୍ୟାଚ୍‌ରୁ ବାଦ୍ ପଡିଛନ୍ତି। ତେଣୁ ରିଷଭଙ୍କ ବଦଳରେ ରାହୁଲ ଉଇକେଟ କିପିଂ ଦାୟିତ୍ୱରେ ରହିବା ଏକ ପ୍ରକାର ନିଶ୍ଚିତ।

ପ୍ରଥମ ମ୍ୟାଚ୍‌ରେ ରୋହିତ ଓ ଧାୱନ ୯୧ ବଲରୁ ୭୪ ରନ କରି ଭଲ ଆରମ୍ଭ କରିଥିଲେ। ଫଳରେ ଏହି ଦୁଇ ଖେଳାଳି ଇନିଂସ ଓପନ କରିବେ ଓ ୪ ନମ୍ବରରେ ଶ୍ରେୟାସ ଆୟାର କିମ୍ବା ରାହୁଲଙ୍କ ବ୍ୟାଟିଂ କରିବାର ସୁଯୋଗ ମିଳିପାରେ। ଅବଶ୍ୟ ଆୟାର ପ୍ରଥମ ମ୍ୟାଚ୍‌ରେ ଫେଲ୍ ମାରିଥିଲେ। ପନ୍ତଙ୍କ ଅନୁପସ୍ଥିତି କର୍ନାଟକ ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ପୁଣେରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ତୃତୀୟ ଟି୨୦ରେ ପନ୍ତଙ୍କ ଅନୁପସ୍ଥିତିରେ ସେ ଭଲ ପ୍ରଦର୍ଶନ କରିଥିଲେ। ତେବେ ଅଭିଜ୍ଞ ଶିବମ ଦୁବେ ଓ କେଦାର ଯାଦବଙ୍କ ମଧ୍ୟରୁ କାହାକୁ ଖେଳାଯିବ ତାହା ଅବଶ୍ୟ ପରେ ଜଣା ପଡିବ। ୨୦୧୯ରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଥିବା ରୋହିତ କିନ୍ତୁ ପ୍ରଥମ ମ୍ୟାଚ୍‌ରେ ବିଫଳ ହୋଇଥିଲେ। ଜବରଦସ୍ତ ଫର୍ମରେ ଥିବାରୁ ସେ ଏହି ମ୍ୟାଚ୍‌ରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ଅନ୍ୟପଟେ କୋହଲି ଆଉ ଗୋଟିଏ ଶତକ ହାସଲ କଲେ ଘରୋଇ ମାଟିରେ ଭାରତ ପାଇଁ ସର୍ବାଧିକ ଶତକ ହାସଲ ରେକର୍ଡର ସମକକ୍ଷ ହେବେ। ତେଣୁ ସେ ଦ୍ୱିତୀୟ ମ୍ୟାଚ୍‌ରେ ଏହି ସଫଳତା ପାଇବା ଆଶା କରାଯାଉଛି।

ଯଶପ୍ରୀତ ବୁମ୍‌ରାଙ୍କ ନେତୃତ୍ୱରେ ଭାରତ ୱାଙ୍ଖେଡେରେ ମାମୁଲି ପ୍ରଦର୍ଶନ କରିଥିଲା ଓ ଗୋଟିଏ ହେଲେ ବି ଉଇକେଟ ହାସଲ କରିପାରି ନ ଥିଲା। ଫଳରେ ଭାରତୀୟ ବୋଲିଂ ୟୁନିଟ୍ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି। ଆଘାତ ସମସ୍ୟାରୁ ଫେରିବା ପରେ ବୁମ୍‌ରା ପୂର୍ବଭଳି ସେତେଟା ପ୍ରଭାବୀ ସାବ୍ୟସ୍ତ ହୋଇପାରି ନାହାନ୍ତି। ପୂର୍ବ ଚମକ ଦେଖାଇବାକୁ ସେ ପ୍ରୟାସ କରିବେ ବୋଲି ଆଶା କରାଯାଉଛି। ଦିଲ୍ଲୀ ଦ୍ରୁତ ବୋଲର ନବଦୀପ ସଇନି ଓ ଶାର୍ଦ୍ଦୂଳ ଠାକୁରଙ୍କ ମଧ୍ୟରୁ ଜଣକୁ ଖେଳାଯିବ। ଠାକୁର ମୁମ୍ବାଇରେ ୫ ଓଭରରେ ବୋଲିଂ କରି ୪୩ ରନ ଦେବା ସହ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ସ୍ପିନ୍ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଖେଳିବା ନିଶ୍ଚିତ ମନେ ହେଉଛି। ଚାଇନାମ୍ୟାନ କୁଲଦୀପ ଯାଦବ ଓ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ମଧ୍ୟରୁ ଜଣେ ସୁଯୋଗ ପାଇବେ। କୁଲଦୀପ ୧୦ ଓଭର ବୋଲିଂ କରି ପ୍ରଥମ ମ୍ୟାଚ୍‌ରେ ୫୫ ରନ ବ୍ୟୟ କରିଥିଲେ।

ଅପରପକ୍ଷରେ ପ୍ରଥମ ମ୍ୟାଚ୍‌ରେ ବୃହତ୍ ବିଜୟ ହାସଲ କରି ଅଷ୍ଟ୍ରେଲିଆ ତା'ର ମନୋବଳ ବେଶ୍ ଉଚ୍ଚ କରିଛି। ଏହି ମ୍ୟାଚ୍ ଜିତି ଅଷ୍ଟ୍ରେଲିଆ ଭାରତ ମାଟିରେ କ୍ରମାଗତ ଦୁଇଟି ସିରିଜ ବିଜୟ ହାସଲ ଲକ୍ଷ୍ୟରେ ରହିଛି। ଏହା ହୋଇପାରିଲେ ଅଷ୍ଟ୍ରେଲିଆ ପାଇଁ ଏକ ବିରଳ ସଫଳତା ସାବ୍ୟସ୍ତ ହେବ। ଫିଞ୍ଚ୍- ୱାର୍ନର ଯୋଡି ମୁମେଣ୍ଟମ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍, ଇନ୍‌ଫର୍ମ ମାର୍ନସ ଲାବୁସେନ, ଆଷ୍ଟନ ଟର୍ନର ଓ ଆଲେକ୍ସ କ୍ୟାରୀଙ୍କୁ ନେଇ ଅଷ୍ଟ୍ରେଲିଆ ମିଡଲଅର୍ଡର ବେଶ୍ ଦୃଢ଼ ମନେ ହେଉଛି। ଓପନରଙ୍କ ସମେତ ଯଦି ମିଡଲଅର୍ଡର ଭଲ ଖେଳେ ତେବେ ଭାରତୀୟ ବୋଲରଙ୍କ ପାଇଁ ପରୀକ୍ଷା ସୃଷ୍ଟି ହେବ। ତେବେ ଏହି ଗ୍ରାଉଣ୍ଡରେ ଅଷ୍ଟ୍ରେଲୀୟ ମିଡଲଅର୍ଡର ପରୀକ୍ଷାର ସମ୍ମୁଖୀନ ହେବ। ପ୍ରଥମ ମ୍ୟାଚ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବା ଅଷ୍ଟ୍ରେଲୀୟ ପୁଣିଥରେ କମାଲ କରିବା ଲକ୍ଷ୍ୟରେ ରହିଛନ୍ତି। ଦୁଇ ସ୍ପିନର ଆଡାମ ଜାମ୍ପା ଓ ଆଷ୍ଟନ ଅଗର ରନକୁ ରୋକିବା ସହ ନିୟମିତ ଅନ୍ତରରେ ବ୍ରେକ୍ ଥ୍ରୁ ଦେଇ ଘରୋଇ ଦଳକୁ ଝଟ୍‌କା ଦେବାରେ ସଫଳ ହୋଇଥିଲେ। ମିଡଲ ଓଭରରେ ଏହି ଦୁଇ ବୋଲର ପୁଣି ପ୍ରଭାବୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି। ୨୦୧୭ରେ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ୨-୧ରେ ସିରିଜ ବିଜୟୀ ହୋଇଥିଲା। ସେତେବେଳେ ମଧ୍ୟ ଭାରତ ମୁମ୍ବାଇରେ ନ୍ୟୁଜିଲାଣ୍ଡଠାରୁ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା।





ରାଜକୋଟରେ ଗୁରୁବାର ଅଷ୍ଟ୍ରେଲିଆର ଷ୍ଟିଭେନ ସ୍ମିଥ ଓ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲିଙ୍କ ଅଭ୍ୟାସ।

### ଦ୍ୱିତୀୟ ଦିନିକିଆ ଆଜି

| ଭାରତୀୟ ଦଳ | ଅଷ୍ଟ୍ରେଲିଆ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ (ଉଇକେଟକିପର), ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, କେଦାର ଯାଦବ, ଶିବମ୍ ଦୁବେ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ନବଦୀପ ସଇନି, ଯଶପ୍ରୀତ ବୁମ୍‌ରା, ଶାର୍ଦ୍ଦୂଳ ଠାକୁର ଓ ମହମ୍ମଦ ସାମି। | ଆରୋନ ଫିଞ୍ଚ୍ (ଅଧିନାୟକ), ଆଲେକ୍ସ କାରେ (ଉଇକେଟକିପର), ପାଟ୍ରିକ କୁମିନ୍ସ, ସିନ୍ ଆବୋଟ, ଆଷ୍ଟନ ଅଗର, ପିଟର ହ୍ୟାଣ୍ଡ୍ସକମ୍ବ, ଜୋଶ ହାଜେଲଉଡ, ମାର୍ନସ ଲାବୁସେନ, କେନ୍ ରିଚାର୍ଡସନ, ଷ୍ଟିଭ ସ୍ମିଥ୍, ମିଚେଲ ଷ୍ଟାର୍କ, ଆଷ୍ଟନ ଟର୍ନର, ଡେଭିଡ ୱାର୍ନର ଓ ଆଡାମ ଜାମ୍ପା। |

ସମୟ- ଅପରାହ୍ଣ ୧.୩୦, ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ

### ଟମାଣ୍ଡୋ କପ୍ ଫୁଟ୍‌ବଲ ସେମିଫାଇନାଲରେ ମଙ୍ଗଳା କ୍ଲବ

ଭୁବନେଶ୍ୱର,୧୬।୧(ପି.ଟି.)- ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଟମାଣ୍ଡୋ ମିନିଷ୍ଟାଡିୟମରେ ଚାଲିଥିବା ୨୫ତମ ରାଜ୍ୟସ୍ତରୀୟ ଟମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମଙ୍ଗଳା କ୍ଲବ ଅନ୍ତିମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କଟକର ମଙ୍ଗଳା କ୍ଲବ ଟାଇବ୍ରେକର ଜରିଆରେ ସାଇ ଟ୍ରେନିଂ ସେଣ୍ଟରକୁ ହରାଇ ଦେଇଛି। ଦୁଇ ଦଳ ଧାର୍ଯ୍ୟ ସମୟ ପର୍ଯ୍ୟନ୍ତ ସ୍କୋର କରିବାରେ ସଫଳ ହୋଇ ନ ଥିଲେ। ପରେ ଟାଇବ୍ରେକରରେ ମଙ୍ଗଳା କ୍ଲବ ୪-୩ ବ୍ୟବଧାନରେ ମ୍ୟାଚ୍ ଜିତି ନେଇଥିଲା। ବିଜୟୀ ଦଳ ପାଇଁ ଆପୁଲ ଦାସ, ବବୁଲ ରାଉତ, ରାକେଶ ସାହୁ, ଅଜତ ରାଉତ ଗୋଲ ଦେଇଥିଲେ। ସାଇ ପକ୍ଷରୁ ଅବିନାଶ ସାମଲ, ଅଜୟ ବାରକା, ଚନ୍ଦ୍ର ମୁର୍ମୁ ସ୍କୋର କରିବାକୁ ସକ୍ଷମ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ସୌର୍ଯ୍ୟରଞ୍ଜନ ପରିଜା ଅତିଥି ଭାବେ ଯୋଗଦେଇଥିଲେ। ଶୁକ୍ରବାର ଇଷ୍ଟକୋଷ୍ଟ ରେଲ୍‌ୱେ ଓ ମଙ୍ଗଳା କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।

## ୧୮ରୁ କଳିଙ୍ଗରେ ସ୍ପୋର୍ଟ୍ସ, ଇନୋଭେଶନ ଫେଷ୍ଟିଭାଲ

ଭୁବନେଶ୍ୱର,୧୬।୧(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୧୮ ତାରିଖରୁ ଦୁଇଦିନ ଧରି ଭାରତର ପ୍ରଥମ ସ୍ପୋର୍ଟ୍ସ ଓ ଇନୋଭେଶନ ଫେଷ୍ଟିଭାଲ ଅର୍ଥାତ୍ କ୍ରୀଡ଼ା ଓ ନବୀନତା ଉତ୍ସବ (ସ୍ପୋର୍ଟ୍ସ ଆଇଟି ୨୦୨୦) ଆୟୋଜନ ହେବ। ଜାଭିୟର ଏମିଲିୟନ ବିଜ୍‌ନେସ ସ୍କୁଲ (ଏକ୍ସଇବିଏସ୍) ଓ ରାଜ୍ୟ ସରକାର କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ଏହି ଫେଷ୍ଟିଭାଲ ୧୮ ତାରିଖରୁ ଆରମ୍ଭ ହୋଇ ୧୯ ତାରିଖରେ ଶେଷ ହେବା କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ କ୍ରୀଡ଼ାର ଉନ୍ନତି ପାଇଁ ଏହି ଫେଷ୍ଟିଭାଲ ଆୟୋଜନ କରାଯିବ। ଏହି ଫେଷ୍ଟିଭାଲକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ରାଜ୍ୟ ଶିଳ୍ପମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଉଦ୍‌ଘାଟନ କରିବେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପ୍ରୋ ଲିଗ୍ ଓ ଏହି ଫେଷ୍ଟିଭାଲ ଏକା ସମୟରେ ଆୟୋଜନ ହେବ। ଭାରତ ଓ ଫ୍ରାନ୍ସ ମିଳିତ ସହଯୋଗରେ ପ୍ରଥମଥର ପାଇଁ ଦେଶରେ ଏଭଳି ଏକ ମେଗା ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି।

ଏହି ଫେଷ୍ଟିଭାଲ ରାଜ୍ୟର କ୍ରୀଡ଼ା ବିକାଶରେ ବେଶ୍ ସହାୟକ ହେବ ବୋଲି ତୁଷାରକାନ୍ତି କହିଛନ୍ତି। ଏହା କ୍ରୀଡ଼ା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବାସହ ଯୁବ କ୍ରୀଡ଼ାବିତମାନଙ୍କୁ ଆକୃଷ୍ଟ କରିବାରେ ସହାୟକ ହେବ। କ୍ରୀଡ଼ା ସହିତ ଜଡିତ ରହିଥିବା ବ୍ୟକ୍ତିବିଶେଷମାନେ ଏଥିରେ ଯୋଗଦେଇ କ୍ରୀଡ଼ା ସମ୍ବନ୍ଧୀୟ ଜ୍ଞାନ ଓ ଭାବର ଆଦାନ ପ୍ରଦାନ କରିବେ ବୋଲି ସେ କହିଛନ୍ତି।

ଏହି ଫେଷ୍ଟିଭାଲ ମୁଖ୍ୟତଃ ୩ଟି ଭାଗରେ ବିଭକ୍ତ। ପ୍ରଥମଟି ହେଲା ସ୍ପୋର୍ଟ୍ସ ହେକ୍ଟାଥଲନ। ଦ୍ୱିତୀୟଟି ହେଲା ଷ୍ଟାର୍ଟ– ଅପ ଭିଲେଜ ଓ ତୃତୀୟଟି ହେଲା ସ୍ପୋର୍ଟ୍ସ ମାରାଥନ। ୧୮ ତାରିଖ ସକାଳ ୯.୩୦ରୁ ଅପରାହ୍ଣ ୪.୩୦ ମଧ୍ୟରେ ଓ ୧୯ ତାରିଖ ଦ୍ୱିତୀୟ ତଥା ଅନ୍ତିମ ଦିବସ ସକାଳ ୯.୩୦ରୁ ଅପରାହ୍ଣ ୨.୩୦ ମଧ୍ୟରେ ଏହି ଫେଷ୍ଟିଭାଲ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ।

## ତୃତୀୟ ଟେଷ୍ଟ: ଇଂଲଣ୍ଡ ୨୨୪/୪

ପୋର୍ଟ ଏଲିଜାବେଥ,୧୬।୧

ସ୍ଥାନୀୟ ସେଣ୍ଟ ଜର୍ଜ ପାର୍କ ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ମ୍ୟାଚ ଆରମ୍ଭ ହୋଇଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସ ଆରମ୍ଭ କରି ଇଂଲଣ୍ଡ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୪ ଉଇକେଟ ହରାଇ ୨୨୪ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ୩୮ ଏବଂ ଓଲି ପୋପ୍ ୩୯ ରନକରି ଅପରାଜିତ ରହିଛନ୍ତି। ଦଳ ତରଫରୁ ଦୁଇ ଓପନର ଜ୍ୟାକ କ୍ରଲି ଓ ଡୋମିନିକ ସିବ୍‌ଲି ଯଥାକ୍ରମେ ୪୪ ଓ ୩୬ ରନ କରି ଆଉଟ ହୋଇଥିଲେ। ସେହିପରି ଜୋ ଡେନଲି ୨୫ ଓ ଅଧିନାୟକ ଜୋ ରୁଟ୍ ୨୭ ରନକରି ପ୍ୟାଭିଲିୟନ ଫେରିଛନ୍ତି। ବୋଲିଂରେ ଘରୋଇ ଦଳ ତରଫରୁ କାଗିସୋ ରାବାଡ଼ା ୨, ଅନରିଚ ନୋର୍ଜ ଓ କେଶବ ମହାରାଜ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଉଲ୍ଲେଖଥାଉ କି, ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ବୃହତ୍ ୧୮୯ ରନରେ ବିଜୟୀ ହୋଇଥିଲା। ସେହିପରି ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ୧୦୭ ରନରେ ବିଜୟ ହାସଲ କରିଥିଲା।



ଜୋ ରୁଟ୍‌ଙ୍କୁ ଆଉଟ୍ କରିବା ପରେ କାଗିସୋ ରାବାଡାଙ୍କ ପ୍ରତିକ୍ରିୟା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ– ୯୦ ଓଭରରେ ୪ ଉଇକେଟ ହରାଇ ୨୨୪ ରନ (କ୍ରଲି– ୪୪, ସିବ୍‌ଲି– ୩୬, ଡେନଲି– ୨୫, ରୁଟ୍– ୨୭, ଷ୍ଟୋକ୍ସ– ୩୮*, ପୋପ୍– ୩୯*, ରାବାଡା– ୨/୪୮, ନୋର୍ଜ– ୧/୫୨, ମହାରାଜ– ୧/୫୫)।

## ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ ଟି୨୦ କ୍ରିକେଟ ୧୮ରୁ

ଭୁବନେଶ୍ୱର, ୧୬।୧(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଆଇନଜୀବୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଚଳିତମାସ ୧୮ ତାରିଖରୁ ଆରମ୍ଭ ହେବ। ବିଜେବି କଲେଜ ଗ୍ରାଉଣ୍ଡରେ ଏହା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ମୋଟ ୯ଟି ଦଳ ଅଂଶଗ୍ରହଣ କରିବେ। ପ୍ରଥମ ଦିବସରେ ଭୁବନେଶ୍ୱର ରେଡ୍ ଓ ପୁରୀ ବାର୍ ଆସୋସିଏଶନ ମଧ୍ୟରେ କ୍ୱାଲିଫାୟର ମ୍ୟାଚ ଅନୁଷ୍ଠିତ ହେବ। ସେହିଦିନ ପ୍ରଥମ କ୍ୱାର୍ଟର ଫାଇନାଲ ବାଲେଶ୍ୱର ଏବଂ କଟକ କ୍ରିମିନାଲ ବାର୍ ଆସୋସିଏଶନ ମଧ୍ୟରେ ଆୟୋଜିତ ହେବ। ୧୯ ତାରିଖରେ ୨ଟି ପ୍ରଦର୍ଶନୀ ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚ କମିଶନରେଟ ପୋଲିସ–ମିଡିଆ ଏକାଦଶ ଏବଂ ଦ୍ୱିତୀୟ ମ୍ୟାଚ ଖୋର୍ଦ୍ଧା ଜିଲା ପ୍ରଶାସନ–ଭୁବନେଶ୍ୱର ବାର୍ ଆସୋସିଏଶନ ସେକ୍ରେଟାରି ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ। ୨୦ରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଭୁବନେଶ୍ୱର ବାର୍ ଆସୋସିଏଶନ ଓ କ୍ୱାଲିଫାୟର–୧ ଏବଂ ତୃତୀୟ କ୍ୱାର୍ଟର ଫାଇନାଲ ହାଇକୋର୍ଟ ଓ ଢେଙ୍କାନାଳ ବାର୍ ଆସୋସିଏଶନ ମଧ୍ୟରେ ଆୟୋଜିତ ହେବ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲ ୨୧ ତାରିଖରେ ବୋର୍ଡ ଅଫ୍ ରେଭିନ୍ୟୁ ଏବଂ ବ୍ରହ୍ମପୁର ବାର୍ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହେବ। ୨୨ରେ ୨ଟି ସେମିଫାଇନାଲ ଓ ୨୩ରେ ଫାଇନାଲ ଖେଳାଯିବ। ଫାଇନାଲ ପୂର୍ବରୁ ଜିଲା ଜଜ୍ ଏକାଦଶ ଓ ଭୁବନେଶ୍ୱର ବାର୍ ଆସୋସିଏଶନ ସଭାପତି ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ହେବ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି।

## ଟିମ୍ ଇଣ୍ଡିଆ ସୁପରଫ୍ୟାନ ଚାରୁଲତାଙ୍କ ବିୟୋଗ



ଏକ ମ୍ୟାଚ୍ ଅବସରରେ ବିରାଟ କୋହଲିଙ୍କ ସହ ଚାରୁଲତା ପଟେଲ। (ଫାଇଲ ଫଟୋ)

ନୂଆଦିଲ୍ଲୀ,୧୬।୧(ପି.ଟି.)

ଇଂଲଣ୍ଡରେ ଅନୁଷ୍ଠିତ ଆଇସିସି ବିଶ୍ୱକପ୍‌ରେ ଭାରତୀୟ ଦଳକୁ ଷ୍ଟାଡିୟମରେ ସମର୍ଥନ କରିଥିବା ବୟୋଜ୍ୟେଷ୍ଠ ମହିଳା ପ୍ରଶଂସକ ଚାରୁଲତା ପଟେଲଙ୍କ ବିୟୋଗ ଘଟିଛି। ବୟସଜନିତ ସମସ୍ୟା ଯୋଗୁ ବୁଧବାର ତାଙ୍କର ମୃତ୍ୟୁ ହୋଇଛି। ୮୭ ବର୍ଷୀୟା ପଟେଲଙ୍କ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ପେଜ 'କ୍ରିକେଟ ଦାଦି'ରେ ଏହା କୁହାଯାଇଛି। ଦୁଃଖର ସହ କହିବାକୁ ପଡୁଛି ଯେ, ଆମ ବୃଦ୍ଧୀ ମା ସୋମବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତ। ତାଙ୍କ ବିୟୋଗରେ ବିସିସିଆଇ ଶୋକ ପ୍ରକାଶ କରିଛି। ଟିମ୍ ଇଣ୍ଡିଆର ସୁପରଫ୍ୟାନ ଚାରୁଲତା ଓ ଖେଳ ପ୍ରତି ତାଙ୍କ ପ୍ୟାଶନ ସର୍ବଦା ଆମ ହୃଦୟରେ ରହିବ। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ବୋଲି ବିସିସିଆଇ ଟୁଇଟ୍ କରିଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଜୁଲାଇ ୨ ତାରିଖରେ ବର୍ମିଂହାମଠାରେ ବାଂଲାଦେଶ ବିପକ୍ଷରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତୀୟ ଦଳକୁ ସମର୍ଥନ କରିବା ସହ ଚାରୁଲତା ପେଁକାଳି ଫୁଙ୍କୁଥିବା ଦେଖିବାକୁ ମିଳିଥିଲା। ସେ ହ୍ୱିଲଚେୟାରରେ ବସି ଟିମ୍ ଇଣ୍ଡିଆର ମ୍ୟାଚ୍ ଦେଖୁଥିଲେ। ମ୍ୟାଚ୍ ପରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ରୋହିତ ଶର୍ମା ଷ୍ଟାଣ୍ଡ ମଧ୍ୟରେ ପ୍ରବେଶ କରି ଦାଦିଙ୍କ ଆଶୀର୍ବାଦ ନେଇଥିଲେ।

### ରିଚା, ନୁଜ୍‌ହାତ୍‌ଙ୍କ ସ୍ଥାନରେ ଶ୍ରେୟା, ଶିବାନୀ

ନୂଆଦିଲ୍ଲୀ, ୧୬।୧ (ପି.ଟି.)

ପାଟଣାଠାରେ ବାଂଲାଦେଶ, ଥାଇଲାଣ୍ଡ ଏବଂ ଭାରତ ଏ' ଓ ଭାରତ ବି' ମହିଳା କ୍ରିକେଟ ଦଳକୁ ନେଇ ଏକ ଟି୨୦ ସିରିଜ ଖେଳାଯିବ। ଗୁରୁବାର ଭାରତ ଏ' ଓ ବି' ଦଳରେ ବଦଳ ଖେଳାଳିଭାବେ ଯଥାକ୍ରମେ ଗୋଆର ଶ୍ରେୟା ପରବ ଏବଂ ମହାରାଷ୍ଟ୍ରର ଶିବାନୀ ଶିଣ୍ଡେଙ୍କୁ ସାମିଲ କରାଯାଇଛି। ଶ୍ରେୟାଙ୍କୁ ରିଚା ଘୋଷଙ୍କ ସ୍ଥାନରେ ଏବଂ ଶିବାନୀଙ୍କୁ ନୁଜ୍‌ହାତ୍ ପରବିନ୍‌ଙ୍କ ସ୍ଥାନରେ ଦଳରେ ନିଆଯାଇଛି। ରିଚା ଓ ନୁଜ୍‌ହାତ୍‌ଙ୍କୁ ଅଷ୍ଟ୍ରେଲିଆରେ ଟି୨୦ ସିରିଜପାଇଁ ଭାରତୀୟ ସିନିୟର ମହିଳା କ୍ରିକେଟ ଦଳରେ ସାମିଲ କରାଯାଇଛି। ସିନିୟର ମହିଳା ଦଳ ଏହାପରେ ଟି୨୦ ବିଶ୍ୱକପ୍‌ରେ ଭାଗ ନେବ।

## ନ୍ୟୁଜିଲାଣ୍ଡ ଦଳରୁ ବୋଲ୍ଟ, ଫର୍ଗୁସନ ବାଦ୍

ୱେଲିଂଟନ, ୧୬।୧ (ପି.ଟି.)

**ଭାରତ ବିପକ୍ଷ ଟି୨୦ ସିରିଜ**

ଭାରତ ବିପକ୍ଷ ଆଗାମୀ ଟି୨୦ ସିରିଜ ଲାଗି ଗୁରୁବାର ଘରୋଇ ନ୍ୟୁଜିଲାଣ୍ଡ ଦଳ ଘୋଷଣା କରାଯାଇଛି। ଆଘାତଜନିତ ସମସ୍ୟା ଲାଗି ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କ ସମେତ ଲୋକି ଫର୍ଗୁସନ ଘୋଷିତ ୧୪ ଜଣିଆ ନ୍ୟୁଜିଲାଣ୍ଡ ଦଳରୁ ବାଦ୍ ପଡ଼ିଛନ୍ତି। ତେବେ ହାମିସ ବେନ୍ନେଟ ଦୀର୍ଘ ଅଢ଼େଇ ବର୍ଷ ବ୍ୟବଧାନ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୩୨ ବର୍ଷୀୟ ଡାହାଣହାତୀ ଦ୍ରୁତ ବୋଲର ବେନ୍ନେଟେ ନ୍ୟୁଜିଲାଣ୍ଡ ପକ୍ଷରୁ ୧୬ ଦିନିକିଆ ଖେଳି ୨୭ ଉଇକେଟ୍ ନେଇଛନ୍ତି। ସେ ମଧ୍ୟ ଜାତୀୟ ଦଳ ପକ୍ଷରୁ ୨୦୧୧ ବିଶ୍ୱକପ୍‌ରେ ପ୍ରତିନିଧିତ୍ୱ କରି ୪ ମ୍ୟାଚ୍ ଖେଳିଥିଲେ। ଶେଷଥର ପାଇଁ ସେ ୨୦୧୭ ମେ'ରେ ବାଂଲାଦେଶ ବିପକ୍ଷରେ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ତେବେ ସେ କେବେବି କ୍ରିକେଟ୍‌ର ସବୁଠାରୁ ଛୋଟିଆ ଟି୨୦ ଫର୍ମାଟ ଖେଳିନାହାନ୍ତି। ବୋଲ୍ଟ ଓ ଫର୍ଗୁସନ ଆହତ ଥିବାରୁ ବେନ୍ନେଟଙ୍କ ସମେତ ଭେଟେରାନ ଟିମ୍ ସୌଦୀ, ବ୍ଲେୟାର ଟିକ୍‌ନର ଓ ସ୍କଟ କଗ୍‌ଲେଇଜନ ପେସ୍ ବୋଲିଂ ଆଟାକ୍ ସମ୍ଭାଳିବେ। ଦୁଇ ସ୍ପିନର ଇଶ୍ ସୋଧୀ ଓ ମିଚେଲ ସାଣ୍ଟନର କିୱି ଦଳରେ ସ୍ଥାନ ପାଇଛନ୍ତି। କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ଘୋଷିତ ଦଳରେ ମାର୍ଟିନ ଗୁପ୍‌ଟିଲ, ରସ୍ ଟେଲର, କଲିନ୍ ମୁନ୍‌ରୋ ଓ କଲିନ୍ ଡି ଗ୍ରାଣ୍ଡହୋମ୍‌ଙ୍କ ପରି ଅଭିଜ୍ଞ ଖେଳାଳି ରହିଛନ୍ତି। ଭାରତ ଏକ ସମ୍ପୂର୍ଣ୍ଣ ଦ୍ୱିପାକ୍ଷିକ ସିରିଜ ଖେଳିବା ଲାଗି ନ୍ୟୁଜିଲାଣ୍ଡ ଗସ୍ତ କରିବ। ଯେଉଁଥିରେ ୫ ଟି୨୦, ୩ ଦିନିକିଆ ଓ ୨ ଟେଷ୍ଟ ମ୍ୟାଚ୍ ସାମିଲ ରହିଛି। ଅକ୍‌ଲାଣ୍ଡରେ ଜାନୁୟାରୀ ୨୪ରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳି ଭାରତ ଏହାର ଗସ୍ତ ଆରମ୍ଭ କରିବ।

**ନ୍ୟୁଜିଲାଣ୍ଡ ଟି୨୦ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ହାମିଶ ବେନ୍ନେଟେ, ଟମ୍ ବ୍ରୁସ, କଲିନ ଡି ଗ୍ରାଣ୍ଡହୋମ୍, ମାର୍ଟିନ ଗୁପ୍‌ଟିଲ, ସ୍କଟ କଗ୍‌ଲେଇଜନ, ଡାର୍ଲି ମିଚେଲ, କଲିନ ମୁନ୍‌ରୋ, ରସ୍ ଟେଲର, ବ୍ଲେୟାର ଟିକ୍‌ନର, ମିଚେଲ ସାଣ୍ଟନର, ଟିମ୍ ସେଇଫର୍ଟ, ଇଶ୍ ସୋଧୀ ଓ ଟିମ୍ ସୌଦୀ।

# ବିଶ୍ୱ ଚାମ୍ପିୟନକୁ ହରାଇଲା ଆୟର୍ଲାଣ୍ଡ

ସେଣ୍ଟ ଜର୍ଜସ (ଗ୍ରେନାଡା), ୧୬।୧ (ଏଏଫ୍‌ପି)- ଭ୍ରମଣକାରୀ ଆୟର୍ଲାଣ୍ଡ ଏଠାରେ ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚ୍‌ରେ ବିଶ୍ୱ ଚାମ୍ପିୟନ ୱେଷ୍ଟଇଣ୍ଡିଜକୁ ୪ ରନରେ ରୋମାଞ୍ଚକ ଭାବେ ପରାସ୍ତ କରିଛି। ଏହି ହାଇସ୍କୋରିଂ ମ୍ୟାଚ୍‌ରେ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ୍ ହରାଇ ୨୦୮ ରନ କରିଥିଲା। ଦଳ ପକ୍ଷରୁ ଅଭିଜ୍ଞ ଓପନର୍ ପଲ୍ ଷ୍ଟିର୍ଲିଂ (୯୫ ରନ ୪୭ ବଲ୍, ୬ ଚୌକା, ୮ ଛକା) ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅନ୍ୟତମ ଓପନର୍ କେଭିନ ଓ'ବ୍ରାଇନ ମଧ ୪୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଓପନିଂ ଯୋଡ଼ିରେ ଉଭୟ ଷ୍ଟିର୍ଲିଂ ଓ କେଭିନ ୧୨.୩ ଓଭରରେ ୧୫୪ ରନ ଭାଗୀଦାରି କରିଥିଲେ। ଘରୋଇ ୱେଷ୍ଟଇଣ୍ଡିଜ ପକ୍ଷରୁ ଶେଲଡନ କୋଟ୍ରେଲ, ଖାରୀ ପିଏରେ ଓ ଡ୍ୱେନ ବ୍ରାଭୋ ୨ଟି ଲେଖାଏ ଉଇକେଟ୍ ନେଇଛନ୍ତି। ଜବାବରେ ୱେଷ୍ଟଇଣ୍ଡିଜ ଏଭିନ ଲୁଇସ (୫୩), ଅଧିନାୟକ କିରନ ପୋଲାର୍ଡ (୩୧), ଶିମରନ ହେଟ୍‌ମେୟର (୨୮)ଙ୍କ ଉପଯେଗୀ ବ୍ୟାଟିଂ ସତ୍ତ୍ୱେ ୨୦ ଓଭରରେ ୭ ଉଇକେଟ୍ ହରାଇ ୨୦୪ ରନ କରିବାକୁ ସମର୍ଥ ହୋଇଥିଲା। ଏହି ରୋମାଞ୍ଚକ ମ୍ୟାଚ୍‌ରେ ବିଜୟ ପାଇଁ ଅନ୍ତିମ ଓଭରରେ ୧୫ ରନ ଆବଶ୍ୟକ ହେଉଥିବାବେଳେ ୱେଷ୍ଟଇଣ୍ଡିଜ ୧୦ ରନ କରିବାକୁ ସମର୍ଥ ହୋଇଥିଲା। ୱେଷ୍ଟଇଣ୍ଡିଜ ବିପକ୍ଷରେ ଟି୨୦ରେ ଆୟର୍ଲାଣ୍ଡର ଏହା ୨ୟ ବିଜୟ। ମ୍ୟାଚ୍‌ର ଉଭୟ ଇନିଂସରେ ୪୧୨ ରନ ସଂଗ୍ରହ ହୋଇଥିବାବେଳେ ମୋଟ୍ ଉପରେ ୨୪ ଚୌକା ଓ ୨୭ ଛକା ଦେଖିବାକୁ ମିଳିଥିଲା। କ୍ୟାରିୟର ଶ୍ରେଷ୍ଠ ଇନିଂସ ଲାଗି ଷ୍ଟିର୍ଲିଂ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।

“ଆସନ୍ତା ଟୋକିଓ ପାରା ଅଲିମ୍ପିକ୍ସ ୨୦୨୦ରେ ମୁଁ ହ୍ୟାଟ୍ରିକ ବିଶ୍ୱ ରେକର୍ଡ କରିବାକୁ ଚାହୁଁଛି।

–ଦେବେନ୍ଦ୍ର ଝାଝାରିଆ, ଭାରତୀୟ ପାରା ଆଥଲେଟ୍



“ରାଜକୋଟରେ ଶୁକ୍ରବାର ଅନୁଷ୍ଠିତ ହେବାକୁଥିବା ଦ୍ୱିତୀୟ ଦିନିକିଆରେ ଭାରତ ପ୍ରତ୍ୟାବର୍ତ୍ତନ କରିବ ଏଥିରେ ସନ୍ଦେହ ନାହିଁ।

–ଆରୋନ ଫିଞ୍ଚ, ଅଷ୍ଟ୍ରେଲିଆ ଅଧିନାୟକ



# ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରୁ ଧୋନୀ ବାଦ୍



ନୂଆଦିଲ୍ଲୀ, ୧୬।୧ (ପି.ଟି.)

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହାର ବାର୍ଷିକ କେନ୍ଦ୍ରୀୟ ଚୁକ୍ତି ତାଲିକାରୁ ଗୁରୁବାର ମହେନ୍ଦ୍ର ସିଂ ଧୋନୀଙ୍କ ନାମକୁ ବାଦ୍ ଦେଇଛି। ଫଳରେ ଭାରତୀୟ କ୍ରିକେଟ୍ ଦଳର ଅନ୍ୟତମ ସଫଳ ଅଧିନାୟକ ରହିଥିବା ଧୋନୀଙ୍କ ଭବିଷ୍ୟତକୁ ନେଇ ବେଶ୍ କିଛିଦିନ ହେବ ଲାଗି ରହିଥିବା କଳ୍ପନାଜଳ୍ପନା ପୁଣିଥରେ ଉଜ୍ଜୀବିତ୍ ହୋଇଉଠିଛି।

ବିସିସିଆଇ ପକ୍ଷରୁ ୨୦୧୯ ଅକ୍ଟୋବରରୁ ୨୦୨୦ ସେପ୍ଟେମ୍ବର ପର୍ଯ୍ୟନ୍ତ କେନ୍ଦ୍ରୀୟ ଖେଳାଳି ଚୁକ୍ତି ତାଲିକା ପ୍ରକାଶ ପାଇଛି। ପୂର୍ବରୁ ଧୋନୀ 'ଏ' କାଟେଗୋରିରେ ରହିଥିଲେ। ଏଥିରେ ଜଣେ ଖେଳାଳିଙ୍କୁ ବର୍ଷକୁ ୫ କୋଟି ଟଙ୍କା ପାଉଣା ପ୍ରଦାନ କରାଯାଇଥାଏ। ତେବେ ଧୋନୀ ଶେଷଥର ପାଇଁ ଗତବର୍ଷ ଆଇସିସି ବିଶ୍ୱକପ୍ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିଥିଲେ। ଏହାପରଠାରୁ ସେ କ୍ରିକେଟ୍‌ରୁ ଦୂରେଇ ରହିଛନ୍ତି। ଏହି କାରଣରୁ ଧୋନୀଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦିଆଯିବାକୁ ନେଇ ଅନେକ ପୂର୍ବତନ କ୍ରିକେଟର୍ ଆଶ୍ଚର୍ଯ୍ୟପ୍ରକଟ କରିନାହାନ୍ତି। ଧୋନୀ ଏକଦିବସୀୟ କ୍ରିକେଟରୁ ଅବସର ନେଇ ପାରନ୍ତି ବୋଲି ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ନିକଟରେ ସଙ୍କେତ ଦେଇଥିଲେ। ଅଧିନାୟକ ବିରାଟ କୋହଲିଙ୍କ ସମେତ ରୋହିତ୍ ଶର୍ମା ଓ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ସର୍ବୋଚ୍ଚ କାଟେଗୋରୀ 'ଏ+'ରେ ରହିଛନ୍ତି। ଏହି କାଟେଗୋରିର ଖେଳାଳି ବର୍ଷକୁ ବିସିସିଆଇ ନିକଟରୁ ପାଉଣା ବାବଦକୁ ୭ କୋଟି ଟଙ୍କା ପାଇଥାନ୍ତି। ସେହିଭଳି ଉଦୀୟମାନ ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ 'ବି' ରୁ 'ଏ' କାଟେଗୋରିକୁ ଉଠିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ପଦାର୍ପଣ କରି ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ ଜାରି ରଖିଥିବା ଓପନର୍ ମୟଙ୍କ ଅଗ୍ରୱାଲଙ୍କୁ 'ବି' କାଟେଗୋରିରେ ସାମିଲ କରାଯାଇଛି। ଏଥିରେ ଖେଳାଳିଙ୍କୁ ୩ କୋଟି ଟଙ୍କା ମିଳିଥାଏ। ଦ୍ରୁତ ବୋଲର ନବଦୀପ ସଇନି, ୱାଶିଂଟନ ସୁନ୍ଦର ପ୍ରଥମଥର ଲାଗି କେନ୍ଦ୍ରୀୟ ଚୁକ୍ତିରେ ସାମିଲ ହୋଇଛନ୍ତି। ଉଭୟ ଶ୍ରେୟାସ ଆୟାର, ଦୀପକ ଚହର ଓ ଶାର୍ଦ୍ଦୁଳ ଠାକୁରଙ୍କ ସହ ଗ୍ରେଡ୍–ସି'ରେ ରହିଛନ୍ତି। ଏ ସମସ୍ତେ ଏକ କୋଟି ଲେଖାଏ ପାଉଣା ପାଇବେ। ତେବେ ଅମ୍ବାତି ରାୟୁଡୁ ଓ ଦୀନେଶ କାର୍ତ୍ତିକ କେନ୍ଦ୍ରୀୟ ଚୁକ୍ତି ତାଲିକାରୁ ବାଦ୍ ପଡ଼ିଛନ୍ତି।

### କେନ୍ଦ୍ରୀୟ ଚୁକ୍ତି ତାଲିକା

- ଗ୍ରେଡ୍ ଏ+(୭ କୋଟି): ବିରାଟ କୋହଲି, ରୋହିତ୍ ଶର୍ମା, ଯଶପ୍ରୀତ୍ ବୁମ୍‌ରା।
- ଗ୍ରେଡ୍ ଏ (୫ କୋଟି): ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ଲୋକେଶ ରାହୁଲ, ଶିଖର ଧାୱନ, ମହମ୍ମଦ ଶାମି, ଈଶାନ୍ତ ଶର୍ମା, କୁଲଦୀପ ଯାଦବ ଓ ରିଷଭ ପନ୍ତ।
- ଗ୍ରେଡ୍ ବି (୩ କୋଟି): ରିଦ୍ଧିମାନ ଶାହ, ଉମେଶ ଯାଦବ, ଯୁଜବେନ୍ଦ୍ର ଚହଲ, ହାର୍ଦ୍ଦିକ ପାଣ୍ଡ୍ୟା ଓ ମୟଙ୍କ ଅଗ୍ରୱାଲ।
- ଗ୍ରେଡ୍ ସି(୧ କୋଟି): କେଦାର ଯାଦବ, ନବଦୀପ ସଇନି, ଦୀପକ ଚହର, ମନୀଷ ପାଣ୍ଡେ, ହନୁମା ବିହାରୀ, ଶାର୍ଦ୍ଦୁଳ ଠାକୁର, ଶ୍ରେୟାସ ଆୟାର ଓ ୱାଶିଂଟନ ସୁନ୍ଦର।

# ଗ୍ରେଡ୍ 'ବି'କୁ ଖସିଲେ ମିତାଲି

ନୂଆଦିଲ୍ଲୀ, ୧୬।୧(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) କେନ୍ଦ୍ରୀୟ ଚୁକ୍ତିରେ ଗ୍ରେଡ୍ 'ଏ'ରୁ ଖସି ଗ୍ରେଡ୍ 'ବି'ରେ ସ୍ଥାନ ପାଇଛନ୍ତି ଭେଟେରାନ ମହିଳା କ୍ରିକେଟର ମିତାଲି ରାଜ। ତେବେ ରାଧା ଯାଦବ ଓ ତାନିୟା ଭାଟିଆ ଗ୍ରେଡ୍ 'ବି'କୁ ଉନ୍ନୀତ ହୋଇଛନ୍ତି। ଗତ ସେପ୍ଟେମ୍ବରରେ ଟି୨୦ରୁ ଅବସର ନେଇଥିବା ୩୭ ବର୍ଷୀୟା ମିତାଲି ଦିନିକିଆ କ୍ରିକେଟ ଦଳର ଅଧିନାୟିକା ଅଛନ୍ତି। ୨୦୨୧ ବିଶ୍ୱକପ ପର୍ଯ୍ୟନ୍ତ ସେ ନିଜ ପଦ ବଜାୟ ରଖିବା ଆଶା କରାଯାଉଛି। ଟି୨୦ ଅଧିନାୟିକା ହରମନପ୍ରୀତ କୌର ଗ୍ରେଡ୍ 'ଏ'ରେ ସ୍ଥାନ ବଜାୟ ରଖିଛନ୍ତି। ରାଧା ଓ ତାନିଆ ଗତବର୍ଷ ଗ୍ରେଡ୍ 'ସି'ରେ ଥିଲେ। ୧୫ ବର୍ଷୀୟା ଶେଫାଳି ବର୍ମା ଓ ହାର୍ଲିନ ଦେଓଲ ପ୍ରଥମଥର ପାଇଁ କେନ୍ଦ୍ରୀୟ ଚୁକ୍ତିରେ ସାମିଲ ହୋଇଛନ୍ତି। ଗତବର୍ଷ ଭାରତୀୟ ସିନିୟର ଦଳରେ ଖେଳିବା ଆରମ୍ଭ କରିଥିବା ଶେଫାଳି ପ୍ରଭାବୀ ବ୍ୟାଟିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିକଟରେ ବ୍ରିସବେନଠାରେ ସେ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ୧୨୪ ରନ ସ୍କୋର କରିଥିଲେ। ଏହି ଓପନର ଆସନ୍ତା ଟି୨୦ ବିଶ୍ୱକପରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଆଶା।



ମିତାଲି ରାଜ

ମୋନା ମେଶ୍ରମ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ପଡ଼ିଛନ୍ତି।

ଗ୍ରେଡ୍ 'ଏ'(୫୦ ଲକ୍ଷ): ହରମନପ୍ରୀତ କୌର, ସ୍ମୃତି ମନ୍ଧାନା, ପୁନମ ଯାଦବ।

ଗ୍ରେଡ୍ 'ବି'(୩୦ ଲକ୍ଷ): ମିତାଲି ରାଜ, ଝୁଲଣ ଗୋସ୍ୱାମୀ, ଏକତା ବିଷ୍ଟ, ରାଧା ଯାଦବ, ତାନିୟା ଭାଟିଆ, ଶିଖା ପାଣ୍ଡେ, ଜେମିମା ରୋଡ୍ରିଗ୍ୱେଜ, ଦୀପ୍ତି ଶର୍ମା।

ଗ୍ରେଡ୍ 'ସି'(୧୦ ଲକ୍ଷ): ବେଦ କ୍ରିଷ୍ଣମୂର୍ତ୍ତି, ପୁନମ ରାଉତ, ଅନୁଜା ପାଟିଲ, ମାନସୀ ଜୋଶୀ, ଡି. ହେମଲତା, ଅରୁନ୍ଧତୀ ରେଡ୍ଡୀ, ରାଜେଶ୍ୱରୀ ଗାଏକ୍ୱାଡ, ପୂଜା ବସ୍ତ୍ରକାର, ହାର୍ଲିନ ଦେଓଲ, ପ୍ରିୟା ପୁନିଆ, ଶେଫାଳି ବର୍ମା।

# 'ହକି ଓଡ଼ିଶା'ର ପଦ ଅବନତି

କଟକ ଅଫିସ,୧୬।୧

'ହକି ଇଣ୍ଡିଆ'ର ସ୍ଥାୟୀ ସଦସ୍ୟରୁ ସହଯୋଗୀ ସଦସ୍ୟକୁ ପଦ ଅବନତି ପାଇଛି 'ହକି ଓଡ଼ିଶା'। ହକି ଇଣ୍ଡିଆ ଦ୍ୱାରା ପ୍ରଚଳିତ ମେମ୍ବର ୟୁନିଟ(ଏମ୍‌ୟୁ) ପୋର୍ଟାଲରେ ହକି ଓଡ଼ିଶା ଏଯାଏଁ ଖେଳାଳିଙ୍କ ନାମ ପଞ୍ଜୀକରଣ କରିନାହିଁ କି ଆବଶ୍ୟକ କାଗଜପତ୍ର ଦାଖଲ କରିନାହିଁ। ଏହି ବେଖାତିରକୁ ନେଇ କଡ଼ା କାର୍ଯ୍ୟାନୁଷ୍ଠାନ ହକି ଇଣ୍ଡିଆ ପକ୍ଷରୁ ଗ୍ରହଣ କରାଯାଇଛି। ପଦ ଅବନତି ହେବା ସହ ଆଗାମୀ ଦିନରେ ହେବାକୁ ଥିବା ସିନିୟର ପୁରୁଷ ଓ ସିନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାରୁ ମଧ ବଞ୍ଚିତ ହୋଇଛି ରାଜ୍ୟର ଏହି ସଂଘ। ଅନ୍ୟପକ୍ଷରେ ହକି–ଗାଙ୍ଗପୁର କେବଳ ସିନିୟର ମହିଳା ଚାମ୍ପିୟନଶିପ୍‌ରୁ ବଞ୍ଚିତ ହୋଇଛି। ହକି–ଗାଙ୍ଗପୁରର ପୁରୁଷ ଦଳକୁ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ସୁଯୋଗ ରହିଛି। ଏମ୍‌ୟୁ ପୋର୍ଟାଲରେ ପଞ୍ଜୀକରଣ ନ କରିବା ଯୋଗୁଁ ଦେଶର ୧୦ଟି ହକି ସଂଘକୁ ଏଭଳି ଦଣ୍ଡ ମିଳିଥିବା ବେଳେ ହକି ଓଡ଼ିଶା ଏକମାତ୍ର ସଂଘ, ଯିଏ ଦୁଇଟି ଯାକ ପ୍ରତିଯୋଗିତାରୁ ବଞ୍ଚିତ ହେଉଛି। ଏ ନେଇ ହକି–ଗାଙ୍ଗପୁର ସମ୍ପାଦକ ଦେବାଶିଷ ଗୌଡ଼ାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, ୧୦ଦିନ ତଳେ ହକି ଇଣ୍ଡିଆରୁ ଏକ ମେଲ୍ ଆସିଥିଲା। ଯେଉଁଥିରେ ଗୋଟିଏ ରାଜ୍ୟ ଗୋଟିଏ ସଂଘ ନିୟମ ଆଧାରରେ ହକି ଓଡ଼ିଶା ସହ ମିଶିଯିବାକୁ ଉଲ୍ଲେଖ ରହିଥିଲା। ଏହି ମେଲ୍ ପରେ ସଂଘ ନିରୁତ୍ସାହିତ ହୋଇଥିଲା। ଏହାଛଡ଼ା କମ୍ପ୍ୟୁଟର ଜରିଆରେ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୁଦ୍ଧା ଶେଷ କରିବାରେ ଆମେ ବିଫଳ ହୋଇଛୁ। ସଂଘର ଅନେକ ଖେଳାଳି ଏବେ ଖେଲୋ ଇଣ୍ଡିଆରେ ପ୍ରତିନିଧିତ୍ୱ କରୁଛନ୍ତି। ଯାହା ଫଳରେ ଖେଳାଳିଙ୍କ ରିପୋର୍ଟ ଦାଖଲ କରିବା ସହଜ ହୋଇ ନ ଥିଲା ବୋଲି ସମ୍ପାଦକ ଗୌଡ଼ା କହିଛନ୍ତି।

# ଭିଜନ–୨୦୨୪ର ଶୁଭାରମ୍ଭ



ଭିଜନ–୨୦୨୪ର ଶୁଭାରମ୍ଭ ଅବସରରେ ଖେଳାଳି ଓ ଅତିଥିମାନେ।

କଟକ ଅଫିସ,୧୬।୧

ଭିଜନ୍–୨୦୨୪ର ଶୁଭାରମ୍ଭ କରିଛି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)। ତୃଣମୂଳସ୍ତରରୁ କ୍ରିକେଟ ପ୍ରତିଭା ବାଛିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଗୁରୁବାର ଠାରୁ ଆରମ୍ଭ ହୋଇଛି କ୍ଲବ ଟୁର୍ନାମେଣ୍ଟ। ସୁନ୍ଦରଗଡ଼ ଓ ରାଜଗାଙ୍ଗପୁରରେ ଦୁଇଟି ଭେନ୍ୟୁ ହୋଇଛି। ସୁନ୍ଦରଗଡ଼ ଭେନ୍ୟୁରେ ଅନୁଷ୍ଠିତ ମ୍ୟାଚ୍‌ରେ ନବଜୀବନ କ୍ଲବ ବୋଣ୍ଡାମୁଣ୍ଡା କ୍ଲବକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ନବଜୀବନ ୪ ଉଇକେଟ ବିନିମୟରେ ୧୮୬ରନ କରିଥିବା ବେଳେ ବୋଣ୍ଡାମୁଣ୍ଡା ୧୨୨ରନରେ ଅଲଆଉଟ ହୋଇଥିଲା। ଏହି ମ୍ୟାଚ୍‌ରେ ସୌରୁପ ରଞ୍ଜନ ସାମଲଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ କରାଯାଇଛି। ରାଜଗାଙ୍ଗପୁର ଭେନ୍ୟୁରେ ବିଜୟୀ ହୋଇଛି ୟଙ୍ଗମ୍ୟାନ କ୍ରିକେଟ କ୍ଲବ। ଏକ ରୋମାଞ୍ଚକର ମ୍ୟାଚ୍‌ରେ ୟଙ୍ଗମ୍ୟାନ ଦଳ ୧ରନରେ ଆଦର୍ଶ କ୍ଲବକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରି ୟଙ୍ଗମ୍ୟାନ କ୍ଲବ ୯ ଉଇକେଟ ବିନିମୟରେ ୧୯୨ରନ କରିଥିଲା। ଜବାବରେ ଆଦର୍ଶ କ୍ଲବ ୧୯୧ରନରେ ଅଲଆଉଟ ହୋଇଥିଲା। ବିନିତ ପ୍ରସାଦ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ପୂର୍ବତନ ବିଧାୟକ ଯୋଗେଶ ସିଂ, ଉପଜିଲାପାଳ ଅଭିମନ୍ୟୁ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ।

# ଏଟିକେ ସହିତ ମୋହନବାଗାନର ମିଶ୍ରଣ

କୋଲକାତା, ୧୬।୧ (ପି.ଟି.)

ଦେଶର ଅନ୍ୟତମ ପୁରାତନ ଫୁଟ୍‌ବଲ କ୍ଲବ ମୋହନବାଗାନର ଏଟିକେ ଏଫ୍‌ସି ସହିତ ବିଲୟ ଘଟିଛି। ଆସନ୍ତା ସିଜନଠାରୁ ଏହି ଦୁଇ ଦଳ ମିଳିତ ହୋଇ ଏଟିକେ–ମୋହନ ବାଗାନ ନାମରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ଖେଳିବ। ଜୁନ୍‌ରେ ଦୁଇ ଦଳର ବିଧିବଦ୍ଧ ମିଶ୍ରଣ ଘଟିବ। ତେବେ ଦୁଇ ଦଳ ଚଳିତ ଆଇ–ଲିଗ୍ ଏବଂ ଆଇଏସ୍‌ଏଲ ସିଜନରେ ପୃଥକ୍ ପୃଥକ ଦଳ ଭାବେ ଖେଳ ଜାରି ରଖିବେ। ଗୁରୁବାର ହୋଇଥିବା ଚୁକ୍ତି ଅନୁସାରେ ମୋହନ ବାଗାନ ଫୁଟ୍‌ବଲ କ୍ଲବ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ୍ (ଆରପିଏସ୍‌ଜି)ର ୮୦ ପ୍ରତିଶତ ଅଂଶଧନ ଏଟିକେର ମୁଖ୍ୟ ମାଲିକ ଆର୍‌ପି ରାଜୀବ ଗୋଏଙ୍କା ଗ୍ରୁପ୍ କ୍ରୟ କରିଛନ୍ତି। ଆର୍‌ପିଏସ୍‌ଜି ଗ୍ରୁପ୍‌ର ଚେୟାରମ୍ୟାନ ସଞ୍ଜୀବ ଗୋଏଙ୍କା କହିଛନ୍ତି ଆମ ପରିବାର ସହିତ ଯୋଗ ଦେଇଥିବା ମୋହନ ବାଗାନକୁ ଆମେ ଆନ୍ତରିକତାର ସହିତ ସ୍ୱାଗତ କରୁଛୁ। ମୋ ସ୍ୱର୍ଗତ ପିତା ଆର୍.ପି. ଗୋଏଙ୍କା ଏକଦା ମୋହନ ବାଗାନର ଜଣେ ସଦସ୍ୟ ଥିବାରୁ ଦୁଇ ଦଳର ମିଶ୍ରଣରେ ମୁଁ ଭାବ ବିହ୍ୱଳ ହୋଇପଡ଼ିଛି। ଏହିପରିପ୍ରେକ୍ଷୀରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ସଭାପତି ପ୍ରଫୁଲ୍ଲ ପଟେଲ ଉଭୟ କିମ୍ବଦନ୍ତୀ ମୋହନ ବାଗାନ କ୍ଲବ ଏବଂ ଆଇଏସ୍‌ଏଲ କ୍ଲବ ଏଟିକେର ସମର୍ଥମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଭୟ କ୍ଲବର ଅଫିସିଆଲ ଭାରତୀୟ ଫୁଟ୍‌ବଲ ଏବଂ ସେମାନଙ୍କ ସମର୍ଥକଙ୍କ ସ୍ୱାର୍ଥ ପ୍ରତି ଧ୍ୟାନ ଦେବେ ବୋଲି ମୁଁ ଆଶା କରୁଛି।

# ହୋବାର୍ଟ ଇଣ୍ଟରନ୍ୟାଶନାଲ ସେମିରେ ସାନିଆ



ସାନିଆ ମିର୍ଜା

ହୋବାର୍ଟ, ୧୬।୧ (ପି.ଟି.)

ଷ୍ଟାର୍ ଭାରତୀୟ ମହିଳା ଟେନିସ ଖେଳାଳି ସାନିଆ ମିର୍ଜା ଏଠାରେ ଚାଲିଥିବା ହୋବାର୍ଟ ଇଣ୍ଟରନ୍ୟାଶନାଲ ମହିଳା ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇବର୍ଷ ପରେ ଟେନିସକୁ ପ୍ରତ୍ୟାବର୍ତ୍ତନ କରିଥିବା ସାନିଆ ୟୁକ୍ରେନର ନାଡିଆ କିଚେନୋକ୍‌ଙ୍କୁ ସାଥୀ କରି ଏହି ପ୍ରତିଯୋଗିତା ଖେଳୁଛନ୍ତି। ଗୁରୁବାର ସକାଳେ ଖେଳାଯାଇଥିବା ମହିଳା ଡବଲ୍ସ କ୍ୱାର୍ଟର ଫାଇନାଲ ମୁକାବିଲାରେ ସାନିଆ–ନାଡିଆ ଯୋଡ଼ି ୬–୨, ୪–୬, ୧୦–୪ ସେଟ୍‌ରେ ଆମେରିକୀୟ ଯୋଡ଼ି ଭାନିଆ କିଙ୍ଗ୍ ଓ କ୍ରିଷ୍ଟିନା ମ୍ୟାକ୍‌ହାଲେଙ୍କୁ ପରାସ୍ତ କରିଛନ୍ତି। ସେମିଫାଇନାଲରେ ଏହି ଇଣ୍ଡୋ–ୟୁକ୍ରେନ ଯୋଡ଼ିଙ୍କ ମୁକାବିଲା ସ୍ଲୋଭେନିଆ–ଚେକ୍ ରିପବ୍ଲିକ ଯୋଡ଼ି ତାମାରା ଜିଡାନସେକ ଓ ମାରିଏ ବୋଉଜକୋଭାଙ୍କ ସହ ହେବ। ପୂର୍ବରୁ ସାନିଆ ଓ ନାଡିଆ ଯୋଡ଼ି ସହଜରେ ପ୍ରଥମ ରାଉଣ୍ଡ ମୁକାବିଲାକୁ ଜିତିଥିଲେ। ଉଲ୍ଲେଖଥାଉକି, ୩୩ ବର୍ଷୀୟା ସାନିଆ ଶେଷଥର ପାଇଁ ୨୦୧୭ରେ ଚାଇନା ଓପନ୍‌ରେ ଖେଳିଥିଲେ। ଏହାପରେ ପୁତ୍ର ସନ୍ତାନ ଇଜହାନଙ୍କୁ ଜନ୍ମ ଦେବାପରେ ସେ ଟେନିସରୁ ଦୂରେଇ ଯାଇଥିଲେ। ହୋବାର୍ଟ ଇଣ୍ଟରନ୍ୟାଶନାଲ ଜରିଆରେ ସେ ପୁଣିଥରେ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

# ଆସାମକୁ ୧୨–୦ରେ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୧୬।୧(କ୍ରୀଡ଼ା ପ୍ରତିନିଧି): ଆସାମର ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଗୁରୁବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ବାଳକ ହକି ଇଭେଣ୍ଟରେ ଓଡ଼ିଶା ୧୨–୦ ଗୋଲରେ ଆସାମକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ସୁଦୀପ ଚିରମାକୋ, ଅମନଦୀପ ଲାକ୍ରା, ଅଭିଷେକ ଲାକ୍ରା ଓ ଅଧିନାୟକ ସୁମନ ବେକ୍ ୨ଟି ଲେଖାଏ ଏବଂ ରାହୁଲ ଏକ୍କା, କ୍ରିଷ୍ଟା ତିର୍କୀ, ଆଲବର୍ଟ ଟେଟେ ଓ ସୁଶୀଲ ଧନୱାର ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ ୪ଟି ଗୋଲ ଦେଇଥିବା ଓଡ଼ିଶା ଦ୍ୱିତୀୟାର୍ଦ୍ଧରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ୮ଟି ଗୋଲ ସ୍କୋର କରିଥିଲା। ଏହି ପ୍ରତିଯୋଗିତାର ୧୭ ବର୍ଷରୁ କମ୍ ବାଳକ ହକିରେ ଓଡ଼ିଶା ୫–୨ ଗୋଲରେ ଦିଲ୍ଲୀକୁ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ମାନିକ ଫଲ୍ସୱାଲ ଓ ନନ୍ଦକିଶୋର ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଓଡ଼ିଶା ପକ୍ଷରୁ ପୌଲୁସ ଲାକ୍ରା ୨ଟି ଏବଂ ଅଧିନାୟକ ଲବନ ଲୁଗୁନ, ଜସମନ ମୁଣ୍ଡା ଓ ପ୍ରବୀଣ ଇନ୍ଦୱାର ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ

ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786

# ଅସୁରକ୍ଷିତର ପ୍ରଭାବ

ଗୌତମ ଗମ୍ଭୀର

କ୍ରିକେଟ ପେସାରେ ଅସୁରକ୍ଷିତର ପ୍ରଭାବ କ'ଣ ମୁଁ ସେ ସେମ୍ପର୍କରେ କିଛି କହିବାକୁ ଚାହେଁ। ମୁମ୍ବାଇରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ରୋହିତ ଶର୍ମା, ଶିଖର ଧାୱନ ଏବଂ କେ.ଏଲ୍ ରାହୁଲଙ୍କୁ ଦଳରେ ସ୍ଥାନ ଦେବାପାଇଁ ଅଧିନାୟକ ବିରାଟ କୋହଲିଙ୍କୁ ୪ର୍ଥ ସ୍ଥାନରେ ବ୍ୟାଟିଂ କରିବାକୁ ହୋଇଥିଲା। ଏହି କାରଣରୁ ଭାରତକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା ବୋଲି ଅନେକେ ମତବ୍ୟକ୍ତ କରିଥାଇପାରନ୍ତି ହେଲେ ମୁଁ ଏହା ସପକ୍ଷରେ କହିବି। ବ୍ୟକ୍ତିଗତ ଅପେକ୍ଷା ଦଳୀୟ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯିବା ଉଚିତ। ଏପରିକି ସ୍ଥଳ ବିଶେଷରେ ଜଣେ ଖେଳାଳିକୁ ଚୂଡ଼ାନ୍ତ ଦଳରୁ ବାଦ୍‌ପଡ଼ିବାକୁ ହୋଇଥାଏ। ଫଳାଫଳ ଯାହା ହେଉନା କାହିଁକି ଖେଳରେ ବେଳେବେଳେ ରିସ୍କ ନେବାକୁ ପଡ଼ିଥାଏ। ସାଧାରଣତଃ ଦେଖାଯାଇଥାଏ ଜଣେ ବ୍ୟାଟ୍ସମ୍ୟାନ ନିଜ ପୋଜିଶନ ଛାଡ଼ି ଅନ୍ୟ ପୋଜିଶନରେ ବ୍ୟାଟିଂ କରିବାକୁ କୁଣ୍ଠିତ ହୋଇଥାନ୍ତି। କାରଣ ଅନ୍ୟ ପୋଜିଶନରେ ବ୍ୟାଟିଂ କଲେ ନିଜ ପ୍ରଦର୍ଶନ ନେଇ ଆଶଙ୍କା ରହିଥାଏ। ଜଣେ ଓପନିଂ ବ୍ୟାଟ୍ସମ୍ୟାନ ଯଦି ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସନ୍ତି ତେବେ ସେ ହୁଏତ ଅନୁଭବ କରିପାରେ ବଲ୍ ବ୍ୟାଟ ନିକଟକୁ ଆସୁନାହିଁ। ତାଙ୍କ ପକ୍ଷେ ଖେଳିବା କଷ୍ଟକର ହେବ। ଏହି ପରିସ୍ଥିତିରେ ବ୍ୟସ୍ତତା ପ୍ରକାଶ ନ କରି ଯୋଜନା ମୁତାବକ ଖେଳିବାକୁ ଚେଷ୍ଟା କରିବା ଉଚିତ। ୨୦୧୧ ବିଶ୍ୱକପ୍‌ରେ ମୁଁ ୩ ନମ୍ବର ସ୍ଥାନରେ ଖେଳିଛି। ତେନ୍ଦୁଲକର ଓ ସେହ୍ୱାଗ ଓପନିଂ କମ୍ବିନେଶନ ଶ୍ରେଷ୍ଠ ବୋଲି ଆମେ ସେତେବେଳେ ବିଚାର କରିଥିଲୁ। କହିବା ବାହୁଲ୍ୟ ମୁଁ କୋହଲିଙ୍କର ଜଣେ ପ୍ରଶଂସକ ନୁହେଁ। କିନ୍ତୁ ଭାରତୀୟ ଅଧିନାୟକ ଦଳକୁ ଏକ ଠିକଣା ଦିଗରେ ଅଗ୍ରସର କରାଉଛନ୍ତି। ମୁଁ କେତେଜଣ ଅଧିନାୟକଙ୍କ ଅଧୀନରେ ଖେଳିଛି, ଯେଉଁମାନେ କି ନିଜ ସ୍ୱାର୍ଥ ଛଡ଼ା ଅନ୍ୟ କଥା ଚିନ୍ତା କରନ୍ତି ନାହିଁ। ମୋ ମତରେ ଭାରତର ବର୍ତ୍ତମାନ ଶ୍ରେଷ୍ଠ ବ୍ୟାଟିଂ ଲାଇନ୍ ଅପ୍ ରହିଛି। କୋହଲି ଏବଂ ଟିମ୍ ମ୍ୟାନେଜମେଣ୍ଟକୁ ପରୀକ୍ଷା ନିରୀକ୍ଷା ପାଇଁ ଅନୁମତି ଦେବା ଉଚିତ। କୋହଲିଙ୍କ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ ଯୋଗୁ ଭାରତ ପରାଜୟ ବରଣ କରିଛି ବୋଲି କହିବା ହାସ୍ୟାସ୍ପଦ କଥା। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ ଅଷ୍ଟ୍ରେଲିଆଠାରୁ ପରାଜୟକୁ କାହିଁକି ଲୋକେ ସହଜେ ଗ୍ରହଣ କରିପାରୁନାହାନ୍ତି ମୁଁ ବୁଝିପାରୁନି। ଆଗକୁ ରାଜକୋଟ ଏବଂ ବେଙ୍ଗାଲୁରୁରେ ଆଉ ଦୁଇଟି ମ୍ୟାଚ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଭାରତ ଏଥିରେ ପ୍ରତ୍ୟାବର୍ତ୍ତନ କରିବା ଉଚିତ। (ଗେମ୍ ପ୍ଲାନ୍/ଦୀନେଶ ଚୋପ୍ରା ମିଡିଆ)।

#WhatDrivesYou
EXIDE

ମନେ ପଡ଼ନ୍ତି

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ
ଦଣ୍ଡତୋଟା, ପୁରୀ
ଆବିର୍ଭାବ: ୨୪।୦୨।୧୯୨୪
ତିରୋଧାନ: ୦୧।୦୨।୨୦୧୬
(ମାଘମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ
ଧ–୧୬୨୩୧

ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଅଶୋକ କୁମାର ମିଶ୍ର
ଆବିର୍ଭାବ: ୦୧।୦୭।୧୯୫୮
ତିରୋଧାନ: ୨୪।୦୧।୨୦୧୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ମୋକ୍ଷ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଭାବପୂତ ବିନତୀ। ଆପଣଙ୍କର ଆଶୀର୍ବାଦ ସବୁବେଳେ ଆମ ଉପରେ ଥାଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ।
ଧ–୬୩୯୬୩

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ରବୀନ୍ଦ୍ର ନାଥ ରଥ
ଭୁବନେଶ୍ୱର
ଆବିର୍ଭାବ: ୨୭।୦୯।୧୯୪୨
ତିରୋଧାନ: ୧୯।୦୧।୧୯୯୬
ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ–୧୬୨୦୬

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ରଣଜିତ୍ ରାୟ
ତିରୋଧାନ: ୦୭।୦୧।୨୦୨୦(ମଙ୍ଗଳବାର) ପୌଷମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ: ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ–୬୭୨୭୬



'ସକ୍ଷମ-୨୦'ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ଶପଥପାଠ କରୁଛନ୍ତି।

# ପେଟ୍ରୋଲିୟମ ଉତ୍ପାଦ ସଂରକ୍ଷଣର ଆବଶ୍ୟକତା ରହିଛି: ରାଜ୍ୟପାଳ

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ତୈଳ ଓ ପ୍ରାକୃତିକ ଗ୍ୟାସ ସଂରକ୍ଷଣ ସଚେତନତା ଅଭିଯାନ 'ସକ୍ଷମ-୨୦' (ସରଂକ୍ଷଣ କ୍ଷମତା ମହୋତ୍ସବ ୨୦୨୦) ଉଦ୍‌ଘାଟିତ ହୋଇଯାଇଛି। ଇଡ୍‌କଲ ଅଡିଟୋରିୟମଠାରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପେଟ୍ରୋଲିୟମ ଉତ୍ପାଦ ସଂରକକ୍ଷଣର ଆବଶ୍ୟକତା ଏବଂ ଉଚିତ ବ୍ୟବହାରକୁ ଗୁରୁତ୍ୱ ଦେଇଥିଲେ। ପେଟ୍ରୋଲିୟମ ଉତ୍ପାଦ ଦ୍ୱାରା ସ୍ୱାସ୍ଥ୍ୟ, ପରିବେଶ ଓ ଜାତୀୟ ଅର୍ଥନୀତିର ସୁରକ୍ଷା କରାଯାଇପାରିବ। ବର୍ତ୍ତମାନର ବ୍ୟବହାରକୁ ଲକ୍ଷ୍ୟ କରି ସେ କହିଥିଲେ, ପେଟ୍ରୋଲିୟମ ଅତି କଷ୍ଟରେ ଆଗାମୀ କିଛି ଦଶନ୍ଧି ଯାଏ ଉପଲବ୍ଧ ରହିବ। ଏହାକୁ ଏକ ସତର୍କ ଘଣ୍ଟି କୁହାଯାଇପାରେ ଏବଂ ଏହାର ସରଂକ୍ଷଣ ପାଇଁ ମିଳିତ ଭାବେ ଆବଶ୍ୟକୀୟ ପଦକ୍ଷେପ ନେବା ଉଚିତ ବୋଲି ସେ କହିଥିଲେ।

**ସଂରକ୍ଷଣ କ୍ଷମତା ମହୋତ୍ସବ ୨୦୨୦**

ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡରେ କାର୍ଯ୍ୟରତ ଏଚ୍‌ଆର-ସିଏସ୍‌ଆରର ଜିଏମ୍ ଦେବୀ ପ୍ରସାଦ ଶତପଥୀ ଏହି ଅବସରରେ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏସ୍‌ଓ ଜିଏମ୍ ଏ. ଡି. ଜମଜୁଟେ, ଏଚ୍‌ପିସିଏଲ ଡିଜିଏମ ଅଭୟଙ୍କର, ସିଏମ ରିଟେଲ ବିପିସିଏଲ ରାଜ ରାଇନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭାଗ ନେଇଥିବା ସମସ୍ତ ବ୍ୟକ୍ତିଗଣ ତୈଳ ଓ ଗ୍ୟାସ ସରଂକ୍ଷଣ ପାଇଁ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଲାଲ ତୈଳ ଓ ଗ୍ୟାସ ସରଂକ୍ଷଣ ସଚେତନତା ଅଭିଯାନ ପାଇଁ ଉଦ୍ଦିଷ୍ଟ ଭ୍ୟାନର ଶୁଭାରମ୍ଭ କରିଥିଲେ। ଯାହା ରାଜ୍ୟର ୩୦ଟି ଜିଲାରେ ଭ୍ରମଣ କରି ସଚେତନତା ସୃଷ୍ଟି କରିବ।

# ବାରିପଦା ଫାଶୀଦଣ୍ଡ ମାମଲା: ହାଇକୋର୍ଟରେ ଯୁକ୍ତି ଉପସ୍ଥାପନ

କଟକ ଅଫିସ,୧୬।୧

ନାବାଳିକା ବଳାତ୍କାର ଓ ହତ୍ୟା ମାମଲାରେ ଫାଶୀଦଣ୍ଡ ପାଇଥିବା ଆସାମୀ ଯାମିନକାନ୍ତ ମହନ୍ତଙ୍କ ଆବେଦନ ଉପରେ ହାଇକୋର୍ଟରେ ଯୁକ୍ତି ଉପସ୍ଥାପନ ଜାରି ରହିଛି। ମହନ୍ତଙ୍କ ପକ୍ଷରୁ ଆଡଭୋକେଟ ଦେବାଶିଷ ପଣ୍ଡା ଗୁରୁବାର ଯୁକ୍ତି ଉପସ୍ଥାପନ କରିଥିଲେ। ଶୁକ୍ରବାର ପୁଣି ଉକ୍ତ ମାମଲାର ଶୁଣାଣି କରାଯିବ। ସୂଚନାଥାଉ କି, ୨୦୧୮ ଜୁନ୍ ୧୮ ତାରିଖରେ ମୟୂରଭଞ୍ଜ ଜିଲା ବେତନଟି ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ୮ ବର୍ଷ ବୟସର ଜଣେ ନାବାଳିକାଙ୍କୁ ସାଇକେଲ ଶିଖାଇଦେବା ବାହାନାରେ ଅଭିଯୁକ୍ତ ମହନ୍ତ ତାଙ୍କୁ ବଳାତ୍କାର ପରେ ହତ୍ୟା କରିଥିଲେ। ଉକ୍ତ ମାମଲାରେ ତଳ କୋର୍ଟ ୨୭ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ମହନ୍ତଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିଥିଲେ। ତଳ କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ମହନ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ଆଡଭୋକେଟ ଜନ୍ମେଞ୍ଜୟ କଟିକିଆ ମାମଲା ପରିଚାଳନା କରୁଛନ୍ତି।

# ଜାମିନ ପାଇଁ ପୁଣି ହାଇକୋର୍ଟରେ ପୁଞ୍ଜିଲାଲ

କଟକ ଅଫିସ,୧୬।୧

ବଲାଙ୍ଗୀର ଜିଲା ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ଗିରଫ ହୋଇ ଜେଲ୍ ଯାଇଥିବା ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ପୁଞ୍ଜିଲାଲ ମେହେର ଜାମିନ ପାଇଁ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାପୂର୍ବରୁ ପୁଞ୍ଜିଲାଲ ମା'ଙ୍କୁ ମୁଖାଗ୍ନି ଦେବା ନିମନ୍ତେ ଗୋଟିଏ ଦିନ ଜାମିନରେ ଯାଇଥିଲେ। ମୁଖାଗ୍ନି ଦେଇ ଜେଲ୍‌କୁ ଫେରିବା ପରେ ସେ ନିୟମିତ ଜାମିନ ଆବେଦନ କରିଥିଲେ। ଫଳରେ ତାଙ୍କ ଓକିଲ ଏ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ହାଇକୋର୍ଟ ମଧ୍ୟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ସୂଚନାଥାଉ କି, ଏହି ସମ୍ବେଦନଶୀଳ ଘଟଣା ୨୦୧୮ ଫେବୃୟାରୀ ୨୩ ତାରିଖରେ ଘଟିଥିଲା। ପାଟଣାଗଡ଼ ଅଞ୍ଚଳର ନବବିବାହିତ ସୌମ୍ୟଶେଖର ସାହୁଙ୍କ ପାଖକୁ ଏକ ପାର୍ସଲ ଆସିଥିଲା। ଏହି ପାର୍ସଲ ଖୋଲିବା ମାତ୍ରେ ତାହା ବିସ୍ଫୋରଣ ହୋଇଥିଲା। ଏଥିରେ ସୌମ୍ୟ ଓ ତାଙ୍କ ଜେଜେମା' ଜେମାମଣିଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସୌମ୍ୟଙ୍କ ସ୍ତ୍ରୀ ରିମା ଗୁରୁତର ହୋଇଥିଲେ। ଉକ୍ତ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ୨୦୧୮ ଏପ୍ରିଲ ୨୫ରେ ପୁଞ୍ଜିଲାଲଙ୍କୁ ଗିରଫ କରାଯାଇଥିଲା।

**ପାର୍ସଲ ବୋମା ବିସ୍ଫୋରଣ ଘଟଣା**










36

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଆଉ ଦୁଇଦିନ କୁହୁଡ଼ି

ଭୁବନେଶ୍ୱର,୧୬।୧(ବ୍ୟୁରୋ): ରାଜ୍ୟରେ ଥଣ୍ଡା କମିଯାଇଛି। ମାତ୍ର କୁହୁଡ଼ି ବୃଦ୍ଧି ପାଇଛି। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ଘନକୁହୁଡ଼ି ଜୀବନଯାତ୍ରାକୁ ପ୍ରଭାବିତ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶା ସମେତ ଅନୁଗୋଳ, ମୟୂରଭଞ୍ଜ, କଳାହାଣ୍ଡି, କୋରାପୁଟ, କେନ୍ଦୁଝର ଏବଂ ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୯ ତାରିଖରୁ ପାଗ ଶୁଖିଲା ରହିବା ସହ ରାତିର ତାପମାତ୍ରା ବୃଦ୍ଧି ପାଇବ। ୨୩ରୁ ପାରଦ ପୁଣି ତଳକୁ ଖସିବ ବୋଲି ଅନୁମାନ କରାଯାଇଛି।

**ପାଠିକା / ପାଠକଙ୍କ ପାଇଁ ସୂଚନା**

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ଦିଆଯାଇଥିବା ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

୯୪୩୭୦୦୯୪୪୧
୮୯୦୮୧୫୭୧୭୦

# ସହମତିରେ ସମୀର ଭାଜପା ରାଜ୍ୟ ସଭାପତି

**ଆଜି ବିଧିବଦ୍ଧ ଘୋଷଣା, ଦାୟିତ୍ୱ ଗ୍ରହଣ**


ସମୀର ମହାନ୍ତି

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ଭାଜପା ରାଜ୍ୟ ସଭାପତି ପଦବୀକୁ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ସଭାପତି ଦୌଡ଼ରେ ଥିବା ସବୁ ନେତାଙ୍କୁ ବାଦ୍ ଦେଇ ସହମତି ଭିତ୍ତିରେ ବରିଷ୍ଠ ନେତା ସମୀର ମହାନ୍ତି ଏହି ପଦବୀ ହାତେଇଛନ୍ତି। ଦଳର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନରେନ୍ଦ୍ର ସିଂ ତୋମାର ରାଜ୍ୟ ସଭାପତି ଭାବେ ସମୀରଙ୍କ ନାମ ଘୋଷଣା କରିଛନ୍ତି। ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ। ଗୁରୁବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ସଭାପତି ପଦ ପାଇଁ ସମୀର ଏକମାତ୍ର ପ୍ରାର୍ଥୀ ହୋଇଥିଲେ। ତେଣୁ ଭୋଟର କୌଣସି ଆବଶ୍ୟକତା ପଡିଲା ନାହିଁ। ଯଦି ଆଉ କେହି ପ୍ରାର୍ଥିପତ୍ର ଦାଖଲ କରିଥାଆନ୍ତେ, ତେବେ ୧୭ ତାରିଖରେ ଭୋଟ ପ୍ରକ୍ରିୟା ହେବା ସହିତ ନୂଆ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥାଆନ୍ତା। ଯେହେତୁ ସହମତି ଭିତ୍ତିରେ ଏକମାତ୍ର ପ୍ରାର୍ଥୀ ଭାବେ ସମୀରଙ୍କ ନାମରେ ମୋହର ବାଜିଲା, ତେଣୁ ଗୋଟିଏ ଦିନ ଆଗରୁ ଏହି ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ଟାଣି ଦିଆଯାଇଛି। ଅନ୍ୟପଟେ ଦଳର ସାମ୍ବିଧାନିକ ନିୟମାନୁଯାୟୀ ସମୀରଙ୍କ ନାମ ଶୁକ୍ରବାର ବିଧିବଦ୍ଧ ଭାବେ ଘୋଷଣା କରାଯିବ। ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂ କିମ୍ବା ରାଜ୍ୟ ନିର୍ବାଚନ ଅଧିକାରୀ ରଞ୍ଜନ ପଟେଲଙ୍କ ଦ୍ୱାରା ପୂର୍ବାହ୍ନ ୧୧ଟାରେ ଘୋଷଣା କରାଯିବ। ଏହାପରେ ବସନ୍ତ ପଣ୍ଡାଙ୍କଠାରୁ ସମୀର ସଭାପତି ଦାୟିତ୍ୱ ଗ୍ରହଣ କରିବେ।

ସୂଚନାଯୋଗ୍ୟ, ୨୦୦୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଲଗାତର ପଶ୍ଚିମ ଓଡ଼ିଶା ନେତାଙ୍କ ହାତରେ ଦଳର ସଭାପତି ପଦ ରହିଆସୁଥିଲା। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନରେ ପଶ୍ଚିମ ଓଡ଼ିଶାରେ ଭାଜପା ଭଲ ପ୍ରଦର୍ଶନ କରିବା ପରେ ଏଥର ସଭାପତି ପଦବୀରେ ଉପକୂଳ ଅଞ୍ଚଳର କୌଣସି ନେତାଙ୍କୁ ଦାୟିତ୍ୱ ମିଳିପାରେ ବୋଲି ଚର୍ଚ୍ଚା ଚାଲିଥିଲା। ସମୀରଙ୍କୁ ଦାୟିତ୍ୱ ମିଳିବା ପରେ ଏହା ସତ ହୋଇଛି। ସମୀର ୧୯୭୭ରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଭୁବନେଶ୍ୱର ୟୁନିଟ୍‌ର ଯୁଗ୍ମ ସଚିବ ଭାବେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୩ରେ ସେ ଭାଜପାରେ ଯୋଗଦେଲେ। ୧୯୮୪-୮୫ ପର୍ଯ୍ୟନ୍ତ ସମୀର ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ରହିଥିଲେ। ୧୯୯୫-୨୦୦୦ ପର୍ଯ୍ୟନ୍ତ ସେ ଭାଜପାର ଭୁବନେଶ୍ୱର ଜିଲା ଉପସଭାପତ, ୨୦୦୦-୨୦୦୫ ଯାଏ ୪ ସାଙ୍ଗଠନିକ ଜିଲା ଦାୟିତ୍ୱ ଏବଂ ୨୦୦୯ରେ ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ହୋଇଥିଲେ। ଏହାପରେ ସେ ବିଭିନ୍ନ ଜିଲାର ପ୍ରଭାରୀ ଏବଂ ଦଳର ମୁଖପାତ୍ର ରହିସାରିଛନ୍ତି। ବର୍ତ୍ତମାନ ସେ ଦଳର ରାଜ୍ୟ ଉପସଭାପତି ଦାୟିତ୍ୱରେ ଥିଲେ।

ରାଜ୍ୟ ସଭାପତି ପଦ ପାଇଁ ସହମତି ଭିତ୍ତିରେ ପ୍ରାର୍ଥୀ ଚୟନ ଲାଗି ଦଳୀୟ ନେତାମାନଙ୍କ ମଧ୍ୟରେ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ପ୍ରାପ୍ତ ସୂଚନା ମୁତାବକ, ଦଳର ବହୁ ନେତା ସମୀରଙ୍କ ପ୍ରାର୍ଥିତ୍ୱକୁ ନେଇ ସହମତି ପ୍ରକାଶ କରି ନ ଥିଲେ। ଏପରିକି ଦଳର କେତେଜଣ ଏମ୍‌ପି ଏବଂ ବିଧାୟକ ମଧ୍ୟ ଏଥିରେ ରାଜି ହୋଇ ନ ଥିବା ଚର୍ଚ୍ଚା ହେଉଥିଲା। କିନ୍ତୁ କେନ୍ଦ୍ରୀୟ ନେତୃତ୍ୱ ସମୀରଙ୍କ ନାମରେ ମୋହର ଲଗାଇବା ପରେ ସବୁକିଛି ଚୂଡ଼ାନ୍ତ ହୋଇଥିଲା। ଏହି ସମୟରେ ରାଜ୍ୟ କାର୍ଯ୍ୟାଳୟଠାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ଧର୍ମେନ୍ଦ୍ର ପ୍ରଧାନ, ସଙ୍ଗଠନ ସମ୍ପାଦକ ସୌଦାନ ସିଂ, ଦୁଇ ପର୍ଯ୍ୟବେକ୍ଷକ ନରେନ୍ଦ୍ର ସିଂ ତୋମାର, ରାଜୀବ ପ୍ରତାପ ରୁଡ୍ଡୀ, ଅପରାଜିତା ଷଡ଼ଙ୍ଗୀ, ରାଜ୍ୟ ପ୍ରଭାରୀ ଅରୁଣ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ୨୧ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ୨୨ ଜଣ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ମଧ୍ୟ ସରିଛି।








#TVS Apache RTR 160 starts at Low Down Payment of Rs 10 999. *Finance at the sole discretion of the financier. ##Savings on retail finance scheme. Schemes are mutually exclusive & can't be clubbed together. Applicable only on BS IV Variant. T & C apply.

TVS CREDIT | IDFC FIRST Bank | HDFC BANK We understand your world

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR**: Ashirbad TVS, Ph.: 7735341866, **Jyote TVS,** PH.: 7440030004, 7381114371; 3S TVS, Ph : : 8860629978. PURI: Modern TVS, Ph : 7978707757, 7440002101, Krishna TVS, Ph.: 9861049633. **CUTTACK**: Arnapurna TVS, Ph.: 9778422980, Sai Durga TVS, Ph: 9937117562. **KENDRAPADA:** Samir TVS, Ph.: 8260133307. **RAHAMA:** Senapati TVS, Ph.: 7735969743. **JAJPUR ROAD:** Subash TVS, Ph.:7735911808. **NAYAGARH:** Kumar TVS, Ph.: 9778728751. **CHANDIKHLOE** : Sasmita TVS, Ph : 8860793803. **Authorised Dealers:** CRP Square, Bhubaneswar, Ph.: 0674-2563343, 7537035786; Jatni, Ph.: 7008563051; Kakatpur, Ph.: 9437112054/ 06758-231053; Khurda, Ph.: 9861128283, 06755-223244; Baghamari, Ph.: 9238107505; Jagatpur, Ph.: 9861006854/9337268787; Pattamundai, Ph.: 9938602209; Jajpur Town, Ph.: 9438366160; Mangalpur, Ph : 9853486660; Balipatna, Ph.: 9238518534; Khandagiri, Ph : 0674-2351766, 9090894749;Athagarh, Ph.: 9853429148; Salepur, Ph.: 8018556514; Pipli, Ph.: 8093219941; Delang, Ph : 9090214582; Bramahgiri, Ph : 8480928880; Chari Chowk, Ph : 9439204456;Jagatsinghpur, Ph.: 06724-222717, 9778802623; Raj Sunakhala, Ph.: 7873510025; Daspalla, Ph.: 9437354285; Rohibank, Ph : 9090507765; Kalapathar, Ph : 9776942339;Ranpur, Ph : 9778520193; Paradip, Ph.: 9937392207; Nuapatana, Ph.: 9937019555; Banki, Ph.: 9937015536; Jatani, Ph : 8093198397; Balugaon, Ph : 9090048991, 9776099100; Singhpur, Ph : 9439002157; Duburi, Ph : 9439176344; Kujang, Ph : 9178402368; Garadpur, Ph : 9178194288; Nirakarpur, Ph : 9658971360, 06756-252360; Trisuliya, Ph : 9437586155, Khandapada, Ph : 9853479471, 9937153901; Erasama, Ph : 9937084847; Krushnanandapur, Ph : 9237066573; Niali, Ph : 0671-2803357, 9040091921; Badamba, Ph : 7381656665; Puranakatak, Ph : 7873727545, 9439071610; Chandpur, Ph : 9658866993, 9337112565, 9439333723; Sakhigopal, Ph : 9861150706; Nimapara, Ph : 06758-252044, 9438742101; Konark, Ph : 9078802288; Balichandrapur, Ph : 9439200714; Anandpur, Ph : 9438366880; Nachuni : Ph : 9337788799, 7008225699; Narasinghpur, Ph : 9238545610; Marshaghai, Ph : 9938837705; Kandarpur, Ph : 0671-2802345, 9090098000; Phulnakhara, Ph : 0671-2356967, 7440037801; Kuakhia, Ph : 8114398333; Bari, Ph : 8917596087; Binjharpur, Ph : 7008499365; Balianta, Ph : 7328080807; Mandarbasta, Ph : 9776483333; Nischintakoili, Ph : 9090889132; Chandol, Ph : 9437108541; Friends Automobile, Ph : 9668166377, 7008050051; Raipur, Ph : 9937963372; Naugoan, Ph : 06724-222717, 9778802623; Balitutha, Ph : 8093099967, 9777773277 ; Narasinghpur, Ph : 9658410027 ; Balikuda, Ph : 9439370305 ; Gothopatna, Ph : 9337950051, 8249710415; Odogaon, Ph : 9937558155.

McCann/Blr/Tvs/035/01/20



ଦିଲୀପ ଘୋଷ ପଶ୍ଚିମବଙ୍ଗର ଭାଜପା ଅଧ୍ୟକ୍ଷ ଭାବେ ଗୁରୁବାର ପୁଣି ନିର୍ବାଚିତ ହୋଇଛନ୍ତି। ରାଜ୍ୟରେ ଦଳର ଶକ୍ତିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି। ୨୦୨୧ ବିଧାନସଭା ନିର୍ବାଚନକୁ ଆଖିରେ ରଖି ତାଙ୍କୁ ଦଳ ପୁଣି ଗୁରୁଦାୟିତ୍ୱ ପ୍ରଦାନ କରିଛି। ୨୦୨୩ ପର୍ଯ୍ୟନ୍ତ ସେ ପ୍ରଦେଶ ଭାଜପା ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ। ଘୋଷଙ୍କ ନେତୃତ୍ୱରେ ଭାଜପା ୪୨ରୁ ୧୮ ଲୋକ ସଭା ସିଟ୍ ଦଖଲ କରିବାରେ ସକ୍ଷମ ହୋଇଥିଲା।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ମ୍ୟୁନିସିପାଲିଟି ମାର୍କେଟ ପଡ଼ିଆରେ ଐତିହ୍ୟ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ସମୂହର ଶିଳାନ୍ୟାସ କରୁଛନ୍ତି।

# ସୌନ୍ଦର୍ଯ୍ୟରେ ଝଲସିବ ଶ୍ରୀକ୍ଷେତ୍ର

## ୭ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

- ମହାପ୍ରଭୁଙ୍କୁ ଦର୍ଶନ ସହ ଦୀପ ଜାଳିଲେ
- ୩ ବର୍ଷରେ ଖର୍ଚ୍ଚ ହେବ ୩୦୨୮ କୋଟି ଟଙ୍କା

ପୁରୀ ଅଫିସ,୧୬।୧

ପୁରୀ ହେବ ବିଶ୍ୱ ଐତିହ୍ୟ ସହର। ବଦଳିଯିବ ଏହାର ରୂପରେଖ। ସୌନ୍ଦର୍ଯ୍ୟରେ ଝଲସି ଉଠିବ। ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ଏହା ପରିଗଣିତ ହେବ। ଭକ୍ତ, ପର୍ଯ୍ୟଟକଙ୍କୁ ମିଳିବ ଅତ୍ୟାଧୁନିକ ସେବା ସୁବିଧା। ଏଥିପାଇଁ ଭିତ୍ତିଭୂମିର ବିକାଶ, ନୂଆ ବହୁଥାକିଆ ରାସ୍ତା, ସେତୁ, ହ୍ରଦ, ମାର୍କେଟ କମ୍ପ୍ଲେକ୍ସ, ପାର୍କିଂ ଆଦି କରାଯିବ। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ପୁରୀ ନେବ ବାସ୍ତବ ରୂପ। ଏଥିପାଇଁ ଗୁରୁବାର ୭ଟି ମେଗା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ସେ ସିଂହଦ୍ୱାରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବୁଲି ଦେଖିବା ସହ ବଡ଼ଦାଣ୍ଡରେ ବସି ଶ୍ରୀମନ୍ଦିର ହେରିଟେଜ୍ କରିଡର ନକ୍ସାର ସମୀକ୍ଷା କରିଥିଲେ।

ମଧ୍ୟାହ୍ନ ୧୨ଟାରେ ସିଂହଦ୍ୱାର ନିକଟ ନୂଆ ବ୍ୟାରିକେଡ ପ୍ରବେଶ ପଥରେ ମୁଖ୍ୟମନ୍ତ୍ରୀ ପହଞ୍ଚିଥିଲେ। ସେଠାରୁ ଏକ ବ୍ୟାଟେରିଚାଳିତ ଗାଡ଼ିରେ ବସି ସିଂହଦ୍ୱାର ସମ୍ମୁଖରେ ଓହ୍ଲାଇଥିଲେ। ତାଙ୍କୁ ପ୍ରଶାସନିକ ଅଧିକାରୀ ଏବଂ ସେବାୟତମାନେ ପୁଷ୍ପଗୁଚ୍ଛ ଓ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ସେ ପ୍ରଥମେ ଅରୁଣ ସ୍ତମ୍ଭ ନିକଟରେ ଦୀପ ଜାଳିବା ପରେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଦର୍ଶନ ସମୟରେ ଜଣେ ଅଖଣ୍ଡ ସେବକ ମୁଖ୍ୟମନ୍ତ୍ରୀଙ୍କ ହାତକୁ ଜଳୁଥିବା ଅଖଣ୍ଡ ଦୀପଟିଏ ବଢାଇ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଗ୍ରହଣ କରି ଠାକୁରଙ୍କ ଉଦ୍ଦେଶ୍ୟରେ ଦୀପ ଜାଳିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମଧ୍ୟାହ୍ନ ପ୍ରାୟ ୧୨ଟା ୪୦ରେ ମ୍ୟୁନିସିପାଲିଟି ମାର୍କେଟ ପଡ଼ିଆରେ ପହଞ୍ଚି ଐତିହ୍ୟ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ସମୂହର ଶିଳାନ୍ୟାସ କରିଥିଲେ। ୭ଟି ପ୍ରକଳ୍ପ ମଧ୍ୟରୁ ଅବଢା ଯୋଜନାରେ ୪ ପ୍ରକଳ୍ପ ନିର୍ମାଣ ହେବ। ଏହି ଶିଳାନ୍ୟାସ ସମୟରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ, ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପିପିଲି ବିଧାୟକ ପ୍ରଦୀପ ମହାରଥୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୂର୍ତ୍ତ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା ଏବଂ ବିଜେଡି ରାଜ୍ୟ ସମ୍ପାଦକ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

### ଆପଣମାନେ ଖୁସି ତ?

ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ପାଇଁ ମନ୍ଦିର ବେଢା ଭିତରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଅପେକ୍ଷା କରି ରହିଥିଲେ। ଘଣ୍ଟିଦ୍ୱାର ଦେଇ ମୁଖ୍ୟମନ୍ତ୍ରୀ କୀର୍ତ୍ତନ ଚକଡ଼ାକୁ ବାହାରିବା ପରେ ଭକ୍ତଙ୍କ ମଧରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ସମୟରେ ସାତପାହାଚ ନିକଟରେ ଛିଡ଼ା ହୋଇଥିବା ଭକ୍ତମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆପଣମାନେ ଖୁସି ତ ବୋଲି ବଡ଼ପାଟିରେ କହିଥିଲେ। ମୁଖ୍ୟମନ୍ତ୍ରୀ ମଧ ହସି ହସି 'ମୁଁ ବି ବହୁତ ଖୁସି' ବୋଲି କହିଥିଲେ।

### ଖଣ୍ଡୋଲାଇଟ୍ ପଥରରେ ହେବ ସବୁ ପ୍ରକଳ୍ପ

ଶ୍ରୀମନ୍ଦିର ହେରିଟେଜ କରିଡ଼ର ସମେତ ଶ୍ରୀକ୍ଷେତ୍ରରେ ଯେଉଁସବୁ ପ୍ରକଳ୍ପ କରାଯିବ ତାହା ଖଣ୍ଡୋଲାଇଟ୍ ପଥରରେ ହିଁ ହେବ। ହଜାର ବର୍ଷକୁ ଆଖି ଆଗରେ ରଖି ଏ ସବୁ ତିଆରି କରାଯିବ ବୋଲି କହିଛନ୍ତି ପୂର୍ତ୍ତ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର।

### ଫେବୃୟାରୀରେ ଚୂଡ଼ାନ୍ତ ଡିଜାଇନ

ଶ୍ରୀମନ୍ଦିର ହେରିଟେଜ କରିଡରର ରୂପରେଖ କେମିତି ରହିବ ତାହାର ୨ଟି ଡିଜାଇନକୁ ଗତ ମାସ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ। କିନ୍ତୁ ଏହି ନକ୍ସାର ଚୂଡ଼ାନ୍ତ ରୂପରେଖ କଣ ହେବ ସେଥିଲାଗି ଜନସାଧାରଣଙ୍କଠାରୁ ମତାମତ ମଗାଯାଇଥିଲା। ବହୁ ସଂଖ୍ୟାରେ ଲୋକ ମତାମତ ଦେଇଛନ୍ତି। ଏହାକୁ ତର୍ଜମା କରାଯାଇ ଫେବୃୟାରୀ ମାସରେ ଚୂଡ଼ାନ୍ତ ଡିଜାଇନ ପ୍ରକାଶ ପାଇବ ବୋଲି ପୂର୍ତ୍ତ ସଚିବ କହିଛନ୍ତି।

### ମହାପ୍ରଭୁଙ୍କ ପରମ୍ପରା ପରିବର୍ତ୍ତନ ଗ୍ରହଣୀୟ ନୁହେଁ

ଶ୍ରୀମନ୍ଦିର ହେରିଟେଜ କରିଡର ପାଇଁ ଯେଉଁ ନକ୍ସା କରାଯାଇଛି ସେଥିରେ ରଥଚକଡ଼ାର ସ୍ଥାନ ଅନ୍ୟତ୍ର ଦର୍ଶାଯାଇଛି। ଏହାକୁ ବିରୋଧ କରିଛି ଶ୍ରୀଜଗନ୍ନାଥ ସେବାୟତ ସମ୍ମିଳନୀ। ସମ୍ମିଳନୀ ସାଧାରଣ ସମ୍ପାଦକ କାଶୀନାଥ ଖୁଣ୍ଟିଆ ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଇଛନ୍ତି ଯେ, ମହାପ୍ରଭୁଙ୍କ ସେବାପୂଜା, ରୀତିନୀତି, ପର୍ବପର୍ବାଣି, ରଥଯାତ୍ରା କିପରି ହେବ ତାହା ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ଲେଖାଯାଇଛି। ତେଣୁ ନକ୍ସାରେ ରଥଚକଡ଼ାର ସ୍ଥାନ ଯାହା ଦର୍ଶାଯାଇଛି ତାହା ପରମ୍ପରାକୁ ଭଙ୍ଗ କରିବା ଭଳି। ମହାପ୍ରଭୁଙ୍କର ନୀତି, ପରମ୍ପରା, ପ୍ରଥା, ସଂସ୍କୃତିକକୁ ପରିବର୍ତ୍ତନ କରିବା ଆଦୌ ଗ୍ରହଣୀୟ ନୁହେଁ।

# ୨ ଦିବ୍ୟାଙ୍ଗଙ୍କୁ ମିଳିଲାନି ନିଯୁକ୍ତି

- ଅଦାଲତ ଅବମାନନା
- ଶୁକ୍ରବାର ସୁଦ୍ଧା ନିଯୁକ୍ତି ନ ମିଳିଲେ ବ୍ୟକ୍ତିଗତ ହାଜର ହେବେ ଶିକ୍ଷା ସଚିବ

କଟକ ଅଫିସ,୧୬।୧

ହାଇକୋର୍ଟଙ୍କ ଆଦେଶକୁ ଗଣଶିକ୍ଷା ବିଭାଗର ବେଖାତିର। ଦୁଇଜଣ ଦିବ୍ୟାଙ୍ଗଙ୍କୁ ନିଯୁକ୍ତି ଦେବା ନିମନ୍ତେ ହାଇକୋର୍ଟ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ସେମାନଙ୍କୁ ସରକାର ନିଯୁକ୍ତି ଦେଇନାହାନ୍ତି। ଗୁରୁବାର ଏ ସମ୍ପର୍କରେ ଆଗତ ଅଦାଲତ ଅବମାନନା ମାମଲାର ଶୁଣାଣି କରି ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଶୁକ୍ରବାର ସୁଦ୍ଧା ଯଦି ଏହି ଦୁଇ ଦିବ୍ୟାଙ୍ଗଙ୍କୁ ନିଯୁକ୍ତି ମିଳି ନ ଥାଏ ତେବେ ରାଜ୍ୟ ଗଣଶିକ୍ଷା ସଚିବ ବ୍ୟକ୍ତିଗତ ଭାବେ ହାଇକୋର୍ଟରେ ହାଜର ହେବେ ବୋଲି ବିଚାରପତି ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ଆବେଦନକାରୀ ଦ୍ୱୟ ହେଉଛନ୍ତି ପୁରୀ ଜିଲା ନିମାପଡା ଅଞ୍ଚଳର ବିରଞ୍ଚିନାରାୟଣ ମିଶ୍ର ଓ ବିଶ୍ୱଭୂଷଣ ରାୟଗୁରୁ। ଶିକ୍ଷା ସହାୟକ ପଦବୀ ନିମନ୍ତେ ସେମାନେ ଆବେଦନ କରିଥିଲେ। ମାତ୍ର ସେମାନଙ୍କୁ ନିଯୁକ୍ତି ନ ମିଳିବାରୁ ସେମାନେ ରାଜ୍ୟ ଭିନ୍ନକ୍ଷମ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଆବେଦନକୁ ଗ୍ରହଣ କରି ଭିନ୍ନକ୍ଷମ କମିଶନ ଉଭୟଙ୍କୁ ନିଯୁକ୍ତି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ମଧ ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଆବେଦନକାରୀ ଦ୍ୱୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟର ଜଣିକିଆ ବିଚାରପତି ଉଭୟଙ୍କ ଆବେଦନର ଶୁଣାଣି କରି ସେମାନଙ୍କୁ ନିଯୁକ୍ତି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରକାର ଏହି ଆଦେଶ ବିରୋଧରେ ହାଇକୋର୍ଟର ଖଣ୍ଡପୀଠରେ ଚ୍ୟାଲେଞ୍ଜ କରିଥିଲେ। ଖଣ୍ଡପୀଠ ମଧ ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିଥିଲେ। ଏହାସତ୍ତ୍ୱେ ମଧ ସରକାର ଆବେଦନକାରୀ ଦ୍ୱୟଙ୍କୁ ନିଯୁକ୍ତି ଦେଇ ନାହାନ୍ତି। ଫଳରେ ସେମାନେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

# ରେଞ୍ଜ ଅଫିସରଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଠାବ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

**କଟକ ଅଫିସ, ୧୬।୧:** ସମ୍ବଲପୁର ଟେରିଟୋରିଆଲ ଅନ୍ତର୍ଗତ ପଡ଼ିଆବାହାଲ ବନାଞ୍ଚଳ ଡିଭିଜନର ରେଞ୍ଜ ଅଫିସର ସୁରେଶ ଚନ୍ଦ୍ର ମିର୍ଦ୍ଧାଙ୍କ ଘରେ ଗୁରୁବାର ଭିଜିଲାନ୍ସ ଯାଞ୍ଚ କରିଛି। ମିର୍ଦ୍ଧାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ସର୍ଚ୍ଚ ୱାରେଣ୍ଟ ଜାରି କରାଯାଇଥିଲା। ଏହି ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ମିର୍ଦ୍ଧାଙ୍କ ଫୁଟିବନ୍ଧଠାରେ ଥିବା ଦୁଇ ମହଲା କୋଠା, ବିସିଡେରାଠାରେ ଥିବା ଫାର୍ମ ହାଉସ୍, ଫୁଟିବନ୍ଧଠାରେ ଥିବା ସମ୍ପର୍କୀୟଙ୍କ ଘର ଓ ଅଫିସ ଆଦି ସ୍ଥାନକୁ ଏକକାଳୀନ ଯାଞ୍ଚ କରାଯାଇଛି। ଯାଞ୍ଚରୁ ମୋଟ୍ ୭୩ ଲକ୍ଷ ୯୫ହଜାର ୪୨୬ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମ୍ପତ୍ତିଗୁଡ଼ିକ ମିର୍ଦ୍ଧା ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ଫୁଟିବନ୍ଧଠାରେ ଥିବା ଦୁଇ ମହଲା କୋଠାର ମୂଲ୍ୟକୁ ୪୧ ଲକ୍ଷ ୧୭ହଜାର ୬୯ ଟଙ୍କା ଓ ଫାର୍ମହାଉସ୍‌ର ମୂଲ୍ୟକୁ ୪ ଲକ୍ଷ ୩୬ହଜାର ୫୮୯ ଟଙ୍କାରେ ଭିଜିଲାନ୍ସ ଆକଳନ କରିଛି। ଏହାବାଦ ଫୁଟିବନ୍ଧ, ସୁବର୍ଣ୍ଣପୁର ଓ ସମ୍ବଲପୁର ଆଦି ସ୍ଥାନରେ ତାଙ୍କର ୩ଟି ପ୍ଲଟ ରହିଛି। ଉକ୍ତ ପ୍ଲଟ ସମୂହର ମୂଲ୍ୟ ୧ ଲକ୍ଷ ୮ହଜାର ୨୭୦ ଟଙ୍କା ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ସେହିପରି ମିର୍ଦ୍ଧାଙ୍କର ୮ ଲକ୍ଷ ୫୩ହଜାର ୨୮୩ ଟଙ୍କାର ଗୋଟିଏ ବୋଲେରୋ, ୬୦ହଜାର ଟଙ୍କାର ଗୋଟିଏ ସ୍କୁଟିକୁ ଭିଜିଲାନ୍ସ ଠାବ କରିଛି। ଏଥିସହ ତାଙ୍କର ୧୦ ଲକ୍ଷ ୩୬ହଜାର ୭୬ ଟଙ୍କାର ବ୍ୟାଙ୍କ ଜମା ଓ ୨ ଲକ୍ଷ ୬୦ହଜାର ୬୬୦ ଟଙ୍କାର ଅଳଙ୍କାର ଠାବ କରାଯାଇଛି। ଭିଜିଲାନ୍ସ ଯାଞ୍ଚ ସମୟରେ ମିର୍ଦ୍ଧାଙ୍କ ଘରୁ ୬୦,୩୬୫ ଟଙ୍କା ଓ ୪ ଲକ୍ଷ ୬୨ହଜାର ୧୧୪ ଟଙ୍କା ମୂଲ୍ୟର ଆସବାବପତ୍ରକୁ ଭିଜିଲାନ୍ସ ଠାବ କରିଛି।









### ଏସ୍‌ସିବି ମେଡିକାଲରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ

କଟକ ଅଫିସ, ୧୬।୧: କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଗୁରୁବାର ସନ୍ଧ୍ୟାରେ ଏସ୍‌ସିବି ମେଡିକାଲ ଆସିଥିଲେ। ରେଳ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ସେ ଭେଟିବା ସହିତ ଏସ୍‌ସିବିର ଭିତ୍ତିଭୂମିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମେଡିକାଲରେ ବେଡ୍ ଅଭାବ ଥିବାବେଳେ ରୋଗୀମାନେ ତଳେ ଗଡୁଥିବା ସେ କହିଛନ୍ତି। ଏପରିକି ଏସ୍‌ସିବି ମେଡିକାଲରେ ସ୍ଥାନ ଅଭାବ ଥିବାରୁ କେନ୍ଦ୍ର ସରକାର ନିକଟରେ ମଞ୍ଜୁର କରିଥିବା ୫୬ଟି ମେଶିନ ଏଠାରେ ବସି ପାରୁ ନ ଥିବା ସେ କହିଛନ୍ତି। ମେଡିକାଲର ପରିମଳ ଅବସ୍ଥା ସୁଧାରିବା ପାଇଁ ସେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରେସ୍ ଅଧିସୂଚନା

**ଭାରତ ସରକାର**
**ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ**
**ରେଳପଥ ନିରାପତ୍ତା ଆୟୁକ୍ତ**

ଶ୍ରୀ ଅଭୟ କୁମାର ରାୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧିନସ୍ଥ ରେଳପଥ ନିରାପତ୍ତା ଆୟୁକ୍ତ, ଦକ୍ଷିଣ ପୂର୍ବ ସର୍କଲ, କଲିକତାଙ୍କ ଦ୍ୱାରା ତା **18.01.2020** ରିଖ **1000** ଘଟିକାରେ ଏକ ବୈଧାନିକ ତଦନ୍ତ ଅନୁଷ୍ଠିତ ହେବ। "ତା **16.01.2020** ରିଖ **0700** ଘଟିକାରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନସ୍ଥ ଶାଳଗାଁ-ନିର୍ଗୁଣ୍ଡି ଷ୍ଟେସନ ମଧ୍ୟରେ ଅଟୋ ସେକ୍ସନରେ କି.ମି. 399/23 ଠାରେ ମାଲବାହି ଟ୍ରେନ୍ ସଂ. E/NTECL-28 (BOBRN LD) ର ବ୍ରେକ୍ ଭ୍ୟାନ୍‌କୁ **12879** ଏକ୍ସପ୍ରେସ୍ (ଲୋକମାନ୍ୟ ତିଳକ ଟର୍ମିନସ୍-ଭୁବନେଶ୍ୱର ଏକ୍ସପ୍ରେସ୍) ଦ୍ୱାରା ପଛ ପାର୍ଶ୍ୱରେ ଧକ୍କା" ଘଟଣା ସମ୍ବନ୍ଧରେ ଏହି ତଦନ୍ତ କଟକ ସ୍ଥିତ ଅଧିକାରୀ ବିଶ୍ରାମ ଗୃହ (କଟକ ରେଳ ଷ୍ଟେସନର ପ୍ଲାଟ୍‌ଫର୍ମ **1** ର ପ୍ରବେଶପଥ ଠାରୁ **50** ମିଟର ଦୂରତ୍ୱ) ଠାରେ ଶୁଣାଣି ଶେଷ ପର୍ଯ୍ୟନ୍ତ ଚାଲୁ ରହିବ।

ଏହି ଦୁର୍ଘଟଣା ସମ୍ପର୍କରେ ସବିଶେଷ ଜ୍ଞାନ ଥିବା ଯେକୌଣସି ବ୍ୟକ୍ତିବିଶେଷ ତଥ୍ୟ ଉପସ୍ଥାପନ କରିବାର ଥିଲେ କିମ୍ବା ପ୍ରମାଣ ପ୍ରଦାନ କରିବାକୁ ଇଚ୍ଛୁକ ଥିଲେ ଉପରୋକ୍ତ ସ୍ଥାନ ଓ ତାରିଖରେ ନିଜେ ଉପସ୍ଥିତ ହୋଇ ସାକ୍ଷ୍ୟ ପ୍ରଦାନ କରିପାରିବେ କିମ୍ବା **ରେଳପଥ ନିରାପତ୍ତା ଆୟୁକ୍ତ, ଦକ୍ଷିଣ ପୂର୍ବ ସର୍କଲ, 14 ଷ୍ଟ୍ରାଣ୍ଡ୍ ରୋଡ୍, 12 ମହଲା, କୋଇଲାଘାଟ ଷ୍ଟ୍ରିଟ୍, କଲିକତା-700001** ଙ୍କୁ ଲିଖିତ ଭାବରେ ଜଣାଇ ପାରିବେ।

PR-653/K/19-20 ମଣ୍ଡଳ ରେଳ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

**ପୂର୍ବ ତଟ ରେଳପଥ**





ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।

-ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### କାର୍ ଧକ୍କାରେ ପ୍ରବଚକଙ୍କ ମୃତ୍ୟୁ

କଟକ ସଦର,୧୬।୧(ଡି.ଏନ୍.ଏ.): କଟକ-ପାରାଦୀପ ରାସ୍ତା କଣ୍ଠୁଆର ନିକଟରେ ଗୁରୁବାର ଏକ କାର୍ ଧକ୍କାରେ ଜଣେ ପ୍ରବଚକ ତଥା ରାଜ୍ୟ ଜଗନ୍ନାଥ ସଂସ୍କୃତିର ସଂଯୋଜକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶୋରନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ବିଷ୍ଣୁଚରଣ ଦତ୍ତ(୬୧)। ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ବିଷ୍ଣୁ ଏକ ସ୍କୁଟି(ଓଡି ୦୨ଏଜେ ୩୩୧୦)ରେ ରଘୁନାଥପୁର ଅଭିମୁଖେ ଯାଉଥିବା ବେଳେ କଣ୍ଠୁଆର ନିକଟରେ ପଛପଟୁ ଏକ ଅଜଣା କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ବିରିଡି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍କୁଟିକୁ ଜବତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଜିଲା ଚିକିତ୍ସାଳୟକୁ ପଠାଇଥିଲା।

### ୨୫ରେ ଦଧୀଚି ଶିଶୁପ୍ରତିଭା ସମ୍ମାନ

କଣ୍ଡାପଡ଼ା,୧୬।୧(ଡି.ଏନ୍.ଏ.): ସୁନ୍ଦରଗ୍ରାମସ୍ଥିତ ଦଧୀଚି ଶିକ୍ଷା ସମୂହ ଅନୁଷ୍ଠାନ ପକ୍ଷରୁ ଶିଶୁପ୍ରତିଭା ସମ୍ମାନ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଭାଗନେବାକୁ ଥିବା ପ୍ରତିଯୋଗୀଙ୍କ ବୟସ ୩ ରୁ ୧୫ ବର୍ଷ ବୟସ ମଧ୍ୟରେ ହୋଇଥିବା ଆବଶ୍ୟକ। ଗ୍ରାମାଞ୍ଚଳରେ ଲୁଚି ରହିଥିବା ପ୍ରତିଭାର ବିକାଶ ପାଇଁ ଏହା ଏକ ଭିନ୍ନ ପ୍ରୟାସ ବୋଲି ଅନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ କୁମାର ଦାଶ କହିଛନ୍ତି। ଆଗ୍ରହୀ ପ୍ରତିଯୋଗୀମାନେ ଆସନ୍ତା ୨୦ ତାରିଖ ମଧ୍ୟରେ ସେମାନଙ୍କ ନାମ ପଞ୍ଜୀକରଣ ପାଇଁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

### ବିପନ୍ନଙ୍କୁ ଭେଟିଲେ ପୂର୍ବତନ ବିଧାୟକ

ଖୁଣ୍ଟୁଣୀ,୧୬।୧(ଡି.ଏନ.ଏ): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାଦାମୋଦରପୁର(କଣ୍ଡାବଣ୍ଡ) ଗ୍ରାମରେ ଗତ ୧୩ ତାରିଖରେ ଅଗ୍ନିକାଣ୍ଡ ଘଟି ୫ପରିବାରର ୪ଖଣ୍ଡ ଘର ସହ ସମସ୍ତ ଆସବାବପତ୍ର ପୋଡ଼ିଯାଇଥିଲା। ବର୍ତ୍ତମାନ ସୁଦ୍ଧା ବିପନ୍ନଙ୍କ ଘରେ ଚୁଲି ଜଳି ନ ଥିବା ଜଣାପଡ଼ିଛି। ଗୁରୁବାର ପୂର୍ବତନ ପୁରୀ ବିଧାୟକ ତଥା କଂଗ୍ରେସ ନେତା ଉମାବଲ୍ଲଭ ରଥ ବିପନ୍ନ ପରିବାରଙ୍କୁ ଭେଟି ସେମାନଙ୍କୁ କମ୍ବଳ, ଧୋତି, ଶାଢ଼ି ପ୍ରଦାନ କରିଥିଲେ। ଏହା ସହ ପିଲାଙ୍କ ପୋଷାକ କିଣିବା ପାଇଁ ଅର୍ଥ ପ୍ରଦାନ କରିଥିଲେ। ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଚାଉଳ ଦିଆଯାଇ ନ ଥିବା ବିପନ୍ନମାନେ କହିଥିଲେ। ବିପନ୍ନଙ୍କ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ରଥ ପ୍ରତିଶ୍ରୁତି ଦେଇଥିଲେ।

# ବିସ୍ତୀର୍ଣ୍ଣ ଚାନ୍ଦିନୀରୁ ଚାନ୍ଦିନୀଚୌକ

ପ୍ରାଚୀନ ସହର କଟକ। ଏହି ସହରର ପ୍ରତ୍ୟେକ ଗଳିକନ୍ଦିରେ ଲୁଚି ରହିଛି ସାହିତ୍ୟ, ସଂସ୍କୃତି, ଐତିହ୍ୟର ଅଲିଭା ଛିଟା। ବାଉନ ବଜାର ତେପନ ଗଳିର ଏହି ସହରର ପ୍ରତ୍ୟେକ ସାହିବସ୍ତିର ନାଁ ପଛରେ ଲୁଚି ରହିଛି ଅନେକ ଚମତ୍କାର କାହାଣୀ। ଏହି କାହାଣୀଗୁଡିକ ଯେତିକି ରୋଚକ ସେତିକି ଶିକ୍ଷଣୀୟ ମଧ୍ୟ। ଅନେକ ନଥିପତ୍ର କଟକ ଉପରେ ତଥ୍ୟ ପ୍ରଦାନ କରୁଛି ତେବେ କଟକର ସାହି, ବସ୍ତି ଓ ବଜାର ସହିତ ଯୋଡି ହୋଇ ରହିଥିବା ଏହି ନଥିପତ୍ର ଭିତ୍ତିକ ତଥ୍ୟ ଲୋକଲୋଚନକୁ ଆଣିବା ନିମନ୍ତେ ଆମର ଏକ ପ୍ରୟାସ। ଏହି କ୍ରମରେ କଟକର ଚାନ୍ଦିନୀଚୌକ ଉପରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...

-ରିପୋର୍ଟ: ଅଶୋକ କୁମାର ବାରିକ, କଟକ

## ନାଁ ପଛରେ କାହାଣୀ...



ଚାନ୍ଦିନୀଚୌକ ନାଁ ପଛରେ ଐତିହାସିକ କଥା ନିହିତ। ଷୋଡ଼ଶ ଶତାବ୍ଦୀରେ କଟକ ନଗରରେ ମୋଗଲମାନେ ଶାସନ କରୁଥିଲେ। ସେତେବେଳେ ଲାଲବାଗ ପ୍ରାସାଦକୁ ମୋଗଲ ଶାସକମାନେ ନିଜର ବାସଗୃହ ଭାବେ ବ୍ୟବହାର କରୁଥିଲେ। ଏହି ଅଞ୍ଚଳରେ ବିସ୍ତୀର୍ଣ୍ଣ ପ୍ରାନ୍ତର ଥିଲା। ଚାନ୍ଦିନୀ ବା ବଡ଼ ପେଣ୍ଡାଲ ସଦୃଶ ଜାଗା ଥିବାରୁ ଏହାର ନାମ ଚାନ୍ଦିନୀଚୌକ ହୋଇଛି ବୋଲି କଟକ ସମ୍ପର୍କରେ ଲେଖାଯାଇଥିବା ନଥିପତ୍ରରୁ ତଥ୍ୟ ମିଳୁଛି।

**ଏଠାରେ କ'ଣ ରହିଛି**

ଏଠାରେ ହାଇକୋର୍ଟ, ଶିଶୁଭବନ, ଜିଲାପାଳଙ୍କ କାର୍ଯ୍ୟାଳୟ, ବୋର୍ଡ ଅଫ ରେଭିନ୍ୟୁ ଅଫିସ, ରେଭେନ୍ସା କଲିଜିଏଟ ସ୍କୁଲ, ହାଇକୋର୍ଟ ବାର୍ ଆସୋସିଏଶନ, ଓଡ଼ିଶା ଜୁଡିସିଆଲ ଏକାଡେମୀ ଆଦି ରହିଛି। ସେହିପରି ଧାର୍ମିକ ଅନୁଷ୍ଠାନ ମଧ୍ୟରେ ଯୋଗନାଥ ମନ୍ଦିର, ଜଗନ୍ନାଥ ମନ୍ଦିର, ଭାଗବତ ମନ୍ଦିର, ଭାଗବତ ଗାଦି, ଅଷ୍ଟଶମ୍ଭୁ ମନ୍ଦିର, ଦୁର୍ଗା ମନ୍ଦିର, ମଙ୍ଗଳା ମନ୍ଦିର ସହ ମୁସଲିମ ସମ୍ପ୍ରଦାୟର ଉଜାଲା ଖାଁ ମସଜିଦ ରହିଛି। ଅନ୍ୟ ପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ, ଜଷ୍ଟିସ ଯୁଗଳ କିଶୋର ପଟ୍ଟନାୟକ, ଜଷ୍ଟିସ ଲକ୍ଷ୍ମୀନାରାୟଣ ମହାପାତ୍ର, ଜଷ୍ଟିସ ହରିହର ମହାପାତ୍ର, ଡା. ଓମ୍‌ପ୍ରକାଶ ଅଗ୍ରୱାଲ, ବିଶ୍ୱନାଥ ପଣ୍ଡିତ, ଏମ୍‌ପି ଭର୍ତ୍ତୃହରି ମହତାବ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ଅଞ୍ଚଳର ବାସିନ୍ଦା ଅଛନ୍ତି।

**ଏଠାକାର ସମସ୍ୟା**

ଏଠାରେ ଟ୍ରାଫିକ ସମସ୍ୟା ରହିଛି। ସେହିପରି ଏଠାରେ ଜଳ ନିଷ୍କାସନ ସମସ୍ୟା ରହିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

**ୱାର୍ଡ ଓ ଲୋକସଂଖ୍ୟା**

କଟକ ମହାନଗର ନିଗମ(ସିଏମସି) ଅନ୍ତର୍ଗତ ୧୧ ଓ ୧୨ ନମ୍ବର ୱାର୍ଡକୁ ନେଇ ଚାନ୍ଦିନୀଚୌକ ଅଞ୍ଚଳ ପରିବ୍ୟାପ୍ତ। ଏହି ଅଞ୍ଚଳରେ ୨୦ହଜାରରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି।



ସବୁବେଳେ ସାହିରେ ଶୃଙ୍ଖଳିତ ପରିବେଶ ଥାଏ। ସାହିରେ କେବେ ଅସୁବିଧା ଦେଖାଦେଲେ ସାହି ମୁରବୀ ଏହାର ସମାଧାନ କରିଥାନ୍ତି।

-ପ୍ରତାପ କିଶୋର ସିଂହ, ସଭାପତି



କଟକ ସହରର ପୁରାତନ ସ୍ଥାନ ମଧ୍ୟରୁ ଚାନ୍ଦିନୀଚୌକ ଅନ୍ୟତମ। ଏଠାରେ ଅନେକ ଐତିହାସିକ କଥାବସ୍ତୁ ରହିଛି, ଯାହା ଆମ ପାଇଁ ଗର୍ବ। ଯେ କୌଣସି ସମ୍ପ୍ରଦାୟ ହୁଅନ୍ତୁ ଭାଇଚାରା ଉପରେ ବିଶ୍ୱାସ ରଖନ୍ତି।

-ବିଜୟ କୁମାର ବେହେରା, ସମ୍ପାଦକ

## ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ

କଟକ ଅଫିସ, ୧୬।୧

ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଉପଲକ୍ଷେ ଗୁରୁବାର କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଫକୀର ମୋହନ ସ୍ମୃତି ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱ ସମାରୋହ ଅନୁଷ୍ଠିତ ହୋଇଯାଇଛି। କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। କଲ୍ୟାଣୀ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଫେସର କିଶୋର ମହାନ୍ତି, ବକ୍ତା ଭାବେ ଅଧ୍ୟାପିକା ମୀରା ବେଉରା ଯୋଗଦେଇଥିଲେ। ଏହି ଅବସରରେ ୧୦୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ତରୁଣ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ନନ୍ଦୀୟା ବିହାରୀ ମହାନ୍ତି, ମୁଖ୍ୟବକ୍ତା ଡ. ବୈଜୟନ୍ତୀ ମିଶ୍ର, ସମ୍ମାନିତ ବକ୍ତା ଭାବେ କବି ନାରାୟଣ ମୁକୁଳି ଯୋଗଦେଇଥିଲେ। ସନ୍ତୋଷ ମିଶ୍ରଙ୍କ ପୁସ୍ତକ 'କ୍ଷମାର ଜାହ୍ନବୀ' ଓ 'ଶେଷ ଦସ୍ତଖତ' ଉନ୍ମୋଚିତ ହେବା ସହ ବହୁ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଲକ୍ଷ୍ମଣ ମଲ୍ଲିକ ବିବରଣୀ ପାଠ ଓ ଶରତ ମହାନ୍ତି ଧନ୍ୟବାଦ ଦେଇଥିଲେ।



ଛାତ୍ରଛାତ୍ରୀମାନେ କଲେଜ ମୁଖ୍ୟଫାଟକ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

## ସିଟି ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ

କଟକ ଅଫିସ, ୧୬।୧

ଯୁକ୍ତ ଦୁଇ ପ୍ରଥମ ବର୍ଷରେ ସର୍ବନିମ୍ନ ୩୩ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ବର୍ଷକୁ ଉତ୍ତୀର୍ଣ୍ଣ ହେବା ପାଇଁ ଚଳିତବର୍ଷ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ପଦକ୍ଷେପକୁ ବିରୋଧ କରି ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ଗୁରୁବାର ଛାତ୍ରଛାତ୍ରୀମାନେ ତାଲା ପକାଇବା ସହିତ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ମହାବିଦ୍ୟାଳୟ ପରିସରରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ବାଦାମବାଡି ପୋଲିସ ପହଞ୍ଚି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଧାରଣାରତ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରି ଘଟଣାର ସମାଧାନ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଚଳିତବର୍ଷ ଛାତ୍ରଛାତ୍ରୀମାନେ ଯୁକ୍ତ ୨ ପ୍ରଥମ ବର୍ଷ ପରୀକ୍ଷାରେ ପାସ୍ ନ କଲେ ଦ୍ୱିତୀୟବର୍ଷକୁ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ। ଦ୍ୱିତୀୟ ବର୍ଷକୁ ଯିବାକୁ ହେଲେ ଛାତ୍ରଛାତ୍ରୀଙ୍କୁ ପ୍ରଥମ ବର୍ଷରେ ୩୩% ନମ୍ବର ରଖିବା ଜରୁରୀ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ। ତେବେ ପରୀକ୍ଷାରେ ପାଶ ପାଇଁ ପ୍ରଥମ ବର୍ଷ ପିଲାଙ୍କୁ ଦୁଇଟି ସୁଯୋଗ ମିଳିବ। ପ୍ରଥମ ପରୀକ୍ଷାରେ ୩୩% ରୁ କମ୍ ରଖିଥିବା ପିଲାଙ୍କ ପାଇଁ ରିମେଡିଆଲ କ୍ଲାସ ହେବ। ଏହାପରେ ଦ୍ୱିତୀୟ ସୁଯୋଗ ଭାବେ ମେ' ଶେଷ ସପ୍ତାହରେ ପରୀକ୍ଷା କରାଯିବ। ହେଲେ ଏହାକୁ ଛାତ୍ରଛାତ୍ରୀମାନେ ବିରୋଧ କରି କହିଥିଲେ, ଏହି ନିଷ୍ପତ୍ତିକୁ ହଠାତ୍ ଛାତ୍ରଛାତ୍ରୀଙ୍କ ଉପରେ ଲଦି ଦିଆଯାଉଛି। ଫେବୃୟାରୀ ତୃତୀୟ ସପ୍ତାହରୁ ପରୀକ୍ଷା ପାଇଁ ଘୋଷଣା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାଠ୍ୟକ୍ରମ ଶେଷ ହୋଇନି। ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଠିକ୍ ଭାବେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇପାରିବେ ନାହିଁ। ଯଦି ଏହି ନିଷ୍ପତ୍ତିକୁ ପରିବର୍ତ୍ତନ ନ କରାଯାଏ ତେବେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଛାତ୍ରଛାତ୍ରୀମାନେ କହିଥିଲେ। ଏ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବାଶିଷ ଜେନା କହିଛନ୍ତି, ମହାବିଦ୍ୟାଳୟ ପାଖକୁ ଏ ସମ୍ପର୍କରେ କୌଣସି ସୂଚନା ଆସିନାହିଁ। ଆସିଲେ ପଦକ୍ଷେପ ନିଆଯିବ।

## ଗାଡ଼ି ଚାଳକଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ

କଟକ ଅଫିସ, ୧୬।୧

ଜାତୀୟ ସଡକ ସୁରକ୍ଷା ସପ୍ତାହ ଉପଲକ୍ଷେ ଟ୍ରାଫିକ ପୋଲିସ ପକ୍ଷରୁ ଗୁରୁବାର ୨ଟି ପର୍ଯ୍ୟାୟରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ମଧୁପାଟଣା ଥାନା ନିକଟରେ ଗାଡିଚାଳକଙ୍କୁ ଗୋଲାପ ଫୁଲ ଦିଆଯାଇ ଟ୍ରାଫିକ ନିୟମ ବିଷୟରେ ସଚେତନ କରାଯାଇଥିଲା। ସନ୍ଧ୍ୟାରେ ଦ୍ୱିତୀୟ ପର୍ଯ୍ୟାୟରେ ସହରର ଅଟୋଚାଳକଙ୍କୁ ନେଇ ସଚେତନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅଟୋଚାଳକଙ୍କ ବିଭିନ୍ନ ସମସ୍ୟା ଓ ଟ୍ରାଫିକ ନିୟମ ବାବଦରେ ଆଲୋଚନା କରାଯାଇଥିଲା। ଟ୍ରାଫିକ ଏସିପି ଦେବଜ୍ୟୋତି ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଟ୍ରାଫିକ ଡିସିପି ସାଗରିକା ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉପଯୁକ୍ତ ସ୍ଥାନରେ ଅଟୋ ପାର୍କ କରିବା ଓ ଅଟୋ ଚାଳକମାନେ ଲୋକମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ଏଥିସହିତ ଅଟୋଚାଳକବା ସମୟରେ ୟୁନିଫର୍ମ ପିନ୍ଧିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରାଫିକ ଥାନାର ସମସ୍ତ କର୍ମଚାରୀ, ଅଟୋ ମହାସଂଘର ସଭାପତି ଓ ସମ୍ପାଦକଙ୍କ ସହ ୧୫୦ ଜଣ ଅଟୋଚାଳକ ଉପସ୍ଥିତ ଥିଲେ।

## ଗଡିଲା ସଚେତନତା ରଥ

କଟକ ଅଫିସ, ୧୬।୧

ଜାନୁୟାରୀ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ 'ପାଣି ପଞ୍ଚାୟତ ପକ୍ଷ' ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପୂର୍ବାହ୍ନରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପାଣି ପଞ୍ଚାୟତ ରଥକୁ ପତାକା ଦେଖାଇ ଜିଲାରେ ପାଣି ପଞ୍ଚାୟତ ପକ୍ଷ ପାଳନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜଳ ସଞ୍ଚୟ ପ୍ରକଳ୍ପଗୁଡିକର ସୁପରିଚାଳନା ପାଇଁ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏହି ପାଣି ପଞ୍ଚାୟତ ରଥ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳ ପରିକ୍ରମା କରି କୃଷକମାନଙ୍କୁ ପାଣି ପଞ୍ଚାୟତ ବ୍ୟବସ୍ଥା ଉପରେ ସଚେତନ କରାଇବ।



ଜିଲାପାଳ ଭବାନୀଶଙ୍କର ଚୟନୀ ପାଣି ପଞ୍ଚାୟତ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ନୂତନ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟରେ ଯୋଗଦାନ

କଟକ ଅଫିସ, ୧୬।୧

ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର ଗୁରୁବାର ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟରେ ନୂତନ ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପରେ ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ଓ ଷ୍ଟାଫ୍ କମିଟି ସଭାପତି ବିଶ୍ୱମୋହନ ମହାପାତ୍ରଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟ ନୂତନ ଅତିରିକ୍ତ ଜିଲାପାଳଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହା ପୂର୍ବରୁ ମିଶ୍ର ରାଜ୍ୟ ସମବାୟ ବିଭାଗର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଥିଲେ।

## କାମରେ ଆସୁନି ସୋଲାର୍ ଲାଇଟ୍

ଖୁଣ୍ଟୁଣୀ,୧୬।୧(ଡି.ଏନ୍.ଏ.)



ହାତୀ ଦାଉରୁ ସାଧାରଣ ଲୋକଙ୍କ ଧନ-ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ଆଠଗଡ଼ ବ୍ଲକ ଶଶାଙ୍କ ଗ୍ରାମରେ ସୋଲାର ଲାଇଟ୍ ଲଗାଯାଇଛି। ଉପଯୁକ୍ତ ସ୍ଥାନ ତଥା ହାତୀଙ୍କ ଚଳାଚଳ ପଥରେ ଲଗାଯାଇ ନ ଥିବାରୁ ସାଧାରଣ ଲୋକଙ୍କ କାମରେ ଆସୁନାହିଁ। ଫଳରେ ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଥାଉ କି, ପ୍ରତିବର୍ଷ ଧାନଫସଲ ଅମଳ ପର୍ଯ୍ୟନ୍ତ ହାତୀଙ୍କ ପ୍ରାଦୁର୍ଭାବ ଦେଖାଦେଇଥାଏ। ହାତୀମାନେ ଫସଲ ଖାଇବା ସହ ନଷ୍ଟ କରିଥାନ୍ତି। ଫଳରେ ଏ ନେଇ ବନ ବିଭାଗ ପକ୍ଷରୁ ସୋଲାର ଲାଇଟ୍ ଲଗାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କୁସପଙ୍ଗୀ ପଞ୍ଚାୟତର ବଉଳ ଠାରୁ ଶଶାଙ୍କ, ପହିଲାବର ରାସ୍ତା ପାର୍ଶ୍ୱରେ ପ୍ରଥମେ ସୋଲାର ବାଡ଼ ଦିଆଯାଇଥିଲା। ହେଲେ ହାତୀପଲ ଏହି ବାଡ଼କୁ ଭାଙ୍ଗିଦେଇଥିଲେ। କେତେକଣ ବ୍ୟକ୍ତି ବାଡ଼ରେ ଲାଗିଥିବା ଜିଆଇ ତାର ଏବଂ ଖୁଣ୍ଟକୁ ଖୋଲି ନେଇଥିଲେ। ପରବର୍ତ୍ତୀ ସମୟରେ ବନ ବିଭାଗ ପକ୍ଷରୁ ଶଶାଙ୍କ ଗ୍ରାମର ଜାଗୁଳାଇ ମନ୍ଦିର ପାଖରେ ଖୁଣ୍ଟ ପୋତି ସୋଲାର ଲାଇଟ୍ ଲଗାଯାଇଥିଲା। କିନ୍ତୁ ଗାଆଁ ତଥା ସାଧାରଣ ଲୋକଙ୍କ କାର୍ଯ୍ୟରେ ଆସୁ ନ ଥିବା ଜଣାପଡ଼ିଛି। ହାତୀଙ୍କ ଚଲାପଥ ବୋଲି ଜଙ୍ଗଲ ବିଭାଗ ନଜରରେ ରହିଥିବା ଦକ୍ଷିଣ ପାର୍ଶ୍ୱ ଶଶାଙ୍କ-କୁସପଙ୍ଗୀ ରାସ୍ତାର ମା' ବାଉତୀ ମନ୍ଦିର ପାଖରେ ଥିବା ଧାନମଣ୍ଡି ପଡ଼ିଆରେ ଏହି ଲାଇଟ୍ ଲଗାଇଲେ ହାତୀମାନେ ଗୌଡ଼ପାଟ୍ଣା, ବାଣୀପଦା ଓ ଡାଳିଯୋଡ଼ା ବ୍ରହ୍ମପୁର ଜଙ୍ଗଲକୁ ଯାଇପାରି ନ ଥାନ୍ତେ। ଭୁଲ ଜାଗାରେ ଲାଇଟ୍ ଲଗାଯାଇଥିବାରୁ ସେଗୁଡ଼ିକ କୌଣସି କାମରେ ଆସୁ ନ ଥିବା ଚାଷୀମାନେ କହିଛନ୍ତି। ଏ ସମ୍ପର୍କରେ ବନ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇ ଥିଲେ ମଧ୍ୟ ବିଭାଗ ଗୁରୁତ୍ୱ ଦେଉ ନ ଥିବା ଚାଷୀ ସନାତନ ସାହୁ, ଜୟନ୍ତ ସାହୁ, ସୁକାନ୍ତ ରାଉତ, ଅନନ୍ତ ନାୟକ, ନରେନ୍ଦ୍ର ପ୍ରଧାନ ଓ ସୁକାନ୍ତ ରାଉତ ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ବନାଞ୍ଚଳ ଅଧିକାରୀ ମାଗୁଣି ଚରଣ ବେହେରା କୁହନ୍ତି, ତାଙ୍କର ମତାମତ ନିଆଯାଇ ଖୁବ୍‌ଶୀଘ୍ର ଆବଶ୍ୟକ ସ୍ଥାନରେ ଲାଇଟ୍ ଲଗାଇବା ଦିଗରେ ପଦକ୍ଷେପ ନିଆଯିବ।

# ବିବାହ କରିବେ ଓଡ଼ିଶାର 'ଛପାକ୍' ପ୍ରମୋଦିନୀ

*ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି ଓଡ଼ିଶାର 'ଛପାକ୍' ତଥା ଏସିଡ୍ ପୀଡ଼ିତା ପ୍ରମୋଦିନୀ ରାଉଳ। ଏସିଡ୍ ଆକ୍ରମଣର ଶିକାର ହେବା ପରେ ଦୀର୍ଘବର୍ଷ ଧରି ତାଙ୍କ ସୁଖଦୁଃଖର ସାଥୀ ଭାବେ ଛିଡ଼ା ହୋଇଥିବା କଟକର ସରୋଜ କୁମାର ସାହୁଙ୍କୁ ସେ ଜୀବନସାଥୀ ଭାବେ ବାଛିଛନ୍ତି। ୨୦୧୮ ଫେବୃୟାରୀ ୧୪ରେ ସେମାନଙ୍କର ନିର୍ବନ୍ଧ ହୋଇଥିଲା। ଆସନ୍ତା ଏପ୍ରିଲ କିମ୍ବା ମେ' ମାସରେ ସେମାନେ ବିବାହ କରିବା ପାଇଁ ସ୍ଥିର କରିଥିବାବେଳେ ଏନେଇ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିନାହାନ୍ତି। ପ୍ରଥମଥର ନିମନ୍ତେ ରାଜ୍ୟର ଜଣେ ଏସିଡ୍ ପୀଡ଼ିତା ବିବାହ ବେଦୀରେ ବସିବାକୁ ଯାଉଛନ୍ତି।*

## ପ୍ରେମ ଫେରାଇଲା ନୂଆ ଜୀବନ



କଟକ ଅଫିସ, ୧୬।୧

ନିକଟ ଅତୀତରେ ବଲିଉଡ୍‌ରେ ଏକ ଚଳଚ୍ଚିତ୍ର 'ଛପାକ୍' ମୁକ୍ତିଲାଭ କରିଛି। ଏସିଡ୍ ପୀଡ଼ିତାଙ୍କ ଜୀବନକୁ ନେଇ ତିଆରି ହୋଇଥିବା ଏହି ଚଳଚ୍ଚିତ୍ର ମୁଖ୍ୟ ଭୂମିକାରେ ଅଛନ୍ତି ଅଭିନେତ୍ରୀ ଦୀପିକା ପାଦୁକୋନ୍। ଓଡ଼ିଶାର ମଧ୍ୟ ଏଭଳି ଜଣେ ଚରିତ୍ର ହେଉଛନ୍ତି ପ୍ରମୋଦିନୀ। ଯୁକ୍ତ ଦୁଇରେ ପାଠ ପଢ଼ୁଥିବାବେଳେ ଏକତରଫା ପ୍ରେମ ଆବେଦନକୁ ସ୍ୱୀକାର କରି ନ ଥିବାରୁ ଏସିଡ୍ ଆକ୍ରମଣର ଶିକାର ହୋଇଥିଲେ। ୧୦ବର୍ଷର ସଂଘର୍ଷମୟ ଜୀବନକୁ ଅତିକ୍ରମ କରିବା ପରେ ଏବେ ବିବାହ କରିବାକୁ ଯାଉଛନ୍ତି ପ୍ରମୋଦିନୀ। ଜଗତ୍‌ସିଂହପୁରରେ ଜନ୍ମିତ ପ୍ରମୋଦିନୀ ପିଲାଟି ବେଳୁ ବେଶ୍ ଚୁଲବୁଲ ଥିଲେ। ଅଜା ବଂଶୀଧର ରାଉଳ ତାଙ୍କୁ ସ୍ନେହରେ ରାଣୀ ବୋଲି ଡାକନ୍ତି। ପ୍ରମୋଦିନୀଙ୍କ ଅନ୍ୟଏକ ନାଁ ହେଉଛି ରାଣୀ ରଉତ୍ରାଏ। ୨୦୦୯ରେ ପ୍ରମୋଦିନୀ ଯୁକ୍ତ ଦୁଇରେ ପାଠ ପଢ଼ୁଥିଲେ। ଆର୍ମିରେ ଚାକିରି କରିଥିବା ଜଣେ ବିବାହିତ ଯୁବକ ପ୍ରମୋଦିନୀଙ୍କୁ ଏକତରଫା ପ୍ରେମ କରିଥିଲେ। ଏପରି କି ବିବାହ କରିବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲେ। ଏହି କଥା ଘର ପର୍ଯ୍ୟନ୍ତ ଯାଇଥିଲା। ଯୁବକ ଜଣକ ଘରକୁ ଫୋନ୍ କରି ପ୍ରମୋଦିନୀଙ୍କୁ ବିବାହ କରିବାକୁ ଚାହାନ୍ତି ବୋଲି କହିଥିଲେ। ଘର ଲୋକ ମନା କରି ଦେବା ପରେ ଯୁବକଜଣକ ପ୍ରମୋଦିନୀଙ୍କୁ ବିବାହ କରିବାକୁ ବାଧ କରିଥିଲେ। ଦିନେ ରାସ୍ତାରେ ହଇରାଣ କରୁଥିବାବେଳେ ପ୍ରମୋଦିନୀଙ୍କ ସାଙ୍ଗମାନଙ୍କ ଠାରୁ ମାଡ଼ ମଧ୍ୟ ଖାଇଥିଲେ ଉକ୍ତ ଯୁବକ। କ୍ରୋଧ ପରାୟଣ ହୋଇ ୨୦୦୯ ଏପ୍ରିଲ ୧୮ରେ ଯୁବକ ଜଣଙ୍କ ଏଭଳି ଏକ ନୃଶଂସ ଓ ନିନ୍ଦନୀୟ କାର୍ଯ୍ୟ କଲେ, ଯାହା ପ୍ରମୋଦିନୀଙ୍କ ଜୀବନକୁ ବଦଳାଇ ଦେଇଥିଲା। ନିଜ ସମ୍ପର୍କୀୟ ଭାଇଙ୍କ ସହ ସାଇକେଲରେ ବସି ଯାଉଥିବାବେଳେ ଏକ ବାଇକ୍‌ରେ ଆସି ଯୁବକଜଣଙ୍କ ପ୍ରମୋଦିନୀଙ୍କ ଉପରକୁ ଏସିଡ୍ ମାଡ଼ କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ଚାଲିଥିବାବେଳେ ସରୋଜଙ୍କ ସହ ଭେଟ ହୋଇଥିଲା ପ୍ରମୋଦିନୀଙ୍କର। ସରୋଜ ମେଡ଼ିକାଲ ରିପ୍ରେଜେଣ୍ଟେଟିଭ ଭାବେ କାମ କରୁଥିଲେ। ପ୍ରମୋଦିନୀଙ୍କୁ ଫିଜିଓଥେରାପି କରୁଥିବା ଜଣେ ନର୍ସ ହେଲେ ସରୋଜଙ୍କର ବନ୍ଧୁ। ଏସିଡ୍ ଆକ୍ରମଣ ପରେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଚାଲିବାକୁ ଅତିକମରେ ୬ବର୍ଷ ଲାଗିବ ବୋଲି ଡାକ୍ତର କହିଥିଲେ। ହେଲେ ସରୋଜ ନିଜ ପ୍ରଚେଷ୍ଟାରେ ମାତ୍ର ୪ମାସରେ ତାଙ୍କୁ ଚାଲିବା ପାଇଁ ସକ୍ଷମ କରାଇଛନ୍ତି ବୋଲି ପ୍ରମୋଦିନୀ କୁହନ୍ତି। ସରୋଜଙ୍କ ସ୍ନେହ, ଆଦର ଆଉ ଭଲପାଇବା ପାଇଁ ଭଗବାନଙ୍କ ନିକଟରେ କୃତଜ୍ଞ। ସେ ଏବେ ବି ଛାଇ ଭଳି ମୋ ପାଖେ ପାଖେ ରୁହନ୍ତି ବୋଲି ପ୍ରମୋଦିନୀ କହିଥିଲେ। ସେମାନଙ୍କ ବିବାହ ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ଏସିଡ୍ ପୀଡ଼ିତାଙ୍କୁ ବିଶେଷଭାବେ ନିମନ୍ତ୍ରଣ କରାଯିବ। ଏହାଛଡ଼ା ଅନେକ ନାମୀଦାମୀ ଲୋକ ଏହି ଉତ୍ସବରେ ଯୋଗଦେବେ ବୋଲି କୁହାଯାଉଛି।

**ଦୁଇଟି ପୁରୁଷ, ଭିନ୍ନ ମଣିଷ**

ଜୀବନରେ ଦୁଇଟି ପୁରୁଷଙ୍କୁ ଭେଟିଲି। ଜଣେ ମୋ ଜୀବନକୁ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ। ଆଉ ଜଣେ ମୋ ରକ୍ତରୁ ଜୀବନକୁ ସଜାଡ଼ିବା ପାଇଁ ନିଜର ଜୀବନକୁ ବାଜି ଲଗାଇ ଦେଲେ। ପୁରୁଷ ଜାତି ଖରାପ ନୁହେଁ, ହେଲେ କାମ କରିବା ପାଇଁ ସକ୍ଷମ ଭିନ୍ନଭିନ୍ନ ମଣିଷଙ୍କ ସହ ଭେଟ ହେଲା ବୋଲି ପ୍ରମୋଦିନୀ କହିଛନ୍ତି।

କୃତଜ୍ଞତା ରୂପକ ଋଣକୁ ଶୁଝିବା, ଶକ୍ତିର ବାହାରେ ହୋଇ ଉଦାରମନା ଲୋକ ହିଁ ଧରି ନେଇଥାଏ।
-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ମଦ ଜବତ, ୨ଗିରଫ



ଆଠଗଡ,୧୬।୧(ସ୍ୱ.ପ୍ର.) ଆଠଗଡ ଅବକାରୀ ବିଭାଗ, କଟକ ଜିଲା ଅବକାରୀ ଭ୍ରାମ୍ୟମାଣ ସ୍କ୍ୱାର୍ଡ ପକ୍ଷରୁ ଗୁରୁବାର ଭିରୁଡା ପଞ୍ଚାୟତର ପାହାଡତଳି କାଜୁ ଜଙ୍ଗଲରେ ଚଢାଉ କରାଯାଇଛି। ଟିଗିରିଆ ପୋଲିସ ଓ ବନବିଭାଗ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଚଢାଉ ସମୟରେ ଦୋରାମଦ ଚାଲାଣ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ସେହି ଅଞ୍ଚଳର ପଦି ନାଏକ ଓ ଗିରିଶ ନାୟକ । ଏଥିସହ ଜାରକିନ୍‌ରେ ଗଚ୍ଛିତ ହୋଇଥିବା ୫୫୦୦ଲିଟର ଗୁଡ ପୋଚ ଏବଂ ସଦ୍ୟ ପ୍ରସ୍ତୁତ ୩୦୭ ଲିଟର ଦେଶୀମଦ ଜବତ କରାଯାଇ ଘଟଣାସ୍ଥଳରେ ନଷ୍ଟ କରିଦିଆଯାଇଛି। ଆଠଗଡ ଅବକାରୀ ନିରୀକ୍ଷକ ସଞ୍ଜିତ୍ ବାର୍ଲା, ସହକାରୀ ନିରୀକ୍ଷକ ବିଜୟ କୁମାର ଭଞ୍ଜ, ଭ୍ରାମ୍ୟମାଣ ସ୍କ୍ୱାର୍ଡର ସହକାରୀ ନିରୀକ୍ଷକ ରମେଶ ଶତପଥୀଙ୍କ ସମେତ ବହୁ ଅବକାରୀ ଅଧିକାରୀ, କର୍ମଚାରୀ ଏବଂ ପୋଲିସ ଏହି ଚଢାଉରେ ସାମିଲ ହୋଇଥିଲେ।

### ରାଜ୍ୟସ୍ତରୀୟ କ୍ରିକେଟ: ୫ମ ଦିବସରେ ମଞ୍ଜେଶ୍ୱର ବିଜୟୀ

ବାଙ୍କୀ, ୧୬।୧(ସ୍ୱ.ପ୍ର.): ସ୍ଥାନୀୟ କଦେରୋ ପଡ଼ିଆରେ ବାଙ୍କୀ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଗୋପାଳ ଚନ୍ଦ୍ର ବ୍ୟାଉ ପଟ୍ଟନାୟକ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଗୁରୁବାର ୫ମ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଜେଶ୍ୱର ବିଜୟୀ ହୋଇଛି। ୫ମ ଦିବସରେ ଖୋର୍ଦ୍ଧା ଭାଲିଆବାଡ଼ି ଓ ମଞ୍ଜେଶ୍ୱର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଭାଲିଆବାଡି ଟସ୍ ଜିତି ମଞ୍ଜେଶ୍ୱରକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ମଞ୍ଜେଶ୍ୱର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୫୮ରନ୍ କରିଥିଲା। ଜବାବ୍‌ରେ ଭାଲିଆବାଡି ସମସ୍ତ ୱିକେଟ୍ ହରାଇ ୧୧୭ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ମଞ୍ଜେଶ୍ୱର ବିଜୟୀ ହୋଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ କରି ଏହି ଦଳର ସଲାମ ମୁଲ୍ଲା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶୁଭେନ୍ଦୁ ମିଶ୍ର ଓ ରାଜ କିଶୋର ମହାପାତ୍ର ମ୍ୟାଚକୁ ପରିଚାଳନା କରିଥିଲେ। ପ୍ରଶାନ୍ତ ଦାଶ, ଅସୀତ ବରୁଣ ପଟ୍ଟନାୟକ, ବାବୁଲି ଦଲେଇ, ସୌମେନ୍ଦ୍ର ମିଶ୍ର ଓ ସବ୍ୟସାଚୀ ମିଶ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ଡ୍ରେନ୍‌ରୁ ବାଛୁରୀ ଉଦ୍ଧାର




ସାଲେପୁର, ୧୬।୧(ଡି.ଏନ୍.ଏ.): ସାଲେପୁର ବିକେ ଟକିଜ୍ ନିକଟରେ ଥିବା ଡ୍ରେନ୍ ସାଇଫନ୍ ମଧ୍ୟରେ ବୁଧବାର ସନ୍ଧ୍ୟାରୁ ଫସିଥିବା ଏକ ବାଛୁରୀକୁ ଅଗ୍ନିଶମ ବିଭାଗ କର୍ମଚାରୀ ଗୁରୁବାର ଉଦ୍ଧାର କରିଛନ୍ତି। ଏନେଇ ବିଭାଗୀୟ କର୍ମଚାରୀମାନଙ୍କୁ ୨ ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲା। ସାଇଫନ୍ ମଧ୍ୟରୁ ବାଛୁରିର ଗର୍ଜନ ଶୁଣି ସ୍ଥାନୀୟ ଲୋକେ ସାଲେପୁର ଅଗ୍ନିଶମ ବିଭାଗରେ ଖବର ଦେଇଥିଲେ। ଉଦ୍ଧାର କାର୍ଯ୍ୟ ଦେଖିବା ପାଇଁ ଲୋକ ଭିଡ ହେବାରୁ କିଛି ସମୟ ପର୍ଯ୍ୟନ୍ତ ରାସ୍ତା ଜାମ୍ ହୋଇଯାଇଥିଲା। ଉଦ୍ଧାର ପରେ ସାଲେପୁର ପ୍ରାଣୀ ଚିକିତ୍ସା ଅଧିକାରୀ ବାଛୁରିକୁ ପରୀକ୍ଷା ନିରୀକ୍ଷା କରିଥିଲେ। ଏବେ ଉକ୍ତ ବାଛୁରୀ ସୁସ୍ଥ ଥିବା ଜଣାପଡିଛି।

# ୨୮ ଗ୍ରାମ ବ୍ରାଉନସୁଗାର ଜବତ: ୩ ଗିରଫ

କଟକ ଅଫିସ, ୧୬।୧

ଗୁରୁବାର କଟକ କମିଶନରେଟ୍ ପୋଲିସ ପକ୍ଷରୁ ୩ ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେଥିମଧ୍ୟରୁ ମର୍କଣନଗର ପୋଲିସ ଜଣଙ୍କୁ ଓ ଜଗତପୁର ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପ୍ରାୟ ୨୮ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ମଧୁପାଟଣା ଥାନା ଅନ୍ତର୍ଗତ କଲ୍ୟାଣୀନଗରର ଦିବ୍ୟଜ୍ୟୋତି



ଜବତ ବ୍ରାଉନସୁଗାର।

ସାହୁ(୨୯) ସିଡିଏ ସେକ୍ଟର-୫ ଓମିଆର୍ଟି ଛକ ନିକଟରେ କେତେଜଣ ଯୁବକଙ୍କୁ ବ୍ରାଉନସୁଗାର ବିକ୍ରି କରୁଥିବା ମର୍କଣନଗର ପୋଲିସ ସୂଚନା ପାଇଥିଲା। ପୋଲିସ ସେଠାରେ ଚଢାଉ କରି ଦିବ୍ୟଜ୍ୟୋତିଙ୍କୁ ଯାଞ୍ଚ କରିବାରୁ ତାଙ୍କ ନିକଟରୁ ବ୍ରାଉନସୁଗାର ମିଳିଥିଲା। ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତାଙ୍କ ନିକଟରୁ ୨୦ଗ୍ରାମ ବ୍ରାଉନସୁଗାର, ୫୨୮୦ ଟଙ୍କା, ଗୋଟିଏ ବାଇକ ଓ ୨ଟି ମୋବାଇଲ ଫୋନ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୨୨/୨୦) ରୁଜୁ ହୋଇଛି। ସେହିପରି ଜଗତପୁର ଥାନା ଅଧୀନ ଏକ ରାସ୍ତାରେ ସ୍ଥାନୀୟ ଅଞ୍ଚଳର ମନୋରଞ୍ଜନ ବେହେରା, ପର୍ଶୁରାମ ଲେଙ୍କା ଓ ପୁରୀ ଜିଲା ପିପିଲି ଅଞ୍ଚଳର ପ୍ରିୟବ୍ରତ ମହାନ୍ତି ବ୍ରାଉନସୁଗାର ଧରି ଚାଲି ଚାଲି ଆସୁଥିବା ପୋଲିସ ଖବର ପାଇଥିଲା। ପରେ ସେଠାରେ ଚଢାଉ କରି ମନୋରଞ୍ଜନ ଓ ପ୍ରିୟବ୍ରତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୮ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ତେବେ ଚଢାଉବେଳେ ଖସି ପଳାଇଥିବା ପର୍ଶୁରାମଙ୍କୁ ପୋଲିସ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଏ ନେଇ ଥାନାରେ ମାମଲା(ନଂ.୧୯/୨୦) ରୁଜୁ ହୋଇଛି।

# ଦାଦାବଟି ଆଦାୟ ବେଳେ ଚଢ଼ାଉ: ଜଣେ ଗିରଫ

ଟିଗିରିଆ,୧୬।୧(ଡି.ଏନ୍.ଏ.)

ଟିଗିରିଆରେ ଜଣେ ଠିକାସଂସ୍ଥାର କର୍ମଚାରୀଙ୍କଠାରୁ ଗୁରୁବାର ବନ୍ଧୁକ ଦେଖାଇ ଏକ ଗ୍ୟାଙ୍ଗର ସଦସ୍ୟମାନେ ଦାଦାବଟି ଆଦାୟ କରୁଥିବା ବେଳେ ପୋଲିସ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅନ୍ୟ ୪ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ କେନ୍ଦ୍ରାପଡା ଜିଲାର ସୌରଭ ଦାଶ (୨୦)। ଟିଗିରିଆ ଥାନା ଅନ୍ତର୍ଗତ ନିଶ୍ଚିନ୍ତପୁରଠାରେ ରେଙ୍ଗାଲୀ ଦକ୍ଷିଣ କେନାଲରେ ଉକ୍ତ ଠିକାସଂସ୍ଥା ନିର୍ମାଣ କାର୍ଯ୍ୟ କରୁଛି। ଏହି ସଂସ୍ଥାରେ କାର୍ଯ୍ୟ କରୁଥିବା ପ୍ରୋଜେକ୍ଟ ମ୍ୟାନେଜର ସୁବ୍ରତ ଦାଶ ନିଶ୍ଚିନ୍ତପୁର ରାଜବାଟୀଠାରେ ଏକ ଭଡ଼ା ଘରେ ରହୁଛନ୍ତି। ସେ ଗୁରୁବାର ମଧ୍ୟାହ୍ନ ସମୟରେ ଘରେ ଥିବା ବେଳେ ସୌରଭଙ୍କ ସମେତ ୫ ଜଣ ଯୁବକ ୩ ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ତାଙ୍କୁ ଦାଦାବଟି ମାଗିଥିଲେ। କୌଣସି ସୂତ୍ରରୁ ଖବରପାଇ ଟିଗିରିଆ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ସଦଳବଳେ ସେଠାରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ୪ଜଣ ଯୁବକ ଫେରାର ହୋଇଯାଇଥିବା ବେଳେ ସୌରଭ ନିଜ ବାଇକ୍ ସହ ଧରାପଡ଼ିଥିଲେ। ଏନେଇ ସୁବ୍ରତ ଥାନାରେ ଅଭିଯୋଗ କରିଛନ୍ତି। ଏହାପୂର୍ବରୁ ଗତ ୧୪ତାରିଖରେ ଅଭିଯୁକ୍ତମାନେ ଠିକାସଂସ୍ଥାର କ୍ୟାମ୍ପରେ ପହଞ୍ଚି ଦାଦାବଟି ମାଗିବା ସହ ବନ୍ଧୁକ ଦେଖାଇ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତି କରି ପୋଲିସ ପକ୍ଷରୁ ଥାନାରେ ମାମଲା (ନଂ. ୪/୨୦) ରୁଜୁ କରାଯାଇଛି।

# ଦିନକ ପରେ ମା' ବୋଲି ଦାବି କଲେ ମହିଳା

## ଗୋରେଖନାଥ ପୀଠରୁ ଶିଶୁ କନ୍ୟା ଉଦ୍ଧାର ପ୍ରସଙ୍ଗ

- ସ୍ୱାମୀଙ୍କୁ ଖୋଜିବାକୁ ଆସିବାବେଳେ ଝିଅ ହଜି ଯାଇଥିଲା
- ଆର୍ଥିକ ଅନଟନ କଥା ବଖାଣିଲେ ମହିଳା
- ଶିଶୁ ହସ୍ତାନ୍ତର ନେଇ ନିଷ୍ପତ୍ତି ଆଜି

ଜଗତସିଂହପୁର ଅଫିସ, ୧୬।୧

ଜଗତସିଂହପୁରର ପ୍ରସିଦ୍ଧ ଗୋରେଖନାଥ ପୀଠରୁ ବୁଧବାର ଏକ ଶିଶୁ କନ୍ୟା ଉଦ୍ଧାର ଉଦ୍ଧାର ହୋଇଥିଲା। ଏହି ଶିଶୁ କନ୍ୟାକୁ କିଏ ଏବଂ କାହିଁକି ଛାଡ଼ି ଚାଲି ଯାଇଥିଲେ ତାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଗୁରୁବାର ବାଲେଶ୍ୱର ଅଞ୍ଚଳର ରାଠାଙ୍ଗୀ ଭୂୟାଁ ନାମ୍ନୀ ମହିଳା ଶିଶୁଟିକୁ ତାଙ୍କର ବୋଲି ଦାବି କରିଛନ୍ତି। ଅପରପକ୍ଷରେ ମହିଳାଙ୍କ ଦାବି ଉପରେ ଅଧିକ ଅନୁଧ୍ୟାନ ପରେ ପିଲାଟିକୁ ହସ୍ତାନ୍ତର କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ସମିତି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଯଦି ପିଲାଟି ସମ୍ପୃକ୍ତ ମହିଳାଙ୍କ ହୋଇଥାଏ ତେବେ ଶୁକ୍ରବାର ତାଙ୍କୁ ଆବଶ୍ୟକ କାଗଜପତ୍ର ସହ ଶିଶୁକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ଦିଆଯାଇଛି। ହେଲେ ମହିଳାଜଣକ ଯାହା କହିଛନ୍ତି ତାକୁ ନେଇ ସନ୍ଦେହ ବଢ଼ିଛି। ସେ କହିଛନ୍ତି, ୧୨ ଦିନ ହେଲା ତାଙ୍କ ସ୍ୱାମୀ ସେମାନଙ୍କୁ ଛାଡ଼ି କୁଆଡ଼େ ଚାଲି ଯାଇଛନ୍ତି। ସ୍ୱାମୀ ଗୋରେଖନାଥ ପୀଠରେ ଥିବାନେଇ କୌଣସି ସୂତ୍ରରୁ ସୂଚନା ପାଇବା ପରେ ମହିଳାଜଣକ ବୁଧବାର ସେଠାରେ ପହଞ୍ଚିଥିଲେ। ସ୍ୱାମୀଙ୍କୁ ଖୋଜିବା ଭିତରେ ଝିଅ କୁଆଡେ ନିଖୋଜ ହୋଇ ଯାଇଥିଲେ। ଅନ୍ୟପଟେ ସ୍ୱାମୀ ଛାଡ଼ି ଚାଲିବାରେ ଅର୍ଥାଭାବ କାରଣରୁ ସେ ପେଟକୁ ଦି ମୁଠା ଖାଦ୍ୟ ଯୋଗାଡ଼ କରିବା କଷ୍ଟକର ହୋଇଥିବା ପ୍ରକାଶ କରିଛନ୍ତି। ଏ ପରିସ୍ଥିତିରେ ପିଲାଟି ମୁହଁରେ ଆହାର ଯୋଗାଡ଼ କରିବା ଚିନ୍ତା ତାଙ୍କୁ ଘାରିଥିବା ଦୁଃଖର ସହ କହିଛନ୍ତି। ମହିଳାଙ୍କ ୨ପ୍ରକାର କଥାକୁ ନେଇ ସନ୍ଦେହ ଉପୁଜିଥିବାରୁ ଶୁକ୍ରବାର ଆବଶ୍ୟକ କାଗଜାଦି ଯାଞ୍ଚପରେ ଶିଶୁକୁ ହସ୍ତାନ୍ତର ନେଇ ନିଷ୍ପତ୍ତି ନିଆଯିବ ବୋଲି ଶିଶୁ ସୁରକ୍ଷା ସମିତି ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ବୁଧବାର ଗୋରେଖନାଥ ପୀଠରେ ଜଣେ ବୃଦ୍ଧଙ୍କ ମହିଳାଜଣକ ଝିଅଟିକୁ ଧରିବା ପାଇଁ କହି ଖସି ଯାଇଥିବା ପ୍ରଚାର ହୋଇଥିଲା। ଶିଶୁଟିକୁ ଦୀର୍ଘ ସମୟ ସେଠାରେ ରଖାଯିବା ପରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନେ ଜଗତସିଂହପୁରସ୍ଥିତ ଶିଶୁ ଆଶ୍ରମ ସେବାକୁ ବାଧ ହୋଇଥିଲେ। ପିଲାଟି ଏହି ଆଶ୍ରମରେ ଥିବା ବେଳେ ଗୁରୁବାର ମହିଳାଜଣକ ସେଠାରେ ପହଞ୍ଚି ନିଜର ପିଲା ବୋଲି ଦାବି କରିଛନ୍ତି।

# ସାପ କାମୁଡ଼ାରେ ୱାର୍ଡସଭ୍ୟଙ୍କ ମୃତ୍ୟୁ

ବଡମ୍ବା,୧୬।୧(ଡି.ଏନ୍.ଏ): ବଡମ୍ବା ଥାନା ଯୋଡମୁଁ ପଞ୍ଚାୟତ ଅନ୍ତର୍ଗତ ୧୦ ନମ୍ବର ୱାର୍ଡ ସଭ୍ୟଙ୍କ ଗୁରୁବାର ଅପରାହ୍ନରେ ସାପ କାମୁଡ଼ାରେ ଜଣେ ୱାର୍ଡସଭ୍ୟଙ୍କ ମୃତ୍ୟୁ ଘଟିଛି ଘଟିଛି। ସେ ହେଲେ ଏହି ପଞ୍ଚାୟତ ଅନ୍ତର୍ଗତ ଇନ୍ଦ୍ରାଙ୍ଗ ଗ୍ରାମର ଯୋଗେଶ ଚନ୍ଦ୍ର ଜେଠି (୫୨)। ଜେଠି ଅପରାହ୍ନ ସମୟରେ ନିଜ କୋଳଥ ଜମିକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଡମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ବଡମ୍ବା ବ୍ଲକ୍ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ ଓ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଏଥିରେ ଶୋକ ପ୍ରକାଶ କରିଛନ୍ତି ।

# ବନ୍ଧୁକ ଦେଖାଇ ଟଙ୍କା ଲୁଟ

ଆଠଗଡ,୧୬।୧(ସ୍ୱ.ପ୍ର.)

ଆଠଗଡସ୍ଥିତ ଏକ ଘରୋଇ ଅର୍ଥ ଲଗାଣ ସଂସ୍ଥାର ଜଣେ କର୍ମଚାରୀଙ୍କଠାରୁ ଗୁରୁବାର କନ୍ଦରପୁରଠାରେ ୨ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଟଙ୍କା ଲୁଟି ନେଇଛନ୍ତି। ଏନେଇ ଆଠଗଡ ଥାନାରେ ମାମଲା (ନଂ.୨୩/୨୦) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ମୋହନ ସୁବୁଦ୍ଧି କନ୍ଦରପୁର ଗ୍ରାମ ଅନ୍ତର୍ଗତ କଲୋନୀ ସାହିରେ ଥିବା ୫ ସ୍ୱୟଂ ସହାୟକ ଗୋଷ୍ଠୀରୁ ଋଣ ଟଙ୍କା ଆଦାୟ କରି ଅପରାହ୍ନ ସମୟରେ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ୨ ଜଣ ଯୁବକ ଏକ ଧଳା ବାଇକ୍‌ରେ ଆସି ତାଙ୍କୁ ଅଟକାଇବା ସହ ବନ୍ଧୁକ ଦେଖାଇ ତାଙ୍କଠାରୁ ଟଙ୍କା ବ୍ୟାଗ ନେଇ ଫେରାର ହୋଇଯାଇଥିଲେ। ଏନେଇ ସୁବୁଦ୍ଧି ଥାନାରେ ଅଭିଯୋଗ କରିଥିଲେ। କଲୋନୀ ସାହିର ଜଣେ ଯୁବକଙ୍କ ଘରେ ଅଭିଯୁକ୍ତମାନେ ଆଶ୍ରୟ ନେଇଥିବା ସନ୍ଦେହ କରି ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚାରଉଚରା ଚଳାଇଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଜ୍ଞାନ ରଞ୍ଜନ ମିଶ୍ର କହିଛନ୍ତି।

# ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନଭୋଜନ ଖାଇଲେ କେନ୍ଦ୍ରମନ୍ତ୍ରୀ


କେନ୍ଦ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ଛାତ୍ରଙ୍କ ସହ ମଧ୍ୟାହ୍ନଭୋଜନ ଖାଉଛନ୍ତି।

ନରାଜ, ୧୬।୧ (ଡି.ଏନ୍.ଏ)

ମୁଣ୍ଡଳିସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ଗୁରୁବାର କେନ୍ଦ୍ରମାନବ ସମ୍ବଳ ବିକାଶ, ସଞ୍ଚାର ଓ ବୈଦ୍ୟୁତିକ ସୂଚନା ଉଦ୍ୟୋଗ ରାଜ୍ୟ ମନ୍ତ୍ରୀ ସଞ୍ଜୟ ଧୋତ୍ରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଧୋତ୍ରେ ଏଠାକୁ ଆସିଥିଲେ। ସେ ବିଦ୍ୟାଳୟରେ ପହଞ୍ଚି ପ୍ରଥମେ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଓ ମହାତ୍ମାଗାନ୍ଧୀଙ୍କ ଚୈତିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସେ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଭୋଜନକୁ ପିଲାଙ୍କ ସହ ମିଶି ଖାଇଥିଲେ। ପରେ ସେମାନଙ୍କ ସହ ଭାବବିନିମୟ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ନବୋଦୟ ବିଦ୍ୟାଳୟ ସମିତି ଭୋପାଳ ପ୍ରଖଣ୍ଡର ଉପାୟୁକ୍ତ ପିଏସ୍ ସରଦାର ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଅଧ୍ୟକ୍ଷ ରାମ ରାଜ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଗବତଜୀଉ ଯୁବକ ସଂଘର କର୍ମକର୍ତ୍ତା ଚୟନ

ନରସିଂହପୁର ୧୬।୧ (ଡିଏନଏ)

ନରସିଂହପୁର ବ୍ଲକ ଅନ୍ତର୍ଗତ ନିମସାହି ଗ୍ରାମରେ ଭାଗବତଜୀଉ ଯୁବକ ସଂଘର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯୁବକ ସଂଘର ସଭାଗୃହରେ ମନୋଜ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆୟୋଜିତ ହୋଇଯାଇଛି। ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ମାଡିକୃଷ୍ଣ ସ୍ୱାଇଁ, ସମ୍ପାଦକ ସନାତନ ବେହେରା, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବାରିକ, ସନାତନ ବେହେରା ଉପଦେଷ୍ଟା ଦେବରାଜ ସ୍ୱାଇଁ, ଆଦିକନ୍ଦ ପଲେଇ, ଗୋବର୍ଦ୍ଧନ ଲେଙ୍କାଙ୍କୁ ଚୟନ କରାଯାଇଥିଲା।

# ପଦ ହରାଇଲେ ବୁହାଳ ସରପଞ୍ଚ

ନିଶ୍ଚିନ୍ତକୋଇଲି, ୧୬।୧(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳ ପଞ୍ଚାୟତର ସରପଞ୍ଚ ସରୋଜିନୀ ଦାସ ପଦଚ୍ୟୁତ ହୋଇଛନ୍ତି। ଏନେଇ କଟକ ଜିଲାପାଳ ଗୁରୁବାର ବିଧିବଦ୍ଧଭାବେ ବିଜ୍ଞପ୍ତି ଜାରି କରିଛନ୍ତି। ସୂଚନାଯୋଗ୍ୟ, ବୁହାଳ ପଞ୍ଚାୟତର ୱାର୍ଡ ସଭ୍ୟମାନେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଗତ ୧୩ ତାରିଖରେ ତହସିଲଦାର ଭିତେନ୍ଦ୍ର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ ହୋଇଥିଲା। ପଞ୍ଚାୟତର ୧୭ଟି ୱାର୍ଡରୁ ୧୪ ଜଣ ୱାର୍ଡସଭ୍ୟ ସରପଞ୍ଚଙ୍କ ବିରୋଧରେ ମତବ୍ୟକ୍ତ କରିଥିଲେ। ଏହି ଦସ୍ତାବିଜ ଜିଲାପାଳଙ୍କ ପାଖକୁ ପଠାଯାଇଥିଲା। ପରେ କଟକ ଜିଲାପାଳ ଓଡିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪ର ଧାରା ୨୪(୧) ଅନୁଯାୟୀ, ସରପଞ୍ଚ ଦାସଙ୍କୁ ପଦଚ୍ୟୁତ କରିଛନ୍ତି। ଏନେଇ ଜିଲାପାଳଙ୍କ ବିଜ୍ଞପ୍ତି (ନଂ.୩୮/୧୪-୧-୨୦)ରେ ଉଲ୍ଲେଖ କରାଯାଇଛି। ବିଜ୍ଞପ୍ତି ଘୋଷଣା ହେବା ପରେ ବୁହାଳ ପଞ୍ଚାୟତର ୱାର୍ଡସଭ୍ୟଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

# କାରଯାତ୍ରୀଙ୍କୁ ଆକ୍ରମଣ, ସାମଗ୍ରୀ ଲୁଟ୍: ୪ ଆହତ

- ବନ୍ଧୁକ ଦେଖାଇ ଭୟଭୀତ କରାଇଲେ
- ଥାନାରେ ମାମଲା ରୁଜୁ, ଜଣେ ଅଭିଯୁକ୍ତ ଗିରଫ

ନରସିଂହପୁର, ୧୬।୧(ଡି.ଏନ୍.ଏ.)

ନରସିଂହପୁର ଥାନା ରାଜ୍ୟ ରାଜପଥର କମଳାଦେଇପୁର ଛକରେ ବୁଧବାର ବିଳମ୍ବିତ ରାତିରେ ଡକାୟତି ହୋଇଛି। ଏହି ଛକ ଦେଇ ଯାଉଥିବା ଏକ କାରକୁ କିଛି ଦୁର୍ବୃତ୍ତ ଆକ୍ରମଣ କରିବା ସହ ସେଥିରେ ଥିବା ଯାତ୍ରୀମାନଙ୍କଠାରୁ ସାମଗ୍ରୀ ଲୁଟି ନେଇଛନ୍ତି। ଆକ୍ରମଣରେ ୩ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ନିଶ୍ଚିନ୍ତ ବାଲିସାହି ଗ୍ରାମର କୈଳାସ ପାତ୍ର। ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଏନେଇ ନରସିଂହପୁର ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ.୮/୨୦)ରୁଜୁ କରାଯାଇ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ କରିଲେହଙ୍ଗ ଗ୍ରାମର ଧନେଶ୍ୱର ବେହେରା। ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ଅଭିଯୋଗ ଅନୁଯାୟୀ, କୈଳାସ, ସାନଭାଇ ମେଘନାଦ ପାତ୍ର, ପୁତୁରା କୃଷ୍ଣେନ୍ଦୁ ପାତ୍ର, ଆଇଁଷିଆ ଗ୍ରାମର ନାରାୟଣ ନାୟକ ଓ ଉପ୍ତଡା ଗ୍ରାମର ଦିଲୀପ ମହାନ୍ତି ଏକ କାରରେ ଭୁବନେଶ୍ୱରରୁ ନରସିଂହପୁର ଆସୁଥିଲେ। କମଳାଦେଇପୁର ଛକରେ ସେମାନେ ହୋଇଥିବା ବେଳେ କିଛି ଦୁର୍ବୃତ୍ତ ପଥର ମାରି କାରକୁ ଆକ୍ରମଣ କରିଥିଲେ। ଫଳରେ ସେମାନେ ଅଟକି ଯିବାରୁ ଦୁର୍ବୃତ୍ତମାନେ ଠେଙ୍ଗା ଓ ଭୁଜାଲି ସାହାଯ୍ୟରେ ସେମାନଙ୍କୁ ଆକ୍ରମଣ କରିବା ସହ ବନ୍ଧୁକ ଦେଖାଇ ସୁନା ସାମଗ୍ରୀ,ମୋବାଇଲ ଓ ଟଙ୍କା ଲୁଟି ନେଇଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ଦିଲୀପଙ୍କ ବ୍ୟତୀତ ଅନ୍ୟମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର କୈଳାସ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ଲୁଟ୍ ଘଟଣାରେ ବ୍ୟବହୃତ ମଟରସାଇକେଲକୁ ପୋଲିସ ଜବତ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ଜେଏମ୍ଏଫ୍‌ସିର ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଟିଗିରିଆ, ୧୬।୧ (ଡିଏନଏ)

ଟିଗିରିଆ ଜେଏମ୍ଏଫ୍‌ସିର ୬ଷ୍ଠ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଗୁରୁବାର ଟିଗିରିଆ ଅଦାଲତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଟିଗିରିଆ ଓକିଲ ସଂଘ ପକ୍ଷରୁ ଆୟୋଜିତ ଉତ୍ସବରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ହାଇକୋର୍ଟବାର ଆସୋସିଏସନ ସଭାପତି ଗୋପାଳକୃଷ୍ଣ ମହାନ୍ତି ଓ ସମ୍ମାନିତ ଅତିଥିଭାବେ ରାଜ୍ୟ ଆଇନଜୀବୀ ପରିଷଦର ବରିଷ୍ଠ ସଭ୍ୟ ବନୋଜ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏଥିରେ ବରିଷ୍ଠ ଆଇନଜୀବୀ ବିକ୍ରମ କେଶରୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓକିଲ ସଂଘ ସମ୍ପାଦକ ସାନ୍ତନୁ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଓକିଲ ସଂଘ ଉପସଭାପତି ଶ୍ରୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ପ୍ରାଣକୃଷ୍ଣ ଦାଶ, ଶଶୀଭୂଷଣ ଦାସ, ପ୍ରସନ୍ନ କୁମାର ରାଉତ, କୈଳାସ ଚନ୍ଦ୍ର ଜେନା ଓ ପରେଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବକେୟା ଥିବା ୨୭ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

## ୧୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ

ସାଲେପୁର, ୧୬।୧ (ଡି.ଏନ୍.ଏ.)

ନୂତନ ବିଦ୍ୟୁତ୍ ନିୟମ ଅନୁସାରେ ବାକିଆ ଥିବା ବିଦ୍ୟୁତ୍ ବିଲ୍ ପୈଠ କରିବାର ଧାର୍ଯ୍ୟ ତାରିଖ ବୁଧବାରଠାରୁ ଶେଷ ହୋଇଛି। ଗୁରୁବାର ସାଲେପୁର ବିଦ୍ୟୁତ୍ ଡିଭିଜନ ଅଧୀନ ୪ଟି ସେକ୍ସନ୍‌ରୁ ପ୍ରଥମ ଦିନରେ ବକେୟା ଥିବା ୨୭ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ସେହିପରି ଏହି ୪ ସେକ୍ସନ୍‌ରୁ ମୋଟ୍ ୧୪ଲକ୍ଷରୁ ଊର୍ଦ୍ଧ୍ୱ ବାକିଆ ବିଦ୍ୟୁତ୍‌ବିଲ୍ ଆଦାୟ କରାଯାଇଛି। ନିୟମ ଅନୁଯାୟୀ, ଯେଉଁ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ବିଦ୍ୟୁତ୍ ବିଲ୍ ବାକି ଅଛି, ସେଥିରୁ ଶତକଡ଼ା ୩୦ ଭାଗ ଅର୍ଥ ଜାନୁୟାରୀ ୧୫ତାରିଖ ମଧ୍ୟରେ ପୈଠ କରିବାପାଇଁ ଘୋଷଣା କରାଯାଇଥିଲା। ଇତିମଧ୍ୟରେ ୩୦ପ୍ରତିଶତ ବିଦ୍ୟୁତ୍ ବିଲ୍ ପୈଠ କରି ନ ଥିବା ବାକିଆ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି ବୋଲି ସାଲେପୁର ଡିଭିଜନ ପକ୍ଷରୁ କୁହାଯାଇଛି। ସାଲେପୁର ବଜାରସ୍ଥିତ ୩ ଜଣ ବ୍ୟବସାୟୀ, ରାଉସୁଲ୍ଲାପୁର ବଜାରର ୬ଜଣ ଉପଭୋକ୍ତା, ବହୁଗ୍ରାମ ସେକ୍ସନ ଅଧୀନ ପାଚକଜାର ଓ ଇଣ୍ଡିୟାଳ ଏରିଆର ୧୪ଜଣ ଉପଭୋକ୍ତା, ଜଗକୁଦ ବଜାରସ୍ଥିତ ୪ଜଣ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି ବୋଲି ସାଲେପୁର ସେସୁ୍ର ଉପଖଣ୍ଡ ଅଧିକାରୀ ସୁଜିତ୍ କୁମାର ସାହୁ ପ୍ରକାଶ କରିଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରେ କୋହୁଆ ଭୟ ସୃଷ୍ଟି ହୋଇଛି।

# ନୂତନ ବିଦ୍ୟୁତ୍ ନିୟମକୁ ବିରୋଧ: ଉପଭୋକ୍ତା ସଂଘର ଦାବିପତ୍ର

## ଦାବିପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ସାଲେପୁର,୧୬।୧(ଡି.ଏନ୍.ଏ.)

ନୂତନ ବିଦ୍ୟୁତ୍ ନିୟମ ବିରୋଧରେ ଉପଭୋକ୍ତା ସଂଘର ପକ୍ଷରୁ ଗୁରୁବାର ଏକ ଦାବିପତ୍ର ରାଜ୍ୟ ଶକ୍ତି ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ସାଲେପୁର ବିଦ୍ୟୁତ୍ ଡିଭିଜନ୍‌ର ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ୧୫ ଦିନ ମଧ୍ୟରେ ସଂଘ ପକ୍ଷରୁ ଦିଆଯାଇଥିବା ଦାବି ଉପରେ ପଦକ୍ଷେପ ନିଆ ନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ତ୍ରୁଟିପୂର୍ଣ୍ଣ ବିଲ୍, ଅଘୋଷିତ ବିଦ୍ୟୁତ୍ କାଟ, ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ତାର ନବଜୀକରଣ ଓ ସ୍ଥାନୀୟ ବିଦ୍ୟୁତ୍ ଗ୍ରାହକଙ୍କ ସମସ୍ୟାର ସମାଧାନ ନକରି ନୂତନ ବିଦ୍ୟୁତ୍ ନିୟମ ଅନୁଯାୟୀ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବା ଆଦିକୁ ସାଲେପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏସବୁ ସମସ୍ୟାର ତୁରନ୍ତ ସମାଧାନ ଦାବିରେ ସାଲେପୁର ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନେ ଏକତ୍ରିତ ହୋଇ ମା' ସାହେଶ୍ୱରୀଙ୍କ ପୀଠରୁ ଶୋଭାଯାତ୍ରାରେ ବାହାରି ସାଲେପୁର ସେସୁ୍ ଡିଭିଜନ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ୬ଦଫା ବିଶିଷ୍ଟ ଏକ ଦାବିପତ୍ର ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ନିରଞ୍ଜନ ଭୂୟାଁ, ରାଧାନାଥ ଭୂୟାଁ, କୃଷ୍ଣଚନ୍ଦ୍ର ଜେନା, ନନ୍ଦକିଶୋର ଭୂୟାଁ, ହରେକୃଷ୍ଣ ବେହେରା, ପ୍ରଶାନ୍ତ କୁମାର ନାୟକ, ନାରାୟଣ ବେହେରା ଓ ପ୍ରତାପ ଚନ୍ଦ୍ର ଭୂୟାଁ ପ୍ରମୁଖ ସାମିଲ ହୋଇଥିଲେ।


ଉପଭୋକ୍ତାମାନେ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।



“ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
-ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### କାର୍ ଧକ୍କାରେ ପ୍ରବଚକଙ୍କ ମୃତ୍ୟୁ

**କଟକ ସଦର,୧୬।୧(ଡି.ଏନ୍.ଏ.):** କଟକ-ପାରାଦୀପ ରାସ୍ତା କଣ୍ଟୁଆର ନିକଟରେ ଗୁରୁବାର ଏକ କାର୍ ଧକ୍କାରେ ଜଣେ ପ୍ରବଚକ ତଥା ରାଜ୍ୟ ଜଗନ୍ନାଥ ସଂସ୍କୃତିର ସଂଯୋଜକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶୋରନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ବିଷ୍ଣୁଚରଣ ଦତ୍ତ(୬୧)। ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ବିଷ୍ଣୁ ଏକ ସ୍କୁଟି(ଓଡି ୦୨ଏଜେ ୩୩୧୦)ରେ ରଘୁନାଥପୁର ଅଭିମୁଖେ ଯାଉଥିବା ବେଳେ କଣ୍ଟୁଆର ନିକଟରେ ପଛପଟୁ ଏକ ଅଜଣା କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ବିରିଡି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍କୁଟିକୁ ଜବତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଜିଲା ଚିକିତ୍ସାଳୟକୁ ପଠାଇଥିଲା।

### ୨୫ରେ ଦଧୀଚି ଶିଶୁପ୍ରତିଭା ସମ୍ମାନ

**କଣ୍ଡାପଡ଼ା,୧୬।୧(ଡି.ଏନ୍.ଏ.):** ସୁନ୍ଦରଗ୍ରାମସ୍ଥିତ ଦଧୀଚି ଶିକ୍ଷା ସମୂହ ଅନୁଷ୍ଠାନ ପକ୍ଷରୁ ଶିଶୁପ୍ରତିଭା ସମ୍ମାନ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଭାଗନେବାକୁ ଥିବା ପ୍ରତିଯୋଗୀଙ୍କ ବୟସ ୩ ରୁ ୧୫ ବର୍ଷ ବୟସ ମଧ୍ୟରେ ହୋଇଥିବା ଆବଶ୍ୟକ। ଗ୍ରାମାଞ୍ଚଳରେ ଲୁଚି ରହିଥିବା ପ୍ରତିଭାର ବିକାଶ ପାଇଁ ଏହା ଏକ ଭିନ୍ନ ପ୍ରୟାସ ବୋଲି ଅନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ କୁମାର ଦାଶ କହିଛନ୍ତି। ଆଗ୍ରହୀ ପ୍ରତିଯୋଗୀମାନେ ଆସନ୍ତା ୨୦ ତାରିଖ ମଧ୍ୟରେ ସେମାନଙ୍କ ନାମ ପଞ୍ଜୀକରଣ ପାଇଁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

### ବିପନ୍ନଙ୍କୁ ଭେଟିଲେ ପୂର୍ବତନ ବିଧାୟକ

**ଖୁଣ୍ଟୁଣୀ,୧୬।୧(ଡି.ଏନ.ଏ):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାଦାମୋଦରପୁର(କଣ୍ଟାବନ୍ଧ) ଗ୍ରାମରେ ଗତ ୧୩ ତାରିଖରେ ଅଗ୍ନିକାଣ୍ଡ ଘଟି ୫ପରିବାରର ୪ବଖରା ସହ ସମସ୍ତ ଆସବାବପତ୍ର ପୋଡ଼ିଯାଇଥିଲା। ବର୍ତ୍ତମାନ ସୁଦ୍ଧା ବିପନ୍ନଙ୍କ ଘରେ ଚୁଲି ଜଳି ନ ଥିବା ଜଣାପଡିଛି। ଗୁରୁବାର ପୂର୍ବତନ ପୁରୀ ବିଧାୟକ ତଥା କଂଗ୍ରେସ ନେତା ଉମାବଲ୍ଲଭ ରଥ ବିପନ୍ନ ପରିବାରଙ୍କୁ ଭେଟି ସେମାନଙ୍କୁ କମ୍ବଳ, ଧୋତି, ଶାଢ଼ି ପ୍ରଦାନ କରିଥିଲେ। ଏହା ସହ ପିଲାଙ୍କ ପୋଷାକ କିଣିବା ପାଇଁ ଅର୍ଥ ପ୍ରଦାନ କରିଥିଲେ। ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଚାଉଳ ଦିଆଯାଇ ନ ଥିବା ବିପନ୍ନମାନେ କହିଥିଲେ। ବିପନ୍ନଙ୍କ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ରଥ ପ୍ରତିଶ୍ରୁତି ଦେଇଥିଲେ।

# ବିସ୍ତୀର୍ଣ୍ଣ ଚାନ୍ଦିନୀରୁ ଚାନ୍ଦିନୀଚୌକ

ପ୍ରାଚୀନ ସହର କଟକ। ଏହି ସହରର ପ୍ରତ୍ୟେକ ଗଳିକନ୍ଦିରେ ଲୁଚି ରହିଛି ସାହିତ୍ୟ, ସଂସ୍କୃତି, ଐତିହ୍ୟର ଅଲିଭା ଛିଟା। ବାଉନ ବଜାର ତେପନ ଗଳିର ଏହି ସହରର ପ୍ରତ୍ୟେକ ସାହିବସ୍ତିର ନାଁ ପଛରେ ଲୁଚି ରହିଛି ଅନେକ ଚମତ୍କାର କାହାଣୀ। ଏହି କାହାଣୀଗୁଡ଼ିକ ଯେତିକି ରୋଚକ ସେତିକି ଶିକ୍ଷଣୀୟ ମଧ୍ୟ। ଅନେକ ନଥିପତ୍ର କଟକ ଉପରେ ତଥ୍ୟ ପ୍ରଦାନ କରୁଛି। ତେବେ କଟକର ସାହି, ବସ୍ତି ଓ ବଜାର ସହିତ ଯୋଡି ହୋଇ ରହିଥିବା ଏହି ନଥିପତ୍ର ଭିତ୍ତିକ ତଥ୍ୟ ଲୋକଲୋଚନକୁ ଆଣିବା ନିମନ୍ତେ ଆମର ଏକ ପ୍ରୟାସ। ଏହି କ୍ରମରେ କଟକର ଚାନ୍ଦିନୀଚୌକ ଉପରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...

ନାଁ ପଛରେ କାହାଣୀ...

—ରିପୋର୍ଟ: ଅଶୋକ କୁମାର ବାରିକ, କଟକ



ଚାନ୍ଦିନୀଚୌକ ନାଁ ପଛରେ ଐତିହାସିକ କଥା ନିହିତ। ଷୋଡ଼ଶ ଶତାବ୍ଦୀରେ କଟକ ନଗରରେ ମୋଗଲମାନେ ଶାସନ କରୁଥିଲେ। ସେତେବେଳେ ଲାଲବାଗ ପ୍ରାସାଦକୁ ମୋଗଲ ଶାସକମାନେ ନିଜର ବାସଗୃହ ଭାବେ ବ୍ୟବହାର କରୁଥିଲେ। ଏହି ଅଞ୍ଚଳରେ ବିସ୍ତୀର୍ଣ୍ଣ ପ୍ରାନ୍ତର ଥିଲା। ଚାନ୍ଦିନୀ ବା ବଡ଼ ପେଣ୍ଡାଲ ସଦୃଶ ଜାଗା ଥିବାରୁ ଏହାର ନାମ ଚାନ୍ଦିନୀଚୌକ ହୋଇଛି ବୋଲି କଟକ ସମ୍ପର୍କରେ ଲେଖାଯାଇଥିବା ନଥିପତ୍ରରୁ ତଥ୍ୟ ମିଳୁଛି।

**ଏଠାରେ କ'ଣ ରହିଛି**

ଏଠାରେ ହାଇକୋର୍ଟ, ଶିଶୁଭବନ, ଜିଲାପାଳଙ୍କ କାର୍ଯ୍ୟାଳୟ, ବୋର୍ଡ ଅଫ ରେଭିନ୍ୟୁ ଅଫିସ, ରେଭେନ୍‌ଶା କଲିଜିଏଟ ସ୍କୁଲ, ହାଇକୋର୍ଟ ବାର୍ ଆସୋସିଏସନ, ଓଡ଼ିଶା ଜୁଡିସିଆଲ ଏକାଡେମୀ ଆଦି ରହିଛି। ସେହିପରି ଧାର୍ମିକ ଅନୁଷ୍ଠାନ ମଧ୍ୟରେ ଯୋଗନାଥ ମନ୍ଦିର, ଜଗନ୍ନାଥ ମନ୍ଦିର, ଭାଗବତ ମନ୍ଦିର, ଭାଗବତ ଗାଦି, ଅଷ୍ଟଶମ୍ଭୁ ମନ୍ଦିର, ଦୁର୍ଗା ମନ୍ଦିର, ମଙ୍ଗଳା ମନ୍ଦିର ସହ ମୁସଲିମ ସମ୍ପ୍ରଦାୟର ଉଜାଲା ଖାଁ ମସଜିଦ ରହିଛି। ଅନ୍ୟ ପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ, ଜଷ୍ଟିସ ଯୁଗଳ କିଶୋର ପଟ୍ଟନାୟକ, ଜଷ୍ଟିସ ଲକ୍ଷ୍ମୀନାରାୟଣ ମହାପାତ୍ର, ଜଷ୍ଟିସ ହରିହର ମହାପାତ୍ର, ଡା. ଓମ୍‌ପ୍ରକାଶ ଅଗ୍ରୱାଲ, ବିଶ୍ୱନାଥ ପଣ୍ଡିତ, ଏମ୍‌ପି ଭର୍ତ୍ତୃହରି ମହତାବ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ଅଞ୍ଚଳର ବାସିନ୍ଦା ଅଟନ୍ତି।

**ଏଠାକାର ସମସ୍ୟା**

ଏଠାରେ ଟ୍ରାଫିକ ସମସ୍ୟା ରହିଛି। ସେହିପରି ଏଠାରେ ଜଳ ନିଷ୍କାସନ ସମସ୍ୟା ରହିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

**ୱାର୍ଡ ଓ ଲୋକସଂଖ୍ୟା**

କଟକ ମହାନଗର ନିଗମ(ସିଏମ୍‌ସି) ଅନ୍ତର୍ଗତ ୧୧ ଓ ୧୨ ନମ୍ବର ୱାର୍ଡକୁ ନେଇ ଚାନ୍ଦିନୀଚୌକ ଅଞ୍ଚଳ ପରିବ୍ୟାପ୍ତ। ଏହି ଅଞ୍ଚଳରେ ୨୦ହଜାରରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି।



“ସବୁବେଳେ ସାହିରେ ଶୃଙ୍ଖଳିତ ପରିବେଶ ଥାଏ। ସାହିରେ କେବେ ଅସୁବିଧା ଦେଖାଦେଲେ ସାହି ମୁରବୀ ଏହାର ସମାଧାନ କରିଥାନ୍ତି।
—ପ୍ରତାପ କିଶୋର ସିଂହ, ସଭାପତି



“କଟକ ସହରର ପୁରାତନ ସ୍ଥାନ ମଧ୍ୟରୁ ଚାନ୍ଦିନୀଚୌକ ଅନ୍ୟତମ। ଏଠାରେ ଅନେକ ଐତିହାସିକ କଥାବସ୍ତୁ ରହିଛି, ଯାହା ଆମ ପାଇଁ ଗର୍ବ। ଯେ କୌଣସି ସମ୍ପ୍ରଦାୟ ହୁଅନ୍ତୁ ଭାଇଚାରା ଉପରେ ବିଶ୍ୱାସ ରଖନ୍ତି।
—ବିଜୟ କୁମାର ବେହେରା, ସମ୍ପାଦକ

### ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ

**କଟକ ଅଫିସ, ୧୬।୧**

ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଉପଲକ୍ଷେ ଗୁରୁବାର କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଫକୀର ମୋହନ ସ୍ମୃତି ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। କଲ୍ୟାଣୀ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଡକ୍ଟର କିଶୋର ମହାନ୍ତି, ବକ୍ତା ଭାବେ ଅଧ୍ୟାପିକା ମୀରା ବେଉରା ଯୋଗଦେଇଥିଲେ। ଏହି ଅବସରରେ ୧୦୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ତରୁଣ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ନନ୍ଦୀୟା ବିହାରୀ ମହାନ୍ତି, ମୁଖ୍ୟବକ୍ତା ଡ. ବୈଜୟନ୍ତୀ ମିଶ୍ର, ସମ୍ମାନିତ ବକ୍ତା ଭାବେ କବି ନାରାୟଣ ମୁକୁଲି ଯୋଗଦେଇଥିଲେ। ସନ୍ତୋଷ ମିଶ୍ରଙ୍କ ପୁସ୍ତକ 'କ୍ଷମାର ଜାହ୍ନବୀ' ଓ 'ଶେଷ ଦସ୍ତଖତ' ଉନ୍ମୋଚିତ ହେବା ସହ ବହୁ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଲକ୍ଷଣ ମଲ୍ଲିକ ବିବରଣୀ ପାଠ ଓ ଶରତ ମହାନ୍ତି ଧନ୍ୟବାଦ ଦେଇଥିଲେ।



ଛାତ୍ରୀଛାତ୍ରମାନେ କଲେଜ ମୁଖ୍ୟଫାଟକ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

## ସିଟି ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**କଟକ ଅଫିସ, ୧୬।୧**

ଯୁକ୍ତ ଦୁଇ ପ୍ରଥମ ବର୍ଷରେ ସର୍ବନିମ୍ନ ୩୩ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ବର୍ଷକୁ ଉତ୍ତୀର୍ଣ୍ଣ ହେବା ପାଇଁ ଚଳିତବର୍ଷ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ପଦକ୍ଷେପକୁ ବିରୋଧ କରି ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ଗୁରୁବାର ଛାତ୍ରୀଛାତ୍ରମାନେ ତାଲା ପକାଇବା ସହିତ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ମହାବିଦ୍ୟାଳୟ ପରିସରରେ ଟାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ବାଦାମବାଡି ପୋଲିସ ପହଞ୍ଚି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଧାରଣାରତ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ଘଟଣାର ସମାଧାନ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଚଳିତବର୍ଷ ଛାତ୍ରୀଛାତ୍ରମାନେ ଯୁକ୍ତ ୨ ପ୍ରଥମ ବର୍ଷ ପରୀକ୍ଷାରେ ପାସ୍ ନ କଲେ ଦ୍ୱିତୀୟବର୍ଷକୁ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ। ଦ୍ୱିତୀୟ ବର୍ଷକୁ ଯିବାକୁ ହେଲେ ଛାତ୍ରୀଛାତ୍ରଙ୍କୁ ପ୍ରଥମ ବର୍ଷରେ ୩୩% ନମ୍ବର ରଖିବା ଜରୁରୀ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ। ତେବେ ପରୀକ୍ଷାରେ ପାଶ ପାଇଁ ପ୍ରଥମ ବର୍ଷ ପିଲାଙ୍କୁ ଦୁଇଟି ସୁଯୋଗ ମିଳିବ। ପ୍ରଥମ ପରୀକ୍ଷାରେ ୩୩% ରୁ କମ୍ ରଖିଥିବା ପିଲାଙ୍କ ପାଇଁ ରିମେଡିଆଲ କ୍ଲାସ ହେବା ଏହାପରେ ଦ୍ୱିତୀୟ ସୁଯୋଗ ଭାବେ ମେ' ଶେଷ ସପ୍ତାହରେ ପରୀକ୍ଷା କରାଯିବ। ହେଲେ ଏହାକୁ ଛାତ୍ରୀଛାତ୍ରମାନେ ବିରୋଧ କରି କହିଥିଲେ, ଏହି ନିଷ୍ପତ୍ତିକୁ ହଠାତ୍ ଛାତ୍ରୀଛାତ୍ରଙ୍କ ଉପରେ ଲଦି ଦିଆଯାଇଛି। ଫେବୃୟାରୀ ତୃତୀୟ ସପ୍ତାହରୁ ପରୀକ୍ଷା ପାଇଁ ଘୋଷଣା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାଠ୍ୟକ୍ରମ ଶେଷ ହୋଇନି। ଯାହାଦ୍ୱାରା ଛାତ୍ରୀଛାତ୍ରମାନେ ଠିକ୍ ଭାବେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇପାରିବେ ନାହିଁ। ଯଦି ଏହି ନିଷ୍ପତ୍ତିକୁ ପରିବର୍ତ୍ତନ ନ କରାଯାଏ ତେବେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଛାତ୍ରୀଛାତ୍ରମାନେ କହିଥିଲେ। ଏ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବାଶିଷ ଜେନା କହିଛନ୍ତି, ମହାବିଦ୍ୟାଳୟ ପାଖକୁ ଏ ସମ୍ପର୍କରେ କୌଣସି ସୂଚନା ଆସିନାହିଁ। ଆସିଲେ ପଦକ୍ଷେପ ନିଆଯିବ।

### ଗାଡ଼ି ଚାଳକଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ

**କଟକ ଅଫିସ, ୧୬।୧**

ଜାତୀୟ ସଡକ ସୁରକ୍ଷା ସପ୍ତାହ ଉପଲକ୍ଷେ ଟ୍ରାଫିକ ପୋଲିସ ପକ୍ଷରୁ ଗୁରୁବାର ୨ଟି ପର୍ଯ୍ୟାୟରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ମଧୁପାଟଣା ଥାନା ନିକଟରେ ଗାଡିଚାଳକଙ୍କୁ ଗୋଲାପ ଫୁଲ ଦିଆଯାଇ ଟ୍ରାଫିକ ନିୟମ ବିଷୟରେ ସଚେତନ କରାଯାଇଥିଲା। ସନ୍ଧ୍ୟାରେ ଦ୍ୱିତୀୟ ପର୍ଯ୍ୟାୟରେ ସହରର ଅଟୋଚାଳକଙ୍କୁ ନେଇ ସଚେତନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅଟୋଚାଳକଙ୍କ ବିଭିନ୍ନ ସମସ୍ୟା ଓ ଟ୍ରାଫିକ ନିୟମ ବାବଦରେ ଆଲୋଚନା କରାଯାଇଥିଲା। ଟ୍ରାଫିକ ଏସିପି ଦେବଜ୍ୟୋତି ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଟ୍ରାଫିକ ଡିସିପି ସାଗରିକା ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉପଯୁକ୍ତ ସ୍ଥାନରେ ଅଟୋ ପାର୍କ କରିବା ଓ ଅଟୋ ଚାଳକମାନେ ଲୋକମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ଏଥିସହିତ ଅଟୋଚାଳକମାନେ ସମୟରେ ୟୁନିଫର୍ମ ପିନ୍ଧିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରାଫିକ ଥାନାର ସମସ୍ତ କର୍ମଚାରୀ, ଅଟୋ ମହାସଂଘର ସଭାପତି ଓ ସମ୍ପାଦକଙ୍କ ସହ ୧୫୦ ଜଣ ଅଟୋଚାଳକ ଉପସ୍ଥିତ ଥିଲେ।

## ଗଡିଲା ସଚେତନତା ରଥ

**କଟକ ଅଫିସ, ୧୬।୧**

ଜାନୁୟାରୀ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ 'ପାଣି ପଞ୍ଚାୟତ ପକ୍ଷ' ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପୂର୍ବାହ୍ନରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପାଣି ପଞ୍ଚାୟତ ରଥକୁ ପତାକା ଦେଖାଇ ଜିଲାରେ ପାଣିପଞ୍ଚାୟତ ପକ୍ଷ ପାଳନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜଳ ସଞ୍ଚୟ ପ୍ରକଳ୍ପଗୁଡ଼ିକର ସୁପରିଚାଳନା ପାଇଁ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏହି ପାଣି ପଞ୍ଚାୟତ ରଥ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳ ପରିକ୍ରମା କରି କୃଷକମାନଙ୍କୁ ପାଣି ପଞ୍ଚାୟତ ବ୍ୟବସ୍ଥା ଉପରେ ସଚେତନ କରାଇବ।



ଜିଲାପାଳ ଭବାନୀଶଙ୍କର ଚୟନୀ ପାଣି ପଞ୍ଚାୟତ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

### ନୂତନ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟରେ ଯୋଗଦାନ

**କଟକ ଅଫିସ, ୧୬।୧**

ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର ଗୁରୁବାର ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟରେ ନୂତନ ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପରେ ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ଓ ଷ୍ଟାଫ୍ କମିଟି ସଭାପତି ବିଶ୍ୱମୋହନ ମହାପାତ୍ରଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟ ନୂତନ ଅତିରିକ୍ତ ଜିଲାପାଳଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହା ପୂର୍ବରୁ ମିଶ୍ର ରାଜ୍ୟ ସମବାୟ ବିଭାଗର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଥିଲେ।

## କାମରେ ଆସୁନି ସୋଲାର୍ ଲାଇଟ୍

**ଖୁଣ୍ଟୁଣୀ,୧୬।୧(ଡି.ଏନ୍.ଏ.)**

ହାତୀ ଦାଉରୁ ସାଧାରଣ ଲୋକଙ୍କ ଧନ-ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ଆଠଗଡ଼ ବ୍ଲକ ଶଶାଙ୍କ ଗ୍ରାମରେ ସୋଲାର ଲାଇଟ୍ ଲଗାଯାଇଛି। ଉପଯୁକ୍ତ ସ୍ଥାନ ତଥା ହାତୀଙ୍କ ଚଳାଚଳ ପଥରେ ଲଗାଯାଇ ନ ଥିବାରୁ ସାଧାରଣ ଲୋକଙ୍କ କାମରେ ଆସୁନାହିଁ। ଫଳରେ ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ସୂଚନାଥାଉ କି, ପ୍ରତିବର୍ଷ ଧାନଫସଲ ଆରମ୍ଭଠାରୁ ଅମଳ ପର୍ଯ୍ୟନ୍ତ ହାତୀଙ୍କ ପ୍ରାଦୁର୍ଭାବ ଦେଖାଦେଇଥାଏ। ହାତୀମାନେ ଫସଲ ଖାଇବା ସହ ନଷ୍ଟ କରିଥାନ୍ତି। ଫଳରେ ଏ ନେଇ ବନ ବିଭାଗ ପକ୍ଷରୁ ସୋଲାର ଲାଇଟ୍ ଲଗାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କୁସପଙ୍ଗୀ ପଞ୍ଚାୟତର ବଉଳ ଠାରୁ ଶଶାଙ୍କ, ପହିଲାବର ରାସ୍ତା ପାର୍ଶ୍ୱରେ ପ୍ରଥମେ ସୋଲାର ବାଡ଼ ଦିଆଯାଇଥିଲା। ହେଲେ ହାତୀପଲ ଏହି ବାଡ଼କୁ ଭାଙ୍ଗିଦେଇଥିଲେ। କେତେକଣ ବ୍ୟକ୍ତି ବାଡ଼ରେ ଲାଗିଥିବା ଜିଆର ତାର ଏବଂ କାଠ ଖୁଣ୍ଟଗୁଡ଼ିକୁ ଚୋରାଇ ନେଇଥିଲେ। ପରବର୍ତ୍ତୀ ସମୟରେ ବନ ବିଭାଗ ପକ୍ଷରୁ ଶଶାଙ୍କ ଗ୍ରାମର ଜାଗୁଲାଇ ମନ୍ଦିର ପାଖରେ ଖୁଣ୍ଟ ପୋତି ସୋଲାର୍ ଲାଇଟ୍ ଲଗାଯାଇଥିଲା। କିନ୍ତୁ ତାହା ଆଉ ସାଧାରଣ ଲୋକଙ୍କ କାର୍ଯ୍ୟରେ ଆସୁ ନ ଥିବା ଜଣାପଡିଛି। ହାତୀଙ୍କ ଚଲାପଥ ବୋଲି ଜଙ୍ଗଲ ବିଭାଗ ନଜରରେ ରହିଥିବା ଦକ୍ଷିଣ ପାର୍ଶ୍ୱ ଶଶାଙ୍କ-କୁସପଙ୍ଗୀ ରାସ୍ତାର ମା' ବାଉଳୀ ମନ୍ଦିର ପାଖରେ ଥିବା ଧାନମଣ୍ଡି ପଡ଼ିଆରେ ଏହି ଲାଇଟ୍ ଲଗାଇଲେ ହାତୀମାନେ ଗୌଡ଼ପାଳ, ବାଣୀପଦା ଓ ଡାଳିପଡ଼ା ବ୍ରହ୍ମପୁର ଜଙ୍ଗଲକୁ ଯାଇପାରି ନ ଥାନ୍ତେ। ଭୁଲ ଜାଗାରେ ଲାଇଟ୍ ଲଗାଯାଇଥିବାରୁ ସେଗୁଡ଼ିକ କୌଣସି କାମରେ ଆସୁ ନ ଥିବା ଚାଷୀମାନେ କହିଛନ୍ତି। ଏ ସମ୍ପର୍କରେ ବନ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇ ଥିଲେ ମଧ୍ୟ ବିଭାଗ ଗୁରୁତ୍ୱ ଦେଉ ନ ଥିବା ଚାଷୀ ସନାତନ ସାହୁ, ଜୟନ୍ତ ସାହୁ, ସୁକାନ୍ତ ରାଉତ, ଅନନ୍ତ ନାୟକ, ନରେନ୍ଦ୍ର ପ୍ରଧାନ ଓ ସୁକାନ୍ତ ରାଉତ ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ବନାଞ୍ଚଳ ଅଧିକାରୀ ମାଗୁଣି ଚରଣ ବେହେରା କୁହନ୍ତି, ଗ୍ରାମବାସୀଙ୍କ ମତାମତ ନିଆଯାଇ ଖୁବଶୀଘ୍ର ଆବଶ୍ୟକ ସ୍ଥାନରେ ଲାଇଟ୍ ଲଗାଇବା ଦିଗରେ ପଦକ୍ଷେପ ନିଆଯିବ।

# ବିବାହ କରିବେ ଓଡ଼ିଶାର 'ଛପାକ୍' ପ୍ରମୋଦିନୀ

*ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି ଓଡ଼ିଶାର 'ଛପାକ୍' ତଥା ଏସିଡ୍ ପୀଡ଼ିତା ପ୍ରମୋଦିନୀ ରାଉଳ। ଏସିଡ୍ ଆକ୍ରମଣର ଶିକାର ହେବା ପରେ ଦୀର୍ଘବର୍ଷ ଧରି ତାଙ୍କ ସୁଖଦୁଃଖର ସାଥୀ ଭାବେ ଛିଡ଼ା ହୋଇଥିବା କଟକର ସରୋଜ କୁମାର ସାହୁଙ୍କୁ ସେ ଜୀବନସାଥୀ ଭାବେ ବାଛିଛନ୍ତି। ୨୦୧୮ ଫେବୃୟାରୀ ୧୪ରେ ସେମାନଙ୍କର ନିର୍ବନ୍ଧ ହୋଇଥିଲା। ଆସନ୍ତା ଏପ୍ରିଲ କିମ୍ବା ମେ' ମାସରେ ସେମାନେ ବିବାହ କରିବା ପାଇଁ ସ୍ଥିର କରିଥିବାବେଳେ ଏନେଇ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିନାହାନ୍ତି। ପ୍ରଥମଥର ନିମନ୍ତେ ରାଜ୍ୟର ଜଣେ ଏସିଡ୍ ପୀଡ଼ିତା ବିବାହ ବେଦୀରେ ବସିବାକୁ ଯାଉଛନ୍ତି।*

**କଟକ ଅଫିସ, ୧୬।୧**

ନିକଟ ଅତୀତରେ ବଲିଉଡ୍‌ରେ ଏକ ଚଳଚ୍ଚିତ୍ର 'ଛପାକ୍' ମୁକ୍ତିଲାଭ କରିଛି। ଏସିଡ୍ ପୀଡ଼ିତାଙ୍କ ଜୀବନକୁ ନେଇ ତିଆରି ହୋଇଥିବା ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଛନ୍ତି ଅଭିନେତ୍ରୀ ଦୀପିକା ପାଦୁକୋନ୍। ଓଡ଼ିଶାରେ ମଧ୍ୟ ଏଭଳି ଜଣେ ଚରିତ୍ର ହେଉଛନ୍ତି ପ୍ରମୋଦିନୀ। ଯୁକ୍ତ ଦୁଇରେ ପାଠ ପଢୁଥିବାବେଳେ ଏକତରଫା ପ୍ରେମ ଆବେଦନକୁ ସ୍ୱୀକାର କରି ସେ ଏସିଡ୍ ଆକ୍ରମଣର ଶିକାର ହୋଇଥିଲେ। ୧୦ବର୍ଷର ସଂଘର୍ଷମୟ ଜୀବନକୁ ଅତିକ୍ରମ କରିବା ପରେ ଏବେ ବିବାହ କରିବାକୁ ଯାଉଛନ୍ତି ପ୍ରମୋଦିନୀ।

ଜଗତ୍‌ସିଂହପୁରରେ ଜନ୍ମିତ ପ୍ରମୋଦିନୀ ପିଲାଟି ବେଳୁ ବେଶ୍ ଚୁଲବୁଲ ଥିଲେ। ଅଳା ବଂଶୀଧର ରାଉଳ ତାଙ୍କୁ ସ୍ନେହରେ ରାଣୀ ବୋଲି ଡାକନ୍ତି। ପ୍ରମୋଦିନୀଙ୍କ ଅନ୍ୟଏକ ନାଁ ହେଉଛି ରାଣୀ ରଉତ୍‌ରାୟ। ୨୦୦୯ରେ ପ୍ରମୋଦିନୀ ଯୁକ୍ତ ଦୁଇରେ ପାଠ ପଢୁଥିଲେ। ଆର୍ମିରେ ଚାକିରି କରିଥିବା ଜଣେ ବିବାହିତ ଯୁବକ ପ୍ରମୋଦିନୀଙ୍କୁ ଏକତରଫା ପ୍ରେମ କରିଥିଲେ। ଏପରି କି ବିବାହ କରିବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲେ। ଏହି କଥା ଘର ପର୍ଯ୍ୟନ୍ତ ଯାଇଥିଲା। ଯୁବକ ଜଣଙ୍କ ଘରକୁ ଫୋନ୍ କରି ପ୍ରମୋଦିନୀଙ୍କୁ ବିବାହ କରିବାକୁ ଚାହାନ୍ତି ବୋଲି କହିଥିଲେ। ଘର ଲୋକ ମନା କରି ଦେବା ପରେ ଯୁବକଜଣଙ୍କ ପ୍ରମୋଦିନୀଙ୍କୁ ବିବାହ କରିବାକୁ ବାଧ କରିଥିଲେ। ଦିନେ ରାସ୍ତାରେ ହଇରାଣ କରୁଥିବାବେଳେ ପ୍ରମୋଦିନୀଙ୍କ ସାଙ୍ଗମାନଙ୍କ ଠାରୁ ମାଡ଼ ମଧ୍ୟ ଖାଇଥିଲେ ଉକ୍ତ ଯୁବକ। କ୍ରୋଧ ପରାୟଣ ହୋଇ ୨୦୦୯ ଏପ୍ରିଲ ୧୮ରେ ଯୁବକ ଜଣଙ୍କ ଏଭଳି ଏକ ନୃଶଂସ ଓ ନିନ୍ଦନୀୟ କାର୍ଯ୍ୟ କଲେ, ଯାହା ପ୍ରମୋଦିନୀଙ୍କ ଜୀବନକୁ ବଦଳାଇ ଦେଇଥିଲା। ନିଜ ସମ୍ପର୍କୀୟ ଭାଇଙ୍କ ସହ ସାଇକେଲରେ ବସି ଯାଉଥିବାବେଳେ ଏକ ବାଇକରେ ଆସି ଯୁବକଜଣଙ୍କ ପ୍ରମୋଦିନୀଙ୍କ ଉପରକୁ ଏସିଡ୍ ମାଡ଼ କରିଥିଲେ। ଚିକିତ୍ସାଲାଗି ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ଚାଲିଥିବାବେଳେ ସରୋଜଙ୍କ ସହ ଭେଟ ହୋଇଥିଲା ପ୍ରମୋଦିନୀଙ୍କର। ସରୋଜ ମେଡ଼ିକାଲ ରିପ୍ରେଜେଣ୍ଟେଟିଭ ଭାବେ କାମ କରୁଥିଲେ। ପ୍ରମୋଦିନୀଙ୍କୁ ଫିଜିଓଥେରାପି କରୁଥିବା ଜଣେ ନର୍ସ ହେଲେ ସରୋଜଙ୍କର ବନ୍ଧୁ। ଏସିଡ୍ ଆକ୍ରମଣ ପରେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଚାଲିବାକୁ ଅତିକମରେ ୬ବର୍ଷ ଲାଗିବ ବୋଲି ଡାକ୍ତର କହିଥିଲେ। ହେଲେ ସରୋଜ ନିଜ ପ୍ରଚେଷ୍ଟାରେ ମାତ୍ର ୪ମାସରେ ତାଙ୍କୁ ଚାଲିବା ପାଇଁ ସକ୍ଷମ କରାଇଛନ୍ତି ବୋଲି ପ୍ରମୋଦିନୀ କୁହନ୍ତି। ସରୋଜଙ୍କ ସ୍ନେହ, ଆଦର ଆଉ ଭଲପାଇବା ପାଇଁ ଭଗବାନଙ୍କ ନିକଟରେ କୃତଜ୍ଞ। ସେ ଏବେ ବିଶ୍ୱର ଭଲ ମଣିଷ ପାଖେ ପାଖେ ଅଛନ୍ତି ବୋଲି ପ୍ରମୋଦିନୀ କହିଥିଲେ। ସେମାନଙ୍କ ବିବାହ ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ଏସିଡ୍ ପୀଡ଼ିତାଙ୍କୁ ବିଶେଷଭାବେ ନିମନ୍ତ୍ରଣ କରାଯିବ। ଏହାଛଡ଼ା ଅନେକ ନାମୀଦାମୀ ଲୋକ ଏହି ଉତ୍ସବରେ ଯୋଗଦେବେ ବୋଲି କୁହାଯାଉଛି।

**ପ୍ରେମ ଫେରାଇଲା ନୂଆ ଜୀବନ**



**ଦୁଇଟି ପୁରୁଷ, ଭିନ୍ନ ମଣିଷ**

ଜୀବନରେ ଦୁଇଟି ପୁରୁଷଙ୍କୁ ଭେଟିଲି। ଜଣେ ମୋ ଜୀବନକୁ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ। ଆଉ ଜଣେ ମୋ ରଙ୍ଗହୀନ ଜୀବନକୁ ସଜାଡ଼ିବା ପାଇଁ ନିଜର ଜୀବନକୁ ବାଜି ଲଗାଇ ଦେଲେ। ପୁରୁଷ ଜାତି ଖରାପ ନୁହେଁ, ଚେଲେ ଏଭଳି ସମସ୍ତ ଆଉ ଭିନ୍ନଭିନ୍ନ ମଣିଷଙ୍କ ସହ ଭେଟ ହେଲା ବୋଲି ପ୍ରମୋଦିନୀ କହିଛନ୍ତି।



କୃତଜ୍ଞତା ରୂପକ ଋଣକୁ ଶୁଝିବା, ଶକ୍ତିର ବାହାରେ ବୋଲି ଉଦାରମନା ଲୋକ ହିଁ ଧରି ନେଇଥାଏ।
-ଫ୍ରାଙ୍କ୍‌ଲିନ୍





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାପ୍ରଭୁଙ୍କୁ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।



ବଡ଼ଦାଣ୍ଡରେ ମୁଖ୍ୟମନ୍ତ୍ରୀ ପ୍ରସ୍ତାବିତ ମଡେଲର ନକ୍ସା ଦେଖୁଛନ୍ତି। ନିକଟରେ ୫-ଟି ସଚିବ ଭି. କେ. ପାଣ୍ଡିଆନ୍‌ଙ୍କ ସମେତ ପୂର୍ତ୍ତ ସଚିବ ଓ ପୁରୀ ଜିଲାପାଳ।

# ବଡ଼ଦାଣ୍ଡରେ ନକ୍ସା ଦେଖିଲେ ମୁଖ୍ୟମନ୍ତ୍ରୀ

ପୁରୀ ଅଫିସ,୧୬।୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ଗସ୍ତ ଅବସରରେ ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡର ଖୋଲା ଆକାଶ ତଳେ ବସି ଶ୍ରୀମନ୍ଦିର ହେରିଟେଜ କରିଡ଼ର ନକ୍ସାର ସମୀକ୍ଷା କରିଛନ୍ତି। ଏଥିପାଇଁ ବଡ଼ଦାଣ୍ଡର ଚିତ୍ରିତସ୍ଥଳରେ ପକାଯାଇଥିଲା ଚେୟାର ଟେବୁଲ। ଟେବୁଲ ଉପରେ ରହିଥିଲା ପ୍ରସ୍ତାବିତ ପ୍ରକଳ୍ପର ନକ୍ସା। ପୂର୍ତ୍ତ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ମୁଖ୍ୟମନ୍ତ୍ରୀଙ୍କୁ ଏହି ନକ୍ସା ଦେଖାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫ଟି ସଚିବ ଭି.କେ. ପାଣ୍ଡିଆନ, ଜିଲାପାଳ ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନକ୍ସାରେ କିଛିଟା ପରିବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିବା କହିଛନ୍ତି ପୂର୍ତ୍ତ ସଚିବ। ଏହି ନକ୍ସାରେ ହେରିଟେଜ କରିଡ଼ରର ପ୍ରବେଶ ପଥ, ଲାଇବ୍ରେରି, କ୍ଲୋକରୁମ୍, ସୁରକ୍ଷା ଯାଞ୍ଚ ଓ ଧାଡ଼ି, ଧ୍ୟାନସ୍ଥଳ, ପ୍ରଦର୍ଶନୀ ଓ କଳା ପ୍ୟାଭିଲିୟନ, ଭ୍ୟୁ ଟାୱାର, ମିନି ଫରେଷ୍ଟ ଏବଂ ବଟାନିକାଲ ପାର୍କ, ଫୁଡ୍‌ଷ୍ଟଲ, ବସିବା ସ୍ଥଳ, ଶ୍ରାଦ୍ଧ କର୍ମ ସ୍ଥଳ, ପଦ୍ମ ପୋଖରୀ, ରଥ ନିର୍ମାଣ ଆଦି ରହିଛି। ସେହିପରି ମୁଖ୍ୟମନ୍ତ୍ରୀ ସୌନ୍ଦର୍ଯ୍ୟକରଣ କାମ ବିଶେଷକରି ନୂଆ ବ୍ୟାରିକେଡ, ସବୁଜ ବଳୟ ଆଦି ବୁଲି ଦେଖିଥିଲେ। ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସେ ପ୍ରଶଂସା କରିବା ସହ ଶ୍ରୀକ୍ଷେତ୍ର ଅଧିକ ସୁନ୍ଦର ହେବ ବୋଲି କହିଥିଲେ। ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମୁଖ୍ୟମନ୍ତ୍ରୀ ଫଟୋ ପାଇଁ ସମୟ ଦେଇଥିଲେ।

## ଖଣ୍ଡୋଲାଇଟ୍ ପଥରରେ ହେବ ସବୁ ପ୍ରକଳ୍ପ

ଶ୍ରୀମନ୍ଦିର ହେରିଟେଜ କରିଡ଼ର ସମେତ ଶ୍ରୀକ୍ଷେତ୍ରରେ ଯେଉଁସବୁ ପ୍ରକଳ୍ପ କରାଯିବ ତାହା ଖଣ୍ଡୋଲାଇଟ୍ ପଥରରେ ହିଁ ହେବ। ହଜାର ବର୍ଷକୁ ଆଖି ଆଗରେ ରଖି ଏ ସବୁ ତିଆରି କରାଯିବ ବୋଲି କହିଛନ୍ତି ପୂର୍ତ୍ତ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର।

## ଫେବୃୟାରୀରେ ଚୂଡ଼ାନ୍ତ ଡିଜାଇନ

ଶ୍ରୀମନ୍ଦିର ହେରିଟେଜ କରିଡରର ରୂପରେଖ କେମିତି ରହିବ ତାହାର ଚିଠା ଡିଜାଇନକୁ ଗତମାସ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ। କିନ୍ତୁ ଏହି ନକ୍ସାର ଚୂଡ଼ାନ୍ତ ରୂପରେଖ କଣ ହେବ ସେଥିଲାଗି ଜନସାଧାରଣଙ୍କଠାରୁ ମତାମତ ମଗାଯାଇଥିଲା। ବହୁ ସଂଖ୍ୟାରେ ଲୋକ ସେମାନଙ୍କ ସୁଚିନ୍ତିତ ମତାମତ ଦେଇଛନ୍ତି। ଏହାକୁ ତର୍ଜମା କରାଯାଇ ଫେବୃୟାରୀ ମାସରେ ଚୂଡ଼ାନ୍ତ ଡିଜାଇନ ପ୍ରକାଶ ପାଇବ ବୋଲି ପୂର୍ତ୍ତ ସଚିବ କହିଛନ୍ତି।




● ଶ୍ରୀ ସେତୁ

ପୁରୀ-ଭୁବନେଶ୍ୱର ୩୧୬ ନଂ. ଜାତୀୟ ରାଜପଥର ବାଇପାସ୍‌ଠାରୁ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ହେବାକୁ ଥିବା ପିଲିଗ୍ରିମ ସେଣ୍ଟରକୁ ଶ୍ରୀସେତୁ ଦ୍ୱାରା ସଂଯୋଗ କରାଯିବ। ଅବଢା ଯୋଜନାରେ ନିର୍ମାଣ ହେବାକୁ ଥିବା ରାଜ୍ୟର ଏହି ପ୍ରଥମ ଟ୍ରମ୍ପେଟ ସେତୁ ପାଇଁ ୧୮୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। ରାସ୍ତା ଓ ବ୍ରିଜ୍‌ର ଲମ୍ବ ପ୍ରାୟ ୨.୩ କିମି ହେବ। ଏହି ସେତୁ ପାଇଁ ପୁରୀ ତହସିଲ ଅନ୍ତର୍ଗତ ୪ଟି ମୌଜା ସମଙ୍ଗ, ମାଟିତୋଟା, ମାର୍କଣ୍ଡେଶ୍ୱର ସାହି ନଂ-୧ ଏବଂ ଦାଣ୍ଡିମାଳ ସାହିର ୩୭ ଏକର ୯୮୪ ଡିସିମିଲ ଜମି ଅଧିଗ୍ରହଣ ହେବ। ମୋଟ ଜମି ମଧ୍ୟରେ ବେସରକାରୀ ଜମି ୩୪ ଏକର ୨୪୬ ଡିସିମିଲ ଓ ସରକାରୀ ଜମି ୩ ଏକର ୭୩୮ ଡିସିମିଲ ରହିଛି। ସମଙ୍ଗ ମୌଜାରୁ ସର୍ବାଧିକ ବେସରକାରୀ ଜମି ୧୭ ଏକର ୯୪୭ ଡିସିମିଲ ଜମି ଅଧିଗ୍ରହଣ କରାଯିବ।

● ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର

ବାହାରୁ ଆସୁଥିବା ତୀର୍ଥଯାତ୍ରୀଙ୍କ ପାଇଁ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ୬ ମହଲା ବିଶିଷ୍ଟ ପିଲିଗ୍ରିମ୍ ସେଣ୍ଟର ବା ତୀର୍ଥଯାତ୍ରୀ କେନ୍ଦ୍ର ତିଆରି କରାଯିବ। ଏଠାରେ ୧୦୦୦ କାର ପାର୍କିଂ କରିପାରିବା ଭଳି ବହୁମୁଖୀ ପାର୍କିଂ, ଧ୍ୟାନକେନ୍ଦ୍ର, ମଲ୍ଟି ମୋଡାଲ ହବ୍, ଜନ ସୁବିଧା କେନ୍ଦ୍ର ହେବ। ଅବଢା ଯୋଜନାରେ ଏଥିପାଇଁ ୧୯୦ କୋଟି ଟଙ୍କା ଖର୍ଚ୍ଚ କରାଯିବ।

● ବହୁତଳ କାର୍ ପାର୍କିଂ

ମେଡିକାଲ ଛକସ୍ଥିତ ପୁରୁଣା ଜେଲ୍‌ରୋଡ ପରିସରରେ ଅବଢା ଯୋଜନାରେ ତିଆରି କରାଯିବ ବହୁତଳ କାର୍ ପାର୍କିଂ। ୪ ମହଲା ବିଶିଷ୍ଟ ଏହି ପାର୍କିଂସ୍ଥଳରେ ୫୦୦ କାର୍ ଏବ ଦୁଇଚକିଆ ଗାଡ଼ି ରହିପାରିବା ଭଳି ସୁବିଧା କରାଯିବ। ଏଥିସହ ୩୫୦ ଭେଣ୍ଡିଂ ଆଉଟ୍‌ଲେଟ ମଧ୍ୟ ରହିବ। ଏ ବାବଦରେ ୯୦ କୋଟି ୨୨ଲକ୍ଷ ଟଙ୍କା ଖର୍ଚ୍ଚ ହେବ।

● ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ

ବଡ଼ଦାଣ୍ଡରେ ନୂତନ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ବେସ୍‌ମେଣ୍ଟ ଓ ଗ୍ରାଉଣ୍ଡ ଫ୍ଲୋର ମିଶାଇ ୫ ମହଲା ବିଶିଷ୍ଟ କୋଠା ହେବ। ୫୦୦ ଦୋକାନ ଘର, ୧୦୦ କାର୍ ପାର୍କିଂ ସୁବିଧା ସହ ୩୦୦ କିଲୋୱାଟ୍‌ର ରୁଫ୍‌ଟପ୍ ସୋଲାର ସିଷ୍ଟମ ରହିବ। ଅବଢା ଯୋଜନାରେ ଏଥିପାଇଁ ୪୪ କୋଟି ୮୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ।

● ସ୍ୱର୍ଗଦ୍ୱାର ଉନ୍ନୟନ ପ୍ରକଳ୍ପ

ସ୍ୱର୍ଗଦ୍ୱାର ପ୍ରତି ଆସ୍ଥା ଓ ବିଶ୍ୱାସ ରଖି ଦୂରଦୂରାନ୍ତରୁ ଶବଦାହ ପାଇଁ ଆସୁଥିବା ଲୋକେ ଯେପରି କୌଣସି ପ୍ରକାର ତିକ୍ତ ଅନୁଭୂତି ନ ସାଉଁଟିବେ ସେଥିପ୍ରତି ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ ସ୍ୱର୍ଗଦ୍ୱାର ପରିସର ପୁରୁଣା କୋଠାକୁ ଭାଙ୍ଗି ଦିଆଯାଇଛି। ଗୁରୁବାର ସ୍ୱର୍ଗଦ୍ୱାର ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଠାରେ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ହେବ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ବ୍ୟୟ ବରାଦ ହୋଇଥିବା ଅର୍ଥରେ ଶବଦାହ ପିଣ୍ଡି ଏବଂ ଦୁଇଟି ବିଦ୍ୟୁତ୍ ଚୁଲା ତିଆରି କରାଯିବ।

● ସମୁଦ୍ର କୂଳ ଭେଣ୍ଡିଂ ଜୋନ୍

ସମୁଦ୍ର କୂଳରେ ବ୍ୟବସାୟ କରି ପରିବାର ଚଳାଉଥିବା ବ୍ୟବସାୟୀଙ୍କ ଲାଗି ତିଆରି ହେବ ଭେଣ୍ଡିଂ ଜୋନ୍। ୮୦୦ ଭେଣ୍ଡିଂଜୋନ୍ (କିଓସ୍କ) ନିର୍ମାଣ କରାଯିବ। ଏଥିପାଇଁ ୧୨ କୋଟି ଟଙ୍କା ଖର୍ଚ୍ଚ ଅଟକଳ ହୋଇଛି।

● କେନ୍ଦ୍ରୀୟ ରୋଷଶାଳା

ମଙ୍ଗଳାଘାଟରେ ୫୦ ହଜାର ବର୍ଗଫୁଟ ଜାଗାରେ ତିଆରି ହେବ କେନ୍ଦ୍ରୀୟ ରୋଷଶାଳା। ସରକାରୀ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ଓ ଆହାର ଯୋଜନା ପାଇଁ ଏହି ରୋଷଶାଳାର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରତିଦିନ ୫୦ ହଜାର ମିଲ୍ ଏଠାରେ ପ୍ରସ୍ତୁତ କରାଯିବ। ଗତବର୍ଷ ଅକ୍ଟୋବରରେ ରାଜ୍ୟ ସରକାର ଅବଢ଼ା ଯୋଜନାରେ ତିନିବର୍ଷ ପାଇଁ ୩୦୨୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ୨୦୧୯-୨୦ରେ ୭୧୯ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୨୦୨୦-୨୧ରେ ୧୪୦୨ କୋଟି ଏବଂ ୨୦୨୧-୨୨ରେ ୧୦୮୭ କୋଟି ଟଙ୍କା ଖର୍ଚ୍ଚ କରାଯିବ।

## ଧାନ ସଂଗ୍ରହରେ ଅନିୟମିତତା ଅଭିଯୋଗ

କଟକ ସଦର,୧୬।୧(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ କୂଳସରିଚୁଆଁ ସେବା ସମବାୟ ସମିତିରେ ୨୦୧୫ରୁ ୨୦୧୯ ମସିହା ପର୍ଯ୍ୟନ୍ତ ଧାନ ସଂଗ୍ରହରେ ବ୍ୟାପକ ଅନିୟମିତତା ହୋଇଥିବା ମଙ୍ଗଳବାର ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନିକଟରେ ଅଭିଯୋଗ ହୋଇଛି। ପରିଚାଳନା ବୋର୍ଡ ସକ୍ରିୟ ଥିବା ବେଳେ ଧାନ ବିକ୍ରି କମିଶନ ହିସାବର ତଥ୍ୟ ନିର୍ଦ୍ଦେଶକଙ୍କୁ ଦିଆଯାଇ ନ ଥିଲା ବୋଲି ସେତେବେଳର ନିର୍ଦ୍ଦେଶକ ବିଜୟ ରାଉତରାୟ ଜିଲାପାଳ ଚୟନୀଙ୍କୁ ଅବଗତ କରାଇଛନ୍ତି। ଏପରି କି ଖରିଫ ଓ ରବି ଋତୁରେ ଚାଷୀଙ୍କୁ ଋଣ ଦେବାରେ ସମ୍ପାଦକ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ସେଥିଲାଗି ଚାଷୀମାନେ ଏକ ପ୍ରତିଶତ ସୁଧରେ ଋଣ ପାଇ ପାରି ନ ଥିଲେ ବୋଲି ରାଉତରାୟ କହିଛନ୍ତି। ୪ବର୍ଷ ହିସାବପତ୍ର ସ୍ୱତନ୍ତ୍ର ଅଡିଟ୍ କରାଇବା ଲାଗି ଦାବି କରିଥିଲେ। ଅଭିଯୋଗ ସମ୍ପର୍କରେ ସେବା ସମବାୟ ସମିତି ସମ୍ପାଦକ ପ୍ରଦୀପ୍ତ କୁମାର ମଲ୍ଲ କୁହନ୍ତି, କୌଣସି ଅନିୟମିତତା ହୋଇନାହିଁ।

## ଖାଲିପଡ଼ିଛି ପ୍ରାଣୀଧନ ନିରୀକ୍ଷକ ପଦବୀ

କଟକ ସଦର,୧୬।୧(ଡି.ଏନ୍.ଏ.)

ଗୋରୁଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ପ୍ରାଣୀଧନ କେନ୍ଦ୍ର ଖୋଲିଛନ୍ତି। କଟକ ସଦର ବ୍ଲକ ଅନ୍ତର୍ଗତ ଜିଲା ପରିଷଦ ଜୋନ ନଂ. ୫ରେ ୪ଟି ପ୍ରାଣୀଧନ କେନ୍ଦ୍ରରେ ନିରୀକ୍ଷକଙ୍କ ପଦବୀ ଖାଲିପଡିଛି। ଫଳରେ ଖରାଦିନ ପୂର୍ବରୁ ଗୋରୁଙ୍କୁ ଫାଟୁଆ ଟିକା ଦେବାରେ ସମସ୍ୟା ଉପୁଜିଛି ବୋଲି ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପରମହଂସ, ବିରିବାଟୀ ଓ ନିମେଇସାପୁର କେନ୍ଦ୍ରରେ ସ୍ଥାୟୀ ନିରୀକ୍ଷକ ନାହାନ୍ତି। ଦଣ୍ଡୁଆସିପଡ଼ା କେନ୍ଦ୍ରର ନିରୀକ୍ଷକଙ୍କ ଅବସର ଗ୍ରହଣ ପରେ ଏହି ପଦବୀ ଖାଲିପଡିଛି। ଏଭଳି ସ୍ଥିତିରେ ନିୟମିତ ପ୍ରାଣୀ ଚିକିତ୍ସା ସହ ବିଭିନ୍ନ ସମୟରେ ଟିକାକରଣ କାର୍ଯ୍ୟକ୍ରମ କେବଳ କାଗଜପତ୍ରରେ ସୀମିତ ରହିଥିବା ଜେନା କହିଛନ୍ତି। ଏ ସମ୍ପର୍କରେ କଟକ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କେଶବ ଚନ୍ଦ୍ର ପ୍ରଧାନ କୁହନ୍ତି, ପଦବୀ ଖାଲି ସମ୍ପର୍କରେ ନିର୍ଦ୍ଦେଶକଙ୍କୁ ଜଣାଇବି। ଟିକାକରଣ ପାଇଁ ଭ୍ରାମ୍ୟମାଣ ଦଳକୁ ନିୟୋଜିତ କରାଯିବ।

## ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନଭୋଜନ ଖାଇଲେ କେନ୍ଦ୍ରମନ୍ତ୍ରୀ ସଞ୍ଜୟ



କେନ୍ଦ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ଛାତ୍ରଙ୍କ ସହ ମଧ୍ୟାହ୍ନଭୋଜନ ଖାଉଛନ୍ତି।

ନରାଜ, ୧୬।୧ (ଡି.ଏନ.ଏ)

ମୁଣ୍ଡଲିସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ଗୁରୁବାର କେନ୍ଦ୍ରମାନବ ସମ୍ବଳ ବିକାଶ, ସଞ୍ଚାର ଓ ବୈଦ୍ୟୁତିକ ସୂଚନା ଉଦ୍ୟୋଗ ରାଜ୍ୟ ମନ୍ତ୍ରୀ ସଞ୍ଜୟ ଧୋତ୍ରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଧୋତ୍ରେ ଏଠାକୁ ଆସିଥିଲେ। ସେ ବିଦ୍ୟାଳୟରେ ପହଞ୍ଚି ପ୍ରଥମେ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଓ ମହାତ୍ମାଗାନ୍ଧୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସେ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଭୋଜନକୁ ପିଲାଙ୍କ ସହ ମିଶି ଖାଇଥିଲେ। ପରେ ସେମାନଙ୍କ ସହ ଭାବବିନିମୟ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ନବୋଦୟ ବିଦ୍ୟାଳୟ ସମିତି ଭୋପାଳ ପ୍ରଖଣ୍ଡର ଉପାୟୁକ୍ତ ପିଏସ୍ ସରଦାର ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଅଧ୍ୟକ୍ଷ ରାମ ରାଜ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### ସଂକ୍ଷେପରେ

## ନାବାଳିକାଙ୍କୁ ଅଶ୍ଳୀଳ କମେଣ୍ଟ ଅଭିଯୋଗ

**ଖୁଣ୍ଟୁଣୀ,୧୬।୧(ଡି.ଏନ୍.ଏ.):** ଗୁରୁଡ଼ିଝାଟିଆ ଥାନା ଅଞ୍ଚଳରେ ଜଣେ କଲେଜ ଛାତ୍ରୀଙ୍କୁ ଅଶ୍ଳୀଳ କମେଣ୍ଟ ନେଇ ଗୁରୁବାର ଅଭିଯୋଗ ହୋଇଛି। ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫/୨୦)ରୁଜୁକରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଆଇଆଇସି ବିଜୟ୍ କେତନ ବିସି ପ୍ରକାଶ କରିଛନ୍ତି।

## ପଦ ହରାଇଲେ ବୁହାଳ ସରପଞ୍ଚ

**ନିଶ୍ଚିନ୍ତକୋଇଲି,୧୬।୧(ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳ ପଞ୍ଚାୟତର ସରପଞ୍ଚ ସରୋଜିନି ଦାସ ପଦଚ୍ୟୁତ ହୋଇଛନ୍ତି। ଏନେଇ କଟକ ଜିଲାପାଳ ଗୁରୁବାର ବିଧିବଦ୍ଧଭାବେ ବିଜ୍ଞପ୍ତି ଜାରି କରିଛନ୍ତି। ବୁହାଳ ପଞ୍ଚାୟତର ୱାର୍ଡ ସଭ୍ୟମାନେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଗତ ୧୩ ତାରିଖରେ ତହସିଲଦାର ଜିତେନ୍ଦ୍ର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ ହୋଇଥିଲା। ପଞ୍ଚାୟତର ୧୭ଟି ୱାର୍ଡରୁ ୧୪ ଜଣ ୱାର୍ଡସଭ୍ୟ ସରପଞ୍ଚଙ୍କ ବିରୋଧରେ ମତବ୍ୟକ୍ତ କରିଥିଲେ। ଏହି ଦସ୍ତାବିଜ ଜିଲାପାଳଙ୍କୁ ପଠାଯାଇଥିଲା। ପରେ କଟକ ଜିଲାପାଳ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪ର ଧାରା ୨୪(୧) ଅନୁଯାୟୀ, ସରପଞ୍ଚ ଦାସଙ୍କୁ ପଦଚ୍ୟୁତ କରିଛନ୍ତି। ଏନେଇ ଜିଲାପାଳଙ୍କ ବିଜ୍ଞପ୍ତି (ନଂ.୩୮/୧୪-୧-୨୦)ରେ ଉଲ୍ଲେଖ କରାଯାଇଛି। ବିଜ୍ଞପ୍ତି ଘୋଷଣା ପରେ ପଞ୍ଚାୟତର ୱାର୍ଡସଭ୍ୟଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।



ରେଭେନ୍‌ଶା କଲିଜିଏଟ୍ ସ୍କୁଲ ଅଡ଼ିଟୋରିୟମରେ ତ୍ରିଧାର ପକ୍ଷରୁ ଅନୁଷ୍ଠିତ ଜାତୀୟ ସୁରକ୍ଷା ସପ୍ତାହ ପାଳନ ଓ ସଚେତନତା ସଭାକୁ ଜଷ୍ଟିସ୍ ଏ.ଏସ୍. ନାଇଡୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।

## ରାସ୍ତା ପାଲଟିଛି ଧାନଖଳା, ଯାତାୟାତ ବାଧାପ୍ରାପ୍ତ

କଟକ ସଦର,୧୬।୧(ଡି.ଏନ.ଏ.)

କଟକସଦର ବ୍ଲକର ଅନେକ ରାସ୍ତା ଏବେ ଧାନଖଳା ପାଲଟିଛି। ଯେଉଁମାନଙ୍କ ପାଖରେ ବଳଦ ନାହିଁ କିମ୍ବା ଟ୍ରାକ୍ଟର ପାଇଁ ସକ୍ଷମ ନୁହନ୍ତି, ସେମାନେ ଧାନ ଅମଳ ପାଇଁ ରାସ୍ତାକୁ ଖଳା ଭାବେ ବ୍ୟବହାର କରୁଛନ୍ତି। ରାସ୍ତାରେ ବିଭିନ୍ନ ଯାନବାହନ ଯାତାୟାତ କରୁଥିବା ଯୋଗୁ କେଣ୍ଟାରୁ ଶସ୍ୟ ଅଲଗା ହୋଇଯାଉଛି। ତେବେ ରାସ୍ତାରେ ଧାନହଳା ପକାଯାଉଥିବା ଯୋଗୁ ଯାତାୟାତରେ ବାଧାପ୍ରାପ୍ତ ସୃଷ୍ଟି ହେଉଛି। ପୂର୍ବରୁ ଏଭଳି ସମସ୍ୟା ଦେଖାଦେଇଥିବା ଯୋଗୁ ଏହାର ସମାଧାନ ପାଇଁ କୃଷି ବିଭାଗ ପକ୍ଷରୁ ବ୍ଲକରେ ପାଇଲଟ୍ ପ୍ରକଳ୍ପ ଭାବେ ୮ଟି କଂକ୍ରିଟ୍ ଧାନ ଖଳା ନିର୍ମାଣ କରାଯାଇଛି। କିନ୍ତୁ ସେଗୁଡ଼ିକ କାମରେ ଲାଗୁନାହିଁ। ସେହି ଖଳାଗୁଡ଼ିକରେ ଧାନ ସଂରକ୍ଷିତ ରଖିବା ପାଇଁ କୌଣସି ବ୍ୟବସ୍ଥା ନ ଥିବା ଯୋଗୁ କାମରେ ଲାଗୁ ନ ଥିବା ବ୍ରାହ୍ମଣବାଡ଼ ଗ୍ରାମର ହୃଷୀକେଶ ଜେନା କହିଛନ୍ତି। ଧାନ ଅମଳ ପାଇଁ ବଳଦ ମିଳୁ ନ ଥିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବିଶ୍ୱ ଗୋ'ସୁରକ୍ଷା ବାହିନୀର ରାଜ୍ୟ ସଭାପତି ତଥା ଆଇନଜୀବୀ ସୁରେଶ ଚନ୍ଦ୍ର ପଣ୍ଡା କହିଛନ୍ତି। ସରକାରୀ ଜମିରେ ବର୍ଷର ନିର୍ଦ୍ଦିଷ୍ଟ ସମୟରେ ମାଟି ଖଳା କରିବାକୁ ସୁଯୋଗ ଦେଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ରଘୁନାଥପୁର ଗ୍ରାମର ରବି ନାରାୟଣ ଦାଶ କହିଛନ୍ତି।

## କବିତାରେ କଟକର ଐତିହ୍ୟ, ସଂସ୍କୃତି

କଟକ ଅଫିସ,୧୬।୧

### ବାରବାଟୀ ନୃତ୍ୟୋତ୍ସବ ଉଦ୍‌ଯାପିତ

ଓଡିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ କଟକ ବାଲିଯାତ୍ରା ଉପର ପଡିଆରେ ଚାଲିଥିବା ବାରବାଟୀ ନୃତ୍ୟୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନୀ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣିଙ୍କ ରଚିତ ଗୀତାଭିନୟ କଟକର ଶ୍ରଦ୍ଧା ମହିଳା ସମିତି ପକ୍ଷରୁ ମଞ୍ଚସ୍ଥ ହୋଇଥିଲା। କଟକ ନଗରର ଐତିହ୍ୟ, ସଂସ୍କୃତିକୁ କବିତା ମଧ୍ୟମରେ କବିମାନେ ବଖାଣିଥିଲେ। ସୁରେଶ କୁମାର ନାୟକ ଓ ପ୍ରଜ୍ଞାପରମିତା ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହାପରେ ମେଘ ମହ୍ଲାରରେ କବିତାର ସଙ୍ଗୀତାୟନ ହୋଇଥିଲା। ଅତିଥି କବି ଭାବେ ଜୟନ୍ତ ମହାପାତ୍ର, ସରୋଜ ରଞ୍ଜନ ମହାନ୍ତି, ଆଶୁତୋଷ ପରିଡା, ଅମରେଶ ପଟ୍ଟନାୟକ, ଅପର୍ଣ୍ଣା ମହାନ୍ତି ପ୍ରମୁଖ ନିଜସ୍ୱ କବିତା ପାଠ କରିଥିଲେ। ଅମିୟ ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସୁଲୋଚନା ଦାସ, ବିଜୟ କୁମାର ଶତପଥୀ, ଆଶିଷ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




ଉତ୍ସବରେ କବି ଜୟନ୍ତ ମହାପାତ୍ର କବିତା ଆବୃତି କରୁଛନ୍ତି।

## ବନ୍ଧୁକ ଦେଖାଇ ଟଙ୍କା ଲୁଟ୍

ଆଠଗଡ,୧୬।୧(ସ୍ୱ.ପ୍ର.)

ଆଠଗଡ଼ସ୍ଥିତ ଏକ ଘରୋଇ ଅର୍ଥ ଲଗାଣ ସଂସ୍ଥାର ଜଣେ କର୍ମଚାରୀଙ୍କଠାରୁ ଗୁରୁବାର କନ୍ଦରପୁରଠାରେ ୨ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଟଙ୍କା ଲୁଟି ନେଇଛନ୍ତି। ଏନେଇ ଆଠଗଡ ଥାନରେ ମାମଲା (ନଂ.୨୩/୨୦) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ମୋହନ ସୁବୁଦ୍ଧି କନ୍ଦରପୁର ଗ୍ରାମ ଅନ୍ତର୍ଗତ କଲୋନୀ ସାହିରେ ଥିବା ୫ ସ୍ୱୟଂ ସହାୟକ ଗୋଷ୍ଠୀରୁ ଋଣ ଟଙ୍କା ଆଦାୟ କରି ଅପରାହ୍ନରେ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ୨ ଯୁବକ ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇବା ସହ ବନ୍ଧୁକ ଦେଖାଇ ତାଙ୍କଠାରୁ ଟଙ୍କା ବ୍ୟାଗ ନେଇ ଫେରାର ହୋଇଯାଇଥିଲେ। ଏନେଇ ସୁବୁଦ୍ଧି ଥାନାରେ ଅଭିଯୋଗ କରିଥିଲେ। କଲୋନୀ ସାହିର ଜଣେ ଯୁବକଙ୍କ ଘରେ ଅଭିଯୁକ୍ତମାନେ ଆଶ୍ରୟ ନେଇଥିବା ସନ୍ଦେହ କରି ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚାରଉଚୁରା ଚଳାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଜ୍ଞାନ ରଞ୍ଜନ ମିଶ୍ର କହିଛନ୍ତି।

## ୨୮ ଗ୍ରାମ୍ ବ୍ରାଉନସୁଗାର ଜବତ: ୩ ଗିରଫ

କଟକ ଅଫିସ, ୧୬।୧



ଗିରଫ ୩ ଅଭିଯୁକ୍ତ।

ଗୁରୁବାର କଟକ କମିଶନରେଟ୍ ପୋଲିସ ପକ୍ଷରୁ ୩ ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେଥିମଧ୍ୟରୁ ମର୍କତନଗର ପୋଲିସ ଜଣଙ୍କୁ ଓ ଜଗତ୍‌ପୁର ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପ୍ରାୟ ୨୮ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି।

ମଧୁପାଟଣା ଥାନା ଅନ୍ତର୍ଗତ କଲ୍ୟାଣୀନଗରର ଦିବ୍ୟଜ୍ୟୋତି ସାହୁ(୨୯) ସିଡିଏ ସେକ୍ଟର-୫ ଡିଆରଟି ଛକ ନିକଟରେ କେତେଜଣ ଯୁବକଙ୍କୁ ବ୍ରାଉନସୁଗାର ବିକ୍ରି କରୁଥିବା ମର୍କତନଗର ପୋଲିସ ସୂଚନା ପାଇଥିଲା। ପୋଲିସ ସେଠାରେ ଚଢାଉ କରି ଦିବ୍ୟଜ୍ୟୋତିଙ୍କୁ ଯାଞ୍ଚ କରିବାରୁ ତାଙ୍କ ନିକଟରୁ ବ୍ରାଉନସୁଗାର ମିଳିଥିଲା। ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତାଙ୍କ ନିକଟରୁ ୨୦ଗ୍ରାମ ବ୍ରାଉନ୍‌ସୁଗାର, ୫୨୮୦ ଟଙ୍କା, ଗୋଟିଏ ବାଇକ ଓ ୨ଟି ମୋବାଇଲ ଫୋନ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୨୨/୨୦) ରୁଜୁ ହୋଇଛି। ସେହିପରି ଜଗତ୍‌ପୁର ଥାନା ଅଧୀନ ଏକ ରାସ୍ତାରେ ସ୍ଥାନୀୟ ଅଞ୍ଚଳର ମନୋରଞ୍ଜନ ବେହେରା, ପର୍ଶୁରାମ ଲେଙ୍କା ଓ ପୁରୀ ଜିଲା ପିପିଲି ଅଞ୍ଚଳର ପ୍ରିୟବ୍ରତ ମହାନ୍ତି ବ୍ରାଉନ୍‌ସୁଗାର ଧରି ଚାଲି ଚାଲି ଆସୁଥିବା ପୋଲିସ ଖବର ପାଇଥିଲା। ପରେ ସେଠାରେ ଚଢାଉ କରି ମନୋରଞ୍ଜନ ଓ ପ୍ରିୟବ୍ରତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଥିଲା। ତେବେ ଚଢାଉବେଳେ ଖସି ପଳାଇଥିବା ପର୍ଶୁରାମଙ୍କୁ ପୋଲିସ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଏ ନେଇ ଥାନାରେ ମାମଲା(ନଂ.୧୯/୨୦) ରୁଜୁ ହୋଇଛି।



ଜବତ ବ୍ରାଉନସୁଗାର।



ଯେତେବେଳେ ନିଜ ଶକ୍ତିର ବହିର୍ଭିତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।

-ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ବିଷ ପିଇ ଯୁବକଙ୍କ ମୃତ୍ୟୁ

**ଜଟଣୀ,୧୬।୧(ଡି.ଏନ.ଏ.):** ଜଟଣୀ ଥାନା ଅନ୍ତର୍ଗତ ରାଜା ବଜାର ଅଞ୍ଚଳର ହରିପ୍ରସାଦ ରାଓ(୨୮) ବିଷପିଇ ଗୁରୁବାର ମୃତ୍ୟୁବରଣ କରିଛନ୍ତି। ବୁଧବାର ରାତିରେ ସେ ବିଷପିଇ ଦେଇଥିଲେ। ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଷ ପିଇବାର କାରଣ ସ୍ପଷ୍ଟ ହୋଇନାହିଁ। ଜଟଣୀ ପୋଲିସ (୩/୨୦) ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

### ଅପହୃତା ନାବାଳିକା ଉଦ୍ଧାର, ଅପହରଣକାରୀ ଜେଲ ଗଲେ

**ଖୋର୍ଦ୍ଧା ଅଫିସ/ଚିଲିକା, ୧୬।୧ (ଡି.ଏନ.ଏ.):** ବାଣପୁର ଥାନା ନାଚୁଣୀ ଫାଣ୍ଡି ପୋଲିସ କଉଡିଖଣି ଗାଁ ଶିବ ମନ୍ଦିର ନିକଟରୁ ଅପହରଣକାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବାଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ସେ ହେଲେ କଳାହାଣ୍ଡି ଜିଲା ଜୁନାଗଡ ଥାନା ମଇଜର ଗାଁର ବିଶି ମେହେର। ଅଭିଯୋଗ ଅନୁସାରେ, ବାଣପୁର ଥାନା ଗୋରଡାଝରି ଗ୍ରାମର ଦେବରାଜ ଦାସ ନିଜର ୬ ବର୍ଷର ଶିଶୁ କନ୍ୟାକୁ ନେଇ କଉଡିଖଣି ଗ୍ରାମ ଶିବ ମନ୍ଦିରକୁ ବୁଧବାର ଯାଇଥିଲେ। ଝିଅକୁ ଗାଡି ପାର୍କିଂ ପାଖରେ ଠିଆ କରି ମନ୍ଦିର ଭିତରେ ପୂଜା ସାମଗ୍ରୀ କିଣୁଥିଲେ। ଏହି ସମୟରେ ଜଣେ ଅଜଣା ଯୁବକ ପହଞ୍ଚି ଶିଶୁକନ୍ୟାଙ୍କୁ ଅପହରଣ କରି ନେଉଥିଲେ। ମନ୍ଦିର ନିକଟରେ ଥିବା କେତେଜଣ ଲୋକ ଏହା ଦେଖି ଅପହରଣକାରୀଙ୍କୁ କାବୁ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ପରେ ପୋଲିସକୁ ଖବର ଦେଇଥିଲେ। ନାଚୁଣୀ ଫାଣ୍ଡି ଅଧିକାରୀ ଉମାକାନ୍ତ ସାହୁ ପହଞ୍ଚି ଯୁବକଙ୍କୁ ଫାଣ୍ଡିକୁ ନେଇ ପଚରାଉଚରା କରିଥିଲେ। ଯୁବକ ଜଣକ ନିଜ ପରିଚୟରେ ତାଙ୍କ ଘର ଜୁନାଗଡ ଥାନା ମଇଜର ଗ୍ରାମର ବିଶି ମେହେର ବୋଲି କହିଥିଲେ। ଏ ନେଇ ପୋଲିସ ଦଫା ୩୬୩ରେ ନଂ. ୨୧/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

### ଚଳନ୍ତା ଟ୍ରେନରୁ ଖସି ଦମ୍ପତି ଆହତ

**ଭୁବନେଶ୍ୱର,୧୬।୧(ବ୍ୟୁରୋ):** ଗୁରୁବାର ସନ୍ଧ୍ୟାରେ ପଟିଆ ଷ୍ଟେଶନରେ ଏକ ଚଳନ୍ତା ଟ୍ରେନରୁ ଖସି ଏକ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ମହିଳାଙ୍କ ଗୋଡ଼ ଓ ହାତ ଭାଙ୍ଗିଯାଇ ଗଭୀର ଆଘାତ ଲାଗିଛି। ସେହିଭଳି ତାଙ୍କ ସ୍ୱାମୀ ମଧ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ପଟିଆସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ରଘୁନାଥପୁର ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ରହୁଥିବା ଏହି ଦମ୍ପତି କଟକ ଯିବାପାଇଁ ଘରୁ ଅଟୋରେ ବାହାରିଥିଲେ। ସେମାନେ ପଟିଆ ଷ୍ଟେଶନରେ ପହଞ୍ଚିବା ପରେ ଟ୍ରେନଟି ଛାଡି ଦେଇଥିଲା। ଫଳରେ ସେମାନେ ଦୌଡି ଚଳନ୍ତା ଟ୍ରେନରେ ଚଢିବାକୁ ଉଦ୍ୟମ କଲାବେଳେ ଗୋଡ଼ ଖସିଯାଇଥିଲା। ଉଭୟ ଟ୍ରେନ ସହ କିଛି ବାଟ ଘୁଷୁଡି ଯାଇଥିଲେ ସୌଭାଗ୍ୟ ବଶତଃ ବର୍ତ୍ତି ଯାଇଛନ୍ତି।

# ଛାତ୍ରଙ୍କ ଆଙ୍ଗୁଠି କାମୁଡ଼ି ଅଧ୍ୟାପକ ଗିରଫ

## ବନ୍ଦ କୋଠରିରୁ ତାଲା ଭାଙ୍ଗି ଉଦ୍ଧାରକଲା ପୋଲିସ

**ବେଗୁନିଆ, ୧୬।୧(ଡି.ଏନ.ଏ.)**

**କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟ**



ଅଧ୍ୟାପକଙ୍କୁ ପୋଲିସ ଗିରଫ କରିନେଉଛି ।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କଣ୍ଟାବାଡସ୍ଥିତ ରମାମଣି ମହାବିଦ୍ୟାଳୟ ପରିସରରେ ଜଣେ ଅଧ୍ୟାପକ ବାରମ୍ବାର ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଏପରି କି ସେ କ୍ଲାସ ରୁମ୍‌ରେ ଛାତ୍ରୀଛାତ୍ରଙ୍କୁ ଅଶାଳୀନ ଇଙ୍ଗିତ ପ୍ରଦର୍ଶନ କରୁଥିଲେ। ଏ ନେଇ ଅଧକ୍ଷାଙ୍କୁ ଅଭିଯୋଗ ପରେ ତାଙ୍କୁ ମହାବିଦ୍ୟାଳୟକୁ ଆସିବାକୁ ବାରଣ କରାଯାଇଥିଲା। ସେ ଗୁରୁବାର ଆସିବାରୁ ତାଙ୍କୁ ଅଧକ୍ଷା, କର୍ମଚାରୀଙ୍କ ସହ ଛାତ୍ରୀଛାତ୍ରମାନେ ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଅଧ୍ୟାପକଙ୍କୁ ଏକ କୋଠରିରେ ତାଲା ପକାଇ ବନ୍ଦ କରି ରଖାଯାଇଥିଲା। ଖବରପାଇ ବେଗୁନିଆ ଥାନା ପୋଲିସ ପହଞ୍ଚି ତାଲାର ଚାବି ମାଗିଥିଲେ ହେଁ କେହି ଦେଇ ନ ଥିଲେ। ଫଳରେ ପୋଲିସ ତାଲା ଭାଙ୍ଗି ଅଧ୍ୟାପକ ଆଶୁତୋଷ ମହାପାତ୍ରଙ୍କୁ ଉଦ୍ଧାର କରିଥିଲା। କ'ଣ ପାଇଁ ତାଙ୍କୁ ତାଲା ପକା ଯାଇଥିବା ପୋଲିସ ପଚାରିବାରେ ଜଣେ ଛାତ୍ର ଅଭିଯୋଗ କରିଥିଲେ ଯେ ଅଧ୍ୟାପକ ଜଣକ ତାଙ୍କୁ ଠେଲାପେଲା କରିବା ସହ ତାଙ୍କ ଆଙ୍ଗୁଠିକୁ କାମୁଡି ଦେଇଥିଲେ। ଏ ନେଇ ଥାନାରେ ଦଫା ୩୫୪, ୩୮୩, ୩୨୩, ୫୦୬ ଆଇପିସିରେ ନଂ.୧୨/୨୦ରେ ମାମଲା ରୁଜୁ ହୋଇଛି। ପୋଲିସ ଅଧ୍ୟାପକ ମହାପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ, ମହାବିଦ୍ୟାଳୟରେ ଅଧ୍ୟାପକ ଆଶୁତୋଷ ଛାତ୍ରୀଛାତ୍ରମାନଙ୍କୁ ଅଶାଳୀନ ବ୍ୟବହାର କରୁଥିଲେ। କେହି ଛାତ୍ରୀଛାତ୍ର ତାଙ୍କ ବିରୋଧରେ ଗଲେ ତାଙ୍କର ପରୀକ୍ଷାରେ କମ୍ ମାର୍କ ଦେବେ ବୋଲି ସେ ଧମକଚମକ ଦେଉଥିଲେ। ଏଭଳି ଅଭିଯୋଗ ୧୫ ଦିନ ତଳେ ମହାବିଦ୍ୟାଳୟର କେତେଜଣ ଛାତ୍ରୀଛାତ୍ର ଅଧକ୍ଷାଙ୍କୁ କରିଥିଲେ। ଅଧକ୍ଷା ଉକ୍ତ ଅଧ୍ୟାପକଙ୍କ ନାମରେ ରାଜ୍ୟ ସରକାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏଥିସହ ମହାବିଦ୍ୟାଳୟଙ୍କୁ ତାଙ୍କୁ ଆସିବାକୁ ବାରଣ କରାଯାଇଥିଲା। ହେଲେ ସେ ପୁଣି ଗୁରୁବାର ମହାବିଦ୍ୟାଳୟକୁ ଜୋରଜବରଦସ୍ତ ଆସି କ୍ଲାସକୁ ଯାଇ ଶିକ୍ଷାଦାନ କରିବାକୁ ଆଗଭର ହେଉଥିଲେ। ଛାତ୍ରୀଛାତ୍ରମାନେ ତାଙ୍କୁ ତୀବ୍ର ବିରୋଧ କରିଥିଲେ। ସେଠାରେ ପରିସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ଅଧ୍ୟାପକ ଆସିଥିବା ବାଇକ୍‌କୁ ଭଙ୍ଗାରୁଜା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଓ କର୍ମଚାରୀ, ଛାତ୍ରୀଛାତ୍ରମାନେ ମିଶି ଅଧ୍ୟାପକଙ୍କୁ ଏକ କୋଠରିରେ ତାଲା ପକାଇ ରଖିଥିଲେ। ଖବରପାଇ ବେଗୁନିଆ ଥାନା ପୋଲିସ ଆସି ସମ୍ପୃକ୍ତ ଅଧ୍ୟାପକଙ୍କୁ ଉଦ୍ଧାର କରିବାକୁ ନାକେଦମ ହୋଇଥିଲେ। ଶେଷରେ ତାଲା ଭାଙ୍ଗି କୋଠରି ଭିତରୁ ଅଧ୍ୟାପକ ମହାପାତ୍ରଙ୍କୁ ଉଦ୍ଧାର କରିଥିଲେ। ଅଧ୍ୟାପକ ମହାପାତ୍ର ମହାବିଦ୍ୟାଳୟରେ ଶିକ୍ଷା ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଥିଲେ। ଏ ସମ୍ପର୍କରେ ଅଧକ୍ଷା ରଶ୍ମିଧାରା ମହାପାତ୍ରଙ୍କୁ ପଚାରିବାରେ ସମ୍ପୃକ୍ତ ଅଧ୍ୟାପକ କଲେଜରେ ବାରମ୍ବାର ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିଲେ। ଏ ନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଇଛି ବୋଲି ସେ କହିଥିଲେ।

## ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା: ୯ ଆହତ



ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍ ।

**ବୋଲଗଡ,୧୬।୧(ଡି.ଏନ.ଏ.)**

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ବୋଲଗଡ ଥାନା ଭୀମପଡା ବଜାର ନିକଟରେ ଗୁରୁବାର ଅପରାହ୍ନରେ ଏକ ବସ ଏବଂ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଏହି ଦୁର୍ଘଟଣାରେ ୮ଜଣ ବସଯାତ୍ରୀ ଆହତ ହୋଇଥିବାବେଳେ ଜଣେ ବାଇକ ଚାଳକ ମଧ୍ୟ ଆହତ ହୋଇଛନ୍ତି। ଆହତମାନଙ୍କୁ ୩ଟି ଆମ୍ବୁଲାନ୍ସ ଏବଂ ଗୋଟିଏ ଦମକଳ ଗାଡି ଯୋଗେ ଚିକିତ୍ସା ପାଇଁ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରେ ନୟାଗଡ ଜିଲା ନନ୍ଦିଘୋର ଗ୍ରାମର ପ୍ରହ୍ଲାଦ ସାହୁ(୬୩), ପ୍ରଦୀପ ବେଉରା(୩୩), ରମେଶ ଚନ୍ଦ୍ର ସାହୁ, ନବଘନପୁର ଗ୍ରାମର ମଙ୍ଗୁଳି ସାହୁ(୬୦), ବାଇକ ଚାଳକ ବୋଲଗଡ ଗ୍ରାମର ଆଶିଷ କୁମାର ଜେନା (୨୪)ଙ୍କ ସହ ଅନ୍ୟ ଚାରି ଜଣ ଯାତ୍ରୀ ଅଛନ୍ତି ।

ଖବରପାଇ ସ୍ଥାନୀୟ ଥାନା ଆଇଆଇସି ସେଖ୍ ଆକବର ଅଲ୍ଲୀ ଏବଂ ଏସଆଇ ପବିତ୍ର ମୋହନ ପ୍ରଧାନ ସଦଳବଳ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଯାନବାହନ ଚଳାଚଳ ସ୍ୱାଭାବିକ କରାଇଥିଲେ। ଦୁର୍ଘଟଣାଗ୍ରସ୍ତ ବସ ଏବଂ ଟ୍ରକକୁ ପାଲିସ ଜବତ କରିଥିବାବେଳେ ଟ୍ରକ ଚାଳକ ଫେରାର ହୋଇ ଯାଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଓଡି୨୫ଜି-୪୬୯୫ ନଂ. ବିଶିଷ୍ଟ ଫ୍ରେଣ୍ଡସ ନାମକ ବସଟି ନୟାଗଡରୁ ଏକ ବରଯାତ୍ରୀ ଦଳଙ୍କୁ ଧରି ଭୁବନେଶ୍ୱର ଅଭିମୁଖେ ଯାଉଥିଲା । ସେହି ସମୟରେ ଅପରପକ୍ଷରୁ ଓଆର୦୨ଏଚ-୫୨୩୨ ନଂ. ବିଶିଷ୍ଟ ଗହମ ବୋଝେଇ ଟ୍ରକଟି ନୟାଗଡ ଅଭିମୁଖେ ୫୭ନଂ. ଜାତୀୟ ରାଜପଥରେ ଯାଉଥିଲାବେଳେ ଭୀମପଡା ବଜାର ନିକଟରେ ଉଭୟ ଗାଡି ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣାଗସ୍ତ ହୋଇଥିଲା। ଏହି ସମୟରେ ବସ ପଛ ପାର୍ଶ୍ୱରୁ ଆସୁଥିବା ଏକ ବାଇକ ମଧ୍ୟ ବସ ସହିତ ବାଡେଇ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ବାଇକରେ ଆସୁଥିବା ବୋଲଗଡ ଗ୍ରାମର ଆଶିଷ ଆହତ ହୋଇ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।



ଫୁଟବଲ ଟୁର୍ନାମେଣ୍ଟର ପ୍ରଦର୍ଶନୀ ମ୍ୟାଚରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

## ଶ୍ରୀବସ୍ତ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

**ଜଟଣୀ,୧୬।୧(ଡି.ଏନ.ଏ.)**

ଜଟଣୀ କୁସୁମାଟି-ଛଣଘର ଖେଳପଡିଆରେ ଚାଲିଥିବା ଶ୍ରୀବସ୍ତ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜକ ଫ୍ରେଣ୍ଡସ୍ ପାରାଡାଇଜ୍(ଜୁନିୟର)କୁ ୧-୦ ଗୋଲରେ ପରାସ୍ତ କରି ପୁରୀ ନିତା ଫୁଟବଲ ଏକାଡେମୀ (ଜୁନିୟର) ବିଜୟୀ ହୋଇଥିଲା। ବିଦେଶୀ ନାୟକ ରେଫରି ରହିଥିବା ବେଳେ ଆସିଷ୍ଟାଣ୍ଟ ରେଫରି ଭାବେ ଆର୍.ସି. ପାଇକରାୟ ଓ ସେକ୍ ଅବଦୁଲ ମ୍ୟାଚ୍ ପରିଚାଳନା କରିଥିଲେ। ସରପଞ୍ଚ ପ୍ରଦୋଷ ଜେନା, ସମିତି ସଭ୍ୟ ହରମୋହନ ରାଉତରାୟ, ପୂର୍ବତନ ଫୁଟବଲ ଖେଳାଳି ବ୍ରହ୍ମାନନ୍ଦ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ।



ହଟ୍ଟକେଶ୍ୱର ମକର ମହୋତ୍ସବରେ ଗୁରୁବାର କଣ୍ଟାମଳିମ ମା' କାଳିକା ପାଇକ ଆଖଡା ପକ୍ଷରୁ ପାଇକ ଖେଳ ପ୍ରଦର୍ଶନ ।

## ଦୀପୁନ୍ ମେମୋରିଆଲ ବ୍ରାହ୍ମଣୀ କପ୍ କ୍ରିକେଟ ଟୁର୍ନାମେଣ୍ଟ

**ଜଟଣୀ, ୧୬।୧(ଡି.ଏନ.ଏ.)**

ଜଟଣୀ କୁଦିଆରୀରେ ଦୀପୁନ୍ ମେମୋରିଆଲ ବ୍ରାହ୍ମଣୀ କପ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ ଭୁବନେଶ୍ୱର ଆଇଆର୍‌ସି ଭିଲେଜକୁ ଗୋଟିଏ ଉଇକେଟ୍‌ରେ ପରାସ୍ତ କରି ସ୍ଥାନୀୟ ରେଙ୍ଗଳର ମହାବୀର ସ୍ପୋର୍ଟିଂ ବିଜୟୀ ହୋଇଥିଲା। ଶୁଭମ୍ ପଟ୍ଟନାୟକ ଓ ପ୍ରୀତମ୍ ପଟ୍ଟନାୟକ ଅମ୍ପାୟର ରହିଥିଲେ।

## ନିର୍ମାଣାଧୀନ ରାସ୍ତା ମରଣଯନ୍ତା, ଦୁର୍ଘଟଣାରେ ୩ ଗୁରୁତର

**ବାଲୁଗାଁ,୧୬।୧(ଡି.ଏନ୍.ଏ.)**

ବାଲୁଗାଁ-ବାଣପୁର ରାସ୍ତାର ପଦନପୁର ଛକଠାରେ ନିର୍ମାଣାଧୀନ ରାସ୍ତାରେ ଗୁରୁବାର ଦୁର୍ଘଟଣା ଘଟି ୩ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି । ସେମାନେ ହେଲେ ଅଙ୍ଗାରୁ ଗାଁର ରଞ୍ଜନ ମହାପାତ୍ର (୨୫), ପ୍ରଭାତ ଡାକୁଆ (୨୮) ଓ ବାଣପୁର ଅଞ୍ଚଳର କାହ୍ନୁଚରଣ ନାୟକ (୩୦)। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ବାଲୁଗାଁ ବାଣପୁର ମୁଖ୍ୟ ରାସ୍ତାର ପଦନପୁର ଛକଠାରେ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଚାଲୁରହିଛି। ଉକ୍ତ ରାସ୍ତା ପାର୍ଶ୍ୱରେ ଲୁହା ରଡ୍‌ଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବେଳେ କୌଣସି ସୂଚନାମୂଳକ ରିବନ୍ ଦିଆଯାଇନାହିଁ। ବିଶେଷ କରି ରାତ୍ର ସମୟରେ ବାଇକ୍ ଆରୋହୀମାନେ ଜାଣି ନ ପାରି ଉକ୍ତ ସ୍ଥାନରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଗୁରୁବାର ରାତ୍ର ପ୍ରାୟ ୯ ଘଟିକା ସମୟରେ ବାଣପୁର ନିକଟ ଅଙ୍ଗାରୁ ଗାଁର ଦୁଇ ଯୁବକ କୋଲକାତା ଯିବା ପାଇଁ ବାଲୁଗାଁକୁ ଆସୁଥିଲେ । ବାଣପୁର ଅଞ୍ଚଳର କାହ୍ନୁ ସେମାନଙ୍କୁ ବାଇକ୍‌ରେ ଛାଡ଼ିବା ପାଇଁ ଆସୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ଗୁରୁତର ଅବସ୍ଥାରେ ତିନିଜଣଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

## ଚୋରି ମୋବାଇଲ ଜବତ, ୪ ନାବାଳକ ଗିରଫ



ଚୋରି ମୋବାଇଲ ଜବତ ।

**ବେଗୁନିଆ/ ବୋଲଗଡ଼, ୧୬।୧(ଡି.ଏନ.ଏ.)**

ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଧଳାପଥର ବଜାରରେ ଥିବା ଏକ ମୋବାଇଲ ଦୋକାନରୁ ୨୦୧୯ ଡିସେମ୍ବର ୧୬ରେ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ୪ ଜଣ ନାବାଳକ ଛାତ୍ରଙ୍କୁ ବୁଧବାର ରାତିରେ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୮ ଗୋଟି ଦାମୀ ମୋବାଇଲ ଏବଂ ମୋବାଇଲ ସରଞ୍ଜାମ ଜବତ କରିଛି। ସେମାନେ ହେଲେ କଟକ ଜିଲା ବୈଦେଶ୍ୱର ଥାନା ଅଞ୍ଚଳ ଏକ ଉଚ୍ଚ ବିଦ୍ୟାଳୟରେ ୯ମ ଶ୍ରେଣୀରେ ପଢୁଥିବା ଛାତ୍ର ବୋଲି ଜଣାପଡିଛି। ଗିରଫ ପିଲାମାନେ ନାବାଳକ ହୋଇଥିବାରୁ ସେମାନଙ୍କୁ ଭୁବନେଶ୍ୱରସ୍ଥିତ ଜୁଭେନାଇଲ କୋର୍ଟକୁ ଗୁରୁବାର ପଠାଇ ଦିଆଯାଇଛି। ଥାନାରେ ନଂ. ୨୩୪/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

ଧଳାପଥର ଫାଣ୍ଡି ଅଧିକାରୀ ଅଶୋକ ପଣ୍ଡାଙ୍କ ସୂଚନା ମୁତାବକ, ମୋବାଇଲ ଦୋକାନର ମାଲିକ ସୁରରାଜ ମହାପାତ୍ରଙ୍କ ଅଭିଯୋଗକୁ ଆଧାର କରି ଘଟଣାର ତଦନ୍ତ କରାଯାଇଥିଲା। ଦୋକାନ ଗୃହର ଆଜବେଷ୍ଟସ କାଟି ସେମାନେ ଭିତରେ ପଶି ବିଭିନ୍ନ ଦାମୀ ମୋବାଇଲ ଲୁଟି ନେଇଥିଲେ। ଖୋର୍ଦ୍ଧା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗଠନ କରାଯାଇଥିଲା। ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ବିଜୟ ମଲିକଙ୍କ ସହାୟତାରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ସେମାନଙ୍କୁ ଗିରଫ କରାଯାଇଥିଲା।

## ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ବାଲିଅନ୍ତା,୧୬।୧(ଡି.ଏନ.ଏ):** ବାଲିଅନ୍ତା ଥାନା ଅର୍ନ୍ତଗତ ହଂସପାଳ-ବନମାଳିପୁର ଅଭୟମୁଖୀ ରାସ୍ତାର ଭିଙ୍ଗାରପୁର ସିଙ୍ଗଡ଼ା ଭୋଇସାହି ଗ୍ରାମ ସମ୍ମୁଖରେ ଗୁରୁବାର ରାତି ୯ଟା ସମୟରେ ଦୁଇ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ଏହି ଥାନା ପ୍ରତାପରୁଦ୍ରପୁର ନୂଆସାହିର ରାଜ କିଶୋର ପରିଡ଼ା(୨୬)।

ସୂଚନାଯୋଗ୍ୟ, ରାଜକିଶୋର ଓ ତାଙ୍କ ସାଙ୍ଗ ଏକ ବାଇକ୍‌ରେ ଭୁବନେଶ୍ୱରରୁ କାମ ସାରି ଫେରୁଥିଲେ । ଏହି ସମୟରେ ବିପରୀତ ଦିଗରୁ ଭୁବନେଶ୍ୱର ଅଭିମୁଖେ ଅନ୍ୟ ଦୁଇଜଣ ଏକ ବାଇକ୍‌ରେ ଆସୁଥିଲେ । ୨ଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୪ଜଣ ରାସ୍ତାରେ ଛିଟିକି ପଡ଼ିଥିଲେ । ଘଟଣାସ୍ଥଳରେ ହିଁ ରାଜ୍‌କିଶୋରଙ୍କ ମୃତ୍ୟୁ ହୋଇଛି । ଅନ୍ୟମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି ।

## ଜାତୀୟ ସଡ଼କ ସୁରକ୍ଷା ଶୋଭାଯାତ୍ରା

**କୃଷ୍ଣପ୍ରସାଦ,୧୬।୧(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଆଞ୍ଚଳିକ ପରିବହନ ବିଭାଗ ପୁରୀ ତରଫରୁ ଏକ ସଚେତନତା ଶୋଭାଯାତ୍ରା କରାଯାଇଛି। ଏହି ଶୋଭାଯାତ୍ରା ମାଲୁଦଠାରୁ ବାହାରି ଟିଟିପ ଚାରିଛକ ଯାଏ ଯାଇଥିଲା। ପୁରୀ ଆଞ୍ଚଳିକ ପରିବହନ ନିରୀକ୍ଷକ ଶଙ୍କର ନାରାୟଣ ଚୌଧୁରୀଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରା କୃଷ୍ଣପ୍ରସାଦ ବ୍ଲକ ମିନିଟ୍ରକ ସଂଘ, ଅଟୋସଂଘ, ମେ ଆଇ ହେଲ୍ପ ୟୁ ଯୁବ ସଂଗଠନ ପ୍ରଭୃତିର ୫୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ଚାରିଛକଠାରେ ଟିଟିପ ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝି, ସମିତି ସଭ୍ୟ ବିଜୟ କୁମାର ତରେଇ, ଆଞ୍ଚଳିକ ପରିବହନ ନିରୀକ୍ଷକ ମହାପାତ୍ର ଯୋଗଦେଇଥିଲେ। ଗାଡି ଚଳାଇବା ବେଳେ ହେଲମେଟ ବ୍ୟବହାର, ଧୀରଗତିରେ ଚାଳନା, ମଦ ବ୍ୟବହାର କରି ଗାଡିଚାଳନା ନ କରିବା, ଟ୍ରାଫିକ ନିୟମକୁ ମାନି ଚଳାଇବା, ସାଥିରେ ଗାଡିର ସମସ୍ତ କାଗଜପତ୍ର ଧରି ଯାତାୟାତ କରିବା ପାଇଁ ଅତିଥିମାନେ ସଚେତନ କରାଇଥିଲେ । ଏସବୁ ପ୍ରତି କାହିଁକି ଧ୍ୟାନ ଦେବା ଉଚିତ ନ ହେଲେ କିଭଳି ଅସୁବିଧାର ସମ୍ମୁଖୀନ ହେବେ ତାହା ଉଦାହରଣ ସହ ବୁଝାଇଥିଲେ।

# ଖୋର୍ଦ୍ଧା, ବାଲୁଗାଁ, ଜଟଣୀରେ ୨୧୮ ହିତାଧିକାରୀଙ୍କ ବିଦ୍ୟୁତ୍ କାଟ୍

**ଖୋର୍ଦ୍ଧା ଅଫିସ,୧୬।୧:**

ଖୋର୍ଦ୍ଧା ଡିଭିଜନରେ ଗୁରୁବାର ବିଦ୍ୟୁତ୍ କାଟ ଆରମ୍ଭ ହୋଇଛି। ୭୩ ହିତାଧିକାରୀଙ୍କର ବିଦ୍ୟୁତ୍ କାଟ କରାଯାଇଛି। ହିତାଧିକାରୀଙ୍କଠାରୁ ୩୫ ଲକ୍ଷ ଟଙ୍କା ଦେୟ ଆଦାୟ ହୋଇଛି। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ୩୯ଟି ଟିମ୍ ଗଠନ ହୋଇଛି। ୯ଟି ସ୍କ୍ୱାଡ ପଇନ୍ତରା ମାରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ନଜର ରହିଥିଲେ ମଧ ଘରୋଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଜିଲାରେ ୫୧ ହଜାର ଗ୍ରାହକଙ୍କ ଉପରେ ୮୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିଦ୍ୟୁତ୍ ଦେୟ ବାକିପଡିଛି। ବିଦ୍ୟୁତ୍ କାଟ ଅଭିଯାନ ପରେ ଅର୍ଥ ଆଦାୟ ହେବା ଆରମ୍ଭ ହୋଇଛି।

ବିଦ୍ୟୁତ୍‌କାଟକୁ ନେଇ ଖୋର୍ଦ୍ଧା ସହର ଗୁରୁଜଙ୍ଗ ଭୋଇସାହିରେ ଉତ୍ତେଜନା ପ୍ରକାଶ ପାଇଛି। ୫ ଜଣିଆ ଟିମ୍ ଭୋଇସାହିରେ ପହଞ୍ଚି ବିଦ୍ୟୁତ୍ କାଟିବା ଆରମ୍ଭ କରିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ କେତେଜଣ ଗ୍ରାହକ ବିଦ୍ୟୁତ୍ ବିଭାଗ ଉପରେ ଅସନ୍ତୋଷ ବ୍ୟକ୍ତ କରି ୫ ଜଣିଆ ଟିମ୍‌କୁ ଅଟକ ରଖିଥିଲେ। ପ୍ରାୟ ୨ ଘଣ୍ଟା ଅଟକ ରହିବା ପରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଓ ଗୁରୁଜଙ୍ଗ ଗ୍ରାମ୍ୟ କମିଟି ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ହସ୍ତକ୍ଷେପ ପରେ ଅଟକ କର୍ମଚାରୀ ଉଦ୍ଧାର ହୋଇଥିଲେ। ଏହାପରେ ବିଦ୍ୟୁତ୍ କର୍ମଚାରୀ ଆଉ ବିଦ୍ୟୁତ୍ ନ କାଟି ଚାଲି ଯାଇଥିଲେ। ଏ ନେଇ ସେସୁ ଖୋର୍ଦ୍ଧା ଡିଭିଜନର ନିର୍ବାହୀଯନ୍ତ୍ରୀ ମନୋଜ ଦାସ କୁହନ୍ତି ବିଦ୍ୟୁତ୍ କାଟ ଅଭିଯାନ ଯୋଗୁ ବକେୟା ଆଦାୟ ହୋଇପାରିଛି।

**ବାଲୁଗାଁ, (ଡ଼ି.ଏନ୍.ଏ.):** ବାଲୁଗାଁ ସେସୁ ଡିଭିଜନ ଓ ଫିଡ୍‌କୋ କର୍ମଚାରୀ ମିଳିତ ଭାବେ ସ୍ଥାନୀୟ ଅଞ୍ଚଳରେ ଚଢ଼ାଉ କରି ବକେୟା ଅର୍ଥ ଖିଲାପକାରୀ ୧୨୦ଜଣ ଉପଭୋକ୍ତାଙ୍କ ବିଦ୍ୟୁତ କାଟ୍ କରିଛନ୍ତି। ଏଥିସହ ବକେୟା ଅର୍ଥ ବାବଦରେ ମୋଟ ୧୭ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବାଲୁଗାଁ ସେସୁ ବିଭାଗୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର ସୂଚନା ଦେଇଛନ୍ତି।

ଚଳିତମାସ ୧୫ ତାରିଖ ସୁଦ୍ଧା ବିଦ୍ୟୁତ୍ ବାବଦରେ ବକେୟା ଅର୍ଥ ପୈଠ ନିମନ୍ତେ ବିଭାଗୀୟ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ସେହି ଅନୁଯାୟୀ କିଛି ଉପଭୋକ୍ତା ତତ୍ପରତା ପ୍ରକାଶ କରି ପୁରୁଣା ବିଲ୍ ପୈଠ କରିଥିଲେ । ତେବେ ଅଧିକାଂଶ ବିଲ୍‌ରେ ତ୍ରୁଟି ଥିବା ନେଇ ଏହାର ସଂଶୋଧନ ନିମନ୍ତେ କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲା । ଏପରିସ୍ଥଳେ ନିର୍ଦ୍ଧାରିତ ୧୫ ତାରିଖ ଅତିବାହିତ ହୋଇଯାଇଥିବା ବେଳେ ଗୁରୁବାରଠାରୁ ବିଭାଗ ପକ୍ଷରୁ ଚଢ଼ାଉ ଅଭିଯାନ ଆରମ୍ଭ ହୋଇଛି। ବାଲୁଗାଁ ବିଦ୍ୟୁତ୍ ଡ଼ିଭିଜନ ଅଧୀନ ଚିଲିକା, ବାଣପୁର, ଟାଙ୍ଗୀ ଓ ରଣପୁର ବ୍ଲକ ଅଞ୍ଚଳରେ ସେସୁ ଓ ଫିଡ୍‌କୋ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରିଥିଲେ। ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ସାଙ୍ଗକୁ ଦେୟ ଆଦାୟକୁ ନେଇ ଉପଭୋକ୍ତା ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

**ଜଟଣୀ, (ଡି.ଏନ.ଏ.):** ଜଟଣୀରେ ସେସୁ ପକ୍ଷରୁ ବକେୟା ଦେୟ ପୈଠ ନ କଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବ ଏହି ଘୋଷଣାକୁ ନେଇ ଉପଭୋକ୍ତମାନଙ୍କ ମଧ୍ୟରେ ଛନକା ପ୍ରକାଶ ପାଇଛି। ଜଟଣୀ ସବ୍‌ଡିଭିଜନରେ ବାଣିଜ୍ୟିକ ପ୍ରତିଷ୍ଠାନ, ଶିଳ୍ପ, ସରକାରୀ ଓ ଘରୋଇ ଉପଭୋକ୍ତାଙ୍କ ଉପରେ ୨୧ କୋଟି ୨୮ ଲକ୍ଷ ଟଙ୍କା ବିଦ୍ୟୁତ୍ ଦେୟ ବକେୟା ଥିବା ସେସୁ ନିର୍ବାହୀଯନ୍ତ୍ରୀ ମନୋଜ ଦାସ କହିଛନ୍ତି। ଜଟଣୀ ମ୍ୟୁନିସିପାଲିଟି ଉପରେ ୨୩ ଲକ୍ଷ ଟଙ୍କା ଥିବା ବେଳେ ବ୍ଲକ ଉପରେ ୭ ଲକ୍ଷ ଓ ତହସିଲ କାର୍ଯ୍ୟାଳୟ ଉପରେ ୩ ଲକ୍ଷ ୫୦ ହଜାର ଟଙ୍କା ବିଦ୍ୟୁତ୍ ଦେୟ ବକେୟା ରହିଛି। ପ୍ରତି ସେକ୍‌ସନରେ ୨ଟି କରି ୮ ଟି ଟିମ୍ ଗଠନ କରାଯାଇ ଏହି ସବ୍‌ଡିଭିଜନ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବକେୟା ଦେୟ ଆଦାୟ ଓ ବିଦ୍ୟୁତ୍ ସଂଯୋଗ ଛିନ୍ନ କାର୍ଯ୍ୟଠାରୁ ଆରମ୍ଭ କରାଯାଇଥିବା ଫେଡ୍‌କୋର ଏସ୍‌ଡିଓ ସୁଧାଂଶୁ ଶେଖର ମିଶ୍ର କହିଛନ୍ତି। ପ୍ରଥମାବସ୍ଥାରେ ବାଣିଜ୍ୟ ପ୍ରତିଷ୍ଠାନ ଓ ଶିଳ୍ପ ସଂସ୍ଥା ଉପରେ ମୁଖ୍ୟତଃ ଫୋକ୍‌ସ କରାଯାଉଛି। ପ୍ରଥମଦିନରେ ଏହି ଶ୍ରେଣୀର ୨୫ରୁ ଅଧିକ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଏହାଛଡ଼ା ତ୍ରୁଟି ଯୋଗୁ ଅଧିକ ବା କମ୍ ହେଉଥିବା ବିଦ୍ୟୁତ୍ ବିଲ୍ ସଂଶୋଧନ ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଥିଲେ। ଅପରପକ୍ଷରେ ଦୀର୍ଘଦିନ ହେବ ଜଟଣୀ ସବ୍‌ଡିଭିଜନ ଅନ୍ତର୍ଭୁକ୍ତ ଉପଭୋକ୍ତାମାନେ ଠିକ୍ ବିଦ୍ୟୁତ୍ ସେବା ପାଉ ନ ଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ସମସ୍ୟାର ସମାଧାନ ଲାଗି ପୂର୍ବତନ ସରପଞ୍ଚ ରବି ନାରାୟଣ ସ୍ୱାଇଁ, ଜଟଣୀ ୟୁଥ୍ ଫେଡେରେଶନ୍‌ର ସମ୍ପାଦକ ଅନନ୍ତ ଶତପଥୀ, ପୂର୍ବତନ କାଉନ୍‌ସିଲର ଅନନ୍ତ ବେହେରା ପ୍ରମୁଖ କହିଛନ୍ତି।



ଗୁରୁଜଙ୍ଗରେ ଉତ୍ତେଜନା ଯୋଗୁ ପୋଲିସ ବୁଝାଶୁଝା କରୁଛି ।



କୃତଜ୍ଞତା ରୂପକ ଋଣକୁ ଶୁଝିବା, ଶକ୍ତିର ବାହାରେ ବୋଲି ଉଦାରମନା ଲୋକ ହିଁ ଧରି ନେଇଥାଏ।

-ଫ୍ରାଙ୍କଲିନ୍

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- 'ବ୍ରାଣ୍ଡ ଅଫ୍ ଓଡ଼ିଶା, ପ୍ରାଇଡ୍ ଅଫ୍ ଇଣ୍ଡିଆ' ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ, ମେ ଫେୟାର କନଭେନସନ, ପୂର୍ବାହ୍ନ ୧୦ଟା।
- ଦି ଇନଷ୍ଟିଚ୍ୟୁଟ ଅଫ୍ କମ୍ପାନୀ ସେକ୍ରେଟାରିସ ଅଫ୍ ଇଣ୍ଡିଆ(ଆଇସିଏସ୍ଆଇ) ପକ୍ଷରୁ ଦୁଇଦିନିଆ କର୍ମଶାଳା, କନଫରେନ୍ସ ହଲ, ପ୍ଲଟ ନଂ ୭୦, ଭିଆଇପି କଲୋନୀ, ଆଇଆରସି ଭିଲେଜ, ପୂର୍ବାହ୍ନ ୧୦ଟା।
- ଓୟୁଏଟି ପକ୍ଷରୁ ଦୁଇଦିନିଆ କର୍ମଶାଳା, ଡ.ଏମ.ଏସ୍. ସ୍ୱାମୀନାଥନ ହଲ, ଓୟୁଏଟି, ପୂର୍ବାହ୍ନ ୧୦ଟା।
- ଜୟ ଓଡ଼ିଶା ପକ୍ଷରୁ ଟ୍ରାଫିକ ସଚେତନତା, ମହର୍ଷି କଲେଜ, ପୂର୍ବାହ୍ନ ୧୧ଟା।
- ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ଷଷ୍ଠ ନେତାଜୀ ସୁବାସ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ-୩, ପୂର୍ବାହ୍ନ ୧୧ଟା ୩୦।
- ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବ, ବରମୁଣ୍ଡା ବସଷ୍ଟାଣ୍ଡ, ମଧ୍ୟାହ୍ନ ୧୨ଟା।
- ଇଙ୍କା ଲେଡିଜ୍ ୱାର୍କର୍ସ କ୍ଲବ ପକ୍ଷରୁ ସାମାଜିକଭିତ୍ତିକ କାର୍ଯ୍ୟକ୍ରମ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ(ବି), ଶହୀଦ ନଗର, ମଧ୍ୟାହ୍ନ ୧୨ଟା।
- ଶ୍ରୀମଦ୍ ଭଗବଦ୍ ଗୀତା ବିଦ୍ୟାମନ୍ଦିରର ଚତୁର୍ତ୍ତ୍ରିଂଶତମ ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, ନୂଆପଲ୍ଲୀ, ଅପରାହ୍ନ ୫ଟା ୩୦।
- କଳା ସୌରଭର ସୁବର୍ଣ୍ଣଜୟନ୍ତୀ ଉଦ୍‌ଯାପନ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଶିଶୁପାଳଗଡ଼ ମହୋତ୍ସବ, ଦଶହରା ପଡ଼ିଆ, ସନ୍ଧ୍ୟା ୬ଟା।
- ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ 'ଓଡ଼ିଶା ଆସର', ଉତ୍କଳ ରଙ୍ଗମଞ୍ଚ, ଜୟଦେବ ବିହାର, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ନହରକଣ୍ଟାସ୍ଥିତ କଲେଜ ଖେଳପଡ଼ିଆ, ସକାଳ ୯ଟା ।

# ଥାନା ଆଗରେ ଅହୋରାତ୍ର ଧାରଣାରେ ମା'

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ବଳାତ୍କାର ଓ ବ୍ଲାକ୍‌ମେଲ୍ ମାମଲାରେ ପୋଲିସ ବ୍ୟାଙ୍କ୍ ମ୍ୟାନେଜର ସୁନିଲ ପ୍ରସାଦ ମିଶ୍ରଙ୍କୁ ଗିରଫ କରିବାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ବ୍ୟାଙ୍କ୍ ମ୍ୟାନେଜରଙ୍କୁ ଅପହରଣ ଓ ବ୍ଲାକ୍‌ମେଲ୍ ଅଭିଯୋଗ ସତ୍ତ୍ୱେ ପୋଲିସ ଅଧ୍ୟାପିକାଙ୍କୁ ଥାନାରୁ ଛାଡ଼ିଦେବା ଘଟଣାକୁ ନେଇ ଖାକିରେ କଳାଦାଗ ଲାଗିଛି। ପୋଲିସର ଏଭଳି ପକ୍ଷପାତିତା କାର୍ଯ୍ୟଧାରାକୁ ବିରୋଧ କରି ତାଙ୍କ ମା'ଙ୍କ ସମେତ ଏକ ମହିଳା ସଂଗଠନର ସଦସ୍ୟମାନେ ଚନ୍ଦ୍ରଶେଖରପୁର ଥାନା ଆଗରେ ଧାରଣାରେ ବସିଛନ୍ତି। ଏପରି କି ନ୍ୟାୟ ନ ମିଳିଲେ ଥାନା ଆଗରେ ଆତ୍ମାହୂତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ତିନିଦିନ ହେବ ନ୍ୟାୟ ଅପେକ୍ଷାରେ ବ୍ୟାଙ୍କ୍ ମ୍ୟାନେଜରଙ୍କ ପରିବାର ଲୋକେ ରହିଥିଲେ ମଧ୍ୟ ଏଯାଏ ପୋଲିସ ଅଭିଯୁକ୍ତ ଅଧ୍ୟାପିକାଙ୍କୁ ଗିରଫ କରୁନି। ଗତ ମଙ୍ଗଳବାର ବ୍ୟାଙ୍କ୍ ମ୍ୟାନେଜରଙ୍କ ମା' ଅନ୍ୟମାନଙ୍କ ସହ ଥାନା ଆଗରେ ଧାରଣାରେ ବସି ଥିଲେ। ଜୋନ-୬ ଏସିପି ପ୍ରକାଶ କୁମାର ପାଲ ପହଞ୍ଚି ୪୮ ଘଣ୍ଟା ଭିତରେ ଅଧ୍ୟାପିକାଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ହେଲେ ପୋଲିସ ଚୁପ୍ ବସିବାରୁ ପୁଣି ଗୁରୁବାର ସକାଳୁ ଥାନା ସମ୍ମୁଖରେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେମିତି ଧାରଣାରେ ବସିଥିବାବେଳେ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଉଠିବେ ନାହିଁ ବୋଲି ବ୍ୟାଙ୍କ୍ ମ୍ୟାନେଜରଙ୍କ ପରିବାର ଲୋକେ କହିଛନ୍ତି।

ଏ ନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ଆଇନ ଅନୁଯାୟୀ ଉଭୟଙ୍କ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୋଲିସ କୌଣସି ପାତର ଅନ୍ତର କରିନାହିଁ। ଅଧ୍ୟାପିକା ଜଣକ



ଥାନା ସମ୍ମୁଖରେ ଧାରଣାରତ ଅଭିଯୋଗକାରୀ ଓ ମହିଳା ସଂଘ କର୍ମକର୍ତ୍ତା।

**ବ୍ୟାଙ୍କ୍ ମ୍ୟାନେଜରଙ୍କୁ ଗିରଫ, ଅଧ୍ୟାପିକାଙ୍କୁ ଛାଡ଼ିଦେବା ଘଟଣା**

ପୋଲିସକୁ ତଦନ୍ତ ନେଇ ସମସ୍ତ କ୍ଷେତ୍ରରେ ସହଯୋଗ କରିବା ନେଇ ଜଣାଇବା ପରେ ତାଙ୍କୁ ଥାନାରୁ ମୁଚାଲିକାରେ ଛଡ଼ାଯାଇଛି। ଗୁରୁବାର ଦିନ ତମାମ ୪ଥର ସୁନିଲଙ୍କ ମା ଓ ମହିଳା ସଙ୍ଗଠନ କର୍ମୀମାନଙ୍କୁ ବୁଝାଶୁଝା ସତ୍ତ୍ୱେ ସେମାନେ ଜିଦରେ ଅଟଳ ରହୁଥିବାରୁ ପୋଲିସ ନିରୁପାୟ ହେଉଛି। ତଥାପି ଧାରଣା ପ୍ରତ୍ୟାହାର ପାଇଁ ଚେଷ୍ଟା ଚାଲିଥିବା ସେ କହିଛନ୍ତି।

# ଗରିବଙ୍କୁ ଖାଦ୍ୟ ଯୋଗାଇବ ମୋବାଇଲ୍ ଫୁଡ୍ ବ୍ୟାଙ୍କ୍

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ):** କ୍ଷୁଧା ଦୂରୀକରଣ ତଥା ଗରିବଙ୍କୁ ଖାଦ୍ୟ ଯୋଗାଇବା ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ 'ସୋ ଆମ୍ ଆଇ(ସାଇ) ଫାଉଣ୍ଡେଶନ ଟ୍ରଷ୍ଟ' ପକ୍ଷରୁ 'ହଙ୍ଗର୍ ଫ୍ରି ଓଡ଼ିଶା' କ୍ୟାମ୍ପେନ୍ ମାଧ୍ୟମରେ ଏକ ନୂଆ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଗୁରୁବାର କଳ୍ପନାଛକସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ 'ହଙ୍ଗର୍ ଫ୍ରି ଓଡ଼ିଶା'ର ୩ୟ ଫୁଡ୍ ବ୍ୟାଙ୍କ୍ ଉଦ୍‌ଘାଟିତ ହୋଇଯାଇଛି। ଦୁଇଟି ମୋବାଇଲ୍ ଫୁଡ୍ ବ୍ୟାଙ୍କ୍ ଉଦ୍‌ଘାଟିତ ହେବା ସହ 'ଶ୍ରଦ୍ଧା ଅର୍ପଣ' କାର୍ଯ୍ୟକ୍ରମ ମାଧ୍ୟମରେ ଖାଦ୍ୟପଦାର୍ଥ ଦାନ ଅଭିଯାନର ଶୁଭାରମ୍ଭ ହୋଇଛି। ପୂର୍ବତନ ପୋଲିସ ଡିଜି ତଥା ଲୋକାୟୁକ୍ତ ସଦସ୍ୟ ଡ. ଆର୍.ପି. ଶର୍ମା, ବରିଷ୍ଠ ସାହିତ୍ୟିକା ଡ. ପ୍ରତିଭା ରାୟ, ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଓଡ଼ିଶା ପୋଲିସ ହାଉସିଂ କର୍ପୋରେଶନର ସିଏମ୍‌ଡି ଲଳିତ ଦାସ, ରୋଟାରୀ ଇଣ୍ଟରନ୍ୟାଶନାଲର ଅଜୟ ଅଗ୍ରୱାଲ ଏବଂ ସୌମ୍ୟରଞ୍ଜନ ମିଶ୍ର, ଟ୍ରଷ୍ଟର ପ୍ରତିଷ୍ଠାତା ପିନାକୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଫୁଡ୍ ବ୍ୟାଙ୍କ୍‌ର ଶୁଭ ଉଦ୍‌ଘାଟନ କରିଥିଲେ।

ଏହି ମୋବାଇଲ୍ ଫୁଡ୍ ବ୍ୟାଙ୍କ୍ ସେବା ଭୁବନେଶ୍ୱରରେ ପ୍ରଥମଥର ପାଇଁ ଆରମ୍ଭ କରାଯାଇଥିବା ବେଳେ ଏହା ସହରର ବିଭିନ୍ନ ସ୍ଥାନରେ ଗରିବ ତଥା ଭୋକିଲା ଲୋକଙ୍କୁ ଖାଦ୍ୟ ଯୋଗାଇବ। ସେହିଭଳି 'ଶ୍ରଦ୍ଧା ଅର୍ପଣ' କାର୍ଯ୍ୟକ୍ରମ ମାଧ୍ୟମରେ ସହରର ବିଭିନ୍ନ ଆପାର୍ଟମେଣ୍ଟ, ସୋସାଇଟି ଏବଂ ଘରଗୁଡ଼ିକରେ ସ୍ୱତନ୍ତ୍ର ବ୍ୟାଗ୍ ରଖାଯାଇ ଖାଦ୍ୟପଦାର୍ଥ ସଂଗ୍ରହ କରାଯିବ। ଅପପୁଷ୍ଟି ଏବଂ ଖାଦ୍ୟାଭାବ ଭଳି ସମସ୍ୟାକୁ ଦୂର କରିବା ପାଇଁ ଫାଉଣ୍ଡେଶନ ପକ୍ଷରୁ

**ସାଇ ଫାଉଣ୍ଡେଶନର ଅଭିନବ ପଦକ୍ଷେପ**

ଏହି ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ୨୦୨୫ ସୁଦ୍ଧା ଏହା ରାଜ୍ୟର ପ୍ରତ୍ୟେକ ଜିଲାରେ କାର୍ଯ୍ୟକ୍ଷମ ହେବ ବୋଲି ଏହାର ପ୍ରତିଷ୍ଠାତା ପିନାକୀ ମହାନ୍ତି ଏବଂ ସହଯୋଗୀ ଚିଦାତ୍ମିକା ଖଟୁଆ ସୂଚନା ଦେଇଥିଲେ। ଏହି ଅବସରରେ ନିଶିକାନ୍ତ ମିଶ୍ର, ବିମଳେନ୍ଦୁ ମହାନ୍ତି, ତନୟା ପଟ୍ଟନାୟକ, ଧୀରେନ୍ଦ୍ର କର, ସରଦ ବୈଦ, ମାତୃଦତ୍ତ ମିଶ୍ର, ଶାଳିନୀ କୋଠକୋଣ୍ଡା, ଅମ୍ବିକା ନନ୍ଦ, ଶୁଭେନ୍ଦୁ ପରିଡ଼ା, ସୁବାସ ଚନ୍ଦ୍ର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟ ଅତିଥିମାନେ।

# ଖବରଦାତା ନିର୍ଭୀକ ହୋଇ ଖବର ପରିବେଷଣ କରନ୍ତୁ

**ସ୍ୱାଧିକାର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୧୬।୧ (ବ୍ୟୁରୋ)

ଦୈନିକ ଖବରକାଗଜ ସ୍ୱାଧିକାରର ୭ମ ବାର୍ଷିକୋତ୍ସବ ଉପଲକ୍ଷେ ଗୁରୁବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଧିକାର ସ୍ୱନକ୍ଷତ୍ର ବିଶେଷାଙ୍କକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱାଧିକାରର ଉନ୍ନତି ସହ ଶୁଭକାମନା କରିଛନ୍ତି। ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ପୂର୍ବାହ୍ନରେ ସୂଚନା ଭବନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଖବରଦାତାମାନେ ନିର୍ଭୀକ ହୋଇ ଖବର ପରିବେଷଣ କରିବାକୁ ଅତିଥିମାନେ ମତ ଦେଇଥିଲେ। ବର୍ତ୍ତମାନ ସମଗ୍ର ଦେଶରେ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଯେଉଁ ଅବକ୍ଷୟ ଘଟୁଛି, ଏଭଳି ପରିସ୍ଥିତିରେ ଖବରକାଗଜଗୁଡ଼ିକ ଏହା ବରୋଧରେ ସ୍ୱରୋତ୍ତୋଳନ କରନ୍ତୁ ବୋଲି ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ସୁଶାନ୍ତ ସିଂ, ସୂଚନା ଓ ଲୋକସମ୍ପର୍କ ଏବଂ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ପରାମର୍ଶଦାତା ମାନସ ରଞ୍ଜନ ମଙ୍ଗରାଜ, ରାଜ୍ୟ ସରକାରଙ୍କ 'ମୋ ପରିବାର'ର ଆବାହକ ତଥା ପୂର୍ବତନ ମୁମ୍ବାଇ ପୋଲିସ କମିଶନର ଅରୂପ ପଟ୍ଟନାୟକ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଏବଂ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସ୍ୱାଧିକାରର ସମ୍ପାଦକ ଅକ୍ଷୟ କୁମାର ପତି ଖବରକାଗଜର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା।

## ଫେରାର ମୁଖ୍ୟ ଅଭିଯୁକ୍ତ ଜେଲ ଗଲେ

**ଦୋକାନୀଙ୍କୁ ଆକ୍ରମଣ କରି ଲୁଟ୍**

**ଭୁବନେଶ୍ୱର,୧୬।୧(ବ୍ୟୁରୋ):** ପୋଲିସକୁ ସୂଚନା ଦେଉଥିବା ସନ୍ଦେହ କରି ଶହୀଦନଗର ଥାନା ଅଞ୍ଚଳରେ ଜଣେ ଫାଷ୍ଟଫୁଡ୍ ଦୋକାନୀଙ୍କୁ ଆକ୍ରମଣକରି ଲୁଟ୍‌ପାଟ ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ୨ ମାସ ପରେ ଗିରଫ କରାଯାଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବାଙ୍କୁଆଳର ଲିକୁ ଓରଫ ସାଗର ସ୍ୱାଇଁ। ତାଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସାଗରଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ସମ୍ପୃକ୍ତ ସାଗରଙ୍କ ସହଯୋଗୀ ନାନା ସ୍ୱାଇଁ ଏବେ ବି ଫେରାର ଥିବା ପୋଲିସ ସୂଚନା ଦେଇଛି। ସୂଚନା ମୁତାବକ, ବାଙ୍କୁଆଳ ବ୍ରିଜ ନିକଟରେ ରାଜୀବ କୁମାର ଓଝାଙ୍କର ଏକ ଫାଷ୍ଟଫୁଡ୍ ଦୋକାନ ରହିଛି। ଅଭିଯୁକ୍ତ ସାଗର ଓ ସହଯୋଗୀ ଗତ ନଭେମ୍ବର ୬ରେ ରାଜୀବଙ୍କ ଦୋକାନ ନିକଟରେ ପହଞ୍ଚିଥିଲେ। ପୋଲିସକୁ କାହିଁକି ଖବର ଦେଉଛୁ କହି ସେମାନେ ରାଜୀବଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ରାଜୀବ ପ୍ରତିବାଦ କରିବାରୁ ସେମାନେ ତାଙ୍କ ଫାଷ୍ଟଫୁଡ ଦୋକାନରେ ଭଙ୍ଗାରୁଜା କରିଥିଲେ। ଏଥିସହ ନିସ୍ଥୁକ ମାଡ ମାରି ତାଙ୍କଠାରୁ ୩ ହଜାର ଟଙ୍କା ଓ ଚେନ ଛଡାଇ ଫେରାର ହୋଇଯାଇଥିଲେ। ରାଜୀବଙ୍କ ଅଭିଯୋଗ ପରେ ପୋଲିସ ୫୭୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଧାନ ଉଠାଇବା ଦାବିରେ ବିକ୍ଷୋଭ




କାକରୁଦ୍ରପୁର ସେବା ସମବାୟ ସମିତି ସମ୍ମୁଖରେ ଗ୍ରାମବାସୀଙ୍କ ବିକ୍ଷୋଭ।

**ବାଲିଅନ୍ତା, ୧୬।୧ (ଡି.ଏନ.ଏ):** ଧାନ ଉଠାଇବା ଦାବିରେ ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ସ୍ଥାନୀୟ ଅଞ୍ଚଳର ୫୦ରୁ ଅଧିକ ଚାଷୀ ଏବଂ ସମିତିସଭ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ସମିତି ପକ୍ଷରୁ ଧାନମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ କିଣାଯାଇଥିଲା। ତେବେ ସମିତିର ସମ୍ପାଦକ ଭିଜିଲାନ୍ସ ମାମଲାରେ ଫସିବା ପରଠାରୁ ଗତ ୧୦ ଦିନ ହେଲା ଧାନ କିଣା ବନ୍ଦ ରହିଛି। ଚାଷୀଙ୍କଠାରୁ ସମିତି ଧାନ କିଣୁଥିବାବେଳେ ସମ୍ପାଦକ ଗିରଫ ହୋଇଥିବା ଯୋଗୁ ଧାନକିଣାରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଗତ ୩ ପାଳି ହେଲା ଧାନ କିଣା ହୋଇପାରୁନି। ମଣ୍ଡିରୁ ଧାନ କିଣା ବନ୍ଦ ରହିଥିବା ଯୋଗୁ ଚାଷୀମାନେ ଧାନ ଆଣି ନିରାଶରେ

**ସମ୍ପାଦକ ଗିରଫ ପରେ ମଣ୍ଡି ଅଚଳ**

ଫେରୁଛନ୍ତି। ଏହାର ସୁଯୋଗ କିଛି ଅସାଧୁ ବ୍ୟବସାୟୀ ନେଉଛନ୍ତି। ସେମାନେ କମ୍ ଦାମ୍‌ରେ ଚାଷୀଙ୍କଠାରୁ ଧାନ କିଣୁଛନ୍ତି ବୋଲି ପୂର୍ବତନ ସମିତିସଭ୍ୟ ଗୋପାଳ ଚନ୍ଦ୍ର ବେହେରା କହିଛନ୍ତି। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସମିତିର ସମ୍ପାଦକଙ୍କୁ ଫସାଇ ଦେଇଥିବା ସଭାପତି ନୀଳକଣ୍ଠ ପଣ୍ଡା ପ୍ରକାଶ କରିଛନ୍ତି। ବାରମ୍ବାର ଧାନ ଆଣି ଫେରୁଥିବାରୁ ଗୁରୁବାର ଶତାଧିକ ଚାଷୀ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ତୁରନ୍ତ ସମ୍ପାଦକଙ୍କୁ ନିଯୁକ୍ତି ଦେଇ ଚାଷୀଙ୍କଠାରୁ ଧାନ କିଣିବାକୁ କୃଷକ ସୁରକ୍ଷା ମଞ୍ଚର ସଭାପତି ତାପସ କୁମାର ଜେନା ଦାବି କରିଛନ୍ତି ।

## ନାବାଳିକା ନିଖୋଜ ଅଭିଯୋଗ

**କଣାସ,୧୬।୧(ସ୍ୱ.ପ୍ର.):** କଣାସ ଥାନା ଅନ୍ତର୍ଗତ କୋଟକଣା ଗ୍ରାମର ତ୍ରିଲୋଚନ ସାହୁଙ୍କ ନାତୁଣୀ ବର୍ଷାରାଣୀ(୧୬) ଗତ ୧୩ ତାରିଖ ଦିନ କେଉଁଆଡେ ନିଖୋଜ ହୋଇଯାଇଥିବା ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ଏ ନେଇ ପୋଲିସ ପକ୍ଷରୁ ନଂ.-୬/୨୦୨୦ରେ ଏକ ମାମଲା ରୁଜୁ କରି ବିଭିନ୍ନ ଜାଗାରେ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗତ ୧୩ତାରିଖରେ ବର୍ଷା ଘରୁ ବାହାରକୁ ଯାଇଥିଲେ ମଧ ସନ୍ଧ୍ୟା ସୁଦ୍ଧା ଫେରି ନ ଥିଲେ। ଫଳରେ ପରିବାରଲୋକ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ୧୪ତାରିଖରେ ଅଭିଯୋଗ କରିଥିଲେ। ପରେ ଅଭିଯୋଗକାରୀ ନାତୁଣୀ ନିଖୋଜ ସମ୍ପର୍କରେ ଦୁଇଟି ମୋବାଇଲ ନମ୍ବର ସଂଗ୍ରହ କରି ପୋଲିସକୁ ଦେଇଥିଲେ। ପୋଲିସ ଏହି ଦୁଇ ମୋବାଇଲ ନମ୍ବରକୁ ଟ୍ରାପ କରି ତଦନ୍ତ ଚଳାଇଛି।

## ଲୁଟ୍ ମୋବାଇଲ ଫୋନ୍ ସହ ଧରାହେଲେ ଅଭିଯୁକ୍ତ

**ଭୁବନେଶ୍ୱର,୧୬।୧(ବ୍ୟୁରୋ):** ନୟାପଲ୍ଲୀ ଥାନା ସିଆର୍‌ପିଏଫ୍ ଛକରେ ଜଣେ ଯୁବତୀଙ୍କଠାରୁ ଲୁଟ୍ ହୋଇଥିବା ମୋବାଇଲ୍ ଫୋନ୍‌କୁ ପୋଲିସ ଗୁରୁବାର ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ଓଡଗାଁ ଅଞ୍ଚଳର ବାପି ନାୟକ। ତାଙ୍କ ନାମରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଥାନାରେ ଚୋରି, ଲୁଟ୍ ଆଦି ଏକାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ଅଞ୍ଜଳି କାଣ୍ଡି (୧୯) ନୟାପଲ୍ଲୀ ବେହେରା ସାହିରେ ରହି ଏକ କଲେଜରେ ଯୁକ୍ତ ୩ରେ ପାଠ ପଢ଼ନ୍ତି। ସେ ବୁଧବାର ମଧ୍ୟାହ୍ନରେ କଲେଜରୁ ଘରକୁ ଫେରିବାକୁ ଫାୟାର ଷ୍ଟେଶନ ଛକରେ ଅଟୋକୁ ଅପେକ୍ଷା କରିଥିବାବେଳେ ବାପି ତାଙ୍କଠାରୁ ମୋବାଇଲ ଫୋନ୍ ଛଡାଇ ଫେରାର ହୋଇଯାଇଥିଲେ। ଯୁବତୀଙ୍କ ଚିତ୍କାର ଶୁଣି ଆଖପାଖରେ ଉପସ୍ଥିତ ଲୋକେ ଅଭିଯୁକ୍ତ ବାପିଙ୍କୁ ଗୋଡ଼ାଇଥିଲେ। ଧରାପଡ଼ିଯିବା ଭୟରେ ବାପି ରାସ୍ତା କଡ଼ର ଏକ ବୁଦା ଭିତରେ ଲୁଚିଯାଇଥିଲେ। ୨ ପିସିଆର୍ ଟିମ୍ ଓ ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଅଞ୍ଜଳିଙ୍କ ଅଭିଯୋଗକ୍ରମେ ପୋଲିସ ୩୪/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଲୁଟ୍ ମୋବାଇଲକୁ ଟ୍ରାକ୍ କରି ପୋଲିସ ଅଭିଯୁକ୍ତ ବାପିଙ୍କୁ ବରମୁଣ୍ଡା ଅଞ୍ଚଳରୁ ଗିରଫ କରିଥିଲା।

# ଓଡିଏମ୍ ଛାତ୍ରଙ୍କ ଭାରତୀୟ ବିଜ୍ଞାନ କଂଗ୍ରେସରେ କୃତିତ୍ୱ

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ):** ୨୭ତମ ଜାତୀୟ କିଶୋର ବିଜ୍ଞାନ କଂଗ୍ରେସ-୨୦୧୯ କେରଳର ଥିରୁଭାନନ୍ତପୁରମ୍‌ରେ ୫ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ନବମ ଶ୍ରେଣୀର ଛାତ୍ର ସୁଜଲ୍ ଲେଙ୍କାଙ୍କ ପ୍ରକଳ୍ପ 'ଆଲ୍‌ଫା ଆର୍‌ମର୍' ବିଚାରକ ମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ବିବେଚିତ ହୋଇ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି। ବିଜ୍ଞାନ ଶିକ୍ଷୟିତ୍ରୀ ମିସ୍ ସ୍ମରଣିକାଙ୍କ ତତ୍ତ୍ୱାବଧାନରେ ଉକ୍ତ ପ୍ରକଳ୍ପଟି ପ୍ରସ୍ତୁତ ହୋଇଥିଲା। ସେନାବାହିନୀରେ ଆତ୍ମରକ୍ଷା ପାଇଁ ଅଭିନବ ଉପାୟରେ ପ୍ରସ୍ତୁତ ହେଲ୍‌ମେଟ୍ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା।






ଅତିଥିଙ୍କ ଗହଣରେ ସମ୍ମାନିତ ଛାତ୍ରମାନେ।

ସମ୍ମିଳନୀର ଦ୍ୱିତୀୟ ପର୍ଯ୍ୟାୟ ୧୦୭ତମ ଭାରତୀୟ ଶିଶୁ ବିଜ୍ଞାନ କଂଗ୍ରେସ-୨୦୨୦ ବେଙ୍ଗାଲୁରୁସ୍ଥିତ 'ୟୁନିଭର୍‌ସିଟି ଅଫ୍ ଏଗ୍ରିକଲ୍‌ଚର ଆଣ୍ଡ୍ ସାଇନ୍ସ'ରେ ଚଳିତ ମାସ ୨ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଦର୍ଶନୀରେ ନବମ ଶ୍ରେଣୀର ଛାତ୍ର ଓମ୍ ପ୍ରକାଶ ପାଣି ବିଜ୍ଞାନ ଶିକ୍ଷକ ରଶ୍ମିରଞ୍ଜନ ଜେନାଙ୍କ ସହାୟତାରେ ଉକ୍ତ ପ୍ରକଳ୍ପଟିକୁ ପ୍ରଦର୍ଶିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଓ ସିଓଓ ସ୍ୱୟନ୍ ସତ୍ୟେନ୍ଦୁ ଦୁଇ ଶିଶୁ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ପୁରୀ ଅଫିସ,୧୬।୧:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସହରର ସାମାଜିକ କର୍ମୀ ପ୍ରମୋଦ କୁମାର ସିଂହ ପର୍ଯ୍ୟଟକମାନଙ୍କ ସୁବିଧା ନିମନ୍ତେ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ରିଜର୍ଭ କରି ପୁରୀ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଏବଂ ସ୍କୁଲ, କଲେଜ ପିଲାଙ୍କ ବସ୍‌କୁ ମାଳତୀପାଟପୁର ବସ୍‌ଷ୍ଟାଣ୍ଡରେ ରଖିଦିଆଯାଉଛି। ସେଠାରୁ ଅନ୍ୟ ଗାଡ଼ିରେ ଆସିବା ଦ୍ୱାରା ସେମାନେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ନରେନ୍ଦ୍ର ପୁଷ୍କରିଣୀରେ ପ୍ରାୟ ୮ କୋଟି ଟଙ୍କା ବ୍ୟୟରେ କରାଯାଇଥିବା ଜଳ ଫୁଆରା ପ୍ରକଳ୍ପ ଠିକ୍ ଭାବେ ପ୍ରଦର୍ଶିତ ହେଉନାହିଁ। ସେହିପରି ଶ୍ରୀମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିରର ଉନ୍ନୟନ ସହିତ ବଡ଼ଦାଣ୍ଡରେ ଥିବା ମାଉସୀ ମା ମନ୍ଦିର ପ୍ରତି ଦୃଷ୍ଟି ଦେବାକୁ ସିଂହ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

# ଶାନ୍ତିଲତା ଛୋଟରାୟଙ୍କୁ ପ୍ରଣବ ପରମ୍ପରା ସମ୍ମାନ

ଭୁବନେଶ୍ୱର, ୧୬।୧ (ବ୍ୟୁରୋ)

ସମ୍ଭାବନା ପକ୍ଷରୁ ଆସନ୍ତା ୧୯ ତାରିଖ ପ୍ରଣବ ଜୟନ୍ତୀର ପୂର୍ବ ସନ୍ଧ୍ୟାରେ ସୂଚନା ଭବନଠାରେ ପ୍ରଣବ ପ୍ରଣାମ ଉତ୍ସବ ଆୟୋଜିତ ହେବ। ପ୍ରତିବର୍ଷ ଏହି ଅବସରରେ ରୁଚିସମ୍ପନ୍ନ ଓ ଭାବପୂର୍ଣ୍ଣ ଓଡିଆ ସଙ୍ଗୀତ ଗାନ ପାଇଁ

**୧୯ରେ ପ୍ରଣବ ପ୍ରଣାମ**

'ପ୍ରଣବ ପରମ୍ପରା ସମ୍ମାନ' ପ୍ରଦାନ କରାଯାଇଥାଏ। ଚଳିତବର୍ଷ ଏହି ସ୍ୱତନ୍ତ୍ର ସମ୍ମାନ ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟଙ୍କୁ ପ୍ରଦାନ କରାଯିବ ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ ପାଇଛି। ଉତ୍ସବରେ ପ୍ରମୋଦ ବେହେରା, ଛନ୍ଦା ମିଶ୍ର, ଲିପ୍‌ସା ମିଶ୍ର, ସିଦ୍ଧାନ୍ତ ଶତପଥୀ, ଅର୍ଣ୍ଣବ ପଣ୍ଡା, ଋତିକା ରିମ୍ ଝିମ୍, ଇପ୍‌ସିତା ମହାନ୍ତି, ପୁଣ୍ୟତା ଦାଶ, ବିପୁଲ, ଦିଲୀପ ମହାନ୍ତି ଓ ଆଶିଷ ଦତ୍ତ ପ୍ରମୁଖ ପ୍ରଣବ ସଙ୍ଗୀତ ପରିବେଷଣ କରିବେ। ସମ୍ଭାବନାର ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା, ଗାୟିକା ଛନ୍ଦା ମିଶ୍ର, ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ନିରାକାର ମିଶ୍ର, ରାଜଶ୍ରୀ ଶତପଥୀ, ଇଂ.ଜ୍ୟୋତି ରଞ୍ଜନ ମହାନ୍ତି, ରୁଦ୍ର ପ୍ରସାଦ ନାୟକ, ଅସ୍ମିତା ପାଣିଗ୍ରାହୀ ତଥା ଅନ୍ୟ କର୍ମକର୍ତ୍ତା ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ। ସୂଚନାଥାଉ କି, ପୂର୍ବରୁ ତୃପ୍ତି ଦାସ, ସ୍ୱରୂପା ଚକ୍ରବର୍ତ୍ତୀ, ଗୀତା ପଟ୍ଟନାୟକ, ଚିତ୍ତ ଜେନା, ଆରତି ମିଶ୍ର, ଶ୍ୟାମାମଣି ଦେବୀ, ଶେଖର ଘୋଷ, ଶ୍ରୀକାନ୍ତ ଦାସ, ସୁବାସ ଦାଶ, ସତ୍ୟ ରଥ ଓ ସନ୍ତୋଷ ଦାଶ ପ୍ରଣବ ପରମ୍ପରା ସମ୍ମାନ ଗ୍ରହଣ କରିଛନ୍ତି।

# ୨୦୨୦ ସୁଦ୍ଧା ସବୁ ଗାଁରେ ପହଞ୍ଚିବ ଇଣ୍ଟରନେଟ୍

**ଭୁବନେଶ୍ୱର,୧୬।୧(ବ୍ୟୁରୋ):** ଭାରତୀୟ କମ୍ପ୍ୟୁଟର ସୋସାଇଟିର ୫୩ତମ ବାର୍ଷିକ ଅନ୍ତର୍ଜାତୀୟ ସମ୍ମିଳନୀ ସିଏସ୍ଆଇ-୨୦୨୦ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାରେ ପ୍ରଥମଥର ପାଇଁ ଏପରି ଏକ ସର୍ବବୃହତ ଆଇଟି ସମ୍ମିଳନୀ ଅନୁଷ୍ଠିତ ହେଉଛି ଯେଉଁଠାରେ ସାରାଦେଶର ହଜାରରୁ ଊର୍ଦ୍ଧ୍ୱ କମ୍ପ୍ୟୁଟର ପ୍ରଫେସନାଲ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ସମ୍ମିଳନୀରେ 'ଡିଜିଟାଲ ଗଣତନ୍ତ୍ର-ପରିବର୍ତ୍ତନ ପାଇଁ ଆଇଟି' ଶୀର୍ଷକ ବିଷୟ ଉପରେ ଆଲୋଚନା କରାଯାଇଛି।

ଗୁରୁବାର କିଟ୍ ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଥିବା ଏହି ତିନିଦିନିଆ ସମ୍ମିଳନୀକୁ ସଭାପତି ତଥା ଲୋକପାଳ ପିନାକୀ ଚନ୍ଦ୍ର ଘୋଷ ଓ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ଜୀ (ସ୍କାଇପି ମାଧ୍ୟମରେ) ମୁଖ୍ୟ ଅତିଥିଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟ ଇଲେକ୍ଟ୍ରୋନିକ ଓ ଆଇଟି ତଥା କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଏଆଇସିଟିଇର ସଦସ୍ୟ ସଚିବ ରାଜୀବ କୁମାର, ଆଇଏଫଆଇପିର ଅଧ୍ୟକ୍ଷ ପ୍ରଫେସର ମାଇକ ହିନଚେ, କିଟ୍‌ର ଉପକୁଳପତି ପ୍ରଫେସର ଡ. ସସ୍ମିତା ସାମନ୍ତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ମନ୍ତ୍ରୀ ବେହେରା କହିଛନ୍ତି, ଗଣତନ୍ତ୍ର ଓ ସମାଜରେ ଡିଜିଟାଲ ପ୍ରଯୁକ୍ତିର ଅନ୍ତର୍ଭୁକ୍ତୀକରଣ ହେବା ଆବଶ୍ୟକ। ଡିଜିଟାଲ ଡେମୋକ୍ରାସିକୁ ସାକାର କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଦେଶର ପ୍ରତି ଗାଁକୁ ସଂଯୋଗ କରାଯାଉଛି। ୨୦୨୦ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଜିଲାର ସବୁ ଗାଁରେ ଇଣ୍ଟରନେଟ ସଂଯୋଗ ପହଞ୍ଚିବ। ସେହିପରି ଇ-ପ୍ରଶାସନ କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶର ୫ଟି ପ୍ରମୁଖ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି ବୋଲି ସେ କହିଛନ୍ତି।




ଅନ୍ତର୍ଜାତୀୟ ସମ୍ମିଳନୀ ସିଏସ୍ଆଇ-୨୦୨୦ରେ ଉପସ୍ଥିତ ଅତିଥିବୃନ୍ଦ।

**ଓଡ଼ିଶାର ବୃହତ୍ତମ ଆଇଟି ସମ୍ମିଳନୀ ଆରମ୍ଭ**

ସମ୍ମିଳନୀର ପ୍ରଥମ ଦିନରେ ସିଏସଆଇ ପକ୍ଷରୁ ସିଏସଆଇ ୨୦୨୦ ଲାଇଫଟାଇମ ପୁରସ୍କାର ଡ. ଉତ୍ପଳ କୁମାର ବାନାର୍ଜୀ, ପ୍ରଫେସର ବିଏଲ. ଦୀକ୍ଷାତୁଲୁ, ଏଚଆର ମୋହନ, ରବୀନ୍ଦ୍ରନାଥ ଲାହିରି, ଫେଲୋ ବି.କେ. ପଟେଲ, ଅନିର୍ବାଣ ମୁଖାର୍ଜୀ, ଫେଲୋ ରାମସ୍ୱାମୀ, ପ୍ରଫେସର ଆଲିସେରୀ ଗୋବର୍ଦ୍ଧନ ଓ ଡ.ଏସ.ଅରୁମୁଗନଙ୍କୁ ପ୍ରଦାନ କରାଯାଇଥିଲା। ସମ୍ମିଳନୀର ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଏସଆଇ ଇ-ରତ୍ନ ପୁରସ୍କାର ଦିଆଯିବ। ଏହାଛଡ଼ା ଅନ୍ୟ ଅତିଥିଙ୍କୁ ଲାଇଫଟାଇମ ପୁରସ୍କାର, ଅନରେବଲ ଫେଲୋ ଓ ଫେଲୋ, ଏସଆଇଜି ସିଏସଆଇ ଇ-ପ୍ରଶାସନ ପୁରସ୍କାର ପ୍ରଦାନ କରାଯିବ।



ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
-ପଣ୍ଡିତ ନୀଳକଣ୍ଠ ଦାସ



# ୧୫୧ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

**ପୁରୀ ଅଫିସ, ୧୬।୧**

## ବକେୟା ବିଲ୍ ପଇଠ କଲେନି

- ୪୦,୨୨୮ ଜଣଙ୍କୁ ନୋଟିସ୍ ହୋଇଥିଲା
- ଅବଧି ମଧ୍ୟରେ ୨୨୦ ଜଣ ବକେୟା ରାଶି ଦେଇଛନ୍ତି



ବକେୟା ବିଲ୍ ପଇଠ କରିବା ପାଇଁ ସେସୁ ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଜାନୁୟାରୀ ୧୫ ତାରିଖ ଶେଷ ସମୟ ଦିଆଯାଇଥିଲା। ହେଲେ ଏହି ସମୟ ଅବଧି ମଧ୍ୟରେ ଯେଉଁମାନେ ସେମାନଙ୍କ ବକେୟା ବିଲ୍ ପଇଠ କରିପାରି ନାହାନ୍ତି ସମ୍ପୃକ୍ତ ଉପଭୋକ୍ତାଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ସେମାନଙ୍କ ବିଦ୍ୟୁତ୍ ସଂଯୋଗକୁ କାଟିଦିଆଯାଇଛି। ଗୁରୁବାର ପୁରୀ ବିଦ୍ୟୁତ୍ ଡିଭିଜନରେ ଏଥିପାଇଁ ୧୫୧ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିବା ଜଣାପଡ଼ିଛି। ପୁରୀ ବିଦ୍ୟୁତ୍ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶିବ ପ୍ରସାଦ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ପୁରୀ ଡିଭିଜନ ଅଧୀନରେ ମୋଟ ୧ଲକ୍ଷ ୭୩ ହଜାର ଉପଭୋକ୍ତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ୫୩,୫୯୮ ଉପଭୋକ୍ତା ବକେୟା ରଖିଥିବା ବେଳେ ୪୦,୨୬୮ ଜଣଙ୍କୁ ଟଙ୍କା ପଇଠ କରିବା ପାଇଁ ନୋଟିସ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପାଖାପାଖି ୨୨୦ ଜଣ ୧୦ ଲକ୍ଷ ଟଙ୍କା ପରିଶୋଧ କରିଛନ୍ତି। କିନ୍ତୁ ଅନ୍ୟମାନେ ଟଙ୍କା ପଇଠ କରିନାହାନ୍ତି। ନୋଟିସ ଅବଧି ସରିବା ପରେ ଗୁରୁବାର ପ୍ରଥମ ଦିନରେ ୧୫୧ ଉପଭୋକ୍ତାଙ୍କ ବିଦ୍ୟୁତ୍ କଟାଯାଇଛି। ଏଥିମଧ୍ୟରେ ବ୍ୟବସାୟିକ ଏବଂ ଘରୋଇ ଉପଭୋକ୍ତ ରହିଛନ୍ତି। ଏଥିପାଇଁ ୩୪ଟି ସ୍କ୍ୱାଡ୍ ଗଠନ କରାଯାଇଛି। ତେଣୁ ଯେଉଁମାନଙ୍କୁ ନୋଟିସ କରାଯାଇଛି ସେମାନେ ତୁରନ୍ତ ବକେୟା ବିଲ୍ ପଇଠ କରିଦେଇ ବିଦ୍ୟୁତ୍ ବିଚ୍ଛିନ୍ନରୁ ମୁକ୍ତ ରୁହନ୍ତୁ ବୋଲି ନିର୍ବାହୀ ଅଧିକାରୀ ସ୍ୱାଇଁ କହିଛନ୍ତି। ପୁରୀର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଉପରେ ପ୍ରାୟ ୧୦ କୋଟିରୁ ଅଧିକ ଟଙ୍କା ବାକି ପଡ଼ିଛି। ଏ ସବୁ ପ୍ରତି ଡିଭିଜନ କଣ ଆଭିମୁଖ୍ୟ ରଖୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ସଂକ୍ଷେପରେ

### ରାତି ୯ରୁ ପୁରୀ ସହରରେ ଘନ କୁହୁଡ଼ି

ପୁରୀ ଅଫିସ, ୧୬।୧: ଘନ କୁହୁଡ଼ି ବଳୟରେ ଗୁରୁବାର ରାତିରେ ଆଚ୍ଛାଦିତ ହୋଇଯାଇଥିଲା ପୁରୀ ସହର। ରାତି ପ୍ରାୟ ୧୦ଟା ସୁଦ୍ଧା କୁହୁଡ଼ିର ମାତ୍ରା ଏତେ ପରିମାଣର ହୋଇଯାଇଥିଲା ଯେ, ଲୋକେ ଗାଡ଼ି ଚଳାଚଳ କରିବାରେ ସମସ୍ୟା ହୋଇଥିଲା। ରାତି ଯେତେ ବଢୁଥିଲା କୁହୁଡ଼ି ସେତେ ଅଧିକ ଘନ ହେଉଥିଲା। ରାତି ସାଢେ ୯ଟା ପରଠାରୁ ଫାଙ୍କା ରାସ୍ତାରେ କୁହୁଡ଼ି ଯୋଗୁ ଗାଡ଼ି ଚାଳକମାନେ ବେଗ କମାଇ ଚଳାଉଥିଲେ। ପ୍ରାୟ ୧୦ ଫୁଟ ଆଗକୁ ରାସ୍ତା ଦେଖି ହେଉ ନ ଥିଲା।

### ବକୁଳବନ ମହୋତ୍ସବ ପ୍ରସ୍ତୁତି ବୈଠକ

**ସାକ୍ଷୀଗୋପାଳ,୧୬।୧(ଡି.ଏନ୍.ଏ.):** ସ୍ଥାନୀୟ ପଞ୍ଚସଖା ସ୍ମୃତି ଭବନରେ ଗୁରୁବାର ବକୁଳବନ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ଉପ ସଭାପତି ସାଧୁଚରଣ ବେହେରାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଫେବୃୟାରୀ ୨୪ ଓ ୨୫ତାରିଖ ଦିନ ବକୁଳବନ ପରିସରରେ ମହୋତ୍ସବ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ଗ୍ରହଣ କରାଯିବା ସହ ବକୁଳବନର ବାର୍ତ୍ତା ମୁଖପତ୍ର ଉନ୍ମୋଚନ କରାଯିବ। କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ସମ୍ପାଦକ ଯଯାତି କେଶରୀ ରାୟ, କୋଷାଧ୍ୟକ୍ଷ ନୀଳମଣି ବେହେରା, ସଂଗଠକ ସୁବାସ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ଓ ଭରତ କୁମାର ରାଉତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ସଚେତନତା ଶିବିର

**କୋଣାର୍କ,୧୬।୧(ଡି.ଏନ.ଏ):** କୋଣାର୍କ ଉଚ୍ଚ ବିଦ୍ୟାଳୟ ପରିସରରେ ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଦ୍ୟାଳୟସ୍ତରୀୟ ଗୋଷ୍ଠୀ ବିପର୍ଯ୍ୟୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ବରିଷ୍ଠ ଅଧିକାରୀ ରାଜୀବ ରଞ୍ଜନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋଣାର୍କ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବାତ୍ୟା ସମୟରେ ଜୀବନ ରକ୍ଷା, ବିଭିନ୍ନ ପ୍ରକାର ବିପର୍ଯ୍ୟୟରୁ ଜନସାଧାରଣଙ୍କ ସୁରକ୍ଷା, ଜଳରୁ ଜନସାଧାରଣଙ୍କୁ ଉଦ୍ଧାର, ଷ୍ଟ୍ରେଚର ସାହାଯ୍ୟରେ ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗଙ୍କୁ ରକ୍ଷା କରିବା ପାଇଁ ବିଭିନ୍ନ କୌଶଳ ବିଷୟରେ ତାଲିମ୍ ଦିଆଯାଇଥିଲା। ସେହିଭଳି କୋଣାର୍କ ଭଗବତି ମହାବିଦ୍ୟାଳୟଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ରାମଚଣ୍ଡୀଠାରେ ମିନି ମାରାଥନ ସହ ବିଶାଳ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷର ଇନ୍ସପେକ୍ଟର ସୁବ୍ରତ କୁମାର ଭୋଇ ଯୋଗଦେଇଥିଲେ। ବିଭାଗର ଇନ୍ସପେକ୍ଟର ଡି.କେ ପାଣ୍ଡେ, ବି.ଚୌଧୁରୀ, ଏସଆଇ କୁଳଦୀପ, ବି.ପି ବେହେରା,ଏ.କେ. ତ୍ୟାଗୀଙ୍କ ସମେତ ବିଭାଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦଳାଇ, ଦିଲୀପ ଦାସ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



ସିଂହଦ୍ୱାର ସମ୍ମୁଖରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀପ ଜାଳୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ

# ୭୦ରୁ ଊର୍ଦ୍ଧ୍ୱ ଅଟକ

**ପୁରୀ ଅଫିସ, ୧୬।୧**

ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତକୁ ଗୁରୁବାର ବିରୋଧ କରିଥିଲା ଛାତ୍ର ଓ ଯୁବ କଂଗ୍ରେସ। ଶତାଧିକ କର୍ମୀ ବିଭିନ୍ନ ସ୍ଥାନରେ ବିକ୍ଷୋଭ କରିଥିଲେ। ପୋଲିସ ୭୦ରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ଅଟକ ରଖି ପରେ ଛାଡ଼ି ଦେଇଥିଲା। ମେଡିକାଲ ଛକରେ ଯୁବ କଂଗ୍ରେସ ନେତା ସୁଜିତ ମହାପାତ୍ରଙ୍କ ନେତୃତ୍ୱରେ ବିଶ୍ୱନାଥ ଦାଶ, ବିଶ୍ୱରଞ୍ଜନ ମହାପାତ୍ର, ଚନ୍ଦ୍ରଶେଖର କରଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କର୍ମୀ ବିକ୍ଷୋଭ କରୁଥିବାବେଳେ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା। ସିଟି ଡିଏସ୍‌ପି କ୍ଷୀରସାଗର ନାୟକ ଓ ସଦର ଡିଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ସେହିପରି ମାଉସୀମା ମନ୍ଦିର ନିକଟରେ ଛାତ୍ର କଂଗ୍ରେସ ନେତା ଆଶୁତୋଷ ମିଶ୍ର, ମନୋଜ ମଣ୍ଡଳଙ୍କ ନେତୃତ୍ୱରେ ୨୦ରୁ ଊର୍ଦ୍ଧ୍ୱ କର୍ମୀ କଳା ପତାକା ଦେଖାଇ ବିରୋଧ କରିଥିଲେ। ପୋଲିସ ସେମାନଙ୍କୁ ହଟାଇ ଦେଇଥିଲା। ପୂର୍ବରୁ ସ୍ୱାଧିନ ପଣ୍ଡା, ଆଲୋକ ଦାଶଙ୍କ ସମେତ ଅନ୍ୟ କେତେଜଣ ନେତାଙ୍କୁ ଘରୁ ପୋଲିସ ଉଠାଇ ନେଇଥିଲା।

### ଶଙ୍ଖ ଭିତରେ ପଦ୍ମକୁ ନେଇ ଚର୍ଚ୍ଚା

ମାର୍କେଟ କମ୍ପ୍ଲେକ୍ସରେ ଫଳକ ଶିଳାନ୍ୟାସ ସ୍ଥଳରେ ବିଜେଡିର ତୁଙ୍ଗ ନେତାମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ସମୀର ଦାସ, ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଓ ସଞ୍ଜୟ ଦାସ ବର୍ମାଙ୍କ ସମେତ ବିଜେଡିର କେତେଜଣ ବିଧାୟକ ମଧ ଉପସ୍ଥିତ ଥିଲେ। ତେବେ ସେମାନଙ୍କ ସହ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ନାନା ଚର୍ଚ୍ଚା ହୋଇଥିଲା।

### ୪ଘଣ୍ଟା ଧରି ପୋଲିସ ନାକେଦମ୍

ମୁଖ୍ୟମନ୍ତ୍ରୀଙ୍କଗସ୍ତକୁବିରୋଧଲାଗିଯୁବକଂଗ୍ରେସରପ୍ରସ୍ତୁତିସୂଚନାପାଇପୁରୀପୋଲିସର ମୁଣ୍ଡ ବ୍ୟଥା ବଢିଥିଲା। ତାଳବଣିଆ ହେଲିପ୍ୟାଡଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ପୋଲିସ ଛାଉଣି କରାଯିବା ସହ ସମସ୍ତ ଗଳିକନ୍ଦିକୁ ବ୍ଲକିଂ କରାଯାଇଥିଲା। ଆନ୍ଦୋଳନକାରୀଙ୍କୁ ପ୍ରତିହତ ଲାଗି ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ବିକ୍ଷୋଭକାରୀଙ୍କୁ ଅଟକାଇବା ଲାଗି ପୋଲିସ ପକ୍ଷରୁ ଦୀର୍ଘ ୪ଘଣ୍ଟା ଧରି କସରତ ଲାଗି ରହିଥିଲା।

### ଗୁରୁ ଶିଷ୍ୟ ଅଲଗା ଠିଆ ହେଲେ

ଜୟନ୍ତଙ୍କ ରାଜନୈତିକ ଗୁରୁ ଭାବେ ପରିଚିତ ମହେଶ୍ୱର ଗୁରୁବାର ଶିଳାନ୍ୟାସ ସ୍ଥଳରେ ଅଲଗା ଠିଆହୋଇଥିଲେ। ପରସ୍ପରକୁ ଚାହିଁଥିଲେ ମଧ କେହି କାହା ସହିତ କଥା ହୋଇ ନ ଥିଲେ। ଜୟନ୍ତ ସଞ୍ଜୟ ଓ ସମୀରଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଗୁରୁ-ଶିଷ୍ୟଙ୍କୁ ନେଇ ଚର୍ଚ୍ଚା ଜୋର ଧରିଥିଲା।

### ନଡ଼ିଆ ପିଟିଲେ ଜୟନ୍ତ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭ଟି ପ୍ରକଳ୍ପ ଲାଗି ଶିଳାନ୍ୟାସ କରି ଯିବା ପରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଶିଳାନ୍ୟାସସ୍ଥଳରେ ନାରିକେଳ ପିଟିଥିଲେ। ଏହା ସାଧାରଣରେ ଆଲୋଚନା ପାଲଟିଥିଲା।

# ଚିତ୍ର ଆଙ୍କିଲେ, ମୀନାବଜାର ବୁଲିଲେ କବ୍ ବୁଲ୍‌ବୁଲ୍

**ପୁରୀ ଅଫିସ,୧୬।୧**

ଭାରତ ସ୍କାଉଟ୍ ଗାଇଡସ୍ ଆନୁକୂଲରେ ସାରସ୍ୱତ ବିଦ୍ୟା ନିକେତନରେ ଚାଲିଥିବା ଆଞ୍ଚଳିକ କବ୍-ବୁଲ୍‌ବୁଲ୍ ଉତ୍ସବର ତୃତୀୟ ଦିନ ବିତିଛି। ଗୁରୁବାର ପତାକା ଉତ୍ତୋଳନ ପରେ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ପିଲାଙ୍କ ମଧ୍ୟରେ ସ୍ୱଚ୍ଛତା, ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତଭାରତ ଗଠନ ଲାଗି ସଚେତନତା ଉଦ୍ଦେଶ୍ୟରେ ଦଳଗତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପରେ କବ୍ ବୁଲ୍‌ବୁଲ୍‌ମାନେ ମୀନାବଜାର ବୁଲି ମଜା ଉଠାଇଥିଲେ। ସନ୍ଧ୍ୟାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ମୁଖ୍ୟଅତିଥି, କଟକ ଡିଇଓ ବସନ୍ତ କୁମାର ମିଶ୍ର, ପୁରୀ ବିଇଓ ମମତା ମିଶ୍ର, ଶିକ୍ଷାବିତ୍ ରଘୁନାଥ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷୟତ୍ରୀ ଅନ୍ନପୂର୍ଣ୍ଣା ଦେବୀ ସ୍ୱାଗତ ଭାଷଣ ଓ ବିଦ୍ୟାଧର ମିଶ୍ର ସଂଯୋଜନା କରିଥିଲେ। ଶିଶୁ ଦେଶର ଭବିଷ୍ୟତ। ଶିଶୁ ହସିଲେ ସମାଜ ହସିବ। ଶିଶୁର ଶୈକ୍ଷିକ ବିକାଶ ଦିଗରେ ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ରମେଶ ପଣ୍ଡା, ମହେନ୍ଦ୍ର ବିଶ୍ୱାଳ, ରମେଶ ବଳିୟାରସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚିନାବାଦାମ ଫସଲ ନଷ୍ଟକଲେ ଲେଡାପୋକ



**କଣାସ,୧୬।୧(ସ୍ୱ.ପ୍ର.)**

କଣାସ ବ୍ଲକରେ ଏବେ ଲେଡାପୋକ କବ୍‌ଜାରେ ଚିନାବାଦାମ ଫସଲ। ବ୍ଲକର ଅଧିକାଂଶ ଚାଷୀମାନଙ୍କ ଶହ ଶହ ଏକର ଚିନାବାଦାମ ଫସଲକୁ ଖାଇ ନଷ୍ଟ କରିସାରିଲେଣି ଏହି ଲେଡାପୋକ। ଫଳରେ ଚାଷୀମାନେ ହତାଶ ହୋଇପଡିଛନ୍ତି। ଗଡ଼ସାନପୁଟ, ଗଡ଼ବଡ଼ପୁଟ ଓ ପାଣ୍ଡିଆକେରା ପଞ୍ଚାୟତର ଲୋକାପାଳ, ହଳଦିଆପଡ଼ା, ଗଡ଼ସାନପୁଟ, ଗଡ଼ବଡ଼ପୁଟ, ଶିମୁଳିପାଟଣା, ବେହେଷ୍ଟା, ବାରଦା, ବାଦଲପୁର ଓ ଗଡମାଝିଆପଡା ଗ୍ରାମରେ ଲେଡାପୋକ କାୟବିସ୍ତାର କରିବା ଫଳରେ ଚିନାବାଦାମ ସମେତ ପୋଟଳ, ସୋରିଷ, ବିରି, ମୁଗ, ଜହ୍ନି ଓ ଭେଣ୍ଡି ଆଦି ଫସଲ ନଷ୍ଟ କରିସାରିଲେଣି। ଏ ସମ୍ପର୍କରେ ଚାଷୀମାନେ କୃଷି ବିଭାଗ ଅଧିକାରୀଙ୍କୁ ବାରମ୍ବାର ଗୁହାରି କରି ଆସୁଥିଲେ ମଧ କୌଣସି ପ୍ରତିକାର ବାହାରିପାରୁ ନାହିଁ। ଏପରିକି କୃଷି ବିଭାଗର ଅଧିକାରୀମାନେ ଆମ ପାଖରେ କୌଣସି ଉପାୟ ନାହିଁ ବୋଲି କହୁଛନ୍ତି। ଅନ୍ୟପଟେ ସରକାରଙ୍କ ତରଫରୁ ଚାଷୀମାନେ ଚିନାବାଦାମ ବିହନ ପାଇଲେ ନାହିଁ। ଫଳରେ ଚାଷୀମାନେ ଅନୁଗୋଳ ଜିଲାର ଗାଁ ଗାଁ ବୁଲି ଚିନାବାଦାମ ବିହନ ସଂଗ୍ରହ କରି ଚାଷ କରିଥିଲେ ମଧ୍ୟ ପୁଣି ଲେଡାପୋକ ଦାଉସାଧୁଛି। ଫଳରେ ଚାଷୀମାନେ ଚିନ୍ତାଗ୍ରସ୍ତ ହୋଇ ଏକରକମ ଭାଙ୍ଗିପଡ଼ିଛନ୍ତି। ତେବେ ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ନିହିତ ବ୍ୟବସ୍ଥା ଗ୍ରହଣ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ହଳଦିଆପଡ଼ାର ଚାଷୀ ପୁରୁଷୋତ୍ତମ ବିଶ୍ୱାଳ, ରବି ବିଶ୍ୱାଳ ଚେତାବନୀ ଦେଇଛନ୍ତି। ଏ ନେଇ କଣାସ କୃଷି ବିଭାଗ ଅଧିକାରୀ ଜେ. ନଳିନୀ କୁହନ୍ତି, ଚାଷୀଙ୍କଠାରୁ ଅଭିଯୋଗ ପାଇ ଗତ କିଛିଦିନ ଧରି ମୁଁ ଜମିକୁ ଦେଖିବାକୁ ଯାଇଥିଲି। ଏହାର ପ୍ରତିକାର ପାଇଁ ଜିଲା କୃଷି ଅଧିକାରୀଙ୍କୁ ଚିଠି କରିଛି।

# ହସାଇଲେ ପପୁ, ଝୁମାଇଲେ ସୋନମ୍



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ପୁରୀ ଅଫିସ, ୧୬।୧**

## ଓଲିଉଡ୍ ନାଇଟ ଉଦ୍‌ଯାପିତ





ନରସିଂହ ୟୁଥ ଆସୋସିଏଶନର ୧୭ତମ ବାର୍ଷିକୋତ୍ସବ ଅବସରରେ ଗୁଣ୍ଡିଚା ମନ୍ଦିର ନିକଟରେ ଚାଲିଥିବା ଓଲିଉଡ୍ ନାଇଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଆସୋସିଏଶନର ଆବାହକ ପ୍ରଦୀପ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଯୁବନେତା ସବ୍ୟସାଚୀ ମହାପାତ୍ର, ଘନଶ୍ୟାମ ମର୍ଦ୍ଦରାଜ, ବରିଷ୍ଠ ସେବାୟତ ଗୌରୀଶଙ୍କର ସିଂହାରୀ, ବିଭୂତି ଚରଣ ସେଠୀ, ଜମ୍ମେଶ୍ୱର ମହାନ୍ତି, ସୁମନ୍ତ ସାହୁ, କୁମାର ଭୀମସେନ, ଚନ୍ଦ୍ରଶେଖର ନାୟକ, ସୁକାନ୍ତ କୁମାର ସାହୁ, ବାଲୁଙ୍କେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଆ ହାସ୍ୟ ଅଭିନେତା ପପୁ ପମ୍‌ପମ୍ ଦର୍ଶକଙ୍କୁ ହସାଇଥିଲେ। ଅଭିନେତା ସମୀର ଓ ଅଭିନେତ୍ରୀ ଦିବ୍ୟା ପ୍ରମୁଖ ଯୋଗଦେଇ ଓଡ଼ିଆ ଚଳଚ୍ଚିତ୍ରର ବିଭିନ୍ନ ଡାଇଲଗ୍ କହି ଦର୍ଶକଙ୍କ ମନ ଜିଣିଥିଲେ। କଣ୍ଠଶିଳ୍ପୀ ତିଲକ, ସୋନମ୍ ଓ ଶଶାଙ୍କ ଶେଖର ମନଛୁଆଁ ଗୀତ ଗାଇ ଦର୍ଶକଙ୍କୁ ଝୁମାଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ ପୂର୍ବରୁ ଧରିନେଲା ପୋଲିସ

## ଘରୋଇ ବ୍ୟାଙ୍କରେ ମହାପ୍ରଭୁଙ୍କ ପାଣ୍ଠି ପ୍ରସଙ୍ଗ

**ପୁରୀ ଅଫିସ,୧୬।୧**

ଘରୋଇ ବ୍ୟାଙ୍କରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଣ୍ଠି ରଖାଯାଇଛି। ଯେଉଁ ଅଧିକାରୀମାନେ ଏପରି କରିଛନ୍ତି ସେମାନଙ୍କୁ ଗିରଫ କରିବା ଦାବିରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିରୋଧ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ସ୍ୱର୍ଗଦ୍ୱାର ନିକଟରୁ ଏକ ଶୋଭାଯାତ୍ରା ସିଂହଦ୍ୱାର ଅଭିମୁଖେ ବାହାରିଥିବା ବେଳେ ସେଠାରୁ ପୋଲିସ ସେମାନଙ୍କୁ ଧରି ନେଇଥିଲା। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ନେଇ ବଳିଆପଣ୍ଡା ଥାନାରେ ରଖାଯାଇଥିଲା। ପ୍ରାୟ ୫ଘଣ୍ଟା ପରେ ଛଡ଼ାଯାଇଥିଲା। ଏ ସମ୍ପର୍କରେ ସେନାର ଆବାହକ ପ୍ରିୟଦର୍ଶନ କହିଛନ୍ତି, ମହାପ୍ରଭୁଙ୍କର ପ୍ରାୟ ୬୦୦ କୋଟି ଟଙ୍କାକୁ ପଦ ଓ କ୍ଷମତାର ଦୁରୂପଯୋଗ କରି କେତେଜଣ ଅଧିକାରୀ ଘରୋଇ ବ୍ୟାଙ୍କରେ ଜମା ରଖିଛନ୍ତି। ଏହା ପଛରେ ଏକ ଷଡ଼ଯନ୍ତ୍ର ରହିଛି। ଯେଉଁ ଅଧିକାରୀମାନେ ଏପରି କରିଛନ୍ତି ସେମାନଙ୍କୁ ଦଣ୍ଡ ଦେବା ପାଇଁ ଦାବି କରୁଛୁ।

# ନୂଆଗାଁ ଖଲାସି ନାଳ ଖନନ ଦାବି ଉଠାଇଲେ ଚାଷୀ

**ସାକ୍ଷୀଗୋପାଳ,୧୬।୧(ଡି.ଏନ୍.ଏ.)**

## ବିଧାୟକଙ୍କ ଜନଶୁଣାଣି

ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ରାଜନେତାଙ୍କ ଠାରୁ ଯନ୍ତ୍ରୀ ଓ ଅଧିକାରୀ ମାନଙ୍କର ତତ୍ପରତା ପ୍ରକାଶ ପାଇଛି। ଏହି କ୍ରମରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଜଳ ନିଷ୍କାସନ ବିଭାଗର ଅଧିକାରୀଙ୍କ ସହ ଗୁରୁବାର ସତ୍ୟବାଦୀ ବ୍ଲକ ଗବକୁଣ୍ଡଠାରେ ଜନଶୁଣାଣି ଶିବିରରେ ଚାଷୀମାନଙ୍କ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଏଥିରେ ଚାଷୀଙ୍କ ପ୍ରମୁଖ ସମସ୍ୟା ଖଲାସି ନାଳ ଖନନର କଥା ଉଠାଇଥିଲେ। ଏହି ନାଳଟି ବଳଙ୍ଗା ଅଞ୍ଚଳରୁ ବାହାରି ସତ୍ୟବାଦୀର ବଳରାମପୁରଗଡ଼, ପରଜାପଡ଼ା, ରାଏଖଣ୍ଡି, କେତକୀ ପାଟଣା, ବିଦ୍ୟାଧରପୁର ଓ ମହୁରା ପଞ୍ଚାୟତ ଦେଇ ପ୍ରବାହିତ ନୂଆଗାଁ ନାଳ ପର୍ଯ୍ୟନ୍ତ ଜଳ ନିଷ୍କାସନରେ ବାଧାପ୍ରାପ୍ତ ହୋଇଛି। ନାଳର ପ୍ରତ୍ୟେକ ଜାଗାରେ ବିଭିନ୍ନ ଦଳ, ଅଳିଆ, ମାଟି ପଡ଼ିରହିଥିବାରୁ ଠିକ୍‌ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ପ୍ରତିବର୍ଷ ବ୍ୟାପକ ଖରିଫ ଫସଲ ନଷ୍ଟ ହୋଇ ଚାଷୀଙ୍କର ଅର୍ଥନୈତିକ ଅବସ୍ଥା ଦୁର୍ବଳ ହେଉଛି। ବର୍ଷାଦିନେ ବାଡ଼ି ବଗିଚାରେ ଉଦ୍‌ବୃତ୍ତ ଜଳ ଜମି ରହିବା ଯୋଗୁ ଲୋକେ ହଟହଟା ହେଉଛନ୍ତି। ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ବଳଙ୍ଗା-ନୂଆଗାଁ ଖଲାସି ନାଳ ଖନନ ଜରୁରୀ ହୋଇଛି ବୋଲି ଚାଷୀମାନେ ଦୃଢ଼ ଦାବି କରିଥିଲେ। ଏହି ସମସ୍ୟାର ଦୂରୀକରଣ ନିମନ୍ତେ ବିଧାୟକ ଉପସ୍ଥିତ ଜଳ ନିଷ୍କାସନ ବିଭାଗର ମୁଖ୍ୟଯନ୍ତ୍ରୀ ଜ୍ୟୋତିର୍ମୟ ରଥଙ୍କୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ଅର୍ଥବରାଦ ଓ ଟେଣ୍ଡର କରାଯାଇ ବର୍ଷାଋତୁ ପୂର୍ବରୁ ନାଳ ଖନନ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ନିର୍ବାହୀଯନ୍ତ୍ରୀ ବାଳକୃଷ୍ଣ ସାହୁ, ବଳଙ୍ଗା ଜଳ ସମ୍ପଦ ସହକାରୀ ଯନ୍ତ୍ରୀ ରାକେଶ ମଲ୍ଲିକ, କନିଷ୍ଠଯନ୍ତ୍ରୀ ଡ୍ରେନେଜ୍ ସଞ୍ଜୟ ପଣ୍ଡା, ଜିଲା ପରିଷଦ ସଭ୍ୟ ଧ୍ରୁବଚରଣ ଦାଶଙ୍କ ସହ ରାମଚନ୍ଦ୍ର ମହାନ୍ତି, ସୁନୀଲ ପଣ୍ଡା, ଶଙ୍କର ପ୍ରଧାନ, ପ୍ରମୋଦ ରାଉତରାୟ, ଦେବେନ୍ଦ୍ର ନାଥ ମିଶ୍ର, ୬ଜଣ ସରପଞ୍ଚ, ସମିତିସଭ୍ୟା ସଭ୍ୟ ଓ ପ୍ରାୟ ୭ଶହ ଚାଷୀ ଯୋଗଦେଇଥିଲେ।



ଜନଶୁଣାଣି କାର୍ଯ୍ୟକ୍ରମରେ ବିଧାୟକ ଏବଂ ଜନସାଧାରଣ।

# ସର୍ବଭାରତୀୟ କୋଷ୍ଟାଲ ଟ୍ରେକ୍ ଆରମ୍ଭ

**ପୁରୀ ଅଫିସ, ୧୬।୧**

## ଭାଗ ନେଇଛନ୍ତି ଦେଶର ୫୦୦ ଏନ୍‌ସିସି କ୍ୟାଡେଟ୍



ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟ ମୁଖ୍ୟ କମାଣ୍ଡର କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି)ର ସର୍ବଭାରତୀୟ କୋଷ୍ଟାଲ ଟ୍ରେକ୍ ତାଳବଣିଆସ୍ଥିତ ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନରେ ଗୁରୁବାର ଆରମ୍ଭ ହୋଇଛି। ଏହା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାକୁ ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ମୁଖ୍ୟ କମାଣ୍ଡର ଶୈଳେନ୍ଦ୍ର ସିଂ (ନୌସେନା ମେଡାଲ) ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଉପକୂଳ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା, ସ୍ୱଚ୍ଛ ଭାରତ ଅଭିଯାନ, ଉପକୂଳ ଜଙ୍ଗଲ ସୁରକ୍ଷା ଏବଂ ସୌନ୍ଦର୍ଯ୍ୟ ବୃଦ୍ଧି, ଜାତୀୟ ସଂହତି ରକ୍ଷା, ବିଭିନ୍ନ ପ୍ରାନ୍ତରୁ ଆସିଥିବା ଏନ୍‌ସିସି କ୍ୟାଡେଟମାନଙ୍କ ମଧ୍ୟରେ ଉତ୍ତମ ଭାବ ଓ ସମନ୍ୱୟ ରକ୍ଷା ଏବଂ ଉତ୍କଳ ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ନେଇ ସଚେତନତା ସୃଷ୍ଟି ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏଥିରେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, ମଧ୍ୟପ୍ରଦେଶ, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ଆସାମ, ମଣିପୁର, ନାଗାଲାଣ୍ଡ, ଆଣ୍ଡାମାନ ଓ ନିକୋବର ସମେତ ଓଡ଼ିଶାର ପ୍ରାୟ ୫୦୦ ଏନ୍‌ସିସି କ୍ୟାଡେଟ୍‌ଙ୍କ ସମେତ ଏନ୍‌ସିସି ବ୍ରହ୍ମପୁର ଗ୍ରୁପ୍‌ର ମୁଖ୍ୟ ଗ୍ରୁପ୍ କ୍ୟାପ୍‌ଟେନ ରବୀନ୍ଦ୍ର ସିନ୍ଧେ, ଷଷ୍ଠ ଓଡ଼ିଶା ବାଟାଲିୟନ ଏନ୍‌ସିସିର ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ରବୀନ୍ଦ୍ର କୁମାର ପାତ୍ର, କର୍ଣ୍ଣେଲ ସରୋଜ କୁମାର ମାଝି ପ୍ରମୁଖ ୧୫ ଅଧିକାରୀ ଯୋଗଦେଇଛନ୍ତି। ପ୍ରଥମ ଦିନ ଏମାନେ ସମୁଦ୍ର କୂଳେ କୂଳେ ଯାଇ ନୂଆନଈ ଦେଇ ସ୍ୱାମୀ ନାରାୟଣ ମନ୍ଦିରରେ ରାତ୍ରିଯାପନ କରିଛନ୍ତି। ଦ୍ୱିତୀୟ ଦିନ ବାଲିଘାଇସ୍ଥିତ ବେଲେଶ୍ୱର ଗୋପୀନାଥ ମହାବିଦ୍ୟାଳୟ, ତୃତୀୟ ଦିନ ଚନ୍ଦ୍ରଶେଖର ଏକାଡେମୀରେ, ଚତୁର୍ଥ ଦିନ କୋଣାର୍କ ମହାବିଦ୍ୟାଳୟରେ ରାତ୍ରିଯାପନ କରିବେ। ଏହାପରେ ସମସ୍ତ ଅଧିକାରୀ ଓ କ୍ୟାଡେଟ୍‌ମାନେ ସୂର୍ଯ୍ୟମନ୍ଦିର, କୋଣାର୍କ ସଂଗ୍ରହାଳୟ ଏବଂ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ଦେଖିବେ। ପରେ ସେମାନେ ଭୁବନେଶ୍ୱରର ପ୍ଲାନେଟରିୟମ୍, ଲିଙ୍ଗରାଜ ମନ୍ଦିର, ସିଫା, ଶ୍ରୀମନ୍ଦିର ଏବଂ ପୁରୀ ସମୁଦ୍ର ବେଳାଭୂମି ବୁଲିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଡ. ଶୁଭେନ୍ଦୁ ମିଶ୍ର ପରିଚାଳନା କରିଥିଲେ।



କୃତଜ୍ଞତା ରୂପକ ଋଣକୁ ଶୁଝିବା, ଶକ୍ତିର ବାହାରେ ବୋଲି ଉଦାରମନା ଲୋକ ହିଁ ଧରି ନେଇଥାଏ।

-ଫ୍ରାଙ୍କ୍‌ଲିନ୍



## ସଂକ୍ଷେପରେ

### ନାବାଳିକା ନିଖୋଜ ଅଭିଯୋଗ

କଣାସ,୧୬।୧(ସ୍ୱ.ପ୍ର.)- କଣାସ ଥାନା ଅନ୍ତର୍ଗତ କୋଟକଣା ଗ୍ରାମର ତ୍ରିଲୋଚନ ସାହୁଙ୍କ ନାତୁଣୀ ବର୍ଷାରାଣୀ(୧୬) ଗତ ୧୩ ତାରିଖ ଦିନ କେଉଁଆଡେ ନିଖୋଜ ହୋଇଯାଇଥିବା ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ଏ ନେଇ ପୋଲିସ ପକ୍ଷରୁ ନଂ.-୬/୨୦୨୦ରେ ଏକ ମାମଲା ରୁଜୁ କରି ବିଭିନ୍ନ ଜାଗାରେ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗତ ୧୩ତାରିଖରେ ବର୍ଷା ଘରୁ ବାହାରକୁ ଯାଇଥିଲେ ମଧ ସନ୍ଧ୍ୟା ସୁଦ୍ଧା ଫେରି ନ ଥିଲେ। ଫଳରେ ପରିବାରଲୋକ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ୧୪ତାରିଖରେ ଅଭିଯୋଗ କରିଥିଲେ। ପରେ ଅଭିଯୋଗକାରୀ ନାତୁଣୀ ନିଖୋଜ ସମ୍ପର୍କରେ ଦୁଇଟି ମୋବାଇଲ ନମ୍ବର ସଂଗ୍ରହ କରି ପୋଲିସକୁ ଦେଇଥିଲେ। ପୋଲିସ ଏହି ଦୁଇ ମୋବାଇଲ ନମ୍ବରକୁ ଟ୍ରାପ କରି ତଦନ୍ତ ଚଳାଇଛି।

### ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ପୁରୀ ଅଫିସ,୧୬।୧: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସହରର ସାମାଜିକ କର୍ମୀ ପ୍ରମୋଦ କୁମାର ସିଂହ ପର୍ଯ୍ୟଟକମାନଙ୍କ ସୁବିଧା ନିମନ୍ତେ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ରିଜର୍ଭ କରି ପୁରୀ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଏବଂ ସ୍କୁଲ, କଲେଜ ପିଲାଙ୍କ ବସ୍‌କୁ ମାଳତୀପାଟପୁର ବସ୍‌ଷ୍ଟାଣ୍ଡରେ ରଖିଦିଆଯାଉଛି। ସେଠାରୁ ଅନ୍ୟ ଗାଡ଼ିରେ ଆସିବା ଦ୍ୱାରା ସେମାନେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ସେହିପରି ଯଦି ଚାରିଚକିଆ ଗାଡ଼ିରେ କୌଣସି ପରିବାର ପୁରୀ ବୁଲିବାକୁ ଆସୁଛନ୍ତି ତେବେ ଦୁଇଥର ପରିସ୍ରା ଗଲେ ସେମାନଙ୍କୁ ୮୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ନିଃଶୁଳ୍କ ପରିସ୍ରାଗାର ନ ଥିବାରୁ ସ୍ଥାନୀୟ ପଥଚାରୀ ଗଳିକନ୍ଦି ଦେଖି ପରିସ୍ରା କରୁଛନ୍ତି। ତେଣୁ ଉତ୍କଟ ଦୁର୍ଗନ୍ଧ ହେଉଛି। ନରେନ୍ଦ୍ର ପୁଷ୍କରିଣୀରେ ପ୍ରାୟ ୮ କୋଟି ଟଙ୍କା ବ୍ୟୟରେ କରାଯାଇଥିବା ଜଳ ଫୁଆରା ପ୍ରକଳ୍ପ ଠିକ୍ ଭାବେ ପ୍ରଦର୍ଶିତ ହେଉନାହିଁ। ସେହିପରି ଶ୍ରୀମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିରର ଉନ୍ନୟନ ସହିତ ବଡ଼ଦାଣ୍ଡରେ ଥିବା ମାଉସୀ ମା ମନ୍ଦିର ପ୍ରତି ଦୃଷ୍ଟି ଦେବାକୁ ସିଂହ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ମାଧମରେ ଅନୁରୋଧ କରିଛନ୍ତି।

### ୨୫୦ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକଙ୍କ ବୈଠକ

ନିମାପଡ଼ା,୧୬।୧(ଡି.ଏନ.ଏ): ନିମାପଡ଼ା ଶିକ୍ଷା ଜିଲା ଅନ୍ତର୍ଗତ ୨୫୦ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ, ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଶିକ୍ଷକ-ଅଭିଭାବକଙ୍କ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିବା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ କହିଛନ୍ତି। ଏହି ଅବସରରେ ନିମାପଡ଼ା ପ୍ରାକ୍ଟିସିଂ ୟୁ.ଜି.ୟୁ.ପି. ବିଦ୍ୟାଳୟରେ ଏହା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା, ସିଆର୍‌ସିସି କୃପାସିନ୍ଧୁ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜୁବାଳା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା, ଶିକ୍ଷାଦାନରେ ଉନ୍ନତି, ଶିକ୍ଷା ବିଭାଗ ପକ୍ଷରୁ ନୂତନ ଭାବେ ପ୍ରଣୟନ ହୋଇଥିବା ଗାରିମା ପୁରସ୍କାର ସହ ଯୋଜନା, ଉଜ୍ଜ୍ୱଳ ଓ ଉତ୍‌ଥାନ କାର୍ଯ୍ୟକ୍ରମ, ନିୟମିତ ଉପସ୍ଥାନ ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସବୁ କାର୍ଯ୍ୟକ୍ରମର ସଫଳତା ଦିଗରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉଦ୍ୟମ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।

### ଶିକ୍ଷକ ୟୁନିୟନ କର୍ମକର୍ତ୍ତା ନିର୍ବାଚନ

ସାକ୍ଷୀଗୋପାଳ,୧୬।୧(ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକ ପ୍ରାଥମିକ ଶିକ୍ଷକ ୟୁନିୟନ ନୂତନ କର୍ମକର୍ତ୍ତା ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ସଂଗଠନର ସଂଗଠନ ସମ୍ପାଦକ ରାଜକିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଧାନିକ ନିର୍ବାଚନରେ ସତ୍ୟବାଦୀ ବ୍ଲକର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗଦେଇ ନିମ୍ନମତେ ନୂତନ କର୍ମକର୍ତ୍ତା ନିର୍ବାଚନ କରିଥିଲେ। ସଭାପତି ଭାବେ ପ୍ରହ୍ଲାଦ ଦାଶ, ଉପସଭାପତି ପୂର୍ଣ୍ଣବାସିନୀ ଦାଶ, ସମ୍ପାଦକ ବିଜୟ କିଶୋର ନନ୍ଦ, ସଂଯୋଜକ ସତ୍ୟବାଦୀ ସ୍ୱାଇଁ, କୋଷାଧକ୍ଷ ଭାବେ ପରେଶ ଚନ୍ଦ୍ର ମହାନ୍ତି ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ୫ଜଣ ନିର୍ବାଚିତ ହୋଇଥିଲେ। ରାଜ୍ୟ ସଂଗଠନ ଉପସଭାପତି ବିଜୟ କୁମାର ମହାନ୍ତି ପର୍ଯ୍ୟବେକ୍ଷକ, ସଭ୍ୟ ରାମ ନାରାୟଣ ମିଶ୍ର, ଶକ୍ତି ପ୍ରସନ୍ନ ମିଶ୍ର ଓ ଧୀରେନ ବୀଣାକାର ନିର୍ବାଚନ ପରିଚାଳନା କରିଥିଲେ।

# ଏଏସ୍‌ଆଇ ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

## ରାସାୟନିକ ପ୍ରଲେପ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

କୋଣାର୍କ,୧୬।୧(ଡି.ଏନ.ଏ)

କେନ୍ଦ୍ର ସରକାରଙ୍କ ଏଏସ୍‌ଆଇ ଅତିରିକ୍ତ ମହାନିର୍ଦ୍ଦେଶକ ରାକେଶ ସିଂ ଲାଲ ଗୁରୁବାର ଅପରାହ୍ନରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ସହ ପରିସରରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କୋଣାର୍କ ସୂର୍ଯ୍ୟମନ୍ଦିରର କଳାକୃତିକୁ ଲୁଣି ପବନ ଓ ଭୂସ୍ଖଳନରୁ ରକ୍ଷା କରିବା ପାଇଁ ଲାଗିଥିବା ପଥର ଗାତ୍ରରେ ଖୋଦିତ କାରୁକାର୍ଯ୍ୟଗୁଡିକରେ ଦିଆଯାଇଥିବା ରାସାୟନିକ ପ୍ରଲେପ କାର୍ଯ୍ୟର ତଦାରଖ କରିଥିଲେ। ତୁରନ୍ତ ଏହି କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏଏସ୍‌ଆଇ ଅତିରିକ୍ତ ମହାନିର୍ଦ୍ଦେଶକ ଲାଲ ଇଣ୍ଡିଆନ ଅଏଲ ଫାଉଣ୍ଡେଶନଠାରେ ମନ୍ଦିରର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ସହ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ନେଇ ଏକ ବୈଠକରେ ଯୋଗଦେଇଥିଲେ। ବୈଠକରେ ୬ମାସ ଭିତରେ ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିରର ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ସହ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନଙ୍କ ନିମନ୍ତେ ଶୌଚାଳୟ ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ଏସଏଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ନିର୍ଦ୍ଦେଶକ ଲାଲ୍‌ଙ୍କ ଗସ୍ତ ସମୟରେ ଏସଏଆଇର ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଭୁବନେଶ୍ୱର ମଣ୍ଡଳ ପ୍ରଶାସନିକ ଅଧିକାରୀ ବିଜୟ ଦାସ, ଏଏସ୍‌ଆଇ ଭୁବନେଶ୍ୱର ମଣ୍ଡଳ ଯନ୍ତ୍ରୀ ଅର୍ଣ୍ଣବ ଦାସ, ମ୍ୟୁଜିୟମ ଅଧିକାରୀ ପ୍ରତାପ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଏଏସ୍‌ଆଇ ଅତିରିକ୍ତ ମହାନିର୍ଦ୍ଦେଶକ ରାକେଶ ସିଂ ଲାଲ ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି ।



ମୁଖ୍ୟମନ୍ତ୍ରୀଙ୍କ ଅପେକ୍ଷାରେ ମନ୍ତ୍ରୀ, ବିଧାୟକ ଏବଂ ବିଜେଡି ନେତୃବୃନ୍ଦଙ୍କ ସହ ପୁରୀ ବିଧାୟକ।

## 'ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ବାସ୍ତବ ରୂପ ନେଇଛି'

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରର ବିକାଶ ଏବଂ ଭକ୍ତଙ୍କ ସୁବିଧାକୁ ନଜରରେ ରଖି ଯାହା ବି ଆବଶ୍ୟକ ରହିଛି ତାହା ରାଜ୍ୟ ସରକାର କରିବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ୭ଟି ମେଗା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।

–ପ୍ରଫୁଲ୍ଲ ମଲ୍ଲିକ, ଇସ୍ପାତ, ଖଣି ଓ ପୂର୍ତ୍ତ ମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ୨୦ ବର୍ଷ ମଧ୍ୟରେ ଯେତେବେଳେ ଯାହା ଓଡ଼ିଶାବାସୀଙ୍କୁ କଥା ଦେଇଛନ୍ତି, ତାହାକୁ ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ କରିଛନ୍ତି। ମହାପ୍ରଭୁଙ୍କ ପୀଠସ୍ଥଳୀ ପୁରୀକୁ ବିଶ୍ୱସ୍ତରୀୟ ସହର ଭାବେ ପରିଚିତ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି ବାସ୍ତବ ରୂପ ନେଇଛି। କେବଳ ପୁରୀ ନୁହେଁ, ଲିଙ୍ଗରାଜ ଏବଂ କୋଣାର୍କ ମନ୍ଦିରର ମଧ ବିକାଶ କରାଯିବ । ଏଭଳି ଉଦ୍ୟମକୁ ନିଶ୍ଚିତ ସମଗ୍ର ବିଶ୍ୱବାସୀ ପ୍ରଶଂସା କରିବେ।

–ସମୀର ରଞ୍ଜନ ଦାଶ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ବହୁବିଧ ଯୋଜନା ହାତକୁ ନେଇଛନ୍ତି। ବିଗତ ଦିନରେ ଏଥିପାଇଁ ଯେଉଁସବୁ ପ୍ରକଳ୍ପ ଘୋଷଣା କରାଯାଇଥିଲା ତାହାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଶ୍ରୀକ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ଏହାକୁ ପ୍ରମାଣିତ କରୁଛି। ଖୁବଶୀଘ୍ର ପୁରୀ ନୂଆରୂପରେ ବିଶ୍ୱବାସୀଙ୍କ ଆକର୍ଷଣ ସାଜିବାକୁ ଯାଉଛି।

–ସଞ୍ଜୟ ଦାସବର୍ମା, ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ)

ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଥିଲେ ଏବଂ ଘୋଷଣା କରିଥିଲେ ତାହା ବାସ୍ତବ ରୂପ ନେବାକୁ ଯାଉଛି। ଏଥିଲାଗି ୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ମଧ କରିଛନ୍ତି। ଏସବୁ କାମ ପୂର୍ଣ୍ଣାଙ୍ଗ ହେଲେ ନିଶ୍ଚିତ ପୁରୀ ଭକ୍ତ, ପର୍ଯ୍ୟଟକଙ୍କୁ ଅଧିକ ମାତ୍ରାରେ ଆକୃଷ୍ଟ କରିବ।

–ମହେଶ୍ୱର ମହାନ୍ତି, ପୂର୍ବତନ ମନ୍ତ୍ରୀ

ଫନୀ ପରେ ମୁଖ୍ୟମନ୍ତ୍ରୀ ପୁରୀ ଗସ୍ତରେ ଆସି ଏହାର ଉଜୁଡା ରୂପକୁ ଦେଖି ବ୍ୟଥିତ ହୋଇଥିଲେ। ଖୁବଶୀଘ୍ର ଏହାକୁ ସଜାଯିବାର ଯେଉଁ ପ୍ରତିଶ୍ରୁତି ରଖିଥିଲେ ତାହାର ଆଜି ଭିତ୍ତିପ୍ରସ୍ତର ପଡ଼ିଛି। ବିଶ୍ୱ ଐତିହ୍ୟ ସହର ହେବ ଶ୍ରୀକ୍ଷେତ୍ର। ଏଥିପାଇଁ ସହରବାସୀଙ୍କ ସହଯୋଗ ରହିଲେ ଖୁବ୍ ଶୀଘ୍ର ଏକ ନୂଆ ପୁରୀ ଗଠନ ସଫଳ ହୋଇପାରିବ।

–ଶୁଭାଶିଷ ଖୁଣ୍ଟିଆ, ବିଜେଡି ରାଜ୍ୟ ସମ୍ପାଦକ

# କଣାସ ବ୍ଲକରେ ପାଇଖାନା ଯୋଜନା ବିଫଳ

କଣାସ,୧୬।୧(ସ୍ୱ.ପ୍ର.)

ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା ସ୍ୱପ୍ନକୁ ସାକାର କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ଭାରତବର୍ଷରେ ସ୍ୱଚ୍ଛ ଭାରତର ପରିକଳ୍ପନା କରିଥିବାବେଳେ କଣାସ ବ୍ଲକରେ ବିଫଳ ହୋଇଥିବା ପରିଲକ୍ଷିତ ହେଉଛି। କଣାସ ଅଞ୍ଚଳ ହିତାଧିକାରୀମାନଙ୍କୁ ଠିକ୍ ଭାବେ ସଚେତନ କରା ଯାଇ ନ ଥିବାରୁ ପାଇଖାନାଟିଏ ବସିପାରି ନାହିଁ। ଅନ୍ୟ କେଉଁଠି ପାଇଖାନା ନିର୍ମାଣରେ ଅନିୟମିତତା ଯୋଗୁ ଭାଙ୍ଗିପଡିଥିବା ଦେଖିବାକୁ ମିଳିଛି। ଦ୍ୱିତୀୟରେ କେତେକ ଜାଗାରେ ଦଲାଲ୍‌ମାନଙ୍କ ମାଧ୍ୟମରେ ପାଇଖାନା ପ୍ରତିଷ୍ଠା କରାଯାଇଥିବାରୁ ତାହା ନିମ୍ନମାନର ହୋଇଥିବା ହିତାଧିକାରୀମାନେ ପ୍ରକାଶ କରିଛନ୍ତି। ଯେଉଁମାନେ ବ୍ୟକ୍ତିଗତ ଭାବେ ନିଜେ ପାଇଖାନାଟି ବସାଇବାକୁ ଚାହୁଁଛନ୍ତି ତାଙ୍କୁ ସେ ସୁଯୋଗ ଦିଆଯାଉନାହିଁ। ଯଦି ବା କିଏ ସୁଯୋଗ ପାଇଲା ତେବେ ପାଇଖାନା ନିର୍ମାଣ ପରେ ତାହାର ପ୍ରାପ୍ୟ ପାଇବାର କାଠିକର ହୋଇପଡୁଛି। ଅନ୍ୟପଟେ ଫନୀ ବାତ୍ୟାରେ ଶହ ଶହ ପାଇଖାନାର ଛାତ ଉଡିଯାଇଥିଲେ ମଧ ତାହାର ଏଯାବତ ମରାମତି ହୋଇପାରି ନାହିଁ। ଫଳରେ ସେହି ପାଇଖାନାଗୁଡ଼ିକ ଏବେ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ସଚେତନ ଏବଂ ଜଳର ଅଭାବ ଯୋଗୁ ଶତକଡା ୮୦ ଭାଗ ପାଇଖାନା ଅବ୍ୟବହୃତ ଅବସ୍ଥାରେ ରହିଛି। ଯେଉଁ ଗାଁ ମୁଣ୍ଡରେ ବାହ୍ୟ ମଳମୁକ୍ତ ଗ୍ରାମ ବୋଲି ଫଳକଟିଏ ମରାଯାଇଛି, ସେଠାରେ ଲୋକମାନେ ସଚେତନ ନ ଥିବା ଜଣାପଡିଛି। ବ୍ଲକ ଏବଂ ଜିଲା ପ୍ରଶାସନ ଏହି ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।



ଶୌଚାଳୟରେ ନଡ଼ା ଓ ଜାଳ ରଖାଯାଇଛି ।

## କେନ୍ଦ୍ର ଓ ରାଜ୍ୟ ଖାଦ୍ୟ ଯୋଗାଣ ସଚିବଙ୍କ ଧାନମଣ୍ଡି ପରିଦର୍ଶନ

ନିମାପଡ଼ା,୧୬।୧(ଡି.ଏନ୍.ଏ.):

କେନ୍ଦ୍ର ଖାଦ୍ୟ ଯୋଗାଣ ସଚିବ ରବି କାନ୍ତ, ରାଜ୍ୟ ଖାଦ୍ୟ ଯୋଗାଣ ସଚିବ ବୀରବିକ୍ରମ ଯାଦବଙ୍କ ସମେତ ବିଭାଗୀୟ ଅଧିକାରୀ ବୁଧବାର ନିମାପଡ଼ା ବ୍ଲକ ଅଞ୍ଚଳର ଧାନମଣ୍ଡି ପରିଦର୍ଶନ କରିବା ସହ ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ବିଷ୍ଣୁପୁର, ଅଂଶାଲୋ ଓ ଅଣ୍ଡିଆ ସେବା ସମବାୟ ସମିତିର ଧାନମଣ୍ଡି ଦେଖିବା ସହ ନିମାପଡ଼ା ନିୟନ୍ତ୍ରିତ ବଜାର କମିଟିଠାରେ ଚାଷୀଙ୍କଠାରୁ ଧାନକ୍ରୟ ପ୍ରକ୍ରିୟା ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ଅଧିକାରୀମାନେ ସମବାୟ ସମିତି ଦ୍ୱାରା ଚାଷୀଙ୍କ ଧାନକ୍ରୟ , ପ୍ୟାଡି ପ୍ରୋକ୍ୟୁରମେଣ୍ଟ ଅଟୋମେଶନ ସିଷ୍ଟମ ତଥା ଧାନ କ୍ରୟ ସ୍ୱୟଂକ୍ରିୟ ବ୍ୟବସ୍ଥା ଅନ୍‌ଲାଇନରେ ଚାଷୀଙ୍କ ପ୍ରାପ୍ୟ ପ୍ରଦାନ ସମ୍ପର୍କରେ ସମୀକ୍ଷା କରିବା ସହ ପଞ୍ଜୀକୃତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ପୁରୀ ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ମହାପାତ୍ର, ନିମାପଡ଼ା ବ୍ଲକ ଯୋଗାଣ ନିରୀକ୍ଷକ ଶୁଭାଶିଷ ଜେନା, କାକଟପୁର ଯୋଗାଣ ନିରୀକ୍ଷକ ସୁଧାକର ମଲ୍ଲିକ, ଅସ୍ତରଙ୍ଗ ବ୍ଲକ ଯୋଗାଣ ଅଧିକାରୀ ଅକ୍ଷୟ ସେଠୀ, ପ୍ରଶାନ୍ତ ରାଉତଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ସିପିଆଇ(ଏମଏଲ)ର ସେସୁ କାର୍ଯ୍ୟାଳୟ ଘେରାଉ

ଡେଲାଙ୍ଗ,୧୬।୧ (ଡି.ଏନ୍.ଏ.):

୫ଦଫା ଦାବି ନେଇ ସିପିଆଇ(ଏମ୍‌ଏଲ୍) ପକ୍ଷରୁ ଗୁରୁବାର ଡେଲାଙ୍ଗ ହାଟ ବଜାରସ୍ଥିତ ସେସୁ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ଘେରାଉ କରାଯାଇଛି। ଶତାଧିକ ବିଦ୍ୟୁତ୍ ଉପଭୋକ୍ତା ପଟ୍ଟନାୟିକିଆ-ଡେଲାଙ୍ଗ ରାସ୍ତାର ବାଟ ମହାବୀର ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ଡେଲାଙ୍ଗ ହାଟ ବଜାର ପରିକ୍ରମା କରିବା ସହ ସରକାରଙ୍କ ବିଦ୍ୟୁତ୍ ସେବା ଘରୋଇକରଣ ବନ୍ଦ, ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର, ସରକାରଙ୍କ ହାତରେ ବିଦ୍ୟୁତ୍ ବିଭାଗ ଥିବା ସମୟରେ ଉପଭୋକ୍ତାଙ୍କ ଉପରେ ଥିବା ବକେୟା ଛାଡ଼, ତ୍ରୁଟିପୂର୍ଣ୍ଣ ବର୍ଦ୍ଧିତ ଦେୟ(ବିଲ)କୁ ପ୍ରତ୍ୟାହାର କରିବା ପାଇଁ ସ୍ଲୋଗାନ୍ ଦିଆଯାଇଥିଲା। ଅଶୋକ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ରାଜ୍ୟ କମିଟି ସଦସ୍ୟ କିଶାନ ପଟ୍ଟନାୟକ, ରାମଚନ୍ଦ୍ର ମହାରଣା, ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟୁତ୍ ବିଭାଗ ଘରୋଇକରଣ ହେବା ପରେ ସାଧାରଣ ଉପଭୋକ୍ତାଙ୍କୁ କିପରି କମ୍ପାନୀମାନେ ଲୁଟ୍ କରୁଛନ୍ତି, ସେ ସମ୍ପର୍କରେ ପ୍ରଧାନ କହିଥିଲେ। ଆଗାମୀ ଦିନରେ ଆନ୍ଦୋଳନ ଡାକରା ଦିଆଯିବ ବୋଲି ସେ ଚେତାବନୀ ଦେଇଥିଲେ। ବିଦ୍ୟୁତ୍ ବିଭାଗ ଘରୋଇକରଣ ବନ୍ଦ କରି ସରକାର ନିଜ ହାତକୁ ଦାୟିତ୍ୱ ନେବା, ଟାଟା କମ୍ପାନୀ ସହିତ ହୋଇଥିବା ସେସୁର ବୁଝାମଣା ରଦ୍ଦ କରିବା, ଓଏସଇବି ସମୟରେ ଥିବା ବିଦ୍ୟୁତ୍ ଉପଭୋକ୍ତାଙ୍କ ସମସ୍ତ ବକେୟା ସମ୍ପୂର୍ଣ୍ଣ ଛାଡ଼ କରିବା, ଚାଇନାରୁ ଆସୁଥିବା ଶସ୍ତା ମିଟର ପରିବର୍ତ୍ତେ ଲାବରେଟୋରିରେ ପରୀକ୍ଷା କରି ପ୍ରତ୍ୟେକ ଘରେ ମିଟର ଲଗାଇବା ଆଦି ୫ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେସୁ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ସାବତଙ୍କୁ ପ୍ରଦାନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଡେଲାଙ୍ଗ ଥାନା ପୋଲିସ ମୁତୟନ ହୋଇଥିଲା।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେସୁ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ସାବତଙ୍କୁ ସ୍ମାରକପତ୍ର ଦିଆଯାଉଛି ।

## ସଡ଼କ ସୁରକ୍ଷା ସଚେତନତା

ବ୍ରହ୍ମଗିରି,୧୬।୧(ଡି.ଏନ.ଏ):

ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଗୁରୁବାର ବ୍ରହ୍ମଗିରି ପୋଲିସ ଓ ବ୍ରହ୍ମଗିରି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମିଳିତ ଉଦ୍ୟମରେ ସଡ଼କ ସୁରକ୍ଷା ପାଇଁ ସଚେତନ କରାଯାଇଛି। ବ୍ରହ୍ମଗିରି ଉଚ୍ଚ ବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ବ୍ରହ୍ମଗିରି ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲା। ରାସ୍ତାରେ ଯାଉଥିବା ସମସ୍ତ ଯାନବାହନକୁ ରୋକି ହେଲମେଟ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା ଏବଂ ଟ୍ରାଫିକ ନିୟମ ମାନି ଯାନବାହନ ଚଳାଇବା ପାଇଁ ସଚେତନତା କରାଯାଇଥିଲା।

# ୨ ଦିବ୍ୟାଙ୍ଗଙ୍କୁ ମିଳିଲାନି ନିଯୁକ୍ତି

- ଅଦାଲତ ଅବମାନନା
- ଶୁକ୍ରବାର ସୁଦ୍ଧା ନିଯୁକ୍ତି ନ ମିଳିଲେ ବ୍ୟକ୍ତିଗତ ହାଜର ହେବେ ଶିକ୍ଷା ସଚିବ

କଟକ ଅଫିସ,୧୬।୧

ହାଇକୋର୍ଟଙ୍କ ଆଦେଶକୁ ଗଣଶିକ୍ଷା ବିଭାଗର ବେଖାତିର। ଦୁଇଜଣ ଦିବ୍ୟାଙ୍ଗଙ୍କୁ ନିଯୁକ୍ତି ଦେବା ନିମନ୍ତେ ହାଇକୋର୍ଟ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ସେମାନଙ୍କୁ ସରକାର ନିଯୁକ୍ତି ଦେଇନାହାନ୍ତି। ଗୁରୁବାର ଏ ସମ୍ପର୍କରେ ଆଗତ ଅଦାଲତ ଅବମାନନା ମାମଲାର ଶୁଣାଣି କରି ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଶୁକ୍ରବାର ସୁଦ୍ଧା ଯଦି ଏହି ଦୁଇ ଦିବ୍ୟାଙ୍ଗଙ୍କୁ ନିଯୁକ୍ତି ମିଳି ନ ଥାଏ ତେବେ ରାଜ୍ୟ ଗଣଶିକ୍ଷା ସଚିବ ବ୍ୟକ୍ତିଗତ ଭାବେ ହାଇକୋର୍ଟରେ ହାଜର ହେବେ ବୋଲି ବିଚାରପତି ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ଆବେଦନକାରୀ ଦ୍ୱୟ ହେଉଛନ୍ତି ପୁରୀ ଜିଲା ନିମାପଡା ଅଞ୍ଚଳର ବିରଞ୍ଚି ନାରାୟଣ ମିଶ୍ର ଓ ବିଶ୍ୱଭୂଷଣ ରାୟଗୁରୁ। ଶିକ୍ଷା ସହାୟକ ପଦବୀ ନିମନ୍ତେ ସେମାନେ ଆବେଦନ କରିଥିଲେ। ମାତ୍ର ସେମାନଙ୍କୁ ନିଯୁକ୍ତି ନ ମିଳିବାରୁ ସେମାନେ ରାଜ୍ୟ ଭିନ୍ନକ୍ଷମ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଆବେଦନକୁ ଗ୍ରହଣ କରି ଭିନ୍ନକ୍ଷମ କମିଶନ ଉଭୟଙ୍କୁ ନିଯୁକ୍ତି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ମଧ ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଆବେଦନକାରୀ ଦ୍ୱୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟର ଜଣିକିଆ ବିଚାରପତି ଉଭୟଙ୍କ ଆବେଦନର ଶୁଣାଣି କରି ସେମାନଙ୍କୁ ନିଯୁକ୍ତି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରକାର ଏହି ଆଦେଶ ବିରୋଧରେ ହାଇକୋର୍ଟର ଖଣ୍ଡପୀଠରେ ଚ୍ୟାଲେଞ୍ଜ କରିଥିଲେ। ଖଣ୍ଡପୀଠ ମଧ ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିଥିଲେ। ଏହାସତ୍ତ୍ୱେ ମଧ ସରକାର ଆବେଦନକାରୀ ଦ୍ୱୟଙ୍କୁ ନିଯୁକ୍ତି ଦେଇ ନାହାନ୍ତି। ଫଳରେ ସେମାନେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

## କେନ୍ଦ୍ରୀୟ ଅଧିକାରୀଙ୍କ ବିଦ୍ୟାଳୟ ଧନ୍ଦାମୂଳକ ଶିକ୍ଷା ପରିଦର୍ଶନ

ସାକ୍ଷୀଗୋପାଳ,୧୬।୧(ଡି.ଏନ୍.ଏ.)

ବିଦ୍ୟାଳୟରେ କିପରି ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥା ଚାଲିଛି ଏହା ଅନୁଧ୍ୟାନ କରିବାକୁ ଗୁରୁବାର କେନ୍ଦ୍ରୀୟ ଅଧିକାରୀ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଆଇଟି ବିଭାଗର ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କାଳରେ ଧନ୍ଦାମୂଳକ ଶିକ୍ଷା କିପରି ସେମାନଙ୍କ ଭବିଷ୍ୟତ ଆତ୍ମନିଯୁକ୍ତିରେ ସହାୟକ ହୋଇପାରିବ ସେ ବିଷୟରେ ଅଧିକାରୀମାନେ ବୁଝାଇଥିଲେ। ଭୁବନେଶ୍ୱରଠାରେ ଚାଲିଥିବା ଦୁଇଦିନିଆ ଜାତୀୟ କର୍ମଶାଳାରେ ଯୋଗଦେଇଥିବା ଅଧିକାରୀମାନଙ୍କ ମଧ୍ୟରୁ ଡ. ଅମୂଲ୍ୟ ପ୍ରଧାନ, ଅଶୋକ କୁମାର ପଟ୍ଟନାୟକ, ପୁନମ ଭିରିହାର, ଡ.ଚିରଞ୍ଜିତ ଗୁହ, ଚିତ୍ତରଞ୍ଜନ ନାୟକ ପ୍ରମୁଖ ଅନୁଧ୍ୟାନକାରୀ ଦଳ ସତ୍ୟବାଦୀ ଆସିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭବମ୍ ପ୍ରଧାନଙ୍କ ସହ ଧନ୍ଦାମୂଳକ ଶିକ୍ଷକ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକବୃନ୍ଦ ସହଯୋଗ କରିଥିଲେ।



ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ଅବସରରେ କେନ୍ଦ୍ରୀୟ ଅଧିକାରୀ ଓ ଅନ୍ୟମାନେ ।

# କ୍ୟାରିୟରର ବାଛିବାକୁ ସୁଯୋଗ ଦିଏ ନିଯୁକ୍ତି ମେଳା

- ଜିଲାସ୍ତରୀୟ ନିଯୁକ୍ତିମେଳା
- ୮୦୦ ପଞ୍ଜୀକରଣ, ଚୟନ ହେଲେ ୧୮୨
- ପ୍ରଶିକ୍ଷଣ ପାଇଁ ମନୋନୀତ ୩୬୯

ପୁରୀ ଅଫିସ, ୧୬।୧:

ନିଯୁକ୍ତି ମେଳା ରାଜ୍ୟ ସରକାରଙ୍କର ଏକ ଭଲ ଯୋଜନା। ପ୍ରତିବର୍ଷ ଏହା ଆୟୋଜନ କରାଯାଉଛି। ଏହି ମେଳା ନିଜ କ୍ୟାରିୟର ନିଜେ ବାଛିବାକୁ ସୁଯୋଗ ଦେଉଛି। ନିଯୁକ୍ତି ମେଳା ମାଧ୍ୟମରେ ଗ୍ରାମାଞ୍ଚଳର ବହୁ ଯୁବତୀ ଯୁବକ ଏବଂ ଛାତ୍ରୀଛାତ୍ର ରାଜ୍ୟ ବାହାରେ ଯାଇ ଚାକିରି କରିପାରୁଛନ୍ତି। ଏହାଦ୍ୱାରା କେହି କେହି ସିଧାସଳଖ ଚାକିରି କରୁଥିବା ବେଳେ ଆଉ କେହି ପ୍ରଶିକ୍ଷଣ ପରେ ନିଯୁକ୍ତି ସୁଯୋଗ ପାଉଛନ୍ତି। ଫଳରେ ନିଯୁକ୍ତି କ୍ଷେତ୍ରରେ ଆମ ରାଜ୍ୟ ଆଗେଇ ପାରୁଛି। ଆଗାମୀ ଦିନରେ ନିଯୁକ୍ତି ମେଳାକୁ ଅଧିକ ସଂଖ୍ୟକ ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟିଙ୍ଗ ଏଜେନ୍ସି (ପିଆଇଏ) ଏବଂ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଆସିବା ଦରକାର। ଗୁରୁବାର ତାଳବଣିଆସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ପରିସରରେ ଆୟୋଜିତ ପୁରୀ ଜିଲାସ୍ତରୀୟ ନିଯୁକ୍ତି ମେଳା-୨୦୨୦ରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି।

ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ନିଯୁକ୍ତି ମେଳା କିପରି ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଓର୍‌ମାସର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ଦାଶ, ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ଅଧକ୍ଷ ଆଶୁତୋଷ ଦେ ଯୁବତୀଯୁବକମାନେ ନିଯୁକ୍ତି ମେଳାରେ ଅଂଶଗ୍ରହଣ କରି ଏହାକୁ ସଫଳ କରିବାକୁ କହିଥିଲେ। ଜିଲା ନିୟୋଜନ ଅଧିକାରୀ ଗତିକୃଷ୍ଣ ବେହେରା ନିଯୁକ୍ତି ମେଳା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମେଳାରେ ୧୩ଟି ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟିଙ୍ଗ ଏଜେନ୍ସି (ପିଆଇଏ) ଏବଂ ୧୫ଟି ପ୍ରତ୍ୟେକ୍ଷ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଅଂଶଗ୍ରହଣ କରିଥିଲେ। ମୋଟ ୮୦୦ ଜଣ ନିଯୁକ୍ତି ଆଶାୟୀ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ବିଭିନ୍ନ କମ୍ପାନୀ ଦ୍ୱାରା ୧୮୨ ଜଣ ଚାକିରି ପାଇଁ ଚୟନ ହୋଇଥିବାବେଳେ ୩୬୯ ଜଣ ପିଆଇଏ ଦ୍ୱାରା ଟ୍ରେନିଂ ନେବାକୁ ମନୋନୀତ ହୋଇଛନ୍ତି। ମେଳାରେ ରାଜ୍ୟ ବାହାରୁ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଭାଗ ନେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।